# ଉତ୍କଳ ପ୍ରସଙ୍ଗ

**The Utkal Prasanga**

**April- 2015**

**୭୧ ଭାଗ ୯ମ ସଂଖ୍ୟା ଚୈତ୍ର– ବୈଶାଖ ଅପ୍ରେଲ– ୨୦୧୫**

**ମଧୁସୂଦନ ପାଢୀ,** ଭା.ପ୍ର.ସେ.
କମିଶନର ତଥା ଶାସନ ସଚିବ

**ରଞ୍ଜିତ୍ କୁମାର ମହାନ୍ତି,** ଓ.ଏ.ଏସ୍ (ଏସ୍.ଏ.ଜି)
ନିର୍ଦ୍ଦେଶକ

**ଡ. ଲେନିନ୍ ମହାନ୍ତି**
ସମ୍ପାଦକ
(ଭାରପ୍ରାପ୍ତ)

ସମ୍ପାଦନା ସହଯୋଗୀ
**ଗୋବିନ୍ଦଚନ୍ଦ୍ର ମଲ୍ଲିକ**
**ସଚ୍ଚିଦାନନ୍ଦ ବାରିକ**

ପ୍ରଚ୍ଛଦପଟ ଓ ଲେ–ଆଉଟ୍ ଡିଜାଇନିଂ
**ମାନସ ନାୟକ**

କମ୍ପ୍ୟୁଟର ସେଟିଂ ଓ ଡିଜାଇନିଂ
**ହେମନ୍ତ କୁମାର ସାହୁ**
**ସୁମିତ୍ରା କର**

ଫଟୋ :
**ରାଜୁ ସିଂ ଓ ମନୋରଂଜନ ମହାନ୍ତି**

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗଦ୍ୱାରା ପ୍ରକାଶିତ ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ–୧୦ରେ ମୁଦ୍ରିତ ।

ଠିକଣା : 'ଉତ୍କଳ ପ୍ରସଙ୍ଗ', ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଲୋକ ସମ୍ପର୍କ ଭବନ, ଭୁବନେଶ୍ୱର–୭୫୧୦୦୧

ଇ–ମେଲ୍ : iprsec@rediffmail.com, ୱେବ୍‌ସାଇଟ୍ : www.odisha.gov.in
ଫୋନ୍ : ୦୬୭୪–୨୫୩୦୨୧୧

**ପ୍ରତିଖଣ୍ଡ : ଟ. ୫.୦୦**

অপ্রেল ୨୦୧୫

# ସୂଚୀ


| | | |
|---|---|---|
| ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଇତିହାସ | ବିକ୍ରମ ମହାରଣା | ... ୧ |
| ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏକ ସିଂହାବଲୋକନ | ଡକ୍ଟର ସିଦ୍ଧାର୍ଥ କାନୁନ୍‌ଗୋ | ... ୪ |
| ଭାଷା ଦିବସ ଅଭିନନ୍ଦନ (କବିତା) | ଦେବେନ୍ଦ୍ରନାଥ ମହାନ୍ତି | ... ୬ |
| ଗଙ୍ଗାଠାରୁ ଗୋଦାବରୀ | ପର୍ଶୁରାମ ଦ୍ୱିବେଦୀ | ... ୭ |
| ଉତ୍କଳ ଦିବସର ତାତ୍ପର୍ଯ୍ୟ | ଜୟଶଙ୍କର ନାୟକ | ... ୯ |
| ୨୦୧୫-୧୬ ବଜେଟ୍ ଆକଳନର ମୁଖ୍ୟାଂଶ | | ... ୧୩ |
| ଏଇ ମୋ ଉତ୍କଳ(କବିତା) | ସୁଚିତ୍ରା ବେହେରା | ... ୨୮ |
| ଶ୍ରୀକ୍ଷେତ୍ରରେ ହନୁମାନ | ଡକ୍ଟର ଶ୍ରୀହରି ପଣ୍ଡା | ... ୨୯ |
| ପବିତ୍ର ଉତ୍କଳ ଦିବସ | ଅଧ୍ୟାପକ ପବିତ୍ର ମୋହନ ବାରିକ | ... ୩୧ |
| ଉତ୍କଳ ଦିବସ (କବିତା) | ପଣ୍ଡିତ ଚକ୍ରଧର ଦାଶ | ... ୩୩ |
| ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ | ଡକ୍ଟର ଦାମୋଦର ମହାପାତ୍ର | ... ୩୪ |
| ଓଡିଆପ୍ରାଣ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ | କୃଷ୍ଣଚନ୍ଦ୍ର ସୁଆର | ... ୩୭ |
| ଓଡ଼ିଆ ସ୍ୱାଭିମାନ ଓ ମଧୁବାବୁ | ଡକ୍ଟର ଦେବେନ୍ଦ୍ର କୁମାର ପତି | ... ୪୦ |
| ଓଡ଼ିଶା ଇତିହାସରେ ମଧୁବାବୁ | ନରେଶ ରାଉତ | ... ୪୨ |
| ଉତ୍କଳ ଦିବସର ଐତିହାସିକ ଦିଶା ଓ ଦିଗନ୍ତ | ପ୍ରଫୁଲ୍ଲ କୁମାର ଦାସ | ... ୪୪ |
| ଗଡଜାତ ଆନ୍ଦୋଳନର ନାୟକ ସାରଙ୍ଗଧର | ଅଧ୍ୟାପିକା ସୌଦାମିନୀ ବେହେରା | ... ୪୬ |
| ଓଡ଼ିଶାରେ ଓଡ଼ିଆ ଭାଷାର ସୁରକ୍ଷା ହେଉ | ଅପୂର୍ବ ରଂଜନ ରାୟ | ... ୪୯ |
| ରାଜଧାନୀ ଭୁବନେଶ୍ୱର ଶୈଶବରୁ ଏଯାବତ୍ | ପଣ୍ଡିତ ତ୍ରିଲୋଚନ ମିଶ୍ର | ... ୫୩ |
| ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ: ଆରଡି | ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ | ... ୫୫ |
| ନବ ଉତ୍କଳ ଗଠନର ପୁରୋଧାଗଣ | ନିରୁପମା କର | ... ୬୦ |

| | | |
|---|---|---|
| ● ଓଡିଆ ଭାଷା (କବିତା) | ଦିଲ୍ଲୀପ କୁମାର ବେହୁରା | ... ୬୩ |
| ● ଶ୍ରୀମନ୍ଦିରରେ ସୂର୍ଯ୍ୟ ଉପାସନା | ନଗେନ୍ଦ୍ର ନାଥ ପଟ୍ଟନାୟକ | ... ୬୪ |
| ● ଶପଥ (କବିତା) | ଗୁରୁ ପ୍ରସାଦ ରଥ | ... ୬୫ |
| ● ଓଡିଆ ଭକ୍ତି କବିତାର ବହୁଳତା ଓ ପ୍ରାଚୀନତା | କସ୍ତୁରୀ ଖଟାଇ | ... ୬୬ |
| ● ଉତ୍କଳ ଜନନୀ (କବିତା) | ବିଚିତ୍ରାନନ୍ଦ ବାରିକ | ... ୭୪ |
| ● ପାଣି ଯୁଗର ଶେଷ ଦୀପଶିଖା 'ଗୁଣ୍ଠୁଣି ରାମା' | ଡକ୍ଟର ବିରଞ୍ଚି ସାହୁ | ... ୭୫ |
| ● ମୋ ଗାଁ (କବିତା) | ସୁଶାନ୍ତ ନାଥ | ... ୭୮ |
| ● ଉତ୍କଳର ରସିକ ଭକ୍ତକବି ରାୟରାମାନନ୍ଦ | ଜାନକୀ ବଲ୍ଲଭ ପଟ୍ଟନାୟକ | ... ୭୯ |
| ● ଦଣ୍ଡଯାତ୍ରା ଏବଂ ଉତ୍କଳୀୟଙ୍କ ନବବର୍ଷ | ଏମ୍.ଭି. ରାଓ | ... ୮୩ |
| ● ସରଣ୍ଡା ଗଡର ସୌନ୍ଦର୍ଯ୍ୟ ପସରା ଅଂଶୁପା | ଚନ୍ଦ୍ରମଣି ସେଠୀ | ... ୮୮ |
| ● ଭାରତୀୟ ଜନଜୀବନରେ ଯଜ୍ଞର ଭୂମିକା | ପଣ୍ଡିତ ଜଗନ୍ନାଥ ଶତପଥୀ | ... ୯୦ |
| ● ନାରୀ: ବୈଦିକରୁ ସାମ୍ପ୍ରତିକ | କୁନିଲତା ତ୍ରିପାଠୀ | ... ୯୨ |
| ● ଅବିସ୍ମରଣୀୟ ମତ୍ସ୍ୟ ବିଜ୍ଞାନୀ : ଡକ୍ଟର ଗଜେନ୍ଦ୍ରନାଥ ମିତ୍ର | ସୁକାନ୍ତ କିଶୋର ମହାନ୍ତି | ... ୯୪ |
| ● ସପ୍ରସଙ୍ଗ ଓଡ଼ିଶା | | ... ୧୦୦ |


❖ ❖ ❖

# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁହାସମୟୀ ଚାରୁ ଭାଷମୟୀ, ଜନନୀ, ଜନନୀ, ଜନନୀ ।
ପୂତ–ପୟୋଧି–ବିଧୌତ–ଶରୀରା,
ତାଳତମାଳ–ସୁଶୋଭିତ–ତୀରା,
ଶୁଭ୍ରତଟିନୀକୂଳ–ଶୀକର–ସମୀରା
ଜନନୀ, ଜନନୀ, ଜନନୀ ।।

ଘନ ବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ।।

ସୁନ୍ଦରଶାଳି–ସୁଶୋଭିତ–କ୍ଷେତ୍ରା,
ଜ୍ଞାନବିଜ୍ଞାନ–ପ୍ରଦର୍ଶିତ–ନେତ୍ରା,
ଯୋଗୀଋଷିଗଣ–ଉଟଜ–ପବିତ୍ରା
ଜନନୀ, ଜନନୀ, ଜନନୀ ।।


ସୁନ୍ଦର ମନ୍ଦିର ମଣ୍ଡିତ–ଦେଶା,
ଚାରୁକଳାବଳି–ଶୋଭିତ–ବେଶା,
ପୁଣ୍ୟ ତୀର୍ଥଚୟ–ପୂର୍ଣ୍ଣ–ପ୍ରଦେଶା
ଜନନୀ, ଜନନୀ, ଜନନୀ ।।

ଉତ୍କଳ ସୁରବର–ଦର୍ପିତ–ଗେହା,
ଅରିକୁଳ–ଶୋଣିତ–ଚର୍ଚ୍ଚିତ–ଦେହା,
ବିଶ୍ୱଭୂମଣ୍ଡଳ–କୃତବର–ସ୍ନେହା
ଜନନୀ, ଜନନୀ, ଜନନୀ ।।


କବିକୁଳମୌଳି ସୁନନ୍ଦନ–ବନ୍ଦ୍ୟା,
ଭୁବନବିଘୋଷିତ–କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ
ଜନନୀ, ଜନନୀ, ଜନନୀ ।।

(କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର)


# ନବ ଉତ୍କଳର ନିର୍ମାତାଗଣ




ଉତ୍କଳଗୌରବ ମଧୁସୂଦନ ଦାସ




ଉତ୍କଳମଣି ଗୋପବନ୍ଧୁ ଦାସ






ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ




ବ୍ୟାସକବି ଫକୀରମୋହନ ସେନାପତି

# ନବ ଉତ୍କଳର ନିର୍ମାତାଗଣ




ପଣ୍ଡିତ ନୀଳକଣ୍ଠ ଦାସ




କବିବର ରାଧାନାଥ ରାୟ



ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ




ସ୍ୱଭାବକବି ଗଂଗାଧର ମେହେର



ଡକ୍ଟର ହରେକୃଷ୍ଣ ମହତାବ

# ଶ୍ରଦ୍ଧାଞ୍ଜଳି



ମହାନ ଜନନାୟକ ବିଜୁ ପଟ୍ଟନାୟକ


# ଶ୍ରଦ୍ଧାଞ୍ଜଳି



ସତ୍ୟାନନ୍ଦ ଚମ୍ପତିରାୟ
ପ୍ରାକ୍ତନ ମୁଖ୍ୟ ସମ୍ପାଦକ, ଉତ୍କଳ ପ୍ରସଙ୍ଗ

ଓଡ଼ିଶା ଦିବସ -୨୦୧୫ ପାଳନ ଅବସରରେ

# ମାନ୍ୟବର ରାଜ୍ୟପାଳ
# ଡକ୍ଟର ଏସ୍.ସି. ଜମିର୍‌ଙ୍କ
# ବାର୍ତ୍ତା



ପ୍ରିୟ ଭଉଣୀ ଓ ଭାଇମାନେ,

ପବିତ୍ର ଓଡ଼ିଶା ଦିବସ ଅବସରରେ ଆପଣମାନଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛି । ଏହି ଦିବସର ତାତ୍ପର୍ଯ୍ୟ ଆମ ସମସ୍ତଙ୍କ ପାଇଁ ଅତୀବ ଗୁରୁତ୍ୱ ବହନ କରେ । ଏହି ସ୍ମରଣୀୟ ଶୁଭ ଦିବସରେ ଓଡ଼ିଶାବାସୀଙ୍କ ଦୀର୍ଘ ଆକାଂକ୍ଷିତ ସ୍ୱପ୍ନ ସାକାର ହୋଇଥିଲା ।

୧୯୩୬ ମସିହା ଅପ୍ରେଲ୍ ପହିଲା ତାରିଖରେ ବିଭିନ୍ନ ପ୍ରାନ୍ତୀୟ ପ୍ରଦେଶରେ ବିଚ୍ଛିନ୍ନଭାବେ ଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳର ସମିଶ୍ରଣରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଜନ୍ମଲାଭ କରିଥିଲା । ବହୁ କଷ୍ଟଲବ୍ଧ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଏହି ମାଟିର ପୂର୍ବସୂରୀମାନଙ୍କୁ ବିଭିନ୍ନ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡିଥିଲା । ସେମାନଙ୍କ ଆଦର୍ଶ ଆଗାମୀ ପିଢିକୁ ଯୁଗଯୁଗ ଧରି ଅନୁପ୍ରାଣିତ କରିବ । ଏହି ଶୁଭାବସରରେ ଓଡ଼ିଶା ମାଟିର ମହାନ୍ ବରପୁତ୍ର ତଥା ମହିୟସୀ ମହିଳାମାନଙ୍କୁ ଆମର ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସଙ୍ଗେ ସଙ୍ଗେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ଥପତି ଯଥା ଉତ୍କଳଗୌରବ ମଧୁସୂଦନ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ବ୍ୟାସକବି ଫକୀର ମୋହନ ସେନାପତି, ସ୍ୱଭାବ କବି ଗଙ୍ଗାଧର ମେହେର, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ପ୍ରମୁଖଙ୍କ ଅବଦାନକୁ ଶ୍ରଦ୍ଧାର ସହ ସ୍ମରଣ କରୁଛୁ ।

ବ୍ରିଟିଶ ଶାସନ କାଳରେ ଉଚ୍ଚାରଣଗତ ସମସ୍ୟା ଯୋଗୁଁ ଇଂରେଜମାନେ ଓଡ଼ିଶା ମାଟିକୁ 'ଓରିଶା' ଏବଂ ଓଡ଼ିଶାବାସୀଙ୍କୁ 'ଓରିଆ'ଭାବେ ସମ୍ବୋଧନ କରୁଥିଲେ । ସମୟକ୍ରମେ ଓଡ଼ିଶାବାସୀ ଏବଂ ରାଜ୍ୟ ସରକାରଙ୍କ ପ୍ରଗାଢ ଉଦ୍ୟମ ସ୍ୱରୂପ ଆମ ରାଜ୍ୟର ନାମ 'ଓରିଶା'ରୁ 'ଓଡ଼ିଶା' ଏବଂ ଏହାର ଭାଷା 'ଓରିଆ'ରୁ 'ଓଡ଼ିଆ' ହୋଇପାରିଥିଲା । ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି ।

କଳିଙ୍ଗ ଇତିହାସରେ କଳିଙ୍ଗବାସୀମାନେ ସାମରିକ କଳାରେ ପ୍ରସିଦ୍ଧି ଲାଭ କରିବା ସହ ଏକ ଦୁର୍ଦ୍ଧର୍ଷ ସ୍ୱାଧୀନ ଜାତି ଭାବେ ପରିଚୟ ହାସଲ କରିଥିଲେ । ସମ୍ରାଟ ଅଶୋକଙ୍କ ସାମରିକ ଅଭିଯାନ, ପରବର୍ତ୍ତୀ ସମୟରେ ତାଙ୍କର 'ଚଣ୍ଡାଶୋକ'ରୁ 'ଧର୍ମାଶୋକ'ରେ ପରିବର୍ତ୍ତନ, ଶାନ୍ତି, ମୈତ୍ରୀ ଏବଂ ଅହିଂସା ବାଣୀର ପ୍ରଚାର, ସମ୍ରାଟ ଖାରବେଳଙ୍କ ବୀରତ୍ୱର ଗାଥା ସେକାଳର ଓଡ଼ିଆମାନଙ୍କ ମହନୀୟତାର ପରିଚୟ ପ୍ରଦାନ କରେ । 'ସର୍ବଧର୍ମ ସମନ୍ୱୟ'ର ନୀତି ଉପରେ ପର୍ଯ୍ୟବସିତ ଆମ ଜଗନ୍ନାଥ ସଂସ୍କୃତି ଏବଂ ଜଗତରନାଥ ଜଗନ୍ନାଥ ଓଡ଼ିଶା ମାଟିର ଆରାଧ୍ୟ ଦେବତା । ଗୌରବମୟ ଅତୀତ, ଗାରିମାମୟ ଏବଂ ସମୃଦ୍ଧ

ସଂସ୍କୃତି ତଥା ଉତ୍କର୍ଷ ଭାସ୍କର୍ଯ୍ୟ ଓ ନିଖୁଣ ସ୍ଥାପତ୍ୟର ଐତିହ୍ୟ ଓଡ଼ିଶାମାଟି ବହନ କରିଛି । ଦକ୍ଷିଣପୂର୍ବ ଏସୀୟ ଦେଶଗୁଡିକ ସହ ଓଡ଼ିଶାର ନୌବାଣିଜ୍ୟିକ ସମ୍ପର୍କ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ମୁସଲମାନ୍, ମୋଗଲ, ମରାଠା ଏବଂ ବ୍ରିଟିଶମାନଙ୍କର ଶାସନାଧୀନ ହୋଇ ଏହି ଓଡ଼ିଶାମାଟି ବିବିଧ ଅନୁଭୂତିର ଗନ୍ତାଘର ହୋଇପାରିଛି । ଯାହାକି, ଧର୍ମନିରପେକ୍ଷତାର ଆଧାରଶୀଳା ଉପରେ ସହନଶୀଳତା, ବିଶ୍ୱଭ୍ରାତୃତ୍ୱ, ଶାନ୍ତିପୂର୍ଣ୍ଣ ସହାବସ୍ଥାନକୁ ସମ୍ଭବ କରିପାରିଛି ।

ବିପୁଳ ପ୍ରାକୃତିକ ସମ୍ପଦ, ଦକ୍ଷ ମାନବ ସମ୍ବଳରେ ସମୃଦ୍ଧ ହୋଇ ଆଜିର ଓଡ଼ିଶା ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଅଗ୍ରସର ହୋଇପାରିଛି । ବୟନଶିଳ୍ପ, ହସ୍ତତନ୍ତ, ପଟ୍ଟଚିତ୍ର, ପଥର ଖୋଦିତ କାରୁକାର୍ଯ୍ୟ, ଶିଂଘ କାମ, ବାଲୁକା କଳା, ତାରକସି କାମ, ଚାନ୍ଦୁଆ କାମ ଓଡ଼ିଶାର କଳାକାରମାନଙ୍କ ନୈପୁଣ୍ୟତାର ନିଦର୍ଶନ । ଓଡ଼ିଶୀ ନୃତ୍ୟ, ସଂଗୀତ ତଥା ସମ୍ବଲପୁରୀ ନୃତ୍ୟ ଓ ସଂଗୀତ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ।

ଓଡ଼ିଆମାନେ ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଛନ୍ତି । ସେମାନେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, କାରିଗରୀ, କଳା ସ୍ଥାପତ୍ୟ ଓ ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି । ଆଜିର ଓଡ଼ିଶା ପ୍ରମୁଖ କ୍ଷେତ୍ରରେ ବିକାଶ ଓ ଅଭିବୃଦ୍ଧି ଲାଭ କରିପାରିଛି । ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ପ୍ରାଥମିକତା ପ୍ରଦାନ କରିବା ସହ ପ୍ରଗତିର ରଥକୁ ତ୍ୱରାନ୍ୱିତ କରି ଉଲ୍ଲେଖନୀୟ ସଫଳତା ହାସଲ କରାଯାଇ ପାରିଛି । ରାଜ୍ୟ ସରକାର ମହିଳା ସଶକ୍ତିକରଣ ଦିଗରେ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଥିବାରୁ ଓଡ଼ିଶାର ମହିଳା ଅର୍ଥନୈତିକ କ୍ଷେତ୍ରରେ ସ୍ୱାଧୀନ ଓ ସ୍ୱାବଲମ୍ବୀ ହେବା ଦିଗରେ ପ୍ରୟାସରତ । ଗ୍ରାମାଞ୍ଚଳର ଜନସାଧାରଣ ଓ ଆଦିବାସୀ ଭଉଣୀ–ଭାଇମାନଙ୍କର ଜୀବନଧାରଣ ମାନରେ ଉନ୍ନତି ଆଣି ଓଡ଼ିଶା ଅର୍ଥନୀତିର ବିକାଶ ଓ ଏହାକୁ ସୁଦୃଢ କରିବା ଲକ୍ଷ୍ୟରେ ପଦକ୍ଷେପମାନ ଗ୍ରହଣ କରାଯିବା ସହ କାର୍ଯ୍ୟକ୍ରମମାନ ଚାଲୁ ରହିଛି । ରାଜ୍ୟ ସରକାର ସଭିଙ୍କ ପାଇଁ ଗୁଣାତ୍ମକ ମାନର ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ ଚେଷ୍ଟିତ । କୃଷି ଏବଂ ଜଳସେଚନ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ସାରା ରାଜ୍ୟରେ ଗ୍ରାମ୍ୟ ସଂଯୋଗୀକରଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ପରି କାର୍ଯ୍ୟକ୍ରମଗୁଡିକୁ ରାଜ୍ୟ ସରକାର ନିଷ୍ଠାର ସହ କାର୍ଯ୍ୟକାରୀ କରୁଛନ୍ତି । ରାଜ୍ୟର କୃଷକ, ଦିନ ମଜୁରିଆ, ଆଦିବାସୀ ଭଉଣୀ ଭାଇ ଏବଂ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ଗୋଷ୍ଠୀଙ୍କ ବିକାଶ ଦିଗକୁ ଅଗ୍ରାଧିକାର ଦିଆଯାଇଛି ।

ଚଳିତ ବର୍ଷ ଜୁଲାଇ ମାସରେ ଅନୁଷ୍ଠିତ ହେବାକୁ ଥିବା ନବକଳେବର ଦର୍ଶନ ନିମନ୍ତେ ଆମ୍ଭେମାନେ ନିଜକୁ ସୌଭାଗ୍ୟଶାଳୀ ମନେକରୁ । ଏହି ଅବସରରେ ପବିତ୍ର ଶ୍ରୀକ୍ଷେତ୍ର ପୁରୀଧାମକୁ ଲକ୍ଷ ଲକ୍ଷ ଭକ୍ତଙ୍କ ଆଗମନ ଆଶା କରାଯାଏ । ଆମ ଉତ୍କଳର ଆରାଧ୍ୟ ଦେବତାଙ୍କ ଏହି ନବକଳେବର ଉତ୍ସବର ସୁପରିଚାଳନା ନିମନ୍ତେ ରାଜ୍ୟ ସରକାର ସୁଚିନ୍ତିତ ଯୋଜନା ସହ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛନ୍ତି । ଯାତ୍ରୀମାନଙ୍କ ନିରାପତ୍ତା ନିମନ୍ତେ ସୁଦୃଢ ସୁରକ୍ଷା ବ୍ୟବସ୍ଥା, ପୁରୀକୁ ସଂଯୋଗ କରୁଥିବା ରୋଡ୍ ନେଟୱର୍କର ଉନ୍ନତି, ରେଲ୍ୱେ ଷ୍ଟେସନର ବିକାଶ, ଯାତ୍ରୀମାନଙ୍କ ସୁବିଧାସୁଯୋଗ, ପାନୀୟ ଜଳଯୋଗାଣ, ପରିମଳ ବ୍ୟବସ୍ଥା, ନର୍ଦ୍ଦମା ଜଳ ନିଷ୍କାସନ, ପୁନଃ ସଂସ୍ଥାପିତ ବିଦ୍ୟୁତ୍ ସରବରାହ ନେଟୱର୍କ, ଉନ୍ନତମାନର ସ୍ୱାସ୍ଥ୍ୟସେବା ପରି ଅନେକ ବ୍ୟବସ୍ଥା ସୁନିଶ୍ଚିତ କରାଯାଉଛି ।

ଆଜିର ଏହି ପବିତ୍ର ଦିବସ ଅବସରରେ ଓଡ଼ିଶାକୁ ସମୃଦ୍ଧ ଓ ଅଗ୍ରଗଣ୍ୟ ରାଜ୍ୟ ରୂପେ ଗଢିତୋଳିବା ପାଇଁ ଆସନ୍ତୁ, ଆମେ କଠିନ ପରିଶ୍ରମ ଓ ନିଷ୍ଠାପର ଉଦ୍ୟମ ସହ ଏ ଦିଗରେ ବ୍ରତୀ ହେବା ।

ବନ୍ଦେ ଉତ୍କଳ ଜନନୀ ।

# ଓଡ଼ିଶା ଦିବସ -୨୦୧୫ ପାଳନ ଅବସରରେ

# ମାନ୍ୟବର ମୁଖ୍ୟମନ୍ତ୍ରୀ

# ଶ୍ରୀ ନବୀନ ପଟ୍ଟନାୟକଙ୍କ

# ବାର୍ତ୍ତା



ଓଡ଼ିଶା ଦିବସ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଅପ୍ରେଲ ପହିଲା ଆମ ସମସ୍ତଙ୍କ ପାଇଁ ଗୌରବର ଦିବସ । ଏହିଦିନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଉତ୍କଳ ଜନନୀଙ୍କର ଯେଉଁ ବରପୁତ୍ରମାନଙ୍କର ବହୁମୂଲ୍ୟ ଅବଦାନ ରହିଛି, ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଓଡ଼ିଆ ଭାଷା, ସାହିତ୍ୟ, ନୃତ୍ୟ, ସଙ୍ଗୀତ ଓ କଳାକୁ ଯେଉଁମାନେ ସମୃଦ୍ଧ କରିଛନ୍ତି, ସେମାନଙ୍କୁ ମୋର ସମ୍ମାନ ଜଣାଉଛି ।

ବିକାଶ କ୍ଷେତ୍ରରେ ଓଡ଼ିଶା ଆଜି ସାରା ଦେଶରେ ଏକ ନୂଆ ପରିଚୟ ସୃଷ୍ଟି କରିଛି । ଆମର ଅଭିବୃଦ୍ଧି ହାର ଜାତୀୟ ହାରଠାରୁ ଅଧିକ ରହିଛି । ପୁଞ୍ଜିନିବେଶ କ୍ଷେତ୍ରରେ ଓଡ଼ିଶା ସବୁଠାରୁ ଆଗରେ ରହିଛି । ବ୍ୟବସାୟିକ ପରିବେଶ ପାଇଁ ଓଡ଼ିଶାର ସୁନାମ ରହିଛି । ଇ-ଗଭର୍ଣ୍ଣାନ୍ସ କ୍ଷେତ୍ରରେ ମଧ୍ୟ ଓଡ଼ିଶା ଭଲ କାମ କରୁଛି । ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଦେବାପାଇଁ କୃଷି କ୍ଷେତ୍ରରେ ଓଡ଼ିଶା ତିନିଥର ଜାତୀୟ ସ୍ତରରେ କୃଷି କର୍ମଣ ପୁରସ୍କାର ହାସଲ କରିଛି । ଭିନ୍ନକ୍ଷମଙ୍କ କଲ୍ୟାଣ କ୍ଷେତ୍ରରେ ମଧ୍ୟ ଓଡ଼ିଶା ଭଲ କାମ କରି ଜାତୀୟ ପୁରସ୍କାର ପାଇଛି । ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଅନ୍ତର୍ଜାତୀୟ ସ୍ତରରେ ସୁନାମ କରିଛି । ମହିଳା ସଶକ୍ତିକରଣ କ୍ଷେତ୍ରରେ ଓଡ଼ିଶା ଆଜି ଏକ ପଥପ୍ରଦର୍ଶକ ରାଜ୍ୟ ହୋଇପାରିଛି । ରାଜ୍ୟ ସରକାରଙ୍କ ନୂତନ ମହିଳା ନୀତିରେ ମହିଳାମାନଙ୍କ ସୁରକ୍ଷା ଓ ଅଧିକାର ଉପରେ ଗୁରୁତ୍ୱ ଦିଆଯାଇଛି । ମହିଳାମାନେ ଆଜି ବିକାଶର ମୁଖ୍ୟଧାରାରେ ସାମିଲ ହୋଇପାରିଛନ୍ତି । ସେମାନେ ଆଜି ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଦକ୍ଷତା ଦେଖାଇ ପାରିଛନ୍ତି ଓ ରାଜ୍ୟର ଗୌରବ ବୃଦ୍ଧି କରୁଛନ୍ତି ।

ଆମର ଜନସଂଖ୍ୟାର ମୁଖ୍ୟ ଭାଗ ହେଉଛନ୍ତି ଆଦିବାସୀ ଓ ଦଳିତ । ସେମାନଙ୍କ କଲ୍ୟାଣ ଓ ବିକାଶ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସୁଫଳ ଆଜି ସେମାନଙ୍କୁ ଆଗକୁ ବଢିବା ପାଇଁ ସାହାଯ୍ୟ କରିଛି । ସେମାନେ ଆଜି ରାଜ୍ୟର ବିକାଶରେ ସେମାନଙ୍କର ଯୋଗଦାନ ରଖିପାରିଛନ୍ତି । ଓଡ଼ିଶାର ଯୁବ ସମାଜ, ଛାତ୍ର ସମାଜ ଆମର

ଅମୂଲ୍ୟ ସମ୍ପଦ । ସେମାନଙ୍କ ଭିତରେ ଆଗକୁ ବଢିବାର ଶକ୍ତି ରହିଛି । ସେମାନଙ୍କ ଶକ୍ତି ଓ ପ୍ରତିଭାକୁ ଦେଶର ତଥା ରାଜ୍ୟର ବିକାଶରେ ଉପଯୋଗ କରିବା ଆମର ଲକ୍ଷ୍ୟ । ଏ ଦିଗରେ ଆମର ନୂଆ ଯୁବନୀତି ଅନେକ ସୁଯୋଗ ଆଣିଛି ।

ସମାଜ କଲ୍ୟାଣ, ଭିତ୍ତିଭୂମି ବିକାଶ ନୂଆ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଓଡ଼ିଆ ସ୍ୱାଭିମାନର ସୁରକ୍ଷା ହେଉଛି ମୋ ସରକାରର ପ୍ରାଥମିକତା । ରାସ୍ତାଘାଟର ବିକାଶ, ଜଳସେଚନ ସୁବିଧାର ପ୍ରସାର, ଶିକ୍ଷାର ପ୍ରସାର, ସ୍ୱାସ୍ଥ୍ୟସେବାର ସୁବିଧାର ବିକାଶ ଦିଗରେ ଆମର କାର୍ଯ୍ୟ ଜାରି ରହିଛି । ବିଜୁ ପକ୍କା ଘର ଯୋଜନାରେ ସମସ୍ତଙ୍କ ପାଇଁ ପକ୍କାଘର ରାଜ୍ୟର ବିକାଶ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି ।

ସମାଜ କଲ୍ୟାଣ କ୍ଷେତ୍ରରେ ରାଜ୍ୟ ସରକାର ଅଙ୍ଗୀକାରବଦ୍ଧ ସହ କାମ କରୁଛନ୍ତି । ମାନବ ସେବାକୁ ମାଧବ ସେବା ଭାବରେ ଆମେ ଗ୍ରହଣ କରିଛୁ । ଗରିବ ଲୋକଙ୍କ ପାଇଁ ଆମର ବିଭିନ୍ନ ଯୋଜନା ଆଜି ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଆଣିଛି । ପର୍ଯ୍ୟଟନ, ସୂଚନା ପ୍ରଯୁକ୍ତି ତଥା ସେବାକ୍ଷେତ୍ରଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତିର ନୂଆ ନୂଆ ସୁଯୋଗ ହୋଇଛି । କୃଷି ସହିତ ଶିଳ୍ପ କ୍ଷେତ୍ରରେ ମଧ୍ୟ ରାଜ୍ୟର ଅନେକ ପ୍ରଗତି ଆସିଛି । ଆଜି ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିଛି । ଓଡ଼ିଶାର ବିକାଶ ପାଇଁ ଆମେ ସଂକଳ୍ପର ସହ କାମ କରୁଛୁ ।

ଚଳିତବର୍ଷ ଏକବିଂଶ ଶତାବ୍ଦୀର ପ୍ରଥମ ନବକଳେବର ଅନୁଷ୍ଠିତ ହେଉଛି । ମହାପ୍ରଭୁଙ୍କର ନବକଳେବରକୁ ସୁରୁଖୁରୁରେ ଶେଷ କରିବା ପାଇଁ ସରକାର ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ସ୍ୱାଭିମାନ ଓ ଅସ୍ମିତାର ପରିଚୟ। ଓଡ଼ିଆ ସ୍ୱାଭିମାନ ପାଇଁ ନିଜେ ମହାପ୍ରଭୁ କାଞ୍ଚି ଅଭିଯାନରେ ବାହାରି ଯାଇଥିଲେ । ପ୍ରଗତିର ନନ୍ଦିଘୋଷକୁ ଆଗେଇ ନେବା ପାଇଁ ମହାପ୍ରଭୁ ଏ ଜାତିକୁ ଶକ୍ତି ଦିଅନ୍ତୁ । ଇତିହାସରେ ଓଡ଼ିଶାକୁ ତା'ର ସମ୍ମାନଜନକ ସ୍ଥାନ ଦେବା ପାଇଁ ଆମର ଉଦ୍ୟମରେ ମୁଁ ମହାପ୍ରଭୁଙ୍କ ଆଶୀର୍ବାଦ ଓ ସମସ୍ତଙ୍କର ସହଯୋଗ କାମନା କରୁଛି ।

**ବନ୍ଦେ ଉତ୍କଳ ଜନନୀ ।**

# ଓଡ଼ିଶା ଦିବସ –୨୦୧୫ ପାଳନ ଅବସରରେ
# ମାନ୍ୟବର ସୂଚନା ଓ ଲୋକ ସଂପର୍କ ଏବଂ
# ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ
# **ଶ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ**
# **ବାର୍ତ୍ତା**



ପ୍ରିୟ ଭାଇ ଓ ଭଉଣୀମାନେ,

'ଓଡ଼ିଶା ଦିବସ' ପାଳନର ଏହି ଶୁଭ ଅବସରରେ ମୁଁ ଆପଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି ।

ଆଜିର ଦିନଟି ଓଡ଼ିଶା ଇତିହାସରେ ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟକୁ ସଂଯୋଜିତ କରିଛି । ସେହି ଅଧ୍ୟାୟରେ ସଂଗ୍ରାମ, ଦେଶପ୍ରୀତି ଓ ଅନନ୍ୟ ତ୍ୟାଗ ପ୍ରତିଫଳିତ ହୋଇଛି । ଭାଷାଭିତ୍ତିରେ ଏକ ଭୌଗୋଳିକ ଆୟତନ ହାସଲ କରିବା ଓ ସ୍ୱତନ୍ତ୍ର ଭାବରେ ଓଡ଼ିଶାର ପରିଚିତିକୁ ପ୍ରତିଷ୍ଠିତ କରିବା ପାଇଁ ଆମର ପୂର୍ବସୂରୀମାନେ ଯେଉଁ ଆନ୍ଦୋଳନରେ ଝାସ ଦେଇଥିଲେ, ତାହାର ଉଦ୍ଦେଶ୍ୟ ଆଜିର ଦିନରେ ଫଳବତୀ ହୋଇଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନ ସଫଳ ହୋଇଥିଲା । ସେହି ବନ୍ଦନୀୟ ମହାପୁରୁଷମାନଙ୍କ ମଧ୍ୟରେ ଥିଲେ ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ରାଜା ହରିହର ମର୍ଦ୍ଦରାଜ, ବ୍ୟାସକବି ଫକୀର ମୋହନ ସେନାପତି, ସ୍ୱଭାବ କବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ, କର୍ମବୀର ଗୌରୀଶଙ୍କର, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ଆଚାର୍ଯ୍ୟ ହରିହରଙ୍କ ପରି ଅନେକ ବ୍ୟକ୍ତିତ୍ୱ ଓ ସେମାନଙ୍କର ତ୍ୟାଗ, ଅଧ୍ୟବସାୟ, ନିଷ୍ଠା ଓ ଜାତୀୟତାର ଫଳ ସ୍ୱରୂପ ଆମେ ଆଜି ଓଡ଼ିଆ ଭାବରେ ଗର୍ବ କରୁଛେ । ଅଭୂତପୂର୍ବ ଅବଦାନ ରଖିଥିବା ସେହି ମଶାଲବାହୀମାନଙ୍କ ଜୀବନ ଓ କାର୍ଯ୍ୟ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ । ମୁଁ ସେହି ପୁଣ୍ୟାତ୍ମାମାନଙ୍କ ଉଦ୍ଦେଶ୍ୟରେ ମୋର ଶ୍ରଦ୍ଧାଞ୍ଜଳି ନିବେଦନ କରୁଛି ।

ଓଡ଼ିଶାର ଇତିହାସ ଗୌରବମଣ୍ଡିତ । ଓଡ଼ିଆମାନେ ଯୋଦ୍ଧା, ପରିଶ୍ରମୀ ଓ ସଂସ୍କୃତିସମ୍ପନ୍ନ ଥିଲେ । ଏହାର ଭୂଗୋଳ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଓଡ଼ିଶାର ଶିଳ୍ପୀମାନେ କଳାକାରିଗରୀରେ ପ୍ରସିଦ୍ଧ ଥିଲେ । ବଣିକମାନେ ନୌବାଣିଜ୍ୟ ପରମ୍ପରାକୁ ପରିପୁଷ୍ଟ କରିଥିଲେ । ଓଡ଼ିଶାର ଶ୍ରୀଜଗନ୍ନାଥ ସାର୍ବଜନୀନ ଧାର୍ମିକ ଭାବଧାରାକୁ ପ୍ରଭାବିତ କରିଛନ୍ତି । ଆମ ରାଜ୍ୟର ସବୁଜିମାଭରା ବନ, ପର୍ବତ, ନଦନଦୀ, ମନ୍ଦିର, ପର୍ଯ୍ୟଟନ ବିଭବ, ବିପୁଳ ଖଣିଜ ସମ୍ପଦ ଓ ସୁଦୀର୍ଘ ବେଳାଭୂମି ସମସ୍ତଙ୍କୁ

ଆକର୍ଷିତ କରିଛି । ଭାରତର ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ମହାସ୍ରୋତକୁ ଓଡ଼ିଶାର ଅବଦାନ ସମସ୍ତଙ୍କ ଦ୍ୱାରା କୃତଜ୍ଞତାର ସହ ସ୍ୱୀକୃତ ହୋଇଛି । ଓଡ଼ିଶୀ ନୃତ୍ୟ-ସଙ୍ଗୀତ, ହସ୍ତତନ୍ତ ଓ ତାରକସି କାରୁକଳା ସାରା ବିଶ୍ୱକୁ ଚମତ୍କୃତ କରିଛି ।


ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ଆନ୍ଦୋଳନ ସମୟରେ ଆମ ପୂର୍ବପୁରୁଷମାନେ ଦୁଇଟି ଆହ୍ୱାନର ସମ୍ମୁଖୀନ ହୋଇଥିଲେ: ଓଡ଼ିଆ ଆତ୍ମପରିଚିତିର ପ୍ରତିଷ୍ଠା ଓ ରାଜ୍ୟର ସର୍ବାଙ୍ଗୀନ ସମୃଦ୍ଧି । ଆଜି ପ୍ରାୟ ୮ ଦଶନ୍ଧି ଅତିକ୍ରାନ୍ତ ହେଲାଣି । ଇତିମଧ୍ୟରେ ଓଡ଼ିଆଙ୍କ ଆତ୍ମପରିଚିତି ଶକ୍ତିଶାଳୀ ଓ ଉନ୍ନତ ହୋଇଛି । ବିଶ୍ୱର ସବୁ ମହଲରେ ଓଡ଼ିଆଙ୍କ କୃତିତ୍ୱ ଓ ସୁନାମ ବୃଦ୍ଧି ପାଇଛି । ଆମର ଯୋଗ୍ୟ, ଶିକ୍ଷିତ, ସଚେତନ ମାନବସମ୍ବଳ ବିଦେଶରେ ପ୍ରଶଂସିତ ହୋଇଛନ୍ତି । ଓଡ଼ିଶାର ସାଂସ୍କୃତିକ ବିଭବଗୁଡିକ ସମଗ୍ର ପୃଥିବୀରେ ଯଶ ଓ ସୁନାମ ଅର୍ଜନ କରିଛି ।

ବିକାଶ କ୍ଷେତ୍ରରେ ଆମର ଯାତ୍ରା ଅବ୍ୟାହତ ରହିଛି । ଦାରିଦ୍ର୍ୟ ହ୍ରାସ ପାଇଁ ସରକାର ବିଭିନ୍ନ ଲୋକାଭିମୁଖୀ ପଦକ୍ଷେପ ଗ୍ରହଣ କରିଛନ୍ତି । ଜାତୀୟ ହାର ତୁଳନାରେ ରାଜ୍ୟର ଅଭିବୃଦ୍ଧି ହାର କ୍ରମେ କ୍ରମେ ବଢୁଛି । ରାଜ୍ୟରେ କୃଷି, ଜଳସେଚନ, ଶିଳ୍ପ, ଶିକ୍ଷା, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ସ୍ୱାସ୍ଥ୍ୟସେବା, ଅନୁସୂଚିତ ଜନଜାତି-ଅନୁସୂଚିତ ଜାତି-ପଛୁଆବର୍ଗଙ୍କ କଲ୍ୟାଣ, ମହିଳା ସଶକ୍ତିକରଣ, ଶିଶୁ ବିକାଶ, ଜଙ୍ଗଲ ଓ ପରିବେଶ, ସଂଯୋଗୀକରଣ, ବାଣିଜ୍ୟ ଓ ପରିବହନ, ଶକ୍ତି, ନିଯୋଜନ, ସଂସ୍କୃତି ଓ ପର୍ଯ୍ୟଟନ, ମାନବସମ୍ବଳ ବିକାଶ ଇତ୍ୟାଦି କ୍ଷେତ୍ରରେ ନିରନ୍ତର ଉନ୍ନତିର ଧାରା ପ୍ରବାହିତ ହେଉଛି । ପ୍ରଶାସନିକ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି । ସମାଜର ସବୁବର୍ଗର ଲୋକମାନଙ୍କ ପାଖରେ ପ୍ରଶାସନର ସୁଫଳ ପହଞ୍ଚି ପାରିଛି । ବିକାଶର ନୂଆ ଦିଶା ଆଡକୁ ଅଗ୍ରସର ହେଉଛି ଓଡ଼ିଶା ।

'ଓଡ଼ିଶା ଦିବସ' ଆତ୍ମସମୀକ୍ଷାର ସୁଯୋଗ ଆଣିଛି । ସମୃଦ୍ଧ ଭବିଷ୍ୟତ ନିମନ୍ତେ ନିଜର ଭାଗିଦାରୀ ପ୍ରଦର୍ଶନ କରିବାର ସଙ୍କଳ୍ପ ନେବାକୁ ହେବ । ଆଜିର ଦିବସରେ ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ଭାବରେ ଗଢି ତୋଳିବାର ଅଙ୍ଗୀକାରକୁ ସୁଦୃଢ କରିବା ନିମନ୍ତେ ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି ।

**ବନ୍ଦେ ଉତ୍କଳ ଜନନୀ ।**

# ସମ୍ପାଦକୀୟ



ସଂପାଦକୀୟଟିକୁ ଲେଖିଲା ବେଳକୁ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଅଶୋକାଷ୍ଟମୀ ଅବସରରେ ଅନୁଷ୍ଠିତ ହେବାକୁ ଯାଉଛି । ଭଉଣୀ ରୁକୁଣା ଓ ଅନ୍ୟ ଦେବାଦେବୀଙ୍କ ସହ ପ୍ରଭୁ ରଥରେ ମାଉସୀ ଘର ରାମେଶ୍ୱର ମନ୍ଦିରକୁ ପାଞ୍ଚଦିନିଆ ଯାତ୍ରା କରିବେ । ରଥଖଳାରୁ ମାଉସୀ ଘରକୁ ରଥଦାଣ୍ଡରେ ଗଡିଯିବ ଅଣଲେଉଟା ରୁକୁଣା ରଥ । ଏଥିପାଇଁ ରଥ ଓ ପଥ ଉଭୟ ପ୍ରସ୍ତୁତ । ଏଥିସହିତ ବିଶ୍ୱପ୍ରସିଦ୍ଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବକଳେବରର ଆଦ୍ୟ ପର୍ବ 'ବନଯାଗ ଯାତ୍ରା' ଆସନ୍ତା ମାର୍ଚ୍ଚ ୨୯ ତାରିଖରୁ ଆରମ୍ଭ ହେବ । ନବକଳେବରକୁ ଅତ୍ୟନ୍ତ ଶୃଙ୍ଖଳାର ସହିତ ସମାପନ କରିବା ନିମନ୍ତେ ସମଗ୍ର ରାଜ୍ୟ ପ୍ରଶାସନ ପୂର୍ଣ୍ଣ ପ୍ରସ୍ତୁତି ସହ କାର୍ଯ୍ୟ ଆରମ୍ଭ କରିଛି । ଏହି ଅବସରରେ ସାଧାରଣ ଜନତାଙ୍କ ସାଙ୍ଗରେ ସଂପର୍କର ସେତୁ ବାନ୍ଧିବା ପାଇଁ ପର୍ଯ୍ୟଟନ ବିଭାଗ ସୋସିଆଲ୍ ନେଟ୍‌ୱର୍କ ସାଇଟ୍‌ର ଉପଯୋଗ କରୁଛି ।

ଏହା ଭିତରେ ଆମ ରାଜ୍ୟ ଖାଦ୍ୟଶସ୍ୟ ଉତ୍ପାଦନରେ ଉତ୍କର୍ଷ ନିମନ୍ତେ ଜାତୀୟ ସ୍ତରରେ ତୃତୀୟ ଥର ପାଇଁ 'କୃଷି କର୍ମଣ' ପୁରସ୍କାରରେ ସମ୍ମାନିତ ହୋଇଛି । 'ବିଜୁ ପକ୍କା ଘର ଯୋଜନା' ଜରିଆରେ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ସମସ୍ତ କଚ୍ଚା ଘରକୁ ପକ୍କା ଘରରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ଓଡିଶା ରାଜ୍ୟ ଚିକିତ୍ସା ପାଣ୍ଠି ମାଧମରେ ମାରାତ୍ମକ ରୋଗରେ ପୀଡିତ ରୋଗୀମାନଙ୍କ ଚିକିତ୍ସା ପାଇଁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା ପ୍ରଦାନ କରାଯାଉଛି । ଓଡିଶା ରାଜ୍ୟ ମେଡିକାଲ୍ ସେବା ନିଗମ ଜରିଆରେ ରାଜ୍ୟର ଜନସାଧାରଣଙ୍କୁ ମାଗଣା ଔଷଧ ବଣ୍ଟନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି । 'ବିଜୁ କୃଷକ କଲ୍ୟାଣ ଯୋଜନା'ରେ ରାଜ୍ୟର ୫୫ ଲକ୍ଷ କୃଷକ ଓ ସେମାନଙ୍କ ପରିବାରଙ୍କୁ ଅନ୍ତର୍ଭୁକ୍ତ କରି ସ୍ୱାସ୍ଥ୍ୟ ବୀମା ସୁବିଧା ଯୋଗାଇ ଦିଆଯାଉଛି । ଓଡିଶା ରାଜ୍ୟ ବାଳିକା ଓ ମହିଳା ନୀତି ପ୍ରଣୟନ କରାଯାଇ ଉତ୍ତରାଧିକାର, ସମାନ ଭୂମ୍ୟାଧିକାର, ସ୍ୱଳ୍ପ ଆୟ ବର୍ଗର ମହିଳାଙ୍କୁ ୪ ଡେସିମିଲ୍ ପର୍ଯ୍ୟନ୍ତ ମାଗଣା ଘର ଡିହ ଏବଂ ଅନ୍ୟାନ୍ୟ ସୁବିଧା ସହ ଭିନ୍ନକ୍ଷମ ମହିଳାମାନଙ୍କ ନିମନ୍ତେ ସ୍ୱତନ୍ତ୍ର ପ୍ୟାକେଜ୍‌ର ବ୍ୟବସ୍ଥା କରାଯାଇଛି । ରାଜ୍ୟର ସାମଗ୍ରିକ ବିକାଶ ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ପରିଚାଳିତ ରାଜ୍ୟ ସରକାରଙ୍କ ଅନେକ ଜନପ୍ରିୟ ପଦକ୍ଷେପ ମଧ୍ୟରୁ ଉପରୋକ୍ତ ଯୋଜନାଗୁଡିକ କେତୋଟି ପଦକ୍ଷେପ ମାତ୍ର ।

ସମଗ୍ର ଭାରତବର୍ଷରେ ଓଡିଶାର ସ୍ଥାନ ସ୍ୱତନ୍ତ୍ର ଓ ଅନନ୍ୟ । ଉଲ୍ଲେଖଯୋଗ୍ୟ ଯେ, ଭାଷାଭିତ୍ତିରେ ପ୍ରଥମ ପ୍ରଦେଶ ଭାବରେ ଓଡିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଲାଭ କରିଥିଲା । ଅପ୍ରେଲ୍ ୧ ତାରିଖ ପବିତ୍ର ଉତ୍କଳ ଦିବସ ଓଡିଆ ଜାତିର

ଆତ୍ମପରିଚିତି ଓ ସ୍ୱାଭିମାନର ଦିବସ । ଆମ ସମସ୍ତଙ୍କ ପାଇଁ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଦିବସ । ସ୍ମୃତି, ସଂକଳ୍ପ ଓ ଆତ୍ମସମୀକ୍ଷାର ଦିବସ । ଏହି ଦିନ ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ଗଠନର ମହାନ ସ୍ୱପ୍ନ ସାକାର ହୋଇଥିଲା । ପ୍ରତିଷ୍ଠିତ ହୋଇଥିଲା ଆମର ସ୍ୱାଭିମାନ ଓ ପରିଚିତି । ଓଡିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟ ରୂପେ ଗଢି ତୋଳିବାକୁ ଯେଉଁମାନେ ଆପ୍ରାଣ ଉଦ୍ୟମ କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ ଉତ୍କଳଗୌରବ ମଧୁସୂଦନ ଦାସ, ପଣ୍ଡିତ ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ପଣ୍ଡିତ ଗୋଦାବରୀଶ ମିଶ୍ର, ବ୍ୟାସକବି ଫକୀର ମୋହନ ସେନାପତି, ସ୍ୱଭାବ କବି ଗଙ୍ଗାଧର ମେହେର, ଆଚାର୍ଯ୍ୟ ହରିହର, ମହାନ୍ ଜନନେତା ବିଜୁ ପଟ୍ଟନାୟକଙ୍କ ସମେତ ଆହୁରି ଅନେକ ନେତୃବୃନ୍ଦ ଅନ୍ୟତମ । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଯେଉଁମାନଙ୍କ ସଂଗ୍ରାମ, ସାଧନା ଓ ସିଦ୍ଧିର ଫଳଶ୍ରୁତି, ସେହି ବନ୍ଦନୀୟ ବରପୁତ୍ରଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ସ୍ୱତନ୍ତ୍ର ଓଡିଶା ଗଠନ ପରେ ରାଜ୍ୟ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି । ବିକାଶର ମାନଚିତ୍ରରେ ଆହୁରି ଅନେକ ପଥ ଅତିକ୍ରମ କରିବାକୁ ଅଛି । ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ଓଡିଶାର ସମ୍ବଳ, ସାମର୍ଥ୍ୟ ଓ ସମ୍ଭାବନାର ସଫଳ ଉପଯୋଗ କରି ଓଡିଶାକୁ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବାକୁ ଉଦ୍ୟମ ଜାରି ରହିଛି ।

ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ପ୍ରାୟ ଅଶୀ ବର୍ଷ ପରେ ଅଧୁନା ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ କରି ପ୍ରମାଣ କରିଦେଇଛି ଯେ, ଏହାର ଉଦ୍‌ଭବ ଓ ପ୍ରଚଳନ ସର୍ବପ୍ରାଚୀନ । ଜାତୀୟ ଚେତନାରେ ଉଦ୍‌ବୁଦ୍ଧ ହୋଇ ଓଡିଆ ଜାତି ଓଡିଆ ଭାଷାକୁ ନିଜ ହୃଦୟରେ ସ୍ଥାନ ଦେଲେ, ସମୃଦ୍ଧ ଓଡିଶା ଗଠନର ସ୍ୱପ୍ନ ଦେଖିଥିବା ଓଡିଶା ବିଦ୍ଧାଣୀଙ୍କ ପରଲୋକଗତ ଆତ୍ମା ଶାନ୍ତି ପାଇବ ଏବଂ ଏହା ହେବ ଏକ କୃତଜ୍ଞ ଜାତିର ପ୍ରତିଦାନ ।

**ବନ୍ଦେ ଉତ୍କଳ ଜନନୀ ।**

ଲେନିନ୍ ମହାନ୍ତି

ସମ୍ପାଦକ

**ମୋ' ଓଡ଼ିଆ ଭାଷା – ମୋ' ଓଡ଼ିଶା**

# ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଇତିହାସ

**ବିକ୍ରମ ମହାରଣା**

ଜାତିଟିଏ ଗଢିବାରେ ଭାଷା ହୋଇଥାଏ ମୁଖ୍ୟ କାରଣ । ଭାଷାଭିତ୍ତିରେହିଁ ଜାତିର ପରିଚୟ । ସର୍ବୋପରି ଭାଷାର ଆକର୍ଷଣ ଧର୍ମ ଓ ସମ୍ପ୍ରଦାୟ ଊର୍ଦ୍ଧ୍ୱରେ । 'ଓଡିଆ' ଭାଷାଭାଷୀ ବ୍ୟାପ୍ତ ଓଡିଶାର ଭୌଗଳିକ ସୀମା ଏକଦା ପୂର୍ବରେ ମହୋଦଧିଠାରୁ ପଶ୍ଚିମରେ ଅମରକଣ୍ଟକ ଓ ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ମାତ୍ର ୧୫୬୮ ଖ୍ରୀଷ୍ଟାବ୍ଦରୁ ଏହି ବିଶାଳ ଓଡିଶା ପାଇଁ ଆରମ୍ଭ ହୋଇଥିଲା ଦୁର୍ଦ୍ଦିନ । ଓଡିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବଙ୍କ ପରାଜୟ ଓ ନିଧନ ପରେ କ୍ରମାନ୍ୱୟରେ ଆଫ୍‌ଗାନ୍, ମୋଗଲ ଓ ମରହଟ୍ଟା ଶାସନାଧୀନ ହୋଇ ଏହା ନିଜର ଅସ୍ତିତ୍ୱ ହରାଇବାକୁ ଲାଗିଲା । ୧୮୦୩ ଖ୍ରୀଷ୍ଟାବ୍ଦରେ ଏହାକୁ ଇଂରେଜମାନେ ଅଧିକାର କଲେ । ଦୁର୍ଦ୍ଧର୍ଷ ଓଡିଆ ଜାତିକୁ ବିଭାଜିତ କରି ରଖିବା ଲକ୍ଷ୍ୟରେ ତଥା ନିଜର ରାଜନୈତିକ ଉଦ୍ଦେଶ୍ୟ ସାକାର ନିମନ୍ତେ ଓଡିଶାର ଦକ୍ଷିଣାଞ୍ଚଳକୁ ମାନ୍ଦ୍ରାଜ ପ୍ରଦେଶର, ପଶ୍ଚିମାଞ୍ଚଳକୁ ମଧ୍ୟପ୍ରଦେଶ ଓ ଉତ୍ତରାଞ୍ଚଳକୁ ବଙ୍ଗପ୍ରଦେଶର ଶାସନାଧୀନ ରଖିଲେ । ଉକ୍ତ ଅଞ୍ଚଳର ଭାଷା ମଧ୍ୟ ଶିକ୍ଷାନୁଷ୍ଠାନଗୁଡିକରେ ପ୍ରଚଳନ କରି ଓଡିଆ ଭାଷା ଓ ସଂସ୍କୃତିକୁ ବିସ୍ମୃତିର ଅଥଳ ଗର୍ଭକୁ ଠେଲି ଦେଲେ । ଉପଯୁକ୍ତ ନେତୃତ୍ୱ ଅଭାବରୁ ଓଡିଶାର ଲୋକେ ଏହାକୁ ସହ୍ୟ କରିବା ବ୍ୟତୀତ ଅନ୍ୟ କୌଣସି ପନ୍ଥା ନଥିଲା ।

ଏପରି ଦୟନୀୟତା ମଧ୍ୟରେ ୧୮୬୬ ମସିହାରେ ଓଡିଶାରେ ଏକ ନାହିଁ ନଥିବା ଦୁର୍ଭିକ୍ଷ ପଡିଲା । ତାହା ନଅଙ୍କ ଦୁର୍ଭିକ୍ଷ ନାମରେ କୁଖ୍ୟାତ ଥିଲା । ଏକପକ୍ଷରେ ଏହି ଦୁର୍ଭିକ୍ଷ ଓଡିଶାବାସୀଙ୍କ ପାଇଁ ଦାରୁଣ ବିପର୍ଯ୍ୟୟ ଆଣିଥିଲା ବେଳେ ଅପରପକ୍ଷେ ଓଡିଶା ପାଇଁ ଏକ ଉଜ୍ଜ୍ୱଳ ରାଜନୈତିକ ଭବିଷ୍ୟତର ସମ୍ଭାବନା ସୃଷ୍ଟି କରିଥିଲା । ଉକ୍ତ ନଅଙ୍କ ଦୁର୍ଭିକ୍ଷ ପାଇଁ ବଙ୍ଗଳା ସରକାରଙ୍କ ଅପାରଗତା ପରୋକ୍ଷ ଭାବେ ଦାୟୀ ବୋଲି ବ୍ରିଟିଶ୍ ପାର୍ଲିଆମେଣ୍ଟରେ ଆଲୋଡନ ସୃଷ୍ଟି ହୋଇଥିଲା । ଏଥିକୁ ବିଚାର କରି ତତ୍କାଳୀନ ସେକ୍ରେଟାରୀ ଅଫ୍ ଷ୍ଟେଟ୍‌ସ୍ ଷ୍ଟାଫୋର୍ଡ ନର୍ଥକୋଟ୍ ପ୍ରଥମ ଥର ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଦେବାକୁ ପ୍ରସ୍ତାବ ଦେଇଥିଲେ, ଯାହା ପରବର୍ତ୍ତୀ ପର୍ଯ୍ୟାୟରେ କିନ୍ତୁ ସଫଳ ହୋଇନଥିଲା ।

ନଅଙ୍କ ଦୁର୍ଭିକ୍ଷ ପରେ ଇଂରେଜମାନେ ଓଡିଶାର ପ୍ରଗତିରେ ଅଧିକ ଯତ୍ନବାନ ହେଲେ । ଅନେକ ସ୍ଥାନରେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରାଗଲା । ତେବେ ଓଡିଆ ଭାଷା ଓ ସଂସ୍କୃତିର ପ୍ରସାର କ୍ଷେତ୍ରରେ କେତେକ ବଙ୍ଗାଳୀ ପ୍ରତିବନ୍ଧକ ସୃଷ୍ଟି କଲେ । ଓଡିଶାରେ ସରକାରୀ ଚାକିରି କ୍ଷେତ୍ରରେ ବଙ୍ଗାଳୀମାନଙ୍କ ପ୍ରାଦୁର୍ଭାବ ତଥା ଓଡିଆ ଭାଷାର ବିଲୋପରେ ସେମାନଙ୍କ ଅହରହ ଉଦ୍ୟମ ଓଡିଶାବାସୀଙ୍କୁ ଆଉ ଅଧିକ ଦିନ ନିରବଦ୍ରଷ୍ଟା ହୋଇ ରହିବାକୁ ଦେଇନଥିଲା । ଓଡିଆମାନଙ୍କ ମଧ୍ୟରେ ଏକ ନୂତନ ରାଜନୈତିକ ଚେତନାର ଅଭ୍ୟୁଦୟ ହେଲା । ଓଡିଆ ଜାତିର ଦାବିଗୁଡିକୁ ବ୍ରିଟିଶ୍ ସରକାରଙ୍କ ନିକଟରେ ଉପସ୍ଥାପିତ କରିବା ପାଇଁ କଟକରେ 'ଉତ୍କଳ ସଭା' ଓ ବାଲେଶ୍ୱରରେ 'ନେସ୍‌ନାଲ୍ ଆସୋସିଏସନ୍' ନାମକ ଦୁଇଟି ସଂଗଠନ ହେଲା । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ କରିବା ଥିଲା ଏହି ସଂଗଠନର ମୂଳ ଲକ୍ଷ୍ୟ ।

ଏହି ସମୟରେ ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡିଶା ଗଠନ ନିମନ୍ତେ ଅନେକ ସମ୍ଭ୍ରାନ୍ତ, ଶିକ୍ଷିତ ତଥା ପ୍ରଭାବଶାଳୀ ବ୍ୟକ୍ତି ଆଗଭର ହେଲେ । ବାଲେଶ୍ୱରର ପ୍ରଖ୍ୟାତ ଜମିଦାର ବୈକୁଣ୍ଠନାଥ ଦେ ଓ କଟକର ବିଚିତ୍ରାନନ୍ଦ ଦାସ ମିଳିତ ଭାବେ ସରକାରଙ୍କୁ ସ୍ୱତନ୍ତ୍ର ଓଡିଶା ଗଠନ ପାଇଁ ଏକ ଦାବୀପତ୍ର ପଠାଇଥିଲେ । ଓଡ଼ିଆର ମୁଖପତ୍ର ଭାବେ ପ୍ରଥମଥର ପାଇଁ 'ଉତ୍କଳ ଦର୍ପଣ' ନାମକ ଓଡ଼ିଆ

ମାସିକ ପତ୍ରିକା ବାଲେଶ୍ୱରରୁ ଆତ୍ମପ୍ରକାଶ କଲା । ପରେ ପରେ ମଧୁସୂଦନ ଦାସ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଏକ ନୂତନ ଜାଗରଣ ସୃଷ୍ଟି କରି ସେ ସ୍ୱଳ୍ପ ସମୟରେ ନିଜକୁ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତା ରୂପେ ପ୍ରତିପାଦିତ କରିପାରିଥିଲେ । 'ଉତ୍କଳ ଦୀପିକା' ପତ୍ରିକା ମାଧ୍ୟମରେ ସେ ଓଡ଼ିଆ ଭାଷା ଓ ଜାତିର ସମସ୍ୟା ସମ୍ପର୍କରେ ଜନମତ ସୃଷ୍ଟି କଲେ । ତାଙ୍କ ନେତୃତ୍ୱରେ ପ୍ରଥମେ 'ଓଡ଼ିଆ ଗ୍ରାଜୁଏଟ୍ ଆସୋସିଏସନ୍' ପ୍ରତିଷ୍ଠା ହୋଇଥିଲା । ଓଡ଼ିଆଭାଷା ଓ ସଂସ୍କୃତି ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ବ୍ୟକ୍ତିମାନଙ୍କୁ ଦମନ କରିବା ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଆବଶ୍ୟକୀୟ ଜନ ସଚେତନତା ସୃଷ୍ଟି କରିବା ଦିଗରେ ଅନ୍ୟ ଜଣେ ବରେଣ୍ୟ ବ୍ୟକ୍ତି ଥିଲେ ପାରଳାଖେମୁଣ୍ଡି ରାଜ ପରିବାରର ପଦ୍ମନାଭ ନାରାୟଣ ଦେବ । ସେ ପାରଳାଖେମୁଣ୍ଡିଠାରେ 'ଉତ୍କଳ ହିତୈଷିଣୀ ସମାଜ' ନାମକ ଏକ ସଂଗଠନ ପ୍ରତିଷ୍ଠା କରିଥିଲେ । ଗଞ୍ଜାମକୁ ଓଡ଼ିଶା ସହ ମିଶ୍ରଣ କରିବା ଥିଲା ଏହାର ଲକ୍ଷ୍ୟ । ଭାଷାର ଆକର୍ଷଣରେ ବିମୋହିତ ହୋଇ ୧୯୦୧ ମସିହାରେ ସମ୍ବଲପୁରର ଅଧିବାସୀ ସମ୍ବଲପୁରକୁ ଓଡ଼ିଶାରେ ମିଶାଇବା ପାଇଁ ତତ୍କାଳୀନ ସେଣ୍ଟ୍ରାଲ୍ ପ୍ରୋଭିନ୍ସର ମୁଖ୍ୟ କମିଶନରଙ୍କୁ ଏକ ଦାବୀପତ୍ର ଦେଇଥିଲେ । ତା' ପରବର୍ଷ ମଧ୍ୟ ଗଂଜାମର ଅଧିବାସୀ ଓଡ଼ିଶା ସହ ସେମାନଙ୍କୁ ମିଶାଇବା ପାଇଁ ତତ୍କାଳୀନ ଭାଇସ୍‌ରାୟ ଲର୍ଡ କର୍ଜନଙ୍କୁ ମିଳିତ ନିବେଦନ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଏନ୍ତୁଡ଼ିଶାଳ କଥିତ ରମ୍ଭା ରାଜପ୍ରାସାଦରେ ଅନୁଷ୍ଠିତ ଏକ ସଭାରେ ଖଲ୍ଲିକୋଟ୍‌ର ରାଜା ହରିହର ମର୍ଦ୍ଦରାଜ ଦେବଙ୍କ ସମେତ ମଧୁସୂଦନ ଦାସ, ରାଧାନାଥ ରାୟ, ଫକୀର ମୋହନ ସେନାପତି, ମୟୂରଭଂଜର ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ, ପରଶୁରାମ ମହାପାତ୍ର, ଗଦାଧର ବିଦ୍ୟାଭୂଷଣ, ସଦାଶିବ ବିଦ୍ୟାଭୂଷଣ, ବଳରାମ ମହାରଣା ପ୍ରମୁଖ ଯୋଗ ଦେଇ ଓଡ଼ିଶାର ଏକତ୍ରୀକରଣ ନିମନ୍ତେ ସଂକଳ୍ପ ନେଇଥିଲେ । ଲର୍ଡ କର୍ଜନ ମଧ୍ୟ ଉପରୋକ୍ତ ଆବେଦନର ଗୁରୁତ୍ୱ ଉପଲବ୍ଧି କରି ଓଡ଼ିଆ ଭାଷା କହୁଥିବା ଅଧିବାସୀଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାର ପ୍ରସ୍ତାବ ଦେଇଥିଲେ । ମାତ୍ର ମାନ୍ଦ୍ରାସ ସରକାର ଗଞ୍ଜାମ ମିଶ୍ରଣ ପାଇଁ ଘୋର ବିରୋଧ କରିଥିଲେ । ସେଥିପାଇଁ ବଙ୍ଗ ବିଭାଜନ ସମୟରେ ସମ୍ବଲପୁରର କିୟଦଂଶ ଓଡ଼ିଶାରେ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ଗଞ୍ଜାମ ମାନ୍ଦ୍ରାସ ପ୍ରେସିଡେନ୍ସିର ଶାସନାଧୀନ ହୋଇ ରହିଥିଲା ।

ଏହା ମଧ୍ୟରେ ମଧୁସୂଦନ ଦାସ ଓ ତାଙ୍କର ସହକର୍ମୀମାନେ ଓଡ଼ିଶାର ଏକତ୍ରୀକରଣ ଲକ୍ଷ୍ୟ ନେଇ ୧୯୦୩ ମସିହାରେ 'ଉତ୍କଳ ସମ୍ମିଳନୀ' ନାମକ ଏକ ସଂଗଠନ କରିଥିଲେ। ଉକ୍ତ ସମ୍ମିଳନୀ ଆନୁକୂଲ୍ୟରେ ଗୀତ, ସଙ୍ଗୀତ, ଦେଶ ବନ୍ଦନା ଓ ସ୍ଲୋଗାନ୍ ରଚନା ସହ ଅଗଣିତ ଓଡ଼ିଆଙ୍କୁ ଜାତୀୟତାରେ ଉଦ୍‌ବୁଦ୍ଧ କରାଗଲା । ଓଡ଼ିଆ କବି, ଲେଖକ, ସାହିତ୍ୟିକ ସେମାନଙ୍କ ବଳିଷ୍ଠ ଲେଖନୀ ମୁନରେ ଓଡ଼ିଆ ଜାତିର ସମୃଦ୍ଧିରେ ଲାଗିପଡ଼ିଲେ । 'ଉତ୍କଳ ସାହିତ୍ୟ ସମାଜ' ନିୟମିତ ଆଲୋଚନାଚକ୍ର ଆୟୋଜନ କରି ଜାତୀୟ ଚେତନା ଜାଗରଣରେ ବ୍ରତୀ ହେଲା । କ୍ରମେ ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଦୁର୍ବାର ଆକର୍ଷଣ ସହ ଜନ ଜାଗରଣ ତୀବ୍ର ହେଲା । ଫଳରେ ୧୯୧୧ ମସିହା ଜାନୁଆରୀ ମାସରେ ଖଲ୍ଲିକୋଟ୍‌ଠାରେ ଓଡ଼ିଶା ସହିତ ଗଞ୍ଜାମର ମିଶ୍ରଣ ପାଇଁ ଏକ ଜନଆନ୍ଦୋଳନ ସୂତ୍ରପାତ ହୋଇଥିଲା । ସେହିପରି ୧୯୧୨ ମସିହା ଜାନୁଆରୀ ମାସରେ ବାଲେଶ୍ୱରଠାରେ ମଧ୍ୟ 'ଜାତୀୟ ସମ୍ମିଳନୀ' ଜରିଆରେ ଓଡ଼ିଶା ପ୍ରଦେଶ ଗଠନ ପାଇଁ ଦାବୀ ଜୋର୍ ଧରିଲା । କିନ୍ତୁ ଦୁଃଖର ବିଷୟ, ଏହି ଦାବୀକୁ ଇଂରେଜ ସରକାର ପ୍ରତ୍ୟାଖ୍ୟାନ କରି ୧୯୧୨ ମସିହା ଅଗଷ୍ଟ ୧ ତାରିଖ ଦିନ 'ବିହାର ଓ ଓଡ଼ିଶା' ନାମରେ ଏକ ନୂତନ ପ୍ରଦେଶ ଗଠନ ସହ ଓଡ଼ିଶାକୁ ବିହାର ସରକାରଙ୍କ ଶାସନାଧୀନ ରଖିଲେ ।

ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଯେଉଁ ଆନ୍ଦୋଳନ ଚାଲିଥିଲା, ପାରଳାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଥିଲେ ତା'ର ଅନ୍ୟତମ ପୁରୋଧା । ସେ ୧୯୧୪ ମସିହା ଡିସେମ୍ବର ମାସରେ ପାରଳାଖେମୁଣ୍ଡିଠାରେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ଆୟୋଜନ କରିଥିଲେ। ଏଥିରେ ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସ, ବିଶ୍ୱନାଥ କର, ଗୋଦାବରୀଶ ମିଶ୍ର, ଶଶିଭୂଷଣ ରାୟ ଓ ଜଗବନ୍ଧୁ ସିଂହ ଆଦି ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ଏହାର କିଛି ବର୍ଷ ପରେ ୧୯୧୭ ମସିହାରେ ମଣ୍ଟେଗୁ-ଚେମସ୍‌ଫୋର୍ଡ କମିଶନ ବସି 'ପ୍ରାଦେଶିକ ସ୍ୱାତନ୍ତ୍ର୍ୟ' ସପକ୍ଷରେ ପ୍ରସ୍ତାବ ଦେବା ଫଳରେ ଜନଉତ୍ସାହ ବହୁଗୁଣିତ ହୋଇଥିଲା । ଉତ୍କଳ ସମ୍ମିଳନୀର ପ୍ରବଳ ଚାପ ସ୍ୱରୂପ ବିଚ୍ଛିନ୍ନାଞ୍ଚଳରେ ବାସ କରୁଥିବା ଓଡ଼ିଆମାନଙ୍କର ଜନମତ ଜାଣିବା ପାଇଁ ୧୯୨୪ ମସିହାରେ ଇଂରେଜ ସରକାର ଫିଲିପ୍-ଡଫ୍ କମିଟି ବସାଇଲେ । ୧୯୨୮ ମସିହାରେ କଂଗ୍ରେସ ଓ ଅନ୍ୟାନ୍ୟ ରାଜନୈତିକ ଦଳ ସାଇମନ୍ କମିଶନକୁ ବିରୋଧ କରିଥିବା ସ୍ଥଳେ କୃଷ୍ଣଚନ୍ଦ୍ର ଗଜପତି ଏହି କମିଶନ ଆଗରେ ସ୍ୱତନ୍ତ୍ର ଓଡ଼ିଶା ଗଠନ ଦାବୀ ଦୋହରାଇଥିଲେ ଓ ତାଙ୍କୁ ସହଯୋଗ ନିମନ୍ତେ

ଓଡିଶାବାସୀଙ୍କୁ ଆହ୍ୱାନ ଦେଇଥିଲେ । ଏହି ଆହ୍ୱାନରେ ଉଦ୍‌ବୁଦ୍ଧ ହୋଇ ଓଡିଶାର ବହୁ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ କମିଶନଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । ୧୯୩୦ ମସିହାରେ ଇଂଲଣ୍ଡରେ ଅନୁଷ୍ଠିତ ପ୍ରଥମ ଗୋଲ୍‌ଟେବୁଲ୍ ବୈଠକରେ କଂଗ୍ରେସ ଯୋଗ ଦେଇନଥିଲେ ମଧ୍ୟ ଗଜପତି କୃଷ୍ଣଚନ୍ଦ୍ର ଏଥିରେ ଯୋଗଦାନ ପୂର୍ବକ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ସପକ୍ଷରେ ଅକାଟ୍ୟ ଯୁକ୍ତି ଉପସ୍ଥାପନ କରିଥିଲେ । ସେ ଇଂଲଣ୍ଡର ଭାରତ ସଚିବ ସାର୍ ସାମୁଏଲ୍ ହୋର୍ ଓ ଗୋଲଟେବୁଲ୍‌ର ଅନ୍ୟାନ୍ୟ ସଦସ୍ୟଙ୍କୁ ବ୍ୟକ୍ତିଗତଭାବେ ସାକ୍ଷାତ କରି ଓଡିଆମାନଙ୍କର ସମସ୍ୟା ଜଣାଇଥିଲେ । ଏହାର ଫଳସ୍ୱରୂପ ଇଂରେଜ ସରକାର ପ୍ରସ୍ତାବିତ ଓଡିଶା ପ୍ରଦେଶର ସୀମା ନିର୍ଦ୍ଧାରଣ ନିମନ୍ତେ ଓ'ଡନେଲ୍ କମିଟି ଗଠନ କରିଥିଲେ। ଏହାଦ୍ୱାରା ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପ୍ରକ୍ରିୟା ତ୍ୱରାନ୍ୱିତ ହେଲା ।

୧୯୩୨ ମସିହାରେ ଅନୁଷ୍ଠିତ ଗୋଲଟେବୁଲ୍ ବୈଠକରେ ଯଦିଓ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେବ ବୋଲି ଘୋଷଣା ହେଲା ତଥାପି ପାରଳାଖେମୁଣ୍ଡି ଓ ଜୟପୁର ଏଥିରେ ମିଶି ପାରିବ ନାହିଁ ବୋଲି ସ୍ଥିର କରାଗଲା । ଫଳରେ ଓଡିଆମାନଙ୍କ ମନରେ ବିଷାଦ ଓ ହତାଶାର ଛାୟା ଖେଳିଗଲା । କୃଷ୍ଣଚନ୍ଦ୍ର ଗଜପତିଙ୍କ ଅଧ୍ୟକ୍ଷତାରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ୨୩ତମ ଅଧିବେଶନରେ ପାରଳା ଓ ଜୟପୁରକୁ ଓଡିଶା ସହ ମିଶାଇବା ପାଇଁ ସମସ୍ତ ଚେଷ୍ଟା ଅବ୍ୟାହତ ରହିବ ବୋଲି ଘୋଷଣା କରାଗଲା । ଏଥିପାଇଁ ୩୦ ଜଣ ପାର୍ଲିଆମେଣ୍ଟ ସଦସ୍ୟଙ୍କୁ ନେଇ ଏକ ଜଏଣ୍ଟ୍ କମିଟି ଗଠନ କରାଗଲା । ଏହି କମିଟିକୁ ତଥ୍ୟ ସଂଗ୍ରହରେ ସାହାଯ୍ୟ ପାଇଁ ଏକ ସବ୍ କମିଟି ମଧ୍ୟ ଗଠିତ ହେଲା । କମିଟି ଆଗରେ ସାକ୍ଷ୍ୟ ଦେବା ପାଇଁ ଓଡିଶାରୁ ଏକ ପ୍ରତିନିଧି ଦଳ ଇଂଲଣ୍ଡ ଯାତ୍ରା କଲେ । ସେମାନେ ୧୯୩୩ ମସିହାରେ ଭାରତ ସଚିବଙ୍କୁ ସାକ୍ଷାତ କରି ଓଡିଆମାନଙ୍କ ଦାବୀ ଉପସ୍ଥାପନ କଲେ । ସେହି ପ୍ରତିନିଧି ଦଳରେ ଯାଇଥିବା କୃଷ୍ଣଚନ୍ଦ୍ର ଗଜପତି ସେତେବେଳେ କ୍ଲେମେଣ୍ଟ୍ ଅଟ୍‌ଲୀ, ମହମ୍ମଦ୍ ଅଲ୍ଲୀ ଜିନ୍ନା, ଜଏଣ୍ଟ କମିଟିର ଅଧ୍ୟକ୍ଷ ଲର୍ଡ ଲିନଲିଥ୍‌ଗୋଙ୍କୁ ସାକ୍ଷାତ କରି ଉକ୍ତ ବିଷୟରେ ପ୍ରଭାବିତ କରିଥିଲେ । ଏପରିକି ସେ ଇଂଲଣ୍ଡର ତତ୍କାଳୀନ ରାଜା ପଞ୍ଚମ ଜର୍ଜଙ୍କୁ ସାକ୍ଷାତ କରି ଏ ବିଷୟ ଉତ୍‌ଥାପନ କରିଥିଲେ । ତାଙ୍କର ଦୃଢ ପ୍ରଚେଷ୍ଟା ଯୋଗୁଁ ଶେଷରେ ଜଏଣ୍ଟ୍ କମିଟି ପାରଳାଖେମୁଣ୍ଡି ଓ ଜୟପୁରକୁ ପ୍ରସ୍ତାବିତ ଓଡିଶାରେ ମିଶାଇବାକୁ ସମ୍ମତ ହେଲା । ପାରଳାଖେମୁଣ୍ଡି ମହାରାଜାଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ସିଂହଭୂମ ଓ ମେଦିନାପୁର ଓଡିଶାରୁ ଚିରଦିନ ପାଇଁ ବିଚ୍ଛିନ୍ନ ହୋଇଗଲା । ଏହା ସହ ଚାଇଁବସା, ଛୋଟନାଗପୁର, ଚକ୍ରଧରପୁର, ପଶ୍ଚିମରେ ଥିବା ବସ୍ତର, ରାୟପୁର ଏବଂ ଦକ୍ଷିଣରେ ଥିବା ମଞ୍ଜୁଷା, ଟିକାଲି, ଜଳନ୍ତର ପ୍ରଭୃତି ଓଡିଶା ସହ ମିଶିପାରି ନଥିଲା । ଅବସ୍ଥା ଚକ୍ରରେ ଷଢେଇକଳା ଓ ଖରସୁଆଁ ମଧ୍ୟ ଓଡିଶାରୁ ବିଚ୍ଛିନ୍ନ ହୋଇଗଲା । ୧୯୩୩ ମସିହା ମାର୍ଚ୍ଚ ୧୮ ତାରିଖ ଦିନ ସରକାରଙ୍କ ପକ୍ଷରୁ ଏକ ଶ୍ୱେତପତ୍ର ଦିଲ୍ଲୀରେ ପ୍ରକାଶିତ ହେଲା । ଏହି ଶ୍ୱେତପତ୍ରରେ ଓ'ଡ଼ନେଲ୍ କମିଟିର ରିପୋର୍ଟ ଅନୁସାରେ ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ ଜୟପୁରକୁ ମିଶାଇ ଓଡିଶା ପ୍ରଦେଶ ଗଠନ କରିବାକୁ ଇଂରେଜ ସରକାର ସ୍ଥିର କଲେ । ତଦନୁଯାୟୀ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ୧୯୩୬ ମସିହା ଏପ୍ରିଲ୍ ୧ ତାରିଖ ଦିନ ଜନ୍ମ ନେଲା ଓ ଓଡିଶାବାସୀଙ୍କ ବହୁ ଦିନର ସ୍ୱପ୍ନ ସାର୍ଥକ ହୋଇଥିଲା ।

ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡିଶା ଗଠନର ପ୍ରାୟ ଅଶୀ ବର୍ଷ ପରେ ଅଧୁନା ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ କରି ପ୍ରମାଣ କରିଦେଇଛି ଯେ, ଏହାର ଉଦ୍‌ଭବ ଓ ପ୍ରଚଳନ ସର୍ବପ୍ରାଚୀନ । ଜାତୀୟ ଚେତନାରେ ଉଦ୍‌ବୁଦ୍ଧ ହୋଇ ଓଡିଆ ଜାତି ଓଡିଆ ଭାଷାକୁ ନିଜ ହୃଦୟରେ ସ୍ଥାନ ଦେଲେ, ସମୃଦ୍ଧ ଓଡିଶା ଗଠନର ସ୍ୱପ୍ନ ଦେଖିଥିବା ଓଡିଶା ବିନ୍ଧାଣୀଙ୍କ ପରଲୋକଗତ ଆତ୍ମା ଶାନ୍ତି ପାଇବ ଏବଂ ଏହା ହେବ ଏକ କୃତଜ୍ଞ ଜାତିର ପ୍ରତିଦାନ । ଏପରି ଆଦର୍ଶ ସ୍ଥାପନ ଦ୍ୱାରା ଆଗାମୀ ପିଢି ହେବ ଅନୁପ୍ରେରିତ । ମହାଭାରତୀୟ ଚେତନାରେ 'ବସୁଧୈବ କୁଟୁମ୍ବକମ୍' ମନ୍ତ୍ର ଜପି ନିଜର ବଳିଷ୍ଠ ଭୂମିକା ତୁଲାଇ ପାରିବ ।

ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଭୁବନେଶ୍ୱର

❖ ❖ ❖

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏକ ସିଂହାବଲୋକନ

**ଡକ୍ଟର ସିଦ୍ଧାର୍ଥ କାନୁନ୍‌ଗୋ**

୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଆତ୍ମ ପ୍ରକାଶ କଲା । ଉତ୍କଳ ଦିବସ ନାମରେ ପରିଚିତ ଏପ୍ରିଲ ପହିଲା ହେଉଛି ଓଡ଼ିଆ ଜାତୀୟ ଜୀବନର ଅନେକ ସ୍ମୃତିକୁ ବହନ କରିଥିବା ଏକ ଐତିହାସିକ ଦିନ ।

ବର୍ତ୍ତମାନ ୩୦ଟି ଜିଲ୍ଲାକୁ ନେଇ ଓଡ଼ିଶାର କ୍ଷେତ୍ରଫଳ ୧,୫୫,୭୦୭ ବର୍ଗ କିଲୋମିଟର । ଏହା ସତ୍ତ୍ୱେ ଆଜି ମଧ୍ୟ ବହୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଯଥା ମେଦିନ ପୁର, କଣ୍ଟାଇ, ଦାନ୍ତୁନ୍, ସିଂହଭୂମି, ବୀରଭୂମି, ରାଞ୍ଚି, ଷଢ଼େଇକଳା ଓ ଖରସୁଆଁ ଆଦି ବହୁ ନିରୋଳା ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବିଚ୍ଛିନ୍ନାଞ୍ଚଳ ହୋଇ ରହିଯାଇଛି । ଏବେ ମଧ୍ୟ ସେସବୁ ଅଞ୍ଚଳରେ ପ୍ରାୟ ୭୦ଲକ୍ଷ ଲୋକ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବେ ସମୟ ଅତିବାହିତ କରୁଥିଲେ ମଧ୍ୟ ଓଡ଼ିଆ ଭାଷା ଓ ସଂସ୍କୃତିକୁ ବଞ୍ଚାଇ ରଖି ଜଗନ୍ନାଥ ଦାସଙ୍କ ଭାଗବତ ପଢ଼ୁଛନ୍ତି, ରଜପର୍ବ ପାଳନ କରୁଛନ୍ତି, କୁମାରୀ ଝିଅମାନେ ଭାଇମାନଙ୍କ ମଙ୍ଗଳ କାମନା କରି ଖୁଦୁରୁକୁଣୀ ଓଷା କରୁଛନ୍ତି, ଘୋଡ଼ାନାଚ, ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟରେ ନିଜକୁ ହଜାଇ ଦେଇ ଓଡ଼ିଆ ଭାଷା ଓ ସଂସ୍କୃତିର ଚିହ୍ନକୁ ଏପର୍ଯ୍ୟନ୍ତ ମଧ୍ୟ ଅକ୍ଷୁଣ୍ଣ ରଖିଛନ୍ତି ।

ତଥାପି ଆଜି ଅତୀତ ଉତ୍କଳର ସେ ଗୌରବମୟ ଇତିହାସ କଥା ମନେପଡ଼େ । ୧୧୧୨ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଏକ ବିଶାଳ ସୁସଂଗଠିତ ହିନ୍ଦୁ ରାଜ୍ୟର ମାନ୍ୟତା ଲାଭ କରି ୧୫୬୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ନିଜର ସ୍ୱାଧୀନତା ବଜାୟ ରଖିଥିଲା । ୧୫୬୮ ଖ୍ରୀଷ୍ଟାବ୍ଦରେ ଯାଜପୁର ସନ୍ନିକଟ ଗୋହୀରା ଟିକରୀ ରଣକ୍ଷେତ୍ରରେ ଶେଷ ସ୍ୱାଧୀନ ନରପତି ମୁକୁନ୍ଦ ଦେବଙ୍କ ପରାଜୟ ଓ ନିଧନ ପରେ ବିଶାଳ ଉତ୍କଳ ସାମ୍ରାଜ୍ୟ କ୍ରମଶଃ ଖଣ୍ଡବିଖଣ୍ଡିତ ହୋଇଗଲା । ପ୍ରଥମେ ଆଫ୍‌ଗାନ୍ ଏବଂ ପରେ ପ୍ରାୟ ୧୭୫ ବର୍ଷ କାଳ ଓଡ଼ିଶା ମୋଗଲମାନଙ୍କ ଶାସନାଧୀନ ହେବା ପରେ ମରହଟ୍ଟାମାନେ ୧୭୫୧ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ଶାସନଭାର ଗ୍ରହଣ କଲେ ।

୧୮୦୩ ମସିହାରେ ବ୍ରିଟିଶମାନେ ମରହଟ୍ଟାଙ୍କଠାରୁ ଓଡ଼ିଶାର ଶାସନଭାର ଗ୍ରହଣ କଲେ । ସେମାନେ ନିଜ ସୁବିଧା ଦୃଷ୍ଟିରୁ କେବଳ କଟକ ପୁରୀ ଓ ବାଲେଶ୍ୱରକୁ ନିଜ ଶାସନାଧୀନରେ ରଖି ଦେଶୀୟ ରାଜ୍ୟମାନଙ୍କ ସହ ସ୍ୱତନ୍ତ୍ର ଚୁକ୍ତି କରିଥିଲେ । ଫଳତଃ ଓଡ଼ିଶାର ବିଭକ୍ତିକରଣ ପୂର୍ଣ୍ଣତା ଲାଭ କରିଥିଲା । ପରବର୍ତ୍ତୀ ସମୟରେ ବ୍ରିଟିଶମାନେ କଳାହାଣ୍ଡି, ପାଟଣା, ସୋନପୁର, ସମ୍ବଲପୁର ଓ ବାମଣ୍ଡା ରାଜ୍ୟ ସମୂହକୁ ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ କରିଦେଲେ ।

ଉପରୋକ୍ତ ବିଭକ୍ତିକରଣ ଦ୍ୱାରା ଓଡ଼ିଆମାନେ ସୁଦୂର କୋଲକାତା, ମାନ୍ଦ୍ରାଜ ଓ ନାଗପୁରଠାରୁ ଶାସିତ ବୃହତ୍ ପ୍ରଦେଶଗୁଡ଼ିକରେ ସଂଖ୍ୟା ନ୍ୟୁନ ହୋଇଗଲେ । ଆମେ ଭୁଲିଗଲୁ ଆମ ଦାମ୍ଭିକତା ଓ ସ୍ୱାଭିମାନ । ଆଫଗାନ, ମୁସଲମାନ, ମରହଟ୍ଟା ଓ ଇଂରେଜ ଶାସନ ସମୟରେ ଏ ଜାତି କାଉଲ ବାଉଲ ହୋଇଯାଇଛି । ଅନେକ ସ୍ୱପ୍ନ ଓ ପ୍ରତାରଣାକୁ ପାଥେୟ କରି ଆମକୁ ଦୀର୍ଘ ଦିନ ଧରି ଅପେକ୍ଷା କରିବାକୁ ପଡ଼ିଛି ।

ଓଡ଼ିଶାର ବିଭକ୍ତିକରଣ ଫଳରେ ପ୍ରାଦେଶିକ ସରକାରମାନେ ଓଡ଼ିଆ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଉଦାସୀନ ହେଲେ । ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଊନବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଚକ୍ରାନ୍ତ କରି ସମୃଦ୍ଧ ଥିବା ଓଡ଼ିଆ ଭାଷାକୁ ସରକାରୀ ଦପ୍ତର, କଚେରୀ ଓ ବିଦ୍ୟାଳୟମାନଙ୍କରୁ ବିଲୋପ କରାଗଲା । ସୁତରାଂ ଓଡ଼ିଆ ଭାଷାଭଷୀ ଅଞ୍ଚଳରେ ଯଥାକ୍ରମେ ହିନ୍ଦୀ, ତେଲ୍‌ଗୁ ଓ ବଙ୍ଗଳା ଭାଷାର ପ୍ରଚଳନ ହେଲା । ପ୍ରଥମେ ମେଦିନପୁର ଓ ବାଙ୍କୁଡ଼ା ଅଞ୍ଚଳରୁ ୧୮୫୦ ମସିହାରୁ ୧୮୭୦ ମସିହା ମଧ୍ୟରେ

ପ୍ରାୟ ୨୦ ବର୍ଷ ଭିତରେ ଓଡ଼ିଆ ଭାଷାକୁ ସମ୍ପୂର୍ଣ୍ଣ ରୂପେ ବିଲୋପ କରିଦିଆଗଲା । ଏଥିରେ କୃତକାର୍ଯ୍ୟ ହେବାରୁ ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଆ ଭାଷାକୁ ବିଲୋପ କରିବା ନିମନ୍ତେ ବିଧିବଦ୍ଧ ଉଦ୍ୟମ ହେଲା । ଏ ଦିଗରେ ସର୍ବପ୍ରଥମେ ନେତୃତ୍ୱ ନେଲେ ରାଜେନ୍ଦ୍ରଲାଲ ମିତ୍ର । ନିଆଁରେ ଘିଅ ଢାଳିଲା ଭଳି ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ କାନ୍ତି ଚନ୍ଦ୍ର ଭଟ୍ଟାଚାର୍ଯ୍ୟ । ସେ କହିଲେ, ''ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ'' । ଫକୀର ମୋହନ ସେନାପତି, ରାଧାନାଥ ରାୟ, ଗୌରୀଶଙ୍କର ରାୟ ପ୍ରଭୃତି ଓଡ଼ିଆ ଭାଷାର ପ୍ରାଚୀନତା ଓ ସ୍ୱତନ୍ତ୍ରତାର ପ୍ରମାଣ ଦେବା ପାଇଁ ପୁରୁଣା ତାଳପତ୍ର ପୋଥି ଉପସ୍ଥାପନ କଲେ । ଠିକ୍ ଏହି ସମୟରେ ବାଲେଶ୍ୱରର କଲେକ୍ଟର ତଥା ଭାଷାତତ୍ତ୍ୱବିଦ୍ ସାର୍ ଜନ୍ ବିମ୍ସ ଗୁରୁଗମ୍ଭୀର କଣ୍ଠରେ ଏକଥା ଘୋଷଣା କଲେ– "Looked at from the purely linguistic side, there is no doubt that Oriya has ample proof of its individuality. xxxxx At a period, when Oriya was allready settled and fixed language, Bengali didn't exist at all. କହିବା ବାହୁଲ୍ୟ ଯେ ବିମ୍ସଙ୍କର ଏହି ମନ୍ତବ୍ୟ ଓଡ଼ିଆ ଭାଷା ବିରୋଧୀ ଆନ୍ଦୋଳନରେ ଯବନିକା ପକାଇଲା ଏବଂ ଓଡ଼ିଆ ଭାଷା ଶିକ୍ଷାୟତନ ଓ କଚେରୀରୁ ବିଲୁପ୍ତ ହେଲା ନାହିଁ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶାର ତତ୍କାଳୀନ କମିଶନର ରେଭେନ୍ସା ସାହେବଙ୍କ ସାହାଯ୍ୟ ଓ ସହାନୁଭୂତି ଯୋଗୁଁ ଓଡ଼ିଆ ଭାଷା ଓ ସାହିତ୍ୟର ନବ ଉନ୍ମେଷ ଓ ଉତ୍ତରଣ ହେଲା ବୋଲି କହିଲେ କିଛି ଭୁଲ ହେବ ନାହିଁ ।

ଓଡ଼ିଶା ଡିଭିଜନରେ ଜନ୍ ବିମ୍ସ ଓ କମିଶନର ରେଭେନ୍ସା ସାହେବଙ୍କ ପରି ମାନ୍ଦ୍ରାଜ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଟି.କେ.ମଲ୍‌ଟବି (T.K. Maltaby) ଜଣେ ଭାଷାତତ୍ତ୍ୱବିଦ୍ ଥିଲେ । ସେ ୧୮୭୩ ମସିହାରେ "A Practical Hand Book of the Oriya Language" ନାମକ ଏକ ପୁସ୍ତକ ରଚନା କରି ସେଥିରେ ଓଡ଼ିଆ ଭାଷାର ମହତ୍ତ୍ୱ ଓ ପ୍ରାଚୀନତ୍ୱ ବିଷୟ ଅବତାରଣା କରିଥିଲେ । ସେ ମାନ୍ଦ୍ରାଜ, ବଙ୍ଗଳା, ମଧ୍ୟପ୍ରଦେଶ ଓ ଦେଶୀୟ ରାଜ୍ୟମାନଙ୍କରେ ବାସ କରୁଥିବା ପ୍ରାୟ ୯୦ ଲକ୍ଷ ଓଡ଼ିଆଙ୍କୁ ଏକ ଶାସନାଧୀନ କରିବା ପାଇଁ ବଳିଷ୍ଠ ଯୁକ୍ତି ଉପସ୍ଥାପନ କଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ବଡ଼ଲାଟ୍ ଲର୍ଡ଼ କର୍ଜନ, ଓଡ଼ିଶା କମିଶନର ମିଃ କୋକ୍, ଚିଫ୍ କମିଶନର ଏଣ୍ଡ୍ରୁ ଫ୍ରେଜର, ଭାରତ ସଚିବ ସାର୍ ଷ୍ଟାଫୋର୍ଡ଼, ନର୍ଥକୋଟ୍ ଏବଂ ଆକାଉଣ୍ଟାଣ୍ଟ ଜେନେରାଲ ମେଜର ଚେନ୍ସିଙ୍କ ଅବଦାନକୁ ମଧ୍ୟ ଭୁଲି ହେବ ନାହିଁ ।

ଭାଷା ଆନ୍ଦୋଳନରୁ ଓଡ଼ିଆ ଜାତୀୟତାର ଜନ୍ମ । ଏହିଠାରୁ ହିଁ ଜନ୍ମ ହେଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ବିଧିବଦ୍ଧ ଉଦ୍ୟମ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସବୁଶ୍ରେଣୀର ବ୍ୟକ୍ତି ଏବଂ ବିଭିନ୍ନ ପ୍ରଦେଶରେ ଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଲୋକମାନଙ୍କ ଦୀର୍ଘ ଦିନର ତପସ୍ୟା ଓ ସଂଗ୍ରାମର ଫଳ । ଏଥିରେ ବିଦ୍ୟମାନ ବିଭିନ୍ନ ସଂଗଠନ, ପତ୍ରପତ୍ରିକା, ବୁଦ୍ଧିଜୀବୀ, ସାହିତ୍ୟ ସାଧକ, ଜନନେତା, ରାଜା ଓ ଜମିଦାରଙ୍କଠାରୁ ଆରମ୍ଭ କରି ସାଧାରଣ ପ୍ରଜା ଓ ଉତ୍କଳ ହିତୈଷୀ, ଇଂରେଜ ପ୍ରଶାସକ ଏବଂ ବିଭିନ୍ନ ଅଣଓଡ଼ିଆ ବ୍ୟକ୍ତିବିଶେଷଙ୍କ ମହତ୍ତ୍ୱପୂର୍ଣ୍ଣ ଅବଦାନ ।

ମଧୁସୂଦନ ଦାସ ଓଡ଼ିଆ ଜାତୀୟତାର ଜନକ । ସେ ମୁମୂର୍ଷୁ ଓଡ଼ିଆ ପ୍ରାଣରେ ଭରିଦେଇଗଲେ ଜାତିପ୍ରେମ ବହ୍ନି । 'ଉତ୍କଳ ସମ୍ମିଳନୀ' ନାମକ ଏକ ମଞ୍ଚରୁ ସେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ କରିବା ପାଇଁ ନେଇଥିଲେ ଆଗ୍ନେୟ ଶପଥ ଏବଂ ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ନିଜ ସାଧନାରୁ ବିରତ ନଥିଲେ ।

ଉତ୍କଳମଣି ଗୋପବନ୍ଧୁ ଥିଲେ ଓଡ଼ିଶାରେ ଜାତୀୟ କଂଗ୍ରେସର ଭଗୀରଥ । ଏହି ଜାତିକୁ ଜାତୀୟ ମହାସ୍ରୋତରେ ମିଶାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ତାଙ୍କ ଏକନିଷ୍ଠ ଉଦ୍ୟମ ପ୍ରଶଂସନୀୟ । ବିଚ୍ଛିନ୍ନାଞ୍ଚଳ ଓଡ଼ିଶାରେ ସେ ସୃଷ୍ଟି କଲେ ଜାତୀୟତାର ଉତ୍ତାଳ ତରଙ୍ଗ ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଥିଲେ ଓଡ଼ିଶା ପ୍ରଦେଶ ଗଠନର ଶେଷ ବିନ୍ଧାଣୀ । ତାଙ୍କ ଅକାଟ୍ୟ ଯୁକ୍ତି ଦ୍ୱାରା ଇଂରେଜ ସରକାର ପ୍ରଭାବିତ ହେଲେ । ଫଳତଃ ଜୟପୁରୁ ଓ ପାରଳାଖେମୁଣ୍ଡି ଜମିଦାରିର ମିଶ୍ରଣ ଓଡ଼ିଶା ସହ ସମ୍ଭବ ହେଲା ।

ଆଧୁନିକ ଓଡ଼ିଶାର ନିର୍ମାତା ହେଉଛନ୍ତି ଡଃ ହରେକୃଷ୍ଣ ମହତାବ । ତାଙ୍କ ବ୍ୟକ୍ତିଗତ ଉଦ୍ୟମ ଦ୍ୱାରା ଗଡ଼ଜାତ ରାଜ୍ୟ ସମୂହର ମିଶ୍ରଣ ଓଡ଼ିଶା ସହ ସମ୍ଭବ ହୋଇ ଆଜିର ଓଡ଼ିଶା ଏକ ସ୍ୱତନ୍ତ୍ର ରୂପରେଖ ନେଲା ।

ସେହିପରି ଅଣଓଡ଼ିଆ ବ୍ୟକ୍ତିବିଶେଷ ଯଥା: ରାଧାନାଥ ରାୟ, ଗୌରୀଶଂକର ରାୟ, ରାଜା ବୈକୁଣ୍ଠନାଥ ଦେ, ରାମଶଂକର ରାୟ, ମଧୁସୂଦନ ରାଓ ଓ ପ୍ୟାରୀମୋହନ ଆଚାର୍ଯ୍ୟ ଇତ୍ୟାଦିଙ୍କ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନେଇ ଆଭିମୁଖ୍ୟ ଓ ଭୂମିକା ମଧ୍ୟ ପ୍ରଶଂସାଯୋଗ୍ୟ । ଅନ୍ୟପକ୍ଷେ ଫକୀର ମୋହନ ସେନାପତି,

ଗଙ୍ଗାଧର ମେହେର, ବାମଣ୍ଡାର ରାଜା ସାର୍ ସୁଢ଼ଳ ଦେବ, ବାଗ୍ମୀ ବିଶ୍ୱନାଥ କର ସମ୍ବଲପୁର ଅଞ୍ଚଳର ବଳଭଦ୍ର ସୁପକାର, ମହନ୍ତ ବିହାରୀ ଦାସ, ଶ୍ରୀପତି ମିଶ୍ର, ଚନ୍ଦ୍ରଶେଖର ବେହେରା ଓ ବ୍ରଜନାଥ ପଣ୍ଡା ଏବଂ ଦକ୍ଷିଣାଞ୍ଚଳର ଶଶୀଭୂଷଣ ରଥ, ଶ୍ୟାମସୁନ୍ଦର ରାଜଗୁରୁ ଓ ନିରଂଜନ ପଟ୍ଟନାୟକ ଇତ୍ୟାଦି ବରେଣ୍ୟ ଜନନାୟକଙ୍କର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

ଆଜି ଉତ୍କଳ ଦିବସ ପାଳନ ଅବସରରେ ଏହି ଓଡ଼ିଆ ହିତୈଷୀ ବରେଣ୍ୟ ବ୍ୟକ୍ତିବିଶେଷଙ୍କୁ ଆମେ କୃତଜ୍ଞତାର ସହ ସ୍ୱୀକାର କରୁଛୁ । ଉତ୍ତର ପୁରୁଷମାନଙ୍କ ହାତରେ ସେମାନେ ଛାଡ଼ି ଦେଇଛନ୍ତି ଏକ ଐତିହ୍ୟ ସମ୍ପନ୍ନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ । ଦଳମତ ନିର୍ବିଶେଷରେ ସଂକୀର୍ଣ୍ଣ ସ୍ୱାର୍ଥକୁ ପରିହାର କରି ଏ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଐକ୍ୟବଦ୍ଧ ଉଦ୍ୟମ ହିଁ ହେବ ପୂର୍ବସୂରୀମାନଙ୍କ ପ୍ରତି ଆମର ଯଥାର୍ଥ ସମ୍ମାନ ଓ ସ୍ମୃତିଚାରଣ ।

ଯୁଗ୍ମ ଶାସନ ସଚିବ
ଅର୍ଥ ବିଭାଗ
ଭୁବନେଶ୍ୱର–୭୫୧୦୦୧

# ଭାଷା ଦିବସ ଅଭିନନ୍ଦନ

**ଦେବେନ୍ଦ୍ରନାଥ ମହାନ୍ତି**

ଜନଗଣ ମନ ବଚନ କରେ ଜୟଗାନ
ଶ୍ଳାଘ୍ୟ ଶାସ୍ତ୍ରୀୟ ଓଡ଼ିଆ ଭାଷା ଅତି ପ୍ରାଚୀନ ।
ଜାତି ପ୍ରାଣ ପ୍ରିୟ 'ଓଡ଼ିଆ' ଆର୍ଯ୍ୟାବର୍ତ୍ତ ଭାଷା
ଉଦ୍ଭିଷତ ଭୂୟଃ ଓଡ଼ିଆର ପ୍ରାନ୍ତ ଓଡ଼ିଶା ।
ପ୍ରସଙ୍ଗ ତାଳରେ ଧ୍ୱନି ମତ ଦେଲା ଉତ୍କଳ
ନୃତ୍ୟ ସଂଗୀତ କଳା ଭାସ୍କର୍ଯ୍ୟ ଖ୍ୟାତି ସକଳ ।
ଉତ୍କଳ ଦେଶ ନାମେ ଯଶ ଗୌରବ ମଣ୍ଡିତ
ଉତ୍କଳ ଜନନୀ–ଉତ୍କଳ ଭାରତୀ ବନ୍ଦିତ ।
ଢେଙ୍କାନାଳ ଅନୁଗୋଳ ହିନ୍ଦୋଳ ତାଳଚେର
ସମ୍ବଲପୁର କ୍ଷେତ୍ର ବଲାଙ୍ଗୀର ରାୟପୁର ।
ଉଡ୍ରଦେଶ ନାମିତ ଅପୂର୍ବ ଖ୍ୟାତି ଅତୀତ
କାଳଚକ୍ରେ ହତ ଇତିବୃତ୍ତେ ସନ୍ନିବେଶିତ ।
ଓଡ୍ର ପାଇକ ବିକ୍ରମେ ଯବନ ନିପାତନ
ଓଡ୍ର ଜନନାମ କ୍ରମେ ଓଡ଼ିଶା ସ୍ଥିତିବାନ ।
ବାଲେଶ୍ୱର କଟକ ପୁରୀ ଗଞ୍ଜାମ ପ୍ରସର
କଳିଙ୍ଗ ଦେଶଭୁକ୍ତ ଦିବ୍ୟତାରେ ଭରପୂର ।
ଓଡିଆ ଜାତି ବୈଶିଷ୍ଟ୍ୟ ଓଡ଼ିଶୀ ନୃତ୍ୟକଳା
ଦେବାଳୟେ ସୀମିତ ଥିଲା ହୋଇ ଦେବବାଳା ।
ଓଡ଼ିଶୀ ସଂଗୀତ ନାନା ରାଗ ରାଗିଣୀ ଯୁକ୍ତ
ନୃତ୍ୟଗୀତ କଳା ବିଶ୍ୱ ଦରବାରେ ଆଦୃତ ।
ଓଜସ ଉପାଦାନ ଓଡ଼ିଆ ଜାତିର ପ୍ରାଣ
ବିଶେଷ ଭାବରେ ହୃଦୟେ କରନ୍ତି ଧାରଣ ।
ଡିଣ୍ଡିମ ବଜାଇ ଉଦ୍‌ଘୋଷଣା କରିଯାଏ
ଇତିହାସ ସାକ୍ଷୀ ଶାସ୍ତ୍ରପୁରାଣେ ଭାଷିଥାଏ ।
ଆ–କଣ୍ଠେ ଉଚ୍ଚାରିତ ଓଡବ ରାଗିଣୀ ଭୁକ୍ତ
ଆଗୁସାର ସର୍ବକ୍ଷେତ୍ରେ ଆଚାର ନିଷ୍ଠା ସିକ୍ତ ।
ଓଡ଼ିଶା ଉତ୍କଳ ଉଡ୍ର କଳିଙ୍ଗର ଉତ୍କର୍ଷ
ସୁଧୀଜନ ମଧ୍ୟେ ନିରତ ଆଲୋଚନା ସହର୍ଷ ।
ଭାଷା ପ୍ରଣୋଦିତ ପ୍ରଶସ୍ତି ଚୁମ୍ବକ ବ୍ୟାଖ୍ୟାନ
ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଅଭିନନ୍ଦନ ।

୬୧୪/୩, ପ୍ରଫୁଲ୍ଲ ନିବାସ
ଲେନ୍–୮, ଶ୍ରୀବିହାର, ପଟିଆ
ଭୁବନେଶ୍ୱର–୭୫୧୦୨୪

# ଗଙ୍ଗାଠାରୁ ଗୋଦାବରୀ

ପର୍ଶୁରାମ ଦ୍ୱିବେଦୀ

ଆମେସବୁ ପିଲାଦିନୁ ଶୁଣି ଆସୁଛୁ ଯେ ଓଡ଼ିଶାର ସୀମା ଗଙ୍ଗାଠାରୁ ଗୋଦାବରୀ ଯାଏଁ ବିସ୍ତୃତ ଥିଲା, କେଉଁଠି କେଉଁଠି ଟିକେଟିକେ ପଢିଛେ ମଧ୍ୟ, କାରଣ ଆମର ସବିଶେଷ ଇତିହାସ ନାହିଁ, ଯାହା ଅଛି ତା'କୁ ଆମ ଲୋକ ଲେଖିନାହାନ୍ତି । କିନ୍ତୁ ଆଖିରେ ଦେଖି ଏହି ଐତିହାସିକ ତଥ୍ୟକୁ ପ୍ରତିଷ୍ଠିତ ଓ ପ୍ରମାଣିତ କରିବାକୁ ଏ ପର୍ଯ୍ୟନ୍ତ ସରକାରୀ ବା ବେସରକାରୀ ପ୍ରଚେଷ୍ଟା ମଧ୍ୟ ଏ ଯାଏଁ ହୋଇନି । ଆମ ପିଲାଏ ତ ପେଟ ପୋଷିବାକୁ ଆମ ମାତୃଭାଷାକୁ ଛାଡି ଇଂରାଜୀକୁ ପିଲାଦିନରୁ ଆୟତ୍ତ କରି ଇଂଜିନିୟର, ଡାକ୍ତର ବା ଆଉକିଛି ହେବା ଚେଷ୍ଟାରେ ସତତ ବ୍ୟସ୍ତ । ଆମେ ତ ବକ୍ତୃତା ଦେଇ ଓଡ଼ିଶା ଗଙ୍ଗାଠାରୁ ଗୋଦାବରୀ ଯାଏଁ ବିସ୍ତୃତ ଥିଲା ବୋଲି କହିବାରେ ବ୍ୟସ୍ତ । ଦେଖିବାକୁ ସମୟ, ଶକ୍ତି ବା ପ୍ରଚେଷ୍ଟା ଆଦୌ ନାହିଁ । ଆଉ ରହିଲେ ସରକାର ଓ ସରକାରୀ ବିଭାଗ କର୍ମଚାରୀ । ସେମାନେ ନିଜ ନିଜର ପାଉଣା ପାଇ ନିଜ କର୍ମରେ ବ୍ୟସ୍ତ । ଏପରି ମୋଫତ କାମ କରିବାକୁ ତାଙ୍କୁ ବେଳ କାହିଁ ? ମନ ବି ନାହିଁ ହେଲେ କଥାଟା ଏକାନ୍ତ ସତ୍ୟବୋଲି ସବୁ ଓଡ଼ିଆ ଜାଣି ରଖିବା ଦରକାର । ଏହାର ଉଦ୍‌ଭାବନ ତ ନୁହଁ ଆବିଷ୍କାର ନିକଟରେ ହେଲା, ଯେତେବେଳେ ଏହି ଲେଖକ ଓ ଆମ 'ପୂର୍ଣ୍ଣାଙ୍ଗ ଉତ୍କଳ'ର ସଭାପତି ସୀତାବଲ୍ଲଭ ମହାପାତ୍ର ଛତିଶିଗଡରେ ଓଡ଼ିଆ ଭାଷାର ସ୍ଥିତି ଅନୁଧ୍ୟାନ କରିବାକୁ ଯାଇ ପହଞ୍ଚିଲୁ କଲ୍ୟାଣପୁରରେ । ବାଷଠିଟି ପରିବାରକୁ ନେଇ ଗଠିତ ଏ ଗାଁଟି ସମ୍ପୂର୍ଣ୍ଣ ଓଡ଼ିଆ । ଗାଁର ପିଲାଠାରୁ ବୁଢା ଯାଏଁ ସମସ୍ତେ ଖାଣ୍ଟି ଓଡ଼ିଆରେ କଥାବର୍ତ୍ତା କରୁଛନ୍ତି । ମାତ୍ର ଲେଖାପଢା ଘର ଶୂନ୍ୟ । କେବଳ ଓଡ଼ିଶାରୁ ବୋହୂ ହୋଇ ଯାଇଥିବା କେତେଜଣ ବୁଢୀ ଓଡ଼ିଆ ଲେଖିପଢି ଜାଣିଥିବାରୁ ଉତ୍କଳଗୌରବ ମଧୁବାବୁଙ୍କ ଭାଷାରେ ଯେଉଁଠି ଭାଗବତ ଓ ମାଣବସା ବହି ପଢାଯାଉଛି ସେ ସ୍ଥାନ ଓଡ଼ିଶାର ଓ ଓଡ଼ିଆମାନଙ୍କର ବୋଲି ପ୍ରମାଣିତ । ଗଙ୍ଗାଯାଏଁ ଆହୁରି ଅନେକ ଓଡ଼ିଆ ଗାଁ ରହିଛି । ଗାଁ ଲୋକଙ୍କଠାରୁ ବୁଝିଲୁ ସଡକ ପଥରେ ୩୦କି.ମି ଓ ସିଧାଗଲେ ୨୦ କିମି ମଧ୍ୟରେ ଗଙ୍ଗା ପ୍ରବାହିତ ଯାହା ଦିନେ ଆମ ଉତ୍କଳର ସୀମା ଥିଲା । ଏହି ଗ୍ରାମବାସୀଙ୍କ କଥାରୁ ବୁଝାଗଲା ଯେ ଏମାନେ ସମସ୍ତେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରଜା ଥିଲେ । ୧୮୦୦ ମସିହାରୁ ୧୯୩୬ରେ ସ୍ୱତନ୍ତ୍ର ଉତ୍କଳ ଗଠିତ ହୋଇଥାଏ । ଏମାନେ ଓଡ଼ିଶାରେ ସାମିଲ ହେବାର ସ୍ୱପ୍ନ ଦେଖୁଥିଲେ ଓ ଲଢୁଥିଲେ ବୋଲି ଚିନ୍ତାମଣି ସାହାଙ୍କ ବାପା ନିଜେ ଲେଖିଥିଲେ ଓ ସେ ମଧ୍ୟ ଲଢିଥିଲେ । ଛତିଶଗଡର ମୋଟ ୩କୋଟି ବାସିନ୍ଦାଙ୍କ ମଧ୍ୟରୁ ଏକକୋଟିରୁ ଅଧିକ ଓଡ଼ିଆ ୧୨ଟି ଜିଲ୍ଲାରେ ରହିଛନ୍ତି । ଆମର ଦାବି କେନ୍ଦ୍ର ସରକାର ଓ ସଂଖ୍ୟାଲଘୁ ଭାଷା କମିସନ ପାଇବା ପରେ ଛତିଶଗଡ ସରକାରଙ୍କୁ ସ୍ଥିତି ସମ୍ବନ୍ଧେ ଲେଖିବାରୁ ସେଠା ସରକାର ସଦୟ ହୋଇ ଆକଳନ ଆରମ୍ଭ କରିଦେଇଛନ୍ତି । ଆମର ଦାବି ଓଡ଼ିଆଲୋକ ଥିବା ଗାଁକୁ ଓଡ଼ିଆ ବିଦ୍ୟାଳୟ, ଓଡ଼ିଆ ଶିକ୍ଷକ ଓ ଓଡ଼ିଆ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଉ । ପରିଶେଷରେ ଓଡ଼ିଆକୁ ୨ୟ ରାଜଭାଷା ଘୋଷଣା କରାଯାଉ, କାରଣ ଉର୍ଦ୍ଧ୍ୱଭାଷୀ ଅଞ୍ଚଳ ଛତିଶଗଡ ରାଜ୍ୟ ଗଠନ ପରେ ମଧ୍ୟପ୍ରଦେଶରେ ରହିଯାଇଛି । ଏସବୁ ଅଞ୍ଚଳରେ ଓଡ଼ିଆ ଲେଖାପଢା ପ୍ରକ୍ରିୟା ଆରମ୍ଭ ହୋଇଗଲାଣି । ଆସନ୍ତୁ ଆମେସବୁ ଓଡ଼ିଆ ସେଠାକାର ଓଡ଼ିଆଙ୍କୁ ନିଜର ରକ୍ତ ଓ ନିଜର ଭାଇ ମନେକରି ସରକାରଙ୍କୁ ଦାବି ଜଣାଇବା ଓ ପରାମର୍ଶ ଦେବା ଯେ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ସେଠାକାର ୧୫ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ସେମାନଙ୍କର ମାତୃଭାଷା ଓଡ଼ିଆରେ ଶିକ୍ଷାଦାନର ବ୍ୟବସ୍ଥା କରାଯାଉ । ଚାଲନ୍ତୁ ଦକ୍ଷିଣକୁ ଯିବା ଗୋଦାବରୀକୁ ଖୋଜିବାକୁ, ଯେଉଁଠାକୁ ଆମେ ମଧ୍ୟ ଯାଇଥିଲୁ । ଆମ ପୂର୍ଣ୍ଣାଙ୍ଗ ଉତ୍କଳର ସହ ସମ୍ପାଦକ ବିଷ୍ଣୁପ୍ରସାଦ ନନ୍ଦ ଓ ଏ ଲେଖକ ଶ୍ରୀକାକୁଳମ ଜିଲ୍ଲା ବୁଲି ୧୦୭ ବର୍ଷ ତଳେ ମଞ୍ଜୁଷାରେ ପ୍ରତିଷ୍ଠିତ ଓଡ଼ିଆ ଯୁବ ପାଠାଗାରକୁ ୧୦୭ ଖଣ୍ଡ ବହି ପ୍ରଦାନ କରିବା ଅବସରରେ ପ୍ରାୟ ୧୫ ଖଣ୍ଡ ଗ୍ରାମ ବିଦ୍ୟାଳୟକୁ ଯାଇ ସବୁଠାରେ ଓଡ଼ିଆ ପରିବାର ଏବେ ବି ଅଛନ୍ତି ଓ ଓଡ଼ିଆ ଭାଷାକୁ ନିଜର ମାତୃଭାଷାଭାବେ ୧୫ବର୍ଷ ଯାଏଁ ପଢୁଛନ୍ତି । ଅବଶ୍ୟ ଏହି ବ୍ୟବସ୍ଥା

ବୈମାତୃକଭାବେ ଚାଲିଛି । କାରଣ ତେଲୁଗୁକୁ ଓଡ଼ିଆ ଭାଷା ସହ ମାତୃଭାଷାର ମାନ୍ୟତା ଦେବା ସହ ୨ୟ ଭାଷାଭାବେ ମଧ୍ୟ ହିନ୍ଦୀ ପରିବର୍ତ୍ତେ ତେଲୁଗୁ ପଢାଯାଉଛି । ଯଦିଓ ଏହା ଜାତୀୟ ବା ସର୍ବଭାରତୀୟ ତ୍ରିଭାଷୀ ସୂତ୍ରର ବ୍ୟତିରେକ । ଏହିପରି ବ୍ୟବସ୍ଥା ବିଜୟନଗର ଓ ବିଶାଖାପାଟଣା ଜିଲ୍ଲାରେ ମଧ୍ୟ ଗୋଦାବରୀ ଅବବାହିକା ଯାଏଁ ଚାଲିଛି । ଆମ ଓଡ଼ିଶା ସରକାର ତେଲୁଗୁ ଶିକ୍ଷକ ନିଯୁକ୍ତି, ତାଲିମ୍, ବିଦ୍ୟାଳୟର ପ୍ରତିଷ୍ଠା ଓ ପାଠ୍ୟ ପୁସ୍ତକ ଯୋଗାଉଥିବା ବେଳେ ଆନ୍ଧ୍ର ସରକାର କେବଳ ଓଡ଼ିଆ ପାଠ୍ୟ ପୁସ୍ତକ ଯୋଗାଇ ଦେଇ ନିଜର କର୍ତ୍ତବ୍ୟ ସମାପ୍ତ କରୁଛନ୍ତି । ଏପରି ଅବସ୍ଥା ଦୀର୍ଘଦିନ ଚାଲୁରହିଲେ 'ମଞ୍ଜୁଷା' ମନ୍ଦାଶା ହେବାପରି ଗୋପୀନାଥ ପାଢୀ ହୋଇଯାଇଛନ୍ତି– ପି. ଗୋପୀନାଥ । ତେଲେଙ୍ଗାନା ପ୍ରଦେଶ ଗଠନ ପରେ ଉର୍ଦ୍ଦୁଭାଷୀମାନେ ସେ ପ୍ରଦେଶରେ ରହିଯାଇ ଥିବାରୁ ଆନ୍ଧ୍ରରେ କେବଳ ତେଲୁଗୁ ଓ ଓଡ଼ିଆଭାଷୀ ରହିଛନ୍ତି । ଦଶଲକ୍ଷ ଓଡ଼ିଆ ଥିବାର ଅସତ୍ୟ ତଥ୍ୟକୁ ମାନିବା କଥା ନୁହେଁ । ଏଠାରେ ପଚିଶ ଲକ୍ଷରୁ ଅଧିକ ଓଡ଼ିଆ ଏବେ ବି ଅଛନ୍ତି । ଯଦିଓ ବଡବଡ ବହୁ ଓଡ଼ିଆ ଗାଁ ଖାଲି ହେବାରେ ଲାଗିଛି ଓ ବହୁ ଆଦିବାସୀଙ୍କର ଓଡ଼ିଆ ଦ୍ୱିତୀୟ ଭାଷା । ଆମ ସଭାପତି ସୀତାବଲ୍ଲଭ ମହାପାତ୍ର ବିଜୟନଗର ଓ ବିଶାଖାପାଟଣା ବୁଲିବା ପରେ ଏହି ନିଷ୍କର୍ଷରେ ଆମେ ପହଞ୍ଚୁଛୁ ଯେ ଆନ୍ଧ୍ରରେ ଓଡ଼ିଆ ଭାଷା ନିଷ୍ପେସିତ ଓ ପଦଦଳିତ । ତେଣୁ କେନ୍ଦ୍ର ସରକାର ଓ ସଂଖ୍ୟାଲଘୁ ଭାଷାଭାଷୀ କମିସନଙ୍କୁ ଲେଖିବା ପରେ ଆନ୍ଧ୍ରର ମୁଖ୍ୟ ଶାସନ ସଚିବଙ୍କୁ ସେଠାକାର ସ୍ଥିତି ସମ୍ବନ୍ଧେ ବିବରଣୀ ମଗାଯାଇଛି । ଝାଡଖଣ୍ଡ ପରି ଏଠାରେ ମଧ୍ୟ ଓଡ଼ିଆକୁ ଦ୍ୱିତୀୟ ରାଜଭାଷାର ମାନ୍ୟତା ଆମର ଦାବି ।

ଯେତେଦୂର ସମ୍ଭବ ସଂକ୍ଷେପରେ ଆମେ ଆମ ପୂର୍ବପୁରୁଷଙ୍କ ରାଜ୍ୟ 'ଗଙ୍ଗାଠାରୁ ଗୋଦାବରୀକୁ' ଖୋଜି ପାଇଗଲୁ ଓ ଓଡ଼ିଶାର ସଚେତନ ଓଡ଼ିଆମାନଙ୍କ ଦୃଷ୍ଟିକୁ ଆଣିପାରିଲୁ । ଏଣିକି ସେମାନେ ବିଚାର କରନ୍ତୁ କିପରି ପୂର୍ବପୁରୁଷଙ୍କ ଗୌରବର ଉଦ୍ଧାର କରିବେ ? ହଁ ଆମଠାରୁ ୧୯୪୮ ମେ ୧୮ରୁ ଛଡାଇ ନେଇ ବିହାରରେ ସାମିଲ କରାଯାଇଥିବା ଓ ପରେ ଝାଡଖଣ୍ଡରେ ମିଶିଥିବା ଷଢେଇକଳା ଖରସୁଆଁ ସମେତ ସମଗ୍ର ପୂର୍ବ ଓ ପଶ୍ଚିମ ସିଂହଭୂମିରେ ପ୍ରାୟ ୭୦ ଲକ୍ଷ ଓଡ଼ିଆ ବସବାସ କରୁଥିଲେ ମଧ୍ୟ ରାଜନୀତିର ଚାପରେ ନିଜର ସଞ୍ଜ୍ଞା ମଧ୍ୟ ବଦଳାଇ ଦେଲେଣି । ଝାଡଖଣ୍ଡ ସରକାର ଓଡ଼ିଆକୁ ଅନ୍ୟତମ ଦ୍ୱିତୀୟ ରାଜଭାଷାଭାବେ ଘୋଷଣା କରିଥିଲେ ମଧ୍ୟ ପୂର୍ବରୁ ଥିବା ୫୬୦ ଓଡ଼ିଆ ବିଦ୍ୟାଳୟ ସଂଖ୍ୟା ଏବେ ୩୩୪କୁ କମି ଆସିଛି । ଓଡ଼ିଆ ବିଦ୍ୟାଳୟ ଫଳକ ଥିଲେ ମଧ୍ୟ ନାହାଁନ୍ତି ଓଡ଼ିଆ ଶିକ୍ଷକ ଓ ମିଳୁନି ଓଡ଼ିଆ ପାଠ୍ୟପୁସ୍ତକ । ଆମ ସରକାର ଓ ତାଙ୍କ ଦ୍ୱାରା ବଛାଯାଇଥିବା ସଂସ୍ଥା ସବୁଶ୍ରେଣୀର ସବୁ ବିଷୟର ଓଡ଼ିଆ ପାଠ୍ୟପୁସ୍ତକ ଯଥେଷ୍ଟ ସଂଖ୍ୟାରେ ଯୋଗାଇ ଦେଇପାରୁ ନଥିବାରୁ ଏଠାରେ ଅବସ୍ଥା ଦିନକୁ ଦିନ ଅଧିକ ଖରାପ ହେଉଛି । ୩୦ ବର୍ଷ ଧରି ଚାଲିଥିବା ଉଚ୍ଚ ବିଦ୍ୟାଳୟକୁ ସାମାନ୍ୟ ମାନ୍ୟତା ମିଳିଥିଲେ ମଧ୍ୟ ଏବେବି ବିତ୍ତ ରହିତ ହୋଇ ରହିଛି । ଏଠାକାର ପାଠ୍ୟପୁସ୍ତକ ଆଣି ଓଡ଼ିଆ ଅନୁବାଦ କରି ଦିଆଯାଇଥିଲେ ମଧ୍ୟ ତାହା ନିୟମିତ ଛାପି ଯୋଗାଇ ଦିଆଯାଉନି । ତେଣୁ ଝାଡଖଣ୍ଡରେ ଓଡ଼ିଆ ନ ଯଯୌ ନ ତସ୍ଥୌ ଅବସ୍ଥାରେ ରହିଛି । ସଂଖ୍ୟାଲଘୁ ଭାଷାଭାଷୀ କମିସନ ଓ କେନ୍ଦ୍ର ସରକାର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ ବ୍ୟବସ୍ଥା ନକରି ମୂକସାକ୍ଷୀ ସାଜିଛନ୍ତି । ଆଉ ରହିଲା ବଙ୍ଗଳାରେ ଥିବା ମେଦିନପୁର ଅଞ୍ଚଳ । ସେଠାରେ ଏବେ ମଧ୍ୟ ବଙ୍ଗୀୟ ଲିପିରେ ଓଡ଼ିଆ ଭାଗବତ ଲେଖି ଲୋକେ ପାଠ କରୁଛନ୍ତି ଓ ବଙ୍ଗୀୟ ଲିପିରେ ଓଡ଼ିଆ ନାଟକ ଲେଖି ପରିବେଷଣ କରୁଛନ୍ତି । ଠିକ୍ ଯେପରି ହେଉଛି ଝାଡଖଣ୍ଡରେ । ସେଠା ସରକାର ମେଦିନପୁରରେ ଓଡ଼ିଆ ଅଛନ୍ତି ବୋଲି ମାନିବାକୁ ନାରାଜ । ଏପରିକି ଓଡ଼ିଶା ସରକାର ଯୋଗାଇ ଥିବା ଓଡ଼ିଆ ଶିକ୍ଷକ ତାଙ୍କ ବିଦ୍ୟାଳୟରେ ଓଡ଼ିଆ ପିଲାଙ୍କୁ ଓଡ଼ିଆ ପଢାଇବାକୁ ନାରାଜ । ଓଲଟି ଓଡ଼ିଶା ସରକାର ଓଡ଼ିଶାରେ ବଙ୍ଗୀୟ ପିଲାଙ୍କ ପାଇଁ କ'ଣ କରିଛନ୍ତି ବୋଲି ସେମାନେ ପ୍ରଶ୍ନ କରୁଛନ୍ତି । ବୋଧହୁଏ, ତାଙ୍କୁ ଜଣାନାହିଁ ଯେ ଓଡ଼ିଶାରେ ଏ ପିଲାଙ୍କ ଶିକ୍ଷା ଓ ପରୀକ୍ଷା ହୁଏ ସର୍ବଭାରତୀୟ ନୀତିରେ । ଏସବୁକୁ ଛାଡିଲେ କଲିକତା, ସୁରତ, ଦିଲ୍ଲୀ, ବାଙ୍ଗାଲୋର, ମାନ୍ଦ୍ରାଜ, ବମ୍ବେ ଇତ୍ୟାଦି ସହ ଭାରତର ବିଭିନ୍ନ ସହରରେ ଲକ୍ଷ ଲକ୍ଷ ଓଡ଼ିଆ ରହୁଛନ୍ତି । ପଡୋଶୀ ରାଜ୍ୟ ସହ ଏସବୁ ସହରର ଓଡ଼ିଆମାନଙ୍କ ସଂଖ୍ୟା ଓଡ଼ିଶା ଭିତରେ ରହୁଥିବା ଓଡ଼ିଆଙ୍କ ସଂଖ୍ୟା ସହ ସମାନ ବା ଅଧିକ । ଏପରି ଏକ ବିରାଟ ସମସ୍ୟା ଆମ ଆଗରେ ଥିବାବେଳେ ଆମେ ଆମ ରାଜ୍ୟରେ ଓଡ଼ିଆ ଶିକ୍ଷା, ଓଡ଼ିଶାରେ ସରକାରୀ କାର୍ଯ୍ୟ କରିବା ସହ ଆମ ଦୈନନ୍ଦିନ ଜୀବନରେ ଓ ସବୁ ପ୍ରକାରର ବିଦ୍ୟାଳୟରେ ଓଡ଼ିଆକୁ ପରୀକ୍ଷଣିୟ ବିଷୟ କରାଇ ନିଜକୁ ସୁଦୃଢ କରିବା ଓ ଏକଇତବଦ୍ଧ କରିବା ସହ ପଡୋଶୀ ରାଜ୍ୟ ଓ ଅନ୍ୟତ୍ର ରହୁଥିବା ଓଡ଼ିଆମାନଙ୍କର ସାମ୍ବିଧାନିକ ଅଧିକାର ପାଇଁ କାନ୍ଧକୁ କାନ୍ଧ ମିଳାଇ କାର୍ଯ୍ୟ କରିବା ଦରକାର । ବିଶେଷଭାବେ 'ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଥିବା ଅବସରରେ ଆମେ ସମସ୍ତେ ଏକାଠି ମିଶି ଆମ ପ୍ରିୟ ମାତୃଭାଷାର ସୁରକ୍ଷା ଓ ପ୍ରଚାର ପ୍ରସାର ପାଇଁ ଆଗେଇ ଆସିବା ଅତ୍ୟନ୍ତ ଜରୁରୀ । ଏହି କଥାକୁ ସବୁ ଓଡ଼ିଆ ସୁସ୍ଥ ମନରେ ସ୍ୱଚ୍ଛ ବିଚାରରେ ସ୍ୱାଭିମାନର ସହ ବିଚାର କରି ନିଜ ମାତୃଭାଷା ପାଇଁ ନିଜ ନିଜର ପବିତ୍ର କର୍ତ୍ତବ୍ୟ ସ୍ଥିର କରନ୍ତୁ । ଏତକ ଚେତନା ଆମକୁ ମିଳିଗଲେ ଆମେ ଶୁଣିଥିବା 'ଗଙ୍ଗାଠାରୁ ଗୋଦାବରୀ' ଯାଏଁ ବିସ୍ତୃତ ଐତିହାସିକ ଓଡ଼ିଶାକୁ ଉତ୍କଳ କଳିଙ୍ଗ ଓଡ଼ିଶା ଓ କୋଶଳ ବାହାରେ ମଧ୍ୟ ଫେରିପାଇବା ।

ଦୀନବନ୍ଧୁ କୁଟୀର, ପ୍ଲଟ୍ ନଂ–୨୩୬
ଏରୋଡ୍ରମ ଏରିଆ, ଭୁବନେଶ୍ୱର–୨୦

# ଉତ୍କଳ ଦିବସର ତାତ୍ପର୍ଯ୍ୟ

**ଜୟଶଙ୍କର ନାୟକ**

ଆଜି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରତିଷ୍ଠା ଦିବସ । ସମସ୍ତ ଓଡ଼ିଆଙ୍କ ପାଇଁ ଏହା ଗର୍ବ ଓ ଗୌରବର ଦିନ । ୧୯୩୬ ମସିହା ଏପ୍ରିଲ ୧ ତାରିଖଠାରୁ ଓଡ଼ିଶା ଭାଷାଭାଷୀ ଅଞ୍ଚଳକୁ ନେଇ ଗଠନ ହେଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ । ପ୍ରାୟ ପାଞ୍ଚଶହ ବର୍ଷ ସୀମାହୀନ, ଜାତିହୀନ ଓ ଭାଷାହୀନ ଅବସ୍ଥାରେ ଖଣ୍ଡବିଖଣ୍ଡିତ ହୋଇ ରହିବା ପରେ ଏହି ଦିନରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା । ଓଡ଼ିଶା ଥିଲା ଭାଷା ଭିତ୍ତିରେ ଗଠିତ ପ୍ରଥମ ପ୍ରଦେଶ । ଏକଦା ନିଜର କଳା, ସଂସ୍କୃତି, ଭାଷା– ସାହିତ୍ୟ, ବାଣିଜ୍ୟ ବ୍ୟବସାୟ, ସାମାଜିକ– ସାମରିକ ପରମ୍ପରା ପାଇଁ ଏହି ରାଜ୍ୟ ସାତ ସମୁଦ୍ର ତେର ନଈ ପାର ହୋଇ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା । କ୍ରମେ ଏକାଧିକ କାରଣରୁ ପ୍ରଥମେ ଏହାର ସ୍ୱାଧୀନତା, ଆଞ୍ଚଳିକ ଅଖଣ୍ଡତା ଏବଂ ପରେ ଭାଷା ଓ ସଂସ୍କୃତି ଆଦି ସବୁକିଛି ବିପନ୍ନ ହୋଇଥିଲା । ଏହାର ଭୌଗୋଳିକ ସୀମା ସଙ୍କୋଚନ ପରେ କେତେକ ଅଣ ଓଡ଼ିଆ ତତ୍କାଳୀନ ବ୍ରିଟିଶ୍ ସରକାରଙ୍କୁ ପ୍ରଭାବିତ କରି ଖଣ୍ଡ ବିଖଣ୍ଡିତ କରି ବାଣ୍ଟି ନେବାକୁ ମସୁଧା କରିଥିଲେ । ଏପରିକି ଏହାର ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ନଦେଇ ପଡ଼ୋଶୀ ରାଜ୍ୟରେ ମିଶାଇ ଦେବାକୁ କେତେକ ମହଲରେ ମତ ପ୍ରକାଶ ପାଇଥିଲା । ତେବେ ଏ ମାଟିର ବରପୁତ୍ରମାନେ ସେ ଷଡ଼ଯନ୍ତ୍ର ବିରୋଧରେ ଗଢ଼ି ତୋଳିଥିଲେ ଏକ ଦୁର୍ବାର ଆନ୍ଦୋଳନ, ଯାହାର ଫଳ ସ୍ୱରୂପ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଗଠିତ ହୋଇଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ । ଆଜିର ସେହି ଓଡ଼ିଶା ଦିବସ ଅବସରରେ ଆମ ଏ ମାଟିର ସେହି ବରପୁତ୍ରମାନେ ହେଲେ– ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପ୍ରଜାବତ୍ସଳ– ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ବ୍ୟାସକବି ଫକୀର ମୋହନ ସେନାପତି, ପଣ୍ଡିତ ନୀଳକଣ୍ଠ ଦାସ, କବିବର ରାଧାନାଥ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ସ୍ୱଭାବ କବି ଗଙ୍ଗାଧର, ବିଚିତ୍ରାନନ୍ଦ ଦାସ, କର୍ମବୀର ଗୌରୀଶଙ୍କର, ହରିହର ମର୍ଦ୍ଦରାଜ, ବାମଣ୍ଡା ରାଜା ସାର୍ ବାସୁଦେବ ସୁଢ଼ଳ ଦେବ । ଆଜି ଆମେ ସେମାନଙ୍କୁ ଶ୍ରଦ୍ଧାର ସହ ମନେ ପକାଉଛୁ, ଯେଉଁମାନଙ୍କ ମାତୃଭୂମି ଓ ମାତୃଭାଷାର ସୁରକ୍ଷା କ୍ଷେତ୍ରରେ ଅତୁଳନୀୟ ଅବଦାନ ରହିଛି ।

ଏହା ଥିଲା ସମଗ୍ର ଭାରତବର୍ଷରେ ଭାଷାଭିତ୍ତିରେ ପ୍ରଥମ ପ୍ରଦେଶ ଗଠନ । ଏହାର ୧୦୦ ବର୍ଷ ପୂର୍ବରୁ ୧୮୦୩ ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଓଡ଼ିଶା ଅଧିକାର କରିବା ପରେ ପ୍ରଦେଶକୁ ୩ ଭାଗ କରି ୩ଟି ପୃଥକ୍ ପୃଥକ୍ ରାଜ୍ୟରେ ମିଶାଇ ଦେଲେ । ବଙ୍ଗଳା, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶ ପ୍ରେସିଡ଼େନ୍ସୀ ଅଧୀନରେ ରହିଗଲା ଆମ ପ୍ରଦେଶର ବିଭିନ୍ନ ଅଞ୍ଚଳ ଯଦିଓ ନଅଙ୍କ ଦୁର୍ଭିକ୍ଷର ପୃଷ୍ଠଭୂମି ଉପରେ ଓଡ଼ିଆ ଜାତୀୟତାର ଉନ୍ମେଷ ହୋଇଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୂଳଦୁଆ ପଡ଼ିଥିଲା ୧୯୦୩ ଡ଼ିସେମ୍ବର ୩୦ ତାରିଖରେ କଟକ ଇଦ୍‌ଗା ପଡ଼ିଆରେ ଅନୁଷ୍ଠିତ ପ୍ରଥମ ଉତ୍କଳ ସମ୍ମିଳନୀରେ । ଏହା ପୂର୍ବରୁ ୧୯୦୨ ମସିହାରେ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜାଙ୍କ ଉଦ୍ୟମରେ ରମ୍ଭା ରାଜପ୍ରାସାଦରେ ପ୍ରଥମ ରମ୍ଭା ସମ୍ମିଳନୀ ଆୟୋଜିତ ହୋଇଥିଲା । ଓଡ଼ିଆଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ଆନୁଷ୍ଠାନିକ ସମିତି ଗଠନ ଲାଗି ପ୍ରସ୍ତାବ ଦିଆଗଲା । ୧୯୦୩ ମସିହା ଅକ୍ଟୋବର ମାସ କଟକଠାରେ କନିକା ରାଜପ୍ରାସାଦରେ ନେତୃବୃନ୍ଦ ଓ ରାଜାମାନଙ୍କର ବୈଠକ ବସିଥିଲା । ସେଠାକୁ ମଧୁସୂଦନ ଦାସଙ୍କୁ ମଧ୍ୟ ଡ଼କାଯାଇଥିଲା । ସେହିଠାରେ ଉତ୍କଳ ସମ୍ମିଳନୀ ନାମରେ ଜାତୀୟ ଅନୁଷ୍ଠାନ ଗଢ଼ିବାକୁ ସ୍ଥିର ହେଲା । ଉତ୍କଳ ସମ୍ମିଳନୀକୁ ଏକ ଭାଷା ଆନ୍ଦୋଳନରେ ରୂପାନ୍ତର କରିବା ଏବଂ ବିଚ୍ଛିନ୍ନାଞ୍ଚଳ ଓଡ଼ିଆଙ୍କୁ

ଏକତ୍ରିତ କରିବାରେ ମଧୁସୂଦନ ଦାସଙ୍କ ସହ ହରିହର ମର୍ଦ୍ଦରାଜ ଦେଓ, ମୟୂରଭଞ୍ଜର ପ୍ରଜାବତ୍ସଳ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଏବଂ ବାମଣ୍ଡା ରାଜା ସାର ବାସୁଦେବ ସୁଢ଼ଳ ଦେବଙ୍କ ଅବଦାନ ଅବିସ୍ମରଣୀୟ ଅଟେ । ସେସମୟରେ ତିନି ସାହିତ୍ୟ ରଥୀ ସ୍ୱଭାବ କବି ଗଙ୍ଗାଧର, ରାଧାନାଥ ରାୟ ଓ ଫକୀର ମୋହନ ସେନାପତି ସେମାନଙ୍କ ଲେଖା ମାଧ୍ୟମରେ ଓଡ଼ିଆ ଭାଷାଭାଷୀଙ୍କୁ ଏକତ୍ରିତ କରିବାରେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ଏହା ସହିତ କଟକରୁ ଗୌରୀଶଙ୍କର ରାୟଙ୍କ ଉଦ୍ୟମରେ ପ୍ରକାଶିତ ଉତ୍କଳ ଦୀପିକା, ଗଞ୍ଜାମରୁ ପ୍ରକାଶିତ ପ୍ରଜାବନ୍ଧୁ ଓ ବାମଣ୍ଡାରୁ ପ୍ରକାଶିତ ସମ୍ବଲପୁର ହିତୈଷିଣୀ ଓ ବଜୁଳି ପତ୍ରିକା ତତ୍କାଳୀନ ଓଡ଼ିଶାର ଚିତ୍ର ରାଜ୍ୟବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରିବା ସହ ଓଡ଼ିଆ ଭାଷାଭାଷୀଙ୍କୁ ଏକତ୍ରିତ କରିବା ଲାଗି ଜାତୀୟ ଚେତନା ଜାଗ୍ରତ କରାଇଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମିତ୍ତ ଦୀର୍ଘକାଳ ଧରି ଓଡ଼ିଆ ଜାତିକୁ ଆନ୍ଦୋଳନ କରିବାକୁ ପଡ଼ିଛି । ଅଗଣିତ ଓଡ଼ିଆଙ୍କ ନିରବଚ୍ଛିନ୍ନ ସଂଗ୍ରାମ, ଓଡ଼ିଆ ଜାତିପ୍ରେମୀ ବରେଣ୍ୟ ଦେଶସେବକଙ୍କ ନିଃସ୍ୱାର୍ଥପର ନେତୃତ୍ୱ, ଚରମ ତ୍ୟାଗ ଓ ସାଧନାର ଫଳସ୍ୱରୁପ ହେଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ।

୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶାର ଜନ୍ମ ସମୟରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଲେଖନୀରୁ ଝରି ଆସିଥିଲା ସୁପ୍ରସିଦ୍ଧ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ । ସମ୍ମିଳିତ ସ୍ୱରରେ ଗାଇଲେ ଲୋମ ଟାଙ୍କୁରି ଉଠେ । ଖଣ୍ଡ ବିଖଣ୍ଡିତ ହୋଇ ରହିଥିବା ଉତ୍କଳ ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ଭାବେ ନବଜନ୍ମ ପାଇଲା । ଓଡ଼ିଶାର ମହାନ୍ ବିପ୍ଳବୀମାନେ ଏହି ୩ ଅକ୍ଷରର ପରିଚୟ ପାଇଁ କଷ୍ଟ ରୂପକ ମହୁକୁ ଆଖି ବନ୍ଦ କରି ପିଇ ଯାଇଥିଲେ । ଏସବୁର ଶ୍ରେୟ ମିଳିଥାଏ ଏହି ମହାନ୍ ବ୍ୟକ୍ତିମାନଙ୍କୁ । ଓଡ଼ିଶାର ଭବିଷ୍ୟତକୁ ସ୍ୱର୍ଣ୍ଣିମ କରିବା ପାଇଁ ଏମାନଙ୍କ ଚେଷ୍ଟାକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରାଯାଇଛି । ଓଡ଼ିଶାବାସୀଙ୍କ ପାଇଁ ଏମାନେ ସବୁଦିନେ ଚିରନମସ୍ୟ ହୋଇ ରହିବେ । ୧୯୩୬ ମସିହା ଏପ୍ରିଲ ମାସ ୧ ତାରିଖ ଦିନ ପୁରୀ, କଟକ, ବାଲେଶ୍ୱର, ଗଞ୍ଜାମ, କୋରାପୁଟ ଓ ସମ୍ବଲପୁର ଏହି ଛଅଟି ଜିଲ୍ଲାକୁ ନେଇ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା । ଏହା ପରେ ୧୯୪୭ ମସିହା ଡ଼ିସେମ୍ବର ମାସ ୧୪ ତାରିଖ ଦିନ ତତ୍କାଳୀନ ଉପପ୍ରଧାନ ମନ୍ତ୍ରୀ ତଥା ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ନେତୃତ୍ୱରେ କଟକଠାରେ ଗଡ଼ଜାତ ମିଶ୍ରଣ ଚୁକ୍ତି ସ୍ୱାକ୍ଷରିତ ହେବା ପରେ ଓଡ଼ିଶା ସହ ଅନ୍ୟାନ୍ୟ ଦେଶୀୟ ରାଜ୍ୟର ମିଶ୍ରଣ ସମ୍ଭବ ହେବା ଦ୍ୱାରା ଓଡ଼ିଶାର ସୀମା ବୃଦ୍ଧି ପାଇ ପ୍ରାୟ ଦ୍ୱିଗୁଣିତ ହେଲା । ବର୍ତ୍ତମାନ ଏହାର କ୍ଷେତ୍ରଫଳ ପ୍ରାୟ ୧,୫୫,୭୦୭ ବର୍ଗ କିଲୋମିଟର ଅଟେ । କିନ୍ତୁ ଏହା ସତ୍ତ୍ୱେ ଇଚ୍ଛା, କେରା, ମେଦିନିପୁର, କଣ୍ଟାଇ, ଦାନ୍ତନ, ସିଂହଭୂମି, ବୀରଭୂମି, ରାଞ୍ଚି, ଷଢ଼େଇକଳା, ଖରସୁଆଁ, ଫୁଲଝର, ମଞ୍ଜୁଷା, ଜଳନ୍ତର ଇତ୍ୟାଦି ବହୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବିଚ୍ଛିନ୍ନାଞ୍ଚଳ ହୋଇ ରହିଗଲା । ଏକଥା ଆମକୁ ମନେରଖିବାକୁ ହେବ ଯେ ଏସବୁ ଅଞ୍ଚଳରେ ବାସ କରୁଥିବା ପ୍ରାୟ ୩୦ ଲକ୍ଷ ଓଡ଼ିଆ ନିଜ ଭାଷା ସଂସ୍କୃତି, ପରମ୍ପରା ତଥା ନିରାପତ୍ତାକୁ ହରାଇ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବେ ସମୟ ବିତାଉଛନ୍ତି । ବାରବର୍ଷ ପରେ ୧୯୪୮ ମସିହା ଜାନୁଆରୀ ପହିଲାରେ ପଚିଶିଟି ଗଡ଼ଜାତ ମିଶ୍ରିତ ହୋଇଥିଲା । ମୟୂରଭଞ୍ଜ ବ୍ୟତୀତ ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ଏବଂ ସର୍ଦ୍ଦାର ପଟେଲଙ୍କ ଉପସ୍ଥିତିରେ ୧୯୪୯ ମସିହା ଜାନୁଆରୀ ପହିଲାରେ ମୟୂରଭଞ୍ଜ ମିଶିଥିଲା ।

ଆଜି ମନେପଡ଼େ ଏ ଜାତିର ହଜିଲା ଅତୀତ କଥା ଯେଉଁଦିନ ଉତ୍କଳର ସୀମା ପୂର୍ବରେ ପୁରୀ ମହୋଦଧିଠାରୁ ପଶ୍ଚିମରେ ଅମରକଣ୍ଟକ ଏବଂ ଉତ୍ତରରେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ସମ୍ରାଟ କପିଳେନ୍ଦ୍ର ଦେବଙ୍କ ସମୟରେ ଏହାର ସୀମା କାବେରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ଏକଦା ଓଡ଼ିଶା ଥିଲା ନୌବାଣିଜ୍ୟର ପଥପ୍ରଦର୍ଶକ । ଓଡ଼ିଆ ସାଧବପୁଅର ନୌଯାତ୍ରାରେ କୋଳାହଳମୟ ହୋଇ ଉଠିଥିଲା– ଦକ୍ଷିଣ ପୂର୍ବ ଏସିଆର ଦେଶ ସମୂହ ଯଥା– ଜାଭା, ସୁମାତ୍ରା, ବାଲି ଓ ବୋର୍ଣ୍ଣିଓ । ଓଡ଼ିଆ ଶିଳ୍ପୀ ନିହାଣ ମୁନର ତାଳେ ତାଳେ ସୃଷ୍ଟି କରିଥିଲା ମାଦକ ଭରା ସଙ୍ଗୀତ– ଯାହା ଏବେ ମଧ୍ୟ ଜଗନ୍ନାଥ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ମୟୂରଭଞ୍ଜ ଜିଲ୍ଲାର ମା' କିଚକେଶ୍ୱରୀ ମନ୍ଦିର ଖିଚିଂ ଓ କୋଣାର୍କ ମନ୍ଦିର ଗାତ୍ରରେ ଝଂକୃତ । ପ୍ରାୟ ୭୦୦ ବର୍ଷ ପୂର୍ବେ ନିର୍ମିତ ଭଗ୍ନ କୋଣାର୍କକୁ ଦେଖି ବିସ୍ମୟରେ ଅଭିଭୂତ ହୋଇ ବିଶ୍ୱ କବି ରବୀନ୍ଦ୍ରନାଥ ଠାକୁର କହିଗଲେ– The Language of man by here defeated by the Language of stone. ପ୍ରେମ, ସ୍ୱଭାବ, ସମ୍ପ୍ରୀତି ସେବା ଓ ସୃଜନଶୀଳ ବୀରତ୍ୱର ପରିବେଶ ମଧ୍ୟରେ କିପରି ଏକ ଜାତି ବଞ୍ଚିରହେ, ଏହାର ଜ୍ୱଳନ୍ତ ନିଦର୍ଶନ ହେଉଛି– କୋଣାର୍କ ମନ୍ଦିର । ଆଜିର ପୁରୀର ମଠ ମନ୍ଦିର ସଂଖ୍ୟା ଥିଲା ୭୭୮ ଏବଂ ଜଗନ୍ନାଥ ମନ୍ଦିରର ବାଇଶି ପାବଚ୍ଛ ସେସବୁର ଇତିହାସ ଶ୍ରୁତିଚାରଣ କରେ ।

ଓଡ଼ିଶା ସାହିତ୍ୟ ଭାରତବର୍ଷରେ ଅନ୍ୟତମ ପ୍ରାଚୀନ ସାହିତ୍ୟ । ମାଟିର କବି ସାରଳା ଦାସ ବିରାଟ ମହାଭାରତ କାବ୍ୟ ରଚନା କରି ବେଦବ୍ୟାସ ପାଲଟି ଯାଇଛନ୍ତି । ତୁଳସୀ ଦାସଙ୍କ ବହୁ ପୂର୍ବରୁ ଏ ମାଟିର କବି ବଳରାମ ଦାସ ରାମାୟଣ ରଚନା କରିଛନ୍ତି । ସେହିପରି କାନ୍ତକୋମଳ ଲଳିତ ପଦାବଳୀର କବି ତଥା ଗୀତଗୋବିନ୍ଦ କାବ୍ୟର ପ୍ରଣେତା ଜୟଦେବ, ରସବାଦର ବିଶିଷ୍ଟ ପ୍ରବକ୍ତା ବିଶ୍ୱନାଥ କବିରାଜ ଓ ସିଦ୍ଧାନ୍ତ ଦର୍ପଣର ରଚୟିତା ପଠାଣି ସାମନ୍ତ ଯେ ଏ ମାଟିର ଅମର ସନ୍ତାନ– ଏ କଥା କିଏ ବିଶ୍ୱାସ କରିବ । ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ କୋଣାର୍କ ଓ ଫକୀର ମୋହନଙ୍କ କଥା ସାହିତ୍ୟ ସମଗ୍ର ଭାରତୀୟ ଭାଷା ସାହିତ୍ୟରେ ଦୁର୍ଲଭ । ଏ କଥା ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ ଯେ ଆମ ଭାଗବତ ଟୁଙ୍ଗୀ ଦ୍ୱାରା ପ୍ରଭାବିତ ହୋଇ ଶଙ୍କର ଦେବ ଆସାମରେ ନାମଘର ପ୍ରତିଷ୍ଠା କରିଗଲେ । ଓଡ଼ିଆ ଜାତିକୁ ପାଠୁଆ ଓ ସଂସ୍କୃତି ସମ୍ପନ୍ନ କରିବାରେ ଜଗନ୍ନାଥ ଦାସଙ୍କ ଭାଗବତର ଭୂମିକା ଅତୁଳନୀୟ ବୋଲି ପ୍ରଖ୍ୟାତ ବଙ୍ଗୀୟ ସମାଲୋଚକ ତଥା ପ୍ରଫେସର ଡ଼କ୍ଟର ବିଜୟ ଚନ୍ଦ୍ର ମଜୁମଦାର ତାଙ୍କ ପ୍ରଣୀତ 'Typical selections from Oriya Literature' ପୁସ୍ତକରେ ସ୍ୱୀକାର କରିଛନ୍ତି । ହିନ୍ଦୀରେ ସୁର ଦାସ ୧୫୫୦–୧୫୬୦ ମସିହାରେ ସୁରସାଗର ଗ୍ରନ୍ଥ ରଚନା କରିଥିଲେ । ଏହା ସଂସ୍କୃତ ଭାଗବତର ଦଶମ ସ୍କନ୍ଧର ଅନୁବାଦ ମାତ୍ର । ଏହା ପୂର୍ବରୁ ୧୫୦୦ ମସିହା ସମୟରେ ଜଗନ୍ନାଥ ଦାସ ଓଡ଼ିଆ ଭାଷାରେ ଭାଗବତ ରଚନା କରିସାରିଥିଲେ । ଭାଗବତ ରଚନାର ୧୫୮ ବର୍ଷ ପରେ ଅର୍ଥାତ୍ ୧୬୫୮ ମସିହାରେ ସନାତନ ଚକ୍ରବର୍ତ୍ତୀ ବଙ୍ଗଳା ଭାଷାରେ ଭାଗବତ ରଚନା କରିବାକୁ ପ୍ରୟାସ କରିଥିଲେ । ଶତାବ୍ଦୀ ଶତାବ୍ଦୀ ଧରି ଓଡ଼ିଶା ସାଂସ୍କୃତିକ, ସାମାଜିକ ତଥା ରାଜନୈତିକ ଚେତନାର ଅଗ୍ରଭାଗରେ ଥିଲା। ମାତ୍ର ଓଡ଼ିଶାର ଶେଷ ସ୍ୱାଧୀନ ନରପତି ମୁକୁନ୍ଦ ଦେବଙ୍କ ୧୫୬୮ ମସିହାରେ ପରାଜୟ ଓ ନିଧନ ପରେ ଆମର ଭାଗ୍ୟରବି ଅସ୍ତମିତ ହୋଇଗଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ୧୫୬୮ ମସିହାଠାରୁ ୧୯୪୭ ମସିହା ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଆଫଗାନ, ମୋଗଲ, ମରହଟ୍ଟା ଓ ଇଂରେଜ ଶାସକଙ୍କ ସମୟରେ ଏ ଜାତି ବିଶୃଙ୍ଖଳିତ ହୋଇଯାଇଛି । ଏମାନଙ୍କ ଅତ୍ୟାଚାର ଓ ଲୁଣ୍ଠନରେ ରାଜ୍ୟର ସାମାଜିକ, ରାଜନୈତିକ ତଥା ଆର୍ଥିକ ବିଧି ବ୍ୟବସ୍ଥା ଦୋହଲି ଯାଇଛି । ସତ୍ୟ, ତ୍ରେତୟା, ଦ୍ୱାପର ଯୁଗର ସବୁ ଅବତାରୀ ପୁରୁଷଙ୍କ ପଦଚିହ୍ନରେ ଶ୍ରୀକ୍ଷେତ୍ର ଗୌରବାନ୍ୱିତ । ଶଙ୍କରାଚାର୍ଯ୍ୟ, ରାମାନୁଜ, ନାନକ, ଶ୍ରୀଚୈତନ୍ୟ, ବୌଦ୍ଧ, ଜୈନ ସମସ୍ତଙ୍କ ଚୂଡ଼ାନ୍ତ କାମନା ଶ୍ରୀକ୍ଷେତ୍ରର ମହୋଦଧି ଏସବୁର ମୂକସାକ୍ଷୀ ।

ସବୁକିଛି ଗଲାପରେ ଯାହା ପାଇଛୁ ତା'ର ଶ୍ରୀବୃଦ୍ଧି ସାଧନ କରିବା ହେଉଛି ଆମର ପ୍ରଥମ ତଥା ପ୍ରଧାନ କର୍ତ୍ତବ୍ୟ । ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟରେ ପରିଣତ ହେବାର ୭୯ ବର୍ଷ ପୂରିଗଲା । ଏହି ସମୟ ମଧ୍ୟରେ ଆମର ସ୍ଥିତି କ'ଣ ଏବଂ ଭବିଷ୍ୟତରେ କ'ଣ ହେବ ଏ ବିଷୟରେ ତର୍କ ବିତର୍କ ଏକ ଗତାନୁଗତିକ ଧାରାରେ ପଡ଼ିଗଲାଣି । ଆଫଗାନ, ମୋଗଲ, ମରହଟ୍ଟା ଓ ବ୍ରିଟିଶ ସରକାରଙ୍କ ଦ୍ୱାରା ଓଡ଼ିଶା ଆର୍ଥିକ ଦୃଷ୍ଟିକୋଣରୁ ଶୋଷିତ ହେଉଥିଲା । ରେଳପଥ ବିକାଶ କଥା ହେଉ ଅଥବା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗ ହେଉ କିମ୍ବା ମହାବାତ୍ୟା କ୍ଷେତ୍ରରେ ମଧ୍ୟ ଓଡ଼ିଶା କେନ୍ଦ୍ର ଦ୍ୱାରା ଉପେକ୍ଷିତ । ବହୁ କେନ୍ଦ୍ରୀୟ ପ୍ରକଳ୍ପ ଅନ୍ୟ ରାଜ୍ୟକୁ ଚାଲିଯାଉଛି । ଓଡ଼ିଶାରେ ଦାରିଦ୍ର୍ୟ ଆଜିର ନୁହେଁ, ଏହା ହେଉଛି କ୍ରମାଗତ ଅବହେଳା ଓ ଶୋଷଣର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୭୯ ବର୍ଷ ପୂରିଲା ତଥାପି ବିଚ୍ଛିନ୍ନାଞ୍ଚଳ ଷଢ଼େଇକଳା, ଖରସୁଆଁ, ମେଦିନିପୁର, ଇଚ୍ଛା, କେରା, କଣ୍ଟାଇ, ଦାନ୍ତୁନ, ସିହଭୂମି, ବୀରଭୂମି, ରାଞ୍ଚି, ଫୁଲଝର, ମଞ୍ଜୁଷା, ଜଳନ୍ତର ଇତ୍ୟାଦି ଓଡ଼ିଶାରେ ମିଶିପାରିଲା ନାହିଁ । ବିଚ୍ଛିନ୍ନାଞ୍ଚଳର ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ନିଜକୁ ଓଡ଼ିଆ ଭାବେ ପରିଚୟ ଦେବାକୁ କୁଣ୍ଠିତ । ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶରେ ପ୍ରବାସୀ ଓଡ଼ିଆ ଛାତ୍ର ଛାତ୍ରୀଙ୍କୁ ନିଜ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନର ମୌଳିକ ସୁବିଧା ଦିଆଯାଇ ପାରିଲା ନାହିଁ । ବିବିଧତା ଆମ ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ପ୍ରଗତିରେ ବାଧା ସୃଷ୍ଟି ହେଉଛି । କିନ୍ତୁ ଦୁଃଖର ବିଷୟ ବହୁ ଓଡ଼ିଆ ଭାଷା ଭାଷୀ ଅଞ୍ଚଳ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ରାଜ୍ୟରେ ରହିଗଲା । ସ୍ୱାର୍ଥପରତା ପାଇଁ ଝାଡ଼ଖଣ୍ଡ, କୋଶଳ ରାଜ୍ୟ, ଦଣ୍ଡକାରଣ୍ୟ ରାଜ୍ୟ ଗଠନ ପାଇଁ ଆନ୍ଦୋଳନ ଜାରି ରଖିବା ଠିକ୍ ନୁହେଁ ।

ଉତ୍କଳ ଜନନୀ କହିଲେ ଯେଉଁ ସୁନ୍ଦର ରାଜ୍ୟଟିର ମାନଚିତ୍ର ଆମ ମାନସପଟରେ ଉଙ୍କିମାରେ, ତା'ର ପୂର୍ବରେ ବଙ୍ଗୋପସାଗର, ପଶ୍ଚିମରେ ଛତିଶଗଡ଼ ଏବଂ ଉତ୍ତରରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଏବଂ ଦକ୍ଷିଣରେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ ରାଜ୍ୟ ରହିଛି । ଓଡ଼ିଶାର ଦକ୍ଷିଣ– ପୂର୍ବ ଶେଷ ଜିଲ୍ଲାଟି ମାଲକାନଗିରି । ଏହି ଜିଲ୍ଲାର ଉତ୍ତର ସୀମାଦେଇ ସାବେରୀ ନଦୀ ବୋହିଆସି ଦକ୍ଷିଣ ସୀମାନ୍ତରେ ରହୁଥିବା ସିଲେରୁ ନଦୀ ସହିତ

ମୁଗୀପଏଣ୍ଟଠାରେ ମିଶିଯାଇ ସୃଷ୍ଟି ହୋଇଛି ଚିନାଗୋଦାବରୀ ନଦୀ । ତେଲୁଗୁ ଭାଷାରେ ଚିନା ଅର୍ଥ ସାନ, ମୁଗୀ ପଏଣ୍ଟ କୋଡ଼ିଏ କିଲୋମିଟର ପର୍ଯ୍ୟନ୍ତ ଦକ୍ଷିଣ– ପୂର୍ବକୁ ବୋହିଯାଇ ଗୋଦାବରୀ ନଦୀରେ ମିଶି ଯାଇଛି ଚିନା ଗୋଦାବରୀ ନଦୀ । ମୁଗୀ ପଏଣ୍ଟଠାରେ ସାବେରୀ ଓ ସିଲେରୁ ନଦୀ ଦ୍ୱୟର ମିଳନ ସ୍ଥଳ ଅତ୍ୟନ୍ତ ମନୋରମ ଅଟେ । ମୁଗୀ ପଏଣ୍ଟଠାରେ ସୁନ୍ଦର ଫୁଲ ବଗିଚା କରାଯାଇ ଓଡ଼ିଶାର ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତି ପ୍ରତିଷ୍ଠା କରି ଓଡ଼ିଆ ଜାତିର ସ୍ୱାଭିମାନ ବୃଦ୍ଧି ପାଇଁ ଯତ୍ନ କରିଯିବା ଉଚିତ୍ । ମାତ୍ର ଆଜି ଏହି ଚିନ୍ତା ପ୍ରବାହରେ ଘୂର୍ଣ୍ଣି ସୃଷ୍ଟି ହେବାର ଭୟ ଦେଖାଗଲାଣି, କାରଣ ସରକାର ରାଜମହେନ୍ଦ୍ରୀ ନିକଟସ୍ଥ ପୋଲାଭରମ୍‌ଠାରେ ଗୋଦାବରୀ ନଦୀ ଜଳକୁ ବନ୍ଧାଇ ଏକ ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ କରିବାକୁ ଯାଉଛନ୍ତି । ଏହାର ଜଳଭଣ୍ଡାରକୁ ଇନ୍ଦିରା ସାଗର ନାମରେ ନାମିତ କରାଯାଇଛି । ଆମ ପାଇଁ ଦୁଃଖର ବିଷୟ ହେଉଛି ଏହି ଇନ୍ଦିରା ସାଗର ଗର୍ଭରେ ମୁଗୀ ପଏଣ୍ଟ ସମେତ ମାଲକାନଗିରି ଜିଲ୍ଲାର ମୋଟୁ ତହସିଲର କେତେକାଂଶ ରହିଯିବ । ମୁଗୀ ପଏଣ୍ଟଠାରୁ ସାତ କିଲୋମିଟର ପର୍ଯ୍ୟନ୍ତ ଅଞ୍ଚଳ ଜଳମଗ୍ନ ହେବ । ଫଳରେ ଓଡ଼ିଶାର ଏହି ପବିତ୍ର ମୁଗୀପଏଣ୍ଟଠାରୁ ଆନ୍ଧ୍ର ରାଜ୍ୟର ସୀମା ଆହୁରି ସାତ କିଲୋମିଟର ଉତ୍ତର ପୂର୍ବକୁ ଘୁଞ୍ଚିଯିବା ପୂର୍ବରୁ ଓଡ଼ିଶାବାସୀଙ୍କ ସ୍ୱାର୍ଥପ୍ରତି ଦୃଷ୍ଟି ନ ଦେଇ ଆନ୍ଧ୍ର ସରକାର ବଂଶଧାରା ନଦୀକୂଳକୁ ଉପଯୋଗ କରି ଏକ ଜଳବିଦ୍ୟୁତ୍ ପ୍ରକଳ୍ପ କରି ସାରିଛନ୍ତି । ଓଡ଼ିଶାର ଚିତ୍ର ରାଜ୍ୟବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରିବା ସହ ଓଡ଼ିଆ ଭାଷାଭାଷୀଙ୍କୁ ଏକତ୍ରିତ କରିବା ଲାଗି ଜାଗ୍ରତ କରାଇଥିଲେ।

ଆଜିର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମିତ୍ତ ଦୀର୍ଘ ସମୟ ଧରି ଓଡ଼ିଆ ଜାତିକୁ ଆନ୍ଦୋଳନ କରିବାକୁ ପଡ଼ିଛି । ଅଗଣିତ ଓଡ଼ିଆଙ୍କ ନିରବଚ୍ଛିନ୍ନ ସଂଗ୍ରାମ ଓଡିଆ ଜାତିପ୍ରେମ ବରେଣ୍ୟ ଦେଶ ସେବକଙ୍କ ନିଃସ୍ୱାର୍ଥପର ନେତୃତ୍ୱ ଚରମ ତ୍ୟାଗ ଓ ସାଧନାର ଫଳଶ୍ରୁତି ହେଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ । ଆଜିର ପବିତ୍ର ଉତ୍କଳ ଦିବସ ଅର୍ଥାତ୍ ଜନ୍ମଦିନ ଅବସରରେ ଆମେ ଏ ବୀର ମାଟିର ସେ ବରପୁତ୍ରମାନଙ୍କୁ ସ୍ମରଣ କରିବା ସହିତ ଗଭୀର ଶ୍ରଦ୍ଧା ଓ ସମ୍ମାନ ଜଣାଇବା ସଙ୍ଗେ ସଙ୍ଗେ ଓଡ଼ିଶାବାସୀଙ୍କୁ ସୁଖ, ଶାନ୍ତି, ସମୃଦ୍ଧି ଓ ପ୍ରଗତିର କାମନା କରୁଛୁ । ସେଥିପାଇଁ ଓଡ଼ିଆବାସୀଙ୍କ ପାଇଁ ଏମାନେ ଚିରନମସ୍ୟ । ଆମ ରାଜ୍ୟର ଜନ୍ମଦିନ ଉତ୍କଳ ଦିବସକୁ ପବିତ୍ରତାର ସହ ହର୍ଷ ଉଲ୍ଲାସରେ ପାଳନ କରାଯିବା ଉଚିତ୍ କାରଣ ପ୍ରତ୍ୟେକ ଓଡ଼ିଆର ସ୍ୱାଭିମାନ ସହ ଏହା ଜଡ଼ିତ । ଏହି ପବିତ୍ର ଦିବସରେ ମନେ ପକାଇ ଦେବାକୁ ହେବ ଯେ ଗୌରବମୟ ଉତ୍କଳୀୟ ସଂସ୍କୃତି, ଐତିହ୍ୟ, ପରମ୍ପରା, ବୀରତ୍ୱର କାହାଣୀ ଓ କଳିଙ୍ଗ ସାମ୍ରାଜ୍ୟର ଗୌରବମୟ ଗାଥାର ଇତିହାସ । ପରିଶେଷରେ ଆମ ଓଡ଼ିଶାବାସୀଙ୍କ ମାନସିକତାରେ ପରିବର୍ତ୍ତନ କରି ଜାତୀୟତା ଭାବ ପୁନଃ ବିକଶିତ ହେବା ପାଇଁ ଆତ୍ମସମୀକ୍ଷା ଓ ସଂକଳ୍ପର ଦିବସ ହେଉ, ଏହାହିଁ ଆମର କାମନା ।

ଗ୍ରାମ / ପୋ.ଅ– ଖୁଚିଂ
ଜିଲ୍ଲା– ମୟୂରଭଞ୍ଜ
ପିନ୍ – ୭୫୭୦୩୯

❖ ❖ ❖

# ୨୦୧୫–୧୬ ବଜେଟ୍ ଆକଳନର ମୁଖ୍ୟାଂଶ

ତା୧୬.୦୨.୨୦୧୫ରିଖରେ ମାନ୍ୟବର ଅର୍ଥମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଦୀପ କୁମାର ଅମାତ ୨୦୧୫–୧୬ ଆର୍ଥିକ ବର୍ଷ ପାଇଁ ୮୪,୪୮୭ କୋଟି ୭୭ ଲକ୍ଷ ଟଙ୍କାର ବଜେଟ୍ ଅଟକଳ ବିଧାନ ସଭାରେ ଉପସ୍ଥାପନ କରିଛନ୍ତି । ଏହି ବଜେଟ୍‌ରେ ପୁଞ୍ଜି ନିବେଶ, ଅଭିବୃଦ୍ଧି, ଉନ୍ନୟନ ଏବଂ ଜନମଙ୍ଗଳକାରୀ ଯୋଜନା ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ବିଗତ ବର୍ଷ ବଜେଟ୍ ପରି ଏହି ବର୍ଷ ବଜେଟ୍ ମଧ୍ୟ ୨ଭାଗରେ ଯଥା– କୃଷି ବଜେଟ୍ ଓ ସାଧାରଣ ବଜେଟ୍, ଏହିପରି ଆଗତ କରାଯାଇଛି । ଅଣଯୋଜନା, ରାଜ୍ୟ ଯୋଜନା, କେନ୍ଦ୍ର ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାର ତୁଳନାତ୍ମକ ବ୍ୟୟ ବରାଦ ଏହିପରି ଅଟେ ।

(କୋଟି ଟଙ୍କାରେ)

| | **୨୦୧୪–୧୫ ଆର୍ଥିକ ବର୍ଷର ବଜେଟ୍ ଆକଳନ** | **୨୦୧୫–୧୬ ଆର୍ଥିକ ବର୍ଷର ବଜେଟ୍ ଆକଳନ** |
|---|---|---|
| ଅଣଯୋଜନା (NonPlan) | ୪୦୭୧୧.୦୧ | ୪୩୯୫୬.୩୨ |
| ରାଜ୍ୟ ଯୋଜନା (State Plan) | ୩୮୮୧୦.୦୦ | ୪୦୧୫୦.୦୦ |
| କେନ୍ଦ୍ର ଯୋଜନା (Central Plan) | ୬୦୯.୪୨ | ୩୪୯.୫୫ |
| କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା (Centrally Sponsored Plan) | ୯.୧୫ | ୩୧.୯୧ |
| **ମୋଟ୍** | **୮୦୧୩୯.୫୮** | **୮୪୪୮୭.୭୭** |

- ଚଳିତ ବର୍ଷ ବଜେଟ୍ ଅଟକଳ ପ୍ରାୟ ୫.୧୫ ପ୍ରତିଶତ ବୃଦ୍ଧି ପାଇଛି । ଅଣଯୋଜନା ଅଟକଳ ୭.୯୭ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ରାଜ୍ୟ ଯୋଜନା ଅଟକଳ ପୂର୍ବ ବର୍ଷ ତୁଳନାରେ ୩.୪୫ ପ୍ରତିଶତ ବୃଦ୍ଧି ପାଇଛି ।

- ୨୦୧୪–୧୫ ଆର୍ଥିକ ବର୍ଷରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବ୍ୟୟ ବରାଦ ୯୫୪୨ କୋଟି ୨୨ ଲକ୍ଷ ଟଙ୍କା ଥିବା ବେଳେ ୨୦୧୫–୧୬ ଆର୍ଥିକ ବର୍ଷରେ ଏହା ୧୦୯୦୩ କୋଟି ୬୧ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ଏହି ଅଭିବୃଦ୍ଧି ପରିମାଣ ୧୪.୨୭ ପ୍ରତିଶତ ଅଟେ ।
- ଅଧିକ ଗୁରୁତ୍ୱପୂର୍ଣ୍ଣ ହେଲା କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ରାଜ୍ୟ ଯୋଜନା ଅଟକଳ ୭୪୯୦ କୋଟି ୪୪ ଲକ୍ଷ ଟଙ୍କାରୁ ୮୬୮୪ କୋଟି ୯୧ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି, ଯାହାକି ପ୍ରାୟ ୧୬ ପ୍ରତିଶତ ଅଧିକ ଅଟେ । ଏହା କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଉତ୍ପାଦନ, ରୋଜଗାର ଏବଂ କୃଷକମାନଙ୍କ ମଙ୍ଗଳକୁ ପୂରଣ କରିବ ।

**ରାଜ୍ୟ ବଜେଟର ଗୁଣାତ୍ମକ ଦିଗ**

- ଏହି ବଜେଟରେ ପରିସମ୍ପତ୍ତି, ସାମାଜିକ ଏବଂ ମାନବ ସମ୍ବଳ କ୍ଷେତ୍ରରେ ପୁଞ୍ଜି ନିବେଶକୁ ଗୁରୁତ୍ୱ ଦିଆଯାଇଛି ।
- ଟିକସ ଓ ଘରୋଇ ଉତ୍ପାଦର ଅନୁପାତ ୨୦୧୫–୧୬ (BE)ରେ ୬.୧୧ ପ୍ରତିଶତ ହେବା ପାଇଁ ଅଟକଳ କରାଯାଇଛି ।
- ୧୫୧୪୯.୦୭ କୋଟି ଟଙ୍କାର ପୁଞ୍ଜି ବ୍ୟୟ ବ୍ୟବସ୍ଥା ରାଜ୍ୟ ଘରୋଇ ଉତ୍ପାଦର ୪.୩୫ ପ୍ରତିଶତକୁ ବୃଦ୍ଧି ପାଇଛି ।
- ପୁଞ୍ଜି ସମ୍ପତ୍ତି ସୃଷ୍ଟି ପାଇଁ ଓ ଅନ୍ୟାନ୍ୟ ଖର୍ଚ୍ଚ ଦ୍ୱାରା ପୁଞ୍ଜି ସମ୍ପତ୍ତି ସୃଷ୍ଟି ପାଇଁ ୯୭୩୬.୭୦ କୋଟି ଟଙ୍କା ବରାଦ ହୋଇଛି, ଯାହା ରାଜ୍ୟ ଘରୋଇ ଉତ୍ପାଦର ୨.୮୦ ପ୍ରତିଶତ ।
- ପୁଞ୍ଜି ସମ୍ପତ୍ତିର ରକ୍ଷଣାବେକ୍ଷଣ ପାଇଁ ୪୮୭୭.୩୫ କୋଟି ଟଙ୍କାର ବ୍ୟୟ ବରାଦ ।
- ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବ୍ୟୟ ବରାଦର ଅଂଶ ୨୦୦୬–୦୭ରେ ୫୫.୩୬ ପ୍ରତିଶତ ଥିବାବେଳେ ୨୦୧୫–୧୬ ଆର୍ଥିକ ବର୍ଷରେ ଏହା ୭୫.୩୩ ପ୍ରତିଶତକୁ ବୃଦ୍ଧି ପାଇଛି ।
- ବିତ୍ତୀୟ ନିଅଣ୍ଟ ଘରୋଇ ଉତ୍ପାଦର ୨.୯୯ ପ୍ରତିଶତ ମଧ୍ୟରେ ସୀମିତ ରହିବ, ଯାହାକି ଧାର୍ଯ୍ୟ ଲକ୍ଷ୍ୟ ୩ ପ୍ରତିଶତଠାରୁ କମ୍ ।
- କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ନିମନ୍ତେ ରାଜ୍ୟ ଅଂଶ– ୩୨୦୨.୯୯ କୋଟି ଟଙ୍କା ।

**ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ବିଭାଗଭିତ୍ତିକ ବ୍ୟୟ ବରାଦ ନିମ୍ନରେ ପ୍ରଦତ୍ତ ହେଲା ।**

**(କୋଟି ଟଙ୍କାରେ)**

| ବିଭାଗର ନାମ | ଅଣ ଯୋଜନା | ରାଜ୍ୟ ଯୋଜନା | କେନ୍ଦ୍ର ଯୋଜନା | କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା | ମୋଟ୍ |
|---|---|---|---|---|---|
| ସ୍ୱରାଷ୍ଟ୍ର | ୩୧୨୯.୨୧ | ୪୭୪.୭୩ | ୭.୯୪ | ୦.୦୦ | ୩୬୧୧.୮୮ |
| ସାଧାରଣ ପ୍ରଶାସନ | ୧୨୭.୪୯ | ୧୭୨.୮୮ | ୦.୦୦ | ୦.୦୦ | ୩୦୦.୩୭ |
| ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | ୧୩୩୪.୬୪ | ୯୧୬.୦୦ | ୨୧.୫୪ | ୦.୦୦ | ୨୨୭୨.୧୯ |
| ଆଇନ୍ | ୨୫୮.୪୮ | ୩୫.୧୧ | ୩.୮୧ | ୦.୦୦ | ୨୯୭.୪୧ |
| ଅର୍ଥ | ୧୭୪୨୨.୯୦ | ୩୩.୦୦ | ୦.୦୦ | ୦.୦୦ | ୧୭୪୫୫.୯୦ |
| ବାଣିଜ୍ୟ | ୫୯.୯୧ | ୨୨.୧୭ | ୦.୦୦ | ୦.୦୦ | ୮୨.୦୭ |
| ପୂର୍ତ୍ତ | ୧୬୫୪.୨୩ | ୨୪୮୫.୮୯ | ୫.୦୦ | ୦.୦୦ | ୪୧୪୫.୧୨ |
| ଓଡ଼ିଶା ବିଧାନସଭା | ୪୫.୯୩ | ୦.୦୦ | ୦.୦୦ | ୦.୦୦ | ୪୫.୯୩ |

| | | | | | |
|---|---|---|---|---|---|
| ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | ୧୪୫୪.୮୩ | ୯୯.୦୭ | ୦.୦୦ | ୫.୫୪ | ୧୫୫୯.୪୪ |
| ବିଦ୍ୟାଳୟ ଓ ଗଣଶିକ୍ଷା | ୫୯୭୫.୨୨ | ୪୦୦୪.୨୭ | ୦.୦୦ | ୦.୦୦ | ୯୯୭୯.୪୯ |
| ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ଏବଂ | | | | | |
| ସଂଖ୍ୟା ଲଘୁ ଓ ପଛୁଆ ଶ୍ରେଣୀ ଉନ୍ନୟନ | ୮୪୦.୩୬ | ୧୩୮୫.୯୫ | ୧୪୬.୦୪ | ୦.୦୦ | ୨୩୭୨.୩୪ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୧୭୪୦.୮୮ | ୨୦୬୪.୭୧ | ୪୯.୨୩ | ୧.୦୬ | ୩୮୫୫.୮୮ |
| ଗୃହ ନିର୍ମାଣ ଓ ନଗର ଉନ୍ନୟନ | ୧୫୪୬.୪୮ | ୧୩୬୬.୦୨ | ୧୨.୭୯ | ୦.୦୦ | ୨୯୨୫.୨୮ |
| ଶ୍ରମ ଏବଂ ନିଯୁକ୍ତି ରାଜ୍ୟ ବୀମା | ୫୫.୧୪ | ୧୪୨.୫୩ | ୦.୦୦ | ୦.୦୦ | ୧୯୭.୬୮ |
| କ୍ରୀଡା ଏବଂ ଯୁବସେବା | ୨୮.୬୬ | ୬୬.୨୨ | ୦.୦୦ | ୦.୦୦ | ୯୪.୮୮ |
| ଯୋଜନା ଓ ସମନ୍ୱୟ | ୪୩.୯୮ | ୧୨୭୨.୦୧ | ୬୯.୪୧ | ୦.୦୦ | ୧୩୮୫.୪୦ |
| ପଞ୍ଚାୟତିରାଜ | ୨୨୨୪.୫୭ | ୪୮୩୧.୧୮ | ୦.୦୬ | ୧.୩୦ | ୭୦୫୭.୧୦ |
| ସାଧାରଣ ଅଭିଯୋଗ ଏବଂ ପେନ୍‌ସନ୍ ପ୍ରଶାସନ | ୧.୬୪ | ୦.୦୦ | ୦.୦୦ | ୦.୦୦ | ୧.୬୪ |
| ଶିଳ୍ପ | ୨.୭୯ | ୪୨.୭୯ | ୦.୦୦ | ୦.୦୦ | ୪୫.୫୮ |
| ଜଳ ସମ୍ପଦ | ୧୨୫୪.୯୭ | ୪୯୫୭.୧୮ | ୦.୦୦ | ୦.୦୦ | ୬୨୧୨.୧୫ |
| ପରିବହନ | ୩୭.୧୫ | ୧୮୬.୦୦ | ୨.୯୨ | ୦.୦୦ | ୨୨୬.୦୭ |
| ଜଙ୍ଗଲ ଓ ପରିବେଶ | ୪୩୭.୦୮ | ୨୫୬.୫୪ | ୨୫.୦୦ | ୦.୦୦ | ୭୧୮.୬୨ |
| କୃଷି | ୫୪୬.୧୧ | ୨୫୭୮.୨୭ | ୦.୦୦ | ୦.୦୦ | ୩୧୨୪.୩୮ |
| ଇସ୍ପାତ ଓ ଖଣି | ୪୬.୨୦ | ୩୩.୬୫ | ୦.୦୦ | ୦.୦୦ | ୭୯.୮୫ |
| ସୂଚନା ଓ ଲୋକ ସମ୍ପର୍କ | ୫୧.୫୦ | ୧୧.୮୦ | ୦.୦୦ | ୦.୦୦ | ୬୩.୩୦ |
| ଅବକାରୀ | ୬୬.୮୨ | ୫.୦୦ | ୦.୦୦ | ୦.୦୦ | ୭୧.୮୨ |
| ବିଜ୍ଞାନ ଓ କାରିଗରୀ | ୧୧.୨୪ | ୪୧.୩୫ | ୦.୦୦ | ୦.୦୦ | ୫୨.୫୮ |
| ଗ୍ରାମ୍ୟ ଉନ୍ନୟନ | ୧୨୪୪.୧୬ | ୪୭୩୦.୮୧ | ୦.୦୦ | ୦.୦୦ | ୫୯୭୪.୯୭ |
| ସଂସଦୀୟ ବ୍ୟାପାର | ୩୨.୬୦ | ୦.୦୦ | ୦.୦୪ | ୦.୦୦ | ୩୨.୬୪ |
| ଶକ୍ତି | ୨୦.୩୩ | ୧୧୬୬.୮୭ | ୦.୦୦ | ୦.୦୦ | ୧୧୮୭.୨୦ |
| ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ | ୫୦.୬୪ | ୧୦୦.୮୪ | ୦.୦୦ | ୦.୦୦ | ୧୫୧.୪୯ |
| ପର୍ଯ୍ୟଟନ ଓ ସଂସ୍କୃତି | ୩୯.୨୫ | ୧୯୬.୮୭ | ୦.୦୦ | ୦.୦୦ | ୨୩୬.୧୩ |
| ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ | ୨୯୫.୯୧ | ୩୦୦.୯୬ | ୪.୫୦ | ୨୩.୪୩ | ୬୨୪.୮୦ |

| | | | | | |
|---|---|---|---|---|---|
| ସମବାୟ | ୯୩.୭୮ | ୭୯୮.୪୯ | ୦.୦୦ | ୦.୦୦ | ୮୯୨.୨୭ |
| ସାଧାରଣ ଉଦ୍ୟୋଗ | ୨.୦୯ | ୨.୦୦ | ୦.୦୦ | ୦.୦୦ | ୪.୦୯ |
| ମହିଳା ଓ ଶିଶୁ କଲ୍ୟାଣ | ୩୮୪.୧୫ | ୩୭୭୬.୪୮ | ୦.୦୦ | ୦.୦୦ | ୪୧୬୦.୬୩ |
| ସୂଚନା ଓ ପ୍ରଯୁକ୍ତି ବିଦ୍ୟା | ୩.୧୫ | ୧୭୧.୮୯ | ୦.୦୦ | ୦.୦୦ | ୧୭୫.୦୪ |
| ଉଚ୍ଚଶିକ୍ଷା | ୧୧୬୯.୩୧ | ୮୧୯.୩୩ | ୦.୪୭ | ୦.୦୦ | ୧୯୮୯.୧୧ |
| ନିଯୁକ୍ତି, ବୈଷୟିକ ଶିକ୍ଷା ଏବଂ ପ୍ରଶିକ୍ଷଣ | ୧୭୨.୨୨ | ୫୩୮.୩୨ | ୦.୮୦ | ୦.୧୩ | ୭୧୧.୪୭ |
| ଅଣୁ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ | ୫୦.୩୩ | ୬୨.୮୩ | ୦.୦୦ | ୦.୪୫ | ୧୧୩.୬୧ |
| **ମୋଟ୍** | **୪୩୯୫୬.୩୨** | **୪୦୧୫୦.୦୦** | **୩୪୯.୫୫** | **୩୧.୯୧** | **୮୪୪୮୭.୭୭** |

### କୃଷି ବଜେଟ୍

୨୦୧୨–୧୩ ଆର୍ଥିକ ବର୍ଷରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବ୍ୟୟ ଅଟକଳ ୫୬୨୭.୮୭ କୋଟି ଟଙ୍କା ଥିବା ବେଳେ ୨୦୧୩–୧୪ ଆର୍ଥିକ ବର୍ଷରେ ଏହା ପ୍ରଥମ ଥର ପାଇଁ ଉଲ୍ଲେଖନୀୟଭାବେ ୭୧୬୧.୮୪ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା । ପୁନଶ୍ଚ ୨୦୧୪–୧୫ରେ ଏହା ୯୫୪୨.୨୨ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା । ଏହି ବଜେଟ୍‌ରେ ଅଟକଳ ୧୦୯୦୩.୬୨ କୋଟି ଟଙ୍କାକୁ ବୃଦ୍ଧି ପାଇବ ।

### କୃଷି ବିଭାଗ

୨୦୧୫–୧୬ ଆର୍ଥିକ ବର୍ଷରେ ଯୋଜନା ଓ ଅଣଯୋଜନା ପାଇଁ ବ୍ୟୟ ବରାଦ ଯଥାକ୍ରମେ ୫୪୬.୧୧ କୋଟି ଟଙ୍କା ଏବଂ ୨୫୭୮.୨୭ କୋଟି ଟଙ୍କାରେ ରଖାଯାଇଛି । ୨୦୧୫–୧୬ ଆର୍ଥିକ ବର୍ଷ ପାଇଁ ମୋଟ୍ ବ୍ୟୟ ବରାଦ ପରିମାଣ ୩୧୨୪.୩୮ କୋଟି ଟଙ୍କା ଅଟେ, ଯାହା ବିଗତ ବର୍ଷ ତୁଳନାରେ ୧୪.୫୩ ପ୍ରତିଶତ ଅଧିକ ।

- **ବିହନ ପାଇଁ କର୍ପସ ପାଣ୍ଠି:** ଏଥିପାଇଁ ବିଭାଗର ୩ଟି ସରକାରୀ ଉଦ୍ୟୋଗକୁ ବିନା ସୁଧରେ ୧୦୦ କୋଟି ଟଙ୍କାର ସ୍ୱଳ୍ପ ମିଆଦୀ ଋଣ ଯୋଗାଇ ଦିଆଯିବ । ଏହାଦ୍ୱାରା ସେମାନେ କୃଷକମାନଙ୍କୁ ଉଚିତ୍ ମୂଲ୍ୟରେ ଉନ୍ନତମାନର ବିହନ ଯୋଗାଇ ଦେବାକୁ ସକ୍ଷମ ହେବେ ।
- **ସାର ପାଇଁ କର୍ପସ ପାଣ୍ଠି:** ଏଥିପାଇଁ ୨୦୧୪–୧୫ ଆର୍ଥିକ ବର୍ଷରେ ୧୦୦କୋଟି ଟଙ୍କାର ଏକ କର୍ପସ ପାଣ୍ଠି ସୃଷ୍ଟି ହୋଇଛି । ଏହି ଅର୍ଥ ସାର ସଂଗ୍ରହ ଏବଂ ବଣ୍ଟନ ପାଇଁ ଓଡ଼ିଶା ରାଜ୍ୟ ସମବାୟ ବାଣିଜ୍ୟ ମହାସଂଘ (MARKFED) ଏବଂ ଓଡ଼ିଶା କୃଷି ଶିଳ୍ପ ନିଗମ(OAIC)କୁ ପ୍ରଦାନ କରାଯିବ । ଏହା ଏକ ନିୟମିତ ଯୋଜନାଭାବେ ଚାଲୁ ରହିବ ।
- **ଗଭୀର ନଳକୂପ– ସେଚ କାର୍ଯ୍ୟକ୍ରମ:** ୫୨୦ କୋଟି ଟଙ୍କା
- **ଜଳନିଧି (ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି):** ୧୬୦ କୋଟି ଟଙ୍କା
- **କୃଷି କାର୍ଯ୍ୟକ୍ରମ– କ୍ଷେତ ଯାନ୍ତ୍ରୀକରଣ:** ୨୪୦ କୋଟି ଟଙ୍କା
- **ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା:** ୫୫୪.୫୪ କୋଟି ଟଙ୍କା
- **ମୃତ୍ତିକା ଓ ଜଳ ସଂରକ୍ଷଣ:** ୨୫୮.୧୭ କୋଟି ଟଙ୍କା (ଏଥିମଧ୍ୟରୁ ୨୫୧.୬୭ କୋଟି ଟଙ୍କା ସମନ୍ୱିତ ଜଳଛାୟା ପରିଚାଳନା କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ)

- **ଉଦ୍ୟାନ କୃଷି:** ୨୧୮.୮୦ କୋଟି ଟଙ୍କା (ଏଥି ମଧ୍ୟରୁ ୧୨୮.୩୦ କୋଟି ଟଙ୍କା ସମନ୍ୱିତ ଉଦ୍ୟାନ କୃଷି ମିଶନ ଏବଂ ୧୭.୧୦ କୋଟି ଟଙ୍କା ଉଦ୍ୟାନ କୃଷି ମିଶନ ପ୍ଲସ ପାଇଁ ଉଦ୍ଦିଷ୍ଟ)
- **ରାଜ୍ୟ ଆଳୁ ମିଶନ:** ଆଳୁ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ପାଇଁ– ୫୦ କୋଟି ଟଙ୍କା
- **ଆଳୁର ମଧ୍ୟବର୍ତ୍ତୀ ଭଣ୍ଡାର:** ଏଥିପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ବଜେଟ୍‌ରେ ୫୦ କୋଟି ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରଖାଯାଇଛି ।
- **ବିଜୁ କୃଷକ କଲ୍ୟାଣ ଯୋଜନା:** ୯୦ କୋଟି ଟଙ୍କା

**ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗ**

ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ବ୍ୟୟ ଅଟକଳ ୨୦୧୪–୧୫ ଆର୍ଥିକ ବର୍ଷରେ ୫୨୦.୦୯ କୋଟି ଟଙ୍କା ଥିବାବେଳେ ୨୦୧୫–୧୬ ଆର୍ଥିକ ବର୍ଷରେ ଏହା ୬୨୪.୮୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

**ମତ୍ସ୍ୟ ଚାଷ**

- **ବୈଜ୍ଞାନିକ ପଦ୍ଧତିରେ ଜଳାଶୟ ନିର୍ମାଣ ପାଇଁ ସଂପ୍ରସାରଣ ସେବା:** ୪୧.୭୩ କୋଟି ଟଙ୍କା
- **ଋଣ ପାଇଁ ସ୍ୱଳ୍ପ ହାରରେ ସୁଧ ପ୍ରଦାନ:** ୫.୧୧କୋଟି ଟଙ୍କା
- **ମତ୍ସ୍ୟଜୀବୀଙ୍କ କଲ୍ୟାଣ:** ମତ୍ସ୍ୟଜୀବୀ ଉନ୍ନୟନ ଯୋଜନା ଓ ମତ୍ସ୍ୟଜୀବୀ ବାସଗୃହ ଯୋଜନା ପାଇଁ ଯଥାକ୍ରମେ ୨କୋଟି ଓ ୮କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

**ପଶୁପାଳନ**

- **ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମି ସୁବିଧାର ଉନ୍ନତିକରଣ:** ୧୪୫.୩୬ କୋଟି ଟଙ୍କା
- **ଉନ୍ନତମାନର ପ୍ରଜନନ ସୁବିଧା ଓ ଦୁଗ୍ଧ ଉନ୍ନୟନ:** ୩୪.୯୪ କୋଟି ଟଙ୍କା
- **ଋଣ ଉପରେ ସୁଧ ରିହାତି:** ୮କୋଟି ଟଙ୍କା

**ସମବାୟ ବିଭାଗ**

୨୦୧୫–୧୬ ଆର୍ଥିକ ବର୍ଷ ପାଇଁ ସମବାୟ ବିଭାଗରେ ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ୮୯୨.୨୭ କୋଟି ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ଅଛି ।

- **ଶସ୍ୟବୀମା: ୧୬୦ କୋଟି ଟଙ୍କା**
- **ସମବାୟ ଋଣ: ଶସ୍ୟ ଋଣ ଏବଂ ମିଆଦୀ ଋଣ ଉପରେ ସୁଧ ରିହାତି– ୩୮୪ କୋଟି ଟଙ୍କା**
- **ପଣ୍ୟାଗାର ପ୍ରତିଷ୍ଠା: ୧୦୦ କୋଟି ଟଙ୍କା**
- **କୃଷି ବିପଣନ ସଂସ୍କାର– ଫଳ ଓ ପନିପରିବା ଉପରେ ବଜାର ମାସୁଲ ଛାଡ**
- **ଶସ୍ୟ ଶୁଖାଇବା ପାଇଁ କଂକ୍ରିଟ ପ୍ଲାଟଫର୍ମ ଏବଂ ଅମଳ ପାଇଁ ଚଟାଣ** (Construction of Concrete Drying Platform and Threshing Floor): ଏଥିପାଇଁ ଆବଶ୍ୟକ ହେଉଥିବା ଅର୍ଥ କୃଷି ବିଭାଗ ବଜେଟ ଓ ଓଡ଼ିଶା ରାଜ୍ୟ କୃଷି ବିପଣନ ବୋର୍ଡ ବଜେଟ୍‌ରୁ ଭରଣା କରାଯିବ । ଏହି ଚଟାଣ ନିର୍ମାଣ ପାଇଁ ୩୦୦ କୋଟି ଟଙ୍କାର ବ୍ୟୟ ବରାଦର ଆବଶ୍ୟକତା ଅଛି ।

- **ମାର୍କଫେଡ ପାଇଁ କର୍ପସ ପାଣ୍ଠି:** ଅଣ ଧାନ ଶସ୍ୟ ଯଥା ତୈଳବୀଜ ଏବଂ ଡାଲି ଜାତୀୟ ଶସ୍ୟ ଚାଷୀଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟରେ ସଂଗ୍ରହ କରିବା ପାଇଁ ଓଡ଼ିଶା ରାଜ୍ୟ ସମବାୟ ମହାସଂଘ ଲିଃ ଭୁବନେଶ୍ୱର(MARKFED)କୁ ୧୦୦ କୋଟି ଟଙ୍କା ବିନା ସୁଧରେ ସ୍ୱଳ୍ପ ମିଆଦୀ ଋଣ ଯୋଗାଇ ଦିଆଯିବ । ଏହା ଏସ୍କ୍ରୋ ଆକାଉଣ୍ଟ ଜରିଆରେ କାର୍ଯ୍ୟକାରୀ ହେବ । ଏହାଦ୍ୱାରା ଚାଷୀ ଉତ୍ପାଦନର ଲାଭଜନକ ମୂଲ୍ୟ ପାଇପାରିବା ସଙ୍ଗେ ସଙ୍ଗେ ମଧ୍ୟସ୍ଥିଙ୍କ ଶୋଷଣରୁ ମୁକ୍ତ ହେବେ ।

**ଜଳ ସମ୍ପଦ ବିଭାଗ**

୨୦୧୪-୧୫ ଆର୍ଥିକ ବର୍ଷରେ ଜଳସମ୍ପଦ ବିଭାଗ ପାଇଁ ବଜେଟ୍ ମୋଟ ଅଟକଳ ୫୦୮୭.୬୯ କୋଟି ଟଙ୍କା ଥିବାବେଳେ ୨୦୧୫-୧୬ ଆର୍ଥିକ ବର୍ଷରେ ଏହା ୬୨୧୨.୧୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

- **ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ:** ବୃହତ୍ ଓ ମଧ୍ୟମ ଜଳସେଚନ କ୍ଷେତ୍ରରେ ୨୨୨୯.୦୦ କୋଟି ଟଙ୍କାର ବ୍ୟୟ ବରାଦର ପ୍ରସ୍ତାବ ଅଛି । ତ୍ୱରିତ ଜଳସେଚନ ସୁବିଧା ଯୋଜନା ଅନ୍ତର୍ଗତ ପ୍ରକଳ୍ପ ପାଇଁ ୧୩୧୭ କୋଟି ଟଙ୍କା, ନାବାର୍ଡ ସହାୟତାପ୍ରାପ୍ତ ପ୍ରକଳ୍ପ ପାଇଁ ୧୪୨ କୋଟି ଟଙ୍କା, ବହିଃ ସାହାଯ୍ୟପ୍ରାପ୍ତ ପ୍ରକଳ୍ପ ପାଇଁ ୪୩୮ କୋଟି ଏବଂ ଆଡିବନ୍ଧ ନିର୍ମାଣ ପାଇଁ ୩୧ କୋଟି ଟଙ୍କାର ବ୍ୟୟ ବରାଦର ପ୍ରସ୍ତାବ ଅଛି ।
- **ଜଳକ୍ଷେତ୍ର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମ:** ପ୍ରକଳ୍ପର କାର୍ଯ୍ୟାରମ୍ଭ ପାଇଁ ୨୦୧୪-୧୫ ଆର୍ଥିକ ବର୍ଷରୁ ଏହି ନୂଆ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏଥିପାଇଁ ୫ବର୍ଷ ମଧ୍ୟରେ ୧୦୦୦ କୋଟି ଟଙ୍କା ବ୍ୟୟ ହେବ ବୋଲି ଅଟକଳ କରାଯାଇଛି । ୨୦୧୫-୧୬ ଆର୍ଥିକ ବର୍ଷରେ ଏଥିରେ ୧୦୦ କୋଟି ଟଙ୍କାର ବ୍ୟୟ ବରାଦର ପ୍ରସ୍ତାବ ଅଛି ।
- **କ୍ଷୁଦ୍ର ଜଳସେଚନ ପ୍ରକଳ୍ପ: ୯୬୧ କୋଟି ଟଙ୍କା**
- **ବୃହତ ଉଠା ଜଳସେଚନ ପ୍ରକଳ୍ପ:** ମାଳଭୂମିରେ ଚାଷୀଙ୍କୁ ଜଳସେଚନ ସୁବିଧା ଯୋଗାଇଦେବା ପାଇଁ ବୃହତ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଏଥିପାଇଁ ୬୭୩ କୋଟି ଟଙ୍କା ବ୍ୟୟ ଅଟକଳର ପ୍ରସ୍ତାବ ରଖାଯାଇଛି (ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ୩୭୫ କୋଟି ଟଙ୍କା, ରାଜ୍ୟ ପାଣ୍ଠି ୨୯୮ କୋଟି ଟଙ୍କା) ।
- **ଅଚଳ ହୋଇଥିବା ଉଠା ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର: ୫୦ କୋଟି ଟଙ୍କା**
- **ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ:** ବନ୍ୟା ନିୟନ୍ତ୍ରଣ ପାଇଁ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ନିମନ୍ତେ ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠିରୁ ଏବଂ ନିଜ ସମ୍ବଳରୁ ୫୬୯.୫୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଜଳ ନିଷ୍କାସନ ପାଇଁ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ନିମନ୍ତେ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଏବଂ ନିଜ ସମ୍ବଳରୁ ୨୦୨.୪୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏଥିରୁ ଜଳ ନିଷ୍କାସନ ଉନ୍ନତି ଯୋଜନା ନିମନ୍ତେ ୧୫୯.୮୧ କୋଟି ଟଙ୍କା ଉଦ୍ଦିଷ୍ଟ । ଏହି ବ୍ୟୟ ବରାଦରୁ ୧୫କୋଟି ଟଙ୍କା, ସମ୍ବଲପୁର ସହରରେ ଜଳ ନିଷ୍କାସନ ସୁବିଧାର ଉନ୍ନତିକରଣ ଏବଂ ୨୫ କୋଟି ଟଙ୍କା, ରାଜ୍ୟର ନଗରାଞ୍ଚଳରେ ଜଳାଶୟର ପୁନର୍ବିନ୍ୟାସ ପାଇଁ ଉଦ୍ଦିଷ୍ଟ ।
- **ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ: ୨୭୯.୩୯ କୋଟି ଟଙ୍କା**
- **ନଗରାଞ୍ଚଳରେ ଥିବା ଗୃହର ଛାତ ଉପରେ ବର୍ଷା ଜଳର ସଂରକ୍ଷଣ ଓ ଭୂତଳ ଜଳର କ୍ଷମତା ବୃଦ୍ଧି: ୭କୋଟି ଟଙ୍କା**
- **କେନାଲ ଲାଇନିଙ୍ଗ୍ ଏବଂ ବ୍ୟବସ୍ଥାର ପୁନରୁଦ୍ଧାର କାର୍ଯ୍ୟକ୍ରମ: ୧୦୦ କୋଟି ଟଙ୍କା**
- **ନଦୀ ଓ କେନାଲ ବନ୍ଧକୁ ଉନ୍ନତ ରାସ୍ତା ସଂଯୋଗୀକରଣ: ୫୫ କୋଟି ଟଙ୍କା**

## ସାଧାରଣ ବଜେଟ୍ (General Budget)

- କେନ୍ଦ୍ରୀୟ ଟିକସ ବାବଦରେ ରାଜ୍ୟର ଅଂଶ, ରାଜ୍ୟର ନିଜ ଟିକସ ଓ ଅଣଟିକସ ରାଜସ୍ୱ ଏବଂ କେନ୍ଦ୍ରୀୟ ଅନୁଦାନକୁ ହିସାବକୁ ନେଇ ୨୦୧୫–୧୬ ଆର୍ଥିକ ବର୍ଷ ପାଇଁ ରାଜ୍ୟର ମୋଟ ରାଜସ୍ୱ ୭୦୯୪୦ କୋଟି ୫୦ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି ।
- ଦରମା, ପେନ୍‌ସନ, ସୁଧଦେୟ ଓ ପୁଞ୍ଜି ସମ୍ପତ୍ତି ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ ଯଥାକ୍ରମେ ୧୬୭୭୮ କୋଟି ୪୦ ଲକ୍ଷ ଟଙ୍କା, ୮୫୯୩ କୋଟି ୨୦ ଲକ୍ଷ ଟଙ୍କା, ୪୩୫୦ କୋଟି ଟଙ୍କା ଏବଂ ୪୮୭୭ କୋଟି ୩୫ ଲକ୍ଷ ଟଙ୍କାକୁ ହିସାବକୁ ନେଇ ୨୦୧୫–୧୬ ଆର୍ଥିକ ବର୍ଷ ପାଇଁ ମୋଟ ଅଣଯୋଜନା ବ୍ୟୟ ବରାଦ ୪୩୯୫୬ କୋଟି ୩୨ ଲକ୍ଷ ଟଙ୍କା ହେବ ବୋଲି ଅଟକଳ କରାଯାଇଛି ।
- ଚତୁର୍ଥ ରାଜ୍ୟ ଅର୍ଥ କମିଶନଙ୍କ ଅଧିକାଂଶ ସୁପାରିଶ ଗ୍ରହଣ କରାଯାଇଛି । ୨୦୧୫–୨୦ ଅବଧି ମଧ୍ୟରେ ରାଜ୍ୟ ସମ୍ବଳରୁ ୧୨୭୯୨ କୋଟି ୭୭ ଲକ୍ଷ ଟଙ୍କା ହସ୍ତାନ୍ତର କରାଯିବ । ଏହା ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିଶ କରିବାକୁ ଥିବା ଅନୁଦାନକୁ ପ୍ରଭାବିତ କରିବ ନାହିଁ ।
- ୨୦୧୫–୧୬ ଆର୍ଥିକ ବର୍ଷରେ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ୧୨୨୨ କୋଟି ୧୩ ଲକ୍ଷ ଓ ନଗରାଞ୍ଚଳ ନିକାୟ ସଂସ୍ଥାମାନଙ୍କୁ ୮୬୪ କୋଟି ୨୧ଲକ୍ଷ ଟଙ୍କା ହିସାବରେ ମୋଟ ୨୦୮୬ କୋଟି ୩୪ ଲକ୍ଷ ଟଙ୍କା ପ୍ରଦାନ କରାଯିବ ।
- ୨୦୧୫–୧୬ ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ଅଟକଳ ୪୪୧୫୦ କୋଟି ଟଙ୍କାରେ ସ୍ଥିରୀକୃତ ହୋଇଛି । ତନ୍ମଧ୍ୟରୁ ୪୦୧୫୦ କୋଟି ଟଙ୍କା ସରକାରୀ କ୍ଷେତ୍ର ଏବଂ ୪୦୦୦ କୋଟି ଟଙ୍କା ସାଧାରଣ ଉଦ୍ୟୋଗ ପାଇଁ ଉଦ୍ଦିଷ୍ଟ ।
- କେନ୍ଦ୍ର ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ବ୍ୟୟ ଅଟକଳ ଯଥାକ୍ରମେ ୩୪୯ କୋଟି ୫୫ଲକ୍ଷ ଟଙ୍କା ଏବଂ ୩୧ କୋଟି ୯୧ ଲକ୍ଷ ଟଙ୍କା ଅଟେ ।
- ଋଣ ପରିଶୋଧ ମିଶାଇ ୨୦୧୫–୧୬ ବଜେଟ୍ ଅଟକଳ ଅନୁସାରେ ମୋଟ ବ୍ୟୟ ପରିମାଣ ୮୪୪୮୭ କୋଟି ୭୭ଲକ୍ଷ ଟଙ୍କା ଅଟେ ।
- ୨୦୧୫–୧୬ ପାଇଁ ଆକଳିତ ବ୍ୟୟ ବରାଦକୁ ରାଜସ୍ୱ ପ୍ରାପ୍ତିରୁ ୭୦୯୪୦ କୋଟି ୫୦ଲକ୍ଷ ଟଙ୍କା ସରକାରୀ ଋଣ ଓ ଅଗ୍ରୀମ ପରିଶୋଧରୁ ୨୪୦ କୋଟି ୨୯ ଲକ୍ଷ ଟଙ୍କା ଏବଂ ଋଣ ସମେତ ଅନ୍ୟାନ୍ୟ ପ୍ରାପ୍ତିରୁ ମିଳିବାକୁ ଥିବା ୧୩୩୦୬ କୋଟି ୯୯ଲକ୍ଷ ଟଙ୍କାରୁ ଭରଣା କରାଯିବ ।
- ଆମେ ୨୦୧୫–୧୬ ଆର୍ଥିକ ବର୍ଷରେ ରାଜସ୍ୱ ବଳକା ୫୧୦୧ କୋଟି ୫୧ ଲକ୍ଷ ଟଙ୍କା ହେବ ବୋଲି ଆକଳିତ କରିଛୁ । ଏହା ସାମଗ୍ରିକ ଘରୋଇ ଉତ୍ପାଦର ୧.୪୭ ପ୍ରତିଶତ ଅଟେ ।
- ସେହିପରି ଆର୍ଥିକ ନିଅଣ୍ଟ ୧୦୪୦୦ କୋଟି ୨୮ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି, ଏହା ମୋଟ ଘରୋଇ ଉତ୍ପାଦର ୨.୯୯ ପ୍ରତିଶତ ଅଟେ ।
- ୨୦୧୫–୧୬ ବଜେଟ୍ ଅଟକଳ ଅନୁସାରେ ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜି ନିବେଶ ଅନୁପାତ ୪.୩୫ ପ୍ରତିଶତ ଅଟେ ।
- ପ୍ରଦାନ କରାଯାଉଥିବା ସରକାରୀ ଋଣ ଓ ଅଗ୍ରୀମ, ପୁଞ୍ଜି ସମ୍ପତ୍ତି ସୃଷ୍ଟି ପାଇଁ ଅନୁଦାନ ଏବଂ ପୁଞ୍ଜି ସୃଷ୍ଟି ପାଇଁ ଅନ୍ୟ ଖର୍ଚ୍ଚକୁ ମିଶାଇ ଏହି ବ୍ୟୟ ଅଟକଳ ୯୭୩୬ କୋଟି ୭୦ ଲକ୍ଷ ଟଙ୍କା ହେବ, ଯାହା ମୋଟ ଘରୋଇ ଉତ୍ପାଦର ୨.୮୦ ପ୍ରତିଶତ ଅଟେ ।
- ପୁଞ୍ଜି ସମ୍ପତ୍ତିର ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ ବ୍ୟୟ ବରାଦ ମଧ୍ୟ ୪୮୭୭ କୋଟି ୩୫ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି ।

- ସାମାଜିକ କ୍ଷେତ୍ରରେ ବ୍ୟୟ ବରାଦକୁ ୨୯,୦୯୨ କୋଟି ୧୯ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହା ୨୦୧୪–୧୫ର ସଂଶୋଧିତ ଅଟକଳଠାରୁ ୮ ପ୍ରତିଶତ ଅଧିକ ଅଟେ ।

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ–୩୮୫୫ କୋଟି ୮୮ ଲକ୍ଷ ଟଙ୍କା**

- ସାର୍ବଜନୀନ ମାଗଣା ଔଷଧ ବଣ୍ଟନ: ୨୦୨ କୋଟି ୫୬ ଲକ୍ଷ ଟଙ୍କା
- ଓଡ଼ିଶା ଜରୁରିକାଳୀନ ଆମ୍ବୁଲାନ୍ସ ସେବା (୧୦୮): ୩୨ କୋଟି ଟଙ୍କା
- ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି (OSTF): ୨୦ କୋଟି ଟଙ୍କା
- ଗୃହ ନିର୍ମାଣ ପାଇଁ ବ୍ୟୟ ବରାଦ: ୬୬୫ କୋଟି ୬୧ ଲକ୍ଷ ଟଙ୍କା
- ଚିକିତ୍ସା ଉପକରଣ: ୮୭ କୋଟି ଟଙ୍କା
- ପାଞ୍ଚଟି ନୂତନ ସରକାରୀ ଭେଷଜ ମହାବିଦ୍ୟାଳୟର ପ୍ରତିଷ୍ଠା
- ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ: ୫୦ କୋଟି ଟଙ୍କା
- ସଂକ୍ରାମକ ରୋଗ ନିମିତ୍ତ ଜରୁରିକାଳୀନ ପାଣ୍ଠି ୩୩କୋଟି ୫୦ ଲକ୍ଷ ଟଙ୍କା
- ଜାତୀୟ ସ୍ୱାସ୍ଥ୍ୟ ମିଶନ (NHM): ୧୦୮୮ କୋଟି ୩୨ ଲକ୍ଷ ଟଙ୍କା

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ– ୯୯୭୯ କୋଟି ୪୯ ଲକ୍ଷ ଟଙ୍କା**

- ଦଶମ ଶ୍ରେଣୀ ଛାତ୍ର/ଛାତ୍ରୀଙ୍କ ନିମନ୍ତେ ମାଗଣା ବାଇ ସାଇକେଲ ପ୍ରଦାନ– ୧୨୫ କୋଟି ଟଙ୍କା
- ସମ୍ବଲପୁରରେ ଦ୍ୱିତୀୟ ସୈନିକ ସ୍କୁଲ– ୨୫ କୋଟି ଟଙ୍କା
- ସର୍ବଶିକ୍ଷା ଅଭିଯାନ– ୧୮୬୦ କୋଟି ୩୮ ଲକ୍ଷ ଟଙ୍କା
- ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ (RAMSA)– ୯୪ କୋଟି ୩୪ ଲକ୍ଷ ଟଙ୍କା
- ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ– ୭୯୭ କୋଟି ୩୨ ଲକ୍ଷ ଟଙ୍କା
- ଶିକ୍ଷା ଦୃଷ୍ଟିରୁ ଅନୁନ୍ନତ ୧୭୩ଟି ବ୍ଲକମାନଙ୍କରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା: ୧୮୮ କୋଟି ୯୯ ଲକ୍ଷ ଟଙ୍କା
- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମାଧ୍ୟମରେ ଆଦର୍ଶ ବିଦ୍ୟାଳୟ: ୩୦ କୋଟି ଟଙ୍କା

**ଉଚ୍ଚଶିକ୍ଷା ବିଭାଗ: ୧୯୮୯ କୋଟି ୧୧ ଲକ୍ଷ ଟଙ୍କା**

**ଭିତ୍ତିଭୂମିର ବିକାଶ ପାଇଁ**

- ବିଶ୍ୱବିଦ୍ୟାଳୟ: ୧୧୫ କୋଟି ଟଙ୍କା
- ସରକାରୀ ମହାବିଦ୍ୟାଳୟ: ୭୦ କୋଟି ଟଙ୍କା
- ବେସରକାରୀ ସାହାଯ୍ୟପ୍ରାପ୍ତ ମହାବିଦ୍ୟାଳୟ: ୨୫ କୋଟି ଟଙ୍କା
- ଗୁଣାତ୍ମକ ଶିକ୍ଷାର ଆଧୁନିକୀକରଣ, +୨ ପାସ୍ କରିଥିବା ମେଧାବୀ ଛାତ୍ର/ଛାତ୍ରୀମାନଙ୍କୁ ଲାପଟପ୍ ଯୋଗାଣ ଓ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର ପ୍ରଶିକ୍ଷଣ ଓ ବୃତ୍ତିଗତ ଶିକ୍ଷା ଜାରି କରିବା ପାଇଁ ବୃତ୍ତିର ବ୍ୟବସ୍ଥା: ୧୦୦ କୋଟି ୬୦ ଲକ୍ଷ ଟଙ୍କା

- ଶିକ୍ଷାଋଣ ପାଇଁ ସୁଧଛାଡ: ୪କୋଟି ଟଙ୍କା
- ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନା (RUSA): ୮୫ କୋଟି ଟଙ୍କା

**ପଞ୍ଚାୟତିରାଜ ବିଭାଗ: ୭୦୫୭ କୋଟି ୧୦ ଲକ୍ଷ ଟଙ୍କା**

- ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁମୋଦନ କ୍ରମେ: ୧୨୨୨ କୋଟି ୧୩ ଲକ୍ଷ ଟଙ୍କା
- ଗୋପବନ୍ଧୁ ଗ୍ରାମୀଣ ଯୋଜନା: ୨୨୫ କୋଟି ଟଙ୍କା
- ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ: ୧୯୬ କୋଟି ୮୮ ଲକ୍ଷ ଟଙ୍କା
- ବିଜୁ ପକ୍କାଘର ଯୋଜନା: ୭୦୦ କୋଟି ଟଙ୍କା
- ଇନ୍ଦିରା ଆବାସ ଯୋଜନା: ୧୨୮୬ କୋଟି ୧୬ ଲକ୍ଷ ଟଙ୍କା
- ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମ୍ୟ କର୍ମ ନିଯୁକ୍ତି ଯୋଜନା: ୧୪୭୧ କୋଟି ୭୬ ଲକ୍ଷ ଟଙ୍କା
- ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି (BRGF): ୪୩୬ କୋଟି ୫୧ ଲକ୍ଷ ଟଙ୍କା
- ରାଜୀବ ଗାନ୍ଧୀ ପଞ୍ଚାୟତି ସଶକ୍ତିକରଣ ଯୋଜନା: ୧୦୦ କୋଟି ଟଙ୍କା
- ଜାତୀୟ ଗ୍ରାମ୍ୟ ଜୀବିକା ମିଶନ (NRLM) ଅଧୀନରେ ୨,୮୯,୯୭୦ ସ୍ୱୟଂ ସହାୟକ ଗୋଷ୍ଠୀକୁ ଜୀବିକା ସହାୟତା ନିମିତ୍ତ ଏବଂ ୮୦,୦୦୦ ଗ୍ରାମୀଣ ଯୁବକଙ୍କୁ କର୍ମ ଦକ୍ଷତାର ପ୍ରଶିକ୍ଷଣ: ୩୬୫ କୋଟି ୬୬ ଲକ୍ଷ ଟଙ୍କା

**ଅନୁସୂଚିତ ଜାତି ଓ ଜନଜାତି ବିଭାଗ: ୨୩୭୨ କୋଟି ୩୪ ଲକ୍ଷ ଟଙ୍କା**

- ଭାରତୀୟ ସମ୍ବିଧାନର ୨୭୫ (୧) ଧାରା ଅନୁସାରେ ଅନୁସୂଚିତ ଜନଜାତି ଉପଯୋଜନା (TASP) ଅଞ୍ଚଳରେ ଭିତ୍ତିଭୂମି ଉନ୍ନୟନ: ୧୧୯ କୋଟି ୬ଲକ୍ଷ ଟଙ୍କା
- ଅନୁସୂଚିତ ଜନଜାତି ଉପଯୋଜନା ଅଞ୍ଚଳରେ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା: ୧୧୫ କୋଟି ୪୧ ଲକ୍ଷ ଟଙ୍କା
- କେ.ବି.କେ. ଜିଲ୍ଲାଗୁଡିକର ସ୍ୱତନ୍ତ୍ର ଯୋଜନା: ୬୦ କୋଟି ଟଙ୍କା
- ସମାଜର ଦୁର୍ବଳ ଶ୍ରେଣୀ ଜନସାଧାରଣଙ୍କର ଶିକ୍ଷାର ବିକାଶ ପାଇଁ ଅନୁସୂଚିତ ଜନଜାତି/ଜାତି ଛାତ୍ରଛାତ୍ରୀଙ୍କ ମେଧାବୃତ୍ତି: ୭୦୯ କୋଟି ୪ ଲକ୍ଷ ଟଙ୍କା
- ଅନ୍ୟାନ୍ୟ ପଛୁଆବର୍ଗ/ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିରୁ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ମେଧାବୃତ୍ତି:

  ୪୨କୋଟି ୯୮ ଲକ୍ଷ ଟଙ୍କା
- ସଂଖ୍ୟାଲଘୁ ସମ୍ପ୍ରଦାୟର ଛାତ୍ରଛାତ୍ରୀଙ୍କ ମେଧାବୃତ୍ତି ନିମିତ୍ତ: ୧୨ କୋଟି ୨୭ଲକ୍ଷ ଟଙ୍କା
- ଓଡ଼ିଶା ବାଳିକା ଆର୍ଥିକ ପ୍ରୋତ୍ସାହନ ଯୋଜନାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରୀଙ୍କ ମେଧାବୃତ୍ତି:

  ୪୨ କୋଟି ଟଙ୍କା
- ରାଜ୍ୟ ଯୋଜନାରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ଶିକ୍ଷାନୁଷ୍ଠାନର ଭିତ୍ତିଭୂମିର ଉନ୍ନୟନ ଓ କର୍ମଚାରୀଙ୍କ ବାସଗୃହ ନିର୍ମାଣ: ୧୦୦ କୋଟି ଟଙ୍କା
- ଅନୁସୂଚିତ ଜନଜାତି ଛାତ୍ରାବାସ ଓ ଛାତ୍ରୀ ନିବାସ ନିର୍ମାଣ: ୪୦୦ କୋଟି ଟଙ୍କା

➢ ବିବିଧ କ୍ଷେତ୍ର ଉନ୍ନୟନ ପ୍ରକଳ୍ପ ଅଧୀନରେ ସଂଖ୍ୟାଲଘୁ ବର୍ଗର ଉନ୍ନତି: ୧୫ କୋଟି ଟଙ୍କା

**ମହିଳା ଓ ଶିଶୁ କଲ୍ୟାଣ ବିଭାଗ: ୪୧୬୦ କୋଟି ୬୩ ଲକ୍ଷ ଟଙ୍କା**

➢ ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ ବିଧବାମାନଙ୍କ ସାମାଜିକ ନିରାପତ୍ତା ପେନ୍‌ସନ: ୧୧୩୩ କୋଟି ୭୯ ଲକ୍ଷ ଟଙ୍କା

➢ ପେନ୍‌ସନ ଭୋଗୀମାନଙ୍କ ଶୀତ ଓ ଗ୍ରୀଷ୍ମକାଳୀନ ଭତ୍ତା ପ୍ରଦାନ: ୧୨୦ କୋଟି ଟଙ୍କା

➢ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ମୁଖ୍ୟ ବ୍ୟକ୍ତିଙ୍କର ମୃତ୍ୟୁ ହେଲେ ସେହି ପରିବାରକୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା: ୪୮ କୋଟି ୩୮ ଲକ୍ଷ ଟଙ୍କା

➢ ମମତା ଯୋଜନା: ୨୨୨ କୋଟି ୬୩ ଲକ୍ଷ ଟଙ୍କା

➢ ସମନ୍ୱିତ ଶିଶୁ ବିକାଶ ଯୋଜନା: ୮୪୩ କୋଟି ୬୮ ଲକ୍ଷ ଟଙ୍କା

➢ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ: ୩୦୦ କୋଟି ଟଙ୍କା

**ଭିତ୍ତିଭୂମି ଉନ୍ନୟନ**

୨୦୧୪-୧୫ ଆର୍ଥିକ ବର୍ଷରେ ଭିତ୍ତିଭୂମି ଉନ୍ନୟନ ପାଇଁ ବ୍ୟୟ ଅଟକଳ ୧୨୬୨୮ କୋଟି ୫୩ ଲକ୍ଷ ଟଙ୍କା ଥିବାବେଳେ ୨୦୧୫-୧୬ ଆର୍ଥିକ ବର୍ଷରେ ଏହା ୧୪୨୩୨ କୋଟି ୫୮ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି ।

**ପୂର୍ତ୍ତ ବିଭାଗ:** ୪୧୪୫ କୋଟି ୧୨ ଲକ୍ଷ ଟଙ୍କା

ଏହି ବ୍ୟୟ ଅଟକଳ ମଧ୍ୟରେ ରାଜ୍ୟ ଯୋଜନା ପାଇଁ ୯୫୦ କିମି ରାସ୍ତାର ଉନ୍ନତିକରଣ ଓ ୩୪ଟି ସେତୁର ନିର୍ମାଣ ପାଇଁ : ୨୪୮୫ କୋଟି ୮୯ ଲକ୍ଷ ଟଙ୍କା ବ୍ୟୟ ବରାଦ ପ୍ରସ୍ତାବ ଅଛି ।

➢ ରାସ୍ତା, ସେତୁ ରକ୍ଷଣାବେକ୍ଷଣ: ୯୨୯ କୋଟି ୭୩ ଲକ୍ଷ ଟଙ୍କା

➢ କୋଠାବାଡିର ରକ୍ଷଣାବେକ୍ଷଣ: ୩୫୨ କୋଟି ୧୧ଲକ୍ଷ ଟଙ୍କା

➢ ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି: ୭୦୦ କୋଟି ଟଙ୍କା

➢ କେନ୍ଦ୍ରୀୟ ସଡକ ପାଣ୍ଠି: ୧୪୮ କୋଟି ୮୯ ଲକ୍ଷ ଟଙ୍କା

➢ ବହିଃ ସାହାଯ୍ୟପ୍ରାପ୍ତ ପ୍ରକଳ୍ପ: ୨୬୨ କୋଟି ଟଙ୍କା

➢ କେ.ବି.କେ. ଜିଲ୍ଲା ପାଇଁ ସ୍ୱତନ୍ତ୍ର ଅଞ୍ଚଳ କାର୍ଯ୍ୟକ୍ରମ: ୫୦ କୋଟି ଟଙ୍କା

➢ ରାଜ୍ୟ ରାଜପଥ ଉନ୍ନୟନ ଯୋଜନା ଅଧୀନରେ ୭୫ କି.ମି. ରାସ୍ତାର ଦୋହରିକରଣ: ୪୦୦ କୋଟି ଟଙ୍କା

➢ ସେହିପରି ସରକାରୀ ଓ ବେସରକାରୀ ଭାଗିଦାରିରେ ରାସ୍ତା ପ୍ରକଳ୍ପ: ୧୦୦ କୋଟି ଟଙ୍କା

➢ ନଗରାଞ୍ଚଳରେ ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତିକରଣ: ୭୦ କୋଟି ଟଙ୍କା

➢ ପଶ୍ଚିମ ଓଡ଼ିଶା ଏବଂ କେ.ବି.କେ ଜିଲ୍ଲାରେ ରାସ୍ତା ସଂଯୋଗୀକରଣ 'Biju Express Way': ୩୦ କୋଟି ଟଙ୍କା

**ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ: ୨୯୨୫ କୋଟି ୨୯ ଲକ୍ଷ ଟଙ୍କା**

■ ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁମୋଦନକ୍ରମେ ସହରାଞ୍ଚଳ ନିକାୟ ସଂସ୍ଥାକୁ ୨୦୧୫-୧୬ରେ ହସ୍ତାନ୍ତର (ପ୍ରବେଶ କର ଅଂଶ ୫୦୦ କୋଟି ଟଙ୍କାରୁ ୬୦୦ କୋଟି ଟଙ୍କାକୁ ବୃଦ୍ଧି): ୮୬୪ କୋଟି ୨୧ ଲକ୍ଷ ଟଙ୍କା

- ସମ୍ପୂର୍ଣ୍ଣ ରୂପେ ଜଳ ଯୋଗାଇ ଦିଆଯାଇ ନଥିବା ଏବଂ ଆଂଶିକଭାବେ ଜଳ ଯୋଗାଇ ଦିଆଯାଇଥିବା ୱାର୍ଡକୁ ଜଳଯୋଗାଣ: ୧୨୦ କୋଟି ଟଙ୍କା
- ଜଳ ଯୋଗାଣ ପ୍ରକଳ୍ପ ଏବଂ ନଗରାଞ୍ଚଳ ରାସ୍ତାର ପରିଚାଳନା: ୨୨୩ କୋଟି ୩୧ ଲକ୍ଷ ଟଙ୍କା
- ଜାତୀୟ ନଗରାଞ୍ଚଳ ଜୀବିକା ମିଶନ: ୩୩କୋଟି ୮୬ ଲକ୍ଷ ଟଙ୍କା
- ୭୭ଟି ନଗରାଞ୍ଚଳ ଉନ୍ନୟନ ସଂସ୍ଥା ପାଇଁ 'ଓଡ଼ିଶା ନଗରାଞ୍ଚଳ ଜୀବିକା ମିଶନ' : ୧୦ କୋଟି ଟଙ୍କା
- ସ୍ୱଚ୍ଛ ଭାରତ ମିଶନ : ୨୨୯ କୋଟି ଟଙ୍କା
- ସମ୍ବଲପୁର ଓ ରାଉରକେଲାଠାରେ ନୂତନଭାବେ ସୃଷ୍ଟି ହୋଇଥିବା ମହାନଗର ନିଗମ ଅଞ୍ଚଳରେ ଭୂତଳ ନର୍ଦ୍ଦମା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ: ୨୪ କୋଟି ଟଙ୍କା
- ଜବାହରଲାଲ ନେହେରୁ ନଗରାଞ୍ଚଳ ନବୀକରଣ ମିଶନ: ୫୮୬ କୋଟି ୫୯ ଲକ୍ଷ ଟଙ୍କା
- ବହିଃ ସାହାଯ୍ୟପ୍ରାପ୍ତ ପ୍ରକଳ୍ପ ଅଧୀନରେ Odisha Urban Infrastructure Development Fund : ୭୦ କୋଟି ଟଙ୍କା
- ବିଶ୍ୱ ବ୍ୟାଙ୍କ ସହାୟତାରେ ବ୍ରହ୍ମପୁର ସହରରେ ବସ୍ତି ଉନ୍ନୟନ: ୭୦ କୋଟି ଟଙ୍କା
- ୨୦୧୫–୧୬ ଆର୍ଥିକ ବର୍ଷରୁ ଓଡ଼ିଶା ହାଉସିଂ ମିଶନ କାର୍ଯ୍ୟକାରୀ ହେଉଛି

**ଗ୍ରାମ୍ୟ ଉନ୍ନୟନ ବିଭାଗ: ୫୯୭୪ କୋଟି ୯୭ ଲକ୍ଷ ଟଙ୍କା**

- ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା: ୧୮୦୦ କୋଟି ଟଙ୍କା
- ମୁଖ୍ୟମନ୍ତ୍ରୀ ସଡକ ଯୋଜନା: ୨୫୦ କୋଟି ଟଙ୍କା
- ବିଜୁ ସେତୁ ଯୋଜନା: ୧୫୦ କୋଟି ଟଙ୍କା
- RIDF ସହାୟତାରେ ଚାଲୁ ରହିଥିବା ସେତୁ ନିର୍ମାଣ ଏବଂ ଗ୍ରାମ୍ୟ ରାସ୍ତାର ଉନ୍ନତି: ୪୫୦ କୋଟି ଟଙ୍କା
- କେ.ବି.କେ. ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ବାସ କରୁଥିବା ଲୋକଙ୍କ ପାଇଁ ରାସ୍ତାର ଉନ୍ନତିକରଣ: ୮୫ କୋଟି ଟଙ୍କା
- ସମନ୍ୱିତ କାର୍ଯ୍ୟ ଯୋଜନା ଜିଲ୍ଲା (Integrated Action Plan Districts)ର ଦୁର୍ଗମ ଅଞ୍ଚଳରେ Bailey Bridge ନିର୍ମାଣ : ୨୫୦ କୋଟି ଟଙ୍କା
- ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳଯୋଗାଣ: ୭୨୭ କୋଟି ୧୧ ଲକ୍ଷ ଟଙ୍କା
- ସ୍ୱଚ୍ଛ ଭାରତ ମିଶନ (ପୂର୍ବତନ 'ନିର୍ମାଣ ଭାରତ ଅଭିଯାନ'): ୬୬୬ କୋଟି ୭୦ ଲକ୍ଷ ଟଙ୍କା

**ଶକ୍ତି ବିଭାଗ: ୧୧୮୭ କୋଟି ୨୦ ଲକ୍ଷ ଟଙ୍କା**

- ୫୫୦ ଗୋଟି ୩୩/୧୧ କେଭି ସବ୍‌ଷ୍ଟେସନ ନିର୍ମାଣ: ୩୧୦ କୋଟି ଟଙ୍କା
- କ୍ୟାପେକ୍ସ ଯୋଜନା: ୨୪୫ କୋଟି ଟଙ୍କା
- ହସ୍ତି ଅଳିନ୍ଦରେ ବିଦ୍ୟୁତ୍ ଭିତ୍ତିଭୂମିର ସଶକ୍ତିକରଣ: ୨୮ କୋଟି ୧୫ ଲକ୍ଷ ଟଙ୍କା
- ଶକ୍ତି ସଂରକ୍ଷଣ ଓ ଶକ୍ତି ଦକ୍ଷତା ବୃଦ୍ଧି ପଦକ୍ଷେପ: ୧୧ କୋଟି ଟଙ୍କା

- ଏସୀୟ ଉନ୍ନୟନ ବ୍ୟାଙ୍କ ସହାୟତାରେ ବ୍ରହ୍ମପୁର ଓ ଗୋପାଳପୁରରେ ବାତ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ପରିବହନ ଓ ବିତରଣ ଭିତ୍ତିଭୂମିର ପୁନଃନିର୍ମାଣ: ୨୧୦ କୋଟି ଟଙ୍କା
- ରାଜ୍ୟ ରାଜଧାନୀରେ ବିଦ୍ୟୁତ୍ ବ୍ୟବସ୍ଥାରେ ଉନ୍ନତିକରଣ (State Capital Region Improvement of Power System): ୫୦ କୋଟି ଟଙ୍କା
- ବିଜୁ ଗ୍ରାମ ଜ୍ୟୋତି ଯୋଜନା: ୫୦ କୋଟି ଟଙ୍କା

**ନିର୍ମାଣ ଏବଂ ଶିଳ୍ପ କ୍ଷେତ୍ର:**

**ଶିଳ୍ପ ବିଭାଗ: ୪୫ କୋଟି ୫୮ ଲକ୍ଷ ଟଙ୍କା**

ଏଠାରେ ଉଲ୍ଲେଖଯୋଗ୍ୟ, ଯେ ଶିଳ୍ପ ନୀତି ୨୦୧୫ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଥରେ ଏହି ନୀତି ପ୍ରଣୟନ ହେଲା ପରେ ଏଥିପାଇଁ ଆର୍ଥିକ ଆବଶ୍ୟକତା ବିଷୟରେ ଅନୁମାନ କରିହେବ ଏବଂ ୨୦୧୫–୧୬ ଆର୍ଥିକ ବର୍ଷ ମଧ୍ୟରେ ଆବଶ୍ୟକ ପଦକ୍ଷେପ ନିଆଯିବ ।

**ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ: ୧୧୩ କୋଟି ୬୧ ଲକ୍ଷ ଟଙ୍କା**

କେତେକ ମୁଖ୍ୟ କାର୍ଯ୍ୟକ୍ରମ ଯଥା ବିଜୁ ଆତ୍ମ ନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ପ୍ରକ୍ରିୟାକରଣ ପାଇଁ ଜାତୀୟ ମିଶନ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଏବଂ ଉଦ୍ୟୋଗରେ ସାମର୍ଥ୍ୟ ସୃଷ୍ଟି, ମୂଲ୍ୟଯୁକ୍ତ ଟିକସ ପ୍ରତିପୂର୍ତ୍ତି ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ନୀତି ୨୦୦୯ରେ ଆର୍ଥିକ ପ୍ରୋତ୍ସାହନ ନିମନ୍ତେ ବ୍ୟୟ ବରାଦ କରାଯାଇଛି ।

**ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ: ୧୫୧ କୋଟି ୪୯ ଲକ୍ଷ ଟଙ୍କା**

- ଏହି ବିଭାଗର ମୁଖ୍ୟ କାର୍ଯ୍ୟକ୍ରମଗୁଡିକ ହେଲା: ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ଏବଂ ରେଶମ ଚାଷର ଭିତ୍ତିଭୂମି ଓ ବୈଷୟିକ ଉନ୍ନତି ହସ୍ତତନ୍ତ କପଡାର ବିକ୍ରୟ ଉପରେ ରିହାତି ।
- **ଦକ୍ଷତା ବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି:** ବେକାର ଯୁବକଙ୍କ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଦକ୍ଷତା ବୃଦ୍ଧି ଏକ ପ୍ରାଥମିକ ଆବଶ୍ୟକତା ଅଟେ । ଏହାକୁ ଆଖିଆଗରେ ରଖି ଆମ ସରକାର ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛନ୍ତି ।

**ଶ୍ରମ ଓ ନିଯୁକ୍ତି ରାଜ୍ୟ ବୀମା ବିଭାଗ: ୧୯୮ କୋଟି ୬୮ ଲକ୍ଷ ଟଙ୍କା**

- ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ପାଇଁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା: ୧୩୧ କୋଟି ୬୬ ଲକ୍ଷ ଟଙ୍କା
- ବାହାରକୁ ଚାଲିଯାଉଥିବା ଶ୍ରମିକଙ୍କୁ ଶୋଷଣରୁ ରକ୍ଷା କରି ସେମାନଙ୍କର ଉଦ୍ଧାର ଓ ଥଇଥାନ: ୬କୋଟି ଟଙ୍କା

**ନିଯୁକ୍ତି ଏବଂ ବୈଷୟିକ ପ୍ରତିଷ୍ଠାନ ବିଭାଗ: ୭୧୧ କୋଟି ୪୭ ଲକ୍ଷ ଟଙ୍କା**

- ବୈଷୟିକ ବିଶ୍ୱବିଦ୍ୟାଳୟ/ଯାନ୍ତ୍ରିକ ମହାବିଦ୍ୟାଳୟ, ଯାନ୍ତ୍ରିକ ବିଦ୍ୟାଳୟ ପଲିଟେକ୍ନିକ ଓ ଆଇ.ଟି.ଆଇ.ର ଭିତ୍ତିଭୂମି ଉନ୍ନୟନ: ୩୩୦ କୋଟି ଟଙ୍କା
- ଓଡ଼ିଶା ରାଜ୍ୟ ନିଯୁକ୍ତି ମିଶନରେ ଦକ୍ଷତା ପ୍ରଶିକ୍ଷଣ: ୩୨ କୋଟି ଟଙ୍କା
- ଏସିୟାନ ଉନ୍ନୟନ ବ୍ୟାଙ୍କ (ADB) ସହାୟତାରେ କାର୍ଯ୍ୟକାରୀ ହେଉଥିବା ଓଡ଼ିଶା ଦକ୍ଷତା ବୃଦ୍ଧି ପ୍ରକଳ୍ପ: ୧୦୫ କୋଟି ଟଙ୍କା
- ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ: ୩୬ କୋଟି ୯୫ ଲକ୍ଷ ଟଙ୍କା

**ଅନ୍ୟାନ୍ୟ ଆର୍ଥିକ ସେବା–**

**ଜଙ୍ଗଲ ଓ ପରିବେଶ ବିଭାଗ:** ୭୧୮ କୋଟି ୬୨ ଲକ୍ଷ ଟଙ୍କା

➤ରାଜ୍ୟରେ ସବୁଜ ବଳୟ ସୃଷ୍ଟି: ୧୨୧ କୋଟି ୩୬ ଲକ୍ଷ ଟଙ୍କା

**ବିଜ୍ଞାନ ଓ କାରିଗରୀ ବିଭାଗ:**

ଏହି ବିଭାଗର ମୁଖ୍ୟ କାର୍ଯ୍ୟକ୍ରମ ମଧ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟରେ ଜୈବ ପ୍ରଯୁକ୍ତି ବିଦ୍ୟା ପରୀକ୍ଷାଗାରର ଉନ୍ନତି, ସୌର ଫଟୋ ଭୋଲଟାଇକ ବ୍ୟବହାର ମାଧ୍ୟମରେ ସେବାଶ୍ରମ, ଆଶ୍ରମ, ଉତ୍କଳ ବାଳାଶ୍ରମମାନଙ୍କର ବୈଦ୍ୟୁତୀକରଣ, ସରକାରୀ ଅଟ୍ଟାଳିକାରେ ସୌରଶକ୍ତି ଉତ୍ସ ପ୍ରତିଷ୍ଠା, ସୌରଚୁଲା ବଣ୍ଟନ, ଅଣ ସମନ୍ୱିତ କାର୍ଯ୍ୟ ଯୋଜନା (Non-IAP) ଅଞ୍ଚଳରେ ସୌର ଶକ୍ତି ପରିଚାଳିତ ପାନୀୟ ଜଳ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ରରେ ଉନ୍ନତ ଚୁଲାର ବ୍ୟବହାର ଏବଂ ସମ୍ବଲପୁର ପ୍ଲାନେଟୋରିୟମ ନିମନ୍ତେ ଯନ୍ତ୍ରପାତି କିଣିବା ପାଇଁ ବ୍ୟବସ୍ଥା ରହିଛି ।

**ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ: ୧୭୫ କୋଟି ୪ ଲକ୍ଷ ଟଙ୍କା**

ଏହି ବ୍ୟୟ ଅଟକଳ ସମତଳ ସଂଯୋଗୀକରଣ ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଭିତ୍ତିଭୂମି, ଜାତୀୟ ଇ–ଗଭରନାନ୍ସ (e-Governace) ଯୋଜନା ଅନୁସାରେ ଇ–ଗଭରନାନ୍ସ କାର୍ଯ୍ୟାନ୍ୱୟନ, IIIT, ଭୁବନେଶ୍ୱରର ଭିତ୍ତିଭୂମିର ଉନ୍ନୟନ ତଥା ରାଜ୍ୟ ତଥ୍ୟ କେନ୍ଦ୍ରର ଭିତ୍ତିଭୂମି ନିମନ୍ତେ ଉଦ୍ଦିଷ୍ଟ ।

| | |
|---|---|
| **ଯୋଜନା ଓ ସମନ୍ୱୟ ବିଭାଗ** | **: ୧୩୮୫ କୋଟି ୪୦ ଲକ୍ଷ ଟଙ୍କା** |
| ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସ୍ୱତନ୍ତ୍ର ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ଅନୁଦାନ | : ୫୦ କୋଟି ଟଙ୍କା |
| Viability Gap Fund | : ୪୦ କୋଟି ଟଙ୍କା |
| ସ୍ୱତନ୍ତ୍ର ଉନ୍ନୟନ କାର୍ଯ୍ୟକ୍ରମ | : ୧୨୭ କୋଟି ୯୦ ଲକ୍ଷ ଟଙ୍କା |
| ବିଜୁ କେବିକେ ଯୋଜନା | : ୧୨୦ କୋଟି ଟଙ୍କା |
| ପଛୁଆ ଆଦିବାସୀ ଏବଂ ନକ୍ସଲ ପ୍ରବଣ (LWE) ଅଞ୍ଚଳର ରାସ୍ତା ସଂଯୋଗୀକରଣ | : ୧୦୦ କୋଟି ଟଙ୍କା |
| ବିଜୁ କନ୍ଧମାଳ ଓ ଗଜପତି ଯୋଜନା | : ୨୮ କୋଟି ୫୦ ଲକ୍ଷ ଟଙ୍କା |
| ନକ୍ସଲ ପ୍ରବଣ (LWE) ଜିଲ୍ଲା ପାଇଁ ଅତିରିକ୍ତ କେନ୍ଦ୍ରୀୟ ସହାୟତାର ବିନିଯୋଗ | : ୫୪୦ କୋଟି ଟଙ୍କା |
| **ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ** | **: ୫୫୯ କୋଟି ୪୪ ଲକ୍ଷ ଟଙ୍କା** |
| ସମାଜର ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଖାଦ୍ୟ | |
| ନିରାପତ୍ତା ଯୋଗାଇ ଦେବା ପାଇଁ କିଲୋ ପିଛା ୧ ଟଙ୍କା ହାରରେ ଚାଉଳ ଯୋଗାଣ | : ୧୪୦୨ କୋଟି ୯୯ ଲକ୍ଷ ଟଙ୍କା |
| ଜାଲ ପଡିକାର୍ଡ ବ୍ୟବହାରକୁ ରୋକିବା ପାଇଁ ପଡିକାର୍ଡର କମ୍ପ୍ୟୁଟରୀକରଣ | : ୫କୋଟି ଟଙ୍କା |
| **ପରିବହନ ବିଭାଗ** | **: ୨୨୬ କୋଟି ୦୭ ଲକ୍ଷ ଟଙ୍କା** |
| ସହଭାଗୀତାରେ ନିର୍ମାଣ ହେବାକୁ ଥିବା କେତୋଟି ବାଣିଜ୍ୟିକ ଦୃଷ୍ଟିରୁ | |
| ଲାଭଜନକ ରେଳ ପ୍ରକଳ୍ପର ଉନ୍ନତିକରଣ | : ୮୦ କୋଟି ଟଙ୍କା |
| ଖୋର୍ଦ୍ଧା–ବଲାଙ୍ଗୀର ରେଳ ସଂଯୋଗୀକରଣ ପ୍ରକଳ୍ପ | : ୧୦ କୋଟି ଟଙ୍କା |

ଭୁବନେଶ୍ୱର ରେଳଷ୍ଟେସନର ଆଧୁନିକୀକରଣ : ୪୦ କୋଟି ଟଙ୍କା

ବିଜୁ ଗାଁ ଗାଡି ଯୋଜନା : ୬ କୋଟି ଟଙ୍କା

**ବାଣିଜ୍ୟ ବିଭାଗ: ୮୨ କୋଟି ୭ଲକ୍ଷ ଟଙ୍କା**

- ➢ ସାତପଡା ଜେଟିର ଉନ୍ନତିକରଣ : ୪ କୋଟି ୩୦ ଲକ୍ଷ ଟଙ୍କା

**ସାଧାରଣ ସେବା**

**ସ୍ୱରାଷ୍ଟ୍ର ବିଭାଗ: ୩୬୧୧କୋଟି ୮୮ଲକ୍ଷ ଟଙ୍କା**

- ପୋଲିସ୍ ଏବଂ ଅନ୍ୟାନ୍ୟ ବାହିନୀର ଆଧୁନିକୀକରଣ ପାଇଁ ଜାତୀୟ ଯୋଜନା (National Scheme for Modernisation of Police and Other Forces): ୧୨୦ କୋଟି ୭୬ ଲକ୍ଷ ଟଙ୍କା
- ରାଜ୍ୟର ନିଜସ୍ୱ ସମ୍ବଳରୁ ଥାନା ଗୃହ ନିର୍ମାଣ ଏବଂ ଥାନାର ସୁଦୃଢ଼ୀକରଣ, ଆବାସିକ ଗୃହ ନିର୍ମାଣ, ସଂରଞ୍ଜାମ କ୍ରୟ: ୧୪୪ କୋଟି ଟଙ୍କା
- ଜେଲ୍ ସଂସ୍ଥାର ସାମଗ୍ରିକ ଉନ୍ନତି: ୩୫ କୋଟି ଟଙ୍କା
- ଅଗ୍ନିଶମ ସଂସ୍ଥାର ଉନ୍ନତି: ୨୮କୋଟି ୫୦ ଲକ୍ଷ ଟଙ୍କା
- ବିଚାର ବିଭାଗର ଭିତ୍ତିଭୂମି ଉନ୍ନୟନ: ୬୩ କୋଟି ୨୦ ଲକ୍ଷ ଟଙ୍କା

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ: ୨୨୭୨ କୋଟି ୧୯ ଲକ୍ଷ ଟଙ୍କା**

- ➢ ରାଜ୍ୟ ଆପଦ ମୁକାବିଲା ପାଣ୍ଠି (State Disaster Response Fund):୪୭୫ କୋଟି ୯୮ ଲକ୍ଷ
- ➢ ଜାତୀୟ ଆପଦ ମୁକାବିଲା ପାଣ୍ଠି (National Disaster Response Fund): ୨୦୦ କୋଟି ଟଙ୍କା
- ➢ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ: ୧୪ କୋଟି ଟଙ୍କା
- ➢ ବିଶ୍ୱ ବ୍ୟାଙ୍କ ସହାୟତାରେ 'ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ପ୍ରକଳ୍ପ' ପାଇଁ ରାଜ୍ୟ ଯୋଜନା: ୪୨୦ କୋଟି ଟଙ୍କା
- ➢ ଜାତୀୟ ବାତ୍ୟା ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟକ୍ରମ (NCRMP): ୧୯୮ କୋଟି ଟଙ୍କା ଏନ୍‌ସିଆରଏନ୍‌ପି (ଅତିରିକ୍ତ ଆର୍ଥିକ ସହାୟତା) NCRMP (Additional Funding) : ୨୦୨ କୋଟି ଟଙ୍କା

**ସାଧାରଣ ପ୍ରଶାସନ ବିଭାଗ: ୩୦୦ କୋଟି ୩୭ ଲକ୍ଷ ଟଙ୍କା**

- ➢ ଓଡ଼ିଶା ସାଧାରଣ ସେବା ଅଧିକାର ଆଇନ କାର୍ଯ୍ୟାନ୍ୱୟନ: ୨କୋଟି ଟଙ୍କା
- ➢ ସାଧାରଣ ସେବା ଯୋଗାଣକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସଚେତନତା ଅଭିଯାନ: ୧କୋଟି ଟଙ୍କା
- ➢ Centre for Modernizing Government Initiative (CMGI): ୧୩ କୋଟି ଟଙ୍କା

**ଆଇନ ବିଭାଗ: ୨୯୭ କୋଟି ୪୧ ଲକ୍ଷ ଟଙ୍କା**

ମାମଲାର ତ୍ୱରିତ ଫଇସଲା ଏବଂ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ଅପହଞ୍ଚ ଅଞ୍ଚଳରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ରାଜ୍ୟର ବିଭିନ୍ନ ସ୍ଥାନରେ ୫୦ ଗୋଟି ନୂତନ କୋର୍ଟ ସ୍ଥାପନ ପାଇଁ ପ୍ରସ୍ତାବ ରଖିଛନ୍ତି, ଯାହା ପାଇଁ ଏହି ବଜେଟ୍‌ରେ ପର୍ଯ୍ୟାପ୍ତ ଅର୍ଥ ବ୍ୟବସ୍ଥା କରାଯାଇଛି ।

➢ ଶ୍ରୀଜଗନ୍ନାଥ ମନ୍ଦିରକୁ ଅନୁଦାନ: ୨୫ କୋଟି ୩୮ ଲକ୍ଷ ଟଙ୍କା

➢ ଯାହା ମଧ୍ୟରୁ

କ) ଇଂରାଜୀ ମାଧ୍ୟମ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା: ୨କୋଟି ଟଙ୍କା

ଖ) ଗରିବ ଏବଂ ଅଭାବୀ ସେବକ ପରିବାରର ଗୃହ ନିର୍ମାଣ: ୩କୋଟି ଟଙ୍କା

**ଅନ୍ୟାନ୍ୟ କ୍ଷେତ୍ର**

**ସୂଚନା ଓ ଲୋକ ସମ୍ପର୍କ ବିଭାଗ: ୬୩ କୋଟି ୩୦ ଲକ୍ଷ ଟଙ୍କା**

➢ କାର୍ଯ୍ୟରତ ସାମ୍ବାଦିକମାନଙ୍କ କଲ୍ୟାଣ: ୧କୋଟି ଟଙ୍କା

➢ ଜାତୀୟ କାର୍ଯ୍ୟକ୍ରମ ଏବଂ ସ୍ୱତନ୍ତ୍ର ଉତ୍ସବ ପାଳନରେ ଯୋଗଦାନ: ୧ କୋଟି ୫୫ ଲକ୍ଷ ଟଙ୍କା

**କ୍ରୀଡା ଓ ଯୁବସେବା ବିଭାଗ: ୯୪ କୋଟି ୮୮ଲକ୍ଷ ଟଙ୍କା**

➢ କ୍ରୀଡା ଭିତ୍ତିଭୂମିର ଉନ୍ନତି: ୩୮ କୋଟି ୧ଲକ୍ଷ ଟଙ୍କା

➢ ମିନି ଷ୍ଟାଡିୟମ ନିର୍ମାଣ: ୧୧ କୋଟି ଟଙ୍କା

**ସଂସ୍କୃତି ବିଭାଗ: ୮୭ କୋଟି ୪୫ ଲକ୍ଷ ଟଙ୍କା**

➢ ପ୍ରାଚୀନ ଓ ବୌଦ୍ଧ କୀର୍ତ୍ତିରାଜିର ସଂରକ୍ଷଣ: ୧୬ କୋଟି ୨୫ ଲକ୍ଷ ଟଙ୍କା

➢ ଭାଗବତ ଟୁଙ୍ଗିର ପୁନରୁଦ୍ଧାର: ୩ କୋଟି ଟଙ୍କା

**ପର୍ଯ୍ୟଟନ ବିଭାଗ: ୧୪୮ କୋଟି ୬୮ ଲକ୍ଷ ଟଙ୍କା**

- ପର୍ଯ୍ୟଟନ ଭିତ୍ତିଭୂମିର ଉନ୍ନୟନ: ୧୦୫ କୋଟି ୧୫ ଲକ୍ଷ ଟଙ୍କା
- ଆନ୍ତର୍ଜାତିକ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଜ୍ଞାପନ ଓ ଆନ୍ତର୍ଜାତିକ ମେଳା ଆୟୋଜନ: ୨୭ କୋଟି ଟଙ୍କା

**ପୁରୀ ନବକଳେବର ୨୦୧୫**

- ଏହି ଉତ୍ସବ ପୂର୍ବରୁ ଏଥିରେ ସମ୍ପୃକ୍ତ ବିଭାଗମାନଙ୍କ ଦ୍ୱାରା ବିଭିନ୍ନ ଭିତ୍ତିଭୂମି ଓ ଆବଶ୍ୟକୀୟ ସେବା ପାଇଁ ବଜେଟ୍‌ରେ ବ୍ୟୟ ବରାଦ କରାଯାଇଛି ।
- ନିୟମିତ ନୀତି, ରଥ ନିର୍ମାଣ, ପାଳିଆ ସେବକ ଓ ଦଇତାପତି ନିଯୋଗଙ୍କୁ ଆର୍ଥିକ ପ୍ରୋତ୍ସାହନ, ସେବକମାନଙ୍କ କଲ୍ୟାଣ ଓ କୋଠ ଭୋଗ ସମେତ ନବକଳେବର ୨୦୧୫ ଖର୍ଚ୍ଚ ନିମନ୍ତେ: ୨୦ କୋଟି ଟଙ୍କା

➢ ନବକଳେବର ୨୦୧୫ ଉପଲକ୍ଷେ ପ୍ରଥମ ଥର ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଐତିହ୍ୟ ସମ୍ପନ୍ନ ଜଗନ୍ନାଥ ମନ୍ଦିରକୁ ଏକକାଳୀନ ଅନୁଦାନ: ୫କୋଟି ଟଙ୍କା

➢ ପର୍ଯ୍ୟଟନ ପୋଲିସ: ୩କୋଟି ଟଙ୍କା

➢ ତୀର୍ଥଯାତ୍ରୀଙ୍କୁ ମାଳତୀ ପାଟପୁର ବସ୍‌ଷ୍ଟାଣ୍ଡରୁ ପୁରୀ ସହରକୁ ନବକଳେବର ସମୟରେ ମାଗଣାରେ ନେବାପାଇଁ: ୪୦ ଲକ୍ଷ ଟଙ୍କା

➢ ପୁରୀରେ ଶକ୍ତି କ୍ଷେତ୍ରରେ ଭିତ୍ତିଭୂମି: ୬୭ କୋଟି ଟଙ୍କା

**ଉନ୍ନତ ଆର୍ଥିକ ପରିଚାଳନା ପାଇଁ ପଦକ୍ଷେପ:**

- Xavier University, ସହାୟତାରେ ରାଜସ୍ୱ ଓ ଆର୍ଥିକ ପରିଚାଳନାରେ ଉନ୍ନତି ପାଇଁ ଏକ ଉତ୍କର୍ଷ କେନ୍ଦ୍ର ସ୍ଥାପନ: ୧୨ କୋଟି ଟଙ୍କା
- National e- Governance Action Plan ଅନ୍ତର୍ଗତ Integrated Financial Management System (IFMS) କାର୍ଯ୍ୟକାରୀ ହେଉଛି । ଏହାଦ୍ୱାରା ଆର୍ଥିକ ପରିଚାଳନା କ୍ଷେତ୍ରରେ ଏକ କେନ୍ଦ୍ରୀୟ ନିୟନ୍ତ୍ରଣ ବ୍ୟବସ୍ଥା ଉପଲବ୍ଧ ହେବ ।
- ଟିକସ ବ୍ୟବସ୍ଥାର ସ୍ୱଚ୍ଛତା ଓ ଦକ୍ଷତା ବୃଦ୍ଧି ହେବା ସହ ବ୍ୟବସାୟୀମାନଙ୍କୁ ନିର୍ବିଘ୍ନ କାରବାର ପାଇଁ ବାଣିଜ୍ୟ କର ପ୍ରଶାସନ ଅନ୍ତର୍ଗତ ଇ–ସେବାର ପ୍ରଚଳନ ।
- Management Information System ଦ୍ୱାରା ସୁସଂଗତ ଭାବରେ ବକେୟା ରାଜସ୍ୱର ଅନୁଧ୍ୟାନ ଓ ଆଦାୟ ପାଇଁ ଆବଶ୍ୟକୀୟ ଆଇନଗତ ଓ ପ୍ରଶାସନିକ ପଦକ୍ଷେପ ।
- ଆନୁଷ୍ଠାନିକ ବ୍ୟବସ୍ଥା ଦ୍ୱାରା ସରକାରୀ ବ୍ୟୟ ପରିଚାଳନାକୁ ଅଧିକ କାର୍ଯ୍ୟଦକ୍ଷ କରିବା ପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପ ।

❖ ❖ ❖

# ଏଇ ମୋ ଉତ୍କଳ

ସୁଚିତ୍ରା ବେହେରା

ଏଇ ମୋ ଉତ୍କଳ ଦେଶ
ଏଇ ମୋ ପୁଣ୍ୟ ଜନ୍ମ ମାଟି
ପରାଣେ ଭରିଛି ସଂହତି ଲକ୍ଷ୍ୟ
ଜାଗିଛି ସ୍ୱଦେଶ ପ୍ରୀତି ।

ଏ ଧରା ବକ୍ଷେ ଦେଖି ଅସୀମ ସରିତ
ନୀଳିମାରେ ମନ ନୀଳାଭ ହୋଇଛି
କବିତ୍ୱ ତରଣୀ ଭାସି ନିରବଧି
କଳାଶ୍ରୀମୁଖ ପୟରେ ଲାଗିଛି ।

ମାତୃଭୂମି ମାତୃଭାଷାର ମମତା
ସଞ୍ଚରିଛି ଭାବ ଦରଦୀ ହୃଦୟକୁ
ଗାଉଛି ରାଗିଣୀ ସାତସୁର ଦେଇ
ଉତ୍କଳ ଜନନୀ ପାଦେ ଅର୍ଘ୍ୟ ବନ୍ଧାଇବାକୁ ।

ଚାରୁ ଚିତ୍ରକଳା ଆମଞ୍ଚନେ
ନିରନ୍ତର ଆଭାସୁଛି ଦୀପ୍ତ ଲୋଚନେ
ସୁଧାମୟ ଏ ସୃଷ୍ଟି ଅନୁପମା
ଦେଖିନାହିଁ ପରା ଅଖିଳ ଭୁବନେ ।

ଉଗ୍ର ଜାତି ପ୍ରୀତି ସମର୍ପି
କରୁଛି ନତନେତ୍ରେ ନିବେଦନ
ଏକ ଲକ୍ଷ୍ୟ ଏକ ମନ ନେଇ
ବିଶ୍ୱ ଭ୍ରାତୃତ୍ୱରେ ଜୀଇଁବା ଜୀବନ ।

ପ୍ଲଟ୍ ନଂ–୧୩୬/୮୫୦
ବ୍ରହ୍ମେଶ୍ୱର ପାଟଣା
ଭୁବନେଶ୍ୱର–୧୮

# ଶ୍ରୀକ୍ଷେତ୍ରରେ ହନୁମାନ

**ଡକ୍ଟର ଶ୍ରୀହରି ପଣ୍ଡା**

ଶ୍ରୀରାମ ଯେଉଁଠି ହନୁମାନ ସେଇଠି । ଶ୍ରୀକ୍ଷେତ୍ରରେ ଅନେକ ହନୁମାନ ମନ୍ଦିର ଅବସ୍ଥିତ । ଅଠରନଳା ଘାଟରେ ମକରଧ୍ୱଜ ହନୁମାନ, ବାଲିଘାଟ(ପୁରୀ କୋଣାର୍କ ରାସ୍ତାରେ) ସିଦ୍ଧ ହନୁମାନ, ଲୋକନାଥ ଘାଟରେ ବର୍ଗୀ ହନୁମାନ,ମଙ୍ଗଳା ଘାଟରେ ଉଡ଼ନ୍ତା ହନୁମାନ,ଚକ୍ରତୀର୍ଥ ରୋଡରେ ବେଢ଼ି ହନୁମାନ । ପ୍ରତ୍ୟେକ ଘାଟରେ ହନୁମାନ ଶ୍ରୀମନ୍ଦିରକୁ ଜଗି ରହିଛନ୍ତି । ଏହା ପଛରେ ଏକ ଐତିହାସିକ କାରଣ ମଧ୍ୟ ବିଦ୍ୟମାନ । ଶ୍ରୀକ୍ଷେତ୍ରକୁ ବାରମ୍ବାର ମୁସଲମାନମାନେ ଆକ୍ରମଣ କରିବାରୁ ତାଙ୍କ ଦାଉରୁ ଶ୍ରୀମନ୍ଦିରକୁ ସୁରକ୍ଷା ଦେବା ପାଇଁ ରାମାନନ୍ଦୀ ସମ୍ପ୍ରଦାୟ ଦ୍ୱାରା ପଞ୍ଚରାମାନନ୍ଦୀ ଆଖଡ଼ା ପ୍ରତିଷ୍ଠା କରାଯାଇଥିଲା । ସେମାନେ ହନୁମାନ ପୂଜକ ହୋଇଥିବାରୁ ପୁରୀର ପ୍ରତ୍ୟେକ ପ୍ରବେଶ ଦ୍ୱାରରେ ହନୁମାନ ମୂର୍ତ୍ତି ରଖି ଶ୍ରୀକ୍ଷେତ୍ରକୁ ରକ୍ଷା କରିବାକୁ ଚେଷ୍ଟା କରିଥିଲେ । ଶ୍ରୀକ୍ଷେତ୍ରକୁ ରକ୍ଷା କରୁଥିବା ହନୁମାନଙ୍କ ସ୍ଥିତି ଓ ପ୍ରତିଷ୍ଠା ସମ୍ପର୍କରେ ସାମାନ୍ୟ ଆଲୋଚନା କରିବା ହେଉଛି ଉକ୍ତ ରଚନାର ଉଦ୍ଦେଶ୍ୟ ।



**ସିଦ୍ଧ ହନୁମାନ**

ଏହି ମନ୍ଦିର ଗୁଣ୍ଡିଚା ମନ୍ଦିରଠାରୁ ଛଇତନା ଆଡ଼କୁ ଯିବା ରାସ୍ତାରେ ଏକ କିଲୋମିଟର ଯିବା ପରେ ପୁରୀ–କୋଣାର୍କ ରାସ୍ତାରେ ପଡ଼େ । କିମ୍ବଦନ୍ତୀ ଅନୁସାରେ ସନ୍ଥ ତୁଳସୀ ଦାସ ପୁରୀକୁ ଆସି ସେହି ସ୍ଥାନଟିରେ ନିରାଧାର ରହି ଜଗନ୍ନାଥଙ୍କୁ ରାମ ରୂପରେ ଦର୍ଶନ କରିବାକୁ ତପସ୍ୟା କରିଥିଲେ । ମହାପ୍ରଭୁ ଭକ୍ତ ତୁଳସୀଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ତାଙ୍କୁ ଦର୍ଶନ ଦେବା ସହିତ ଶ୍ରୀରାମଚରିତ ମାନସ ରଚନା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ମହାବୀର ବଡ଼ ପ୍ରସିଦ୍ଧ ଅଟନ୍ତି ।ଏହାଙ୍କୁ ପୂଜା କଲେ ସମସ୍ତ କାର୍ଯ୍ୟ ସିଦ୍ଧ ହୁଏ ବୋଲି ଏହାଙ୍କୁ ସିଦ୍ଧ ମହାବୀର ମଧ୍ୟ କୁହନ୍ତି ।

**ବର୍ଗୀ ହନୁମାନ**

ଶ୍ରୀଲୋକନାଥ ଘାଟରେ ବର୍ଗୀ ହନୁମାନ ମନ୍ଦିର ଅବସ୍ଥିତ । ସେ ହିଁ ହେଉଛନ୍ତି ଶ୍ରୀକ୍ଷେତ୍ରର ରକ୍ଷାକର୍ତ୍ତା । ଇତିହାସ କହେ ମହାରାଷ୍ଟ୍ରରୁ ବର୍ଗୀମାନେ ଅଶ୍ୱପୃଷ୍ଠରେ ଆସି ବଳିଆ ପଣ୍ଡା ଅଞ୍ଚଳ ଦେଇ ପୁରୀରେ ପ୍ରବେଶ କରୁଥିଲେ ଓ ପୁରୀର ମନ୍ଦିର ତଥା ଜନସାଧାରଣଙ୍କ ପ୍ରତି ବିପଦର କାରଣ ହେଉଥିଲେ । ବର୍ଗୀମାନେ ହନୁମାନ ଭକ୍ତ ହୋଇଥିବାରୁ ସେମାନଙ୍କ ପ୍ରଭାବକୁ ପ୍ରତିହତ କରିବା ନିମିତ୍ତ ତାଙ୍କ ଆସିବା ବାଟରେ ହନୁମାନ ମୂର୍ତ୍ତି ପ୍ରତିଷ୍ଠା କରା ଯାଇଥିଲା । ଧର୍ମ କାରଣରୁ ବର୍ଗୀମାନେ ହନୁମାନଙ୍କୁ ଡେଇଁ ପୁରୀରେ ପ୍ରବେଶ ନ କରିପାରିବାରୁ ଶ୍ରୀକ୍ଷେତ୍ର ସେମାନଙ୍କ କବଳରୁ ରକ୍ଷା ପାଇଗଲା । ସେହିଦିନଠାରୁ ସେହି ହନୁମାନଙ୍କ ନାମ ବର୍ଗୀ ହନୁମାନ ହୋଇଗଲା ।

**ବେଢ଼ି ହନୁମାନ**

ସମୁଦ୍ର କୂଳ ଚକ୍ରତୀର୍ଥ ରୋଡରେ ବେଢ଼ି ହନୁମାନଙ୍କ ମନ୍ଦିର ଅବସ୍ଥିତ । ଏହି ହନୁମାନ ମୂର୍ତ୍ତି ଦକ୍ଷିଣ ପଟରେ ରହି ଶ୍ରୀକ୍ଷେତ୍ରକୁ

ରକ୍ଷା କରୁଛନ୍ତି । ଅତୀତରେ ସମୁଦ୍ର କୂଳ ଲଂଘନ କରି ସହରକୁ ମାଡ଼ି ଆସି ଅନେକ ଧନଜୀବନ ନଷ୍ଟ କରୁଥିବାରୁ ମହାପ୍ରଭୁଙ୍କ ଆଜ୍ଞାରେ ବୀର ହନୁମାନ ସେଠାରେ ଅବସ୍ଥାନ କରି ସମୁଦ୍ର ଯେପରି କୂଳ ଲଂଘନ କରି ପାରିବ ନାହିଁ ସେଥିପାଇଁ ଜଗି ରହିଛନ୍ତି । କାଳେ ଏହି ହନୁମାନ ଅଯୋଧ୍ୟା ଚାଲିଯିବେ ଫଳରେ ସମୁଦ୍ର କୂଳଲଂଘି ପୁଣି ପୁରୀକୁ ପ୍ରବେଶ କରିବ, ସେଇଥି ପାଇଁ ମହାପ୍ରଭୁ ହନୁମାନଙ୍କୁ ସେହିଠାରେ ବାନ୍ଧି ଦେଇଛନ୍ତି । ହନୁମାନଙ୍କୁ ବେଡ଼ି ପକା ଯାଇଥିବାରୁ ତାଙ୍କ ନାମ ବେଡ଼ି ହନୁମାନ ହେଲା । ଅନ୍ୟ ଏକ କଥା ଅନୁସାରେ ହନୁମାନ ପ୍ରଭୁଙ୍କର ମହାପ୍ରସାଦ ପାଇବା ଲୋଭରେ ସମୁଦ୍ର କୂଳରେ ନରହି ଶ୍ରୀମନ୍ଦିରକୁ ଫେରି ଆସିବାରୁ ଭଗବାନ ତାଙ୍କୁ ଏହିଠାରେ ବାନ୍ଧି ରଖିବାରୁ ଏହାଙ୍କ ନାମ ବେଡ଼ି ହନୁମାନ ହୋଇଛି ।

**କାନପତା ହନୁମାନ**

ଏହି ହନୁମାନ ଦକ୍ଷିଣ ଦ୍ୱାରରେ ଅବସ୍ଥାନ କରି ନିଜର କାନକୁ ପୋତି ସମୁଦ୍ରର ଗର୍ଜନ ରାତିରେ ଶୁଣି ଗ୍ରହଣ କରୁଥିବାରୁ ଶ୍ରୀମନ୍ଦିର ମଧ୍ୟକୁ ସମୁଦ୍ର ଗର୍ଜନ ଶୁଭା ଯାଏ ନାହିଁ ।

ଉପରୋକ୍ତ ହନୁମାନଙ୍କ ମନ୍ଦିର ବ୍ୟତୀତ ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିରରେ ଆଉ କେତକ ହନୁମାନ ବିଗ୍ରହ ପୂଜା ପାଉ ଅଛନ୍ତି । ଶ୍ରୀମନ୍ଦିର ବାହାର ବେଢାରେ ପୂଜା ପାଉଥିବା ହନୁମାନଙ୍କ ବିଗ୍ରହଗୁଡ଼ିକ ହେଲେ:

**ଫତେ ହନୁମାନ**

ଫତେ ହନୁମାନ ବିଗ୍ରହ ରାମାନନ୍ଦାଚାର୍ଯ୍ୟଙ୍କ ସମୟରେ ସ୍ଥାପିତ ହୋଇଥିଲା । ସେ ପଞ୍ଚରାମାନନ୍ଦୀ ଖାଲସାଙ୍କ ଆରାଧ୍ୟ ଦେବତା ଏବଂ ପୂର୍ବଦ୍ୱାରର ରକ୍ଷକ ।

**ମହାବୀର ମନ୍ଦିର**

କୂର୍ମ ବେଢାର ଦକ୍ଷିଣଦ୍ୱାରକୁ ମେଘନାଦ ପାଚେରୀର ଦକ୍ଷିଣ ଦ୍ୱାରକୁ ଯିବା ବାଟରେ ବାମ ପଟକୁ ପ୍ରଥମେ ମହାବୀର ମନ୍ଦିର ପଡ଼େ । ଗୋଟିଏ ଭଗ୍ନ ମନ୍ଦିର ମଧ୍ୟରେ ମହାବୀର (ହନୁମାନ)ପୂଜା ପାଉ ଅଛନ୍ତି । ମହାବୀର କଡ଼ରେ ରୋଷ ଘରକୁ ରାସ୍ତା ଅଛି ।

**ମହାବୀରଙ୍କ ମନ୍ଦିର**

ପଶ୍ଚିମ ଦ୍ୱାରର ଉତ୍ତର ପାର୍ଶ୍ୱକୁ ଓ ନୀଳାଦ୍ରି ବିହାର ମଧ୍ୟକୁ ଯିବା ରାସ୍ତାରେ ଏହି ମହାବୀର ମନ୍ଦିର ଅବସ୍ଥିତ । ଏହି ମନ୍ଦିରକୁ ମଧ୍ୟ ବୀର ହନୁମାନ ମନ୍ଦିର କହନ୍ତି । ଚାରିଧାମର ରକ୍ଷକ ଭାବରେ ବୀର ହନୁମାନ ପରିଚିତ ।

**ତପସ୍ୱୀ ହନୁମାନ ମନ୍ଦିର**

ଅର୍ପଣଗୋପାଳ ମନ୍ଦିରର ଉତ୍ତର ଦିଗକୁ ଅର୍ଥାତ୍ ଶ୍ରୀମନ୍ଦିରର ଉତ୍ତରଦ୍ୱାର ଆଡ଼କୁ ଗଲେ ବାମ ପଟରେ ମହାବୀର ତପସ୍ୱୀ ହନୁମାନ ମନ୍ଦିର ଦେଖିବାକୁ ମିଳେ । ଏହା ଏକ ଭଗ୍ନ ମନ୍ଦିର । କିମ୍ବଦନ୍ତୀ ଅନୁସାରେ ଜଗନ୍ନାଥ ହନୁମାନଙ୍କୁ ସେହି ସ୍ଥାନରେ ରହି ପ୍ରଭୁଙ୍କୁ ଉପାସନା କରିବା ପାଇଁ ସ୍ଥାନ ଦେଇଥିଲେ । ତପସ୍ୱୀ ହନୁମାନ ପୂର୍ବାଭିମୁଖୀ ଏବଂ ଚାରି ଫୁଟ ଉଚ୍ଚର ମୂର୍ତ୍ତି । ତାଙ୍କର ଚାରି ହାତରେ ଚାରୋଟି ଚକ୍ର । ଦୁଇ ହାତରେ ଦୁଇଟି ଗଦା ଓ ଅନ୍ୟ ଦୁଇ ହାତରେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଣତି ଜଣାଉଛନ୍ତି । ସେ ସୁଦର୍ଶନ ଚକ୍ରର ଗର୍ବ ଖର୍ବ କରିଥିଲେ ବୋଲି କିମ୍ବଦନ୍ତୀ ଅଛି । ଏହି ଶାନ୍ତ କିନ୍ତୁ କଠୋର ଦେହଧାରୀ ଭକ୍ତରାଜ ହନୁମାନଙ୍କୁ ଦର୍ଶନ ସମୟରେ ନିମ୍ନୋକ୍ତ ଶ୍ଳୋକ ବୋଲିବା ଉଚିତ ।

ଭକ୍ତାଗ୍ରଣୀଂ ଶାନ୍ତସୁରଙ୍ଗଂ ଦେହଂ ।
ଭୁଜଦ୍ୱୟେ ପର୍ବତବୃକ୍ଷଯୁକ୍ତମ୍ ॥
ବଦ୍ଧାଞ୍ଜଳିଂ ମୁଦ୍‌ଗରଯୁକ୍ତକକ୍ଷଂ ।
ଭଜେ କପୀନ୍ଦ୍ରଂ କୃତବୈରୀନାଶମ୍ ॥

ଶ୍ରୀମନ୍ଦିରର ପ୍ରବେଶ ଦ୍ୱାରରେ ଯେମିତି ହନୁମାନ ଅଛନ୍ତି, ସେହିପରି ପୁରୀର ପ୍ରବେଶ ଦ୍ୱାରରେ ହନୁମାନ ବିରାଜମାନ ହୋଇ ଶ୍ରୀକ୍ଷେତ୍ର ଏବଂ ଶ୍ରୀମନ୍ଦିରକୁ ରକ୍ଷା କରୁ ଅଛନ୍ତି ।

ଗୌଡ଼ଗାଁ, କପ୍ତିପଦା
ମୟୂରଭଞ୍ଜ

❖ ❖ ❖

# ପବିତ୍ର ଉତ୍କଳ ଦିବସ

ଅଧ୍ୟାପକ ପବିତ୍ର ମୋହନ ବାରିକ

ଉତ୍କଳ ଦିବସ ଓଡ଼ିଆ ଜାତିର ଆତ୍ମପରିଚୟ ଓ ସ୍ୱାଭିମାନର ଦିବସ । ଐତିହ୍ୟ ବିମଣ୍ଡିତ ଓ ସଂସ୍କୃତି ସମ୍ପନ୍ନ ଓଡ଼ିଆ ଜାତି ଅତୀତରେ ବହୁ ଘାତ, ପ୍ରତିଘାତ, ସଂଘର୍ଷ, ସଂଗ୍ରାମରେ ଅବତୀର୍ଣ୍ଣ ହୋଇ ଶେଷରେ ୧୯୩୬ ମସିହା ଏପ୍ରିଲ ୧ ତାରିଖ ଦିନ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କଲା । ସେହି ଗୌରବମୟ ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ପ୍ରତିବର୍ଷ ଏପ୍ରିଲ ପ୍ରଥମ ଦିବସକୁ ଉତ୍କଳ ଦିବସ ରୂପେ ଆନନ୍ଦ, ଉତ୍ସାହ, ଉଦ୍ଦୀପନା ଓ ମହାସମାରୋହରେ ପାଳନ କରାଯାଇ ଆସୁଛି । ଯେଉଁ ପୂର୍ବସୂରୀମାନଙ୍କ ତ୍ୟାଗ, ସାଧନା, ତପସ୍ୟା, ଆତ୍ମୋତ୍ସର୍ଗ ଓ ବଳିଦାନ ପାଇଁ ଏହି ଜାତି ବଞ୍ଚିବାରେ ସମର୍ଥ ହୋଇପାରିଲା, ଆଜିର ଏହି ପବିତ୍ର ଦିବସରେ ସେମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଓ ବିନମ୍ର ପ୍ରଣିପାତ । ସେମାନଙ୍କର ସ୍ୱପ୍ନ ସଂକଳ୍ପ ଓ ସଂଗ୍ରାମ ଦ୍ୱାରା ମୃତ ପ୍ରାୟ ଅବଲୁପ୍ତ ଓଡ଼ିଆ ଜାତିର ପ୍ରାଣରେ ନୂତନ ସ୍ପନ୍ଦନ ସୃଷ୍ଟି ହେଲା । ସ୍ୱତନ୍ତ୍ର ପ୍ରଦେଶ ଗଠନ ଦିଗରେ ବହୁ ବ୍ୟକ୍ତି ବିଶେଷଙ୍କ ନିରବଚ୍ଛିନ୍ନ ଉଦ୍ୟମ ଓ ଅନବଦ୍ୟ ଅବଦାନ ଅତୁଳନୀୟ । ଉତ୍କଳ ଜନନୀର ବହୁ ବରେଣ୍ୟ ବୀରପୁତ୍ରଙ୍କର ନିସ୍ୱାର୍ଥର ସହଯୋଗ ଫଳରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଐତିହ୍ୟ ଓ ପରମ୍ପରା ସମ୍ମାନ ରକ୍ଷା କରାଯାଇ ପାରିଲା ।

ସେହି ମହାନୁଭବ ମହାମାନବମାନଙ୍କ ମଧ୍ୟରେ ଉତ୍କଳଗୌରବ କୁଳବୃଦ୍ଧ ମଧୁସୂଦନ ଦାସ ଥିଲେ ଅନ୍ୟତମ । ଓଡ଼ିଆ ଜାତୀୟତା ବୋଧକ ସଙ୍ଗୀତ ରଚନା କରି ଜନସାଧାରଣଙ୍କ ହୃଦୟରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଉନ୍ମାଦନାର ବାତାବରଣ ସୃଷ୍ଟି କଲେ । ଉତ୍କଳମଣି ଗୋପବନ୍ଧୁ ଦାସ ଉତ୍କଳ ଜନନୀର ଆଉ ଜଣେ ଯୋଗ୍ୟ ସନ୍ତାନ । ଦୁଃଖୀ, ରଙ୍କି, ଦୀନ, ହୀନମାନଙ୍କ ପାଇଁ ସେ ଥିଲେ ଏକ ସମର୍ପିତ ବ୍ୟକ୍ତିତ୍ୱ । ବିଚ୍ଛିନ୍ନାଞ୍ଚଳରେ ରାଜନୈତିକ ଓ ସାଂସ୍କୃତିକ ଜାଗରଣ ଆରମ୍ଭ କରି ଭାଷାଭିତ୍ତିକ ବୃହତ୍ତମ ଓଡ଼ିଶା ଗଠନରେ ସାର୍ଥକ ଭୂମିକା ଗ୍ରହଣ କଲେ । ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ମହନୀୟ ଉଦ୍ୟମ ଫଳରେ ଗଡ଼ଜାତ ସମୂହର ଉତ୍କଳ ପ୍ରଦେଶ ସହିତ ସମ୍ମିଶ୍ରଣ ଇତିହାସରେ ଏକ ସମୁଜ୍ଜ୍ୱଳ ସ୍ୱାକ୍ଷର । ତତ୍କାଳୀନ ଜାଗରଣ ସୃଷ୍ଟି କରିବା ନିମନ୍ତେ ଅନେକ ସମ୍ବାଦପତ୍ରର ଭୂମିକା କେବେ ଅସ୍ୱୀକାର କରାଯାଇ ପାରିବ ନାହିଁ ।

ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନରେ ସମ୍ବାଦପତ୍ର ଓ ବିଭିନ୍ନ ପତ୍ରପତ୍ରିକା ଦାୟିତ୍ୱପୂର୍ଣ୍ଣ ଭାବରେ ସେମାନଙ୍କ କାର୍ଯ୍ୟ ନିର୍ବାହ କରିବା ସହିତ ଓଡ଼ିଆ ଭାଷା, ସାହିତ୍ୟର ସୁରକ୍ଷା ଦିଗରେ ଆପ୍ରାଣ ଉଦ୍ୟମ ଆରମ୍ଭ କରିଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହୋଇଥିଲା ସେମାନଙ୍କର ପ୍ରଚେଷ୍ଟା ଯୋଗୁଁ । ବହୁ ରାଜା ମହାରାଜା ଓ ଜମିଦାର ଏଥିପାଇଁ ପୃଷ୍ଠପୋଷକତା ପ୍ରଦାନ କରିବା ସହ ଆନ୍ଦୋଳନକୁ ସଫଳତାର ଶୀର୍ଷରେ ପହଞ୍ଚାଇ ଥିଲେ । ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଥିଲେ ନରପତିମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ । ବାମଣ୍ଡାର ରାଜା ସାର୍ ବାସୁଦେବ ସୁଢଳ ଦେବ, ମୟୂରଭଞ୍ଜ ରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ, ଖଲିକୋଟର ହରିହର ମର୍ଦ୍ଦରାଜ, ଜୟପୁରର ବିକ୍ରମ ଦେବ, କନିକାର ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ, ବାଲେଶ୍ୱରର ଶ୍ୟାମସୁନ୍ଦର ଦେଓ, ଖଡ଼ିଆଳର ବ୍ରଜ ରାଓ, ବୀର ବିକ୍ରମ ଦେବ, ସୋନପୁରର ବୀରମିତ୍ରୋଦୟ ସିଂହଦେଓ ପ୍ରମୁଖ ରାଜାମାନଙ୍କର ପୂର୍ଣ୍ଣାଙ୍ଗ ଉତ୍କଳ ପ୍ରଦେଶ ଗଠନରେ ସକ୍ରିୟ ଭୂମିକା ଅବିସ୍ମରଣୀୟ । ଓଡ଼ିଶାର ଯେଉଁ ସାରସ୍ୱତ ସାଧକ, ସାହିତ୍ୟ ରଥୀ ବୀରତ୍ୱପୂର୍ଣ୍ଣ ଲେଖାମାନ ଲେଖି ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଉଲ୍ଲେଖନୀୟ ଭୂମିକା ଗଠନ କରିଥିଲେ, ସେମାନେ ହେଲେ ବ୍ୟାସକବି ଫକୀର ମୋହନ ସେନାପତି, ମଧୁସୂଦନ ଦାସ, ପଲ୍ଲୀକବି ନନ୍ଦକିଶୋର ବଳ, ପି.ଏମ୍,

ଆଚାର୍ଯ୍ୟ, ବାଗ୍ମୀ ବିଶ୍ୱନାଥ କର, କବିଶେଖର ଚିନ୍ତାମଣି ମହାନ୍ତି, ଗୋପାଳ ଚନ୍ଦ୍ର ପ୍ରହରାଜ, ଜଗବନ୍ଧୁ ସିଂ ପ୍ରମୁଖ ।

ଓଡ଼ିଶାର ଜାତୀୟ ଆନ୍ଦୋଳନରେ ଯେଉଁ କେତେଜଣ ସତ୍ୟନିଷ୍ଠ ସଂଗ୍ରାମୀ, ସର୍ବତ୍ୟାଗୀ ସ୍ୱାଧୀନତା ସଂଗ୍ରାମ ମହାଯଜ୍ଞରେ ଆତ୍ମାହୂତି ଦେଇଥିଲେ, ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଥିଲେ ପଣ୍ଡିତ ନୀଳକଣ୍ଠ ଦାଶ, ଆଚାର୍ଯ୍ୟ ହରିହର, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଯଦୁମଣି ମଙ୍ଗରାଜ, ଗୋଦାବରୀଶ ମିଶ୍ର ଓ ଲକ୍ଷ୍ମୀନାରାୟଣ ସାହୁ । ଓଡ଼ିଶାର ଅନେକ ମହୀୟସୀ ମହିଳା ଜାତୀୟ ସଂଗ୍ରାମରେ ଅଂଶ ଗ୍ରହଣ କରି ଏ ଜାତିର ମର୍ଯ୍ୟାଦା ମହିମାନ୍ୱିତ କରିଥିଲେ । ସେଇ ବୀରାଙ୍ଗନାମାନେ ହେଲେ ରମାଦେବୀ, ମାଳତୀ ଦେବୀ, ଅନ୍ନପୂର୍ଣ୍ଣା ଦେବୀ, ପ୍ରଭାବତୀ ଦେବୀ । କେତେଜଣ ଇଂରେଜ ପ୍ରଶାସକଙ୍କର ସାହାଯ୍ୟ ଓ ସମର୍ଥନ ପାଇ ଓଡ଼ିଆ ଜାତି ତା'ର ସ୍ୱାର୍ଥର ସୁରକ୍ଷା କରିପାରିଥିଲା ।

ସ୍ୱତନ୍ତ୍ର ପ୍ରଦେଶ ଗଠନରେ ସହାନୁଭୂତି ଓ ସହୃଦୟତା ପ୍ରଦାନ କରିଥିବା ଇଂରେଜ ଅଧିକାରୀମାନେ ଥିଲେ ଜନବିମ୍ସ, ରେଭେନ୍ସା ସାହେବ, ସାଇମନ ସାହେବ, ଆଣ୍ଡ୍ରୁ ଫ୍ରେଜର ଓ ଷ୍ଟାଫୋର୍ଡ଼ ନର୍ଥକୋଟ୍ ।

ଓଡ଼ିଶା ତା'ର ସାମାଜିକ ସାଂସ୍କୃତିକ ରାଜନୈତିକ, ଅର୍ଥନୈତିକ, ସାମାଜିକ, ଐତିହ୍ୟ ଓ ଇତିହାସର ବିଭବ ପାଇଁ ବିଶ୍ୱରେ ଅନନ୍ୟ ତଥା ଅସାଧାରଣ । ବିଶ୍ୱ ଦରବାରରେ ଓଡ଼ିଶା ତା'ର ସ୍ୱତନ୍ତ୍ର ସ୍ଥାନ ଓ ପରିଚୟ ସୃଷ୍ଟି କରି ପାରିଛି । ଅତୀତରେ ଓଡ଼ିଆମାନେ ଏକ ସାମ୍ରାଜ୍ୟବାଦୀ ଜାତି ଭାବରେ ଭାରତବର୍ଷରେ ଶୀର୍ଷସ୍ଥାନ ଅଧିକାର କରିଥିଲେ । ମହାମେଘ ବାହାନ ଐର ଖାରବେଳ ଏ ଜାତିର ସାମ୍ରାଜ୍ୟବାଦୀ ସମ୍ରାଟ । ଚୋଡ଼ଗଙ୍ଗ ଦେବ, ନରସିଂହ ଦେବ, କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବଙ୍କ ପରି କାଳଜୟୀ ବୀର ଓଡ଼ିଶା ଇତିହାସର ପୃଷ୍ଠାକୁ ଶିରୀ ମଣ୍ଡନ କରିଛନ୍ତି । ଅତୀତରେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଅଞ୍ଚଳରେ ଓଡ଼ିଆ ବୀରମାନେ ତାଙ୍କର ଆଧିପତ୍ୟ ବିସ୍ତାର କରିଥିଲେ । ଓଡ଼ିଆ ପାଇକମାନଙ୍କର ବୀରତ୍ୱର କାହାଣୀ କାହାକୁ ଅଜଣା ନାହିଁ । ବକ୍ସିଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ଜୟୀରାଜଗୁରୁ, ପିଣ୍ଡିକ ବାହୁବଳେନ୍ଦ୍ର, ତାପଙ୍ଗଗଡ଼ର ଦଳ ବେହେରା, ମାଧବଚନ୍ଦ୍ର ରାଉତରାୟ ପ୍ରଭୃତିଙ୍କର ସମର ଯୁଗର ଅମର ଗାଥା ଓଡ଼ିଆ ଜାତିର ଗର୍ବ ଓ ଗୌରବ । ଅର୍ଥନୈତିକ ଦୃଷ୍ଟିକୋଣରୁ ପ୍ରାଚୀନ ଓଡ଼ିଆମାନେ ଥିଲେ ସମୃଦ୍ଧ ଓ ସ୍ୱାବଲମ୍ବୀ ।

ସାଧବମାନେ ଦରିଆ ପାରି ନୌବାଣିଜ୍ୟରେ ଥିଲେ ସିଦ୍ଧହସ୍ତ । ଜାଭା, ସୁମାତ୍ରା, ବାଲି, ସିଂହଳ, ପ୍ରଭୃତି ଦ୍ୱୀପ ସହିତ ନୌବାଣିଜ୍ୟରେ ସଂପର୍କ ପ୍ରତିଷ୍ଠା କରିଥିଲେ । ଏହାର ପ୍ରମାଣ ମିଳେ ଖୁଦୁରୁକୁଣି ଓ ଖୁଲଣା ସୁନ୍ଦରୀ ଓଷା ପ୍ରଭୃତି ପୁସ୍ତକରୁ । ସେହି ଅତୀତ ଐତିହ୍ୟର ସ୍ମାରକୀ ସ୍ୱରୂପ କଟକରେ ପ୍ରତିବର୍ଷ ପାଳିତ ହେଉଥିବା ବାଲିଯାତ୍ରା ଏହାର ପ୍ରମାଣ । ପ୍ରାଚୀନ ନୌବାଣିଜ୍ୟ ପରମ୍ପରାର ସ୍ମୃତିର ନିଦର୍ଶନ ସ୍ୱରୂପ ପାଳିତ ହେଉଛି କାର୍ତ୍ତିକ ପୂର୍ଣ୍ଣିମାର ବୋଇତ ବନ୍ଦାଣ ଉତ୍ସବ । ପ୍ରାଚୀନ ଓଡ଼ିଶାର ଅର୍ଥନୀତି ଥିଲା ଶକ୍ତିଶାଳୀ ଓ ସମୃଦ୍ଧ । ଓଡ଼ିଶାର ଧର୍ମ ଓ ସଂସ୍କୃତି ମହାନ । ଜଗନ୍ନାଥ ଧର୍ମ ଓ ସଂସ୍କୃତି ପାଇଁ ଓଡ଼ିଶା ସମଗ୍ର ବିଶ୍ୱରେ ସମ୍ମାନିତ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରଥଯାତ୍ରା ବିଶ୍ୱ ପ୍ରସିଦ୍ଧ । ମନ୍ଦିର ମାଳିନୀ ଐତିହାସିକ ସହର ଭୁବନେଶ୍ୱରର ମହାପ୍ରଭୁ ଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଓଡ଼ିଆମାନଙ୍କର ଅତି ଆପଣାର । ଓଡ଼ିଆମାନଙ୍କ ସାଂସ୍କୃତିକ ମହତ୍ୱକୁ ଦ୍ୱିଗୁଣିତ କରେ କଟକର ସାର୍ବଜନୀନ ଦୁର୍ଗାପୂଜା । ସମ୍ବଲପୁର ସହରର ଶୀତଳ ଷଷ୍ଠୀ, ଭବାନିପାଟଣା ସହରରେ ମା' ମାଣିକେଶ୍ୱରୀଙ୍କର ଦୁର୍ଗାପୂଜା ସମୟରେ ଛତର ଯାତ୍ରା, ସୋନପୁର ସହରର ବଏଲ ଯାତ୍ରା ଓଡ଼ିଆ ଜାତିର ସାଂସ୍କୃତିକ ମହତ୍ୱର ପରିଚୟ । ବରଗଡ଼ ସହରର ସର୍ବବୃହତ ରଙ୍ଗ ମଞ୍ଚରେ ଧନୁଯାତ୍ରା ଆମ ଓଡ଼ିଆ ସଂସ୍କୃତିର ବୈଚିତ୍ର୍ୟମୟ ଧାରା । ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜା, ଜଟଣୀର ଗଣେଶ ପୂଜା, ଭଦ୍ରକର କାଳିପୂଜା, ବ୍ରହ୍ମପୁରର ଠାକୁରାଣୀ ଯାତ୍ରା, ବାରିପଦାର ମକର ପର୍ବ ପ୍ରଭୃତି ଓଡ଼ିଆ ଜାତିକୁ ଗୌରାବାନ୍ୱିତ କରେ । ଓଡ଼ିଶାର କୋଣ ଅନୁକୋଣରେ ପାଳିତ ହେଉଥିବା ଯାନିଯାତ୍ରା ଓଷା ବ୍ରତ ଉପାସନା ଅନ୍ୟ ଜାତିମାନଙ୍କଠାରୁ ସ୍ୱତନ୍ତ୍ର ।

ସର୍ବଧର୍ମ ସମନ୍ୱୟର କ୍ଷେତ୍ର ଓଡ଼ିଶା । ପ୍ରତ୍ୟେକ ଧର୍ମ, ମତବାଦ ଓ ବିଶ୍ୱାସ ମଧ୍ୟରେ ଅତୁଟ ସମ୍ବନ୍ଧ, ପରସ୍ପର ପ୍ରତି ସଦ୍‌ଭାବ ଓ ସହନଶୀଳତାର ବାର୍ତ୍ତା ଓଡ଼ିଶା ମାଟିରୁ ପ୍ରଚାରିତ ହେଉଅଛି । ଶାକ୍ତ, ବୈଷ୍ଣବ ଶୈବ ସଂପ୍ରଦାୟ ମଧ୍ୟରେ ସୁନ୍ଦର ସମନ୍ୱୟ ରହିଛି । ଓଡ଼ିଶାର ଧର୍ମ ଧାରା ଶାନ୍ତି, ମୈତ୍ରୀ, ପ୍ରୀତିର ମନ୍ତ୍ର ଉଚ୍ଚାରଣ କରେ । ଓଡ଼ିଶାରେ ଅନେକ ପ୍ରାଚୀନ ବୌଦ୍ଧ ପୀଠ ଓ ବିହାର ରହିଛି । ଧଉଳି, ଲଳିତ ଗିରି, ଉଦୟଗିରି, ରତ୍ନଗିରି, ଜଉଗଡ଼ ପ୍ରଭୃତି ସ୍ଥାନରେ ବୌଦ୍ଧ କୀର୍ତ୍ତିରାଜିର ସମ୍ଭାର ଦେଖିବାକୁ ମିଳେ । ଖଣ୍ଡଗିରି ଓ ଉଦୟଗିରି ପାହାଡ଼ରେ ଜୈନ ଧର୍ମର ସ୍ମାରକୀ ଦେଖିବାକୁ ମିଳେ । ସାଂପ୍ରଦାୟିକ ସଂପ୍ରୀତି ଓଡ଼ିଶା ମାଟିରୁ ଘୋଷିତ ହେଉଅଛି । ସଂପ୍ରଦାୟ ମଧ୍ୟରେ ଭାଇଚାରା ଓ ଉତ୍ତମ ବୁଝାମଣା ରହିଅଛି । ଝାରସୁଗୁଡ଼ା ଜିଲ୍ଲାର ରେମଣ୍ଡା ଗ୍ରାମର ମୁସଲମାନ

ଗୌନ୍ତିଆ ରଥଯାତ୍ରାରେ ଛେରାପହଁରା କରନ୍ତି । ଖୋର୍ଦ୍ଧା ଜିଲ୍ଲା ମାଣିକ ଗୋଡ଼ା ଗ୍ରାମର ମୁସଲମାନ ଦଳବେହେରା ସାର୍ବଜନୀନ ଦୁର୍ଗାପୂଜା ସମୟରେ ହୋମ କର୍ମରେ କୁଶବଟ ଧାରଣ କରି ପୌରହିତ୍ୟ କରନ୍ତି । କାଇପଦର ଗ୍ରାମର ବୁଖାରି ବାବାଙ୍କ ନିକଟରେ ହିନ୍ଦୁ ଓ ମୁସଲମାନ ନିଜର ଭକ୍ତି ଅର୍ଘ୍ୟ ଅର୍ପଣ କରନ୍ତି । ଏଥିରୁ ପ୍ରମାଣିତ ହୁଏ ସାଂପ୍ରଦାୟିକ ସଦ୍‌ଭାବରେ ଓଡ଼ିଶା ସର୍ବଦା ନେତୃତ୍ୱ ନେଇ ଆସିଛି । ମନ୍ଦିର ସଂସ୍କୃତିର ସର୍ବାଧିକ ଗୁରୁତ୍ୱ ବହନ କରିଥାଏ ଓଡ଼ିଶା । ଶ୍ରୀଜଗନ୍ନାଥ ମନ୍ଦିର, ଶ୍ରୀଲିଙ୍ଗରାଜ ମନ୍ଦିର, କୋଣାର୍କର ସୂର୍ଯ୍ୟ ମନ୍ଦିର, ଗନ୍ଧମାର୍ଦ୍ଦନ ପର୍ବତର ଦୁଇ ପାର୍ଶ୍ୱରେ ଥିବା ହରି ଶଙ୍କର ମନ୍ଦିର, ନୃସିଂହ ନାଥ ମନ୍ଦିର, ରାଣିପୁର ଝରିଆଲ ଓ ହରିପୁରର ଚୌଷଠି ଯୋଗିନୀ ମନ୍ଦିର ପ୍ରଭୃତି ଆମ ମନ୍ଦିର ସଂସ୍କୃତିର ଚରମ ନିଦର୍ଶନ ଅଟେ । ନୃତ୍ୟ, ଗୀତ, ସଂଗୀତ, ଲୋକ କଳା ପ୍ରଭୃତିରେ ଓଡ଼ିଶା ଯଥେଷ୍ଟ ସୁନାମ ଅର୍ଜନ କରି ଅଛି । ପାଲା, ଦାସକାଠିଆ ଘୋଡ଼ା ନାଚ, ଛଉ ନୃତ୍ୟ, ଘୁମୁରା, ଡ଼ାଲଖାଇ, ରସର କେଲି, ଗୋଟିପୁଅ ନୃତ୍ୟ ପ୍ରଭୃତି ଓଡ଼ିଶା ସାଂସ୍କୃତିକ ବିଭାଗର ଗୋଟେ ଗୋଟେ ଅଙ୍ଗ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଓଡ଼ିଶାରେ ଚିଲିକା, ଚନ୍ଦ୍ରଭାଗା, କୋଣାର୍କ, ପୁରୀ, ଗୋପାଳପୁର ଭଳି ବିସ୍ତୀର୍ଣ୍ଣ ବେଳାଭୂମି ଅବସ୍ଥିତ । ଚନ୍ଦକା, ସିମିଳିପାଳ. ଟିକରପଡ଼ା ପ୍ରଭୃତି ଅଭୟାରଣ୍ୟ ଜୈବ ବିବିଧତାର ବର୍ଣ୍ଣଳୀ ସୃଷ୍ଟି କରେ । ନଦୀ ବହୁଳ ରାଜ୍ୟ ଓଡ଼ିଶା । ମହାନଦୀ, ଋଷିକୁଲ୍ୟା, ବୈତରଣୀ, ବୁଢାବଳଙ୍ଗ, ସୁବର୍ଣ୍ଣରେଖା, କାଠଯୋଡ଼ି, କୁଆଖାଇ ପ୍ରଭୃତି ନଦୀ ଓଡ଼ିଶାର ଜୀବନରେଖା । ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ କରି ଏ ଜାତିକୁ ଗୌରବାନ୍ୱିତ କରିଅଛି । ପବିତ୍ର ଉତ୍କଳ ଦିବସ ଅବସରରେ ପ୍ରତ୍ୟେକ ଓଡ଼ିଆ ନିଜର ଅତୀତ ଗୌରବମୟ ସ୍ୱାଭିମାନକୁ ଶ୍ରଦ୍ଧାର ସହିତ ସ୍ମରଣ କରିବା ବିଧେୟ । ଜଣେ ଓଡ଼ିଆ ଭାବେ ନିଜକୁ ଗର୍ବ ଅନୁଭବ କରିବା ଉଚିତ । ପବିତ୍ର ଉତ୍କଳ ଦିବସର ଅନୁଚିନ୍ତା ହେଉ ନିଜକୁ ଓଡ଼ିଆ ଜାତିପ୍ରତି ସମର୍ପିତ କରିବା ।

ଇତିହାସ ବିଭାଗ
ସନାତନ ହରିଚନ୍ଦନ ମହାବିଦ୍ୟାଳୟ
ମଦନପୁର, ଖୋର୍ଦ୍ଧା–୭୫୨୦୫୪

# ଉତ୍କଳ ଦିବସ

**ପଣ୍ଡିତ ଚକ୍ରଧର ଦାଶ**

ଅପ୍ରେଲ ମାସର ପ୍ରଥମ ଦିନଟି ଅତି ହିଁ ପବିତ୍ର ଦିନ
ଆମ ଜନ୍ମଭୂମି ଉତ୍କଳ ଜନନୀ ହେଲା ସେ ଦିନରେ ଜନ୍ମ ।
ସୁଜଳା, ସୁଫଳା ବନଗିରି ଭରା ଆମ ଏ ଜନ୍ମଭୂମି
ଏପରି ତ ଦେଶ ସାରା ଜଗତରେ ଖୋଜିଲେ ବି ମିଳିବନି ।
ଏ ଦେଶର ମାଟି ଅତି ହିଁ ପବିତ୍ର ସ୍ୱର୍ଗଠାରୁ ଗରିୟସୀ
ଜଗନ୍ନାଥ ପ୍ରଭୁ ରହନ୍ତି ଯେଉଁଠି ସ୍ୱର୍ଗଛାଡି ଏଠି ଆସି ।
ଏ ଦେଶ ସାଧବ ପୁଅ ଯାଉଥିଲେ ବିଦେଶେ ବାଣିଜ୍ୟ କରି
କେତେ ଧନରତ୍ନ ଅମୂଲ୍ୟ ସମ୍ପଦ ବିଦେଶୁ ଆଣିଲେ ଧରି ।
ଏ ଦେଶର ଶିଳ୍ପୀ ମନ୍ଦିର ଗାତ୍ରରେ ଗଢ଼ି କେତେ ଶିଳ୍ପରାଜି
ପୁରୀ–କୋଣାରକ ଭୁବନେଶ୍ୱର ବିଶ୍ୱେ ବିଖ୍ୟାତ ଆଜି ।

ଏ ଦେଶ ସନ୍ତାନ ଜୟ କରିଥିଲେ ଗଙ୍ଗାଠାରୁ ଗୋଦାବରୀ
ଶୌର୍ଯ୍ୟ ବୀର୍ଯ୍ୟରେ ଶିଳ୍ପ ବାଣିଜ୍ୟରେ କିଏ ହେବ ତା'ର ସରି ।
ଆମ ଜନ୍ମଭୂମି ବୀର ପ୍ରସବିନୀ ସାଧୁସନ୍ଥ ଜନ୍ମଦାତ୍ରୀ
କେତେ ବୀର, କବି, ଦେଶସେବକ, ତାଠୁଁ ଜନ୍ମ ନେଇଛନ୍ତି ।
ଅତୀତ ତାହାର ଥିଲା ଭୟଙ୍କର ଥିଲା ସର୍ବସ୍ୱ ହରାଇ
ପଡୋଶୀ ରାଜ୍ୟରେ ମିଶି ଯାଇଥିଲା ଖଣ୍ଡବିଖଣ୍ଡିତ ହୋଇ ।
ଊଣେଇଶି ଶହ ଛତିଶ ମସିହା ଅପ୍ରେଲ ପ୍ରଥମ ଦିନ
ଆମ ଜନ୍ମଭୂମି ଉତ୍କଳ ପ୍ରଦେଶ ସେହି ଦିନୁ ନେଲା ଜନ୍ମ ।
ଆମେତ ସଭିଏଁ ତାହାର ସନ୍ତାନ ସେ ଆମର ଜନ୍ମ ଭୂଇଁ
ପାଳିବାରେ ଆସ ! ଉତ୍କଳ ଦିବସ ମାଆର ଚରଣ ଛୁଇଁ ।

ଗୁରୁକୃପା ଭବନ
କଳିଙ୍ଗନଗର–୭, ଭୁବନେଶ୍ୱର

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ

ଡକ୍ଟର ଦାମୋଦର ମହାପାତ୍ର

ଓଡ଼ିଶା ଭାରତର ଏକ ପ୍ରାଚୀନ ରାଜ୍ୟ । ଏହାର ଐତିହାସିକ ଭୂଗୋଳ ଅନୁଧ୍ୟାନ କଲେ ଜଣାପଡେ ଉତ୍ତରରେ ବଙ୍ଗ, ଉତ୍ତର ପଶ୍ଚିମରେ ବିହାର, ପଶ୍ଚିମରେ ମଧ୍ୟପ୍ରଦେଶ ଓ ଦକ୍ଷିଣରେ ଆନ୍ଧ୍ରପ୍ରଦେଶ ସୀମା ଭିତରେ ଏହାର ଅବସ୍ଥିତି ଥିଲା । ଭୌଗୋଳିକ ଦୃଷ୍ଟିକୋଣରୁ ଏହା ସମୁଦ୍ର ଓ ପାର୍ବତ୍ୟ ଅଂଚଳ, ଏହିପରି ଦୁଇଟି ପ୍ରାକୃତିକ ସମ୍ପଦର ଅଧିକାରୀ । ସେହିପରି ବୁଢାବଳଙ୍ଗ, ବୈତରଣୀ, ବ୍ରାହ୍ମଣୀ, ମହାନଦୀ ଓ ଋଷିକୂଲ୍ୟା ଭଳି ନଦୀ ଏହାର ଅଧିକାଂଶ ଅଂଚଳକୁ ଶସ୍ୟ ଶ୍ୟାମଳା କରିବାରେ ସହାୟ ହୁଏ । ପୁଣି ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ସମ୍ବଲପୁର, କଳାହାଣ୍ଡି ଓ କୋରାପୁଟ ଭଳି ବଣ ପାହାଡ ଅଂଚଳ ବିଭିନ୍ନ ପଶୁପକ୍ଷୀଙ୍କୁ ସହାୟତା ଯୋଗାଇ ଆସିଛି । ଏହି ଅଂଚଳରେ ବାସ କରୁଥିବା ଅଧିବାସୀମାନେ ପ୍ରାକ୍–ଆର୍ଯ୍ୟ ଯୁଗର ବାର୍ତ୍ତା ବହନ କରୁଥିଲେ । ଏ'ତ ଗଲା ପ୍ରାଗ୍ ଐତିହାସିକ ଯୁଗକଥା । ମାତ୍ର ସମୟକ୍ରମେ, ଅଶୋକଙ୍କ କଳିଙ୍ଗ ବିଜୟ, ଚତୁର୍ଥ ଶତାବ୍ଦୀରେ ମଗଧରାଜ ମହାପଦ୍ମ ନନ୍ଦଙ୍କ କଳିଙ୍ଗ ଅଧିକାର, ନନ୍ଦ ବଂଶର ପତନ ପରେ ମୌର୍ଯ୍ୟ ସାମ୍ରାଜ୍ୟର ପ୍ରତିଷ୍ଠା ଇତ୍ୟାଦି ଓଡ଼ିଶାର ଆୟତନକୁ ସଂକୁଚିତ କରି ଦେଇଥିଲା । ମାତ୍ର ଚେଦୀ ବଂଶର ରାଜା ମହାମେଘ ବାହନ ଖାରବେଳଙ୍କ ରାଜତ୍ୱ ସମୟରେ କଳିଙ୍ଗ ପୁନଶ୍ଚ ନିଜକୁ ମହାନ୍ ଶକ୍ତିଶାଳୀ ରାଷ୍ଟ୍ର ଭାବେ ପ୍ରତିଷ୍ଠିତ କରିଥିଲା । ଏହାପରେ ସମୟକ୍ରମେ ଓଡ଼ିଶା ଭାଗଭାଗ ହୋଇ ଓଡ୍ର, କଙ୍ଗୋଦ, କଳିଙ୍ଗ, କୋଶଳ ଇତ୍ୟାଦି ଭାଗରେ ପରିଚିତ ମଧ୍ୟ ହୋଇଥିଲା । ଏହାପରେ ବିଭିନ୍ନ ରାଜବଂଶ ଓଡିଶାରେ ରାଜତ୍ୱ କଲାପରେ ଖ୍ରୀ ୧୫୯୨ର ଓଡିଶା ମୋଗଲମାନଙ୍କ ଦ୍ୱାରା ଶାସିତ ହେଲା । ଏହି ସମୟରେ ଓଡ଼ିଶା କ୍ଷତିଗ୍ରସ୍ତ ହେଲା । ଏହାପରେ ମରାଠା ଶାସନ ଚାଲିଲା । ହେଲେ ୧୮୦୩ ମସିହା ଅକ୍ଟୋବର ୧୪ଦିନ ଉପକୂଳ ଓଡ଼ିଶା ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହେଲା । ଇଂରେଜ ଶାସନ ଆରମ୍ଭରୁ ହିଁ ବିଦ୍ରୋହର ସୂତ୍ରପାତ ହେଲା । ସେଥିମଧ୍ୟରୁ ଖୋରଧାର ପାଇକ ବିଦ୍ରୋହ, ଘୁମୁସର ବିଦ୍ରୋହ ଇତ୍ୟାଦି ପ୍ରଧାନ । ୧୮୬୬ରେ ନ'ଅଙ୍କ ଦୁର୍ଭିକ୍ଷ ଓଡ଼ିଶାର ମାନଦଣ୍ଡ ଦୋହଲାଇ ଦେଇଥିଲା । ଅନାହାରରେ କେତେ ଲୋକ ମଲେ ତା'ର ହିସାବ ନଥିଲା । ଏଥିରେ ଇଂରେଜ ସରକାର ନିଜର ଭୁଲ ବୁଝିପାରି ଓଡ଼ିଶାରେ ରାସ୍ତାଘାଟ, ପରିବହନ ଓ ଜଳସେଚନ ଇତ୍ୟାଦିର ଉନ୍ନତି ଦିଗରେ ଧ୍ୟାନ ଦେଲେ । ୧୮୨୩ ବେଳକୁ ମିଶନାରୀ ସ୍କୁଲ ସଂଖ୍ୟା ୧୫କୁ ବୃଦ୍ଧି ପାଇଥିଲା । ଲର୍ଡ ହାଡିଞ୍ଜ ଭାଇସ ରାୟ ଥିବାବେଳେ ୮ଟି ଭର୍ଣ୍ଣାକୁଲାର ସ୍କୁଲ ସ୍ଥାପନ କଲେ । ଗରିବ ପିଲାମାନଙ୍କ ପାଇଁ ସ୍କୁଲ ଫି ଛାଡ କରାଗଲା । ମାଗଣାରେ ପୁସ୍ତକ ମଧ୍ୟ ଦିଆଗଲା । ୧୮୫୪ରେ ଉଡସ୍ ଡେସ୍‌ପାଚଙ୍କ ସୁପାରିଶ ଅନୁସାରେ ଏକ ଶିକ୍ଷା ବିଭାଗ ଖୋଲାଗଲା । ୧୮୭୪ ମସିହାରେ ଓଡ଼ିଶାର ୮୩୨ଟି ପାଠଶାଳା ସରକାରଙ୍କ ପରିଚାଳନା ଅଧୀନକୁ ଆସିଥିଲା । ୧୮୬୭ ମସିହା ବେଳକୁ ଓଡ଼ିଶାର ୩ଟି ଜିଲ୍ଲା ସ୍କୁଲ ଥିଲା । ୧୮୬୭ରେ ସରକାର ପ୍ରଥମେ କଟକ ଜିଲ୍ଲା ସ୍କୁଲରେ କଲଜିଏଟ୍ ଖୋଲିବାକୁ ରାଜି ହୋଇ ୧୮୬୮ ଜାନୁଆରୀ ୨୦ ତାରିଖରୁ ଏହାର ଶୁଭାରମ୍ଭ କଲେ । ତତ୍‌କାଳୀନ ଓଡ଼ିଆ ଭାଷା ସାହିତ୍ୟରେ ଉନ୍ନତି ସାଧନ ପାଇଁ କଟକ ଆର୍ଗୋସ, କଟକ ଷ୍ଟାର, କୋହିନୂର, ପ୍ରଜାବନ୍ଧୁ, ଓଡ଼ିଆ ନବ ସମ୍ବାଦ, ଉତ୍କଳ ସାହିତ୍ୟ ଇତ୍ୟାଦି କେତେକ ସମ୍ବାଦପତ୍ର ଚେଷ୍ଟା ଚଳାଇ ଥିଲେ । ସେହିପରି ଓଡ଼ିଆ ଜାତିକୁ ଏକାଠି କରିବା ପାଇଁ କେତେକ ଅନୁଷ୍ଠାନ ଯଥା– କଟକ ୟଙ୍ଗ ମେନ୍‌ସ ଏସୋସିଏସନ, ଉତ୍କଳ ଭାଷା ଉଦ୍ଦୀପନୀ ସଭା, ଓଡ଼ିଶା ପିପୁଲସ ଏସୋସିଏସନ ଇତ୍ୟାଦି ଉଦ୍ୟମ ଜାହିର ରଖିଲେ । ଏହାପରେ କଟକରେ ରେଭେନ୍‌ସା କଲେଜ ସ୍ଥାପିତ

ହେଲା । ୧୮୭୦ ବେଳକୁ ଚନ୍ଦ୍ରମୋହନ ମହାରଣା, ଗଣପତି ଦାସ, ମଣି ମହାପାତ୍ର, ଗୋପାଳ ଚନ୍ଦ୍ର ପ୍ରହରାଜ, ମଧୁସୂଦନ ଦାସ, ଅଭିରାମ ଭଞ୍ଜ, ନନ୍ଦ କିଶୋର ଦାସ, ରାଧାନାଥ ରାୟ, ଗୌରୀଶଙ୍କର ରାୟ, ରାମଶଙ୍କର ରାୟ, ପ୍ୟାରୀମୋହନ ଆଚାର୍ଯ୍ୟ, ଗୋପବନ୍ଧୁ ଦାସଙ୍କ ଭଳି ଲୋକମାନେ ଓଡ଼ିଆ ଭାଷା ଓ ସାହିତ୍ୟରେ ନବଜାଗରଣ ସୃଷ୍ଟି କଲେ । ଓଡ଼ିଆ ଜାତୀୟତାର ବିକାଶ ମାର୍ଗରେ ଏହା ଥିଲା ପ୍ରଥମ ମାଇଲ ଖୁଣ୍ଟ । ମଧୁସୂଦନ ଦାସ ଏ ଦିଗରେ ସର୍ବାଗ୍ରେ ଥିଲେ । ସେ ୧୮୪୮ରେ ଜନ୍ମ ଗ୍ରହଣ କରିଥିଲେ । ଓଡ଼ିଆ ଜାତିର ସେ ଅପ୍ରତିଦ୍ୱନ୍ଦ୍ୱୀ ନେତା ଥିଲେ । ସେ ଥିଲେ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍, ପୋଷ୍ଟ ଗ୍ରାଜୁଏଟ୍ ଓ ଲ ଗ୍ରାଜୁଏଟ୍ । ମଧୁସୂଦନଙ୍କ ଜୀବନ ଓଡ଼ିଆ ଜାତୀୟ ଜୀବନ ସହିତ ଘନିଷ୍ଠ ଭାବେ ସମ୍ପୃକ୍ତ ଥିଲା । ସେ ସ୍ୱାଭିମାନୀ ଥିଲେ । ସେ ଜଣେ ସ୍ୱାଧୀନ ଚେତା ସଚେତନ ନାଗରିକ ଥିଲେ । ୧୯୦୩ରେ ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ସେ ଉତ୍କଳ ସମ୍ମିଳନୀ ଗଠନ କରିଥିଲେ । ୧୯୩୪ ମସିହାରେ ସେ ପ୍ରାଣ ତ୍ୟାଗ କଲେ ସତ ମାତ୍ର ଓଡ଼ିଆ ଜାତିର ଏକତ୍ରୀକରଣକୁ ସେ ସାକାର କରିଯାଇ ଥିଲେ । ଓଡ଼ିଶା ୧୯୩୬ ମସିହା ଏପ୍ରିଲ୍ ୧ ତାରିଖରେ ସ୍ୱତନ୍ତ୍ର ପ୍ରଦେଶ ହେଲା । ସେତେବେଳକୁ ଭାରତର ସ୍ୱାଧୀନତା ଆନ୍ଦୋଳନ ଶୀର୍ଷରେ ପହଞ୍ଚିଥାଏ । ୧୯୩୯ ମସିହାରେ ବିଶ୍ୱଯୁଦ୍ଧ ହେଲା । ୧୯୪୭ ଅଗଷ୍ଟ ୧୫ରେ ଦେଶ ସ୍ୱାଧୀନ ହେଲା । ୧୯୪୭ ମସିହା ଡିସେମ୍ବର ମାସରେ ଗଡଜାତର ରାଜାମାନେ ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ସିଦ୍ଧାନ୍ତ ନେଲେ । ମାତ୍ର ମୟୂରଭଞ୍ଜ ମିଶିଲା ବେଳକୁ ୧୯୪୯ ଜାନୁଆରୀ ପହିଲା ହୋଇଗଲା । ମାତ୍ର ଦୁଃଖର କଥା ୧୯୪୮ ମେ ୧୮ ତାରିଖରେ ଷଢେଇକଳା ଓ ଖରସୁଆଁ ଦୁଇ ଓଡ଼ିଆ ଗଡଜାତ ରାଜ୍ୟ ବିହାରକୁ ଚାଲିଗଲା । ସେ ଯାହାହେଉ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା । ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଲା ।

ତେବେ ଏ' ତ ଗଲା ଇତିହାସ ବା ଅତୀତ । ଭବିଷ୍ୟତ ଏବେଠୁ କହିହେବ ନାହିଁ । ତେବେ ବର୍ତ୍ତମାନ କଥା ଚିନ୍ତା କରିବା କଥା । ଆମେ ସେହିମାନଙ୍କ ବଂଶଧର ଯେଉଁମାନେ ଏହି ଓଡିଶା ଭୂଖଣ୍ଡକୁ ସଜାଡି ସୁଜୁଡି ଆମ ହାତରେ ଦେଇଗଲେ । ସତରେ ସେମାନେ ଯଦି ସେତେବେଳେ ଏକ ମନ ଏକ ପ୍ରାଣ ହୋଇ, ଘର ଦ୍ୱାର ଭୁଲି ଅକ୍ଳାନ୍ତ ପରିଶ୍ରମ କରିନଥା'ନ୍ତେ, ଭାରତ ମାନଚିତ୍ରରେ ଆମ ସ୍ଥାନ ହଜି ଯାଇଥା'ନ୍ତା । ଏହି ଶସ୍ୟ ଶ୍ୟାମଳା, ପାହାଡ–ପର୍ବତ, ଜଙ୍ଗଲ–ନଦୀ ଭରା ଓଡ଼ିଶା ନିଜର ପରିଚୟ ହରାଇ ବସିଥାଆନ୍ତା । ସତରେ, କେତେ କଷ୍ଟ ସ୍ୱୀକାର କରିନଥିବେ ସେମାନେ ? ମାତ୍ର ଆମେ କଣ କରୁଛେ ? ସେମାନଙ୍କର ଜନ୍ମବାର ଭୁଲି ଯାଉଛେ । ସରକାର ଉପରେ ଦୋଷ ଲଦୁଛେ । ଆମର କ'ଣ କିଛି କର୍ତ୍ତବ୍ୟ ନାହିଁ ? ସରକାର କ'ଣ ମନା କରୁଛନ୍ତି ଏହି ଯୋଗଜନ୍ମାମାନଙ୍କ ଫଟୋଚିତ୍ର ଘରେ ବା ବିଦ୍ୟାଳୟରେ ରଖିବାକୁ, ତା'ଙ୍କ ଜନ୍ମ ତିଥିକୁ ମନେ ପକାଇବାକୁ, ତା'ଙ୍କ ଫଟୋରେ ଫୁଲହାର ଦେବାକୁ ? ନା, ଏଥିପାଇଁ ନିୟମ ପ୍ରଣୟନର ଆବଶ୍ୟକତା ପଡିବ । ଆମେ ଦେଶବିଦେଶର ଖ୍ୟାତି ସମ୍ପନ୍ନ ବ୍ୟକ୍ତିମାନଙ୍କୁ ବେଶ୍ ମନେରଖି ପାରୁଛେ, ମାତ୍ର ଏମାନଙ୍କୁ ମନେ ରଖିବାକୁ ଆମକୁ ବା ବାଧା ଦେଉଛି କିଏ ? କାହିଁକି ସ୍ୱତଃସ୍ଫୂର୍ତ୍ତ ଭାବରେ ଏମାନଙ୍କୁ ମନେ ନପକାଇ ଲୋକେ ବୋଲିବେ କ'ଣ ନ୍ୟାୟରେ ଆମକୁ ଶ୍ରଦ୍ଧା ଭାବ ଦେଖାଇବାକୁ ପଡୁଛି । ସ୍ୱତନ୍ତ୍ର ପ୍ରଦେଶ କେବଳ ଇତିହାସ ବହିରେ କାହିଁକି ସ୍ଥାନ ପାଇବ ? ଅନ୍ୟ ବହିରେ, ଅନ୍ୟ ଢଙ୍ଗରେ, ଅନ୍ୟ ରୁଚିରେ କାହିଁକି ବିଭିନ୍ନ ବିଷୟରେ ସ୍ଥାନ ପାଇବ ନାହିଁ ? ଧନ୍ୟ ପ୍ରଫେସର ଡ. ଜଗନ୍ନାଥ ମହାନ୍ତି, ଆର ପାରିକୁ ସିନା ଚାଲିଗଲେ ମାତ୍ର ତୁମ ପରି ଛୋଟ ପିଲାଟିଏ ରଚନା କରି ସେ ଅମର ହୋଇ ରହିଲେ । ବିଭିନ୍ନ ବିଷୟରେ ବିଭିନ୍ନ ଢଙ୍ଗରେ ଏମାନଙ୍କୁ ମନେ ପକାଇବାରେ ଅସୁବିଧା ନାହିଁ । ଉଦାହରଣ ସ୍ୱରୂପ, ଯଦି କୌଣସି ଜାଗାରେ ପ୍ରତିମୂର୍ତ୍ତିଟିଏ ମଇଳା ହୋଇ ଯାଉଛି ଏବଂ ଟେଲିଭିଜନ ପରଦାରେ ଏହା ଦେଖାଯାଏ, ତେବେ ଅଧିକାଂଶ ଏହାକୁ ଦେଖି ହସିହସି ବେଦମ୍ ହୋଇଯାଆନ୍ତି । ଯେପରି ଏହା ଆଉ କାହାର ଦାୟିତ୍ୱ, ସେ କରିନାହିଁ । ସେତକ ନିଜେ କରିଦେଲେ କ'ଣ ସତରେ ମାନସମ୍ମାନ ହାନି ହୋଇଯିବ ? ଘରର ଆବର୍ଜନା ଗେଟ୍ ବାହାରେ ପକାଇଦେବା ଯାହା, ଏହା ତାହା ଅଟେ । ଆମ ଘର ସଫାରହୁ, ସର୍ବସାଧାରଣ ହଇରାଣ ହୁଅନ୍ତୁ । ଆମ ପୂର୍ବ ପୁରୁଷଙ୍କ ପ୍ରତିମୂର୍ତ୍ତିର ଯଦି ଆମେ ଦାୟିତ୍ୱ ନେଇ ପାରୁଛେ, ତେବେ ଏ ପ୍ରତିମୂର୍ତ୍ତିଗୁଡିକ ପ୍ରତି ଆମର ଏ ଭାବ ଆସୁନାହିଁ କାହିଁକି ? ସେମାନେ କ'ଣ ଆମ ନିଜର ନୁହଁନ୍ତି ? କାହାକୁ ବା ଦୋଷଦେବା ? ଏବେ ତ ପିଲା ନିଜର ଜେଜବାପାଙ୍କ ନାଁ ମନେ ରଖିପାରୁ ନାହାଁନ୍ତି, ମାତ୍ର କେଉଁ ମସିହାରେ କେଉଁ ଆୟୋଗ ବସିଥିଲା, ତା'ର ଅଧ୍ୟକ୍ଷ କିଏ ଥିଲେ, କେବେ ଜନ୍ମ ହୋଇଥିଲେ, ତାଙ୍କର କେତେ ଭାଇଭଉଣୀ ଥିଲେ, ସେ କଥା କଣ୍ଠସ୍ଥ କରୁଛନ୍ତି । କାରଣ ସେଗୁଡିକ ପରୀକ୍ଷାରେ ଆସିବ ଓ ଭଲ ନମ୍ବର ମିଳିବ । ସେହିପରି ଆଜିକାଲି ପରୀକ୍ଷାରେ ପିଲା ହିନ୍ଦୀ, ଇଂରାଜୀ ଓ ସଂସ୍କୃତରେ ଭଲ ନମ୍ବର ରଖୁଥିବା ବେଳେ

ନିଜ ମାତୃଭାଷାରେ କମ୍ ନମ୍ବର ରଖୁଛନ୍ତି । ଏହାର ଏକ ମାତ୍ର କାରଣ, ସେମାନେ ଜାଣୁଛନ୍ତି ଯେ ଏ ଭାଷା କେବଳ ନିଜ ପ୍ରଦେଶରେ କଥାବାର୍ତ୍ତା ଓ ଲେଖାପଢ଼ା ପାଇଁ କାମ ଦେବ । ତେଣୁ ଏହାର ଆବଶ୍ୟକତା ନାହିଁ । ଏପରିକି ପିଲାଟି ଛୋଟ ବେଳୁ ଇଂରାଜୀ ମିଡ଼ିୟମକୁ ଯାଉଛି । ତାକୁ ବା ଓଡ଼ିଆ ପଢ଼ିବା ପାଇଁ ସୁଯୋଗ କାହିଁ ? କିନ୍ତୁ ମନେରଖିବା ଉଚିତ୍ ହେବ ଯେ, ଭାଷା ଶିକ୍ଷାରେ କେତେକ ଦକ୍ଷତା ମଧ୍ୟରେ ସମ୍ପର୍କ ଅଛି । ମାତୃଭାଷାରେ ଶିକ୍ଷା ଆରମ୍ଭ କଲେ ଅନ୍ୟ ଭାଷା ସହଜ ଓ ବୋଧଗମ୍ୟ ହୁଏ । ସେଥିପାଇଁ ସ୍ୱାଧୀନ ଭାରତର କୋଠାରୀ ଶିକ୍ଷା ଆୟୋଗ ଓ ଜାତୀୟ ଶିକ୍ଷାନୀତି ୧୯୮୬ ଓ ପରିବର୍ତ୍ତିତ ସଂସ୍କରଣ ୧୯୯୨ରେ ବିଦ୍ୟାଳୟରେ ମାତୃଭାଷା ମାଧ୍ୟମରେ ଶିକ୍ଷା କଥା ଉଲ୍ଲେଖ କରାଯାଇଛି । ମହାତ୍ମାଗାନ୍ଧୀ ମଧ୍ୟ ମୌଳିକ ଶିକ୍ଷାରେ ଏହା ପ୍ରଚଳନ କରିଥିଲେ । ସେହିପରି ଗୋପବନ୍ଧୁ ବନ ବିଦ୍ୟାଳୟରେ ଏହା ହିଁ କାର୍ଯ୍ୟକାରୀ କରାଇଥିଲେ । ଏହା ବ୍ୟତୀତ ମାତୃଭାଷା ପ୍ରତି ମମତା ମାତୃଭୂମି ପ୍ରତି ମଧ୍ୟ ମମତା ଜନ୍ମାଏ । ଏହାଦ୍ୱାରା ଜାତୀୟ ସଂହତି ପ୍ରତିଷ୍ଠା ସମ୍ଭବ ହୁଏ । ଯଦି ବିଭିନ୍ନ ଶିକ୍ଷା ଆୟୋଗ ଓ ଶିକ୍ଷାନୀତି ଜାତୀୟ ସଂହତି ପ୍ରତିଷ୍ଠାକୁ ଶିକ୍ଷାର ଏକ ପ୍ରମୁଖ ଲକ୍ଷ୍ୟ ଭାବରେ ଗ୍ରହଣ କରିଛନ୍ତି, ତେବେ ଏ ଭାଷା ପ୍ରତି ଆମର ଏତେ କୁଣ୍ଠାବୋଧ କାହିଁକି ? ଏ ଭାଷାକୁ ସମ୍ମାନ ଦେଇ ଇଂରାଜୀ ପଢ଼ିଲେ ଚଳନ୍ତା । ଇଂରାଜୀ ପଢ଼ି ଅଧିକ ବା କ'ଣ କରୁଛନ୍ତି ? କଥାବାର୍ତ୍ତା ବେଳେ ତ 'ଏକ୍‌ଜାମ୍ ଅଛି', 'ଜବ୍ ପାଇଛି' ଏହିଭଳି କହି ନା ଓଡ଼ିଆ ନା ଇଂରାଜୀ ବାକ୍ୟ ପୂରା କରୁଛନ୍ତି । ଭାଷାରୁ ଭାବ ସୃଷ୍ଟି ହୁଏ । ନିଜ ମାତୃଭାଷା ବ୍ୟତିରେକ କେହି କେବେ ଅନ୍ୟ ଭାଷାରେ ମନ ମୁତାବକ ଭାବ ପ୍ରକାଶ କରିପାରିବ ନାହିଁ ।

ଦ୍ୱିତୀୟ କଥା ହେଲା ଯେଉଁମାନେ ଖଣ୍ଡ ବିଖଣ୍ଡିତ ଓଡ଼ିଶାକୁ ଏକାଠି କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କଲେ ଓ ଆଧୁନିକ ଓଡ଼ିଶା ଏବଂ ସମୃଦ୍ଧ ଓଡ଼ିଶା ପାଇଁ କଷ୍ଟ ସ୍ୱୀକାର କଲେ ଆମେ ତାଙ୍କ ଅବଦାନକୁ ଭୁଲି ଯାଉଛେ । ଯଦି କୌଣସି କୋଣରେ ସାମାନ୍ୟ ସ୍ୱାର୍ଥ ରକ୍ଷା କରାଯାଇ ନପାରୁଛି, ସଙ୍ଗେସଙ୍ଗେ ବିଦ୍ରୋହର ସୂତ୍ରପାତ ହେଉଛି । ଏଇଥିପାଇଁ କ'ଣ ସେମାନେ ଭାଗଭାଗ ହୋଇଥିବା ଓଡ଼ିଶାକୁ ଏକାଠି କରିଥିଲେ ? ଏହି ଗୋଟିଏ ରାଜ୍ୟରେ ସମସ୍ତେ ଆଲୋଚନା ମାଧ୍ୟମରେ କ'ଣ ନିଜ ଜିଲ୍ଲାରେ ଉନ୍ନତି କରିପାରିବା ନାହିଁ ଯେ ଟିକିଏ ଟିକିଏ କଥାରେ ଓଡ଼ିଶାରୁ ଅଲଗା ଅଲଗା ହୋଇ ଅନ୍ୟ ପ୍ରଦେଶ ଗଠନ କଥା ହଠାତ୍ ତୁଣ୍ଡରୁ ବାହାରୁଛି ? ଓଡ଼ିଶାରେ ଜନ୍ମ ହୋଇ ନିଜକୁ ଗର୍ବ କରିବା କଥା କାରଣ ଆମେ ଜଗନ୍ନାଥଙ୍କ ଜାଗାରେ ଜନ୍ମ ହୋଇଛେ । ଏ ରାଜ୍ୟ, ନଦୀ, ନାଳ, ପାହାଡ଼, ପର୍ବ, ଜଙ୍ଗଲ ଭରା । ଏଠି ସ୍ୱାଭିମାନୀ, ପ୍ରବାଦପୁରୁଷ, ରାଷ୍ଟ୍ରନାୟକ ବିଜୁବାବୁଙ୍କ ଜନ୍ମ । ଏତେ ସବୁ ଥାଇ ସୁଦ୍ଧା ବେଳେବେଳେ ଟିକିଏ ଟିକିଏ କଥାରେ ଆମେ ହିଁ କହୁ ଓଡ଼ିଆ ମେଣ୍ଢାପରି । ନିଜକୁ ମେଣ୍ଢା କହି ଆମେ କେଉଁ ଆତ୍ମ ସନ୍ତୋଷ ଲାଭ କରୁଛେ? ବଡ଼ ଆଶ୍ଚର୍ଯ୍ୟ କଥା, ଦିଲ୍ଲୀରେ ଦେଖାହେଲେ ଆମରି ଭାଇଟି ଆଗରେ ଆମେ ଓଡ଼ିଆରେ କଥା ନକହି ହିନ୍ଦୀ ବା ଇଂରାଜୀରେ କହୁ । ଟ୍ରେନ୍‌ରେ ଖଡ଼ଗପୁର ଡେଇଁଗଲେ ଆମ ନିଜ ନିଜ ଭିତରେ ମଧ୍ୟ ବଙ୍ଗଳା ବା ହିନ୍ଦୀରେ କଥା ଆରମ୍ଭ କରୁ । ଭଗବାନ୍ ଆମକୁ ସଦ୍‌ବୁଦ୍ଧି ଦିଅନ୍ତୁ । ଆମ ରାଜ୍ୟ, ଆମ ଭାଷା ଓ ଆମ ଲୋକଙ୍କୁ ନେଇ ଆମେ ଗର୍ବ କରୁ ।

---

ଦି ହରମିଟେଜ୍
ରାଜବାଟୀ ନଗର, ଆଠଗଡ଼, କଟକ

❖ ❖ ❖

# ଓଡିଆପ୍ରାଣ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ

କୃଷ୍ଣଚନ୍ଦ୍ର ସୁଆର

ଲଣ୍ଡନଠାରେ ଅନୁଷ୍ଠିତ ହୋଇଥିବା ଗୋଲ୍‌ଟେବୁଲ୍ ବୈଠକରେ 'ଭାଷା ଓ ଜାତି ସୂତ୍ରରେ ପ୍ରଦେଶ ଗଠନ' ନିମନ୍ତେ ଓଡିଶାର ଦାବି ଉତ୍‌ଥାପନ କରି ହୃଦୟସ୍ପର୍ଶକ, ସାରଗର୍ଭକ ବକ୍ତୃତା ଏବଂ ଐତିହାସିକ ଉଦ୍‌ବୋଧନ ଦେଇ ବ୍ରିଟିଶ୍ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଯେଉଁ ମହାମନୀଷୀ ତାଜୁବ୍ କରି ଦେଇଥିଲେ, ସେ ହେଉଛନ୍ତି ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ । ଶତାଧିକ ଓଡିଆ, ଦେଶ, ଜାତି ପ୍ରେମୀ ନେତା, ରାଜାରାଜୁଡା ଓ ଜମିଦାରମାନଙ୍କର ନିଷ୍ପାପର ଉଦ୍ୟମ ସତ୍ତ୍ୱେ ଓଡିଶା ଗଠନରେ ଉପୁଜିଥିବା ବିଭିନ୍ନ ବାଧାବିଘ୍ନକୁ ଅତିକ୍ରମ କରି ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାରେ ସେ ଯେପରି ଲାଗି ପଡିଥିଲେ ତାଙ୍କର ଅବଦାନ ଜାତିସ୍ମର ।

ସେ ଥିଲେ ଏକାଧାରରେ ଜଣେ ବିଚକ୍ଷଣ ରାଜନୀତିଜ୍ଞ, ଧୀସଂପନ୍ନ, ଦେଶଭକ୍ତ, ଶିକ୍ଷାନୁରାଗୀ, କ୍ରୀଡାବିତ୍ ଓ ବିପୁଳ ଯଶର ଅଧିକାରୀ । ଗଲ୍‌ଫ ଖେଳ ତାଙ୍କର ଅତ୍ୟନ୍ତ ପ୍ରିୟ ଥିଲା । ସେ ମାନ୍ଦ୍ରାଜରୁ ଜଣେ ପ୍ରତିଭାବାନ୍ ପ୍ରଶିକ୍ଷକଙ୍କୁ ପାରଳା ଆଣିଥିଲେ । ନିଖିଳ ଭାରତ କ୍ରିକେଟ୍ କ୍ଲବ ଓ ବିଲାତର ଏମ୍.ସି.ସି. କ୍ରିକେଟ କ୍ଲବ, ମାନ୍ଦ୍ରାଜର କସମୋପଲିଟାନ୍ ଜିମ୍‌ଖାନା, କଲିକତାର କ୍ରିକେଟ୍ କ୍ଲବ, ଉତକାମଣ୍ଡର ଗଲ୍‌ଫ ହାଉସ ଓ ବାଙ୍ଗାଲୋରର ସେଞ୍ଚୁରୀ କ୍ଲବ ପ୍ରଭୃତି କ୍ରୀଡାନୁଷ୍ଠାନର ସେ ଆଜୀବନ ସଦସ୍ୟ ଥିଲେ ।

ଏହି ବହୁମୁଖୀ ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କର ଆବିର୍ଭାବ ହୁଏ ପ୍ରଖ୍ୟାତ ଗଙ୍ଗ ରାଜବଂଶରେ ୧୮୯୨ ମସିହା ଅପ୍ରେଲ ମାସ ୨୬ ତାରିଖ ବୈଶାଖ ଅମାବାସ୍ୟା ଦିନ ପାରଳାଖେମୁଣ୍ଡିରେ । ତାଙ୍କ ପିତାଙ୍କ ନାମ ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ ଓ ମାତାଙ୍କ ନାମ ରମାମଣି ଦେବୀ । ବାଲ୍ୟକାଳରୁ ପିତାଙ୍କର ଆଦର୍ଶ ନିଷ୍ଠା, ଶୃଙ୍ଖଳା ସଂସ୍କୃତି ପ୍ରୀତି ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ଲବ୍‌ଧ ପ୍ରତିଷ୍ଠିତ ବିଦ୍ୱାନ ଅପନ୍ନା ପରିଚ୍ଛା, ଶ୍ୟାମସୁନ୍ଦର ରାଜଗୁରୁ ଓ ଇଂରେଜ ଶିକ୍ଷକ ସାର୍ ଉଇଲିୟମ୍ ଟେଲର ତାଙ୍କର ଗୃହ ଶିକ୍ଷକ ଥିଲେ । ଗାଁରେ ପାରଳା ହାଇସ୍କୁଲରୁ ମାଟ୍ରିକ ପାସ୍ କରିବା ପରେ ସେ ଉଚ୍ଚଶିକ୍ଷା ନିମନ୍ତେ ମାନ୍ଦ୍ରାଜ ଯାଇଥିଲେ । ସେଠାରେ ସେ ଅଧ୍ୟୟନ ନିମନ୍ତେ ନ୍ୟୁ ଉଇଙ୍ଗଟନ୍ ଆବାସିକ ମହାବିଦ୍ୟାଳୟରେ ନାମ ଲେଖାଇଥିଲେ । ତାଙ୍କୁ ସେତେବେଳେ ଶିକ୍ଷା ଦେଉଥିଲେ ଆଦର୍ଶ ଗୁରୁ କାମାରେନ୍ ମୋରିସନ୍ ଓ ଡେଲାହୋି । ସେଠାରେ ଅଧ୍ୟୟନ କରୁଥିବା ସମୟରେ ୧୯୦୪ ମସିହାରେ ତାଙ୍କ ପିତାଙ୍କର ଦେହାନ୍ତ ହୋଇଥିଲା । ପାଠପଢ଼ା ଶେଷକରି ସେଠାରୁ ସେ ଜନ୍ମସ୍ଥଳୀକୁ ଫେରି ଆସିଥିଲେ । ୧୯୧୩ ମସିହାରେ ସେ ଖରସୁଆଁ ରାଜ୍ୟର ରାଜଜେମାଙ୍କୁ ବିବାହ କରିଥିଲେ ଓ ସେହି ବର୍ଷ ଅପ୍ରେଲ ୨୬ ତାରିଖରେ ବିଶାଳ ପାରଳାର ଶାସନଭାର ଗ୍ରହଣ କରିଥିଲେ । ସେତେବେଳକୁ ତାଙ୍କୁ ମାତ୍ର ଏକୋଇଶ ବର୍ଷ ବୟସ ହୋଇଥିଲା । ସେ ଦେଶ, ଜାତିର ସେବା ଓ ଉନ୍ନତି ନିମନ୍ତେ ମନପ୍ରାଣ ଢ଼ାଳି ଦେଇଥିଲେ । ଜଣେ ପ୍ରଜାବତ୍ସଳ, ଆଦର୍ଶ ଶାସକ, କର୍ତ୍ତବ୍ୟନିଷ୍ଠ ଓ ମହାନୁଭବୀ ଭାବରେ ତାଙ୍କର ସୁନାମ ଥିଲା । ସେସମୟରେ ଓଡିଆ ଭାଷାଭାଷୀ ବହୁ ଅଞ୍ଚଳ ଭିନ୍ନଭିନ୍ନ ହୋଇ ଅଲଗା ପ୍ରଶାସନିକ ଅଧୀନରେ ରହିଥିବାରୁ ସେ ମ୍ରିୟମାଣ ହୋଇଥିଲେ ଓ ସେ ସମସ୍ତ ଗୋଟିଏ ଅଂଚଳରେ ନରହିଲେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ବାଣିଜ୍ୟ, ରାଜସ୍ୱ, ଗମନାଗମନ, ଲୋକମାନଙ୍କ ଚାଲିଚଳଣ, ଆଚାର ବ୍ୟବହାର, ଭାଷା, ସାହିତ୍ୟ, ସଂସ୍କୃତି, କଳା ଓ ପ୍ରଶାସନିକ ନ୍ୟାୟ ପ୍ରଦାନ ତଥା ଉନ୍ନତି କ୍ଷେତ୍ରରେ ବାଧା ଉପୁଜିବା ହୃଦୟଙ୍ଗମ କରିଥିଲେ । ତେଣୁ ସମସ୍ତ ଓଡିଆ ଭାଷୀ ଅଂଚଳର ଏକତ୍ରୀକରଣ କରିବା ଥିଲା ତାଙ୍କର ପ୍ରବଳ ନିଶା । ସେ ମଧୁସୂଦନ, ଗୋପବନ୍ଧୁ, ନୀଳକଣ୍ଠ ଓ ଗୋଦାବରୀଶ ପ୍ରଭୃତି ଜାତିପ୍ରାଣ ନେତାମାନଙ୍କ ସହ ହାତ ମିଳାଇ ଏହାର ସୁରକ୍ଷା ଓ ସଂକଟରୁ ଉଦ୍ଧାର କରିବା ଦିଗରେ ଏକ ଆଲୋକବର୍ତ୍ତିକା ସମ କାମ କରିଥିଲେ । ଉତ୍କଳ ସମ୍ମିଳନୀର

ଦଶମ ଅଧିବେଶନ ୧୯୧୪ ମସିହା ଡିସେମ୍ବର ମାସ ୨୬ ଓ ୨୭ ତାରିଖରେ ପାରଳାଖେମୁଣ୍ଡିଠାରେ କରିବା ପାଇଁ ସେ ଆୟୋଜନ କରିଥିଲେ । ଏହା ତାଙ୍କ ମାମୁଁ ଜୟପୁର ମହାରାଜା ବିକ୍ରମ କେଶରୀ ବର୍ମାଙ୍କ ଅଧ୍ୟକ୍ଷତାରେ ବେଶ୍ ଜାକଜମକରେ ଅନୁଷ୍ଠିତ ହୋଇଥିଲା । ଏଥିରେ ତତ୍କାଳୀନ ଓଡିଶାର ବହୁ ମାନ୍ୟଗଣ୍ୟ ଓଡିଆ ନେତୃବୃନ୍ଦ ଅର୍ଥାତ୍ ଉତ୍କଳଗୌରବ ମଧୁସୂଦନ, ଗୋପବନ୍ଧୁ, ଫକୀର ମୋହନ, ଗଂଗାଧର,କନିକା ରାଜା ରାଜେନ୍ଦ୍ର ନାରାୟଣ, ମଞ୍ଜୁଷା, ତରଳା, ଟିକାଲି, ଖଲ୍ଲିକୋଟ, ଧରାକୋଟ ଆଦି ରାଜ୍ୟର ରାଜାମାନଙ୍କ ସହିତ ଶ୍ୟାମସୁନ୍ଦର ରାଜଗୁରୁ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ବ୍ରଜସୁନ୍ଦର ଦାସ, କବିବର ରାଧାନାଥ, ଭକ୍ତକବି ମଧୁସୂଦନ ପ୍ରମୁଖ ଯୋଗ ଦେଇଥିଲେ । ସେ ଏଥିରେ ଅଭିଭୂତ ହେବା ସଙ୍ଗେ ସଙ୍ଗେ ଏହା କୃଷ୍ଣଚନ୍ଦ୍ରଙ୍କୁ ବହୁ ଭାବରେ ପ୍ରଭାବିତ କରିଥିଲା । ସେ ଏହି ସମ୍ମିଳନୀରେ ଓଡିଆ ଭାଷାଭାଷୀଙ୍କୁ ଏକ ଶାସନାଧୀନ କରିବା ପାଇଁ କେବଳ ଦାବି ନକରି ସମଗ୍ର ବିଚ୍ଛିନ୍ନ ଓଡିଆ ଅଂଚଳକୁ ଏକତ୍ରୀତ କରି ଏକ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ କରିବା ସକାଶେ ଯୁକ୍ତିଯୁକ୍ତ ବୋଲି ବଳିଷ୍ଠ ଦାବି ଉପସ୍ଥାପନା କରିଥିଲେ । ଏହା ଉପସ୍ଥିତ ସମସ୍ତ ଗଣ୍ୟମାନ୍ୟ ନେତୃମଣ୍ଡଳୀଙ୍କୁ ଚକିତ କରିବା ସଙ୍ଗେ ସଙ୍ଗେ ଏକ ପ୍ରସ୍ତାବ ଭାବରେ ସମ୍ମିଳନୀରେ ଗୃହୀତ ହୋଇଥିଲା ।

୧୯୧୭ ମସିହାରେ ମଣ୍ଟେଗୁ ଚେମ୍ସଫୋର୍ଡ କମିଟି ଭାଷାଭିତ୍ତିକ ପ୍ରଦେଶ ଗଠନ ସପକ୍ଷରେ ମତ ପ୍ରକାଶ କରିଥିଲେ । ତେଣୁ ସଦସ୍ୟ ଭାବେ ସେ ଦିଲ୍ଲୀଠାରେ ମଣ୍ଟେଗୁଙ୍କ ସହିତ ସାକ୍ଷାତ କରି ଟେକାଲି, ମନ୍ଦାସା, ଜୟପୁର, ବାରୁଆ ପ୍ରଭୃତିକୁ ଏକାଠି କରି ଓଡିଶାରେ ମିଶାଇବା ପାଇଁ ଇଂରେଜ ସରକାରଙ୍କ ପାଖରେ ଦାବି ଆଗତ କରିଥିଲେ । ୧୯୨୨ ମସିହାରେ ବିହାର ଓଡିଶା ବ୍ୟବସ୍ଥାପକ ସଭାରେ ଓଡିଆ ଭାଷାଭାଷୀ ଅଂଚଳର ମିଶ୍ରଣ ପାଇଁ ଏକ ସ୍ୱତନ୍ତ୍ର ପ୍ରସ୍ତାବ ଗୃହୀତ ହୋଇଥିଲା । ଫିଲିପ୍‌ଡଫ୍ କମିଟି ବିଶାଖାପାଟଣା ଓ ଗଂଜାମ ଗସ୍ତ ବେଳେ ଗଜପତିଙ୍କ ସହିତ ସାକ୍ଷାତ କରିଥିଲେ । ୧୯୨୭ ମସିହାରେ ଭାରତରେ ଶାସନ ସଂସ୍କାର ପାଇଁ ବ୍ରିଟିଶ୍ ସରକାର ସାଇମନ୍ କମିଶନ ନିଯୁକ୍ତି କରିଥିଲେ । ସମଗ୍ର ଦେଶରେ ସେତେବେଳେ ସାଇମନ୍ କମିଶନଙ୍କୁ ନାପସନ୍ଦ କରିଥିଲେ । କିନ୍ତୁ ଓଡିଶାର ବହୁବିଧ ଉନ୍ନତି ନିମନ୍ତେ ଗଜପତି କମିଶନଙ୍କୁ ଓଡିଶାର ସ୍ୱତନ୍ତ୍ରତା ଓ ଓଡିଆ ଭାଷାଭାଷୀ ଅଂଚଳର ମିଶ୍ରଣ ସଂପର୍କରେ ଅନୁରୋଧ କରିଥିଲେ ଓ ତାଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ଆଗେଇ ଆସିଥିଲେ । ଯା'ଫଳରେ ଓଡିଶା କଥା ବିଚାର କରିବା ପାଇଁ ଅଟଲିଙ୍କ ଅଧ୍ୟକ୍ଷତାରେ ଏକ ସବ୍‌କମିଟି ଗଠନ କରାଯାଇଥିଲା ଓ ସେହି କମିଟି ଓଡିଶା ପାଇଁ ଅନୁକୂଳ ମତ ପ୍ରକାଶ କରିଥିଲେ । ଠିକ୍ ସେତିକିବେଳେ ମୁସ୍‌ଲିମ୍ ଲିଗ୍‌ର ସ୍ୱତନ୍ତ୍ର ସିନ୍ଧୁପ୍ରଦେଶ ଗଠନ ଦାବି ତାଙ୍କ ମନରେ ଓଡିଶା ପ୍ରଦେଶ ଗଠନ ସ୍ୱପ୍ନକୁ ଗଭୀର ଭାବେ ଆଶାବାଦୀ କରିଥିଲା । ଉଭୟ ପ୍ରଦେଶ ଗଠନର ବାସ୍ତବିକତା ଅନୁଧ୍ୟାନ ପାଇଁ ଗୋଲ୍‌ଟେବୁଲ୍ ବୈଠକ ୧୯୩୦ ନଭେମ୍ବର ୧୨ ତାରିଖଠାରୁ ୧୯୩୧ ଜାନୁଆରୀ ୧୯ ତାରିଖ ଯାଏଁ ଲଣ୍ଡନରେ ଅନୁଷ୍ଠିତ ହୋଇଥିଲା । କିନ୍ତୁ ଏହି ବୈଠକରେ ଆଲୋଚନା ନିମିତ୍ତ ଯେଉଁ ଚିଠା ପ୍ରସ୍ତାବ ପ୍ରସ୍ତୁତ କରାଯାଇଥିଲା, ସେଥିରେ ଓଡିଶାର ପ୍ରସଙ୍ଗ ଆଦୌ ଉଲ୍ଲେଖ କରାଯାଇ ନଥିଲା । ସେ ତତ୍କାଳୀନ ବ୍ରିଟିଶ୍ ପ୍ରଧାନମନ୍ତ୍ରୀ, ଭାରତ ସଚିବ, ଇଂଲଣ୍ଡର ରାଣୀ ଓ ବ୍ରିଟିଶ ବୈଦେଶିକ ମନ୍ତ୍ରୀ ସାମୁଏଲ୍ ହୋରଙ୍କୁ ଭେଟି ଏ ଦିଗରେ ପ୍ରଭାବିତ କରି ପ୍ରଥମ ଗୋଲଟେବୁଲ ବୈଠକରେ ଓଡିଶାର ପ୍ରସଙ୍ଗ ଉତ୍ଥାପନ କରିଥିଲେ । ତାଙ୍କ ଭଳି ସାହସୀ ଓଡିଆ ବାସ୍ତବରେ ବିରଳ । କେବଳ ସେତିକି ନୁହେଁ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସପକ୍ଷରେ ମଧ ସେ ମର୍ମସ୍ପର୍ଶୀ ଉଦ୍‌ବୋଧନ ଦେବା ସାଂଗକୁ ବଳିଷ୍ଠ ଯୁକ୍ତି ଉପସ୍ଥାପିତ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଦ୍ୱାରା ପ୍ରଦେଶ ଗଠନ ନିମିତ୍ତ ପ୍ରସ୍ତାବ ଗୃହୀତ ହୋଇଥିଲା । ଏ ଖବର ମଧୁବାବୁଙ୍କ ପାଖକୁ ଟେଲିଗ୍ରାମ ଜରିଆରେ ଗଜପତି ବିଲାତରୁ ପ୍ରେରଣ କଲେ । ସେତେବେଳେ ସେ ରୋଗ ଶଯ୍ୟାରେ ପଡ଼ିଥିଲେ । ତଥାପି ଆନନ୍ଦରେ ଅଧୀର ହୋଇ ଉଠିଥିଲେ ଉତ୍କଳ ଗୌରବ । ଗଜପତି ଫେରି ଆସିବା ପରେ ଗୋଲଟେବୁଲ୍ ବୈଠକର ନିଷ୍ପତ୍ତି ଅନୁଯାୟୀ ୧୯୩୧ ମସିହାରେ ବ୍ରିଟିଶ ସରକାର ଓଡନେଲ କମିଟି ବସାଇଥିଲେ । ଏଥିରେ ଯେଉଁ ବିଷୟ ପ୍ରତି ଧ୍ୟାନ ଦିଆଯାଇଥିଲା ତନ୍ମଧ୍ୟରେ ଆମ ପ୍ରଦେଶ ଗଠନ ପାଇଁ ସୀମା ନିର୍ଦ୍ଧାରଣ ଥିଲା ମୁଖ୍ୟ । ଗଜପତି ମଧ ଏହି କମିଟିରେ ଜଣେ ସଭ୍ୟ ଥିଲେ । ଏହି କମିଟି ରିପୋର୍ଟ ୧୯୩୨ ମସିହାରେ ପ୍ରକାଶ ପାଇଥିଲା । କିନ୍ତୁ ମାନ୍ଦ୍ରାଜର ଜନଗଣନା କମିଶନର ୟେଟସ୍ ତାଙ୍କ ପ୍ରଶାସକମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପାରଳାଖେମୁଣ୍ଡି ଓ ଜୟପୁର ଜମିଦାରୀ ଓଡିଶାରେ ମିଶିବା ବିରୋଧରେ ମତ ଦେଇଥିଲେ । ତଦନୁଯାୟୀ ଓଡିଶା ଗଠନ ସଂପର୍କିତ ଏକ ଶ୍ୱେତପତ୍ର ୧୯୩୩ ମସିହାରେ ଲଣ୍ଡନରେ ପ୍ରକାଶିତ ହୋଇଥିଲା । ଏହାକୁ ବିରୋଧ କରି ଭାରତ ସଚିବ ସାମୁଏଲ୍ ହୋରଙ୍କ ପାଖକୁ କେନ୍ଦ୍ର ବିଧାନସଭା ସଦସ୍ୟ ଭୁବନାନନ୍ଦ ଦାସ ଟେଲିଗ୍ରାମ ପଠାଇଥିଲେ । ବିଲାତରେ ଆୟୋଜିତ ତୃତୀୟ ଗୋଲ୍‌ଟେବୁଲ ବୈଠକରେ ଦେଶ ମିଶ୍ରଣ ଦାବିକୁ ଠିକ୍ ଭାବେ ଉପସ୍ଥାପିତ କରିବାକୁ ପୁନର୍ବାର ଗଜପତି ବିଲାତ ଯାତ୍ରା କରିଥିଲେ । ତାଙ୍କ ସହିତ ଭୁବନାନନ୍ଦ ଦାସ ଓ ଖଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ମଧ ଯାଇଥିଲେ । ସେମାନେ ପାରଳା ଓ ଜୟପୁର ଜମିଦାର ଓଡିଶାରେ ମିଶିବା ସପକ୍ଷରେ ଦୃଢ ଦାବି ଉପସ୍ଥାପିତ କରି ସଫଳ ହୋଇଥିଲେ । କେତେକ ନୀଚ

ସ୍ୱାର୍ଥ ଆନ୍ଧ୍ର ନେତାମାନଙ୍କର ବାରମ୍ବାର ଟେଲିଗ୍ରାମ ଜରିଆରେ ପାରଳାଖେମୁଣ୍ଡିକୁ ବାଦ୍ ଦେବାପାଇଁ ପ୍ରବର୍ତ୍ତାଉ ଥିଲେ । ବିଲାତରେ କମିଟି ଅଧକ୍ଷ ଲର୍ଡଲିନ୍ ଲିଥିଗୋ ଓ ତତ୍କାଳୀନ ଭାରତର ବଡ଼ଲାଟ ଲର୍ଡ ଉଇଲିଂଡନ୍‌ଙ୍କୁ ଗଜପତି ପ୍ରଭାବିତ କରି ବୁଝାସୁଝା କରିବା ଦ୍ୱାରା ଓଡିଶା ସହିତ ପାରଳାଖେମୁଣ୍ଡି ଓ ଜୟପୁରକୁ ମିଶ୍ରଣ କରିବା ପାଇଁ ରାଜି କରାଇ ପାରିଥିଲେ ହେଁ ପାରଳାର ୪୦୨ ବର୍ଗ ମାଇଲ ତେଲୁଗୁ ଅଧ୍ୟୁଷିତ ଅଂଚଳ ଶ୍ରୀକାକୁଲମ୍ ଜିଲ୍ଲାରେ ରହିଯିବାରେ ସେ କ୍ଷେଦୋକ୍ତି ପ୍ରକାଶ କରିଥିଲେ । ତାଙ୍କର ମାମୁଁ ଜୟପୁର ରାଜାଙ୍କ ସହ ଆଲୋଚନା କରି ସମଗ୍ର ଜୟପୁର ଜମିଦାରକୁ ଓଡିଶା ସହିତ ମିଶାଇବାକୁ ସେ ସକ୍ଷମ ହୋଇଥିଲେ । ତାଙ୍କର ଅକ୍ଲାନ୍ତ ଉଦ୍ୟମ, ଦୃଢ ନିଷ୍ଠା ଓ ବଜ୍ରନିର୍ଘୋଷ ବାଣୀ– ନୂତନ ଓଡିଶା ପ୍ରଦେଶ ଗଠନ ନହେଲେ ମୁଁ ଓଡିଶାକୁ ପ୍ରତ୍ୟାବର୍ତ୍ତନ କରିବି ନାହିଁ ବ୍ରିଟିଶ ସରକାରଙ୍କୁ ସ୍ତମ୍ଭିତ ଏବଂ କର୍ତ୍ତବ୍ୟ ମୂଢ କରିଦେଇଥିଲା । ପରିଣାମରେ ଏକ ସରକାରୀ ବିଜ୍ଞପ୍ତି ବଳରେ ୧୯୩୬ ମସିହା ଏପ୍ରିଲ ପହିଲାଠାରୁ ଛଅ ଗୋଟି ଜିଲ୍ଲାକୁ ନେଇ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ବସ୍ତୁତଃ କାର୍ଯ୍ୟକାରୀ ହେଲା । ଏ ପରିପ୍ରେକ୍ଷୀରେ ତତ୍କାଳୀନ ବ୍ରିଟିଶ ବୈଦେଶିକ ମନ୍ତ୍ରୀ ସାମୁଏଲ୍ ହୋର୍ କହନ୍ତି– 'ପାରଳା ଖେମୁଣ୍ଡି ମହାରାଜା ପ୍ରଥମେ ଓଡିଶା ପ୍ରସଙ୍ଗ ୧୯୩୧ ମସିହାରେ ଅନୁଷ୍ଠିତ ହେଉଥିବା ପ୍ରଥମ ଗୋଲଟେବୁଲ୍ ବୈଠକରେ ଉପସ୍ଥାପନା ପୂର୍ବକ ପ୍ରବଳ ଚାପ ଫଳରେ ଓଡିଶା ଏକ ନୂତନ ପ୍ରଦେଶ ରୂପେ ଗଠିତ ହୋଇପାରିଲା । ତେଣୁ ଓଡିଆ ଜାତି ତାଙ୍କର ଏହି ସମ୍ମାନିତ ପ୍ରତିନିଧିଠାରେ ଚିରକୃତଜ୍ଞ ।'


ଓଡିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପରେ ସେ ନେତା ରୂପେ ନିର୍ବାଚିତ ହୋଇ ପ୍ରଥମ ମନ୍ତ୍ରିମଣ୍ଡଳ ଗଠନ କରି ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ଯଥାକ୍ରମେ ୧୯୩୭ ମସିହା ଏପ୍ରିଲ ପହିଲାରୁ ଜୁଲାଇ ଅଠର ତାରିଖ ଏବଂ ପରେ ୧୯୪୧ ମସିହା ନଭେମ୍ବର ୨୪ ତାରିଖରୁ ୧୯୪୪ ମସିହା ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଏପରି ଦୁଇଥର ପ୍ରଧାନମନ୍ତ୍ରୀ ପଦରେ ରହି ଶାସନ କାର୍ଯ୍ୟ ପରିଚାଳନା କରିବା ସାଂଗକୁ ଓଡିଶାର ଅନେକ ଜନହିତକର ଓ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ । ୧୯୪୦ ମସିହାରେ ଭାରତ– ଇଂଲଣ୍ଡ ମଧ୍ୟରେ ବାଣିଜ୍ୟିକ ଆଲୋଚନାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ୧୯୪୬ ମସିହାରେ ପ୍ରାଦେଶିକ ଯୁଦ୍ଧ ସାମ୍ମୁଖ୍ୟର ନେତା ଓ ସଭାପତି ଥିଲେ । ଇଂରେଜ ସରକାରଙ୍କ ଦ୍ୱାରା ସେ କେ.ସି.ଆଇ.ଇ ଉପାଧିରେ ଭୂଷିତ ହୋଇ ୧୯୪୭ ମସିହାରେ ଭାରତର ଶାସନ ବିଧାୟକ ସଭାର ସଭ୍ୟ ଥିଲେ । ସ୍ୱାଧୀନତା ପରବର୍ତ୍ତୀ କାଳରେ ୧୯୫୪ ମସିହାରେ ସେ ହିନ୍ଦୁସ୍ଥାନ ଷ୍ଟିଲ୍ ଲିମିଟେଡ୍‌ର ନିର୍ଦ୍ଦେଶକ ରୂପେ କେନ୍ଦ୍ର ସରକାରଙ୍କ ଦ୍ୱାରା ମନୋନୀତ ହୋଇଥିଲେ । ୧୯୬୮ ମସିହାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନସୂଚନ ଏଲ୍.ଏଲ୍.ଡି ଉପାଧିରେ ଭୂଷିତ କରିଥିଲେ । ସେ ପଣ୍ଡିତ ଗୋପୀନାଥ ନନ୍ଦଙ୍କ ଓଡିଆ ଶବ୍ଦତତ୍ତ୍ୱ ବୋଧ ଅଭିଧାନ, ଭକ୍ତକବି ଗୋପାଳକୃଷ୍ଣଙ୍କ ପଦ୍ୟାବଳୀ, ଜଗବନ୍ଧୁ ସିଂହଙ୍କ ପ୍ରାଚୀନ ଉତ୍କଳ ଓ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ, ନକ୍ଷତ୍ର ନିର୍ଣ୍ଣୟ, ବୃନ୍ଦାବନଚନ୍ଦ୍ର ବିହାର, ଗୌରହରି ଗ୍ରନ୍ଥାବଳୀ, କବିତା କଳିକା, ବନ୍ଦୀ ପ୍ରଭୃତି ପ୍ରାଚୀନ ଓ ମୂଲ୍ୟବାନ ଗ୍ରନ୍ଥମାନଙ୍କର ମୁଦ୍ରଣ ଓ ପ୍ରକାଶନ ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ । ଏଥିରୁ ତାଙ୍କର ସାହିତ୍ୟାନୁରାଗୀର ପରିଚୟୋକ୍ତି ମିଳିବା ସଙ୍ଗେ ସଙ୍ଗେ ଉଚ୍ଚ ପ୍ରଶଂସାହ ମନେହୁଏ । ଖାଲି ସେତିକି ନୁହେଁ ପାରଳାଖେମୁଣ୍ଡିଠାରେ ସ୍କୁଲ, କଲେଜ ଓ ସଂସ୍କୃତ ବିଦ୍ୟାଳୟ ସ୍ଥାପନା କରିବା ସାଂଗକୁ ପାରଳାଖେମୁଣ୍ଡିଠାରୁ ୨୨ ମାଇଲ ଦୂରବର୍ତ୍ତୀ ଶ୍ରୀକାକୁଳମ ଜିଲ୍ଲାର ପୁଣ୍ଡିଠାରେ ସେ ଲବଣ ଶିଳ୍ପ କାରଖାନା ପ୍ରତିଷ୍ଠା କରିଥିଲେ । କୃଷି ଫାର୍ମ, ୧୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପାରଳାଖେମୁଣ୍ଡିଠାରେ ଗୁଣପୁର ପର୍ଯ୍ୟନ୍ତ ୩୨ ମାଇଲ ବ୍ୟାପି ନୌପଡା ପାରଳାଖେମୁଣ୍ଡି ରେଳ ରାସ୍ତା ସଂପ୍ରସାରିତ କରି ନୂତନ ରେଳପଥ ନିର୍ମାଣ କରିବା ସଙ୍ଗେ ସଙ୍ଗେ ଏକ ସ୍ଥାୟୀ ରଂଗମଂଚ ପଦ୍ମନାଭ ରଂଗାଳୟ ନିର୍ମାଣ କରିଥିଲେ । ରାଜ୍ୟ ବାହାରକୁ ପଢିବାକୁ ଯାଉଥିବା ବିଦ୍ୟାର୍ଥୀମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ସହିତ କଟକଠାରେ ହାଇକୋର୍ଟ, କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ଓ ମେଡ଼ିକାଲ୍ କଲେଜ ପ୍ରତିଷ୍ଠା କରିବା ପାଇଁ ପ୍ରଚେଷ୍ଟା କରିଥିଲେ । ତାଙ୍କର ଉଦ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟ ନଭେମ୍ବର ୨୭,୧୯୪୩ରେ ଉଦ୍‌ଘାଟିତ ହୋଇଥିଲା । କଟକର ଉତ୍କଳ ସାହିତ୍ୟ ସମାଜ ଏବଂ ସାକ୍ଷୀ ଗୋପାଳର ସତ୍ୟବାଦୀ ବିଦ୍ୟାଳୟକୁ ଉନ୍ନତି ନିମନ୍ତେ ଅର୍ଥଦାନ କରିଥିଲେ । ଓଡିଶାର କଳା ଓ ସଂସ୍କୃତି ପାଇଁ ତାଙ୍କର ଅବଦାନ ଥିଲା ଅତୁଳନୀୟ । ୧୯୭୪ ମସିହା ମେ ମାସ ୨୫ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା । ସେ ଆଜି ନାହାନ୍ତି ସତ, ହେଲେ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ, ବିଳାସ ବ୍ୟସନ, ଏପରିକି ଦାମ୍ପତ୍ୟ ଜୀବନ ପ୍ରତି ଉଦାସୀନ ରହି ସେ ତାଙ୍କର ସମସ୍ତ ସମୟ ଓ ଧନକୁ ପ୍ରଜାଙ୍କର ହିତ ସାଧନ ଓ ଓଡିଶା ଗଠନ ଦିଗରେ ବିନିଯୋଗ କରି ଯେପରି ଚିରନ୍ତନ ସ୍ମୃତି ରଖି ଯାଇଛନ୍ତି, ବାସ୍ତବରେ ପ୍ରତ୍ୟେକ ଓଡିଆର ପ୍ରାତଃ ସ୍ମରଣୀୟ ।

ଏମ୍.ଆଇ.ଜି.ଓ୍ୱାନ୍– ୪୨/୧, ଚନ୍ଦ୍ରଶେଖରପୁର
ହାଉସିଂବୋର୍ଡ କଲୋନୀ, ଭୁବନେଶ୍ୱର–୧୬

# ଓଡ଼ିଆ ସ୍ୱାଭିମାନ ଓ ମଧୁବାବୁ

**ଡକ୍ଟର ଦେବେନ୍ଦ୍ର କୁମାର ପତି**

ସମଗ୍ର ଭାରତବର୍ଷରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର ଓ ଅନନ୍ୟ । ଭାଷାଭିତ୍ତିରେ ପ୍ରଥମ ପ୍ରଦେଶ ଭାବରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଲାଭ କରିଥିଲା । ଶ୍ରୀଜଗନ୍ନାଥଙ୍କ ପାଇଁ ଓଡ଼ିଶା ସମଗ୍ର ବିଶ୍ୱରେ ଅପ୍ରତିମ ସମ୍ମାନ ଓ ଗୌରବର ଅଧିକାରୀ । ସେହି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନ ନିମନ୍ତେ ଯେଉଁ କେତେଜଣ ଯୋଗଜନ୍ମା ଅହର୍ନିଶ ଅକ୍ଳାନ୍ତ ଉଦ୍ୟମ କରିଥିଲେ ଏବଂ ଜାତୀୟତାବାଦୀ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ମଧ ଓଡ଼ିଆ ପ୍ରୀତି ସହିତ ଆଦୌ ସାଲିସ୍ କରି ନଥିଲେ, ତନ୍ମଧ୍ୟରୁ ଉତ୍କଳଗୌରବ ମଧୁସୂଦନ ଦାସ ଅଗ୍ରଗଣ୍ୟ । ସେ ପୁରପଲ୍ଲୀରେ ଆବାଳ ବୃଦ୍ଧ ବନିତାଙ୍କ ମଧ୍ୟରେ ମଧୁବାବୁ ବା ମଧୁ ବାରିଷ୍ଟର ନାମରେ ଅତି ପରିଚିତ ଥିଲେ ।



ମଧୁବାବୁଙ୍କ ଜନ୍ମ ଅତ୍ୟନ୍ତ ଘଡିସନ୍ଧି ମୁହୂର୍ତ୍ତରେ ହୋଇଥିଲା । ସେତେବେଳେ ଜାତୀୟ ଆନ୍ଦୋଳନ ଚାଲୁଥିଲା ଓ ଓଡ଼ିଶାର ଅସ୍ତିତ୍ୱ ନଥିଲା । ବଙ୍ଗ, ବିହାର, ଆନ୍ଧ୍ରାଦି ଅଞ୍ଚଳରେ ଓଡ଼ିଶାକୁ ଠାବ କରିବାକୁ ମଧୁବାବୁ ଆଗଭର ହେଲେ । ଓଡ଼ିଆଭାଷୀ ଭାଇ ବା ଭଉଣୀଙ୍କୁ ଦେଖିଲେ ତାଙ୍କ ଆଖିରେ ଅସୁମାରୀ ସ୍ୱପ୍ନ ଲେସି ହୋଇଯାଇଥିଲା । ୧୯୦୩ ମସିହା ବେଳକୁ ସେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରି ତା' ମାଧ୍ୟମରେ ଓଡ଼ିଆ ଭାଷାଭାଷୀ ଜନତାଙ୍କୁ ଏକାଠି କରିବାକୁ ପ୍ରୟାସ କରିଥିଲେ । 'ଜାତିପ୍ରେମ ବହ୍ନି ପ୍ରଜ୍ୱଳିତ କର ସ୍ୱାର୍ଥକୁ ଦିଅ ଆହୂତି' ଏହି ଆହ୍ୱାନ ଜରିଆରେ ସୁପ୍ତ ଓଡ଼ିଆଙ୍କୁ ସେ ଏକାଠି କରିବାକୁ ଲାଗିଲେ । କହିବା ବାହୁଲ୍ୟ, ମଧୁବାବୁଙ୍କ ଜାତୀୟତା ଭାରତୀୟ ଜାତୀୟତାର ଆଦୌ ପରିପନ୍ଥୀ ନଥିଲା, ଅଧିକନ୍ତୁ ପରିପୂରକ ହିଁ ଥିଲା ।

ସ୍ୱାଭାବିକ ଭାବରେ ମଧୁବାବୁ ଅନେକ ବିରୋଧର ସମ୍ମୁଖୀନ ହୋଇଥିଲେ । ଏପରିକି ତାଙ୍କୁ ଜାତିବିରୋଧୀ ଓ ସଂକୀର୍ଣ୍ଣ ମନୋଭାବ ସଂପନ୍ନ ବୋଲି ଆକ୍ଷେପ ଶୁଣିବାକୁ ପଡିଥିଲା । ମାତ୍ର ଦୃଢମନା ମଧୁବାବୁ କୌଣସି ନକାରାତ୍ମକ ମନ୍ତବ୍ୟ ଦ୍ୱାରା ପ୍ରଭାବିତ ନହୋଇ ନିଜ ଲକ୍ଷ୍ୟ ପଥରେ ଅଟଳ ବିଶ୍ୱାସର ସହ ଆଗେଇ ଚାଲିଲେ । କେତେଜଣ ସମଧର୍ମୀଙ୍କ ପ୍ରୋତ୍ସାହନ ମଧ୍ୟ ସେ ଲାଭ କରିଥିଲେ । ବ୍ରିଟିଶ୍ ସରକାରର ଗୋଲାମି କରୁଥିବା ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ସମ୍ପନ୍ନ ବ୍ୟକ୍ତିଙ୍କ ଚକ୍ରବ୍ୟୂହରୁ ମୁକୁଳି ଆସି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସମସ୍ତ ପ୍ରସ୍ତୁତି ସାରିଦେଇ ଇହଧାମରୁ ବିଦାୟ ନେଇଥିଲେ । ନିନ୍ଦୁକଙ୍କ ପାଇଁ ଯାହା ଥିଲା ତମିସ୍ରାଘେରା ମଧ୍ୟରାତ୍ରି, ଆଶାବାଦୀମାନଙ୍କ ପାଇଁ ତାହା ଥିଲା ସୂର୍ଯ୍ୟୋଦୟର ପୂର୍ବକ୍ଷଣ ।

ଦେଶ ସ୍ୱାଧୀନତା ଲାଭ କରିବାର ପ୍ରାୟ ସତୁରୀ ବର୍ଷ ଓ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ସ୍ୱୀକୃତି ହାସଲ କରିବାର ପ୍ରାୟ ଅଶୀବର୍ଷ ପରେ ସେହି ମଧୁବାବୁ ବେଶୀ ବେଶୀ ମନେ ପଡୁଛନ୍ତି । ମନେପଡିବା ମଧ୍ୟ ସ୍ୱାଭାବିକ। ଇତିମଧ୍ୟରେ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କଲେ ଆମେମାନେ ଅନେକ କ୍ଷେତ୍ରରେ ଢେର ଆଗେଇ ଯାଇଛୁ । ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ଅଥବା ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ସହ ଏବର ପରିସ୍ଥିତିକୁ

ତୁଳନା କଲେ, ଆହ୍ଲାଦିତ ହେବାର ଯଥେଷ୍ଟ କାରଣ ଦୃଶ୍ୟମାନ ହୁଏ । ସେସବୁକୁ ଗଣ୍ଠିଧନ କରି ଆମେ ଉଲ୍ଲସିତ ହୋଇଚାଲିଛୁ ମଧ୍ୟ ।

ମାତ୍ର ସୂକ୍ଷ୍ମ ଭାବରେ ପର୍ଯ୍ୟାଲୋଚନା କଲେ, ଭିନ୍ନ ଏକ ଚିତ୍ର ଦୃଷ୍ଟିଗୋଚର ହୁଏ । ସେହି ଚିତ୍ର ସାର୍ବଜନୀନ ହୋଇପାରିଲେ ଆମେ ନିଶ୍ଚିତ ଭାବରେ ହୃଦୟଙ୍ଗମ କରିବା ଯେ ଆମ ଆହ୍ଲାଦର ଭିତ୍ତିଭୂମି ଆଦୌ ସୁଦୃଢ଼ ନୁହେଁ । ସମୟ, ପରିବେଶ, ପାତ୍ରପାତ୍ରୀ, ରାଜନୀତିର ସ୍ଥିତି, ଶାସନ ବ୍ୟବସ୍ଥା, ଶିକ୍ଷାହାର, ବିକାଶର ଧାରା ଆଦି ବିକଶିତ ହେଲା ଭଳି ସ୍ଥିତିରେ ଥିବାପରି ମନେ ହେଉନାହାନ୍ତି । ବରଂ ମଧୁବାବୁଙ୍କ ସମୟର ସେହି ଅସ୍ତିତ୍ୱଶୂନ୍ୟ ଓଡ଼ିଶାର ଦୟନୀୟ ଚିତ୍ରର ଛାୟାପରି ମନେ ହେଉଛି । କ'ଣ, କିଏ କେଉଁଠି ଅବା କେତେ ବଦଳି ଯାଇଛି, ଜଣାନାହିଁ, ମାତ୍ର ସାଧାରଣ ଜନତା ଯେଉଁମାନେ ସଂଖ୍ୟାରେ ଅଧିକ ସେମାନେ ଭିନ୍ନ ଏକ ସ୍ୱାଧୀନତା ଦରାଣ୍ଡି ହେଉଛନ୍ତି । ସ୍ୱାଧୀନତା ଯେଉଁଠି ସୁଦୂର ପରାହତ, ସେଠି ସ୍ୱାଭିମାନ କଥା ପଚାରେ କିଏ ! ସଂକୀର୍ଣ୍ଣ ସ୍ୱାର୍ଥପୂରଣ ଲାଳସାରେ ବ୍ୟକ୍ତିତ୍ୱ ଯେଉଁଠି ବନ୍ଧା ପଡ଼ିଯାଉଛି, ସେଠି ଅସ୍ମିତାର ପ୍ରଶ୍ନ ଉଠୁଛି କେଉଁଠୁ ?

କେବଳ ମଧୁବାବୁ କାହିଁକି, କୌଣସି ସ୍ୱାଧୀନତା ସଂଗ୍ରାମୀ ଆଜିର ଭାରତବର୍ଷ ଅଥବା ଓଡ଼ିଶାର ସ୍ୱପ୍ନ ଭୁଲରେ ସୁଦ୍ଧା ଦେଖିନଥିବେ । ସ୍ୱାଧୀନତା ଯେବେ ନବ୍ୟ ପରାଧୀନତା ହୋଇଯାଏ, ତେବେ ସ୍ୱାଧୀନତାକର୍ମୀ ଜନତାର ସ୍ଥିତି ସହଜେ ଅନୁମେୟ । ସେତେବେଳେ ହେଉଥିଲେ ରାଜନୀତିକ ଛଳନାର ଶିକାର, ଏବେ ଆତ୍ମ ପ୍ରତାରଣାର କଏଦୀ, ସେବେ ହେଉଥିଲେ ବିଦେଶୀ ଶକ୍ତି ଦ୍ୱାରା ଲୁଣ୍ଠିତ, ଆଉ ଏବେ ? କହିବା ନିଷ୍ପ୍ରୟୋଜନ, ସ୍ୱାଭିମାନର ଅର୍ଥ ବୁଝିଥିବା ବ୍ୟକ୍ତି ଏପରି ସ୍ୱାଧୀନତା କଦାପି କାମନା କରିବ ନାହିଁ ।

ଭୌତିକ ଉନ୍ନତି ବା ଜାଗତିକ ସୁଖ ପ୍ରାପ୍ତି ଯଦି ସ୍ୱାଧୀନତାର ପ୍ରତିଶବ୍ଦ ହୁଏ, ତେବେ ଆଲୋଚନା ଭିନ୍ନମୁଖୀ ହେବ । ମାତ୍ର, ସ୍ୱାଭିମାନ ସହ ତାକୁ ଯୋଡ଼ାଗଲେ ବାସ୍ତବତାର ସ୍ୱରୂପ ଯାହା ହେବା ଉଚିତ୍, ତାହା ହୋଇନାହିଁ, ଏହା ନିଧାର୍ଯ୍ୟ । ବଞ୍ଚିବାର ସର୍ବନିମ୍ନ ମୌଳିକ ଆବଶ୍ୟକତା ପରିପୂରଣ ନିମନ୍ତେ ଯେଉଁଠି ଶାସକ ଓ ଶାସିତ ମଧ୍ୟରେ ମୁଲଚାଲ ସେଠି ମଧୁବାବୁଙ୍କ ପରିଦର୍ଶିତ ସ୍ୱତନ୍ତ୍ରତା ଆସିବାକୁ ଯେ ସମୟ ବାକି ଅଛି ଏହା ନିଃସନ୍ଦେହରେ କୁହାଯାଇପାରେ । ଯାହା ପାଇବା ପାଇଁ ମଧୁବାବୁ ନିଜର ସର୍ବସ୍ୱ ଉତ୍ସର୍ଗ କରିଦେଇଥିଲେ, ତାହା ଆମେ ପାଇଛୁ କି ନାହିଁ, ଏ ପ୍ରଶ୍ନ ପ୍ରତ୍ୟେକ ନିଜକୁ ପଚାରିବା ଉଚିତ ।

ମଧୁବାବୁଙ୍କ ଜାତିପ୍ରୀତି ବା ଓଡ଼ିଆ ପ୍ରାଣତା ସମସ୍ତ ପ୍ରକାର ଆଲୋଚନାର ଯଥେଷ୍ଟ ଉର୍ଦ୍ଧ୍ୱରେ । ସେଭଳି ପୁଷ୍କଳ ମାନସିକତାର ଅଧିକାରୀ ନହେଲେ ତାଙ୍କ ବଡ଼ପଣର ଆକଳନ କରିହେବ ନାହିଁ । ବିଭିନ୍ନ କଥାଛଳରେ ଆମେ ତାଙ୍କ ବିଷୟରେ ଯାହା ଯେତିକି ଜାଣିଛୁ, ତାହା ସମୁଦ୍ରକୁ ଶଙ୍ଖେ ପଣା ପରି । ଅର୍ଥାତ୍, ଆମମାନଙ୍କ ଆକଳନର ପରିସୀମା ବହିର୍ଭୁତ ତାଙ୍କ ଦିଗ୍‌ବଳୟ ବ୍ୟାପୀ ବ୍ୟକ୍ତିତ୍ୱର ଆଭା । ଓଡ଼ିଶାର ମାଟି ଯେବେ ପ୍ରଗଳ୍‌ଭ ହୁଅନ୍ତା, ହୁଏତ ମଧୁବାବୁଙ୍କ ତ୍ୟାଗସିକ୍ତ ମାଟିମନସ୍କତାର ଅବତାରଣା କରିପାରନ୍ତା । ଜୀବନର ପ୍ରତ୍ୟେକ କ୍ଷଣରେ ଆମ ସ୍ୱାଭିମାନର ଟେକ ରଖିବା ପାଇଁ ତାଙ୍କର ଯେଉଁ ଆତ୍ମୋତ୍ସର୍ଗ, ତା'ର ପଟାନ୍ତର କାହିଁ ? ଉତ୍ତର ପିଢି କେବଳ 'ତୁମପରି ଛୋଟ ପିଲାଟିଏ' ଅଥବା 'କାଳିଆ ଘୋଡାରେ ଚଢିବି'ରୁ କ'ଣ ଆକଳନ କରିପାରିବ ସେହି ଉତ୍ତୁଙ୍ଗ ବ୍ୟକ୍ତିସତ୍ତାକୁ ? ଗୋଟିଏ ଦିନ ସ୍ୱାଭିମାନ ଦିବସ ପାଳନ କରିଦେଲେ କ'ଣ ହାସଲ କରିପାରିବ ଏହି ଜାତି ତା'ର ଦୃଢ଼ ସ୍ୱାଭିମାନ ? କେବଳ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଦେଲେ କ'ଣ ଗୋଟିଏ ଭାଷା ତା'ର ଇପ୍‌ସିତ ଲକ୍ଷ୍ୟସ୍ଥଳରେ ପହଞ୍ଚି ଯାଇ ପାରିବ ? ଅନ୍ୟମାନଙ୍କର ଅଛି, ଆମର ନାହିଁ ହେବ କି ନାହିଁ ଜଣାନାହିଁ । ଏଥିରୁ କେମିତି ମିଳିବ ଏହି ଜାତିକୁ ମୁକ୍ତି ?

ଏସବୁ ପ୍ରଶ୍ନର ଉତ୍ତର ନିଶ୍ଚୟ ସେହି ପ୍ରଶ୍ନରେ ହିଁ ଅଛି । ଆମକୁ ପ୍ରଥମେ ପରମୁଖାପେକ୍ଷିତା ବା ପରଦୋଷଦର୍ଶୀ ମନୋଭାବ ପରିହାର କରିବାକୁ ହେବ । ବର୍ଜନ କରିବାକୁ ହେବ ଯୁଗାନ୍ତବ୍ୟାପୀ ହୀନମନ୍ୟତା । ଈର୍ଷା, ଅସୂୟା ଅଥବା ଆତ୍ମଶ୍ଳାଘାର ବିଷବଳୟରୁ ମୁକୁଳି ଆସିବାକୁ ହେବ । 'ରାତିକର ଉଜାଗରେ କିବା ପ୍ରୟୋଜନ', ଏକଥା ଖାଲି ଘୋଷିଦେଲେ ହେବ ନାହିଁ । ଯାହା କିଛି ଅବ୍ୟବସ୍ଥା ଅଛି, ତାହା ଆମ ଅସହାୟତା ପାଇଁ ନୁହେଁ, ଅପରିଣାମଦର୍ଶିତା ଯୋଗୁଁ ହିଁ ସମ୍ଭବ ହୋଇଛି । ଅନ୍ୟକୁ ସ୍ୱାଧୀନତାର ସ୍ୱାଦ ନଚଖାଇଲେ ଆମକୁ ସ୍ୱାଧୀନତା କେମିତି ମିଳିବ ।

ଡିଏଭି ପବ୍ଲିକ୍ ସ୍କୁଲ, ଚନ୍ଦ୍ରଶେଖରପୁର
ଭୁବନେଶ୍ୱର–୨୧

# ଓଡ଼ିଶା ଇତିହାସରେ ମଧୁବାବୁ

**ନରେଶ ରାଉତ**

ଓଡ଼ିଶା ଇତିହାସରେ ମଧୁସୂଦନ ଦାସ ଥିଲେ ଜଣେ ଅଦ୍ୱିତୀୟ ଆଇନଜ୍ଞ, ରାଜନେତା, ସାମାଜିକ ସଂସ୍କାରକ, ଶିକ୍ଷାବିତ୍ ଓ ସ୍ୱାଧୀନତା ସଂଗ୍ରାମୀ । ସେ ଓଡ଼ିଶାର କଟକ ଜିଲ୍ଲା ଅନ୍ତର୍ଗତ ସତ୍ୟଭାମାପୁର ଗ୍ରାମରେ ୧୮୪୮ମସିହା ଅପ୍ରେଲ ୨୮ ତାରିଖରେ ଜନ୍ମଲାଭ କରିଥିଲେ । ତାଙ୍କର ଶୈଶବ ସମୟରେ ତାଙ୍କୁ ଗୋବିନ୍ଦବଲ୍ଲଭ ବୋଲି ଡ଼କା ଯାଉଥିଲା । ତାଙ୍କର ପିତାଙ୍କ ନାମ ରଘୁନାଥ ଦାସ ଓ ମାତାଙ୍କ ନାମ ପାର୍ବତୀ ଦେବୀ । ପରବର୍ତ୍ତୀ ସମୟରେ ସେ ତାଙ୍କର ଗୋବିନ୍ଦବଲ୍ଲଭ ନାମକୁ ପରିବର୍ତ୍ତନ କରି ମଧୁସୂଦନ ନାମରେ ନାମିତ କରିଥିଲେ । ତାଙ୍କର ବାଲ୍ୟଶିକ୍ଷା ଏକ କ୍ଷୁଦ୍ର ଚାଟଶାଳୀରେ ଆରମ୍ଭ ହୋଇଥିଲା । ତେରବର୍ଷ ବୟସରେ ମଧୁସୂଦନ କଟକ ସହରରେ ଥିବା ସରକାରୀ ହାଇସ୍କୁଲରେ ପାଠ ପଢ଼ିଥିଲେ । ପରବର୍ତ୍ତୀ ସମୟରେ ସେହି ସରକାରୀ ହାଇସ୍କୁଲଟି ରେଭେନ୍‌ସା କଲେଜିଏଟ୍ ସ୍କୁଲରେ ପରିଣତ ହୋଇଥିଲା । ମଧୁସୂଦନ କଲିକତାରେ ଏଣ୍ଟ୍ରାନ୍‌ସ ପାସକରି ଉଚ୍ଚ ଶିକ୍ଷା ଲାଭ ପାଇଁ ଯାତ୍ରା କଲେ । ଅର୍ଥାଭାବ ହେତୁ କଲିକତାରେ ରହି ପାଠ ପଢ଼ିବା ସମ୍ଭବପର ହେଲା ନାହିଁ ।

୧୮୭୩ ଖ୍ରୀଷ୍ଟାବ୍ଦରେ ସେ ଇଂରାଜୀ ସାହିତ୍ୟରେ ଏମ.ଏ. ପାସ୍ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ସେ ବି.ଏଲ. ପାସ କରି କଲିକତା ହାଇକୋର୍ଟରେ ଓକିଲାତି କରିଥିଲେ । କଲିକତାରେ ଥିବାବେଳେ କଲିକତାର ପ୍ରବାସୀ ଓଡ଼ିଆ ଶ୍ରମିକମାନଙ୍କ ଉନ୍ନତି ପାଇଁ ଉଦ୍ୟମ ଜାରି ରଖିଥିଲେ । ୧୮୮୦ ମସିହାରେ ସେ କଟକରେ ତାଙ୍କର ଓକିଲାତି ଜୀବନ ଆରମ୍ଭ କରିଥିଲେ । ସେ ତାଙ୍କର ଓକିଲାତି ଜୀବନରେ ଅନେକ ଦରିଦ୍ର ଓ ଅସହାୟ ଲୋକମାନଙ୍କୁ ସାହାଯ୍ୟ କରିଥିଲେ । କୌଣସି ଅର୍ଥର ପ୍ରଲୋଭନ ନଦେଖାଇ ଅତ୍ୟାଚାରୀମାନଙ୍କ କବଳରୁ ସେମାନଙ୍କୁ ମୁକ୍ତ କରିଥିଲେ ।

ମଧୁସୂଦନ ଇଂରେଜ ସରକାରଙ୍କ ବିପକ୍ଷରେ ଲଢ଼େଇ କରି ଓଡ଼ିଶାର ସମ୍ମାନ ରକ୍ଷା କରିଥିଲେ । ଓଡ଼ିଶାର ପୁରୀରାଜାଙ୍କ ହାତରୁ ଜଗନ୍ନାଥ ମନ୍ଦିରର ପରିଚାଳନା ଭାର ଇଂରେଜମାନଙ୍କ ହାତକୁ ଯିବା ପାଇଁ ଆଇନ୍ ପ୍ରଣୟନ କରାଯାଇଥିଲା ଏବଂ ସେହି ଆଇନକୁ ରଦ୍ଦ କରିବା ପାଇଁ ସେ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼େଇ କରିଥିଲେ । ୧୮୮୩ ମସିହାରେ ସେ କଟକସ୍ଥିତ ରେଭେନ୍‌ସା କଲେଜରେ ଥିବା ଲ' କ୍ଲାସ୍‌ରେ ଆଇନ୍ ଅଧ୍ୟାପକ ରୂପେ ନିଯୁକ୍ତି ପାଇଥିଲେ । ତାଙ୍କୁ କଟକ ଜିଲ୍ଲା ବୋର୍ଡ଼ରେ ଚେୟାରମ୍ୟାନ୍ କଲିକତା ବିଶ୍ୱବିଦ୍ୟାଳୟର ସଭ୍ୟ ରୂପେ ନିଯୁକ୍ତି ଦିଆଯାଇଥିଲା । ୧୮୯୬ ମସିହାରେ ମଧୁସୂଦନ ବେଙ୍ଗଲ ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌କୁ ସଭ୍ୟ ରୂପେ ନିର୍ବାଚିତ ହୋଇଥିଲେ । ସେ ମଧ ପରବର୍ତ୍ତୀ ନିର୍ବାଚନରେ ଜୟଲାଭ କରି ସେଠାରେ ୧୫ବର୍ଷ ପାଇଁ ସଭ୍ୟ ହୋଇ ରହିଥିଲେ । ୧୯୧୨ ଖ୍ରୀଷ୍ଟାବ୍ଦରେ ବିହାର–ଓଡ଼ିଶା ପ୍ରଦେଶ ଗଠିତ ହେଲା ପରେ ମଧୁବାବୁ ଏହାର ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌ର ନିର୍ବାଚନରେ ଜୟଲାଭ କରିଥିଲେ । ୧୯୧୪ ମସିହାରେ ମଧୁବାବୁ ଦିଲ୍ଲୀସ୍ଥିତ ଇମ୍ପେରିଆଲ୍ ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌ର ସଭ୍ୟ ପାଇଁ ମନୋନୀତ ହୋଇଥିଲେ । ୧୯୧୯ ମସିହାରେ ଭାରତ ଶାସନ ଆଇନ ଅନୁସାରେ ନୂତନ ନିର୍ବାଚନରେ ଜୟଯୁକ୍ତ ହୋଇ ମଧୁବାବୁ ବିହାର–ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌ର ସଭ୍ୟ ହୋଇଥିଲେ । ୧୯୨୧ ମସିହାରେ ସରକାର ତାଙ୍କୁ ସ୍ଥାନୀୟ ସ୍ୱାୟତ୍ତଶାସନ ବିଭାଗ ଓ ନିର୍ମାଣ ବିଭାଗରେ ମନ୍ତ୍ରୀ ରୂପେ ନିଯୁକ୍ତ କରିଥିଲେ । ତାଙ୍କ ମତରେ ମନ୍ତ୍ରୀ ହେଲେ ଜନସାଧାରଣଙ୍କର ସେବକ ଓ ଜନସେବା ପାଇଁ ମନ୍ତ୍ରୀମାନେ ଦରମା ପାଇବା ଠିକ୍ ନୁହେଁ । ସେ ସର୍ବଦା ଜନସ୍ୱାର୍ଥ ଦିଗରେ ନିଜକୁ ନିୟୋଜିତ କରୁଥିଲେ । ତାଙ୍କର ଏହି ସରକାର ବିରୋଧୀ ମନ୍ତବ୍ୟ ପାଇଁ ସରକାର ତାଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର କରିଥିଲେ ।

ମଧୁସୂଦନ ଦାସ ଓଡ଼ିଶା ପ୍ରଦେଶ ଗଠନ ଦିଗରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଓଡ଼ିଶାର କିଛି ଅଂଶ ମାନ୍ଦ୍ରାଜରେ କେତେକ ଅଂଶ ମଧ୍ୟପ୍ରଦେଶରେ ଓ କେତେକ ଅଂଶ ବେଙ୍ଗଲ ପ୍ରେସିଡେନ୍ସିରେ ଯୋଡ଼ା ହୋଇଥିଲା । କଟକ, ପୁରୀ, ବାଲେଶ୍ୱର ଅନୁଗୁଳକୁ ନେଇ ସେତେବେଳର ଓଡ଼ିଶା ଗଠନ ହୋଇଥିଲା । ତାହାକୁ ଓଡ଼ିଶା ସବ୍‌ଡିଭିଜନ୍ ବୋଲି କୁହାଯାଉଥିଲା । ଏହି ସମୟରେ ମଧୁସୂଦନ ଓଡ଼ିଶାର ଛିନ୍ନବିଛିନ୍ନ ଅଞ୍ଚଳଗୁଡ଼ିକୁ ଏକତ୍ରିତ ଓ ପୂର୍ଣ୍ଣାଙ୍ଗ କରିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ । ଏହାକୁ ଭିତ୍ତିକରି ସେ ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କଲେ । ସେ ଉତ୍କଳ ସମ୍ମିଳନୀରେ ବିଭିନ୍ନ ଭାଷଣମାନ ପ୍ରଦାନ କରୁଥିଲେ ଯେଉଁଗୁଡ଼ିକ ଅତ୍ୟନ୍ତ ଜ୍ଞାନଗର୍ଭକ ଥିଲା । ମଧୁବାବୁ ବହୁ ପୂର୍ବରୁ ଖଦଡ଼ ବସ୍ତ୍ର ପରିଧାନ କରିବା ପାଇଁ ଉତ୍କଳବାସୀଙ୍କୁ ଉପଦେଶ ଦେଇଥିଲେ । ଉତ୍କଳବାସୀମାନେ ଏହି ଖଦଡ଼ ବସ୍ତ୍ରକୁ ଅତ୍ୟନ୍ତ ଆନନ୍ଦରେ ପରିଧାନ କରୁଥିଲେ । ହାତକଟା ସୂତାରେ ଲୁଗାବୁଣା ହୋଇଥିବା ଖଦଡ଼ ବସ୍ତ୍ରକୁ ଲୋକେ 'ମଧୁବାବୁ ଲୁଗା' ବୋଲି କହୁଥିଲେ ।

ମଧୁବାବୁ ଥିଲେ ଜଣେ ଉଚ୍ଚକୋଟୀର ନେତା । ସେ ଭାରତୀୟ ଜାତୀୟ କଂଗ୍ରେସର ନେତା ଥିଲେ । ସେ କଂଗ୍ରେସ ଭିତରେ ରହି ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ପାଇଁ ପ୍ରୟାସ କରିଥିଲେ । ଅନ୍ୟମାନଙ୍କର ଚିନ୍ତା ଓ ଚେତନା ମଧୁବାବୁଙ୍କ ପ୍ରୟାସରେ ପୂର୍ଣ୍ଣଛେଦ ପକାଇଥିଲା, ଯାହାପାଇଁ ସେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରିଥିଲେ । ଦୀର୍ଘ ବର୍ଷର ପ୍ରତୀକ୍ଷା ପରେ ଉତ୍କଳ ସମ୍ମିଳନୀର ଅମୂଲ୍ୟ ଅବଦାନ ପାଇଁ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପରେ ୧୯୩୬ ମସିହା ଅପ୍ରେଲ୍ ୧ ତାରିଖରେ ଗଠନ ହୋଇଥିଲା ।

ବିଭିନ୍ନ କୋଣଅନୁକୋଣରୁ ବ୍ୟାଖ୍ୟା କଲେ ଏହା ସ୍ପଷ୍ଟ ଅନୁମେୟ ହୁଏ ଯେ ମଧୁବାବୁ ଥିଲେ ଜଣେ ଉଚ୍ଚକୋଟୀର ମଣିଷ । ଓଡ଼ିଶାର ଅର୍ଥନୈତିକ ଦିଗକୁ ମଧ୍ୟ ଦୃଢ଼ୀଭୂତ କରିବା ପାଇଁ ସେ ସଂକଳ୍ପବଦ୍ଧ ହୋଇଥିଲେ । ସେ ଉତ୍କଳ ଟାନେରୀ ଓ ଓଡ଼ିଶା ତାରକସି କାମ ନାମକ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିଥିଲେ । ସେ ତାଙ୍କର ଜ୍ଞାନ, ବୁଦ୍ଧି ଓ ଚପଳତା ପାଇଁ ଇଂରେଜମାନଙ୍କ ପାଖରେ ଅନେକ ପ୍ରଶଂସିତ ହୋଇଥିଲେ । ତାଙ୍କର ଜୀବନକାଳ ଭିତରେ ସେ ଦୁଇଥର ବିଲାତ ଯାଇଥିଲେ । ୧୯୩୪ ମସିହା ଫେବୃଆରୀ ୪ ତାରିଖ କଟକଠାରେ ତାଙ୍କର ଦେହାନ୍ତ ହୋଇଥିଲା । ଊନବିଂଶ ଶତାବ୍ଦୀର ମଧୁବାବୁ ଥିଲେ ଉଜ୍ଜ୍ୱଳ ତାରକା । ତାଙ୍କର ମହନୀୟ କୃତିଦ୍ୱାରା ସେ ବିଶ୍ୱ ଦରବାରରେ ସୁଖ୍ୟାତି ଅର୍ଜନ କରିପାରିଥିଲେ । ତାଙ୍କ ଉଦ୍ଦେଶ୍ୟରେ ଚନ୍ଦ୍ରଶେଖର ମିଶ୍ର ଲେଖିଛନ୍ତି –ଜୀବନର ରଣ ଶୁଝି ରଣ ଭୂମେ ଯୁଝି ଯୁଝି ପଡ଼ିଗଲା ଶେଷେ ଆଜି ସଂଗ୍ରାମ କେଶରୀ । ତାହାର ଜନମମାଟି ଯାଇଅଛି ଆଜି ଫାଟି ମାଆ କୋଳେ ଶେଷେ ବୀର ନେଇଅଛି ବରି । ବାସ୍ତବରେ ମଧୁସୂଦନ ଥିଲେ ସାହସୀ, ବୀର ଓ ସଂଗ୍ରାମ କେଶରୀ । ସେ ପ୍ରତ୍ୟେକ ଓଡ଼ିଆ ଭିତରେ ଏକ ନୂତନ ଆଦର୍ଶ ରୂପରେ ପରିଗଣିତ ହେଉଥିଲେ । ସେକାଳରେ ପ୍ରତ୍ୟେକ ଉତ୍କଳବାସୀ ଆନନ୍ଦରେ ଶିଶୁମାନଙ୍କୁ ତାଙ୍କ ଆଦର୍ଶରେ ପ୍ରୋତ୍ସାହିତ କରୁଥିଲେ ଯାହାକି ଲୋକ କଥାରେ ପ୍ରକାଶିତ ହେଉଥିଲା, ତାହା ହେଉଛି ପାଠ ପଢ଼ିବି, କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସଙ୍ଗେ ଲଢ଼ିବି । ମଧୁବାବୁ ଥିଲେ ଉଚ୍ଚମନା । ଓଡ଼ିଆ ଜାତିକୁ ଉଚ୍ଚ କରିବା ପାଇଁ ସେ ତାଙ୍କ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ ଓ ତାଙ୍କର ସେଇ ଓଡ଼ିଆ ମମତା, ସ୍ନେହ ଓ ପ୍ରାଣ ଉତ୍କଳବାସୀଙ୍କୁ ବିଶ୍ୱ ଦରବାରରେ ପରିଚୟ ଦେବାରେ ସହାୟକ ହୋଇଥିଲା । ଭାରତ ଇତିହାସରେ ମଧୁବାବୁଙ୍କର ଚରିତ୍ର ଥିଲା ଅତି ବିରଳ ଓ ବିରାଟ, ଯାହାପାଇଁ ସେ ହୋଇଥିଲେ ପ୍ରତ୍ୟେକ ଓଡ଼ିଆର ଆଦର୍ଶ । ପରିଶେଷରେ ତାଙ୍କର ଏହି କୃତିତ୍ୱମୟ ଅବଦାନ ଓଡ଼ିଶା ଇତିହାସରେ ଏକ ଯୁଗାନ୍ତକାରୀ ଅଧ୍ୟାୟ ସୃଷ୍ଟି କରିପାରିଛି ।

**ସହାୟକ ସୂଚୀ:**

K.Mishra- Utkala Itihasa (Oriya, Cuttack, 1933.

R.D. Banerjee: History of Orissa, 2vols. Calcutta. 1930-31

Surendra Nath- Orissa Swadhinata Sangramara Itihasa, Puri, 1957.

N.K. Sahu & P.K. Mishra (ed)- Madhusudan Das, the Legislator, Rourkela, 1980

W.W.Hunter- Orissa, Vols- I & II, London, 1980

H.K. Mahtab- History of Orissa Vol-I & II, Cuttack, 1960.

ଗ୍ରାମ/ପୋ–ବେଲ୍‌ଟାଲ୍
ଭାୟା– ପଟ୍ଟାମୁଣ୍ଡେଇ, ଜିଲ୍ଲା– କେନ୍ଦ୍ରାପଡ଼ା–୭୫୪୨୧୫

# ଉତ୍କଳ ଦିବସର ଐତିହାସିକ ଦିଶା ଓ ଦିଗନ୍ତ

**ପ୍ରଫୁଲ୍ଲ କୁମାର ଦାସ**

ଭାରତୀୟ ଐତିହ୍ୟର ଏକ ସୁନ୍ଦର ଓ ସମୁଜ୍ଜ୍ୱଳ ଅଧ୍ୟାୟ କଳିଙ୍ଗ–ଉତ୍କଳ–ଓଡ଼ିଶା । ଅନେକ ବୈଭବରେ ଭରପୂର ଓଡ଼ିଶାର ଚିତ୍ର ଓ ଚେହେରା । ଏଇ ସେହି ରାଜ୍ୟ ଉତ୍କଳ, ଯାହାର ସୁଉଚ୍ଚ ସାଂସ୍କୃତିକ ଓ ସମୃଦ୍ଧ ଇତିହାସ ରହିଛି । ଏ ମାଟିର ଅନୁପମ ପ୍ରାକୃତିକ ଏବଂ ନୈସର୍ଗିକ ଶୋଭା ସୌନ୍ଦର୍ଯ୍ୟ ଦେବୀ ଦେବତାଙ୍କୁ ମନ୍ତ୍ରମୁଗ୍ଧ କରିଆସୁଛି । ଦୂର ଅତୀତରେ ଏହାର ନୌବାଣିଜ୍ୟ ସଂସ୍କୃତି ବିଶ୍ୱ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି । ଭାରତୀୟ କ୍ରାନ୍ତି ମୈଦାନରେ ଏହାର ଅନବଦ୍ୟ ଅବଦାନ ଜାତୀୟ ମୁଖ୍ୟସ୍ରୋତର ଗଙ୍ଗା ହୋଇ ବହିଛି । ଯାହାର ପ୍ରାକୃତିକ ଖଣିଜ ସମ୍ପଦ ଏ ମାଟିକୁ ରତ୍ନଗର୍ଭା ପରିଚୟ ପ୍ରଦାନ କରିଛି । 'ବର୍ଷାଣାଂ ଭାରତ ଶ୍ରେଷ୍ଠ, ଦେଶାଣାଂ ଉତ୍କଳ ଶୃତ । ଉତ୍କଳସ୍ୟ ସମୋଦେଶ, ଦେଶ ନାସ୍ତି ମହୀତଳେ', ବୋଲି ପ୍ରବାଦ ରହିଛି ।

ଏଇ ସେଇ ଉତ୍କଳ, ଜଗନ୍ନାଥ ଯାହାର ସ୍ୱାଭିମାନ ଓ ଶ୍ରୀକ୍ଷେତ୍ର ବୈକୁଣ୍ଠ ସମାନ । ମହୋଦଧି ମଥାପିଟେ ଯାହାର ପୟରେ, ହୀରାଖଣ୍ଡ ହୀରାହାର ଯାହା ହୃଦୟରେ, ଏଇ ସେହି ବୀରମାଟି ଉତ୍କଳ ଜନନୀ, କଳିଙ୍ଗା ସାହସିକାଃ ଓ ଉତ୍କୃଷ୍ଟ କଳାରୁ ଉତ୍କଳ ଯାହାର ଐତିହାସିକ ସୁଗନ୍ଧ । ଏହାର ଐତିହ୍ୟ ଇତିବୃତ୍ତକୁ ନେଇ ଦେଶୀ ବିଦେଶୀ ଐତିହାସିକ ପରିବ୍ରାଜକ ଓ ଗବେଷକ ସେମାନଙ୍କ ଟୀକା ଟିପ୍ପଣୀ ଦେଇଛନ୍ତି, ଯାହା ସାମ୍ପ୍ରତିକ ଯୁଗର କବି ଲେଖକ ଓ ସାହିତ୍ୟିକମାନଙ୍କୁ ଲିପି କୋଣାର୍କ ନିର୍ମାଣ ପାଇଁ ସାରସ୍ୱତ ପୁଞ୍ଜି ଯୋଗାଇଛନ୍ତି । ସମୁଦ୍ର ବକ୍ଷରେ ଓ ପାହାଡ ବୁକୁରେ ଯାହାର କୀର୍ତ୍ତି ଓ କୃତିର ଅଲିଭା ଅଭୁଲା ସୁନେଲି ସ୍ମୃତି ଯୁଗ ଯୁଗ ଧରି ରହିଛି । ଏହାର ଉତ୍ପତ୍ତି ସମ୍ପର୍କରେ ବହୁ ମନୋରମ ଉପାଖ୍ୟାନ ଓ ଅନୁପମ ଆଲେଖ୍ୟ ରହିଛି ।

କେତେ ନଦନଦୀ, କେତେ ପୀଠପୀଠ ଏହାର ଶୋଭା ସମ୍ପଦକୁ ଦ୍ୱିଗୁଣିତ କରିଛି, ଯାହାର ବର୍ଣ୍ଣନା କରିବା ଏ କ୍ଷୁଦ୍ର ଲଳିତ ନିବନ୍ଧରେ ସମ୍ଭବ ନୁହେଁ । ମହାଭାରତ ଯୁଗରେ ଏହାର ଚିତ୍ତାକର୍ଷକ ସ୍ଥିତି, ଭିତ୍ତି ଓ ଭାରତୀ କୁରୁକ୍ଷେତ୍ରକୁ ବିସ୍ମିତ କରିଥିଲା । ମହାମାନ୍ୟ ଐର ଖାରବେଳ, ଦିଗ୍‌ବିଜୟୀ କପିଳେନ୍ଦ୍ର ଦେବ ଯେଉଁ ମାଟିର କାଳଜୟୀ ଓ କଳାଜୟୀ ସମ୍ରାଟ । ଗଙ୍ଗାଠାରୁ ଗୋଦାବରୀ ଯାଏଁ ଯାହାଙ୍କ ସାମ୍ରାଜ୍ୟ ଥିଲା । ବ୍ୟୋମେ, ଜଳେ ସ୍ଥଳେ ଯା'ର ବିଜୟ ଧ୍ୱଜା ଫର ଫର ହୋଇ ଉଡୁଥିଲା । ଖ୍ରୀଷ୍ଟପୂର୍ବ କାଳରୁ ଏହି ମନୋରମ ଭୂଖଣ୍ଡ କଳିଙ୍ଗ ଭାବରେ ପରିଚିତ ହୋଇ ସୂର୍ଯ୍ୟବଂଶ ରାଜତ୍ୱ କାଳରେ ଏହି ଭୂଖଣ୍ଡ ଉତ୍କଳ ଓ ପରେ ଓଡ଼ିଶା ନାମରେ ଅଭିହିତ ହେଲା ।

ଓଡ଼ିଶା କହିଲେ ଜଗନ୍ନାଥ ଦେଶକୁ ବୁଝାଯାଏ । ଜଗନ୍ନାଥ ଧର୍ମ, କୋଣାର୍କ ମନ୍ଦିରକୁ ନେଇ ଏହାର ମାଟି ପାଣି ପବନ ଚର୍ଚ୍ଚିତ ଓ ଗର୍ବିତ । ବୀରଭୋଗ୍ୟା ରତ୍ନଗର୍ଭା କଳିଙ୍ଗର ରୂପ ଓ ଗୁଣରେ ମୁଗ୍ଧ ହୋଇ ମଗଧ ସମ୍ରାଟ ଅଶୋକ ଆକ୍ରମଣ କରିଥିଲେ ଏବଂ ଶେଷରେ ସୁର ଓ ସୁରଭିରେ ଆକର୍ଷିତ ହୋଇ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ । ଏଇ ସେଇ ମାଟି ଯାହାର କଥା ଓ ଗାଥା ଇତିହାସର ଚମକ ସୃଷ୍ଟି କରେ । ସ୍ୱର୍ଣ୍ଣପ୍ରସୂ ବସୁନ୍ଧରା ଉତ୍କଳର ବିଶ୍ୱ ବିସ୍ମୟ କୀର୍ତ୍ତିରାଜି ଆଜି ଇତିହାସର କେବଳ ସୁନେଲି ଛାଇ ଆଲୁଅ ହୋଇ ରହିଛି ।

ମୋଗଲ, ମରହଟ୍ଟା ଓ ଇଂରେଜ ଶାସନ ସମୟରେ ଏହି ବୀର ପ୍ରସବିନୀ ବନ୍ଦୀ ଓ ଛନ୍ଦି ହୋଇ ୧୯୩୬ ମସିହା ଅପ୍ରେଲ ପହିଲାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଭାବରେ ମାନ୍ୟତା ଲାଭ କରି ଆଜିଯାଏ ଏକ ଭାଷାଭିତ୍ତିକ ରାଜ୍ୟର ସ୍ୱତନ୍ତ୍ର ମର୍ଯ୍ୟାଦା ଲାଭ କରିଆସୁଛି । ଆଜି ଉତ୍କଳ ଦିବସ ଉପଲକ୍ଷେ ଉତ୍କଳ ଜନନୀର ସମ୍ମାନ ଓ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ବୀର ଓଡ଼ିଆ ଜାତି ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ,

ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ, ବ୍ୟାସକବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ଭକ୍ତକବି ମଧୁସୂଦନ ରାଓ ପ୍ରମୁଖ ବହୁ ମହାନ ବୀର ଓଡ଼ିଆଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛି । ଯେଉଁମାନଙ୍କ ସଂଗ୍ରାମ, ସାଧନା ଓ ସିଦ୍ଧିର ଫଳ ଶ୍ରୁତି ଓଡ଼ିଶା ଓ ଓଡ଼ିଆ ଜାତିର ଅସ୍ମିତାକୁ ଆଜିଯାଏ ଚିର ସୁନ୍ଦର କରି ରଖିଛି, ସେମାନେ ଆମର ଯୁଗେ ଯୁଗେ ଚିର ବନ୍ଦନୀୟ । ମଧୁବାବୁଙ୍କ ଓଡ଼ିଶା, ବିଜୁବାବୁଙ୍କ ଓଡ଼ିଶା, ଉତ୍କଳ ସମ୍ମିଳନୀ, ଉତ୍କଳ ମିଳନ ଓ ଆଜିର ଓଡ଼ିଶାର ସ୍ଥିତି ଓ ଭାରତୀ ସମ୍ପର୍କରେ ବୀର ଓଡ଼ିଆ ଜାତି କେବେ ବିଶ୍ଳେଷଣ କରିଛି କି ? ଓଡ଼ିଆ ଜାତିର କର୍ମଠ ଓ ଦକ୍ଷ ମାନବ ସମ୍ବଳ ସମ୍ପଦର ସଦୁପଯୋଗ ସ୍ୱପ୍ନ ଦେଖିଛି କି ? ଜଗନ୍ନାଥ ଧର୍ମ ସଂସ୍କୃତି ବିଶ୍ୱର ମାନବବାଦ ପ୍ରଚାର କରିଥିବା ବେଳେ ଓଡ଼ିଶୀନୃତ୍ୟ ଶାସ୍ତ୍ରୀୟ ମାନ୍ୟତା ଲାଭ ପରେ ଏବେ ପ୍ରାଚୀନ ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇ ସମଗ୍ର ରାଜ୍ୟକୁ ଉତ୍ସବମୁଖର କରିଛି । ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କୁ ଏ ଜାତି ଶତସିଂହର ପରାକ୍ରମଶାଳୀ କରିଛି । ଯାହାର ନିଃଶ୍ୱାସ ଓ ବିଶ୍ୱାସରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଶିଖର ଛୁଇଁଛି । ଏଇ ସେଇ ଉତ୍କଳ ଜନନୀ । ଯାହାର ପ୍ରତିଟି କଙ୍କର ଅସୁମାରୀ ସ୍ୱପ୍ନର ଗନ୍ତାଘର । ଆଜି ଅଣାଅଶୀ ବର୍ଷର ଏ ଶିଥିଳ ମାଟି ଉତ୍କଳ ଦିବସରେ ରୋମାଞ୍ଚିତ ହୁଏ । ସୁନାସୁନା ସ୍ୱପ୍ନ ଓ ସମ୍ଭାବନାମୟ ଓଡ଼ିଶାର ସୁନେଲି ଅତୀତକୁ ମନେପକାଅ । ମଧୁ ଓ ବିଜୁଙ୍କୁ ଆଖି ପୂରାଇ ଦେଖ ତେବେ ଯାଇ ଏ ମାଟି ମାଆର ଉଗ୍ର ସ୍ୱାଭିମାନ ଜାଣିପାରିବ । ଏଇ ଲେଖକଙ୍କ ପ୍ରାଚୁର୍ଯ୍ୟଭରା ସମୃଦ୍ଧ ଉତ୍କଳର ଏକ ମନୋରମ ଚିତ୍ର ବାର ବାର ନାଚି ନଚେଇଛି ଓଡ଼ିଆ ଜାତିକୁ ଯାର ଦୃଷ୍ଟାନ୍ତ ଓଡ଼ିଶାର ଗଣମାଧମ । ଚନ୍ଦନ ଶୀତଳ ଖଣ୍ଡଗିରି ଶିଳ୍ପେ ଯା'ର ପରାଜିତ ବିଶ୍ୱକର୍ମା ଦେବ ଶିଳ୍ପୀ ବର । ଏଇ ସେଇ ବୀର ଉତ୍କଳ ଯାର ଅଛି ଦ୍ୱିତୀୟ ଜାହ୍ନବୀ । ଅପ୍ରେଲ ଅଗଣାରେ ଆଜି ସଜଫୁଲର ମହକ । ଘରେ ଘରେ ଝୋଟିଚିତା ଉତ୍ସବର ବାସ୍ନା । ଏ ଜାତି ଦିନେ ବିଶ୍ୱ ବିସ୍ମୟ କୋଣାର୍କ ଗଢିଥିଲା । ଯାର ସାରସ୍ୱତ କୋଳରେ ଜନ୍ମ ନେଇଥିଲା ଗୀତଗୋବିନ୍ଦ । ଏ ସେଇ ଦେଶ ଯେଉଁଠି ପଠାଣୀ ସାମନ୍ତ ଓ ନେତାଜୀ ସୁଭାଷ ଜନ୍ମଗ୍ରହଣ କରିଥିଲେ ।

ଓଡ଼ିଶାର ହିରଣ୍ମୟ ସ୍ମୃତି, ସୁନେଲି ସଂକଳ୍ପ ଓ ଐତିହାସିକ ଆତ୍ମସମୀକ୍ଷାର ଦିବସ ଉତ୍କଳ ଦିବସ । ବୀରତ୍ୱ ଓ ଦୁଃସାହସର ଅପୂର୍ବ ଗାଥାରେ ଚିତ୍ରପୁରି ଓଡ଼ିଶାର ଇତିହାସ । ବୀର ଓଡ଼ିଆ ପାଇକର ସିଂହ ପରାକ୍ରମ ଆମର ଗର୍ବଗୌରବ । ଆସାମ ଓ ବଙ୍ଗଳା ଭାଷାଠାରୁ ଆମ ଭାଷା ପ୍ରାଚୀନ । ମମତା ମଞ୍ଜୁଳ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ଧର୍ମ, ପରମ୍ପରା, ଚିତ୍ରକଳା, ସ୍ଥାପତ୍ୟ ଓ ଜୀବନ ଶୈଳୀର ସ୍ୱତନ୍ତ୍ର ପରିଚୟ ମାନବ ସଭ୍ୟତା ଏବଂ ଇତିହାସର ପୁଞ୍ଜି । ସ୍ୱତନ୍ତ୍ର ଓଡ଼ିଶା ଗଠନ ପରେ ଏହାର ପ୍ରଗତିରେ ସମ୍ବଳ, ସାମର୍ଥ୍ୟ ଓ ସମ୍ଭାବନାର ସୁଶୀତଳ ସୁରଭିବାହୀ ପବନ ବହିଛି । ଉଲ୍ଲେଖନୀୟ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିର ମିଠାମିଠା ସୁର ତରଙ୍ଗ ମହୋତ୍ସବର ମହୋଦଧି ପାଲଟିଛି । ତଥାପି ଜାତୀୟତାର ବିଷାଦ ଯୋଗ ଓଡ଼ିଶାର ମାନଚିତ୍ରକୁ ଆଚ୍ଛାଦିତ କରିଛି । ଉତ୍କଳୀୟ ସ୍ୱାଭିମାନର ଲଢେଇ ଜାରି ରହିଛି । ଧର୍ମ ସଂସ୍କୃତିର ସମନ୍ୱୟ ଗଙ୍ଗା ବହିଥିଲେ ମଧ୍ୟ ସାଗର ସଙ୍ଗମ ବହୁଦୂର ରହିଛି । ଫଳରେ ଏ ଜାତି ଖାରବେଳଙ୍କ ଦାୟାଦ ଓ କପିଳେନ୍ଦ୍ର ଦେବଙ୍କ ବଂଶଧର ଭାବରେ ଆତ୍ମମର୍ଯ୍ୟାଦା ରକ୍ଷା କରିପାରୁନାହିଁ । କଳିଙ୍ଗର ପ୍ରାଚୀନ ଭୂଗୋଳ ଭୁଲିଯାଉଛି । ଯେଉଁ ମାଟିର ଦୁର୍ଦ୍ଦଶା ଦେଖି କବିଶେଖର ଚିନ୍ତାମଣି ମହାନ୍ତି ଗାଇ ଉଠିଥିଲେ– ବୀରତ୍ୱର ବରଭୂଷା ଯେଉଁ ବୀରମାନେ, ନଥିଲା ଅସାଧ୍ୟ ଶବ୍ଦ ଯା'ଙ୍କ ଅଭିଧାନେ, ତାଙ୍କରି ବଂଶଜ ମର ଆଳସ୍ୟ ଆଳାପେ, କିଏ ତୁମ୍ଭେ ଚିହ୍ନିଛ କି ଆପଣାକୁ ଆପେ ?

ସରଗୁ ବଳି ଏ ଜନମ ଭୂମିର ହେଲେ ତିଳେ ଅପମାନ, ଏ ବୀର ଓଡ଼ିଆ ସିଂହପରି ଗର୍ଜି ରଖୁଥିଲେ ତା' ସମ୍ମାନ । ଶୌର୍ଯ୍ୟ ବୀର୍ଯ୍ୟରେ ଦୀପ୍ତିମନ୍ତ ଏ ଜାତି, ଏ ନୁହେଁ, କାହାଣୀ ଆଗାମୀ ଶତାବ୍ଦୀ ପାଇଁ ଅସରନ୍ତି ପ୍ରେରଣାର ଉତ୍ସ ଓ ଉତ୍ସବ । ବିଡମ୍ବିତ ଇତିହାସର ପୃଷ୍ଠା ଦେଖିଲେ ଆଖି ଆଗରେ ନାଚିଯାଏ କଳିଙ୍ଗ–ଉତ୍କଳ–ଓଡ଼ିଶାର ଗତ ଯୁଗର ଶତ ଗୋଧୂଳି । ସାମ୍ପ୍ରତିକ ଇତିହାସର ଅବୟବରୁ ପ୍ରାଣ ଚାଲିଯାଏ । ମୋତେ ଲାଗେ ଏବେ ବି ଓଡ଼ିଶା କଳିଙ୍ଗ ପରି ଦୃଶ୍ୟମାନ । ଯେଉଁଠି ଖୁନ୍ଦି ହୋଇଛି ଖାରବେଳ କପିଳେନ୍ଦ୍ର ଦେବଙ୍କ ମାଟିର ବାସ୍ନା । ସଂସ୍କାର ଓ ସ୍ୱାଭିମାନରେ ଉଙ୍କି ମାରୁଛି ଓଡ଼ିଶାର ଗାରିମା, ଝଙ୍କୃରିତ ହେଉଛି ଦୁଃସାହସିକତାର ଆଦି ଓଁକାର, ସାଧନାରୁ ସିଦ୍ଧିଯାଏ ସବୁ ଆଗପରି । ସୁରୁଜର ଝରା ପହିଲି କିରଣ ସାଗର ଲହରି ସକାଳ ବନ୍ଦାଣ ଜହ୍ନର ଛାଇତଳେ, କହ ମା' ଶାରଳେ କାହିଁକି ଉତ୍କଳେ ଶାଶ୍ୱତ ଦୀପ ନ ଜଳେ । ଶେଷରେ 'ମଧୁ ଗୋପବନ୍ଧୁ ଫକୀର ସୁରେନ୍ଦ୍ର ବିଜୁବାବୁ ମହତାବ, ତାଙ୍କରି ଉଦ୍ୟମେ ସ୍ୱତନ୍ତ୍ର ଉତ୍କଳ ଲଭିଅଛି ଗଉରବ ।' ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଥିବା ମହାନ ଅବଦାନ କଳ୍ପକାଳ ଯାଏଁ ଅବିସ୍ମରଣୀୟ ହୋଇ ରହିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ବନ୍ଦେ ଉତ୍କଳ ଜନନୀ ।

ସମ୍ପାଦକ
ଗୋପବନ୍ଧୁ ସାହିତ୍ୟ ସଂସଦ, ଚାନ୍ଦବାଲି, ଭଦ୍ରକ

# ଗଡଜାତ ଆନ୍ଦୋଳନର ନାୟକ ସାରଙ୍ଗଧର

ଅଧ୍ୟାପିକା ସୌଦାମିନୀ ବେହେରା

ଏହି ସୁନ୍ଦର ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ହେଉଛନ୍ତି ପରଂବ୍ରହ୍ମ । ଏହି ଜୀବଜଗତରେ କୋଟି କୋଟି ପ୍ରାଣୀ ବାସ କରନ୍ତି । ମନୁଷ୍ୟ ହେଉଛି ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ଜୀବ । ଈଶ୍ୱରଙ୍କ ଲୀଳା ଏଠାରେ ଅପୂର୍ବ । ଏହି ବିସ୍ମୟ ପୃଥିବୀ ଆନନ୍ଦମୟ ଅଟେ । ସ୍ୱତଃ ମନ ମଧ୍ୟରେ ଆନନ୍ଦର ସ୍ରୋତ ପ୍ରବାହିତ ହୋଇଉଠେ ।

ବିଶ୍ୱ ସୃଷ୍ଟି କେବଳ ସୁନ୍ଦର ନୁହେଁ, ତାହା ଅମୃତମୟ । ଋଗ୍ ବେଦରେ ଉଲ୍ଲେଖ ଅଛି:

''ମଧୁବାତା ଋତାୟତେମଧୁକ୍ଷରନ୍ତି
ସିନ୍ଧବଃମାଧ୍ୱୀନଃ ସନ୍ତୋଷଧୀଃ''।

ପୃଥିବୀରେ ଆଜି ପର୍ଯ୍ୟନ୍ତ ଯେତେ ରାଷ୍ଟ୍ର ରହିଅଛି, ଭାରତ ସେମାନଙ୍କ ମଧ୍ୟରୁ ଖୁବ୍ ଉଚ୍ଚରେ । କିନ୍ତୁ ଆମେ ଯଦି ଏହାର ପୁରାତନ ଇତିହାସକୁ ଆଲୋଚନା କରିବା, ତେବେ ଜଣାପଡେ ଯେ ସ୍ୱାଧୀନ ରୂପକ ଅମୂଲ୍ୟ ରତ୍ନଟି ଏଠାରେ ହଜିଯାଇଥିଲା । ସ୍ୱାଧୀନର ଆକ୍ଷରିକ ଅର୍ଥ ହେଲା ନିଜ ଅଧୀନରେ ରହିବା । ଦିନ ଥିଲା ଭାରତରେ ଧନ, ରତ୍ନ, ଐଶ୍ୱର୍ଯ୍ୟ, ସଂସ୍କୃତି, ଆଚାର, ବ୍ୟବହାରରେ ପରିପୂର୍ଣ୍ଣ ଥିଲା । ଏହି ବିଭବରେ ଲୋଭାସକ୍ତ ହୋଇ କେତେ ବିଦେଶୀ ଏ ପବିତ୍ର ମାଟିରେ ପାଦଥାପି ଯାଇଛନ୍ତି । କିନ୍ତୁ ଇଂରେଜମାନଙ୍କର ପ୍ରଚଣ୍ଡ ଧୀଶକ୍ତି, ତୀକ୍ଷ୍ଣବୁଦ୍ଧି ଓ ଭାରତୀୟମାନଙ୍କର ଏକତାର ଅଭାବର ସୁଯୋଗ ନେଇ ଆମ ଦେଶକୁ ସହଜରେ କରାୟତ କରି ଦେଶର ଶାସନ ଡୋରୀକୁ ନିଜ ହାତରେ ବାନ୍ଧି ପାରିଥିଲେ ।

ସାରଙ୍ଗଧର ବାସ୍ତବରେ ଥିଲେ ଓଡିଆ ଜାତିର ଜଣେ କର୍ଣ୍ଣଧାର । ସେ ଚାହୁଁଥିଲେ ଓଡିଆ ଜାତିର ଓଡିଆ ମାଟିର ଟେକ । ସେତେବେଳେ ବ୍ରିଟିଶର ରାଜ । ଗଡଜାତ ରାଜାମାନଙ୍କର ବି ଓଡିଆ ପ୍ରଜାମାନଙ୍କ ଉପରେ ଜୁଲମର ନଜିର ବହୁତ । ଏହା ସତ୍ତ୍ୱେ ବି ହରେକୃଷ୍ଣ ମହତାବ ଚାହୁଁଥିଲେ ଗଡଜାତ ରାଜାମାନେ ଶାସନ କରନ୍ତୁ କାରଣ ରାଜା ବି ଓଡିଆ, ପ୍ରଜା ବି ଓଡିଆ, ବ୍ରିଟିଶ ସରକାରଙ୍କର ପ୍ରଭାବ ନରହୁ । ସାରଙ୍ଗଧର ଦାସ ଏହି କଥାକୁ ସହଜରେ ଗ୍ରହଣ କରିବାର ଲୋକ ନଥିଲେ । ଛତିଶିଗଡ, ନାଗପୁର ଗଡଜାତ ରାଜାମାନେ ବ୍ରିଟିଶ ସରକାରଙ୍କର ଅଧୀନକୁ ଆସିଯାଇ ଥିଲେ । ୧୮୮୩ ପର୍ଯ୍ୟନ୍ତ ଏଗୁଡିକ ଜମିଦାରି ସୂତ୍ରରେ ବ୍ରିଟିଶ ସରକାରଙ୍କ ଅଧୀନରେ ଥିଲେ । ବିଲାତ ସରକାରଙ୍କର ଭାରତୀୟ ବ୍ୟାପାର ମନ୍ତ୍ରୀ (ସେକ୍ରେଟେରୀ ଅଫ୍ ଷ୍ଟେଟସ୍ ଫର୍ ଇଣ୍ଡିଆ) ସେଗୁଡିକୁ ଦେଶୀୟ ରାଜ୍ୟ ବୋଲି ଘୋଷଣା କଲେ । ୧୯୩୬ରେ ହିଁ ଏଥିଭିତରୁ ୨୬ ଗୋଟି ରାଜ୍ୟକୁ ଭାରତର ବଡଲାଟ (ଗଭର୍ଣ୍ଣର ଜେନେରାଲ) ସନନ୍ଦ ଦେଲେ । ୧୯୩୬ ମସିହାରେ ଓଡିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଲା । ଏହା ଭାଷାଗତ ଦୃଷ୍ଟିକୋଣରୁ ଗଠନ ହୋଇଥିଲେ ହେଁ ଆମକୁ କେତେକ ଅଞ୍ଚଳ ହରାଇବାକୁ ପଡିଥିଲା । କେତେକ ଜାଗା ବିହାରରେ ରହିଗଲା । ସେସମୟରେ ଭାରତବାସୀଙ୍କ ଅବସ୍ଥା ଶୋଚନୀୟ ଥିଲା । ମହାତ୍ମା ଗାନ୍ଧୀଙ୍କର ଭାରତୀୟ ରାଜନୀତିରେ ଆବିର୍ଭାବ ଏକ ଭିନ୍ନ ମୋଡ ନେଲା । ମହାତ୍ମାଙ୍କ ଡାକରାରେ ଦେଶର କୋଣ ଅନୁକୋଣରୁ ହଜାର ହଜାର ଯୁବକ ଯୁବତୀମାନେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଲେ । ଓଡିଶାରେ ସ୍ୱାଧୀନତା ସଂଗ୍ରାମରେ ଯେଉଁମାନେ ଝାସ ଦେଲେ, ସେମାନଙ୍କ ମଧ୍ୟରୁ ଢେଙ୍କାନାଳର ମହାନ ଜନନାୟକ ସାରଙ୍ଗଧର ଦାସଙ୍କ ନାମ ଚିରସ୍ମରଣୀୟ ହୋଇ ରହିବ ।

ଓଡିଶାର କେଉଁ ଆବହମାନ କାଳରୁ ରାଜାମାନେ ଶାସନ କରୁଥିଲେ । ମୋଗଲ ଶାସନ ସମୟରେ ଓଡିଶାରେ ଦୁଇ ପ୍ରକାର ଶାସନ ଉପଲବ୍ଧି ଥିଲା, ପ୍ରଥମତଃ ମୋଗଲବନ୍ଦୀ ଓ ଦ୍ୱିତୀୟତଃ ଗଡଜାତ । ୧୮୦୩ ମସିହାରେ ଓଡିଶା ଇଂରେଜ ଆକ୍ରମଣର ଶିକାର ହୋଇଥିଲା । ରାଜାମାନେ ଇଂରେଜ ସହାୟତାରେ ନିରୀହ ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିବା ଆରମ୍ଭ କରିଦେଲେ । ପ୍ରଜାମାନଙ୍କ ଆର୍ଥିକ ସାମାଜିକ ଓ ସାଂସ୍କୃତିକ

କ୍ଷେତ୍ରରେ ବିପର୍ଯ୍ୟୟ ଘଟିବା ଆରମ୍ଭ ହୋଇଗଲା । ଠିକ୍ ଏହି ଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ଲୋକଙ୍କର ସେବକ ସାଜିଲେ ବିପ୍ଳବୀ ସାରଙ୍ଗଧର ଦାସ । ଇଂରେଜ ଏବଂ ଗଡଜାତ ରାଜାମାନଙ୍କର ମନୋମୁଖୀ କାର୍ଯ୍ୟକୁ ମୁକାବିଲା କରିବା ପାଇଁ ସେ ଆଗେଇ ଆସିଲେ । ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ ଏହି କାର୍ଯ୍ୟରେ ତାଙ୍କୁ ସହଯୋଗ କଲେ । ୧୯୩୩–୩୪ରୁ ସେ ଏହି କାର୍ଯ୍ୟ ଆରମ୍ଭ କରିଦେଲେ । ୧୯୩୮ ମସିହା ଜୁନ୍ ମାସରେ ପଟ୍ଟାଭି ସୀତାରାମାୟାଙ୍କ ସଭାପତିତ୍ୱରେ କଟକ ଟାଉନ ହଲରେ ଗଡଜାତ ପ୍ରଜା ସମ୍ମିଳନୀର ପ୍ରଥମ ଅଧିବେଶନ କରାଇଥିଲେ । ସେଥିରେ ତାଙ୍କୁ ସହଯୋଗ କରିଥିଲେ ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ, ଶ୍ରୀ ଭଗବତୀ ପାଣୀଗ୍ରାହୀ ପ୍ରମୁଖ ।

୧୮୮୭ ମସିହା ଅକ୍ଟୋବର ମାସ ୧୯ ତାରିଖ କୁମାର ପୂର୍ଣ୍ଣମୀରେ ଢେଙ୍କାନାଳ ଜିଲ୍ଲାର ହରେକୃଷ୍ଣପୁର ଗ୍ରାମର ଏକ କରଣ କ୍ଷତ୍ରୀୟ ବଂଶରେ ସାରଙ୍ଗଧର ଦାସଙ୍କର ଜନ୍ମ । ଛୋଟ ବେଳେ ସେ ପିତାଙ୍କୁ ହରାଇ ଥିଲେ । ଅନ୍ୟର ସାହାଯ୍ୟରେ ଢେଙ୍କାନାଳରେ ପ୍ରଥମେ ଶିକ୍ଷାରମ୍ଭ କରିଥିଲେ । ସେ ଖ୍ରୀଷ୍ଟୀୟାନ ପାଦ୍ରୀମାନଙ୍କ ଉପରେ ଭୀଷଣ ରାଗୁଥିଲେ । ଏଣୁ ତାଙ୍କ ମା'ଙ୍କର କଥାରେ ସେ ତାଙ୍କର ମତ ପରିବର୍ତ୍ତନ କରିଥିଲେ । ମା' କହିଥିଲେ ସେମାନେ ସେମାନଙ୍କର ଧର୍ମ ପ୍ରଚାର କରୁଛନ୍ତି, ବାଧ୍ୟ କରୁନାହାଁନ୍ତି । ସବୁଧର୍ମ ସମାନ, ସମସ୍ତଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଭଲ ମଣିଷର କର୍ତ୍ତବ୍ୟ ।

୧୯୦୫ ମସିହାରେ ଢେଙ୍କାନାଳ ହାଇସ୍କୁଲରୁ ଭଲ ନମ୍ବର ରଖି ପାସ୍ କଲେ ସାରଙ୍ଗଧର । ପ୍ରବେଶିକା ପରୀକ୍ଷା ଦେଇ ରେଭେନ୍ସାରେ ନାମ ଲେଖାଇଲେ । ହଷ୍ଟେଲରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସହିତ ଗୋଟିଏ କୋଠରୀରେ ରହିଲେ । ଦିନେ ସାରଙ୍ଗଧର ନୀଳକଣ୍ଠଙ୍କ ପେଡିରେ ଏକ ପଗଡି ଦେଖି ପଚାରିଲେ ଏହା କ'ଣ ବୋଲି ? ନୀଳକଣ୍ଠଙ୍କ ଉତ୍ତର ଥିଲା ଏ ପଗଡି ଓଡିଶାର ପ୍ରତୀକ ପୋଷାକ । ଏହାକୁ ପେଡିରେ କାହିଁକି ରଖିଛ ? ପ୍ରଶ୍ନର ଉତ୍ତରରେ ତାଙ୍କୁ ଏକ ଭଲ ନିର୍ଯ୍ୟାସ ମିଳିଥିଲା, ଯାହାକି ମଧୁସୂଦନଙ୍କର ନିର୍ଦ୍ଦେଶ ଏହାକୁ ଉତ୍କଳ ସମ୍ମିଳନୀରେ ପିନ୍ଧିବାକୁ । ସାରଙ୍ଗଧର ସେଇ ପଗଡିଟିକୁ ପିନ୍ଧି ପ୍ରାୟ ବର୍ଷେକାଳ କଲେଜକୁ ଯାଉଥିଲେ । ସେ ବି.ଏ ପାସ୍ କଲା ପରେ ସମସ୍ତେ ଆଶା କରିଥିଲେ ସାରଙ୍ଗଧର ଡେପୁଟି କଲେକ୍ଟର ହୋଇ ଢେଙ୍କାନାଳର ନାମକୁ ଉଜ୍ଜ୍ୱଳ କରିବେ, କିନ୍ତୁ ତାଙ୍କର ଚିନ୍ତାଧାରା ଭିନ୍ନ ପ୍ରକାରର ଥିଲା । ସେ ବିଜ୍ଞାନ ଓ ବୈଷୟିକ ଶିକ୍ଷାଲାଭ ପାଇଁ ଆଗ୍ରହ ପ୍ରକାଶ କଲେ । ଏଥି ନିମିତ୍ତ ପ୍ରଚୁର ଅର୍ଥର ଆବଶ୍ୟକତା । ସୁଦୂର ଜାପାନରେ ପାଠ ପଢିବାପାଇଁ ଛାତ୍ରମାନଙ୍କୁ କଲିକତାର (Science Association) ସହଯୋଗର ହାତ ବଢାଉଥାଏ, ଶେଷରେ ଜାପାନରେ Technological Instituteରେ Chemistry ବିଭାଗରେ ଅଧ୍ୟୟନ ଆରମ୍ଭ କଲେ । ଜାପାନରେ ଥାଇ ମଧ୍ୟ ସେ ଭାରତ କିଭଳି ଭାବରେ ସ୍ୱାଧୀନ ହେବ ଓ ଶିଳ୍ପର ବିକାଶ କିଭଳି ଭାବରେ ହେବ ସେ କଥା ତାଙ୍କୁ ସଦାବେଳେ ଘାରୁଥିଲା । ରବୀନ୍ଦ୍ରନାଥଙ୍କ ଦେଶପ୍ରେମ ସଂଗୀତ ଓ ବାଳଗଙ୍ଗାଧର ତିଳକଙ୍କ କାରାଦଣ୍ଡ ଆଦେଶ ଏ ଦୁଇଟି ସାରଙ୍ଗଧରଙ୍କ ମନକୁ ବୈପ୍ଳବିକ ଚିନ୍ତାରେ ଆଚ୍ଛନ୍ନ କରୁଥିଲା । ୧୯୦୭ରୁ ୧୯୦୯ ଯାଏଁ ୨ବର୍ଷ ଜାପାନରେ ରହିବା ପରେ ସେ ଆମେରିକା ଅଭିମୁଖେ ଯାତ୍ରା କଲେ । ସେ କାର୍ଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ୯ମାସ କାମ କଲାପରେ କିଛି ଦିନ ପାଇଁ ଗୋଟିଏ ଚିନି ସଫେଇ କାରଖାନାରେ କାମ କରିଥିଲେ । ହାୱାଇ ଦ୍ୱୀପପୁଞ୍ଜର ରାଜଧାନୀ ହୋନୋଲୁଲୁଠି ଥିବା ଏକ ବଡ ଚିନି କାରଖାନାରେ ଚିଫ୍ କେମେଷ୍ଟ୍ରି ଭାବେ ୧୯୧୫ରୁ ୧୯୧୯ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ସେତେବେଳେ ପ୍ରଥମ ବିଶ୍ୱଯୁଦ୍ଧ ଚାଲିଥାଏ, ଯଦିଓ ସେ ଯୁଦ୍ଧରେ ଯୋଗଦେବା ପାଇଁ ନାମ ପଞ୍ଜିକରଣ କରିଥିଲେ ମଧ୍ୟ କୌଣସି କାରଣରୁ ତାଙ୍କୁ ଡାକରା ଆସିନଥିଲା । ସେ ସେଠାରେ ଫ୍ରିଡା ନାମ୍ନୀ ଏକ ମହିଳାଙ୍କୁ ବିବାହ କରିଥିଲେ । ତାଙ୍କୁ ମାଟି ମାଆର କ୍ରନ୍ଦନ ଶୁଭିଲା , ସେଠାରେ ସେ ଆଉ ରହିପାରିଲେ ନାହିଁ। ୧୯୨୦ ମସିହାରେ ୧୧ବର୍ଷ ରହଣି ପରେ ସେ ଭାରତ ପ୍ରତ୍ୟାବର୍ତ୍ତନ କଲେ । ସେ ରେଙ୍ଗୁନ୍‌ର ଏକ ଚିନି କାରଖାନାରେ ପରାମର୍ଶଦାତା ଭାବରେ, ଟାଟା କମ୍ପାନୀ ଅଧୀନରେ ଅନ୍ୟ ଏକ ଚିନି କାରଖାନାରେ ସେକ୍ରେଟାରୀ ଭାବେ, ଦକ୍ଷିଣ ଭାରତ ଆର୍ଣ୍ଣାକୁଲମ ଟାଟା ଅଏଲ ମିଲ୍ ଉତ୍ପାଦନ ବିଭାଗର ସୁପରଇନ୍‌ଟେଣ୍ଡେଟ ଭାବେ କାର୍ଯ୍ୟ କରିବା ପରେ, ବାରାମତିର ନିରାଭାଲୀ ସୁଗାର କମ୍ପାନୀର ଜେନେରାଲ ମ୍ୟାନେଜର ହେବା ସତ୍ତ୍ୱେ ନିଜ ରାଜ୍ୟ ନିଜ ଜିଲ୍ଲାକୁ ଫେରିଆସି ୧୦/୧୨ ଏକର ଜମିରେ ଆଖୁଚାଷ କରି ସ୍ୱାଧୀନ ଭାବେ ଏକ ଚିନିକଳ ପ୍ରତିଷ୍ଠାର ଉଦ୍ୟମ କଲେ । ଚିନି କାରଖାନା ଭଲଭାବେ ଚାଲୁଥିବାବେଳେ ସେ ଢେଙ୍କାନାଳ ରାଜାଙ୍କର ଷଡଯନ୍ତ୍ରର ଶିକାର ହେଲେ । ଏଥିରେ ତାଙ୍କୁ ବହୁତ କ୍ଷତି ସହିବାକୁ ପଡିଲା । ପୁଞ୍ଜିପତିମାନେ କେବେ କାହାକୁ ଭଲରେ କିଛି କାମ କରେଇ ଦେବେ ନାହିଁ ବୋଲି ନିଜେ ହୃଦୟଙ୍ଗମ କଲେ । ସେମାନଙ୍କ ପ୍ରତି ବିତୃଷ୍ଣାଭାବ ଜାତ ହେଲା । ରାଜନୀତିରେ ମଧ୍ୟ ତାଙ୍କର ଆଗ୍ରହ ନଥିଲା କିନ୍ତୁ ମହାତ୍ମା ଗାନ୍ଧୀଙ୍କ ଡାକରାରେ ସେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଲେ ।

ସାରଙ୍ଗଧର ଦାସ ଥିଲେ ଜଣେ ମନସ୍ୱୀବ୍ୟକ୍ତି । ଓଡିଶା ପ୍ରଜା ଆନ୍ଦୋଳନର ଜଣେ ବିଶିଷ୍ଟ ଜନନାୟକ । ତାଙ୍କର ନେତୃତ୍ୱରେ ଗଡଜାତର ନିପୀଡିତ ପ୍ରଜା ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ଯୁଦ୍ଧ କରିବା ଶିଖିଥିଲେ । ଢେଙ୍କାନାଳ ସେତେବେଳେ ସାମନ୍ତବାଦ

ଅଞ୍ଚଳ ଥିଲା । ସମ୍ଭ୍ରାନ୍ତ ବଂଶର ଦାୟାଦମାନେ ନିରୀହ ପ୍ରଜାମାନଙ୍କ ଉପରେ ଶୋଷଣ ଓ ଅତ୍ୟାଚାର କରୁଥିଲେ । ସେମାନେ ଅତି ଉଗ୍ର ପ୍ରକୃତିର ଥିଲେ । ଏହାକୁ ପ୍ରତିହତ ପାଇଁ ସମସ୍ତଙ୍କୁ ମେଳି କରିବାର ସର୍ଦ୍ଦାର ଥିଲେ ବିପ୍ଳବୀ ସାରଙ୍ଗଧର । ତାଙ୍କର ଲକ୍ଷ୍ୟ ଥିଲା ମଣିଷଙ୍କୁ ଅବହେଳା, ଅପମାନ ଓ ଶୋଷଣରୁ ମୁକ୍ତ କରି ଏକ ସୁନ୍ଦର ପରିବେଶ ସୃଷ୍ଟି କରିବା ।

ସାରଙ୍ଗଧର ନୂତନ ସାମାଜିକ ବ୍ୟବସ୍ଥା ପ୍ରବର୍ତ୍ତନ କରିବାକୁ ଚାହିଁଥିଲେ । ସେ ଜାଣିଥିଲେ ସାମନ୍ତବାଦ ହିଁ ଧ୍ୱଂସମୁଖୀ ସମାଜର ମୁଖ୍ୟ କାରଣ ଅଟେ । ଶିଳ୍ପ ସମ୍ଭାର ଉପରେ ପ୍ରତିଷ୍ଠିତ ପୁଞ୍ଜିବାଦ ସାମନ୍ତବାଦକୁ ସେତେବେଳେ ଗ୍ରାସ କରୁଥିଲା । ପୁଞ୍ଜିବାଦର ସାମାଜିକ ବ୍ୟବସ୍ଥା ପୁଣି ସେହି ଅତ୍ୟାଚାର ଓ ଶୋଷଣ ଉପରେ ପ୍ରତିଷ୍ଠିତ । ତାଙ୍କ ବିଚାରରେ ଅର୍ଥନୈତିକ ବ୍ୟବସ୍ଥା ହିଁ ସମାଜର ମୂଳପିଣ୍ଡ । ଅର୍ଥନୈତିକ ବ୍ୟବସ୍ଥା ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତିବିଶେଷ ବା ଗୋଷ୍ଠୀଦ୍ୱାରା ନିୟନ୍ତ୍ରିତ ହେବ, ସେତେଦିନ ପର୍ଯ୍ୟନ୍ତ ସମାଜରୁ ଦଳିତ, ପତିତ,ନିରୀହ ଜନତାଙ୍କର ଉନ୍ନତି ଅସମ୍ଭବ । ବ୍ୟକ୍ତି ସମାଜର ମୂଳପିଣ୍ଡ । ସମାଜର ସୃଷ୍ଟି ପାଳନ ଓ ସଂହାରରେ ତାହାର ରହିଛି ମୌଳିକ ଅଧିକାର । ବ୍ୟକ୍ତିର ଏହି ମୌଳିକ ଅଧିକାରକୁ ସ୍ୱୀକାର କରିବା ହେଉଛି ସମାଜର ଧର୍ମ । ତାଙ୍କର ପରିକଳ୍ପିତ ସମାଜ ଗଣତନ୍ତ୍ର ଉପରେ ପର୍ଯ୍ୟବସିତ । ଢେଙ୍କାନାଳ ଗଡଜାତ ଆନ୍ଦୋଳନରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ସବୁବେଳେ ସେ ସ୍ୱର ଉତ୍ତୋଳନ କରୁଥିଲେ । ନିର୍ଭୀକ, ସଚ୍ଚୋଟ ଓ ପରୋପକାରୀ ବ୍ୟକ୍ତିଟିଏ ସେ ଥିଲେ । କୌଣସି ବଡବଡ ପଦପଦବୀ ତାଙ୍କୁ ବାନ୍ଧି ରଖିପାରି ନଥିଲା । କଂଗ୍ରେସ ଦଳ ଛାଡିବାର ନିଷ୍ପତ୍ତି ନେଲାବେଳେ ତାଙ୍କୁ ପବ୍ଲିକ୍ ସର୍ଭିସ କମିଶନ୍ ଚେୟାରମ୍ୟାନ, ଯୋଜନା କମିଶନ ଚେୟାରମ୍ୟାନ, ମନ୍ତ୍ରୀ ପଦକୁ ସେ ଏଡେଇ ଯାଇଥିଲେ ।

ସାରଙ୍ଗଧରଙ୍କ ନିକଟରେ ସମାଜବାଦର ମୂଲ୍ୟ ସ୍ୱତନ୍ତ୍ର ଥିଲା । ଶିରାପ୍ରଶିରାରେ ତାଙ୍କର ପ୍ରବାହମାନ ହେଉଥିଲା ବିପ୍ଳବାତ୍ମକ ଚିନ୍ତାଧାରା । ରାଜନୈତିକ ଜୀବନ, ଆଚରଣ, କାର୍ଯ୍ୟ ସବୁ କ୍ଷେତ୍ରରେ ସେ ଥିଲେ ସମାଜବାଦର ମୂର୍ତ୍ତିମନ୍ତ ପ୍ରତୀକ । ଗଡଜାତବାସୀଙ୍କର ସେ ଅହରହ ଭଲ କାମନା କରୁଥିଲେ । ପଣ୍ଡିତ ନେହେରୁ ଯେତେବେଳେ ନିଖିଳ ଭାରତ ଗଡଜାତ ପ୍ରଜା ସମ୍ମିଳନୀର ସଭାପତି ଥିଲେ ସାରଙ୍ଗଧର ଅନୁଷ୍ଠାନର ସମ୍ପାଦକ ଦାୟିତ୍ୱ ତୁଲାଉଥିଲେ । ନିଜର ଅକ୍ଳାନ୍ତ ପରିଶ୍ରମ ଓ ନିଷ୍ଠା ଯୋଗୁଁ ଓଡିଶାର ଜନ ଆନ୍ଦୋଳନକୁ ବିଭିନ୍ନ କ୍ଷେତ୍ରରେ ସେ ଆଗେଇ ନେଇଥିଲେ । ବଳିଷ୍ଠ ଲେଖନୀ ମୁନରେ ସମସ୍ତ ଗଡଜାତ ପ୍ରଜାଙ୍କୁ ତାଙ୍କର ନିଜର ପ୍ରାପ୍ୟ ପାଇଁ ପ୍ରେରଣା ଦେଉଥିଲେ । ଗଡଜାତ ମୁକ୍ତି ଆନ୍ଦୋଳନ ବେଳେ ଧାରାବାହିକ ଭାବେ ଛଦ୍ମନାମରେ 'ଲଣ୍ଡା ଦେହୁରୀ' ନାମରେ ସାପ୍ତାହିକୀ କୃଷକରେ ଲେଖୁଥିଲେ । ସେ ଏକାଧାରରେ ଥିଲେ ଉଚ୍ଚକୋଟୀର ସାମ୍ବାଦିକ ଓ ସାହିତ୍ୟିକ । ଓଡିଆ ଭାଷା ପ୍ରତି ଥିଲା ତାଙ୍କର ପ୍ରଗାଢ ଆଗ୍ରହ ।

୧୯୫୭ ମସିହା ସେପ୍ଟେମ୍ବର ୧୮ ତାରିଖରେ ସେହି ମହାନ୍ ପୁରୁଷ ଦେଶପ୍ରେମୀ ସଚ୍ଚୋଟ ମଣିଷ ବିପ୍ଳବୀ ସାରଙ୍ଗଧର ଦାସଙ୍କର ପରୋଲୋକ ହୋଇଥିଲା । ସେ ଚାଲିଯିବାର ୧୧ବର୍ଷ ପରେ ତାଙ୍କର ଛଦ୍ମନାମ 'ଲଣ୍ଡା ଦେହୁରୀ' ମଧ୍ୟ ବନ୍ଦ ହୋଇଯାଇ ଥିଲା । ସେ ଜଣେ ପରିବେଶବିତ୍ ଥିଲେ । ସମାଜବାଦୀ ଆନ୍ଦୋଳନର କର୍ଣ୍ଣଧାର, ସ୍ପଷ୍ଟବାଦୀ ଦେଶପ୍ରେମୀର ପ୍ରତୀକ ସେ ଥିଲେ । ଅବହେଳିତ ଆଦିବାସୀଙ୍କର ଜଣେ ବଡ ସେବକ, ଶିଳ୍ପବିକାଶ କ୍ଷେତ୍ରରେ ସେ ଜଣେ ବଡ କର୍ମୀ, ବିଦ୍ରୋହୀ ସାହିତ୍ୟିକ । ଗଡଜାତ ଆନ୍ଦୋଳର ଗାନ୍ଧୀ । ସେ ଏହିଭଳି ବିଭିନ୍ନ ଗୁଣର ଅଧିକାରୀ ଥିଲେ । ସତରେ ଆଜିବି ସାରଙ୍ଗଧର ଦାସଙ୍କ କୃତିତ୍ୱ ଓ ଗଡଜାତ ଆନ୍ଦୋଳନରେ ତାଙ୍କର ପ୍ରମୁଖ ଭୂମିକା ପାଇଁ ଓଡ଼ିଶାର ଜନସାଧାରଣଙ୍କ ପାଖରେ ସେ ଚିର ନମସ୍ୟ ହୋଇ ରହିଛନ୍ତି ।

ରାଜନୀତି ବିଜ୍ଞାନ ବିଭାଗ
ଶ୍ରୀ ସୋମନାଥ ବାଲୁଙ୍କେଶ୍ୱର ଦେବ ମହିଳା ମହାବିଦ୍ୟାଳୟ
କନ୍ତିଆ, ଜଟଣୀ, ଖୋର୍ଦ୍ଧା

❖ ❖ ❖

# ଓଡ଼ିଶାରେ ଓଡ଼ିଆ ଭାଷାର ସୁରକ୍ଷା ହେଉ

ଅପୂର୍ବ ରଂଜନ ରାୟ

ଓଡ଼ିଆ ଭାଷା ବିଳମ୍ବରେ ହେଲେ ବି ଗତବର୍ଷ ଓଡ଼ିଆ ଭାଷାକୁ କେନ୍ଦ୍ର ସରକାର ଶାସ୍ତ୍ରୀୟ ମାନ୍ୟତା ଦେଇଥିବା ଅତ୍ୟନ୍ତ ଆନନ୍ଦର ବିଷୟ । ଏପରି ଶାସ୍ତ୍ରୀୟ ମାନ୍ୟତା ପାଇବାରେ ଓଡ଼ିଆ ହେଉଛି ଭାରତବର୍ଷର ଷଷ୍ଠ ଭାଷା । ତେବେ ଇଣ୍ଡୋଆର୍ଯ୍ୟାନ୍ ଗୋଷ୍ଠୀର ଓଡ଼ିଆ ପ୍ରଥମ ଭାଷା ଭାବେ ଏପରି ମାନ୍ୟତା ପାଇଥିବା ଆହୁରି ସନ୍ତୋଷର ବିଷୟ । ୨୦୦୪ ମସିହାରେ ତାମିଲ୍, ୨୦୦୫ରେ ସଂସ୍କୃତ, ୨୦୦୮ରେ ତେଲୁଗୁ ଓ କନ୍ନଡ ଏବଂ ୨୦୧୩ରେ ମାଲାୟାଲମ୍ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ୨୦୧୪ରେ ଓଡ଼ିଆ ଭାଷା ଏପରି ମାନ୍ୟତା ପାଇବା ପାଇଁ ଯୋଗ୍ୟ ବିବେଚିତ ହେଲା । ତେବେ ପ୍ରଥମରୁ କହି ରଖିବା ଉଚିତ ଯେ ଯେଉଁ ବଙ୍ଗ ଭାଷାଭାଷୀମାନେ 'ଓଡ଼ିଆ ଏକଟା ସ୍ୱତନ୍ତ୍ର ଭାଷା ନୟ' କହିବା ସଂଗେ ସଂଗେ ଓଡ଼ିଆ ହେଉଛି ବଙ୍ଗଳାରେ ଏକ ଉପଭାଷା ବୋଲି କହୁଥିଲେ, ସେମାନଙ୍କ ମାତୃଭାଷା ବଙ୍ଗଳା ଆଜି ସୁଦ୍ଧା ଶାସ୍ତ୍ରୀୟ ମାନ୍ୟତା ପାଇପାରି ନାହିଁ । ଚଳିତ ବର୍ଷ ଏହାର ସ୍ମରଣାର୍ଥେ ଓଡ଼ିଶା ସରକାର 'ଓଡ଼ିଆ ଭାଷା' ଦିବସ ସମଗ୍ର ରାଜ୍ୟରେ ପାଳନ କରିବା ପାଇଁ ନିଷ୍ପତ୍ତି ନେବା ସ୍ୱାଗତଯୋଗ୍ୟ ପଦକ୍ଷେପ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଶାସନକାଳ ଭିତରେ ଏହା ହେଉଛି ଉଲ୍ଲେଖନୀୟ କାର୍ଯ୍ୟକ୍ରମ । ସେ ଜଣେ ଅନ୍ତର୍ଜାତୀୟ ଲେଖକ ଭାବରେ ସୁନାମ ଅର୍ଜନ କରିଥିବାରୁ, ଭାଷା ପ୍ରୀତି ତାଙ୍କଠାରେ ଯଥେଷ୍ଟ ରହିଥିବା ଅନୁଭୂତ ହେଉଛି । ବିଶେଷତଃ ଓଡ଼ିଶାର ବରପୁତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସବୁବେଳେ ଓଡ଼ିଶାର ପ୍ରଗତି ପାଇଁ ଚିନ୍ତିତ ଥିବାବେଳେ ଏବଂ ନିଜେ କେବେ ଓଡ଼ିଆଙ୍କ ସ୍ୱାର୍ଥ ରକ୍ଷା ଦିଗରେ ପଶ୍ଚାତପଦ ହୁଅନ୍ତି ନାହିଁ । ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଓଡ଼ିଆ ଭାଷା ସ୍ୱତନ୍ତ୍ର ମର୍ଯ୍ୟାଦା ପାଇବା ଅତ୍ୟନ୍ତ ଗୌରବର ବିଷୟ । ଓଡ଼ିଶା ପ୍ରଶାସନ ଏ ଦିଗରେ ଯେଉଳି ସହଯୋଗର ହାତ ପ୍ରସାରିତ କରିଛି, ଏବେ ଓଡ଼ିଆ ଭାଷାର ମର୍ଯ୍ୟାଦା ବଜାୟ ରଖିବା ଲାଗି ଜନସାଧାରଣ ଆନ୍ତରିକତାର ସହିତ ସହଯୋଗର ହାତ ବଢ଼ାଇବା ଉଚିତ ।

ଓଡ଼ିଆ ଭାଷାକୁ ଓଡ଼ିଶାରେ ସରକାରୀ ଭାଷା କରିବା ଲାଗି ଏବଂ ଓଡ଼ିଆ ଭାଷାକୁ ଏ ରାଜ୍ୟରେ ଅଧିକ ଗୁରୁତ୍ୱ ଦେବା ପାଇଁ ୧୯୦୩ ମସିହା ଡିସେମ୍ବର ୩୦ ତାରିଖରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଉତ୍କଳଗୌରବ ମଧୁସୂଦନ ଦାସ ଓ ଅନ୍ୟମାନଙ୍କ ପକ୍ଷରୁ ଏହା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଓଡ଼ିଆ ଭାଷାକୁ ନେଇ ଓଡ଼ିଶା ପ୍ରଦେଶ ଗଠନ ଥିଲା, ଏପରି ପରିକଳ୍ପନାର ପ୍ରଥମ ସାକାର ପ୍ରସ୍ତାବ । ୧୯୩୬ ଅପ୍ରେଲ ୧ ତାରିଖରେ ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲେ ହେଁ, ଓଡ଼ିଶାରେ ସରକାରୀ ସ୍ତରରେ ଓଡ଼ିଆ ଭାଷା ପ୍ରଚଳିତ ହୋଇପାରି ନଥିଲା । ଭାରତର ତତ୍କାଳୀନ ୧୫ଟି ଭାଷା ମଧ୍ୟରେ ଭାରତୀୟ ସମ୍ବିଧାନ ଅନୁଯାୟୀ ଓଡ଼ିଆ ଭାଷାକୁ ସାମ୍ବିଧାନିକ ଅଧିକାର ୧୯୫୦ ଜାନୁଆରୀ ୧ ତାରିଖରେ ଦିଆଯାଇଥିଲା । ୧୯୫୨ ମସିହାରେ ଓଡ଼ିଶା ବିଧାନସଭାରେ ଯେଉଁ ଭାଷା ବିଧେୟକ ଅନୁମୋଦନ ଲାଭ କଲା, ତାହା ଯୋଗୁଁ ଓଡ଼ିଆ ଭାଷା ସରକାରୀ ସ୍ତରରେ ମର୍ଯ୍ୟାଦାବନ୍ତ ସ୍ଥାନ ହାସଲ ପାଇଁ ବିବେଚିତ ହେଲା । ସେହି ସମୟରେ ମୁଖ୍ୟମନ୍ତ୍ରୀ ଭାବେ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥାଆନ୍ତି । ତାଙ୍କ ସମୟରେ ସରକାରୀ ଭାଷା ଆଇନ ସଂଶୋଧିତ ହୋଇଗଲା । ସରକାରୀ ସ୍ତରରେ ଓଡ଼ିଆ ଭାଷା କାର୍ଯ୍ୟକାରୀ ହେବା ପାଇଁ ଆପାତତଃ ସରକାରଙ୍କ ଅନୁମୋଦନ ଲାଭ କଲା । ୧୯୫୪ ମସିହା ଅକ୍ଟୋବର ୧ ତାରିଖରେ ତତ୍କାଳୀନ ରାଜ୍ୟପାଳ ସୟଦ ଫଜରଅଲ୍ଲୀଙ୍କଠାରୁ ସ୍ୱୀକୃତି ମିଳିଲା । ମୁଖ୍ୟମନ୍ତ୍ରୀ ନବକୃଷ୍ଣଙ୍କ ତତ୍ତ୍ୱାବଧାନରେ ସରକାରଙ୍କ ପକ୍ଷରୁ ପ୍ରକାଶିତ 'ଶବ୍ଦକୋଷ'ଟି ପ୍ରଶାସନିକ କ୍ଷେତ୍ରରେ ଓଡ଼ିଆ ଭାଷା ପ୍ରଚଳନକୁ ଅଧିକ ସହଜ କରିପାରିଲା । ପ୍ରଶାସନିକ

ଶବ୍ଦକୋଷ ସହିତ ଅନ୍ୟ ଏକ ଓଡ଼ିଆ ଅଭିଧାନ ମଧ୍ୟ ପ୍ରଣୀତ ହେଲା । ଏହା ବୈଷୟିକ ଶବ୍ଦର ଅର୍ଥବୋଧକ 'ପରିଭାଷା'ର ଏକ ମୂଲ୍ୟବାନ ଗ୍ରନ୍ଥ । ଅଫିସ୍ କାର୍ଯ୍ୟ ପରିଚାଳନା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଓଡ଼ିଆ ଟାଇପ୍ ରାଇଟର ପରିକଳ୍ପନା କଲେ । ଅପରପକ୍ଷେ ସେତେବେଳେ ସମଗ୍ର ଭାରତବର୍ଷରେ ପ୍ରାଦେଶିକ ସ୍ତରରେ ଶାସନ କାର୍ଯ୍ୟ ପରିଚାଳନା ପାଇଁ ଆଞ୍ଚଳିକ ଭାଷାକୁ ମାଧ୍ୟମ କରାଯାଇନଥିବା ବେଳେ, ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦିଆଗଲା । ନବବାବୁ ଓଡ଼ିଆ ଭାଷାକୁ ସରକାରୀ ସ୍ତରରେ ନେଇଥିବା ପଦକ୍ଷେପକୁ ଦୃଢ଼ କଲେ । ରାଜ୍ୟପାଳଙ୍କ ସ୍ୱୀକୃତି ଲାଭ ପରେ ୧୯୫୪ ମସିହା ଅକ୍ଟୋବର ୧୫ ତାରିଖ ସଂଖ୍ୟା 'ଓଡ଼ିଶା ଗେଜେଟ'ରେ ଓଡ଼ିଆକୁ ସରକାରୀ ସ୍ତରରେ ବ୍ୟବହାର କରାଯିବା ସଂକ୍ରାନ୍ତ ଓଡ଼ିଶା ସରକାରଙ୍କ ସିଦ୍ଧାନ୍ତ ପ୍ରକାଶ ପାଇଲା ।

୧୯୫୪ ମସିହାରେ ଓଡ଼ିଶା ସରକାର ଓଡ଼ିଶାରେ ଓଡ଼ିଆକୁ ସରକାରୀ ଭାଷା କରିବା ପାଇଁ ପ୍ରଣୀତ ଆଇନ ଅନୁଯାୟୀ ୧୯୬୬ ଅପ୍ରେଲ ୧୪ରେ ରାଜ୍ୟ ସରକାରଙ୍କ ପଲିଟିକାଲ ସର୍ଭିସେସ୍ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଲା । ସେଥିରେ ଓଡ଼ିଶାର ଶିକ୍ଷା ବିଭାଗ ସମେତ, ରାଜସ୍ୱ ବିଭାଗ, ପଞ୍ଚାୟତ ବିଭାଗ, ଗୋଷ୍ଠୀ ଉନ୍ନୟନ, ଆଦିବାସୀ, ରାଜ୍ୟଗୋଷ୍ଠୀ ଏବଂ ଜଙ୍ଗଲ ବିଭାଗର ନିମ୍ନସ୍ତରୀୟ କାର୍ଯ୍ୟାଳୟର ଓଡ଼ିଆ ଭାଷାକୁ ପ୍ରଚଳନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଅବଶ୍ୟ ବାହାର ରାଜ୍ୟ କିମ୍ବା ବିଦେଶୀ କମ୍ପାନୀ ସହିତ ପତ୍ରାଳାପରେ ଓଡ଼ିଆ ଭାଷାକୁ ବାଧ୍ୟତାମୂଳକ କରାଯାଇ ନଥିଲା । ଏ କ୍ଷେତ୍ରରେ ଇଂରାଜୀ ଭାଷା ବ୍ୟବହୃତ ହୋଇପାରିବ ବୋଲି ସରକାରୀ ନିର୍ଦ୍ଦେଶ ଥିଲା । ୧୯୫୪ ମସିହାରେ ସ୍ୱର୍ଗତ ଚୌଧୁରୀଙ୍କ ପ୍ରବର୍ତ୍ତିତ ଓଡ଼ିଆ ଭାଷା ବ୍ୟବହାର ସିଦ୍ଧାନ୍ତ, ୧୯୮୪ରେ ପୁନଃ କାର୍ଯ୍ୟକାରୀ ହେବାକୁ ନିଷ୍ପତ୍ତି ନିଆଯାଇଥିଲା । ୧୯୯୫ ମସିହା ମାର୍ଚ୍ଚ ୨୧ ତାରିଖରେ ଅନୁଷ୍ଠିତ ମନ୍ତ୍ରିମଣ୍ଡଳ ପ୍ରଥମ ବୈଠକରେ ସରକାରୀ ସ୍ତରରେ ଓଡ଼ିଆ ପ୍ରଚଳନକୁ ଗୁରୁତ୍ୱ ଦିଆଯାଇଥିଲା । ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ ଓଡ଼ିଆ ଭାଷା ପ୍ରଚଳନକୁ ଅତ୍ୟଧିକ ଗୁରୁତ୍ୱ ଦେଇ ଆନ୍ତରିକତା ପ୍ରଦର୍ଶନ କରୁଥିବା ଲକ୍ଷ୍ୟ କରାଯାଉଛି । ତେବେ ଏ ଦିଗରେ ସରକାରୀ କଟକଣା ଦୃଢ଼ ରହିବା ଦିଗରେ ମୁଖ୍ୟମନ୍ତ୍ରୀ ଯେଉଁ ସିଦ୍ଧାନ୍ତ ନେଇଛନ୍ତି, ତାହା ଲକ୍ଷ୍ୟ ପୂରଣରେ ସହାୟକ ହେବ ବୋଲି ଆଶା କରାଯାଏ ।

କେତେ ନିଷ୍ଠା ଓ ଆନ୍ତରିକତା ଯୋଗୁଁ ଅତୀତର ଅନ୍ଧାରି ଗହ୍ୱର ଭିତରୁ ଓଡ଼ିଆ ଭାଷାକୁ ରକ୍ଷା କରାଯାଇଛି । ଓଡ଼ିଆ ଭାଷାର ଶାସ୍ତ୍ରୀୟତା ପ୍ରତିପାଦନ କରିବା ପାଇଁ ଶତାବ୍ଦୀ ଶତାବ୍ଦୀ ଧରି ସଂଗ୍ରାମ କରାଯାଇଛି । ଖ୍ରୀଷ୍ଟପୂର୍ବ ଅଷ୍ଟମ ଶତାବ୍ଦୀରେ ଓଡ଼ିଆ ଭାଷା ଯାହା ଥିଲା, ପରବର୍ତ୍ତୀ କାଳରେ ତାକୁ ଅଧିକ ପରିଚିତ କରାଯାଇଛି । ଓଡ଼ିଆ ଭାଷା ଉପରେ ପାଲି, ମହାରାଷ୍ଟ୍ରୀ, ପାର୍ଶୀ, ମାଗଧୀ, ସଂସ୍କୃତ, ଦ୍ରାବିଡ଼ ଓ ଆରବୀ ପ୍ରଭୃତି ଭାଷାର ପ୍ରଭାବ ପଡ଼ିବା ସତ୍ତ୍ୱେ ସେ ତା'ର ନିଜସ୍ୱ ରୂପ ଅପରିବର୍ତ୍ତିତ ରଖିଛି । ଏପରି ଓଡ଼ିଆ ଭାଷା ଉପରେ ମୁଣ୍ଡା, ଶାବରୀ, ଓରା ପ୍ରଭୃତି ଆଦିବାସୀ ଭାଷାର ପ୍ରଭାବ ଅନେକ କାଳରୁ ପଡ଼ିଆସିଛି । ତଥାପି ସମୟକ୍ରମେ ଏହି ଭାଷାର ଶାସ୍ତ୍ରୀୟତା ଭାରତବର୍ଷର ସମସ୍ତଙ୍କୁ ଆକୃଷ୍ଟ କରିଛି । ଯେତେବେଳେ ଓଡ଼ିଶାରେ ଓଡ଼ିଆ ଭାଷା ପ୍ରଚଳନକୁ ଅଣଓଡ଼ିଆମାନେ ବିରୋଧ କରୁଥିଲେ, ସେତେବେଳେ ଓଡ଼ିଶାର ଓଡ଼ିଆମାନଙ୍କ ସଂଖ୍ୟାକୁ ନ୍ୟୂନ କରିବା ଲାଗି ବିଭିନ୍ନ ଗବେଷକମାନଙ୍କ ଦ୍ୱାରା ଭିନ୍ନ ଭିନ୍ନ ମତ ଦିଆଯାଇଥିଲା । ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଦଖଲ କରିବା ବେଳେ ଓଡ଼ିଆ ଭାଷାଭାଷୀଙ୍କ ସଂଖ୍ୟା ଓଡ଼ିଶାରେ ତେର ଲକ୍ଷ ବୋଲି କେହି କେହି କଳନା କରିଥିଲେ । ୧୮୪୮–୪୯ ମସିହାରେ ବାଓରିଙ୍ଗ କଟକ ଜିଲ୍ଲାରେ ମାଜିଷ୍ଟ୍ରେଟ ଥିବାବେଳେ ବଙ୍ଗଳା ଭାଷାର ଓଡ଼ିଆ ଭାଷା ଏକ ଉପଭାଷା ବୋଲି ମତ ଦେଇ ଓଡ଼ିଆକୁ ଓଡ଼ିଶା ଭଳି ଏକ ଛୋଟ ରାଜ୍ୟରେ ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ଦିଆନଯାଉ ବୋଲି କହିଥିଲେ । ତତ୍କାଳୀନ କମିଶନର ଏଫ୍. ଗୌଲ୍ଡ଼ସ ବୁରୀ ଓଡ଼ିଶାରେ ଓଡ଼ିଆ ଭାଷାଭାଷୀଙ୍କ ସଂଖ୍ୟା ୨୫–୩୦ ଲକ୍ଷ ହେବ ବୋଲି କଳନା କରିଥିଲେ । ଗବେଷକ ରାଜେନ୍ଦ୍ରଲାଲ ମିତ୍ର ୧୮୬୧ରେ ଓଡ଼ିଶାରେ ଓଡ଼ିଆ ଭାଷାଭାଷୀଙ୍କ ସଂଖ୍ୟା ୨୦ଲକ୍ଷ ବୋଲି ମତ ଦେଇଥିଲେ । ଏହି ଲୋକସଂଖ୍ୟାକୁ ଭିତ୍ତି କରି ଓଡ଼ିଶା ପାଇଁ ଓଡ଼ିଆ ଭାଷା ପ୍ରଚଳନ କରିବା ଉପରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ୧୮୮୧ ମସିହାଠାରୁ ଓଡ଼ିଶାରେ ଓଡ଼ିଆ ଭାଷାକୁ ଜନଗଣନା ଦୃଷ୍ଟିରୁ ଗୁରୁତ୍ୱ ଦିଆଗଲା । ସଂପ୍ରତି ସେ ପ୍ରକାରର ପରିସ୍ଥିତି ଆଉ ନାହିଁ ।

ଆଜି ଏଥିପାଇଁ ଓଡ଼ିଆ ଭାଷାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ପାଇଁ ଯେଉଁଭଳି ଉଦ୍ୟମର ଶୁଭାରମ୍ଭ ହୋଇଛି, ତାହା ନିଶ୍ଚୟ ଆମ ପାଇଁ ଆଶ୍ୱାସନାର ବିଷୟ । ଭାଷାବିତ୍ ପ୍ରଫେସର ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ ଏହି ମର୍ମରେ ମତ ଦେଇଛନ୍ତି – ପ୍ରକୃତରେ ଦେଖିବାକୁ ଗଲେ ଆଞ୍ଚଳିକ ଭାଷା ହେଉଛି ଜନତାର ପ୍ରଥମ ପ୍ରୟୋଜନ । ଅନ୍ନବସ୍ତ୍ର ପରି ତା'ର ଦରକାର ନିଜର ଭାଷା । ସେଥିପାଇଁ ଅର୍ଥନୀତି କ୍ଷେତ୍ରରେ ଗାନ୍ଧିଜୀ ବିଦେଶୀ ବର୍ଜନ କରି ସ୍ୱଦେଶୀ ବ୍ୟବହାର କରିବା ପାଇଁ ଯେମିତି ଡାକ ଦେଲେ, ଭାଷା କ୍ଷେତ୍ରରେ ସେମିତି ଇଂରାଜୀ ଛାଡି ମାତୃଭାଷାକୁ

ସମୃଦ୍ଧ କରିବା ପାଇଁ ଘୋଷଣା କଲେ । ତାଙ୍କର ଡାକ ହେଲା କେନ୍ଦ୍ର ଭାଷା ହେବ ହିନ୍ଦୀ ଓ ଭିନ୍ନ ଭିନ୍ନ ରାଜ୍ୟଗୁଡ଼ିକରେ ରାଜ୍ୟଭାଷା ହେବ ଆଞ୍ଚଳିକ ଭାଷା – ଅର୍ଥାତ୍ ରାଜ୍ୟ ଲୋକମାନଙ୍କର ମାତୃଭାଷା । ଗାନ୍ଧିଜୀ ମାତୃଭାଷାକୁ ମାତୃସ୍ତନ୍ୟ ପରି ମୂଲ୍ୟବାନ୍ ମନେ କରୁଥିଲେ । ତାଙ୍କ ଦୃଷ୍ଟିରେ ଯେଉଁ ଲୋକର ମାତୃଭାଷା ପ୍ରତି ମମତା ନାହିଁ, ତାକୁ କେବେ ଦେଶଭକ୍ତ କୁହାଯାଇ ପାରେନା । ଭାଷାବିତ୍ ପ୍ରଫେସର ଗୋଲକ ବିହାରୀ ଧଳ କହିଥିଲେ– ଓଡ଼ିଶାରେ ଯେତେବେଳେ କୃଷି କଲେଜ ସ୍ଥାପନ କରାଗଲା, ଶିକ୍ଷା ମାଧ୍ୟମକୁ ଓଡ଼ିଆ କରିବା ପାଇଁ କେହି କେହି ଉପଦେଶ ଦେଇଥିଲେ, କିନ୍ତୁ ଆମର ଆବଶ୍ୟକୀୟ ଶକ୍ତି କିମ୍ବା ସାହସ ନଥିବାରୁ ସେହି ଗତାନୁଗତିକ ବାଟରେ କାମ ଚାଲିଲା । ମାତୃଭାଷାରେ ଶିକ୍ଷା ହୋଇପାରିଲେ, ଦେଶରେ ଇଂରାଜୀ ଅନଭିଜ୍ଞ ଅଥଚ ଭଲ ଭଲ ଅଭିଜ୍ଞ କୃଷକମାନେ ସେଠି ସାମୟିକ ଶିକ୍ଷା ନେଇପାରି ଥାଆନ୍ତେ । ଆମ କୃଷି ଛାତ୍ରମାନେ ସେମାନଙ୍କ ପାଇଁ ସରଳ ପୁସ୍ତକମାନ ଲେଖିପାରି ଥାଆନ୍ତେ । ଦିନଥିଲା, ଓଡ଼ିଆ ଭାଷା ବିଷୟରେ ବ୍ୟାସକବି ଫକୀର ମୋହନ ସେନାପତି କହିଥିଲେ, ଓଡ଼ିଆ ସେସମୟ ପିଲାମାନଙ୍କ ପକ୍ଷରେ ବଡ଼ ହରବରର କଥା ଥିଲା । ଯାହାର ଇଚ୍ଛା ହେଲା ଓଡ଼ିଆ ପଢ଼ୁ, କେହି ନପଢ଼ିଲା ତ କ୍ଷତି ନାହିଁ । ଏଣେ ଗୋଡ଼ଠାରୁ ମୁଣ୍ଡ ଯାଏଁ ସବୁ ଶ୍ରେଣୀରେ ବଙ୍ଗାଳୀ ମାଷ୍ଟର, ଓଡ଼ିଆ ପଟ ଟାଣି କଥାପଦେ କହିବାକୁ କେହି ନାହିଁ । ସେସମୟ କେବଳ ସ୍କୁଲ ବୋଲି ନୁହେଁ, ସରକାରୀ ସମସ୍ତ ବିଭାଗରେ ଜଣେ ମଧ୍ୟ ଓଡ଼ିଆ ଉଚ୍ଚପଦସ୍ଥ ଥିଲେ ନାହିଁ, ସମସ୍ତ ବଙ୍ଗାଳୀଙ୍କ ଏକମତ । ସମସ୍ତେ ସମାନ ଓଡ଼ିଆ–ବିଦ୍ୱେଷୀ ଆଉ ବିଦ୍ରୂପକାରୀ । ଜ୍ଞାନପୀଠ ପୁରସ୍କାର ବିଜେତା ବିଖ୍ୟାତ ମରାଠୀ ଲେଖକ ଭାଲଚନ୍ଦ୍ର ଭାଣାଜୀ ନେମାଡ଼େଙ୍କ ମତରେ – ମାତୃଭାଷା ମାଧ୍ୟମରେ ଚୀନ୍, ଜର୍ମାନ ଓ ଜାପାନ ପ୍ରଭୃତି ଦେଶମାନଙ୍କରେ ଶିକ୍ଷା ପ୍ରଦାନ କରାଯାଉଛି । ଭାରତରେ ଛୋଟ ବେଳୁ ଛାତ୍ରଛାତ୍ରୀମାନଙ୍କୁ ଇଂରାଜୀ ଭାଷାରେ ଶିକ୍ଷା ଦିଆଯାଏ । ଇଂରାଜୀ ଭାଷା ଓ ଏହି ସଂସ୍କୃତିର ଜୀବାଣୁ ଆମକୁ ଆଉ ଅଧିକ ଆକ୍ରାନ୍ତ କରିବା ଉଚିତ ନୁହେଁ । ପାଞ୍ଚ ହଜାର ବର୍ଷ ତଳେ ଯେଉଁ ଭାଷାକୁ ଆମେ ଗୁରୁତ୍ୱ ଦେଇ ଆସୁଛେ, ଏହାକୁ ଅବହେଳା କରିବା ଅନୁଚିତ୍ । ମାତୃଭାଷା ଶିକ୍ଷାର ମାଧ୍ୟମ ହେଲେ, ଅନେକ ଶିକ୍ଷିତ ସୃଷ୍ଟି ହେବା ସଂଗେ ସଂଗେ ଆମ ଭାଷା ସାହିତ୍ୟ ପ୍ରତି ସେମାନେ ସଚେତନ ହୋଇପାରିବେ ।

ଊନବିଂଶ ଶତାବ୍ଦୀରେ ଓଡ଼ିଶାର ବିଭିନ୍ନ କାର୍ଯ୍ୟାଳୟରେ ଓ ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ବଦଳରେ ବଙ୍ଗଳା ଭାଷା ପ୍ରଚଳନ ପାଇଁ ବଙ୍ଗ ସରକାର ପ୍ରସ୍ତାବ ଦେଇଥିଲେ । ମାତ୍ର ଏପରି ପ୍ରସ୍ତାବକୁ ତତ୍କାଳୀନ କଟକର କମିଶନର ବିରୋଧ କରିଥିଲେ । ସରକାରୀ କାର୍ଯ୍ୟାଳୟରେ କେତେଜଣ ଉଚ୍ଚ ପଦସ୍ଥ ଅଧିକାରୀ ଏପରି ପ୍ରସ୍ତାବକୁ ମଧ୍ୟ ବିରୋଧ କରିଥିଲେ । ଫଳରେ ବିଦ୍ୟାଳୟମାନଙ୍କରେ ଓଡ଼ିଆ ଓ ବଙ୍ଗଳା ଦୁଇଟି ଭାଷା ବ୍ୟବହୃତ ହେଲା । ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ନାହିଁ ଓ ଏହି ଭାଷାରେ ପାଠ୍ୟ ପୁସ୍ତକ ଲେଖାଯାଇପାରିବ ନାହିଁ ବୋଲି ବଙ୍ଗାଳୀ ଅଫିସରମାନେ ଯୁକ୍ତି ବାଢ଼ିଲେ । ଫଳରେ ଓଡ଼ିଆ ଭାଷାରେ ପାଠ ପଢ଼ାଯାଇପାରିବ ନାହିଁ ବୋଲି ବଙ୍ଗ ଭାଷାଭାଷୀ ସରକାରୀ କର୍ମଚାରୀମାନେ ଦୃଢ଼ ମତ ଦେଲେ । ଓଡ଼ିଆ ପାଠ୍ୟ ପୁସ୍ତକ ଲେଖିଯିବା ଦିଗରେ କୌଣସି ପଦକ୍ଷେପ ନିଆଗଲା ନାହିଁ । ଫଳରେ ଓଡ଼ିଆ ଭାଷାରେ ପରୀକ୍ଷା ହୋଇପାରିଲା ନାହିଁ । ୧୮୬୪–୬୫ ଶିକ୍ଷା ବର୍ଷରେ କଟକର ଡେପୁଟି ଇନିସପେକ୍ଟର ଉମାଚରଣ ହାଲ୍‌ଦାର ଓଡ଼ିଆ ଭାଷା ଓଡ଼ିଶାର ବିଦ୍ୟାଳୟଗୁଡ଼ିକରୁ ଉଠାଇ ଦେଲେ କିଛି କ୍ଷତି ହେବ ନାହିଁ ବୋଲି କହିବା ସଂଗେ ସଂଗେ ବଙ୍ଗଳା ଭାଷା ବିଦ୍ୟାଳୟରେ ପ୍ରଚଳିତ ହେଉ ବୋଲି ମତ ଦେଲେ । ମାତ୍ର ତାଙ୍କ ମତାମତ ବିଶେଷ ଗ୍ରହଣୀୟ ହେଇନଥିବା ଜଣାଯାଏ । ୧୮୬୯ ମସିହା ନଭେମ୍ବର ୮ ତାରିଖରେ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କୁ ବଙ୍ଗ ସରକାରଙ୍କ ପକ୍ଷରୁ ଗୋଟିଏ ଚିଠି ଆସିଲା । ଓଡ଼ିଆ ଭାଷାରେ ସ୍କୁଲମାନଙ୍କରେ ଶିକ୍ଷା ଦିଆଯିବା ପାଇଁ ସେହି ଚିଠିରେ ଉଲ୍ଲେଖ ହୋଇଥିଲା । ରେଭେନ୍ସା ସାହେବ ୧୮୬୫ ମସିହା ଜୁଲାଇ ମାସରେ କମିଶନର ଭାବେ ଯୋଗଦେଲେ । ସେ ଓଡ଼ିଆ ଭାଷାପ୍ରେମୀ ଭାବେ ଏହି ଭାଷା ଓଡ଼ିଶାରେ ଅବହେଳିତ ହେଉଛି ବୋଲି ବଙ୍ଗ ସରକାରଙ୍କୁ ଜଣାଇଲେ । ସେହିଦିନଠାରୁ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ଅୟମାରମ୍ଭ ହେଲା ବୋଲି କୁହାଯାଇପାରେ । ୧୮୬୮ ମସିହା ଅପ୍ରେଲ ୧୩ ତାରିଖରେ କମିଶନର ରେଭେନ୍ସା ସାହେବ ଘୋଷଣା କରି କହିଲେ ଯେ – ଓଡ଼ିଶାରେ ଥିବା ବିଦ୍ୟାଳୟମାନଙ୍କରେ ବଙ୍ଗ ଭାଷାର ପ୍ରଚଳନର ଆବଶ୍ୟକତା ନାହିଁ । ଏହି ଭାଷାକୁ ଉଠାଇ ଦେଲେ ଚଳିବ । ସମସ୍ତେ ନିଜ ମାତୃଭାଷା ଶିଖିବା ଉଚିତ୍ । ବଙ୍ଗଳା ଭାଷା ଶିଖିବା ଦ୍ୱାରା ଓଡ଼ିଶା ଲୋକଙ୍କର କିଛି ଉପକାର ହେବ ନାହିଁ । ଓଡ଼ିଆରେ ପାଠ୍ୟ ପୁସ୍ତକ ନାହିଁ ବୋଲି ଦ୍ୱାହୀ ଦେଇ ଓଡ଼ିଶାରେ ଓଡ଼ିଆ ଭାଷା ଶିକ୍ଷାର ମାଧ୍ୟମ ହେବ ନାହିଁ ବୋଲି ଯାହା କୁହାଯାଉଛି, ତାହା ଯଥାର୍ଥ ନୁହଁ । ଏହି ଅବସ୍ଥା ଖୁବ୍ ଶୀଘ୍ର ଦୂର ହୋଇଯିବ । ଏପରି ଘୋଷଣା ସେ କଟକ ହାଇସ୍କୁଲର ଏକ ବାର୍ଷିକ ଉତ୍ସବରେ ଅତିଥି ଭାବେ ଯୋଗଦେଇ ଘୋଷଣା କରିବା ବେଳେ, ଅଣ ଓଡ଼ିଆ ତଥା ଓଡ଼ିଆ ଭାଷାପ୍ରେମୀ କର୍ମବୀର ଗୌରୀଶଙ୍କର ରାୟଙ୍କ ସମେତ ବହୁ

ଓଡ଼ିଆ ଓ ଅଣ ଓଡ଼ିଆ ଭାଷାପ୍ରେମୀ ସେହି ମନ୍ତବ୍ୟରେ ସମ୍ମତ ହୋଇଥିଲେ । କମିଶନରଙ୍କର ଏପରି ଘୋଷଣା ଦ୍ୱାରା ଓଡ଼ିଆ ଭାଷାରେ ପାଠ୍ୟ ପୁସ୍ତକ ରଚିତ ହେବା ପାଇଁ ଉତ୍ସାହ ସୃଷ୍ଟି ହୋଇଥିଲା । ଧୀରେ ଧୀରେ ଓଡ଼ିଆ ପାଠ୍ୟପୁସ୍ତକ ରଚନା ଆରମ୍ଭ ହେଲା ।

କବିବର ରାଧାନାଥ ରାୟ ଓଡ଼ିଶାକୁ ଶିକ୍ଷା ବିଭାଗରେ ୧୮୭୨ ମସିହା ଜୁଲାଇ ୨୬ ତାରିଖରେ ଡେପୁଟି ଇନିସପେକ୍ଟର ହୋଇଆସିଲେ । ସେ ଏପରି ସୁଯୋଗ ଅନେକ ଦିନରୁ ଖୋଜୁଥିଲେ । ଉଚ୍ଚ ପଦପଦବୀ ମଣ୍ଡନ କରିଥିବା ବେଳେ ଓଡ଼ିଆ ଭାଷାର ବିକାଶ ପାଇଁ ତାଙ୍କୁ ଅସୁବିଧା ହେଲା ନାହିଁ । ସେ ୧୮୭୭ ମସିହା ନଭେମ୍ବର ୨୬ ତାରିଖରେ ଜଏଣ୍ଟ ଇନିସପେକ୍ଟର ପଦବୀକୁ ଉତ୍ତୀର୍ଣ୍ଣ ହେଲେ । ୧୮୯୨ ମସିହା ଜୁନ୍ ମାସ ୨୧ ତାରିଖ ଦିନ ଶିକ୍ଷା ବିଭାଗର ଇନିସପେକ୍ଟର ହେବାର ସୌଭାଗ୍ୟ ଅର୍ଜନ କଲେ । ଛାତ୍ରାବସ୍ଥାରେ ଓଡ଼ିଶାରେ ଓଡ଼ିଆ ଭାଷା ପ୍ରତି ଅଣଓଡ଼ିଆମାନଙ୍କର ଯେଉଁ ଅବହେଳା ସେ ଦେଖିଥିଲେ, ଏବେ ଜଣେ ପଦସ୍ଥ ଅଫିସର ଭାବେ ତା'ର ଦୂରୀକରଣ ପାଇଁ ଅଣ୍ଟା ଭିଡ଼ିଲେ । ନିଜେ ପାଠ୍ୟ ପୁସ୍ତକ ଲେଖିବା ସହିତ ବ୍ୟାସକବି ଫକୀର ମୋହନ, କର୍ମବୀର ଗୌରୀଶଙ୍କର, ଭକ୍ତକବି ମଧୁସୂଦନ ଓ ଆହୁରି ଅନେକ ଏ ଦିଗରେ ଲେଖନୀ ଚାଳନା କଲେ । ଓଡ଼ିଆ ଭାଷାରେ ପାଠ୍ୟ ପୁସ୍ତକ ଲେଖାଯାଇପାରେ, ଏମାନେ ଏହା ପ୍ରତିପାଦନ କରିପାରିଥିଲେ । ଏହିପରି ଅବସ୍ଥାରେ ଓଡ଼ିଶାରେ ଓଡ଼ିଆ ଭାଷା ତା'ର ସ୍ଥିତି ଜାହିର କରିପାରିଲା । ସମ୍ବଲପୁର କଚେରୀରେ ହିନ୍ଦୀ ଭାଷା ଓ ଗଞ୍ଜାମର କଚେରୀରେ ତେଲୁଗୁ ଭାଷା ପ୍ରଚଳନକୁ ତୀବ୍ର ବିରୋଧ କରାଗଲା । ସମ୍ବଲପୁରରେ ଗଢ଼ି ଉଠିଥିବା ଭାଷା ଆନ୍ଦୋଳନ କୋର୍ଟ କଚେରୀରେ ଓଡ଼ିଆ ଭାଷା ଓ ଗଞ୍ଜାମରେ ଗଢ଼ି ଉଠିଥିବା ଓଡ଼ିଆ ଆନ୍ଦୋଳନ କୋର୍ଟ କଚେରୀରୁ ତେଲୁଗୁ ଭାଷା ଉଠାଇ ଦେବା ପାଇଁ ଉଦ୍ଦିଷ୍ଟ ଥିଲା । ଏହି ଆନ୍ଦୋଳନ ପ୍ରତି ପ୍ରତ୍ୟେକ ଓଡ଼ିଆଙ୍କର ସମର୍ଥନ ମିଳିଲା । ଫଳରେ ଆନ୍ଦୋଳନ ସକାରାତ୍ମକ ରୂପ ନେଲା । ପରବର୍ତ୍ତୀ କାଳରେ ଓଡ଼ିଆ ଭାଷା ସୁରକ୍ଷା ଦିଗରେ ଅନେକ ପଦକ୍ଷେପ ନିଆଯାଇଛି । ସେଥିଯୋଗୁଁ ଆଜି ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛି ।

ଭାଷା ବିଶେଷଜ୍ଞ ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ, ପ୍ରଫେସର ଗୋଲକ ବିହାରୀ ଧଳ, ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ, ଡକ୍ଟର ଖଗେଶ୍ୱର ମହାପାତ୍ର, ଡକ୍ଟର ଧନେଶ୍ୱର ମହାପାତ୍ର, ପଣ୍ଡିତ ବିନାୟକ ମିଶ୍ର, ଡକ୍ଟର ଗଗନେନ୍ଦ୍ର ନାଥ ଦାସ, ପଣ୍ଡିତ ନୀଳମଣି ମିଶ୍ର ପ୍ରମୁଖଙ୍କ ଧାରାବାହିକ ଉଦ୍ୟମ ଯୋଗୁଁ ଓଡ଼ିଆ ଭାଷା ନିଶ୍ଚିତ ଭାବରେ ଭାରତବର୍ଷରେ ଦୃଷ୍ଟି ଆକର୍ଷଣ କରିଛି । ଏ ଦିଗରେ ଅତୀତରେ କର୍ମବୀର ଗୌରୀଶଙ୍କର ରାୟ, ବ୍ୟାସକବି ଫକୀରମୋହନ ସେନାପତି, ରାଧାନାଥ ରାୟ, ମଧୁସୂଦନ ରାଓ, ଗଙ୍ଗାଧର ମେହେର, ରାଜା ବୈକୁଣ୍ଠ ନାଥ ଦେ ଓ କବିଶେଖର ଚିନ୍ତାମଣି ମହାନ୍ତି ପ୍ରମୁଖ ଲେଖକ ଲେଖିକାଙ୍କ ସହିତ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଜିଲ୍ଲାପାଳ ଜନ୍ ବିମ୍ସ ଓ କମିଶନର ରେଭେନ୍ସା ସାହେବ ପ୍ରମୁଖଙ୍କ ଉଦ୍ୟମ ଓଡ଼ିଆ ଭାଷାର ସ୍ୱତନ୍ତ୍ର ମର୍ଯ୍ୟାଦା ପାଇଁ ଦିଗ୍‌ଦର୍ଶକ ହୋଇଥିଲା । ଏଥିପାଇଁ ଓଡ଼ିଆ ଶାସ୍ତ୍ରୀୟ ମାନ୍ୟତା ପାଇଁ ଗଢ଼ା ଯାଇଥିବା କ୍ରିୟା ଅନୁଷ୍ଠାନ କମିଟିର ସମସ୍ତ ସଦସ୍ୟଙ୍କ ଉଦ୍ୟମ ପ୍ରଶଂସନୀୟ । କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଯେପରି ଆଜି ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦେବାରେ ସକ୍ଷମ ହେଲେ, ତାହା ନିଶ୍ଚିତ ଭାବେ ଓଡ଼ିଆ ଭାଷା ଇତିହାସର ସ୍ମରଣୀୟ ଅଧ୍ୟାୟ । ଏପରି ମାନ୍ୟତା ଯେପରି ବଜାୟ ରହିବ, ସେ ଦିଗରେ ଜନସାଧାରଣ ଓ ରାଜନେତାମାନଙ୍କର ଆଗ୍ରହ ନିଶ୍ଚିତ ଭାବରେ ଆବଶ୍ୟକ, ଏଥିରେ ସନ୍ଦେହ ନାହିଁ ।

**ସହାୟକ ଗ୍ରନ୍ଥ**


୧. ସମ୍ବାଦପତ୍ରରୁ ଓଡ଼ିଶାର କଥା – ସୁଧାକର ପଟ୍ଟନାୟକ
୨. ଉତ୍କଳ ଦୀପିକା – ଓଡ଼ିଆ ଭାଷା ଆନ୍ଦୋଳନ
୩. On the relation of the Uriya to the Modern Aryan Languages - John Beames
୪. ସମ୍ବଲପୁର ହିତୈଷିଣୀ – ପଣ୍ଡିତ ନୀଳମଣି ବିଦ୍ୟାରତ୍ନ



ସଂପାଦକ, 'ସାଳନ୍ଦୀ ସମାଚାର'
ମଠସାହି, ଭଦ୍ରକ


❖ ❖ ❖

# ରାଜଧାନୀ ଭୁବନେଶ୍ୱର ଶୈଶବରୁ ଏଯାବତ୍

ପଣ୍ଡିତ ତ୍ରିଲୋଚନ ମିଶ୍ର

ହଜାର ବର୍ଷର ଐତିହାସକ ନଗର କଟକର କଳ୍ପିତ କଳେବର ବୃଦ୍ଧି ସମ୍ଭବ ନ ହେବାରୁ ତତ୍ ସନ୍ନିକଟ ଏକାମ୍ର କ୍ଷେତ୍ର ଭୁବନେଶ୍ୱରକୁ ନୂତନ ରାଜଧାନୀ ଭାବେ ଗ୍ରହଣ କରାଯାଇ ୧୯୪୮ ଏପ୍ରିଲ ୧୩ ତାରିଖ ଦିନ ଶିଳାନ୍ୟାସ କାର୍ଯ୍ୟ ସମ୍ପନ୍ନ କରାଗଲା । ସେହିଦିନଠାରୁ ବୟସ ବଢ଼ିବା ସହ ନୂଆ ରାଜଧାନୀର କଳେବର ଆଶାତୀତ ଭାବେ ବଢ଼ି ବଢ଼ି ଚାଲିଛି । ପୁରାଣ ଯୁଗରୁ ଏକାମ୍ର କ୍ଷେତ୍ର ଶିକ୍ଷା, ସଂସ୍କୃତି, ଐତିହ୍ୟ, ପ୍ରତ୍ନତାତ୍ତ୍ୱିକ, ଐତିହାସିକ ଅନୁଭବ ଦୃଷ୍ଟିରୁ ନିଜର ସ୍ୱତନ୍ତ୍ରତା ବଜାୟ ରଖି ଆସିଛି । ପଦ୍ମପୁରାଣ, ଏକାମ୍ର ପୁରାଣ, ଶିବ ପୁରାଣ, କପିଳ ସଂହିତା, ଶିବ ସଂହିତା, ପ୍ରାଚୀ ମାହାତ୍ମ୍ୟ ଆଦି ଗ୍ରନ୍ଥରେ ଏକାମ୍ର କ୍ଷେତ୍ରର ମାହାତ୍ମ୍ୟ ବିସ୍ତୃତ ଭାବେ ବର୍ଣ୍ଣିତ । ଖ୍ରୀଷ୍ଟପୂର୍ବ ୫୦୦ ବର୍ଷ ପୂର୍ବରୁ ଏକାମ୍ର କ୍ଷେତ୍ର ଭୁବନେଶ୍ୱର କଳିଙ୍ଗ ସାମ୍ରାଜ୍ୟର ଶାସନ, ପ୍ରଶାସନ, ଶିକ୍ଷା, ସଂସ୍କୃତି ଓ ସଭ୍ୟତାର କେନ୍ଦ୍ରବିନ୍ଦୁ ଥିଲା । କପିଳେଶ୍ୱର ଶିଳାଲିପିରୁ ଏହା ସୁସ୍ପଷ୍ଟ ଯେ ଶାକ୍ୟ ମୁନି ବୁଦ୍ଧଙ୍କ ଜନ୍ମସ୍ଥଳୀ, କର୍ମସ୍ଥଳୀ, ବୌଦ୍ଧ ସଂସ୍କୃତିର ଅଭିବୃଦ୍ଧି, ପ୍ରମୁଖ ପ୍ରଚାର, ପ୍ରସାରର ସ୍ଥଳୀ କଳିଙ୍ଗ ହିଁ ଥିଲା । କଳିଙ୍ଗର ସାଧବ ଭଲ୍ଲିକ ଓ ତପସ୍ସୁ, ସମଗ୍ର ବିଶ୍ୱରେ ପ୍ରବୁଦ୍ଧ ବୁଦ୍ଧଙ୍କର ସର୍ବପ୍ରଥମ ଶିଷ୍ୟର ସୌଭାଗ୍ୟ ପ୍ରାପ୍ତ ହୋଇଥିଲେ । କଳିଙ୍ଗର ବୀରତ୍ୱ, ବୈଭବ, ପାଟଳୀପୁତ୍ର ନରେଶ ଅଶୋକଙ୍କୁ ବିଶ୍ୱବିଦିତ କଳିଙ୍ଗ ଯୁଦ୍ଧର ବିଭୀଷିକା ରଚନା କରିବାକୁ ପ୍ରବର୍ତ୍ତାଇ ଥିଲା । ପାଠକମାନେ ଜାଣି ପାରିବେ ଯେ ଏକାମ୍ର କ୍ଷେତ୍ର, କପିଳେଶ୍ୱର ଆଦି ମୁଖ୍ୟସ୍ଥାନ ସମୂହ ଲୁମ୍ବାଇ ପ୍ରଗଣା ରୂପେ ପ୍ରସିଦ୍ଧି ଲାଭ କରିଥିଲା । ପ୍ରିୟଦର୍ଶୀ ଅଶୋକ ଏହା ଜ୍ଞାତ ହୋଇ ବୁଦ୍ଧଙ୍କ ଜନ୍ମୋତ୍ସବ ଏଠାରେ ପାଳନ ପୂର୍ବକ ଏକ ଶିଳାଲେଖ ସ୍ଥାପନ କରି ଲୁମ୍ବାଇ ପ୍ରଗଣାର ସମସ୍ତ ଅଧିବାସୀଙ୍କ ରାଜସ୍ୱ ଛାଡ଼ କରିଥିଲେ । ପରେ ପରେ ଐର ଖାରବେଳ, କେଶରୀ ନୃପତିଗଣ ତଥା ଗଙ୍ଗବଂଶୀ ନରେଶ ସମୂହ ଭୁବନେଶ୍ୱରକୁ ନିଜ ନିଜର ରାଜଧାନୀ ରୂପେ ଗ୍ରହଣ କରି ନେଇଥିଲେ । ବୌଦ୍ଧ ଯୁଗୀୟ ଶିକ୍ଷାକ୍ଷେତ୍ରରେ ମଧ୍ୟ ଭୁବନେଶ୍ୱର ସନ୍ନିକଟ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ବିଶ୍ୱ ପ୍ରସିଦ୍ଧ ଥିଲା । ଏଠାରୁ ବହୁ ଶିକ୍ଷାଗୁରୁ କଳିଙ୍ଗସାଗର ପଥରେ ସୁମାତ୍ରା ଦ୍ୱୀପସ୍ଥ ଶ୍ରୀବିଜୟ ବିଶ୍ୱବିଦ୍ୟାଳୟକୁ ଯାଇ ଚୀନ୍, ଜାପାନ, ବର୍ମା, ଥାଇଲାଣ୍ଡ ଆଦି ଦେଶର ଶିକ୍ଷାର୍ଥୀମାନଙ୍କୁ ଯୋଗଦର୍ଶନ ଶିକ୍ଷାଦାନ କରୁଥିଲେ । ଆଜିର ଭୁବନେଶ୍ୱରବାସୀ ତାଙ୍କର ଏହି ମହାନ୍ ଐତିହ୍ୟକୁ ସ୍ମରଣ କରି ପର ପିଢ଼ି ପାଇଁ ସାଇତି ରଖିବା ବିଧେୟ ।

ପ୍ରାକୃତିକ ପରିବେଶ ଦୃଷ୍ଟିରୁ ଏକାମ୍ର କ୍ଷେତ୍ରର ଏକ ସ୍ୱତନ୍ତ୍ରତା ଥିଲା । ଆମ୍ବ, ପଣସ, ଜାମୁ, ନିମ୍ବ, କରଞ୍ଜ, ବର, ବେଲ, ଅଶ୍ୱତ୍‌ଥ, କୋଚିଲା, ବଉଳ, ତମାଳ, ଚମ୍ପକ, ଅଶୋକ, ନାଗେଶ୍ୱର, ଅନନ୍ତ ନାଗେଶ୍ୱର, ଉଦୁମ୍ବର ଆଦି ଦେବ ବୃକ୍ଷରେ ଭୁବନେଶ୍ୱର ପରିପୂର୍ଣ୍ଣ ଥିଲା । ଦୁର୍ଲଭ ପଶୁ ପକ୍ଷୀ ସମ୍ପଦଭରା ଏକାମ୍ର ବନାନୀର ବର୍ଣ୍ଣନା ଗଦାଧର ରାୟଙ୍କ ଗଳ୍ପମାଳାରେ ପ୍ରଚାରିତ ହୋଇ ଉତ୍କଳୀୟ ପାଠକମାନଙ୍କୁ ଅନେକ ସୂଚନା ପ୍ରଦାନ କରିସାରିଛି । ଭୁବନେଶ୍ୱରର ଏହି ପୂର୍ବ ଐତିହ୍ୟ ସ୍ମରଣ କରି ନୂଆ ରାଜଧାନୀ ସ୍ଥାପନ ନିମନ୍ତେ ସମସ୍ତ ସାଧନର ସହଜ ଉପଲବ୍ଧିକୁ ବିଚାରକୁ ନିଆଯାଇ ଓଡ଼ିଶା ବିଧାନସଭାର ସମସ୍ତ ସଭ୍ୟ ଭୁବନେଶ୍ୱରକୁ ରାଜଧାନୀ ମାନ୍ୟତା ଦେବା ପାଇଁ ୧୯୪୬ ସେପ୍ଟେମ୍ବର ୩୦ ଅଧିବେଶନରେ ଏକ ପ୍ରସ୍ତାବ ଗୃହୀତ କରାଇ ନେଲେ । ୧୯୪୮ ଏପ୍ରିଲ ୧୩ ତାରିଖ ଶିଳାନ୍ୟାସ କାର୍ଯ୍ୟ ସମ୍ପନ୍ନ ହୋଇ ଚଣ୍ଡୀଗଡ଼ ସହର ପରି ଏକ ଭବ୍ୟ ସହର ପରିକଳ୍ପନା କରାଗଲା ଓ କେନ୍ଦ୍ର ସରକାରଙ୍କଠାରୁ ୧ କୋଟି ୮୫ ଲକ୍ଷ ଟଙ୍କାର ଅନୁଦାନ କାମନା କରାଗଲା । ଶିଶୁ ବୃକ୍ଷଟି ଆଜି ବିଶାଳ ବୃକ୍ଷରେ

ପରିବର୍ତ୍ତିତ ହୋଇ ଆଶାତୀତ ଭାବେ କଳେବର ବୃଦ୍ଧି କରି ଚାଲିଛି । ସହରର ଶିକ୍ଷା ବିଷୟକୁ ବିଚାରକୁ ନେଲେ ମନେପଡ଼େ ବିଶ୍ୱ ପ୍ରସିଦ୍ଧ ଶ୍ରୀ ଲିଙ୍ଗରାଜ ମନ୍ଦିରକୁ ଲାଗି ୧୯୪୦ ମସିହାରୁ 'ଭକ୍ତ କବି ମଧୁସୂଦନ ବିଦ୍ୟାପୀଠ' ନାମରେ ଏକ ଉଚ୍ଚ ବିଦ୍ୟାଳୟ ଏଠାରେ ସ୍ଥାପିତ । ପରେ ପରେ ୧୯୫୦ ମସିହାରେ ରାଜଧାନୀରେ ସର୍ବପ୍ରଥମ ଉଚ୍ଚ ବିଦ୍ୟାଳୟ ୟୁନିଟ–୨ ସର୍ଦ୍ଦାର ପଟେଲ ହଲ ସନ୍ନିକଟରେ ସ୍ଥାପିତ ହୋଇଥିଲା । ଆବଶ୍ୟକତାକୁ ଉପଲବ୍ଧି କରି ବକ୍ସି ଜଗବନ୍ଧୁ ମହାବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଗୋଟିକ ପରେ ଗୋଟିଏ ଗଢ଼ି ଉଠିଲା । ବର୍ତ୍ତମାନ ପ୍ରତିଷ୍ଠିତ ପ୍ରୌଢ଼ ଅବସ୍ଥା, ଅତିକ୍ରାନ୍ତ କରିଥିବା ବୁଦ୍ଧିଜୀବୀମାନଙ୍କ ମଧ୍ୟରୁ ଅଧିକାଂଶ ଏହିସବୁ ବିଦ୍ୟାମନ୍ଦିରର ପୂର୍ବତନ ଛାତ୍ର ।

ନୂଆ ରାଜଧାନୀରେ ଶୈଶବରେ ବିଧାନସଭା, ସର୍ଦ୍ଦାର ପଟେଲ ହଲରେ ଓ ପ୍ରଶାସନିକ ବ୍ୟବସ୍ଥା ବର୍ତ୍ତମାନର ମାର୍କେଟ ବିଲ୍‌ଡିଂ ଗୃହରେ ପରିଚାଳିତ ହେଉଥିଲା । ଆଦ୍ୟ ଅବସ୍ଥାରେ ଲିଙ୍ଗରାଜ ଥାନା, ଲିଙ୍ଗରାଜ ହାଟ ସହଯୋଗର କେନ୍ଦ୍ରବିନ୍ଦୁ ଥିଲା । ଧୀରେ ଧୀରେ ନୂଆ ସଚିବାଳୟ ଭବନ, ଆସେମ୍ଳି ଭବନ, ଡାକସେବା ଭବନ, ରାଜ୍ୟ ସଂଗ୍ରହାଳୟ ଭବନ, ରାଜ୍ୟପାଳ ଭବନ ଆଦି ଭବ୍ୟ ରୂପରେ ଆବିର୍ଭାବ ହେଲା । ଦ୍ୱରାଜୁ ସାହୁଙ୍କ ପରିଚାଳିତ ରାଜମହଲ ହୋଟେଲ ଏକ ନିଚ୍ଚା ଚାଳଘରେ ବରା ପିଆଜି ଆଦି ବିକ୍ରୟର କେନ୍ଦ୍ର ଥିଲା । ପ୍ରାୟ ସବୁ ପ୍ରତିଷ୍ଠିତ ବ୍ୟବସାୟୀ ଖଣ୍ଡେ ଖଣ୍ଡେ ଝୁମ୍ପୁଡ଼ି ପଟିରେ ବ୍ୟବସାୟ ଚଳାଇବା ଦୃଶ୍ୟ ଲେଖକ ସ୍ୱଚକ୍ଷୁରେ ଦେଖିଛନ୍ତି । ପୁରୁଣା ରେଲଓ୍ୱେ ଷ୍ଟେସନ ପାଖରେ ଖଣ୍ଡେ ଖଣ୍ଡେ ପୁରୁଣାକାଳିଆ ବସ୍ ଲାଗୁଥିଲା । ଲୋକମାନେ ଶଗଡ଼ ଗାଡ଼ିରେ ଯିବା ଆସିବା କରୁଥିଲେ । ଧୀରେ ଧୀରେ ଆମ ରାଜଧାନୀ ବଢ଼ି ବଢ଼ି ହଜାର ବର୍ଷର ପୁରୁଣା ରାଜଧାନୀ କଟକ ସହର ସହ ମିଶିଯିବାକୁ ବସିଲାଣି । ୧୯୪୬ ମସିହାରେ ଓଡ଼ିଶା ସରକାରଙ୍କ ପରାମର୍ଶଦାତା ଡ.ଗୋଖେଲ୍ କଟକ, ଭୁବନେଶ୍ୱର ଦ୍ୱୈତନଗରୀର ସମ୍ଭାବନାକୁ ପ୍ରାଧାନ୍ୟ ଦେଇ ଆଗୁଆ ଯୋଜନା ପ୍ରସ୍ତୁତ କରିଥିଲେ । ଆଜି ତାଙ୍କ ସ୍ୱପ୍ନ ସାକାର ହୋଇଛି । ସବୁଜ ସୁନ୍ଦର ପ୍ରାକୃତିକ ପରିବେଶରେ ପରିପୂର୍ଣ୍ଣ ପୂର୍ବ ଭୁବନେଶ୍ୱର ସ୍ଥିତି ବର୍ତ୍ତମାନ ସମ୍ପୂର୍ଣ୍ଣ ବଦଳି ଗଲାଣି । ସ୍ୱଚ୍ଛ ଜଳଧାରା, ଝରଣା, ଜଳାଶୟ ଜଳ ଚଳପ୍ରଚଳର ପଥ ସବୁ ଉଜୁଡ଼ି ଯିବାକୁ ବସିଲାଣି । ଦୁର୍ଲଭ ବୃକ୍ଷ ସମ୍ପଦ ବିଲୁପ୍ତ ପ୍ରାୟ । କେଦାର ଗୌରୀ ଅମୃତକୁଣ୍ଡର ଜଳରେ ପୂର୍ବପରି ଉପକାରୀ ଭେଷଜ ଗୁଣ ସମ୍ଭାର ଲୁପ୍ତ ହେଲାଣି । ଚାରିଆଡ଼େ ଖାଲି ନଭଶ୍ଚୁମ୍ବୀ ଅଟ୍ଟାଳିକା । କଳ, କାରଖାନା, ବସ୍ ଟ୍ରେନ୍ ଆଦିର ଧୂଆଁ ପରିବେଶକୁ ପ୍ରଦୂଷିତ କରିଦେଲାଣି । ଜଳପଥ ଅବରୋଧ ହେତୁ ଆବର୍ଜନା ଜଳ, ବର୍ଷା ଜଳ, ନିଷ୍କାସନରେ ବାଧା ପରିସ୍ଥିତିକୁ ଅଧିକ ଖରାପ କରୁଛି । ସବୁ ସ୍ତରରେ ସଚେତନତା ଓ ନିଷ୍ଠା ନ ରହିଲେ ବିପତ୍ତି ଦିନକୁ ଦିନ ବଢ଼ିଯିବ । ବିଭିନ୍ନ କଲ୍ୟାଣକାରୀ ଯୋଜନାର ସଫଳତା ନିଷ୍ଠା, ଦକ୍ଷତା, ସାଧୁତା ଅଭାବରୁ ବିଫଳତାରେ ପରିବର୍ତ୍ତିତ ହେଉଛି । ବର୍ତ୍ତମାନ ବି ସମୟ ଅଛି ଭଲ ମଣିଷମାନଙ୍କୁ ଖୋଜି ସହଯୋଗ ନେଲେ ପରିସ୍ଥିତି ବଦଳି ଯାଇପାରିବ ।

ଆସନ୍ତୁ, ଆମ ରାଜଧାନୀ ଭୁବନେଶ୍ୱରର ସାଂସ୍କୃତିକ, ପ୍ରଶାସନିକ ପ୍ରାଣକେନ୍ଦ୍ର ଏକାମ୍ର କ୍ଷେତ୍ରକୁ ଏକ ଆଦର୍ଶ ସହର ସ୍ୱରୂପ ପ୍ରଦାନ ନିମନ୍ତେ ସଂକଳ୍ପ ନେବା ।

ପ୍ରାଚୀ ବିହାର
କାକଟପୁର, ପୁରୀ

❖ ❖ ❖

# ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ: ଆରଡି

ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ

### ଶିବ ଓ ଶୈବଧର୍ମ

ଶିବ ଓ ଶୈବ ଧର୍ମ ସଂପର୍କରେ ଐତିହାସିକ ଉପାଦାନ ମଧ୍ୟରେ ମହେଞ୍ଜୋଦାରୋ ଓ ହରପ୍ପା ତଥା ବୈଦିକ ଓ ବେଦୋତ୍ତର ସାହିତ୍ୟକୁ ଛାଡ଼ିଦେଲେ ପାଣିନିଙ୍କର ଅଷ୍ଟାଧ୍ୟାୟୀ ସର୍ବପ୍ରାଚୀନ ପାଣିନିଙ୍କ ପରେ ଅଶ୍ୱଘୋଷଙ୍କ ବୁଦ୍ଧଚରିତ ମେଘାସ୍ଥିନିଙ୍କ ଭାରତ ବିବରଣୀ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର, ଶୁଦ୍ରମୁନିଙ୍କର ମୃଚ୍ଛକଟିକା, ମନୁସ୍ମୃତି ଭାରତ ନାଟ୍ୟଶାସ୍ତ୍ର ଓ ବସ୍ତାୟନଙ୍କ କାମସୂତ୍ର ଓ କାଳିଦାସଙ୍କ କୁମାର ସମ୍ଭବ ଏହାର ଜ୍ୱଳନ୍ତ ପ୍ରମାଣ । ପୁରାଣମାନଙ୍କ ମଧ୍ୟରେ ମହାଭାରତକୁ ପ୍ରାଚୀନ ବୋଲି କୁହାଯାଏ। ମହାଭାରତରେ ବିଭିନ୍ନ ସ୍ଥାନରେ ଶିବଙ୍କର ସ୍ୱ ରୂପ ବର୍ଣ୍ଣିତ ହୋଇଛି। ବନ ପର୍ବରେ ଅର୍ଜ୍ଜୁନ ଶିବଙ୍କ ସହ ଯୁଦ୍ଧ କରିଛନ୍ତି । ସେ ତାଙ୍କଠାରୁ ପାଶୁପତ ଅସ୍ତ୍ର ପ୍ରାପ୍ତ ହୋଇଛନ୍ତି । ମହାଭାରତ ପରି ରାମାୟଣ, ବାୟୁ ପୁରାଣ, ବ୍ରହ୍ମ ପୁରାଣ, ବରାହ ପୁରାଣ, ଶିବ ପୁରାଣ ଇତ୍ୟାଦି ଗ୍ରନ୍ଥମାନଙ୍କରେ ଶିବଙ୍କର ବ୍ୟାପକ ସ୍ୱରୂପ ସଂପର୍କରେ ବହୁ ତଥ୍ୟ ମିଳିଥାଏ। ପୁରାଣ ଯୁଗରେ ଶିବ ଏକାନ୍ତ ଭାବରେ ଲୋକଦେବତାରେ ପରିଣତ ହୋଇସାରିଥିଲେ। ପୁରାଣ ଯୁଗରେ ଶୈବ ଚିନ୍ତାମଣି, ଶୈବ କଳ୍ପଦ୍ରୁମ ପ୍ରଭୃତି ଶିବ ଉପାସନା କୈନ୍ଦ୍ରିକ ଗ୍ରନ୍ଥ ମଧ୍ୟ ରଚିତ ହୋଇ ଶୈବଧର୍ମ ବିକାଶରେ ସହାୟକ ହୋଇ ପାରିଛି। ଏହା ଫଳରେ ବୈଦିକ ପରମ କ୍ରୋଧୀ ଅର୍ଯ୍ୟୋତ୍ତର ଦେବତା ରୁଦ୍ର କ୍ରମେ ପରିମାର୍ଜିତ ଓ ବିକଶିତ ହୋଇ ଆର୍ଯ୍ୟୋଧର୍ମର ପ୍ରଧାନ ଦେବତା ଶିବ ରୂପରେ ପରିଣତ ହୋଇଛନ୍ତି।



### ଆଖଣ୍ଡଳମଣି : ଆରଡି

ଭାରତରେ ଅବସ୍ଥିତ ସମସ୍ତ ଶିବଲିଙ୍ଗ ମଧ୍ୟରେ ଆରଡ଼ିର ଶିବଲିଙ୍ଗ ଶ୍ରୀ ଶ୍ରୀ ଆଖଣ୍ଡଳମଣି ଅନ୍ୟତମ। ଏହି ପୁରାତନ ଶୈବପୀଠଟି ପୁଣ୍ୟତୋୟା ବୈତରଣୀ ଓ ସାଳନ୍ଦୀଠାରୁ ୨ କି.ମି ଦୂରରେ ଅବସ୍ଥିତ। ଓଡ଼ିଶାର ପୁରାତନ ବନ୍ଦର ଚାନ୍ଦବାଲିଠାରୁ ଏହାର ଦୂରତ୍ୱ ୧୨ କିଲୋମିଟର। ଭଦ୍ରକ ସହରଠାରୁ ସ୍ଥଳ ପଥରେ ଗଲେ ୩୭ କିଲୋମିଟର ଯିବାକୁ ହୁଏ । ଆଖଣ୍ଡଳମଣି (୧) ଶବ୍ଦର ଅର୍ଥ ହେଉଛି ଇନ୍ଦ୍ରଙ୍କର ପ୍ରଭୁ, ଶିବ ଯେ ଇନ୍ଦ୍ରଙ୍କର ଉପାସ୍ୟ ଦେବତା ତା'ର ବର୍ଣ୍ଣନା ପ୍ରାଚୀନ କାବ୍ୟରେ ଦେଖିବାକୁ ମିଳେ। କାଳିଦାସଙ୍କ ରଚିତ କୁମାର ସମ୍ଭବମ୍ (୨) ଦ୍ୱିତୀୟ ସର୍ଗରେ ଏପରି ଏକ ବର୍ଣ୍ଣନା ସ୍ଥାନ ପାଇଛି। ଆରଡ଼ିଠାରେ ପ୍ରତିଷ୍ଠିତ ଶିବଲିଙ୍ଗଙ୍କୁ ଆଖଣ୍ଡଳମଣି ନାମରେ ନାମିତ କରାଯାଇ ତାକୁ ମହିମାନ୍ୱିତ କରିବା ସଙ୍ଗେ ସଙ୍ଗେ ତାଙ୍କର ସ୍ୱକୀୟ ପରାକାଷ୍ଠା ପ୍ରତିପାଦନ କରାଯାଇଛି। ସେ ସ୍ୱୟଂ ଇନ୍ଦ୍ର ପ୍ରତିଷ୍ଠିତ ଲିଙ୍ଗବୋଲି ସେଠାରେ ଏକ କିମ୍ବଦନ୍ତୀ ପ୍ରଚଳିତ। ପୁନଶ୍ଚ ଭାରତର ବିଭିନ୍ନ ପ୍ରାନ୍ତରେ ଅଧିଷ୍ଠିତ ଶିବଲିଙ୍ଗ ନାମକରଣରେ (୩) ସାଧାରଣତଃ ନାଥ ଈଶ୍ୱରପଦ ବ୍ୟବହୃତ ହୋଇଥିବା ସ୍ଥଳେ ଆରଡ଼ିଠାରେ ଅଧିଷ୍ଠିତ ଶିବଲିଙ୍ଗଙ୍କଠାରେ ମଣି ପଦ ବ୍ୟବହାର ହେଉଛି। ସମ୍ଭବତଃ ଏହା ଏକମାତ୍ର ବୈସାଦୃଶ୍ୟ

ସମ୍ପନ୍ନ ଦୃଷ୍ଟାନ୍ତ। ଆଖଣ୍ଡଳମଣି ଯେ ପ୍ରାଚୀନ ଶିବଲିଙ୍ଗ ତାହା ମନେ ହୁଏ ନାହିଁ। ଶ୍ରୀ ଶ୍ରୀ ଆଖଣ୍ଡଳମଣିଙ୍କ ଆର୍ବିଭାବ ସଂପର୍କରେ ଥିବା ପ୍ରବାଦ ଅନୁଯାୟୀ ଆରଡ଼ି ଅଞ୍ଚଳ ନୀଳାଦ୍ରି ସମର ସିଂହ ମହାପାତ୍ରଙ୍କର ଜମିଦାରୀ ଅଧୀନରେ ଥିଲା। ଏହି ଜମିଦାର ବଙ୍ଗଳାର ବର୍ଦ୍ଧମାନ ଜିଲ୍ଲାରୁ ଆସିଥିଲେ। ଏହି ସ୍ଥାନଟିର ଜମି ଅତ୍ୟନ୍ତ ଉର୍ବର ଓ ଶସ୍ୟଶାଳୀ। ବୈତରଣୀ ନଦୀର ପଟୁମାଟି ଏହାକୁ ଉର୍ବର ଚାଷ ଜମିରେ ପରିଣତ କରିଥିଲା। ଜନଶ୍ରୁତିରୁ ଶୁଣାଯାଏ ଯେ ଆରଡି ଗ୍ରାମରେ ବାସ କରୁଥିବା ନୀଳାଦ୍ରି ସମର ସିଂହଙ୍କ ହରଡ କିଆରିରେ ହଳ ହେଉଥିବା ସମୟରେ ମୃତ୍ତିକା ତଳେ ଲୁକ୍କାୟିତ ଏକ ଶିବ ଶକ୍ତି ଲୋକଲୋଚନକୁ ଆସିଥିଲା ଏବଂ ପରେ ପରେ ତାକୁ ଉଦ୍ଧାର କରାଯାଇ ଉକ୍ତ ଗ୍ରାମରେ ସ୍ଥାପନ କରାଗଲା। ସେଠାରେ ପ୍ରଥମେ କାଷ୍ଠ ନିର୍ମିତ ଏକ କ୍ଷୁଦ୍ର ମନ୍ଦିର ସ୍ଥାପନ କରାଯାଇଥିବାର ଶୁଣାଯାଏ । ତା'ପରେ ନୀଳାଦ୍ରି ଯାଜପୁରରୁ ପାଞ୍ଚଜଣ ବ୍ରାହ୍ମଣ ଆଣି ପୂଜାପାଠ କରାଇଲେ। କାଳକ୍ରମେ ସେମାନଙ୍କର ବଂଶବୃଦ୍ଧି ହୋଇ ପୂଜକ ପରିବାର ସଂଖ୍ୟା ପ୍ରାୟ ଦୁଇଶହରେ ପହଞ୍ଚିଲେଣି। ପୁସ୍ତକର ଲେଖକ ବୈଲୋଚନ ନାୟକଙ୍କ ତଥ୍ୟ ଅନୁଯାୟୀ ଆଖଣ୍ଡଳମଣି ସମ୍ଭବତଃ ୧୪୦୪ ଖ୍ରୀଷ୍ଟାବ୍ଦରେ ଉତ୍ପତ୍ତି ହୋଇଥିଲେ ଓ କନିକାର ରାଜା ହରିହର ଭଞ୍ଜଦେଓଙ୍କର ରାଣୀ ସତ୍ୟଭାମା ଏହି ମନ୍ଦିର ନିର୍ମାଣ କରିଥିଲେ ।

କନିକା ରାଜା ସାହେବ ପୂର୍ବ ପୁରୁଷ ମଧ୍ୟରୁ କେହି ଜଣେ ଯେ ଏହାର ନିର୍ମାତା, ଏହା ନିର୍ଭରଯୋଗ୍ୟ ତଥ୍ୟ । ଜନଶ୍ରୁତି କହେ ଏକଦା କନିକା ଅନ୍ତର୍ଗତ ରିଘାଗଡ ନାମକ ସ୍ଥାନରେ ଅବସ୍ଥାନ କରୁଥିବା ରାଜା ବଳଭଦ୍ର ଭଞ୍ଜଦେଓ ଦୁରାରୋଗ କୁଷ୍ଠ ରୋଗରେ ପୀଡ଼ିତ ହେଲେ। କୁଷ୍ଠ ରୋଗରୁ ଆରୋଗ୍ୟ ଲାଭ କରିବା ପାଇଁ ଆଖଣ୍ଡଳମଣିଙ୍କ ନିକଟରେ ଧାରଣା ଦେବା ନିମନ୍ତେ ରାଜାଙ୍କୁ ସ୍ୱପ୍ନାଦେଶ ହେଲା। ରାଣୀ ସତ୍ୟଭାମା ପାଟଦେଈଙ୍କୁ ସଙ୍ଗରେ ନେଇ ବହୁଦିନ ଧରି ମଣିଙ୍କର ଉପାସନା କରିବା ପରେ ତାଙ୍କ ମହିମାରୁ ସେ ରୋଗମୁକ୍ତ ହେଲେ। ବଳଭଦ୍ର ଭଞ୍ଜଦେଓ ଭକ୍ତି ଓ କୃତଜ୍ଞତାର ନିଦର୍ଶନ ସ୍ୱରୂପ ତାଙ୍କ ପାଇଁ ଏକ ମନ୍ଦିର ନିର୍ମାଣ କରି ଆଖଣ୍ଡଳମଣିଙ୍କୁ ସେଠାରେ ସ୍ଥାପନ କଲେ। ଉକ୍ତ ବିଷୟକୁ ବିଚାର କଲେ ମନ୍ଦିରଟି ପ୍ରାୟ ୧୮୩୯ ଖ୍ରୀଷ୍ଟାବ୍ଦରେ ତିଆରି ହୋଇଥିଲା ବୋଲି କେତେକ କାଗଜପତ୍ରରୁ ତଥ୍ୟ ମିଳିଥାଏ। ତା ୧୧-୯-୧୯୧୧ରେ ବାଲେଶ୍ୱର ଡେପୁଟୀ କଲେକ୍ଟରଙ୍କ ଦ୍ୱାରା ପ୍ରଦତ୍ତ ଭୂୟାଁ ମ୍ୟାପ୍‌ର ଅବିକଳ ନକଲ ଇତ୍ୟାଦିରୁ ଜଣାଯାଏ ଯେ ୧୮୩୯ରେ ଏକ ସର୍ଭେ କରାଯାଇଥିଲା ଏବଂ ସେସମୟରେ ଏହା ଏକ କାଷ୍ଠ ନିର୍ମିତ ମନ୍ଦିର ଥିଲା। ତେଣୁ ହରିହର ଭଞ୍ଜଦେଓଙ୍କ ରାଣୀ ସତ୍ୟଭାମା ୧୮୩୯ ମସିହା ପରେ ଏହି ମନ୍ଦିର ନିର୍ମାଣ କରିଥିଲେ। ସଂପ୍ରତି ଏଠାରେ ଯେଉଁ ମନ୍ଦିର ରହିଛି, ଏହାର ଉଚ୍ଚତା ପ୍ରାୟ ୫୧ ଫୁଟ ଅଟେ। ଆଖଣ୍ଡଳମଣି ମନ୍ଦିରର ୩୩୫.୯୬ ଏକର ଜମି ରହିଛି। ସଂପ୍ରତି ପ୍ରାୟ ଦେଢଶହ ପରିବାର ଠାକୁରଙ୍କ ପୂଜାର୍ଚ୍ଚନା କରୁଛନ୍ତି।

### ଐତିହାସିକତା ଓ ଏକ ସମର୍ପଣ ପତ୍ର

୧୯୨୧ ମସିହାରେ ଏକ ସମର୍ପଣ ପତ୍ର ଜରିଆରେ ସେବକମାନେ ଦୁଇ କିସ୍ତିରେ ତଦାନୀନ୍ତନ କନିକାଧୀଶଙ୍କୁ ମନ୍ଦିରର ରକ୍ଷଣାବେକ୍ଷଣ ସେବା ପୂଜା ଓ ଅନ୍ୟାନ୍ୟ ବିଧି ବିଧାନର ଭାର ଅର୍ପଣ କରିଥିଲେ। ଏହି ସମର୍ପଣ ପତ୍ରଟି ଅଧୁନା ଜରାଜୀର୍ଣ୍ଣ ଅବସ୍ଥାରେ ଆଖଣ୍ଡଳମଣି ତୀର୍ଥ ଉନ୍ନୟନ କମିଟିର ସଭାପତିଙ୍କ ନିକଟରେ ମହଜୁଦ୍ ଅଛି। ଦଲିଲଟି ଆଖଣ୍ଡଳମଣିଙ୍କର ଜମିଜମା ଓ ସେବକମାନଙ୍କର ଅଧିକାର ବିଷୟରେ ପୂର୍ଣ୍ଣ ସ୍ୱାକ୍ଷର ବହନ କରେ। ବସ୍ତୁତଃ ଉକ୍ତ ପୀଠରେ ଏହା ଏକ ଐତିହାସିକ ଦଲିଲ। ଦିଅଁଙ୍କ ପ୍ରାଚୀନତା ସମ୍ବନ୍ଧରେ ୧୯୪୨ ମସିହା ଜାନୁୟାରୀ ମାସ ୧୫ ତାରିଖରେ ଭଦ୍ରକର ମୁନସଫ ମହୋଦୟ ଶ୍ରୀଯୁକ୍ତ ଜି.ଆର.ରାଓ ତାଙ୍କ ମନ୍ଦିର ସଂକ୍ରାନ୍ତ ଏକ ଐତିହାସିକ ରାୟରେ ତାହା ଉଲ୍ଲେଖ କରିଥିଲେ ଏଠାରେ ପ୍ରଣିଧାନଯୋଗ୍ୟ। ଉକ୍ତ ରାୟରେ ଉଲ୍ଲେଖ ଅଛି In order to appreciate the facts in issue, I may give the brief history of the endowment as gathered from the records filed in the suits.

The origin of the deity is quite obscure. No one knows who had installed. It appears that the ancestors of the Kanika got the present Mandir built and andowed the deity with some immovable properties and appointed two brahmins of Jajpur to attend to worship. କହିବା ବାହୁଲ୍ୟ ଯେ ଉକ୍ତ ରାୟଟି ୧୯୨୧ ମସିହାରେ ମନ୍ଦିର ସଂକ୍ରାନ୍ତ କଟକ ଜିଲ୍ଲା ଜଜ୍ ମହୋଦୟଙ୍କ ଦେଇଥିବା ଏକ ରାୟର revision ମାତ୍ର। ଅଧିକନ୍ତୁ ଦିଅଁଙ୍କ ପ୍ରାଚୀନତା ସମ୍ବନ୍ଧରେ ଓଡ଼ିଶା ଇତିହାସର ଯାଜପୁରକୁ କେନ୍ଦ୍ରକରି ଯେଉଁ ଧର୍ମ ଆନ୍ଦୋଳନ ଆରମ୍ଭ ହୋଇଥିଲା ସେଥିରୁ କିଛି ଆଭାସ ମିଳିଥାଏ। ଓଡ଼ିଆ ସାହିତ୍ୟ ଇତିହାସରେ ପଣ୍ଡିତ ବିନାୟକ ମିଶ୍ର ଉଲ୍ଲେଖ କରିଛନ୍ତି ଯେ ଯଜ୍ଞଦତ୍ତ ଯାଜପୁରରେ ହୋଇଥିବା ଅଧିକ ସମୀଚୀନ। ଶୈବଧର୍ମର ଏହି ଚରମ ଉନ୍ନତି

ସମୟରେ ଆଖଣ୍ଡଳମଣିଙ୍କର ଆରଡି ଅବସ୍ଥାନ ଅସ୍ୱାଭାବିକ ମନେ ହୁଏନା। ସେହି ଯାଜପୁରରୁ ଆସିଥିବା ସେବକ ବ୍ରାହ୍ମଣ ବଂଶ ଓ ମଣିଙ୍କର ଆବିର୍ଭାବ ସମର ସିଂହ ବଂଶର ପୂର୍ବ ପୁରୁଷଗଣ ହିନ୍ଦୁ ଧର୍ମ ଚାପରେ ପଡି ସେଯୁଗର ଏକ ବୁଦ୍ଧ ମୂର୍ତ୍ତିକୁ ଅକ୍ଷୁଣ୍ଣ ରଖିବା ପାଇଁ ଏଠାରେ ଅବସ୍ଥାପିତ କରି ଶିବ ମୂର୍ତ୍ତିରେ ଯେ ରୂପାନ୍ତରିତ କରି ନଥିବେ, ଏ ପ୍ରକାର ଧାରଣାକୁ ଏଡାଇ ଦିଆଯାଇ ନପାରେ। ପୁନଶ୍ଚ ଡଃ ହରେକୃଷ୍ଣ ମହତାବ ତାଙ୍କର ଓଡ଼ିଶା ଇତିହାସରେ ଶୈଳୋଦ୍ଭବ ବଂଶ କଥାର ଅବତାରଣା କରି ଏହି ସମୟରେ ଓଡ଼ିଶାର ଶୈବାରାଧନାର ବହୁଳ ପ୍ରସାର କଥା ଉଲ୍ଲେଖ କରିଛନ୍ତି ।

## ପରିଚାଳନା

କନିକା ଇତିହାସରେ ଉଲ୍ଲେଖ ଅଛି ଯେ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜ ୧୯୦୨ ରେ ରାଜା ହେବା ପରେ ୧୯୨୧ରେ ଆଖଣ୍ଡଳମଣି ମନ୍ଦିର ଦାୟିତ୍ୱ ନେଲେ ଓ ବଡ଼ପଣ୍ଡା ପଦବୀ ପ୍ରଚଳିତ କଲେ। କଟକ ଜିଲ୍ଲା ଜଜ୍ ୧୬–୧–୧୯୩୭ ମସିହାରେ ଏକ ରାୟ ଦେଲେ ଯେ ଜନସାଧାରଣ ହିଁ ମନ୍ଦିରର ମାଲିକ। ୧୨–୩–୪୫ ମସିହାରେ ସରକାର ରାଜାଙ୍କଠାରୁ ମନ୍ଦିର ଦାୟିତ୍ୱ ନେଲେ ଓ ମନ୍ଦିରର ସୁପରିଚାଳନା ପାଇଁ ଏକ ନିୟମ ବାନ୍ଧିଦେଲେ। ସଂପ୍ରତି ଆଖଣ୍ଡଳମଣି ମନ୍ଦିର ଏକ ଟ୍ରଷ୍ଟି ବୋର୍ଡ ଦାୟିତ୍ୱରେ ରହିଛି। ଉପଜିଲ୍ଲାପାଳଙ୍କ ଅଧୀନରେ ପାଞ୍ଚଜଣ ସଦସ୍ୟ ଏହାର ଅନ୍ତର୍ଭୁକ୍ତ। ଜଣେ ସରକାରଙ୍କ ପ୍ରତିନିଧି, ଜଣେ କନିକା ରାଜାଙ୍କ ପ୍ରତିନିଧି। ଦୁଇ ଜଣ ପଣ୍ଡା ଓ ଜନସାଧାରଣ ମଧ୍ୟରୁ ଜଣକୁ ନେଇ ଟ୍ରଷ୍ଟବୋର୍ଡ ଗଠିତ। ମନ୍ଦିର ସଦସ୍ୟ ହେଲେ ଜଣେ ଏକଜ୍ୟୁକିଟିଭ ଅଫିସର, ମେନେଜର, କ୍ଲର୍କ ଗାର୍ଡ, ଝାଡୁଦାର ଓ ଜଣେ ଟହଲିଆ। ଗୋଟିଏ ଧର୍ମଶାଳା, ଅତିଥି ଭବନ, ମନ୍ଦିରର ତିନୋଟି ଫାଟକ ରହିଛି। ୧୪ ଟି ଭୋଗ ଦୋକାନ, ଭୋଗ ମଣ୍ଡପ, ପାର୍ବତୀ ମନ୍ଦିର,କୀର୍ତ୍ତନ ମଣ୍ଡପ ଓ ରୋଷେଇଶାଳ ଇତ୍ୟାଦି ରହିଛି।

## ସେବାପୂଜା

ଉତ୍କଳୀୟ ଶୈବାରାଧନା ରୀତିରେ ଆଖଣ୍ଡଳମଣିଙ୍କର ପୂଜାବିଧି ସମ୍ପାଦିତ ହୁଏ। ବିଶ୍ୱଜଳ, ଅର୍କପୁଷ୍ପ ସହିତ ତୁଳସୀ ମଧ ମଣିଙ୍କ ପୂଜାରେ ବ୍ୟବହାର କରାଯାଇଥାଏ। ବୈଶାଖ ମାସରେ ଚମ୍ପା ଓ ବେଲପତ୍ର ଦିଅଁଙ୍କ ଉପରେ ଚଢାଇବା ଲାଗି ଭକ୍ତଙ୍କର ଭିଡ ଜମେ। ମନ୍ଦିର ସକାଳ ୬ଟା ସମୟରେ ଖୋଲେ ଓ ରାତି ୧୦ଟାରେ ବନ୍ଦ ହୁଏ। ବଡପଣ୍ଡା ଆଳତି କରନ୍ତି ଓ ବାଲ୍ୟଭୋଗ ଦିଅନ୍ତି। ମଙ୍ଗଳ ରାତି ପରେ ଘର୍ଷଣ ଭୋଗ ଦିନ ୧ଟା ପର୍ଯ୍ୟନ୍ତ ହୁଏ। ଏତଦ୍‌ବ୍ୟତୀତ ବଡଭୋଗ ମଧ କରାଯାଏ। ସନ୍ଧ୍ୟା ୫ଟାରୁ ୭ଟା ପର୍ଯ୍ୟନ୍ତ ଆଳତି ହୁଏ। ବାଟୁଳା ରାତ୍ରି ୧୦ଟା ସମୟରେ ଦିଆଯାଏ। ୬ଟାରୁ ୧ଟା ପର୍ଯ୍ୟନ୍ତ ଦିଗମ୍ବର ବେଶ, ୧ଟାରୁ ୩ଟା ପର୍ଯ୍ୟନ୍ତ ଯୋଗୀବେଶ ଓ ଅପରାହ୍ନ ୩ଟା ସମୟରେ ବଡ ସିଂହାର ବେଶ କରାଯାଏ। ତିନି ପ୍ରକାର ଭୋଗ କରାଯାଏ ଯଥା ବଡ ଭୋଗ,ବାଲ୍ୟଭୋଗ ଓ ଘର୍ଷଣ ଭୋଗ। କାହାରିକୁ ସର୍ପାଘାତ ହେଲେ ମଣିଙ୍କ କୁଣ୍ଡଜଳ ଦିଆଯାଏ। ଶତକଡା ୯୯ ଭାଗ ସାପ କାମୁଡା ରୋଗୀ ଭଲ ହୁଅନ୍ତି।

ଆଖଣ୍ଡଳମଣି ପୂଜା ଉପାସନା ସେଠାକାର ସ୍ୱତନ୍ତ୍ର ପୂଜକଙ୍କ ଦ୍ୱାରା ପାରମ୍ପରିକ ପଦ୍ଧତିରେ ସମାହିତ ହୋଇଥାଏ। ପ୍ରତ୍ୟହ ସେ ଦୁଇଟି ବେଶରେ ସୁସଜ୍ଜିତ ହୁଅନ୍ତି। ଯୋଗୀବେଶ ଓ ଅନ୍ୟଟି ବଡସିଂହାର ବେଶ। ଅପରାହ୍ନରେ ବଡ ସିଂହାର ବେଶରେ ବିଭୂଷିତ ଆଖଣ୍ଡଳମଣିଙ୍କୁ ଦର୍ଶନ କଲେ ହୃଦୟରେ ଯୁଗପତ୍ ଏକ ଅପୂର୍ବ ସ୍ପନ୍ଦନ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଚକ୍ଷୁରେ ଆନନ୍ଦାଶ୍ରୁ ଭରିଯାଏ। କମନୀୟ ଓ ନୟନାଭିରାମ, ପୁଣି ଶାନ୍ତ ଓ ଗମ୍ଭୀର ଶୋଭାର କି ଅପୂର୍ବ ସମାବେଶ। ଏଠାକାର ଏକ ବୈଶିଷ୍ଟ୍ୟ ହେଉଛି ନୈବେଦ୍ୟ ଆକାରରେ ଅର୍ପିତ ହେଉଥିବା ଘର୍ଷଣ। ଘିଅ, ମହୁ, ଛେନା, ଦହି, କଦଳୀକୁ ତାଙ୍କ ଦେହରେ ଘର୍ଷଣ କରିବା ପରେ ସେସବୁର ମିଶ୍ରଣରେ ପ୍ରସ୍ତୁତ ସୁଧାମୟ ରସ ମଣିଙ୍କର ଘର୍ଷଣ ନାମରେ ସୁବିଦିତ। ଏତଦ୍‌ବ୍ୟତୀତ ବର୍ଷ ବର୍ଷ ଧରି ପାର୍ଶ୍ୱସ୍ଥ ଏକ କୁଣ୍ଡରେ ସଞ୍ଚିତ ହେଉଥିବା ଆଖଣ୍ଡଳମଣି ସ୍ନାନ ଜଳ, ଦୁଗ୍ଧ, ବେଲପତ୍ର, ମିଶ୍ରିତ ପାଦୁକ ଏଠାକାର ଅନ୍ୟ ଏକ ବୈଶିଷ୍ଟ୍ୟ। ଏହା ସର୍ବରୋଗର ମହୌଷଧି ବୋଲି ଲୋକମାନଙ୍କର ବିଶ୍ୱାସ।

## ଶିବରାତ୍ରି

ଫାଲଗୁନ୍ ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥି। ମହାଦେବଙ୍କ ମହାପର୍ବ। ଅର୍ଦ୍ଧରାତ୍ରିଯାଏ ଉଜାଗର ରହି ମହାଦୀପ ଦାନ କଲେ କୋଟି ଜନ୍ମର ପୁଣ୍ୟ ମିଳେ। ଶିବ ହେଉଛନ୍ତି ମହାଯୋଗୀ। ସଦା ସର୍ବଦା ବ୍ୟାଘ୍ର ଚର୍ମରେ ଉପବେଶନ ପୂର୍ବକ ଧ୍ୟାନମଗ୍ନ ଥାଆନ୍ତି। ଦେହରେ ବୋଳନ୍ତି ଚିତାଭସ୍ମ। ସାପ ତାଙ୍କର ଭୂଷଣ। ବୃଷଭ ହେଉଛି ତାଙ୍କର ବାହନ। ସେ ହେଉଛନ୍ତି ମହେଶ୍ୱର। ଭକ୍ତର ଭକ୍ତିରେ ଅତିଶୀଘ୍ର ତୋଷ ହେଉଥିବାରୁ ସେ ଆଶୁତୋଷ। ଚନ୍ଦ୍ର ତାଙ୍କର ମସ୍ତକରେ ଶୋଭା ପାଉଥିବାରୁ ସେ ଚନ୍ଦ୍ରଶେଖର। ମୃତ୍ୟୁକୁ ଜୟ କରିଥିବାରୁ ସେ ମୃତ୍ୟୁଞ୍ଜୟ। ତାଙ୍କର ଅନ୍ତର ନାମ ପିନାକ ହୋଇଥିବାରୁ ସେ ପିନାକୀ। ବେଳେବେଳେ ଭୀଷଣ ରୂପ ଧାରଣ କରିଥିବାରୁ ସେ ଉଗ୍ର। କଣ୍ଠ ପ୍ରଦେଶରେ ଲକ୍ଷ୍ମୀ ବିରାଜିତ

କରିଥିବାରୁ ସେ ଶ୍ରୀକଣ୍ଠ। ତ୍ରିନୟନ ଯୁକ୍ତ ହୋଇଥିବାରୁ ସେ ତ୍ରିଲୋଚନ। ଶିବ ଶବ୍ଦର ଅର୍ଥ ମଙ୍ଗଳମୟ ।

**ମହା ମୃତ୍ୟୁଞ୍ଜୟ ମନ୍ତ୍ର**

ଶିବ ଧାରଣ କରନ୍ତି ତ୍ରିଶୂଳ ଯାହା କି ସତ୍ତ୍ୱ, ରଜ, ତମ, ଗୁଣରେ ସମନ୍ୱୟ ଭାବକୁ ସୂଚିତ କରେ। ଶିବ ହାତରେ ଧରନ୍ତି ଡମ୍ବରୁ ଯାହା କି ଶବ୍ଦ ବ୍ରହ୍ମ। ମସ୍ତକରେ ଚନ୍ଦ୍ର ସଂଯମତାର ପ୍ରତୀକ। ତାଙ୍କ ଉପାସନା ପାଇଁ ଆବଶ୍ୟକ ହୁଏ ବେଲପତ୍ର। ସର୍ପ ପ୍ରଜ୍ଞା ଏବଂ ଚିରନ୍ତନ ତାର ପ୍ରତୀକ। କାମନା , ବାସନା ଭୋଗ, ବିଳାସ, ଉଶୃଙ୍ଖଳତା, ଅଜ୍ଞାନ, ତନ୍ଦ୍ରା,ଆଳସ୍ୟରୁ ମୁକ୍ତିଲାଭ କରି ଦିବ୍ୟ ପଥରେ ଯାତ୍ରୀ ହେବା ପାଇଁ ଜାଗର ଆମକୁ ଶିକ୍ଷାଦିଏ।

ଶିବଙ୍କର ମନ୍ତ୍ର– ଓଁ ନମଃ ଶିବାୟ।

ଯାହାକୁ ଜପ କଲେ ସକଳ ଦୁଃଖ ଦୁର୍ଗତି ନାଶ ହୁଏ। ପାପ କ୍ଷୟ ହୋଇଯାଏ। ମନୁଷ୍ୟକୁ ଶୈବ ଲୋକର ପ୍ରାପ୍ତି ହୁଏ। ଶିବ ହେଉଛି ଶୁଭ୍ରତାର ପ୍ରତୀକ। ତାଙ୍କର ଉପାସନାରେ ଭକ୍ତର ହୃଦୟ ଓ ମନ ନିର୍ମଳ ହୋଇଯାଏ। ଆଉ ସ୍ୱତଃ ଭକ୍ତ ମୁଖରୁ ବାହାରି ଆସେ:

ଓଁ କାରଂ ବିନ୍ଦୁ ସଂଯୁକ୍ତେ ନିତ୍ୟ ଧ୍ୟାନ୍ତି ଯୋଗିନଃ
କାମଦଂ ମୋକ୍ଷଦଂ ଚୈବଓଁମ୍ କରାୟ ନମୋନମଃ।

ଶିବରାତ୍ରି ଆଖଣ୍ଡଳମଣିଙ୍କର ବଡ ପର୍ବ। ଏହି ଦିନ ହଜାର ହଜାର ତୀର୍ଥଯାତ୍ରୀ ଓଡ଼ିଶା ଓ ଭାରତର କୋଣ ଅନୁକୋଣରୁ ଆସି ଥାଆନ୍ତି। ସକାଳ ସମୟରୁ ଭିଡ ଆରମ୍ଭ ହୋଇଯାଏ। ସବୁ ଭକ୍ତଙ୍କର ଗୋଟିଏ ଇଚ୍ଛା। ତାଙ୍କର ଇଷ୍ଟ ଦେବତାଙ୍କୁ ଏହି ପୁଣ୍ୟ ଦିବସରେ ଦର୍ଶନ କରିବା। ଏହା ସହିତ ଏଇ ଦିନଟି ଆଉ ଏକ ଆବେଗ, ଆଉ ଏକ ଆକର୍ଷଣ ମହାଦୀପ। ଲକ୍ଷ ଲକ୍ଷ ଭକ୍ତଙ୍କର ହରିବୋଲ, ହୁଳହୁଳି ମନ୍ତ୍ର ସ୍ତୋତ୍ର ଗୁହାରି ଭଜନ କୀର୍ତ୍ତନ ଭକ୍ତମାନଙ୍କ ନାଚରେ ଗଗନ ପବନ ପ୍ରକମ୍ପିତ ହୁଏ। ଜଣେ ପଣ୍ଡା ବିରାଟ ଏକ ମାଠିଆ ଘିଅ ଗାମୁଛାରେ ତିଆରି ସଳିତା ପ୍ରଜ୍ୱଳିତ କରି ମୁଣ୍ଡରେ ରଖି ବୃତ୍ତାକାର ମନ୍ଦିରକୁ ତିନିଥର ପରିକ୍ରମା କରି ଦେଉଳ ଚୂଳରେ ସେହି ମହାଦୀପକୁ ସ୍ଥାପନ କରନ୍ତି। ମହାଦୀପ ଦର୍ଶନ ପରେ ଉପବାସ ସମାପ୍ତ ହୁଏ। ଭକ୍ତମାନେ ଆହାର କରନ୍ତି। ଏହି ମହାଦୀପ ସାଧାରଣତଃ ରାତ୍ରି ୩ଟାରୁ ଅପରାହ୍ନ ୪ଟା ମଧ୍ୟରେ ହୁଏ।

ଏତଦ୍‌ବ୍ୟତୀତ ମକର ସଂକ୍ରାନ୍ତି, ସୋମବାର, ଦୋଳ, ପଣା ସଂକ୍ରାନ୍ତି, ଦୁର୍ଗାପୂଜା, ରାହାସ ପୂର୍ଣ୍ଣିମା, ପ୍ରଥମାଷ୍ଟମୀ, ଧନୁସଂକ୍ରାନ୍ତି, ମକର ସଂକ୍ରାନ୍ତି, ସୁନିଆ, ସରସ୍ୱତୀ ପୂଜା, ଗଣେଶ ପୂଜା, ରଜ, ରକ୍ଷାବନ୍ଧନ, ମହାଳୟା, ଜନ୍ମାଷ୍ଟମୀ, କୁମାର ପୂର୍ଣ୍ଣିମା, ରଥଯାତ୍ରା, ଲକ୍ଷ୍ମୀପୂଜା, ବାସନ୍ତୀପୂଜା ଇତ୍ୟାଦି ଦିବସରେ ସ୍ୱତନ୍ତ୍ର ପୂଜାପାଠର ବ୍ୟବସ୍ଥା ରହିଛି।

**ପଞ୍ଚାନନ ମେଳା**

ଓଡ଼ିଶାର କୋଣେ କୋଣେ ତଥା ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ, ବିହାର, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶରେ ଆଖଣ୍ଡଳମଣିଙ୍କ ମହିମା ବିଶେଷ ଭାବରେ ପରିବ୍ୟାପ୍ତ। ଜାନୁଆରୀ ମାସଠାରୁ ଜୁନ୍ ମାସ ଆରଡିରେ ପ୍ରତ୍ୟହ ଯାତ୍ରୀମାନଙ୍କର ସମାଗମ ହୋଇଥାଏ। ତାଙ୍କର ମହିମାରୁ ଦୁରାରୋଗ ବ୍ୟାଧି ପ୍ରଶମିତ ହେଉଥିବାର ଖ୍ୟାତି ପ୍ରଚାରିତ ହେଉଥିବାରୁ କୁଷ୍ଠ, ଯକ୍ଷ୍ମା, ଶ୍ୱାସ, ଉଦରପୀଡା ଆଦି ରୋଗରେ ପ୍ରପୀଡିତ ବହୁ ସଂଖ୍ୟକ ରୋଗୀ ସେଠାରେ ଧାରଣା ହେଉଥିବାର ଦେଖାଯାଏ। ବ୍ୟାଧି ଆରୋଗ୍ୟ ଲାଭ କରିବାର ଶକ୍ତି ରୁଦ୍ର ବା ଶିବଙ୍କ ନିକଟରେ ନିହିତ ଥିବା ସତ୍ୟଟି ଋକ୍ ବେଦରେ ବର୍ଣ୍ଣିତ। ଭିଷକ୍ରମଂ ତାଂ ଭିଷଜାଂ ଶୃଣୋମି ।

ଶ୍ରୀ ଶ୍ରୀ ଆଖଣ୍ଡଳମଣିଙ୍କର ଭକ୍ତମାନେ ମନ୍ଦିରଠାରୁ ଦୂରରେ ରହି ମଧ୍ୟ ତାଙ୍କର ପୂଜା ଆରାଧନା କରିପାରନ୍ତି। ସେହି ପୂଜା ପଞ୍ଚାନନ ମେଳା ନାମରେ ନାମିତ। ଏହି ମେଳାର ବାବାମଣିଙ୍କର ମହିମା ଗୀତ ଆକାରରେ ବର୍ଣ୍ଣିତ ବହିଟି ପାଠ କରାଯାଏ। ସେହି ପଦ୍ୟରେ ବାବାମଣିଙ୍କର ଅପୂର୍ବ ମହିମା ଓ ଅଦ୍ଭୁତ ଶକ୍ତିର ପରିଚୟ ଉଲ୍ଲେଖ କରାଯାଇଛି।

ସାଳନ୍ଦୀ ନଦୀ ତୀରରେ ଆରଡି ଗ୍ରାମରେ ଆଖଣ୍ଡଳମଣି ବିରାଜମାନ କରିଛନ୍ତି। ତାଙ୍କୁ ନର ଓ ଦେବତାମାନେ ପୂଜା କରି ବିପଦରୁ ରକ୍ଷା ପାଆନ୍ତି। ରୋଗୀମାନେ ଆରୋଗ୍ୟ ଲାଭ କରନ୍ତି। ଏପରି କି ଅନ୍ଧ ମଧ୍ୟ ଚକ୍ଷୁଲାଭ କରେ ଓ ଜନ୍ମରୁ ମୂକ ମଧ୍ୟ କଥା କହିପାରେ । ଦରିଦ୍ର ଧନବାନ ହୁଏ, ଅପୁତ୍ରିକ ମଧ୍ୟ ପୁତ୍ରଲାଭ କରେ। ବଧିରକୁ ଶ୍ରବଣ ଶକ୍ତି ଓ ସର୍ପାଘାତ ଇତ୍ୟାଦି ଆରୋଗ୍ୟ ଲାଭ ହୁଏ। ଯିଏ ବିଶ୍ୱାସ, ଭକ୍ତି, ଶ୍ରଦ୍ଧା ସହକାରେ ଯଥାବିଧି ପବିତ୍ରତାର ସହିତ ଏ ମେଳା କରନ୍ତି ତାଙ୍କର ଶାରୀରିକ ମାନସିକ, ଆର୍ଥିକ ଓ ପାର୍ଥିବ ଦୁଃଖ ରହେ ନାହିଁ।

ମେଳା ପାଇଁ ବେଶି ଦ୍ରବ୍ୟ ଦରକାର ନାହିଁ। ମାତ୍ର ପାଞ୍ଚ ପଇସା ଲୋଡା। ଏକ ପାହିର ଗଞ୍ଜାଇ, ପଇସାକର ଘୃତ, ପାହିକର କଦଳୀ ଓ ଗୋଟିଏ ଗୁଆ ମାଗି ଆଣିବା ଦରକାର। ରାତ୍ରି ପାଞ୍ଚଘଡି ବେଳେ ଗୃହରେ ମେଳା ସ୍ଥାପନ କରି ପ୍ରିୟ

ବନ୍ଧୁଗଣଙ୍କୁ ଡକାଇ ଶିବଙ୍କ ଚରଣ ପୂଜିବାକୁ ହେବ। ପ୍ରଥମେ ସ୍ଥାନ ମାର୍ଜନା କରି ଘିଅ ବଳିତା, ଗନ୍ଧପୁଷ୍ପ ଦେଇ ଶିବଙ୍କୁ ପୂଜା କରାଯିବା ବାଞ୍ଛନୀୟ। ଘିଅ ବଳିତା ଲଗାଇ ଶିବଙ୍କୁ ଅର୍ଚ୍ଚନା କରି ଶର୍କରା, ଦୁଧ, ଗଞ୍ଜାଇ, କଦଳୀ ମିଶାଇ ଯତ୍ନ ସହକାରେ ପଣା କରି ନୈବେଦ୍ୟ ଦିଆଯିବା ଦରକାର। ନମଃ ଶିବାୟ ନମଃ ମନ୍ତ୍ର ଉଚ୍ଚାରଣ କଲେ ଆଖଣ୍ଡଳମଣି ପ୍ରସନ୍ନ ହୁଅନ୍ତି। ଭକ୍ତର ମନସ୍କାମନା ପୂର୍ଣ୍ଣ ହୁଏ । ଓଡ଼ିଶାରେ ଗ୍ରାମେ ଗ୍ରାମେ ଆଖଣ୍ଡଳମଣିଙ୍କ ମେଳାରେ ତାଙ୍କର ମହିମା ଯେତେବେଳେ ପୁରୋହିତ ପ୍ରାଣସ୍ପର୍ଶୀ ଓ ଆବେଗମୟ କଣ୍ଠରେ ବୋଲୁଥାଏ, ତାହା ନରନାରୀ ନିବିଷ୍ଟ ମନରେ ଶ୍ରବଣ କରି ଭକ୍ତି ବିନମ୍ର ଚିତ୍ତରେ ପ୍ରଣିପାତ କରୁଥିବାର ଦୃଶ୍ୟ ଦୃଷ୍ଟିଗୋଚର ହୋଇଥାଏ।

ଧନ୍ୟ ସେ ଆଖଣ୍ଡଳମଣି
ମହାମହିମା ଶୂଳପାଣି।
କଳିରେ ପ୍ରତ୍ୟକ୍ଷ ଠାକୁର
ଡାକିଲେ ଦିଅନ୍ତି ଉତ୍ତର।
ତାହାଙ୍କୁ ସେବି ନରଗଣ
ଆପେଁ ତରନ୍ତି ଦହନ।
ଭଲ ହୁଅନ୍ତି ରୋଗୀମାନେ
ଅନ୍ଧ ଯେ ଲଭଇ ନୟନେ।
ବଧିର କରଇ ଶ୍ରବଣ
ଛୋଟା ଯେ କରେ ବିଚରଣ।
ଦରିଦ୍ର ହୁଏ ଧନବାନ
ଅପୁତ୍ରୀ ଲଭଇ ନନ୍ଦନ
ସର୍ପର ବିଷ ହେଲା ଲୀନ
ମୂକ ଯେ ବୋଲଇ ବଚନ।
(ପଞ୍ଚାନନ ମେଳା)

**ଉପସଂହାର**

ଜନସାଧାରଣ, ସରକାର, ଟ୍ରଷ୍ଟି ବୋର୍ଡ ଆନ୍ତରିକ ଭାବରେ ଚେଷ୍ଟାକଲେ ଆଖଣ୍ଡଳମଣିଧାମ ଆରଡି ପର୍ଯ୍ୟଟକ ଓ ଭକ୍ତମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇପାରିବ, ଏଥିରେ ସନ୍ଦେହର ଅବକାଶ ନାହିଁ। ଏଠାରେ ଉନ୍ନତ ମାନର ପାନ୍ଥଶାଳା, ହୋଟେଲର ଆବଶ୍ୟକତା ରହିଛି। ଆଖଣ୍ଡଳମଣି ସମ୍ବନ୍ଧୀୟ ତଥ୍ୟ ସମ୍ବଳିତ ଚଳଚ୍ଚିତ୍ର ଦୂରଦର୍ଶନରେ ପ୍ରଚାର ପ୍ରସାର ଲାଭ କଲେ ଏହି ସ୍ଥାନର ଗୁରୁତ୍ୱ ଆହୁରି ବୃଦ୍ଧି ପାଇବ।

**ସହାୟକ ଗ୍ରନ୍ଥସୂଚୀ**


୧) ପଣ୍ଡା, ପଦୀପ୍ତ କୁମାର । ଓଡ଼ିଶାର ଧର୍ମଧାରା

୨) ମିଶ୍ର, ଜ୍ଞାନେଶ୍ୱର। ଶ୍ରୀ ଶ୍ରୀ ଆଖଣ୍ଡଳମଣୀ : ଅନନ୍ୟ ଶିବଲିଙ୍ଗ

୩) ପଞ୍ଚାନନ ମେଳା

୪) ଦାସ, ରତିକାନ୍ତ। ଉତ୍କଳର ଶୈବପୀଠ, ଆରଡ଼ି ଧାମ

୫) ଭଟ୍ଟାଚାର୍ଯ୍ୟ,ଗୋବିନ୍ଦ ପ୍ରସାଦ। ମହାଶିବରାତ୍ରି, ସାପ୍ତାହିକ ସମାଜ, ୧୪ ଫେବୃଆରୀ , ୧୯୯୬

୬) ମହାନ୍ତି,ଉମାଚରଣ। ଆଖଣ୍ଡଳମଣିଙ୍କ ଭଜନ

୭) Nayak, B. Lord Akhandalamani



ସଭାପତି
ଚାନ୍ଦବାଲି ସାଂସ୍କୃତିକ ପରିଷଦ
ଚାନ୍ଦବାଲି, ଭଦ୍ରକ
ପିନ୍– ୭୫୬୧୩୩


❖ ❖ ❖

# ନବ ଉତ୍କଳ ଗଠନର ପୁରୋଧାଗଣ

**ନିରୁପମା କର**

ଓଡିଶାକୁ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ କରିବା ପାଇଁ ଜୀବନ ବ୍ୟାପି ସ୍ୱପ୍ନ ଦେଖି, ସ୍ୱପ୍ନକୁ ସାକାର କରିବା ପାଇଁ ଲାଗିପଡିଥିଲେ ସେହି ମହାପୁରୁଷ ଉତ୍କଳଗୌରବ ମଧୁସୂଦନ ଦାସ, ଯାହାଙ୍କ ପାଇଁ ଏ ଉତ୍କଳ ମାଟି ଗର୍ବିତ ଗୌରବାନ୍ୱିତ । ମଧୁବାବୁ ନାମରେ ସେ ପ୍ରତ୍ୟେକ ଓଡିଆଙ୍କ ପାଖରେ ପରିଚିତ । ମଧୁବାବୁଙ୍କର ଏହି ସ୍ୱପ୍ନକୁ ରୂପରେଖ ଦେବାପାଇଁ ଯେଉଁ ଶିକ୍ଷିତ ସଂପ୍ରଦାୟ ଅଣ୍ଟାଭିଡି ଆଗେଇ ଆସିଥିଲେ, ସେହି ମହାପୁରୁଷମାନଙ୍କର ଅବଦାନ ପାଇଁ ଆଜି ଓଡିଶା ବୋଲି ସ୍ୱତନ୍ତ୍ର ରାଜ୍ୟଟିଏ ନିଜର ସ୍ଥିତି ବଜାୟ ରଖିପାରିଛି ତାହା ଅନସ୍ୱୀକାର୍ଯ୍ୟ । ଏହି ସଚେତନତାକୁ ଜାତୀୟ ଚେତନା ବା ଜାତୀୟ ଜାଗରଣ ବୋଲି କୁହାଯାଏ ।

ଓଡିଆ ଜାତିର ପରିଚୟ ଓଡିଆ ଭାଷା ସହିତ ସଂପୃକ୍ତ ଥିଲା । କାରଣ ଭାଷା ଭିତ୍ତିରେ ଜାତିର ପରିଚୟ ସାରା ବିଶ୍ୱରେ ସ୍ୱୀକୃତ ହୁଏ । ତେଣୁ ଏକ ସ୍ୱତନ୍ତ୍ର ଗୋଷ୍ଠୀ ଚେତନାରେ ଓଡିଆମାନେ ଅନୁପ୍ରାଣିତ ହେଲେ ଏବଂ ନିଜର ସ୍ୱତନ୍ତ୍ର ପରିଚୟ ପାଇଁ ରାଜନୀତିକ ଏକତ୍ରୀକରଣର ଗୁରୁତ୍ୱ ମଧ ଉପଲବଧି କଲେ । ଏଥିପାଇଁ ଦରକାର ଥିଲା ଏକ ଆନୁଷ୍ଠାନିକ ଭାବରେ ସଂଘବଦ୍ଧ ଉଦ୍ୟମ । ଏହାକୁ ଆନ୍ଦୋଳନ କୁହାଯାଇପାରେ, ସଂଗ୍ରାମ ମଧ୍ୟ କୁହାଯାଇପାରେ । ତେଣୁ ପ୍ରଥମ କରି ଏହା ଭାଷା ଆନ୍ଦୋଳନର ରୂପନେଲା । ଏଥିପାଇଁ ଊନବିଂଶ ଶତାବ୍ଦୀ ଥିଲା ଓଡିଶା ଇତିହାସ ପାଇଁ ବେଶ ତାତ୍ପର୍ଯ୍ୟପୂର୍ଣ୍ଣ । ଏଥିରେ ଯେଉଁମାନେ ମୁଖ୍ୟ କର୍ଣ୍ଣଧାର ଥିଲେ, ସେମାନେ ହେଲେ ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେବ, ରାଧାନାଥ ରାୟ, ନନ୍ଦକିଶୋର ବଳ, ରାମଶଙ୍କର ରାୟ, ଗୋପାଳଚନ୍ଦ୍ର ପ୍ରହରାଜ, ଚନ୍ଦ୍ରମୋହନ ମହାରଣା, ମଧୁସୂଦନ ଦାସ, ନନ୍ଦକିଶୋର ଦାସ, ଗଣପତି ଦାସ, ମଣି ମହାପାତ୍ର, ପ୍ୟାରିମୋହନ ଆଚାର୍ଯ୍ୟ, ଗୋପବନ୍ଧୁ ଦାସ, ଅଭିରାମ ଭଞ୍ଜ ଇତ୍ୟାଦି । ଏହିମାନେ ଓଡିଶାରେ ନବଜାଗରଣର ପ୍ରତୀକ ଥିଲେ । ନୂତନ ଯୁଗର ବାର୍ତ୍ତାବହ ସାଜି ଏମାନେ ଓଡିଆ ଜାତିର ପଥପ୍ରବର୍ତ୍ତକ ରୂପେ ଓଡିଶାକୁ ନୂତନ ରୂପରେଖ ଦେବାରେ ମୁଖ୍ୟ ଭୂମିକା ଗ୍ରହଣ କଲେ । ସେମାନଙ୍କର ସୃଜନଶୀଳତା ଓଡିଆ ସାହିତ୍ୟକୁ ସମୃଦ୍ଧ କରିବାରେ ବେଶ୍ ତାତ୍ପର୍ଯ୍ୟ ବହନ କଲା । ସେମାନେ ପ୍ରାଚୀନ ଉତ୍କଳର ସ୍ମୃତିଚାରଣ କରି ଉତ୍କଳର ଗୌରବମୟ ଇତିହାସକୁ ଲୋକଲୋଚନରେ ପୁନଃଜୀବୀତ କଲେ । ଏହା ଫଳରେ ତରୁଣ ଯୁବପିଢି ବେଶ ପ୍ରେରଣା ପାଇଲେ ଏବଂ ଜାତୀୟ ଜୀବନକୁ ପୁନର୍ଗଠନ କରିବାକୁ ସଂକଳ୍ପବଦ୍ଧ ହେଲେ । ଏହା ଥିଲା ଜାତୀୟତାର ପ୍ରଥମ ତଥା ଆଦ୍ୟ ଶଙ୍ଖଧ୍ୱନି ।

ଗଜପତି ମୁକୁନ୍ଦଦେବଙ୍କ ମୃତ୍ୟୁପରେ ଓଡିଶାରେ ସ୍ୱାଧୀନ ରାଜା କେହି ନଥିଲେ । ସୁତରାଂ ଖ୍ରୀ୧୫୬୮କୁ ସ୍ୱାଧୀନ ଓଡିଶାର ଶେଷ ବା ଅନ୍ତିମ ସମୟ ବୋଲି ସ୍ୱୀକାର କରାଯାଏ । କାରଣ ଗଜପତି ମୁକୁନ୍ଦଦେବଙ୍କ ପରେପରେ ଓଡିଶା ଖଣ୍ଡବିଖଣ୍ଡିତ ହୋଇଗଲା ଏବଂ ଅନେକଗୁଡିଏ ଛୋଟ ଛୋଟ ଦେଶୀୟ ରାଜ୍ୟରେ ପରିଣତ ହୋଇଗଲା । ଖୋରଧାରେ ଭୋଇବଂଶ, କେନ୍ଦୁଝର ଓ ମୟୂରଭଞ୍ଜରେ ଭଞ୍ଜବଂଶ, ସମ୍ବଲପୁର ଓ ପାଟଣାରେ ଚୌହାନ୍ ବଂଶ ବ୍ୟତୀତ ଅନ୍ୟ ସବୁ ଅଞ୍ଚଳରେ ଅନେକ ଅନାମଧେୟ ବଂଶ ସୃଷ୍ଟିହୋଇ ରାଜ୍ୟ ପାଳିଲେ । ଏହା ଦ୍ୱାରା ରାଜ୍ୟ ଦୁର୍ବଳ ହୋଇଗଲା । ଫଳରେ ୧୫୬୮ ରୁ ୧୮୦୩ ପର୍ଯ୍ୟନ୍ତ ଆଫଗାନ ମୋଗଲ ଓ ମରହଟ୍ଟାମାନଙ୍କ ଦ୍ୱାରା ଓଡିଶା ଶାସିତ ହେଲା । କିନ୍ତୁ ୧୮୦୩ରୁ ଇଷ୍ଟଇଣ୍ଡିଆ କମ୍ପାନୀ ସମଗ୍ର ଓଡିଶାରେ ଶାସନ ବ୍ୟବସ୍ଥା ପ୍ରଚଳନ କରିଥିଲେ ମଧ୍ୟ ଓଡିଶାର ଭିନ୍ନ ଭିନ୍ନ ଅଞ୍ଚଳକୁ ଭିନ୍ନଭିନ୍ନ ସମୟରେ ଅଧିକାର କରିଥିଲେ ।

ଏହା ଦ୍ୱାରା ଗୋଟିଏ ଗୌରବମୟ ଜାତିର ଇତିହାସ ଧ୍ୱଂସମୁଖରେ ଲୀନ ହେବାକୁ ବସିଲା । କାରଣ କମ୍ପାନୀ ପ୍ରଥମେ ଦକ୍ଷିଣ ଓଡିଶା ଅଧିକାର କରି ମାନ୍ଦ୍ରାଜ ପ୍ରେସିଡେନ୍‌ସି ଅଧୀନରେ ରଖିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଅଧିକୃତ ଗଡଜାତ ଓ ଉପକୂଳ ଅଞ୍ଚଳ ବଙ୍ଗପ୍ରଦେଶ ଅଧୀନରେ ଏବଂ ତୃତୀୟ ପର୍ଯ୍ୟାୟରେ କେନ୍ଦ୍ର ପ୍ରଦେଶ ଅଧୀନରେ ରଖିଥିଲେ । ଏହାଦ୍ୱାରା ଓଡିଶା ତେଲୁଗୁ, ତାମିଲ, ବଙ୍ଗଳା ଓ ହିନ୍ଦୀ ଭାଷାଭାଷୀ ଅଞ୍ଚଳ ସହିତ ସଂଲଗ୍ନ ହୋଇ ରହିଲା ଓ ଗୋଟିଏ ଓଡିଶା ତିନୋଟି ଓଡିଶାରେ ପରିଣତ ହେଲା । ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ଏହା ଏକ ସଂକଟଜନକ ପରିସ୍ଥିତି ସୃଷ୍ଟିକଲା । ଇଂରେଜ ସରକାର ଏପରି ଭୁଲ ପ୍ରତି ସମ୍ପୂର୍ଣ୍ଣରୂପେ ଆଖିବୁଜିଦେଲେ ଏହା ଏକ ଦୁର୍ଘଟଣା ବୋଲି ଅଭିହିତ କରି । ଏଥି ସହିତ ଆରମ୍ଭ ହୋଇଗଲା କୂଟଚକ୍ରାନ୍ତ ଖଣ୍ଡବିଖଣ୍ଡିତ ଓଡିଶାର ଓଡିଆ ଭାଷାରେ ବିଲୋପସାଧନ ପାଇଁ କିନ୍ତୁ ଏଭଳି ହୀନ ଉଦ୍ୟମକୁ ପ୍ରତିହିତ କରିବା ପାଇଁ ଓଡିଶାର ବୁଦ୍ଧିଜୀବୀ, ଜାତିପ୍ରେମୀ ଓ ଚିନ୍ତାନାୟକମାନେ ଆଗେଇ ଆସିଲେ । ଏଇଠୁ ଭାଷା ଆନ୍ଦୋଳନର ରୂପ ତୀବ୍ର ହେଲା । ପରବର୍ତ୍ତୀ ସମୟରେ ତାହା ଭାଷାଭିତ୍ତିକ ପ୍ରଦେଶ ଗଠନ ପାଇଁ ବା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବାକୁ ସଂଗ୍ରାମର ସୂତ୍ରପାତ ହେଲା ।

ଓଡିଶାରେ ଭାଷା ସଂଙ୍କଟ ଓଡିଆ ସାହିତ୍ୟରେ ନବଯୁଗର ପ୍ରବର୍ତ୍ତକ ସାଜିଲା । ତେଣୁ ଭାଷା ଆନ୍ଦୋଳନର ସୁଫଳ ହିଁ ଜାତୀୟ ଚେତନାର ପରିପ୍ରକାଶ । ଓଡିଆ ଭାଷା ସାହିତ୍ୟକୁ ବଳିଷ୍ଠ ଏବଂ ଋଦ୍ଧିମନ୍ତ କରିବାକୁ ଅନେକ ନୂତନ ଲେଖକ କଲମ ଧରିଲେ । ସେମାନଙ୍କ ଭିତରେ ଉଲ୍ଲେଖନୀୟ ଥିଲେ ଉତ୍କଳ ଦୀପିକାର ସମ୍ପାଦକ ଗୌରୀଶଙ୍କର ରାୟ । ବାଲେଶ୍ୱରର ପ୍ରଖ୍ୟାତ ଜମିଦାର ଓ ପ୍ରେସ୍‌ର ମାଲିକ ରାଜାବୈକୁଣ୍ଠନାଥ ଦେ ସମାଜ ସେବକ ଓ ଐତିହାସିକ ପ୍ୟାରିମୋହନ ଆଚାର୍ଯ୍ୟ ଯିଏକି ଓଡିଶାର ଅତୀତ ଇତିହାସ ରଚନା କରି ଉତ୍କଳବାସୀଙ୍କୁ ଅପୂର୍ବ ପ୍ରେରଣା ଯୋଗାଇବାରେ ସକ୍ଷମ ହୋଇପାରିଥିଲେ । ନାଟ୍ୟକାର ରାମଶଙ୍କର ରାୟ, ପ୍ରତିଷ୍ଠିତ କବି ତଥା ଶିକ୍ଷାବିତ୍ ରାଧାନାଥ ରାୟଙ୍କ ଚେଷ୍ଟା ମଧ୍ୟ ଅନସ୍ୱୀକାର୍ଯ୍ୟ, ତତ୍କାଳୀନ ସମୟରେ ଗୌରୀଶଙ୍କର ରାୟଙ୍କ ସଂପାଦିତ 'ଉତ୍କଳ ଦୀପିକା' ନାମରେ ସାପ୍ତାହିକ ଓଡିଆ ସମ୍ବାଦପତ୍ରର ଭୂମିକା ମଧ୍ୟ କେଉଁ ଗୁଣରେ କମ୍ ନଥିଲା । ଯେଉଁଥିରେକି ସାମାଜିକ ରାଜନୀତିକ ଓ ଅର୍ଥନୀତିକ ଜୀବନ ପ୍ରତିଫଳିତ ହୋଇଥିଲା । କଟକ ସହରର ଜଣେ ବରିଷ୍ଠ ନାଗରିକ ତଥା ବୁଦ୍ଧିଜୀବୀ ଭାବରେ ଅନେକ ଅନୁଷ୍ଠାନ ସହ ସେ ଜଡିତ ଥିଲେ । ଯାହା ଦ୍ୱାରା କି ଜନସାଧାରଣଙ୍କ ଦ୍ୱାରା ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇପାରିଥିଲେ । ତାଙ୍କର ବଳିଷ୍ଠ ସାମ୍ବାଦିକତା ଓ ଆଦର୍ଶ ଓଡିଶାର ଜନଜୀବନକୁ ବହୁ ଭାବରେ ପ୍ରଭାବିତ କରିପାରିଥିଲା । ଏଥିଲା କଟକ ସହର କଥା ।

କଟକ ପରି ବାଲେଶ୍ୱର ମଧ୍ୟ ଥିଲା ଏକ ପ୍ରଗତିଶୀଳ ନଗରୀ । ସେଠାକାର ବରେଣ୍ୟ ଲେଖକ ବ୍ୟାସକବି ଫକୀର ମୋହନ ସେନାପତି ଓ ସମାଜ ସେବକ ଶ୍ୟାମାନନ୍ଦ ଦେ ତତ୍‌କାଳୀନ ସମୟରେ ଯଥାକ୍ରମେ ''ସମ୍ବାଦ ବାହିକା'' ଓ 'ଉତ୍କଳ ଦର୍ପଣ' ନାମକ ଦୁଇଟି ସମ୍ବାଦ ପତ୍ର ପରିଚାଳନା କରୁଥିଲେ । ଉଭୟେ ସମାଜ ସଚେତନାକାରୀ ଏବଂ ସମୟୋପଯୋଗୀ ଲେଖାମାନ ଲେଖି ଜନସାଧାରଣଙ୍କ ମନରେ ଜାତୀୟତାଭାବ ଉଦ୍ରେକ କରିବାରେ ପ୍ରୟାସ ଜାରି ରଖିଥିଲେ । ଆଧୁନିକ ଓଡିଆ ସାହିତ୍ୟକୁ ବାସ୍ତବବାଦୀ, ମାନବବାଦୀ ଓ ରୁଚିକର କରିବା ଦିଗରେ ଫକୀର ମୋହନଙ୍କ ବଳିଷ୍ଠ ଲେଖନୀ ସାରସତ୍ୱ ଆକାଶରେ ସୂର୍ଯ୍ୟସମ ଜାଜ୍ୱଲ୍ୟମାନ ।

ବାମଣ୍ଡାର ରାଜା ସାର ବାସୁଦେବ ସୁଢଳ ଦେବ ମଧ୍ୟ ଜଣେ ପ୍ରଜାବତ୍ସଳ ଉଦାର ଶାସକ ଭାବେ ଖ୍ୟାତି ଲାଭ କରିଥିଲେ । ଗଡଜାତ ରାଜ୍ୟମାନଙ୍କ ମଧ୍ୟରେ ସେ ଥିଲେ ଜଣେ ଦୂରଦୃଷ୍ଟିସଂପନ୍ନ ଶାସକ । ତାଙ୍କ ପୃଷ୍ଠପୋଷକତାରେ 'ସମ୍ବଲପୁର ହିତୈଷିଣୀ' ନାମରେ ସାହିତ୍ୟ ପତ୍ରିକା ପ୍ରକାଶ ପାଉଥିଲା, ଯାହାର ସଂପାଦକ ଥିଲେ ନୀଳମଣି ବିଦ୍ୟାରତ୍ନ । ପଶ୍ଚିମ ଓଡିଶାରେ ବୌଦ୍ଧିକ ନେତୃତ୍ୱ ଦେବାରେ ସେ ବେଶ୍ ପାରଦର୍ଶୀ ଥିଲେ । କାରଣ ସମ୍ବଲପୁରର ଭାଷା ଆନ୍ଦୋଳନର ସେ ହିଁ ଥିଲେ ମୁଖ୍ୟ କର୍ଣ୍ଣଧାର । ପରବର୍ତ୍ତୀ ସମୟରେ ବିଦ୍ୟାରତ୍ନ ନିଜର ଅଭିଜ୍ଞତା ଓ ଅନୁଭୂତି ନେଇ ପରେ ଗଞ୍ଜାମରୁ ପ୍ରଜାବନ୍ଧୁ ପତ୍ରିକାର ସଂପାଦନା ଜାରି ରଖିଲେ । କିନ୍ତୁ ସରକାରଙ୍କର ମନୋଭାବ ପାଇଁ ଗଞ୍ଜାମର ଏହି ଭାଷା ଆନ୍ଦୋଳନ ସଫଳ ହୋଇପାରି ନଥିଲା ।

କିନ୍ତୁ ବହୁଦିନରୁ ସୁପ୍ତଜାତୀୟ ଚେତନାର ଉଦ୍ରେକ ହେବାପରେ ଓଡିଆ ଜାତିର ରାଜନୀତିକ ସ୍ୱପ୍ନକୁ ବାସ୍ତବରେ ପରିଣତ କରିଥିଲେ ଉତ୍କଳଗୌରବ ମଧୁସୂଦନ ଦାସ । ସେଥିପାଇଁ ତାଙ୍କୁ ନବଉତ୍କଳର ଜନ୍ମଦାତାମାନଙ୍କ ମଧ୍ୟରେ ମୁଖ୍ୟ ରୂପେ ସ୍ୱୀକାର କରାଯାଏ । ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ତାଙ୍କର ନିରବଚ୍ଛିନ୍ନ ନେତୃତ୍ୱର ଫଳ ସ୍ୱରୂପ ଓଡିଶା ନିଜର ସ୍ୱତନ୍ତ୍ରତା ପାଇବା ପାଇଁ ପଥ ସୁଗମ ହୋଇପାରିଥିଲା । ୧୮୮୦ ରୁ ୧୯୩୪ ପର୍ଯ୍ୟନ୍ତ ଦୀର୍ଘ ଯାତ୍ରାର ସେ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ ଜନନାୟକ ଓ ଓଡିଶା

ଇତିହାସର ନିୟାମକ । ତତ୍କାଳୀନ ସମୟରେ ଯେଉଁ ଭାଷା ଆନ୍ଦୋଳନ ଭାଷାର ସଂକଟକୁ ନେଇ ଗଢି ଉଠିଥିଲା, ଓଡିଶା ଡିଭିଜନ, ସମ୍ବଲପୁର ଜିଲ୍ଲା ଓ ଗଞ୍ଜାମ ଅଞ୍ଚଳରେ ତାହାକୁ ବ୍ୟାପକ ରୂପଦେଇ ଅଗ୍ରଗତି କରାଇବାରେ ମଧୁବାବୁ ହିଁ ଆଜିର ଏହି ନବ ଉତ୍କଳକୁ ଜନ୍ମ ଦେବାପାଇଁ ସଫଳ ନେତା, ଯିଏକି ଏହି ଆନ୍ଦୋଳନ ବା ସଂଗ୍ରାମକୁ ଠିକ୍ ମାର୍ଗରେ ପରିଚାଳିତ କରିଥିଲେ । ତାଙ୍କର ନିଷ୍ପାପର ଓ ନିଃସ୍ୱାର୍ଥପର ତ୍ୟାଗପୂତ ଜୀବନ ଏଥିପାଇଁ ସମ୍ପୂର୍ଣ୍ଣ ଭାବରେ ଦାୟୀ । ଓଡିଆ ଭାଷା ଓ ଜାତିର ଚରମ ସଙ୍କଟ ଅବସ୍ଥାରେ ସେ ଧ୍ରୁବତାରା ପରି ମାର୍ଗଦର୍ଶକ ସାଜିଥିଲେ ।

ଭାଷା ଆନ୍ଦୋଳନ କ୍ରମେ ରାଜନୈତିକ ଆନ୍ଦୋଳନର ରୂପନେଲା । ଓଡିଶାର ଏକ ପରିପୂର୍ଣ୍ଣ ରାଜନୈତିକ ମାନଚିତ୍ର ପ୍ରସ୍ତୁତ କରିବା ଓ ଓଡିଶାବାସୀଙ୍କ ସାମାଜିକ ତଥା ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରିବାକୁ ୧୯୦୩ରେ ଉତ୍କଳ ସମ୍ମିଳନୀ ଜନ୍ମନେଲା । ଊନବିଂଶ ଶତାବ୍ଦୀର ପ୍ରଥମ ଦୁଇଦଶନ୍ଧି ଧରି (୧୯୦୩ରୁ ୧୯୨୦) ଏହି ଅନୁଷ୍ଠାନ ଓଡିଆ ଜାତିର ସ୍ୱପ୍ନକୁ ସାକାର କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସଫଳ ହୋଇପାରି ଥିଲା ।

୧୯୦୩ ଡିସେମ୍ବର ଶେଷରେ 'ଉତ୍କଳ ସମ୍ମିଳନୀ', କଟକର ପ୍ରସିଦ୍ଧ ଇଦ୍‌ଗାପଡିଆରେ ଏହାର ପ୍ରଥମ ଅଧିବେଶନ ଆୟୋଜନ ହେଲା । ଏଥିରେ ଯୋଗଦେବା ପାଇଁ ଓଡିଆ ଭାଷୀ ଅଞ୍ଚଳର ସବୁରାଜା, ଜମିଦାର, ପଦାଧିକାରୀ ଓ ଜନପ୍ରତିନିଧିଙ୍କୁ ଆହ୍ୱାନ କରାଯାଇଥିଲା ପ୍ରଥମ ଅଧିବେଶନରେ ବାମଣ୍ଡାର ରାଜା ସାର୍‌ବାସୁଦେବ ସୁଢଳଦେବ ଏଥିରେ ସଭାପତି ଆସନ ଅଳଙ୍କୃତ କରିଥିଲେ । କିନ୍ତୁ ତାଙ୍କର ଆକସ୍ମିକ ମୃତ୍ୟୁରେ ତାହା ସମ୍ଭବ ହୋଇପାରି ନଥିଲା । ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସଭାପତି ହୋଇ ଓଡିଆରେ ଏକ ସୁବିସ୍ତୃତ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ । ତାହାଥିଲା ଏହିପରି ।

୧. ବିଚ୍ଛିନ୍ନ ଓଡିଆ ଭାଷୀ ଅଞ୍ଚଳର ପ୍ରଶାସନିକ ଏକତ୍ରୀକରଣ ।

୨. ଶିକ୍ଷ ମାଧ୍ୟମରେ ଓଡିଆମାନଙ୍କର ଆର୍ଥିକ ଉନ୍ନତି ।

୩. ସାମାଜିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସାଧାରଣ ଶିକ୍ଷା, ନାରୀଶିକ୍ଷା ଓ ବୈଷୟିକ ଶିକ୍ଷାର ପ୍ରସାର ।

୪. କୃଷିର ଉନ୍ନତି ପାଇଁ ଜଳସେଚନ ଓ ଉନ୍ନତ କୃଷି ପ୍ରଣାଳୀ ବ୍ୟବସ୍ଥା ।

୫. ସମାଜ ସଂସ୍କାର ପ୍ରବର୍ତ୍ତନ ।

୬. ଖଣିଜ ସମ୍ପଦର ଉପଯୁକ୍ତ ବିନିଯୋଗ ଏବଂ ପଶୁପାଳନ ଓ ବୟନଶିଳ୍ପ ଦ୍ୱାରା ଓଡିଶାର ଆର୍ଥିକ ସଂବୃଦ୍ଧି ସମ୍ଭବ ହୋଇପାରିବ ବୋଲି ମଧ୍ୟ ଉଲ୍ଲେଖ କରିଥିଲେ ।

ଏହି ଅଭିଭାଷଣ ଦ୍ୱାରା ଓଡିଆ ପ୍ରାଣରେ ଏକ ଅଭୂତପୂର୍ବ ଉନ୍ମାଦନା ଜାଗି ଉଠିଥିଲା, ଯାହା ପରବର୍ତ୍ତୀ ସମୟରେ ଆନ୍ଦୋଳନର ରୂପ ପର୍ଯ୍ୟାପ୍ତ କରିବାରେ ସହାୟକ ହୋଇଥିଲା ।

ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ତିରିଶ ଜଣ ରାଜା ଏବଂ ଜମିଦାର, ଓଡିଶାର ତତ୍କାଳୀନ ଶିକ୍ଷିତ ଗୋଷ୍ଠୀ, ଓଡିଶା ଡିଭିଜନର ଉଚ୍ଚପଦାଧିକାରୀ ଓ ଓଡିଶାର ବିଚ୍ଛିନ୍ନ ଅଞ୍ଚଳର ଓଡିଶା ଭାଷାଭାଷୀ ପ୍ରତିନିଧିମାନେ ଯୋଗଦେଇଥିବାରୁ ଏହି ସମ୍ମିଳନୀ ଅସାଧାରଣ ଭାବରେ ସାଫଲ୍ୟମଣ୍ଡିତ ହୋଇପାରିଥିଲା । ଓଡିଆ ଜାତିର ଏକମନ, ଏକପ୍ରାଣ, ଏକ ଆଶା ଓ ଏକ ଉଦ୍ଦୀପନା ସମ୍ମିଳନୀରେ ଦେଖିବାକୁ ମିଳିଥିଲା । ମଧୁବାବୁଙ୍କ ସୁଦୂର ପ୍ରସାରୀ ଯୋଜନା ଫଳବତୀ ହୋଇଥିବାରୁ ସେ ଓଡିଆ ଜାତିର ପୁରୋଧା ରୂପେ ଗୃହୀତ ହେଲେ । ତାଙ୍କର ନେତୃତ୍ୱ ଅପ୍ରତିଦ୍ୱନ୍ଦ୍ୱୀ ଥିଲା ।

୧୯୦୩ରୁ ୧୯୨୦ ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀର ଦୀର୍ଘ କାର୍ଯ୍ୟଧାରା ଭିତରେ ଆହୁରି କେତେଜଣ ମହାପୁରୁଷ ଏଥିରେ ଯୋଗଦେଇ କାର୍ଯ୍ୟ ଧାରାକୁ ଆଗେଇ ନେବାରେ ସଫଳ ହୋଇଥିଲେ । ସେମାନଙ୍କ ମଧ୍ୟରେ ମହାନ ପ୍ରବକ୍ତାଭାବେ ଲକ୍ଷ୍ମୀନାରାୟଣ ସାହୁ ଚିରସ୍ମରଣୀୟ । ଜୟପୁର ଓଡିଆ ଆନ୍ଦୋଳନ, ଓଡିଶା ବିଧାନ ସଭା ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଭାବେ ସେ ନିଜକୁ ଉତ୍ସର୍ଗ କରିଥିଲେ ।

କିନ୍ତୁ ୧୯୧୯ ଅଧିବେଶନରେ ନେତାମାନଙ୍କ ମଧ୍ୟରେ ମତପାର୍ଥକ୍ୟ ଦେଖାଦେବାରୁ ୧୯୨୦ ଚକ୍ରଧରପୁର ଅଧିବେଶନରେ ମଧୁବାବୁ ଆଉ ଯୋଗଦେଲେ ନାହିଁ । ଅଧିବେଶନରେ ଗୋପବନ୍ଧୁ ଦାସଙ୍କ ବନ୍ଧୁ ପୁରୀର ଜଗବନ୍ଧୁ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ।

ଭାଷା ସୂତ୍ରରେ ନବ ଉତ୍କଳ ଗଠନର ସ୍ୱର ଉତ୍ତୋଳନ କରିଥିବା ମହାନ ମନୀଷୀମାନଙ୍କ ମଧ୍ୟରେ ବ୍ୟାସକବି ଫକୀର ମୋହନଙ୍କର ଅବଦାନ ମଧ୍ୟ କିଛି କମ୍ ନୁହେଁ । ତାଙ୍କର କାଳଜୟୀ ଅମର ଲେଖନୀରୁ ନିସୃତ ହୋଇଥିବା ଧାଡି କେଉଁଟି ଏଥିପାଇଁ ବେଶ୍ ଖୋରାକ ଯୋଗାଇ ଥିଲା ସେ ସମୟରେ ।

ଅନେକ ପତ୍ରପତିକା ସମ୍ପାଦନା କରି ସେଥିରେ ମଧ୍ୟ ସେ ଅନେକ ପ୍ରେରଣା ଯୋଗାଇ ଥିଲେ ଏବଂ ସାର୍ ଜନ୍

ବିମସ୍‌ଙ୍କର ଓଡିଆ ଶିକ୍ଷକ ଥିବାରୁ ତାଙ୍କ ନିକଟରେ ସ୍ୱତନ୍ତ୍ର ଉତ୍କଳ ଗଠନର ପ୍ରସଙ୍ଗ ଉତ୍ଥାପନ କରିଥିଲେ ।

ସ୍ୱଭାବ କବି ଗଙ୍ଗାଧର ମେହେର ମଧ୍ୟ ତାଙ୍କର ଲେଖନୀ ମୁନରେ ନିଜର ଦେଶପ୍ରୀତି, ଜାତିପ୍ରୀତିର ପରିଚୟ ଦେଇଛନ୍ତି ।

'ମାତୃଭୂମି ମାତୃଭାଷାର ମମତା ଯା'ହୃଦେ ଜନମି ନାହିଁ,
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନୀ ରହିବେ କାହିଁ' ।

ଏହି ଉକ୍ତିଟି ତା'ର ଜ୍ୱଳନ୍ତ ପ୍ରମାଣ ଆଉ ଜଣେ ଭାଷା ପ୍ରେମୀ ଓ ଦେଶପ୍ରେମୀ ନେତା ଭାବରେ ଚନ୍ଦ୍ରଶେଖର ବେହେରାଙ୍କର ଅବଦାନ ନବଉତ୍କଳ ଗଠନ ପାଇଁ କିଛି କମ୍ ନୁହେଁ । ସେ ଉତ୍କଳ ସମ୍ମିଳନୀର ଜଣେ ନିଷ୍ଠାପର ସଂଗ୍ରାମୀ । ଉତ୍କଳ ଜନନୀଙ୍କର ଅନ୍ୟତମ ସୁଯୋଗ୍ୟ ସନ୍ତାନ ଶଶି ଭୂଷଣ ରଥ 'ସ୍ୱତନ୍ତ୍ର ଉତ୍କଳ ଗଠନ'କୁ ନିଜର ଚରମ ଲକ୍ଷ୍ୟ ଭାବରେ ଗ୍ରହଣ କରିନେଇଥିଲେ 'ଆଶା' ପତ୍ରିକା ସମ୍ପାଦନା କରି ଏବଂ ନିଜର ଜୀବନ ଉତ୍ସର୍ଗ କରିଥିଲେ ଯିଏ କି ଓଡିଆ ଜାତିର ଚୀର ନମସ୍ୟ ।

ଉତ୍କଳ ମାତାର ଏହି ସୁଯୋଗ୍ୟ ସନ୍ତାନମାନଙ୍କ ଛଡା ଆହୁରି ଅନେକ ପ୍ରାତଃ ସ୍ମରଣୀୟ ବରପୁତ୍ର ରହିଯାଉଛନ୍ତି ଲୋକଲୋଚନ ଆଢୁଆଳରେ ଯାହାଙ୍କ ପାଇଁ ଆଜି ଆମେ ଗର୍ବିତ ଓ ଗୌରବାନ୍ୱିତ । ଓଡିଶାକୁ ସ୍ୱତନ୍ତ୍ର ପ୍ରଦେଶ ଭାବରେ ପାଇ ସେହିମାନଙ୍କର ନିରବଚ୍ଛିନ୍ନ ଉଦ୍ୟମ ଯୋଗୁ ୧୯୩୬ ଏପ୍ରିଲ ୧ ତାରିଖ ଦିନ ଓଡିଶାକୁ ସ୍ୱତନ୍ତ୍ର ପ୍ରଦେଶର ଅଧିକାର ଦେବାପାଇଁ ଭାରତର ତତ୍କାଳୀନ ଇଂରେଜ ସରକାର ଅଙ୍ଗୀକାରବଦ୍ଧ ହୋଇଥିଲେ । ସେହି ମହାପୁରୁଷମାନଙ୍କୁ ଭକ୍ତିପୂତ ପ୍ରଣାମ ତଥା ଶ୍ରଦ୍ଧାଞ୍ଜଳି ଜଣାଇ ଆମେ ନିଜକୁ ଧନ୍ୟ ମନେ କରିବା ।

କ୍ୱାଟର୍ସ ନଂ– ୨ଆର–୬
ୟୁନିଟ୍–୮, ଭୁବନେଶ୍ୱର

# ଓଡିଆ ଭାଷା

**ଦିଲ୍ଲୀପ କୁମାର ବେହୁରା**

ଭାଷାଗତ ନେଇ ଆମରି ରାଇଜ
ଗଢା ହୋଇଥିଲା ଦିନେ
ଓଡିଆ ଭାଷାଟି କେତେ ଯେ ପୁରୁଣା
କେବେ ଭାବିଛକି ମନେ ।
ଉଣେଇଶି ଶହ ଛତିଶି ମସିହା
ଏପ୍ରିଲ ପହିଲା ଦିନ
ସ୍ୱତନ୍ତ୍ର ଓଡିଶା ହୋଇଲା ଗଠନ
ହରଷ ସଭିଙ୍କ ମନ ।
ଶାସ୍ତ୍ରୀୟ ମାନ୍ୟତା ପାଇଲା ଓଡିଆ
ସଭିଏଁ ହୋଇଲେ ଖୁସି
ଆମରି ଭାଷାକୁ ଆମେ ହିଁ ଜଗିବା
ସବୁଏଠି ମିଳିମିଶି ।
ଭାଷାକୁ ଜଗିଲେ ଜାତିକୁ ଜଗିବା
ସଂସ୍କୃତି ରହିବ ଟେକ
ଗର୍ବ କରୁଥିବା ଆମେରେ ଓଡିଆ
ଧରି ଓଡିଆର ଭେକ ।

ଭାଷା ପ୍ରୀତି ସାଥେ ମାତୃପ୍ରୀତି ରଖି
ଚାଲୁଥିବା ଯେବେ ରହି
ଧନ୍ୟ ହେବ ଆମ ଜନମ ଏଠାରେ
ଓଡିଆର ଭାବ ବହି
ସଜାଗ ହୋଇଲେ ଆମେରେ ଓଡିଆ
ରହିବ ରାଇଜ ନାମ
ଓଡିଆ ମାଟିର ସ୍ୱାଭିମାନ ରଖ
ଦେଇ ଭାଷା ପ୍ରତି ଧ୍ୟାନ ।
ଗାଁଠୁ ସହର ଦେଶ ବିଦେଶରେ
ଯେଉଁଠି ଓଡିଆ ଥାଉ
ମା' ମାତୃଭାଷା କେବେ ଭୁଲିବାନି
ଏତିକି ମନରେ ରହୁ ।

ଗ୍ରା–ପୋଖରୀଆ, ପୋ– ମହୁଲିଆ
ଥାନା: ରାଜନଗର, ଜିଲ୍ଲା: କେନ୍ଦ୍ରାପଡା

# ଶ୍ରୀମନ୍ଦିରରେ ସୂର୍ଯ୍ୟ ଉପାସନା

ନଗେନ୍ଦ୍ର ନାଥ ପଟ୍ଟନାୟକ

ରତ୍ନ ସିଂହାସନର ପ୍ରମୁଖ ଦେବତା ନୀଳାଦ୍ରି ସିଂହ ଶ୍ରୀଜଗନ୍ନାଥଙ୍କ ପୁରୋଭାଗରେ ଭ୍ରାତୃଦ୍ୱୟଙ୍କ ମଧ୍ୟରୁ ଜଣେ ଗରୁଡ ଓ ଶ୍ରୀମନ୍ଦିର ସମ୍ମୁଖରେ ଅନ୍ୟ ଜଣେ ଅରୁଣସ୍ତମ୍ଭ ରୂପେ ବିଦ୍ୟମାନ । ନୀଳାଚଳ ଶିଖର ଦେଶ ମଣ୍ଡନ କରୁଛନ୍ତି ତେଜିୟାନ ଭାସ୍କର । ଅରୁଣ ସୂର୍ଯ୍ୟଙ୍କର ସପ୍ତାଶ୍ୱବାହିତ ଏକ ଚକ୍ର ରଥର ଅନନ୍ୟ ଅନୁରୂପ ସାରଥି । ସୂର୍ଯ୍ୟ ଉଦୟ ପୂର୍ବ ଅରୁଣ ବର୍ଣ୍ଣ ହିଁ ବୋଧହୁଏ ସାରଥି ରୂପେ ପରିକଳ୍ପିତ। ଏଣୁ ଶୁକ୍ଳ ଯଜୁଃବେଦରେ 'ଉଷା ସମୁଦ୍ରୋ ପୂର୍ବସ୍ୟ ଯୋନିଂ ପିତୁରାବିବେଶ'ରେ ଅରୁଣ ହିଁ ସୂର୍ଯ୍ୟ ଦେବ ବୋଲି କଥିତ। ଜଗତକୁ ପ୍ରକାଶମୟ ଅବସ୍ଥାରେ ପ୍ରକଟିତ କରୁଥିବା ହେତୁ ଭଗବାନ ସୂର୍ଯ୍ୟ ହିଁ ସ୍ୱୟଂ ଜଗନ୍ନାଥ ବିଷ୍ଣୁ। ବୈଦିକ ବିଷ୍ଣୁ ମଧ୍ୟ ଦ୍ୟୁସ୍ଥାନର ପ୍ରଧାନ ଦେବତା ସୂର୍ଯ୍ୟ ଛଡା ଆଉ କେହି ନୁହଁନ୍ତି। ସୂର୍ଯ୍ୟଙ୍କର ଅନ୍ୟ ଏକ ନାମ ଆଦିତ୍ୟ। ଅର୍ଥାତ ଅଦିତିଙ୍କ ପୁତ୍ର କାଶ୍ୟପେୟ ବିଷ୍ଣୁ ଦକ୍ଷ କନ୍ୟା ଅଦିତିଙ୍କ ଔରସରୁ ସବୁ ଦେବତାଙ୍କ ଜନ୍ମ । ଏଣୁ ବିଷ୍ଣୁ ତ୍ରିବିକ୍ରମ ବୋଲି ଅଭିହିତ । ସ୍କନ୍ଦ ପୁରାଣରେ ବି ସୂର୍ଯ୍ୟରୂପୀ ବିଷ୍ଣୁଙ୍କ ସମ୍ପର୍କରେ ଅବତାରଣା କରାଯାଇଛି।

'ସ ତୁ ଶ୍ୱାମ୍ବସ୍ୟ ଦେବେଶି ସୂ ଯ୍ୟୋ ବିଷ୍ଣୁ ସ୍ୱରୂପବାନ
ଅପରଂ ମୂର୍ତିମାସ୍ଥାୟୀ ବିଷ୍ଣୁ ରୂପୋ ବରଂ ଦଦୌ।।
ତେନାପରେତି ନାମ୍ନା ବୈଖ୍ୟା ତୋ ବିଷ୍ଣୁଃ ପୁରାଭବତ।।
ପୂଜୟେତ୍ ପୁଣ୍ଡରୀକାକ୍ଷଂ ତତ୍ର ସୂର୍ଯ୍ୟସ୍ୱରୂପିଣମ୍।।'

ନିଖିଳ ପ୍ରାଣଶକ୍ତିର ଆଧାର ସୂର୍ଯ୍ୟ ହିଁ ଶ୍ରୀଜଗନ୍ନାଥ ବିଷ୍ଣୁ। ସେଥିପାଇଁ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିର ବହିଃପାର୍ଶ୍ୱରେ ଅରୁଣ ଓ ମନ୍ଦିର ଭିତରେ ଗରୁଡ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ବିଜେ କରିଛନ୍ତି। ଋଗ୍‌ବେଦରେ ସୁପର୍ଣ୍ଣ ହିଁ ସୂର୍ଯ୍ୟଦେବ ବୋଲି ବିବେଚିତ।

'ବିସୁପର୍ଣ୍ଣ ଅନ୍ତରୀକ୍ଷାଣ୍ୟଖ୍ୟଦ୍ ଗଭୀର ବେପାଅସୁରଃ ସୁନୀଥଃ।
କ୍ୱେଦାନୀଂ ସୂର୍ଯ୍ୟ କଃଚିକେତ କତମାଂଦ୍ୟାଂ ରଶ୍ମିରସ୍ୟା ତପନ।'

ଶ୍ରୀମନ୍ଦିର ଆଭ୍ୟନ୍ତରରେ ଭଗବାନ ସୂର୍ଯ୍ୟଙ୍କ ପୂଜନ ସ୍ୱତନ୍ତ୍ର ବିଧିମତେ ଅନୁଷ୍ଠିତ ହୋଇଥାଏ। ଭିତରେ ବେଢାରେ ବଟ ଗଣେଶ, ଗଣେଶ (ବିମଳାଙ୍କ ସାମନାରେ), ଭଣ୍ଡଗଣେଶ ଇତ୍ୟାଦି ଯେପରି ଗାଣପତ୍ୟ ସମ୍ପ୍ରଦାୟର, ସତ୍ୟନାରାୟଣ, ବଟକୃଷ୍ଣ, ନୀଳମାଧବ ଆଦି ଯେପରି ବିଷ୍ଣୁ ଉପାସନାର, ଅଗ୍ନିଶ୍ୱର ମହାଦେବ, ପାତାଳେଶ୍ୱର ପ୍ରଭୃତି ଯେପରି ଶୈବ ପାଧାନ୍ୟର, ଭଦ୍ରକାଳୀ , ସରସ୍ୱତୀ, ଲକ୍ଷ୍ମୀ ଓ ବିମଳା ଯେମିତି ଶାକ୍ତର, ଠିକ ସେହିପରି ସୌର ପୂଜାର ଚିହ୍ନ ସ୍ୱରୂପ ବିଦ୍ୟମାନ ହୋଇଛନ୍ତି ମନ୍ଦିରର ଉତ୍ତର ଭାଗରେ ତଥା ଲକ୍ଷ୍ମୀ ମନ୍ଦିର ପୂର୍ବକୁ ସୂଯ୍ୟନାରାୟଣ। ଲକ୍ଷ୍ମୀ ମନ୍ଦିର ଆଗ ପାଖରେ ଥିବା ସୂର୍ଯ୍ୟନାରାୟଣ ବିମାନ ଜଗମୋହନ ଓ ନାଟମନ୍ଦିର ଥିବା ଏକ ପୂର୍ଣ୍ଣାଙ୍ଗ ମନ୍ଦିର ଭିତରେ ଅବସ୍ଥିତ। ଏଥିରେ ପୂଜିତ ହେଉଛନ୍ତି ସପ୍ତାଶ୍ୱ ଖଚିତ ଏହି ସୂର୍ଯ୍ୟନାରାୟଣ ମୂର୍ତ୍ତି ଯାହା କୋଣାର୍କରୁ ଆସିଥିବା କୁହାଯାଏ । ସୂର୍ଯ୍ୟ ଯେପରି ଏକ ଚକ୍ରବିଶିଷ୍ଟ ରଥରେ ଆରୋହଣ କରି ଅନ୍ତରୀକ୍ଷ ପରିକ୍ରମା କରନ୍ତି, ସେହିପରି ଜଗନ୍ନାଥ ନନ୍ଦିଘୋଷ ରଥାରୂଢ ହୋଇ ଗୁଣ୍ଡିଚା ଯାତ୍ରା କରିଥାନ୍ତି । ସୂର୍ଯ୍ୟଙ୍କର ତେଜୋରୂପା ଶକ୍ତି ଯେପରି ରାତ୍ରିଗର୍ଭରେ ବାଲ ସୂର୍ଯ୍ୟ ସଂଗେ ଜନ୍ମଗ୍ରହଣ କରନ୍ତି, ଠିକ ସେହିପରି ଜଗନ୍ନାଥ ତେଜୋରୂପା ସୁଦର୍ଶନର ଚକ୍ର ବା ଲିଙ୍ଗ ରୂପେ ଗ୍ରହଣ କରିବା ଅନ୍ତରାଳରେ ଏହି ଗୋଟେ ଯୁକ୍ତିର ସମନ୍ୱୟ ପରିଲକ୍ଷିତ ହୋଇଥାଏ ।

ସୂର୍ଯ୍ୟ ହେଉଛନ୍ତି ଛାୟା ଦେବୀଙ୍କ ପତି। ତାଙ୍କ ପାଦପଦ୍ମ ପୁତ୍ର ଯମ ଦ୍ୱାରା ଅର୍ଚ୍ଚିତ ହେଉଥିବା ବେଳେ ହାତରେ ତାଙ୍କର ଶୋଭା ପାଉଥାଏ ପଦ୍ମ। ବିନତାସୁତ ଅରୁଣ ତାଙ୍କ ସମ୍ମୁଖରେ

ବିରାଜିତ। ନିଶାଚର ପେଚା ଇତ୍ୟାଦିଙ୍କ ସୁଖ ନାଶ କରିବାରେ ସେ ପାରଙ୍ଗମ, ସୁଦକ୍ଷ। ସ୍ୱଚ୍ଛ ନୀଳ ଆକାଶ କୋଳରେ ସେ ସର୍ବଦା ବିଚରଣ କରିଥାନ୍ତି। ଘନ ଅନ୍ଧକାର ରାତିକୁ ନାଶ କରନ୍ତି। ସକଳ ତେଜ ତାଙ୍କଠାରେ ପରାଭୂତ ହୋଇଥାନ୍ତି। ନିଜ କନ୍ୟା କାଳିନ୍ଦୀର ସେ ଆନନ୍ଦବର୍ଦ୍ଧକ । ତାଙ୍କୁ ଅବଲୋକନ କଲେ ପଦ୍ମ ଆନନ୍ଦରେ ପ୍ରସ୍ଫୁଟିତ ହୁଏ ।

ପଞ୍ଚଭୂତରେ ଗଢ଼ା ଏହି ମନୁଷ୍ୟ ତେଜସ୍ତତ୍ତ୍ୱର ଦେବତା ପୃଥ୍ୱୀର ପୃଥୁଳତାର ପ୍ରତୀକ ଗଣେଶଙ୍କୁ ଚନ୍ଦନ ଚର୍ଚ୍ଚିତ କରି ଜଳତତ୍ତ୍ୱର ଦେବତା ଶିବଙ୍କୁ ସ୍ନାନାଭିଷେକ କରି ସୂର୍ଯ୍ୟଙ୍କ ପ୍ରଦୀପ ଦ୍ୱାରା ଅର୍ଚ୍ଚନା କରି ଆକାଶତତ୍ତ୍ୱର ଦେବତା ବ୍ୟାପନଶୀଳ ବିଷ୍ଣୁଙ୍କୁ ପୁଷ୍ପ ବିଭୂଷଣ କରି ଏବଂ ପ୍ରାଣତତ୍ତ୍ୱର ପ୍ରତୀକ ଦେବୀଙ୍କ ଧୂପିତ କରି ପଂଚୋପଚାରରେ ସେମାନଙ୍କ ଉପାସନାରେ ନିଜକୁ ନିୟୋଜିତ ରଖୁ । ବିଶେଷକରି,ଅନ୍ଧକାର ଅପହାରୀ ହରି ସୂର୍ଯ୍ୟ ଆମ୍ଭମାନଙ୍କୁ ସକଳ ପାପରୁ ଉଦ୍ଧାର କରନ୍ତୁ– ଏହା ହିଁ ହେଉ ଆଜିର ପାବନ ତିଥିରେ ଆମର ବିଷ୍ଣୁ ସୂର୍ଯ୍ୟ ଶ୍ରୀଜଗନ୍ନାଥଙ୍କଠାରେ ଭକ୍ତିପୂତ ମିନତି ।

ଜିଲ୍ଲା କୋଷାଗାର ଅଧିକାରୀ
ପୁରୀ

❖ ❖ ❖

# ଶପଥ

**ଗୁରୁ ପ୍ରସାଦ ରଥ**

ସେ କାଳର ଅଙ୍ଗ, ବଙ୍ଗ ଆଉ ଯେ କଳିଙ୍ଗ
ଯାଉଥିଲେ ପୁଏ ଭେଦି ଉତାଳ ତରଙ୍ଗ ।
କାଳର କରାଳ ଗରଭେ ଢାଳି ନିଜ ରଙ୍ଗ
ହୋଇଥିଲେ ଏକାକାର ଯାହା ଥିଲା ବଙ୍ଗ ।

ନଥିଲା ଓଡ଼ିଆ ଭାଷା, ନଥିଲା ପୁସ୍ତକ
ନଥିଲା ଓଡ଼ିଆ ରାଜ୍ୟ କାହିଁବା ମସ୍ତକ ।
ଭାଷା ପାଇଁ ଜାତି ପାଇଁ ଝରାଇ ଲୋତକ
ଦାସ ପଣେ ଢାଳି ଗଲେ ଲେଖିଲେ ପୁସ୍ତକ ।

ଫକୀର ମୋହନ ମୋହେ ମୋହିଥିଲେ ଯେତେ
ଗୋପବନ୍ଧୁ ବନ୍ଧୁ ହୋଇ ରହିଲେ ଜଗତେ ।
ମଧୁବାବୁ ଓକିଲାତି କରିଥିଲେ ଯେତେ
ସ୍ୱତନ୍ତ୍ର ରୂପରେ ତାହା ପାଇଲେ ସମସ୍ତେ ।

ଆସ ବନ୍ଧୁ ଭାଇ ଆମେ ଏକାଠି ହୋଇବା
ନିଜ ରାଜ୍ୟ ସୁଖ ପାଇଁ ଭାବନା କରିବା ।
ଉତ୍କଳ ଦିବସେ ଆଜି ଶପଥ କରିବା
ରାଜ୍ୟର ଉନ୍ନତି ପାଇଁ ହାତ ମିଶାଇବା ।

ମଧ୍ୟଶାସନ, ଜିଲ୍ଲା– ଜଗତସିଂହପୁର

❖ ❖ ❖

# ଓଡିଆ ଭକ୍ତି କବିତାର ବହୁଳତା ଓ ପ୍ରାଚୀନତା

କସ୍ତୁରୀ ଖଟାଇ

କବିତା ସ୍ୱୟଂ ପ୍ରକାଶ, ସ୍ୱୟଂ ସମ୍ପୂର୍ଣ୍ଣ ଏବଂ ଅନପେକ୍ଷ ବୋଲି କୁହାଯାଏ । ତଥାପି ଏହା ଅପେକ୍ଷା ରଖେ, କେବଳ ପ୍ରକାଶର ନୁହଁ ଅନୁକୂଳ ସମୟର, ଅନୁକୂଳ ବ୍ୟାଖ୍ୟାର, ଅନୁକୂଳ ମାନସିକତାର, ପ୍ରାଚୀନ କାବ୍ୟକାର । ତେଣୁ ପ୍ରକାଶ ସମୟରେ ବିବେକୀ ଗ୍ରାହକର ସମ୍ଭାବନା କାମନା କରିଥିଲେ । କବି ତ୍ରିକାଳଦର୍ଶୀ, ଜୀବନର, ସଭ୍ୟତାର, ପୃଥିବୀର ଭବିଷ୍ୟତର, ସର୍ବୋପରି ସମୟର । କବିତା ସକଳ ପ୍ରାକୃତିକତାର ବ୍ୟାଖ୍ୟା ବହନ କରେ । ବାସ୍ତବତାର ବାୟୁରେ କବିତାର ଶ୍ୱାସକ୍ରିୟା ସମାହିତ, ବାସ୍ତବଲବ୍ଧ ଜ୍ଞାନ ସହ କବି ତା'ର ତୃତୀୟ ଓ ଚକ୍ଷୁଲବ୍ଧ ରମ୍ୟତାକୁ ମିଶାଇ କବିତା ସୃଷ୍ଟି କରେ ।

କବିତା ସ୍ୱୟଂସୃଷ୍ଟ ନୁହେଁ କବି ସୃଷ୍ଟ । ଏହା ବଳଶାଳୀ ଭାବାନୁଭୂତିର । କବିତା ସ୍ୱତଃସ୍ଫୁର୍ତ୍ତ ପ୍ରକାଶ ସତ୍ୟ କବି ମାନସ ଓ କବିତାର ସମ୍ପର୍କ ଜନନୀ ଜଠର ସମ୍ଭୂତ ସନ୍ତାନର ସମ୍ପର୍କ ପରି ଜଟିଳ । କବିତା ସୃଷ୍ଟିରେ କବିର କୌଶଳ, ଅନସ୍ୱୀକାର୍ଯ୍ୟ । କବିତା କବିର ଶ୍ରବଣ ଦର୍ଶନ ଓ ବାଚନ ଏଇ ତ୍ରିବିଧ ସମ୍ପଦରେ ସମୃଦ୍ଧ ଏବଂ ଏହା ଗଭୀର ବ୍ୟଞ୍ଜନାମୟ । ସାଧନା ବିନା କବି କବିତାକୁ ପାଏ ନାହିଁ । ସାଧନା ବିନା ଏହାକୁ ହୃଦୟଙ୍ଗମ କରିବା ମଧ୍ୟ ସହଜ ନୁହେଁ । ଏହାକୁ ହୃଦୟଙ୍ଗମ କରିବା ପାଇଁ ପାଠକକୁ ଭୋକ୍ତାର ଭେକ ନେବାକୁ ପଡେ, ସ୍ଥଳ ବିଶେଷରେ ସହାୟତା ଲୋଡିବାକୁ ପଡେ ପ୍ରମାଣର । କବିତା କିପରି ସୁନ୍ଦର ଓ କାହିଁକି ଭଲ ଲାଗେ ତା'ର ସପକ୍ଷରେ ଅନ୍ତତଃ ଦୁଇଟି ପ୍ରଚଳିତ ଉକ୍ତିକୁ ଏଠାରେ ଉଦ୍ଧାର କରାଯାଇ ପାରେ ।

ପ୍ରଥମତଃ କହିଜାଣିଲେ କଥା ସୁନ୍ଦର
ଦ୍ୱିତୀୟତଃ, ଯିଏ ଯାହାକୁ ରସିଲା ଅବା ଇଂରାଜୀରେ
"Beauty lies in the eyes of the beholder.
କବିତା ପ୍ରସଙ୍ଗରେ ଉପରୋକ୍ତ ଉକ୍ତିଗୁଡିକ ଯଥାର୍ଥ ମନେହୁଏ ।

### ଆଧୁନିକ ଭାରତୀୟ ସାହିତ୍ୟରେ ଭକ୍ତି ଗୀତରେ ବହୁଳତା ଓ ପ୍ରାଚୀନତା

ଭାରତୀୟ ସାହିତ୍ୟମାନଙ୍କ ମଧ୍ୟରୁ ଦକ୍ଷିଣ-ଭାରତୀୟ, ବିଶେଷତଃ ତାମିଲ, ତେଲୁଗୁ, ମାଲାୟାଲମ୍ ଓ କନ୍ନଡ୍ ସାହିତ୍ୟରେ ଭକ୍ତିମୂଳକ ଗୀତକାବ୍ୟ ସମୂହ ବହୁ ପ୍ରାଚୀନ କାଳରୁ ରଚିତ ହୋଇଥିବାର ନିଦର୍ଶନ ମିଳେ । ତନ୍ମଧ୍ୟରୁ ତାମିଲ୍ ସାହିତ୍ୟ ଏହି କ୍ଷେତ୍ରର ସବୁଠାରୁ ସମୃଦ୍ଧ ବୋଲି ପରିଗୃହୀତ ହୁଏ । ତାମିଲ ସାହିତ୍ୟର ସୁପ୍ରସିଦ୍ଧ ଭକ୍ତି-କବିତାର ସଂଗ୍ରହ ଚାରି ସହସ୍ର ଗୀତ ବିଶିଷ୍ଟ 'ନାଲ୍ୟିରପ୍ରି ମନ୍ତମ୍' ଦ୍ୱାଦଶଭକ୍ତ ଆଲଓ୍ୱାରଙ୍କ ଦ୍ୱାରା ଦ୍ୱାଦଶ ଶତାବ୍ଦୀର ବହୁ ପୂର୍ବରୁ ଲିଖିତ ହୋଇଥିଲା । ନବମ ଶତାବ୍ଦୀ ମଧ୍ୟରେ ଶୈବନୟନମାରମାନଙ୍କ ରଚିତ ୭୦୦୦ ସ୍ତୁତି ଗୀତ ସମ୍ବନ୍ଧିତ 'ଧ୍ରୁବରମ୍' ମଧ୍ୟ ତାମିଲ ସାହିତ୍ୟରେ ସୁପ୍ରସିଦ୍ଧ । ଏହାଛଡା ତାମିଲ ସାହିତ୍ୟର ଉତ୍ତର-ମଧ୍ୟଯୁଗ (୧୨୦୦-୧୭୫୦)ର ବିଶିଷ୍ଟ ବୈଷ୍ଣବ କବି ପିଲାର ପେରୁମାଲ ଆୟଙ୍ଗାରଙ୍କ ରଚନା 'ଅଷ୍ଟପିର ବନ୍ଧମ୍' ମଧ୍ୟ ସୁପ୍ରସିଦ୍ଧ ।

ତେଲୁଗୁ ସାହିତ୍ୟରେ ବୈଷ୍ଣବ ଧର୍ମର ଦୁଇଟି ବିଭାଗ ରାମ ଓ କୃଷ୍ଣ ସମ୍ବନ୍ଧୀୟ ଗୀତିକାବ୍ୟର ବିକାଶ ଘଟିଥିଲେ ହେଁ ରାମଙ୍କ ଉଦ୍ଦେଶ୍ୟରେ ଲିଖିତ ସଙ୍ଗୀତଜ୍ଞ କବି ତ୍ୟାଗରାଜଙ୍କ ସଙ୍ଗୀତାବଳୀ ଅଧିକ ପ୍ରସିଦ୍ଧ । କନ୍ନଡ ସାହିତ୍ୟରେ ସପ୍ତଦଶ ଶତାବ୍ଦୀରେ ପୁରନ୍ଦର ଦାସ ଓ କନକ ଦାସ ଜନପ୍ରିୟ ଓ ଉଚ୍ଚକୋଟୀର ବହୁ ଭକ୍ତିଗୀତ ରଚନା କରିଥିଲେ । ମରାଠୀ ସାହିତ୍ୟରେ ଚତୁର୍ଦ୍ଦଶ ଶତାବ୍ଦୀରେ ରଚିତ ଭକ୍ତ ଏକନାଥଙ୍କ 'ଅଭଙ୍ଗ' ନାମରେ ପରିଚିତ ଭାଗବତ-ପ୍ରଭାବ ପୁଷ୍ଟ ଭକ୍ତି-ଗୀତଗୁଡିକ ସୁପ୍ରସିଦ୍ଧ । ଏହାଙ୍କ ପରେ କବି ତୁକାରାମଙ୍କ ରଚିତ ଅଭଙ୍ଗ ସମୂହକୁ ମହାରାଷ୍ଟ୍ରର ବିଶେଷ ଜନପ୍ରିୟ ଓ ପ୍ରଭାବଶାଳୀ ଭକ୍ତି ଗୀତଭାବେ ଗ୍ରହଣ କରାଯାଇଥାଏ । ଗୁଜରାଟି

ସାହିତ୍ୟରେ ନରସିଂହ ମେହେଟ୍ଟା (୧୪୧୪–୧୪୮୦) ଭଲାନା (୧୪୩୪–୧୫୩୪) ମୀରାବାଈ (୧୪୯୯–୧୫୪୭) ନକର (୧୫୫୦–୧୫୭୦) ବିଷ୍ଣୁ ଦାସ, ପ୍ରେମାନନ୍ଦ (୧୬୩୬–୧୭୩୪) ପ୍ରଭୃତିଙ୍କୁ ଭାରତର ସୁପ୍ରସିଦ୍ଧ ଭକ୍ତି– ଗୀତ ରଚୟିତା ଭାବେ ଗ୍ରହଣ କରାଯାଇଥିଲା। ବଙ୍ଗ ସାହିତ୍ୟରେ ଚୈତନ୍ୟଙ୍କୁ ପୂର୍ବବର୍ତ୍ତୀ ଚଣ୍ଡୀ ଦାସ ଓ ଚୈତନ୍ୟଙ୍କ ପରବର୍ତ୍ତୀ ମୁରାରି ଗୁପ୍ତ, ନରହରି ସରକାର, ବାସୁଦେବ ଘୋଷ, ରମାନନ୍ଦ ବାସୁ ଜ୍ଞାନଦାସ, ଗୋବିନ୍ଦ ଦାସ, ଲୋଚନ ଦାସ, ବଳରାମ ଦାସ, ଶେଖର ଦାସ, ପ୍ରଭୃତି ବହୁ କବି କୃଷ୍ଣଲୀଳାତ୍ମକ ସଙ୍ଗୀତ ରଚନା କରିଯାଇଛନ୍ତି। ବଙ୍ଗଳାର କୃଷ୍ଣ ଉପାସନା ପ୍ରାଧାନ୍ୟ ଲାଭ କରିଥିଲେ ହେଁ ସହଜିଆ ବୈଷ୍ଣବ ଭାବ ସମ୍ବଳିତ ବହୁ ଗୀତି କବିତା ବଙ୍ଗ–ସାହିତ୍ୟରେ ପରିଦୃଷ୍ଟ ହୁଏ। ଆସାମର ପଞ୍ଚଦଶ ଶତାବ୍ଦୀର କବି ଶଙ୍କର ଦେବ ରାଧାକୃଷ୍ଣ ସମ୍ବନ୍ଧୀୟ ବହୁ କୀର୍ତ୍ତନ ରଚନା କରିଥିଲେ। ତାହାଙ୍କ ଶିଷ୍ୟ ମାଧବ ଦେବ ସେଗୁଡ଼ିକୁ ସଂଗ୍ରହ କରି ସ୍ୱରଚିତ କେତେକ ସଂଗୀତ ସହ ତାହା ସଂପାଦନ କରିଥିଲେ। ଏହା 'ସଂଯୁକ୍ତ କୀର୍ତ୍ତନ ଘୋଷ' ନାମରେ ପରିଚିତ । 'ବରଗୀତ' ନାମରେ ପରିଚିତ ପରବର୍ତ୍ତୀ ଭକ୍ତିଗୀତଗୁଡ଼ିକରେ କୃଷ୍ଣଙ୍କ ବିବିଧ ଲୀଳା ବର୍ଣ୍ଣିତ ହୋଇ ଥିଲେ ହେଁ ତହିଁରେ ବାତ୍ସଲ୍ୟ ଭାବାଶ୍ରୟୀ ଗୀତିକାରର ଉତ୍କର୍ଷ ପ୍ରାଧାନ୍ୟ ପରିଲକ୍ଷିତ ହୁଏ ।

ଏହିପରି ଉତ୍ତର–ଭାରତୀୟ ତଥା ଦକ୍ଷିଣ–ଭାରତୀୟ–ସାହିତ୍ୟମାନଙ୍କରେ ଅଷ୍ଟାଦଶ ଶତାବ୍ଦୀର ବହୁ ପୂର୍ବରୁ ଭାରତୀୟ ଭକ୍ତି ସଂଗୀତ ଭକ୍ତ କବିମାନଙ୍କ ଦାନରେ ସମୃଦ୍ଧ ହୋଇଅଛି।

### ଭକ୍ତି କବିତାର ରୂପକ ଓ ରହସ୍ୟବାଦ

ଆଧ୍ୟାତ୍ମ୍ୟ ଜୀବନର ଅନୁଭୂତି ସ୍ୱଭାବତଃ ରହସ୍ୟମୟ। ସାଧାରଣ ବ୍ୟକ୍ତିର ସ୍ଥୂଳ ଇନ୍ଦ୍ରିୟ ବୋଧଦ୍ୱାରା ତାହା ଅଧିଗମ୍ୟ ହେବାର ବିଷୟ ନୁହେଁ । ଏଣୁ ସହଜ ଓ ସାଧାରଣ ଭାବରେ ସେଇ ବିଚିତ୍ର ଅନୁଭୂତିକୁ ଅଭିବ୍ୟକ୍ତ କରିବା ସମ୍ଭବ ନୁହେଁ । ସମ୍ଭବତଃ ସେଥିପାଇଁ ସବୁ ଦେଶର ଭକ୍ତ କବିମାନଙ୍କ ଧର୍ମାନୁଭୂତି ମୂଳକ ଗୀତିକାବ୍ୟରେ ରହସ୍ୟବାଦିତାର ବ୍ୟଞ୍ଜନା ଉପଲବ୍ଧି ହୋଇଥାଏ। ପାଶ୍ଚାତ୍ୟ ଆଲୋଚକଗଣ ମଧ୍ୟ ଆତ୍ମା ଓ ପରମାତ୍ମାଙ୍କ ସମ୍ମିଳନର ଦିବ୍ୟ ଅନୁଭୂତି ସଂପର୍କୀୟ ଧାରଣାକୁ ସାଧାରଣ ବୋଧ ଶକ୍ତିର ବହିର୍ଭୂତ ବିଷୟ ବୋଲି ଅଭିହିତ କରି ଅଛନ୍ତି। ଅନ୍ୟ ଭାଷାରେ କହିଲେ ଆଧ୍ୟାତ୍ମିକ ସମ୍ମିଳନ ଲାଗି ନିରୁପାଧି ଭଗବାନଙ୍କୁ ପ୍ରତୀକ ନିକଟକୁ ଆଣିବାର ପ୍ରଚେଷ୍ଟା ହିଁ ରହସ୍ୟବାଦ। ଓଡ଼ିଶାର ପଞ୍ଚସଖା ଓ ଅନ୍ୟାନ୍ୟ ଧର୍ମସାଧକମାନେ ଦିବ୍ୟ ଦୃଷ୍ଟି ଓ ଅଲୌକିକ ଶକ୍ତିସମ୍ପନ୍ନ ଥିଲେ। ଏଣୁ ସେମାନଙ୍କ ଗୀତାବଳୀ ସ୍ଥାନେ ସ୍ଥାନେ ରହସ୍ୟମୟ ଓ ଅଲୌକିକ ବ୍ୟଞ୍ଜନା ସମୃଦ୍ଧ ହେବା ଏକାନ୍ତ ସ୍ୱାଭାବିକ। ଏହି କବିମାନଙ୍କ ଗୀତାରେ ବିଭିନ୍ନ ଅଲୌକିକ ରୂପକମାନଙ୍କ ଦ୍ୱାରା ଦିବ୍ୟ ଚେତନାର ଅଭିବ୍ୟକ୍ତ ହୋଇଥିବାର ଦେଖାଯାଏ। ଏଗୁଡ଼ିକ ରୂପକ ଧର୍ମୀ କବିତା କୁହାଯାଇପାରେ। ରୂପ ବା ଭାବ ଲାଗି ଏକ ପ୍ରତିରୂପ ରଚନା କରି ମୂଳ ରୂପ ବା ଭାବକୁ ସୁପରିସ୍ଫୁଟ କରିବା ହିଁ ରୂପକଧର୍ମୀ କବିତାର ବିଶିଷ୍ଟ ଲକ୍ଷଣ। ଧାର୍ମିକ ଉପଲବ୍ଧି ଓ ତାହାର ରହସ୍ୟମୟ କ୍ରିୟାବଳୀକୁ ପ୍ରକାଶ କରିବା ଲାଗି ଲୌକିକ ରୂପକର ବ୍ୟବହାର ଅପରିହାର୍ଯ୍ୟ ମନେହୁଏ। ଧର୍ମବୋଧକୁ ଜୀବନର ବହୁ ବିଚିତ୍ର ଅଭିଜ୍ଞତା ଓ ଅନୁଭୂତି ମାଧ୍ୟମରେ ପ୍ରକାଶ ନକଲେ ତାହାକୁ ସାଧାରଣ ବ୍ୟକ୍ତି ଯେ ହୃଦୟଙ୍ଗମ କରାଇବା ସହଜ ହୁଏ ନାହିଁ । ଏଣୁ ଆଧ୍ୟାତ୍ମ୍ୟ ଜୀବନର ବିଷୟକୁ ଭକ୍ତ କବିଗଣ ବାସ୍ତବ ଜୀବନର ରୂପକ ସାହାଯ୍ୟରେ ହିଁ ପ୍ରକାଶ କରିଥା'ନ୍ତି।

ଏହିସବୁ ରୂପକ ନିୟୋଜିତ କବିତାରେ ମୂଳତତ୍ତ୍ୱ ଯେପରି ସୁସ୍ପଷ୍ଟ ଓ ସହଜ ଭାବରେ ପ୍ରକାଶିତ ହୁଏ ସେହିପରି ଶୁଷ୍କ ନୀରସ ବିଷୟ ମଧ୍ୟ ସରସ, ହୃଦୟଗ୍ରାହୀ ଓ ବ୍ୟଞ୍ଜନାମୟ ହୋଇଥାଏ। କୌଣସି ବିଶେଷ ମତ, ନୀତି ତତ୍ତ୍ୱ ବା ଉପଲବ୍ଧି ସାଧାରଣତଃ ଏହିସବୁ କବିତାରେ ବ୍ୟାଖ୍ୟା କରାଯାଇଥାଏ । ଓଡ଼ିଶାର ପଞ୍ଚସଖା ଓ ଅନ୍ୟାନ୍ୟ ଭକ୍ତକବିଙ୍କ ବିରଚିତ 'ଶରୀରଭେଦ' ଭଜନଗୁଡ଼ିକ ତାହାର ପ୍ରକୃଷ୍ଟ ଉଦାହରଣ ।

ଭାରତର ସବୁ ଆଞ୍ଚଳିକ ସାହିତ୍ୟରେ ଏହିପରି ରୂପକଧର୍ମୀ ଓ ରହସ୍ୟବାଦୀ ଗୀତିକବିତାଗୁଡ଼ିକ ବହୁଜନାଦୃତ। ତାମିଲ ଭାଷାରେ ଅଷ୍ଟସିଦ୍ଧ ସରଳ ଭାଷାରେ ଏତାଦୃଶ ବହୁ ଗୀତିକା ରଚନା କରିଥିଲେ। ତେଲୁଗୁ–ସାହିତ୍ୟର ଭିମନା ବୀରବ୍ରହ୍ମମ୍ ଓ କନ୍ନଡ଼ ସାହିତ୍ୟର ସର୍ବଜ୍ଞଙ୍କୁ ସର୍ବଶ୍ରେଷ୍ଠ ରହସ୍ୟବାଦୀ କବିଭାବେ ଗ୍ରହଣ କରାଯାଇଥାଏ। କେତେକ ଆଲୋଚକଙ୍କ ମତରେ ରହସ୍ୟବାଦୀ କବିତାର ପରିମାଣ ତଥା ଗୁଣ ଦୃଷ୍ଟିରୁ ଭାରତୀୟ ସାହିତ୍ୟମାନଙ୍କ ମଧ୍ୟରେ ମରାଠୀ ସାହିତ୍ୟ ଅଗ୍ରଗଣ୍ୟ ଓ ସବୁଠାରୁ ଅଧିକ ସମୃଦ୍ଧିଶାଳୀ। ମହାନୁଭବ ସଂପ୍ରଦାୟର ଜ୍ଞାନଦେବ ଓ ତାଙ୍କର ଅନୁଗାମୀ ନାମଦେବ, ବେଦାନ୍ତ ଦର୍ଶନରେ ପ୍ରଭାବିତ ହୋଇ ବହୁ ଉଚ୍ଚକୋଟୀର ଗୀତିକାବ୍ୟ ରଚନା କରିଅଛନ୍ତି। ଗୁଜୁରାଟୀ ସାହିତ୍ୟରେ ସପ୍ତଦଶ ଶତାବ୍ଦୀର କବି ଅଖୋ ସହଜାନନ୍ଦ, ପ୍ରୀତମ ଦାସ ପ୍ରଭୃତି ବହୁ ସାଧକ କବି ଏତାଦୃଶ୍ୟ ଗୀତିକାବ୍ୟ ରଚନା କରିଥିଲେ। ଏହି କବିମାନେ ଗୁଜୁରାଟ ପ୍ରଚଳିତ ବଲ୍ଲଭ ସଂପ୍ରଦାୟର ଆଡ଼ମ୍ବରପୂର୍ଣ୍ଣ ଉପାସନା ରୀତି ପ୍ରତି ବିମୁଖତା ପ୍ରଦର୍ଶନ କରିବା

ସଙ୍ଗେ ସଙ୍ଗେ ନିର୍ମଳ ଚରିତ୍ର ଓ ଭଗବତ୍ ଭକ୍ତିର ମହିମା ଗାନ କରି ଅଛନ୍ତି । ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀର ବଙ୍ଗଳାର ସୁପ୍ରଚଳିତ 'ବାଉଲଗୀତ' ମଧ୍ୟ ରହସ୍ୟବାଦୀ କବିତାର ଉଜ୍ଜ୍ୱଳ ଦୃଷ୍ଟାନ୍ତ । ନାନକ ଓ ଅନ୍ୟାନ୍ୟ ଶିଖ୍ ଗୁରୁଙ୍କ ରହସ୍ୟବାଦୀ କବିତା ଯୋଗୁଁ ପଞ୍ଜାବୀ ସାହିତ୍ୟ ପରିପୁଷ୍ଟ । ହିନ୍ଦୀ-ସାହିତ୍ୟର ପଞ୍ଚଦଶ ଶତାବ୍ଦୀରୁ ଊନବିଂଶ ଶତାବ୍ଦୀ ମଧ୍ୟର କବିର, ଦାଦୁ ସୁନ୍ଦର ଦାସ ପ୍ରଭୃତି କବିଗଣ ବହୁ ରହସ୍ୟବାଦୀ କବିତା ରଚନା କରିଯାଇ ଅଛନ୍ତି ।

### ଓଡ଼ିଆ ଭକ୍ତି-ସଂଗୀତ ଓ ତାର ପ୍ରକାଶ ଭେଦ

ଓଡ଼ିଶା ବହୁକାଳରୁ ଭାରତର ଏକ ସୁପରିଚିତ ଅଞ୍ଚଳରୂପେ ପ୍ରସିଦ୍ଧ । ବହୁ ଧର୍ମମତର ପ୍ରଚାର ସ୍ଥଳୀ ଓ ଭାରତର ବହୁ ସାଧକ ଭକ୍ତଙ୍କର ବିହାର କ୍ଷେତ୍ରରୂପେ ଓଡ଼ିଶାର ମହତ୍ତ୍ୱ ଅନସ୍ୱୀକାର୍ଯ୍ୟ ମାତ୍ର ଓଡ଼ିଶା, ବହୁବିଧ ଧର୍ମ-ମତବାଦର ପ୍ରଚାରକ୍ଷେତ୍ର ହେଲେ ହେଁ ଏଠାରେ ଧର୍ମ ଲାଗି କେବେ ତିକ୍ତ ସଂଗ୍ରାମ ବା ସଂଘର୍ଷ ହୋଇନାହିଁ । ପରନ୍ତୁ ସବୁ ପ୍ରକାର ଧର୍ମ ମତବାଦକୁ ଏଠାରେ ସମୁଚିତ ସମ୍ମାନ ପ୍ରଦର୍ଶିତ କରାଯାଇଛି । ଏହାର ପରିଣାମ ସ୍ୱରୂପ ବହୁ ଦେବାଦେବୀଙ୍କ ଉଦ୍ଦେଶ୍ୟରେ ରଚିତ ଅଗଣିତ ଭକ୍ତିଗୀତିକା ଦ୍ୱାରା ଓଡ଼ିଶାର ପ୍ରାଚୀନ ଓ ମଧ୍ୟଯୁଗର ସାହିତ୍ୟ ସୁସମୃଦ୍ଧ ହୋଇଥିଲା । ଏହି ବିପୁଳ ଭକ୍ତି କବିତା- ସମ୍ଭାର ଓଡ଼ିଆ ସାହିତ୍ୟ ତଥା ଓଡ଼ିଆ ସଂସ୍କୃତିର ଏକ ଉଲ୍ଲେଖଯୋଗ୍ୟ ସଂପଦ ।

ଓଡ଼ିଶା ବିଭିନ୍ନ ଶତାବ୍ଦୀରେ ବୌଦ୍ଧ, ଜୈନ, ଶୈବ, ଶାକ୍ତ, ତାନ୍ତ୍ରିକ ଓ ବୈଷ୍ଣବ ସାଧକମାନଙ୍କର ପ୍ରଚାରପୀଠ ହୋଇଥିବା ଯୋଗୁଁ ଓଡ଼ିଶାର ଜନସାଧାରଣଙ୍କ ମଧ୍ୟରେ ବହୁ ପରିମାଣରେ ଧର୍ମାନୁଭକ୍ତି ପ୍ରସାରିତ ହୋଇଅଛି । ବୌଦ୍ଧ ସାଧକମାନଙ୍କ ଗୀତି ରଚନାବଳୀରୁ ଓଡ଼ିଆ ଭକ୍ତି କବିତାର ଆଦ୍ୟ ଉନ୍ମେଷ ଉପଲବ୍ଧ ହୋଇଥାଏ । 'ଚର୍ଯ୍ୟାପଦ' ନାମରେ ସୁବିଦିତ ଏହି ଗୀତିଗୁଡ଼ିକର ତାନ୍ତ୍ରିକ ବୌଦ୍ଧଧର୍ମାଚରଣ ସାଧନାତତ୍ତ୍ୱ ବର୍ଣ୍ଣିତ ହୋଇଥାଏ । ପରବର୍ତ୍ତୀ କାଳରେ ଶକ୍ତି ଓ ବୈଷ୍ଣବ ଧର୍ମର ବିପୁଳ ପ୍ରସାର ଫଳରେ ତାନ୍ତ୍ରିକ ବୌଦ୍ଧ ଧର୍ମର ପ୍ରଭାବ ସମାଜ ଜୀବନରେ ଶିଥିଳ ହୋଇଯିବା ସଙ୍ଗେ ସଙ୍ଗେ ବୌଦ୍ଧ ଧର୍ମାବଲମ୍ବୀମାନେ ନିମ୍ନ ହିନ୍ଦୁମାନଙ୍କ ମଧ୍ୟରେ ଏକୀଭୂତ ହୋଇଯାଇଥିଲେ । ଫଳତଃ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଏହି ଗୀତି କବିତାର ଧାରା ଲୁପ୍ତ ହୋଇଯାଇଥିଲା । ଏଣୁ ପରବର୍ତ୍ତୀ କାଳରେ ବୌଦ୍ଧ-ସାଧନତତ୍ତ୍ୱ ସମ୍ବଳିତ ଗୀତିକାବ୍ୟ ଓଡ଼ିଆ ସାହିତ୍ୟରେ ପରିଲକ୍ଷିତ ନ ହେବା ଏକାନ୍ତ ସ୍ୱାଭାବିକ ।

ଓଡ଼ିଆ ଲୋକ ସାହିତ୍ୟରେ ମଧ୍ୟ ବିଭିନ୍ନ ଦେବତାଙ୍କ ସ୍ତୁତି ସମ୍ବଳିତ ଗୀତ ପରିଲକ୍ଷିତ ହୁଏ । ପାଲା, ପାଟୁଆ, ଦଣ୍ଡନାଟ, ଛଉ, କରମା ପ୍ରଭୃତି ତନ୍ମଧ୍ୟରୁ ଅନ୍ୟତମ । କଣ୍ଠ ନିର୍ମଳ ରଖିବା ପାଇଁ ଓ କଣ୍ଠରେ ବିଜେ ହୋଇ ପଦ ସୁମରଣା କରାଇ ଦେବା ଲାଗି ଗାୟକମାନେ ସାରଳା, ମଙ୍ଗଳା ପ୍ରଭୃତି ଦେବୀଙ୍କୁ ସ୍ତୁତି କରନ୍ତି । ଓଡ଼ିଶାର ବହୁ ମନ୍ଦିରରେ ଭକ୍ତି ଗୀତ ଗାଇବା ବିଧି ପ୍ରଚଳିତ । ପୁରୀ ଜଗନ୍ନାଥଙ୍କ ମନ୍ଦିରରେ ଦେବଦାସୀମାନେ ପ୍ରତ୍ୟହ ଜଣାଣ ବା-ଭଜନ ଗାନ କରିଥାନ୍ତି । ଓଡ଼ିଶାର ପଲ୍ଲୀ ଅଞ୍ଚଳରେ ବହୁ ଭଜନ ଗୋଷ୍ଠୀ ମଧ୍ୟ ଦେଖାଯାନ୍ତି । ସନ୍ଧ୍ୟାରେ ଏହି ସବୁ ଗୋଷ୍ଠୀ ଗିନି ଓ ଖଞ୍ଜଣି ସହଯୋଗରେ ଭଜନ ଓ ଜଣାଣ ଅଭ୍ୟାସ କରିଥାନ୍ତି । ବିଭିନ୍ନ ମେଳା ମହୋତ୍ସବରେ ଆହୂତ ଭଜନ ଗୋଷ୍ଠୀମାନଙ୍କ ଦ୍ୱାରା ଭଜନ, ଜଣାଣ ଗାନ ହୋଇଥାଏ । କୌଣସି କୌଣସି ସଂପ୍ରଦାୟ ପ୍ରତ୍ୟେକ ବର୍ଷ ଉତ୍ସବାଦି ସମୟରେ ପୁରୀକୁ ଆସି ଜଗନ୍ନାଥଙ୍କ ବାଇଶି ପାହାଚ ବା ସିଂହଦ୍ୱାର ଚକଡ଼ାରେ ଜଣାଣ, ଭଜନ ଗାନ କରିଥାନ୍ତି ।

ଓଡିଆ ଭକ୍ତି ସଂଗୀତ ବିବିଧ ରୂପରେ ଅଭିବ୍ୟକ୍ତି ଲାଭ କରିଅଛି । ଓଡିଶାରେ ପ୍ରଚଳିତ ବିଭିନ୍ନ ଧର୍ମଦୃଷ୍ଟିରୁ ଓଡିଆ ଭକ୍ତି-ସଂଗୀତମାନଙ୍କୁ ସ୍ଥୂଳତଃ ଚାରି ଭାଗରେ ବିଭକ୍ତ କରାଯାଇପାରେ ଯଥା- (କ) ଶୈବ ଓ ଶାକ୍ତ ଭକ୍ତି-ଗୀତିକା, (ଖ) ବୈଷ୍ଣବ ଭକ୍ତି-ଗୀତିକା (ଗ) ଶରୀର ଭେଦ, ଭଜନ (ଘ) ବିବିଧ । ଭାରତୀୟ ଭକ୍ତି- ସଂଗୀତମାନଙ୍କୁ ସାଧାରଣତଃ ନିର୍ଗୁଣ ଓ ସଗୁଣ ଭେଦର ଦୁଇ ଭାଗରେ ବିଭକ୍ତ କରାଯାଇଥାଏ । ନିର୍ଗୁଣ ଭକ୍ତି-ଗୀତିକାଗୁଡ଼ିକରେ ନିର୍ଗୁଣ ବ୍ରହ୍ମର ନିଷ୍କାମ ଭାବନା, ବନ୍ଦନା ଏବଂ ସଗୁଣ ଭକ୍ତିଗୀତିକାରେ ଉପାସ୍ୟ ଦେବତାଙ୍କ ରୂପଲୀଳା, ମହିମାଦିର ବର୍ଣ୍ଣନା ହୋଇଥାଏ । ପଞ୍ଚ ସଖାଦି କବିମାନଙ୍କ ଶରୀର ଭେଦ ଭଜନ ଭୀମଭୋଇ ଓ ଅନ୍ୟାନ୍ୟ ମହିମା ପନ୍ଥୀ କବିମାନଙ୍କ ଭକ୍ତି-ଗୀତିକା ଏବଂ ବ୍ରାହ୍ମଧର୍ମୀ କବିମାନଙ୍କ ଭକ୍ତି-ଗୀତିକାଗୁଡ଼ିକ ନିର୍ଗୁଣ ଭକ୍ତି-କବିତା ପର୍ଯ୍ୟାୟଭୁକ୍ତ । ସଗୁଣ ଭକ୍ତି କବିତାଗୁଡ଼ିକୁ ଶୈବ, ଶାକ୍ତ, ବୈଷ୍ଣବ ଓ ବିବିଧ ଭେଦରେ ତିନି ଭାଗରେ ବିଭକ୍ତ କରାଯାଇପାରେ । ମୁଖ୍ୟତଃ ବିଷ୍ଣୁଙ୍କର ତ୍ରିବିଧ ରୂପଭାବରେ କୃଷ୍ଣ, ଜଗନ୍ନାଥ ଓ ରାମଙ୍କ ଉଦ୍ଦେଶ୍ୟରେ ଓଡିଶାର ବହୁ କବି ଭକ୍ତି କବିତା ରଚନା କରିଯାଇଛନ୍ତି । ଏହାଛଡା ଲକ୍ଷ୍ମୀ, ସରସ୍ୱତୀ, ନବଗ୍ରହ, ଦଶ ଅବତାର ପ୍ରଭୃତି ଅନ୍ୟାନ୍ୟ ହିନ୍ଦୁ ଦେବଦେବୀଙ୍କ ବନ୍ଦନା ଲୌକିକ ଦେବଦେବୀଙ୍କ ବନ୍ଦନା ମନଃଶିକ୍ଷା ମନବୋଧ ବା ମାନସ-ଭଜନ ବୌଦ୍ଧ ତାନ୍ତ୍ରିକ ଭକ୍ତି-ଗୀତିକା, ଗୁରୁବନ୍ଦନା, ଖ୍ରୀଷ୍ଟ ବନ୍ଦନା ପ୍ରଭୃତି ବିବିଧ ଭକ୍ତି- ଗୀତିକା ଦ୍ୱାରା ଓଡିଆ ଭକ୍ତି-ସାହିତ୍ୟ ସମୃଦ୍ଧ ହୋଇଥାଏ । ଓଡିଆ ଭକ୍ତି ଗୀତିକାର ଶ୍ରେଣୀ ବିଭାଗକୁ ନିମ୍ନୋକ୍ତ ଭାବରେ ଦର୍ଶାଇ ଯାଇଥାଏ ।

ଓଡିଆ ଭକ୍ତିଗୀତଗୁଡିକ ସାଧାରଣ ଭାବେ ଜଣାଣ ଓ ଭଜନ ନାମରେ ପରିଚିତ। ଭଜନରେ ସାଧାରଣତଃ ଉପାସ୍ୟ ଦେବଦେବୀଙ୍କର ନାମ, ରୂପ ଗୁଣ ଓ ଲୀଳାର ବର୍ଣ୍ଣନା ହୋଇଥାଏ। ମାତ୍ର ଜଣାଣର ମୁଖ୍ୟତଃ ଭକ୍ତର ଅଭିଳାଷ ଓ ଲାଳସା ପ୍ରକାଶିତ ହୁଏ। ଏହାଛଡା ଚଉତିଶା କୋଇଲି, ଚାଳିଶା, ଚତୁର୍ଦ୍ଦଶୀ, ଦାଣ୍ଡଧୁଆ, ଅଷ୍ଟକ, ପଞ୍ଚକ ପ୍ରଭୃତି କାବ୍ୟ ରୂପ ମାଧ୍ୟମରେ ମଧ୍ୟ ବହୁ ଉତ୍କଳୀୟ କବି ଭକ୍ତି ଭାବନାକୁ ଅଭିବ୍ୟକ୍ତ କରିଯାଇଛନ୍ତି। ପ୍ରଭାତ କାଳରେ ଯେଉଁ ଭକ୍ତିଗୀତଗୁଡିକ ଗାନ କରାଯାଇଥାଏ ସେଗୁଡିକୁ ଓଡିଆରେ 'ପ୍ରଭାତ ଅବକାଶ' କୁହାଯାଏ। ହିନ୍ଦୀ ସାହିତ୍ୟରେ ଏହି ଧରଣର ଗୀତ 'ପ୍ରଭାତୀ' ନାମରେ ପରିଚିତ। ଓଡିଆ ପ୍ରଭାତ ଅବକାଶ ଗୀତଗୁଡିକରେ ରାମ, କୃଷ୍ଣ ଅଥବା ଜଗନ୍ନାଥଙ୍କ ପ୍ରଭାତକାଳୀନ ସେବା ଓ କାର୍ଯ୍ୟାବଳୀ ବର୍ଣ୍ଣିତ ହୋଇଥାଏ। କେଉଁ, କେଉଁ ପ୍ରଭାତ ଅବକାଶ ଗୀତିକାରେ ମଧ୍ୟ ଆତ୍ମାର ଜାଗରଣ ବିଷୟ ମଧ୍ୟ ବର୍ଣ୍ଣିତ ହୋଇଥାଏ।

ସର୍ବଭାରତୀୟ ହିନ୍ଦୁମାନଙ୍କର ଉପାସ୍ୟ ଦେବ ଦେବୀ ଶିବ–ପାର୍ବତୀ, ରାଧାକୃଷ୍ଣ, ରାମ ସୀତା, ଗଣେଶ, ସରସ୍ୱତୀଙ୍କ ବ୍ୟତୀତ ବହୁ ଲୌକିକ ଦେବଦେବୀ ଓଡିଶାର ବିଭିନ୍ନାଞ୍ଚଳରେ ପ୍ରତିଷ୍ଠିତ। ଜନସାଧାରଣଙ୍କ ଦ୍ୱାରା ସେମାନଙ୍କର ପୂଜା ଉପାସନା ମଧ୍ୟ ଯଥାବିଧି ସମ୍ପାଦିତ ହୁଏ । ଏହିପରି ଭାବେ ଚିଲିକାର କାଳିଜାଈ, ଖୋର୍ଦ୍ଧାର ବରୁଣେଇ, ଭୋଇପୁରର ତାରାତାରିଣୀ, ଯାଜପୁରର ବିରଜା, ବଡମ୍ବାର ଭଟ୍ଟାରିକା ପ୍ରଭୃତିଙ୍କ ଉଦ୍ଦେଶ୍ୟରେ ବହୁ ଭକ୍ତି–ଗୀତିକା ଓଡ଼ିଆରେ ରଚିତ ହୋଇଅଛି ।

**ଶୈବ–ଶାକ୍ତ–ଗୀତାବଳୀ**

ଶିବ ଓଡିଶାରେ ବିଭିନ୍ନ ସ୍ଥାନରେ ବିଭିନ୍ନ ନାମରେ ନାମିତ ହୋଇ ପୂଜିତ ହେଉଅଛନ୍ତି। ତନ୍ମଧ୍ୟରୁ ମହାବିନାୟକ, ଲୋକନାଥ, ସିଂହନାଥ, ରାମନାଥ, ବୁଢ଼ା ମହାଦେବ, ବୈଦ୍ୟନାଥ ଲଡୁବାବା, ଲିଙ୍ଗରାଜ, ଚନ୍ଦ୍ରଶେଖର, ବାଲୁଙ୍କେଶ୍ୱର, ରାମଲିଙ୍ଗେଶ୍ୱର, ଝାଡେଶ୍ୱର, ଦାଣ୍ଡେଶ୍ୱର (ଆଠଗଡ), କୋଦାଳ ପଞ୍ଚନାଗେଶ୍ୱର, ବଟେଶ୍ୱର (ଗଞ୍ଜାମ) ନୀଳକଣ୍ଠେଶ୍ୱର ପ୍ରଭୃତି ଉଲ୍ଲେଖଯୋଗ୍ୟ। ଏହାଙ୍କ ଉଦ୍ଦେଶ୍ୟରେ ଓଡିଶାର ବହୁ କବି ଜଣାଣ ଓ ଭଜନ ରଚନା କରିଯାଇଅଛନ୍ତି। ଅଜ୍ଞାତ କବିଙ୍କ ରଚିତ ଆହେ ମହେଶ୍ୱର ବାରେ ଭବ, ଭୟ ଦୂରକର ହେ ଲୋକନାଥ ବାର ଘେନ ମୋ ଆରତୀ, ଦୟାଦାସଙ୍କ ବାନାମ୍ବର ଚଉତିଶା, ଲୋକନାଥ ଦାସଙ୍କ ଅଧମ–ଉଦ୍ଧାରଣ ଚଉତିଶା, ଆର୍ତ୍ତଦାସଙ୍କ 'ବିଶ୍ୱନାଥ ଜଣାଣ ଚଉତିଶା' ପ୍ରଭୃତି ଶିବବନ୍ଦନା–ମୂଳକ ଗୀତର ଦୃଷ୍ଟାନ୍ତ।

ଅଷ୍ଟମାତୃକାଙ୍କ ବ୍ୟତୀତ ଓଡିଶାର ବିଭିନ୍ନାଞ୍ଚଳରେ ବିଭିନ୍ନ ଦେବୀଙ୍କର ପୂଜା ପ୍ରଚଳିତ। ଦୁର୍ଗା ବା କାଳୀ ବିଭିନ୍ନ ନାମରେ ବିଭିନ୍ନ ସ୍ଥାନରେ ପୂଜିତ ହେଉଅଛନ୍ତି। ତନ୍ମଧ୍ୟରୁ ବାଙ୍କିରେ ଚର୍ଚ୍ଚିକା, ବାଣପୁରର ଭଗବତୀ, କାକଟପୁରର ମଙ୍ଗଳା, ଭଦ୍ରକର ଭଦ୍ରକାଳୀ, ସମ୍ବଲପୁରର ସମଲେଶ୍ୱରୀ, ଝଙ୍କଡର ସାରଳା, କୋଣାର୍କର ରାମଚଣ୍ଡୀ, ପୁରୀର ହରଚଣ୍ଡୀ, ବିମଳା, ଦକ୍ଷିଣକାଳୀ ପ୍ରଭୃତିଙ୍କ ଉଦ୍ଦେଶ୍ୟରେ କବିମାନେ ଭକ୍ତି–କବିତା ରଚନା କରିଯାଇଅଛନ୍ତି।

ଏହିସବୁ କବିତାର କବିମାନେ ଦେବୀଙ୍କୁ ମୁକ୍ତି ଓ ଶକ୍ତି–ରୂପିଣୀ, ଆଦ୍ୟାଶକ୍ତି, ବହୁମୟୀ, ଭୁବନେଶ୍ୱରୀ ଭାବରେ ଗ୍ରହଣ କରିଥିଲେ ହେଁ ତାହାକୁ ଆପଣାର ଜନନୀରୂପେ ସମ୍ବୋଧନ କରିଅଛନ୍ତି।

ଓଡିଶାରେ ବହୁ ପୂର୍ବରୁ ଦେବୀପୂଜା ଅନୁଷ୍ଠିତ ହେଉଥିଲା। ବଙ୍ଗ ସାହିତ୍ୟରୁ ମଧ୍ୟ ତାହାର ପ୍ରମାଣ ମିଳିଥାଏ। ବଙ୍ଗ କବି ଦ୍ୱିଜ ମାଧବ କଳିଙ୍ଗ ନୃପତିଙ୍କ ଦ୍ୱାରା ଅନୁଷ୍ଠିତ ଦେବୀ ମଙ୍ଗଳଚଣ୍ଡୀଙ୍କ ପୂଜାର ବିସ୍ତୃତ ବର୍ଣ୍ଣନା କରିଅଛନ୍ତି । ଏହି ପୂଜା ବିଧିରେ ତାନ୍ତ୍ରିକ ମୂର୍ତ୍ତି ପୂଜାର ପ୍ରଭାବ ସୁସ୍ପଷ୍ଟ।

ଓଡିଶାର ବ୍ରାହ୍ମଣମାନେ ଶକ୍ତି ଉପାସନା କରୁଥିଲେ ହେଁ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ସେମାନେ ଓଡିଆରେ ସାହିତ୍ୟ ରଚନା କରିବାକୁ ଗୌରବଜନକ ମନେ କରୁ ନଥିଲେ। ସଂସ୍କୃତରେ ରଚିତ ଦେବୀଙ୍କର ସ୍ତୋତ୍ର ଓ ସ୍ତୁତି– ଗୀତିକାହିଁ ସେମାନଙ୍କର ମୁଖ୍ୟ ଅବଲମ୍ବନ ଥିଲା। ସମ୍ଭବତଃ ପ୍ରାଚୀନ ଯୁଗରେ ଅବ୍ରାହ୍ମଣ ଜନସାଧାରଣଙ୍କ ଦ୍ୱାରା ଶିବ ଓ ଶକ୍ତିଙ୍କ ଉଦ୍ଦେଶ୍ୟରେ ଯେଉଁସବୁ ଗୀତି–କାବ୍ୟ ଓଡିଆରେ ରଚିତ ହୋଇଥିଲା, ତାହା ଓଡିଆ ସାହିତ୍ୟ କ୍ଷେତ୍ରରେ ବିଶେଷ ଗୌରବ ଅର୍ଜନ କରିବାକୁ କ୍ଷମ ହୋଇପାରି ନଥିଲା। ମାତ୍ର ଓଡିଶାର ବହୁ ପ୍ରତିଷ୍ଠିତ କବି ଓଡିଆରେ ଶାକ୍ତ–ଗୀତାବଳୀ ରଚନା କରି ଏହାକୁ ଜନପ୍ରିୟ କରିଥିଲେ।

**ଶରୀର ଭେଦ ଭଜନ:** ଶରୀରଭେଦ ଭଜନ ବା ଅନ୍ୟ ଭଜନ ଓଡିଆ ଭକ୍ତି–କବିତାର ଅନ୍ୟ ଏକ ବିଭବ। କେତେକ ବୈଷ୍ଣବ ଭକ୍ତି–ଗୀତିକା ମଧ୍ୟ ଶକ୍ତି ସାଧନା ପ୍ରଭାବରେ ପ୍ରଭାବିତ। ବିଶେଷତଃ ପଞ୍ଚସଖାଙ୍କ ସାହିତ୍ୟରେ ଆମେ ପିଣ୍ଡ–ବ୍ରହ୍ମାଣ୍ଡ–ତତ୍ତ୍ୱାଶ୍ରୟୀ ଯେଉଁ କବିତାଗୁଡିକ ଦେଖିବାକୁ ପାଉ, ତାହା ଏହି ତାନ୍ତ୍ରିକ ଭାବଧାରାର ପ୍ରଭାବ ମାତ୍ର।

ପ୍ରଥମରୁ ଏ ଦେଶରେ ଦୁଇ ପ୍ରକାର ବୈଷ୍ଣବ କବିତାର ଧାରା ପ୍ରଚଳିତ ଥିଲା। ଗୋଟିଏ ହେଉଛି ତାନ୍ତ୍ରିକ ପ୍ରଭାବପୁଷ୍ଟ

ବୈଷ୍ଣବ ଗୀତାବଳୀ ଓ ଅନ୍ୟଟି ଶ୍ରୀମଦ୍ ଭାଗବତ ଅନୁସରଣର ଲିଖିତ ବିଶୁଦ୍ଧ, ବୈଷ୍ଣବ ଗୀତି–କବିତା। ପଞ୍ଚସଖାଙ୍କ ଭଜନରେ ତ୍ରିବେଣୀ ତ୍ରିକୁଟି ସନ୍ଧିର ନିରାକାର ଦର୍ଶନ, ଜ୍ୟୋତିଃ ଦର୍ଶନ, ଅବନା ଷଡଚକ୍ରଭେଦ, ଅନାମ ଭଜନ, ଜୀବ–ପରମ ବିଚାର ପ୍ରଭୃତିର ଉଲ୍ଲେଖ ଦେଖିବାକୁ ମିଳେ। ଓଡିଆ ଗୀତିକାବ୍ୟ ସଂକଳନରେ ସନ୍ନିବିଷ୍ଟ ଆର୍ତ୍ତଦାସଙ୍କ ହଂସ ଜୀବାତ୍ମା ଶୀର୍ଷକ ଭଜନ ତାହାର ଅନ୍ୟତମ ଦୃଷ୍ଟାନ୍ତ। ଏଥିରେ ଦେହକୁ ଏକ ଓଲଟ କଦମ୍ବ ବୃକ୍ଷ ଓ ଦେହ ମଧ୍ୟସ୍ଥ ଆତ୍ମାକୁ ହଂସ ବୋଲି ଅଭିହିତ କରାଯାଇଅଛି। ଏହାଛଡା ଏହି ସଂକଳନସ୍ଥ ବାହୁଡା ଦାସଙ୍କ 'ସଖା ମୋ ଦେଖିଯିବା ତ ଆସ' ଓ 'ହରିନାମେ କି ରସ ଅଛି' କବିତା ଦୁଇଟି ଏବଂ ବଳରାମଙ୍କ ବକାର ମକାର, ସକାର ମଧ ଭେଦମୂଳକ। ଏହିସବୁ ଶରୀର ଭେଦମୂଳକ କବିତାରେ ଷଡ଼ଚକ୍ରଭେଦ, ଅଦପାଦତା, ବାୟୁସାଧ ତ୍ରିକୂଟ ସନ୍ଧିରେ ଜ୍ୟୋତିଃ ଦର୍ଶନ ପ୍ରଭୃତିର ମଧ ଉଲ୍ଲେଖ ଦେଖାଯାଏ। ନିର୍ଗୁଣ ଭଜନର ଅନ୍ୟ ଏକ ବିଭାବତ୍ତା ଭାବେ ଓଡିଶାରେ ପ୍ରଚଳିତ ଶୂନ୍ୟ–ଭଜନ ମହିମାଧର୍ମୀ କବିମାନଙ୍କ ଭଜନଗୁଡ଼ିକ ଗ୍ରହଣୀୟ। ଆର୍ତ୍ତ କାଶୀନାଥ, ଗଙ୍ଗା (ଚଣ୍ଡୀ) ଧର ବିଶ୍ୱକର୍ମା, ଗଣ୍ଡୁକି ଗୋରେଖ ଗୋବିନ୍ଦ, ଅବଧୂତ, ନାରାୟଣ ପର୍ଶୁରାମ, ବାହୁଡା, ମୋହନ, ରଘୁନାଥ ରାମ ବିଭା, ହାଡିଦାସ, ହୃଦାନନ୍ଦ ଦାସ ପ୍ରଭୃତିଙ୍କ ଏତାଦୃଶ ବହୁ ଗୀତ ଓଡିଶାରେ ସୁପ୍ରଚଳିତ। ବହୁ ଚଉତିଶାରେ ମଧ ଶୂନ୍ୟ–ଉପାସନା ଓ ଶରୀର ଭେଦ ବିଷୟ ବର୍ଣ୍ଣିତ ହୋଇଅଛି। ରାମଦାସଙ୍କ ଶରୀରଭେଦ ଚଉତିଶା ବଲ୍ଲବଦାସଙ୍କ ଶରୀର ଭେଦ ଚଉତିଶା ସୁବୁଦ୍ଧି ଗୋସ୍ୱାଇଁ ଦ୍ୱାରା ବା ଜଗନ୍ନାଥଙ୍କ କେତେକ ଚଉତିଶା ଏ ସମ୍ପର୍କରେ ଉଲ୍ଲେଖଯୋଗ୍ୟ।

ପଞ୍ଚସଖାଦି ଓଡିଶାର ଜ୍ଞାନ ଭକ୍ତିର ଉପାସକ ଗଣ ରାମ–କୃଷ୍ଣଙ୍କୁ ଶୂନ୍ୟ ସ୍ଥଳବିହାରୀ ଅଲେଖ, ନିରଞ୍ଜନ ପ୍ରଭୃତି ନାମରେ ଯେପରି ଅଭିହିତ କରିଯାଇଅଛନ୍ତି, ମହିମା ଧର୍ମୀ ଭୀମଭୋଇ ସେହିପରି ମହିମା ଗୋସ୍ୱାଇଁଙ୍କୁ ଅଲେଖ ନିରଞ୍ଜନ ନାମରେ ଅଭିହିତ କରିଅଛନ୍ତି। ଡକ୍ଟର ଆର୍ତ୍ତ ବଲ୍ଲଭ ମହାନ୍ତି ଭୀମ ଭୋଇଙ୍କର ଆଲୋଚନା ପ୍ରସଙ୍ଗରେ ତାହା ହିଁ ସ୍ୱୀକାର କରିଅଛନ୍ତି।

**ବୈଷ୍ଣବ –ଭକ୍ତିଗୀତିକା**

ଷୋଡଶ ଶତାବ୍ଦୀରୁ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ବୈଷ୍ଣବ ଭକ୍ତି–ଗୀତିକାର ଏକ ବ୍ୟାପକ ଓ ନିରବଚ୍ଛିନ୍ନ ଧାରା ଓଡିଶା ସାହିତ୍ୟକୁ ପରିପୁଷ୍ଟ କରିଅଛି । ଓଡିଆରେ ଶିବ ଓ ଦେବୀ ତଥା ଅନ୍ୟାନ୍ୟ ଦେବଦେବୀଙ୍କ ବନ୍ଦନାମୂଳକ କବିତାମାନଙ୍କଠାରୁ ବିଷ୍ଣୁ–ଭକ୍ତିମୂଳକ କବିତାମାନଙ୍କର ସଂଖ୍ୟା ଅଧିକ। ଏହି କବିତାମାନଙ୍କରେ ବିଷ୍ଣୁଙ୍କର ବିବିଧ ମହିମା ବର୍ଣ୍ଣିତ ହୋଇଥାଏ। କେତେକ ଭକ୍ତି– ଗୀତିକାରେ ବିଷ୍ଣୁଙ୍କର ବିଭିନ୍ନ ଅବତାରଙ୍କର ବନ୍ଦନା ଓ ମହିମାର ବର୍ଣ୍ଣନା ଦେଖାଯାଏ। ଆଦି କବି କମଳ ଲୋଚନ, କାହ୍ନୁଚରଣ, ଗୌରଚନ୍ଦ୍ର ନରପତି, ତ୍ରିଲୋଚନ ପଟ୍ଟଯୋଶୀ, ଦାମୋଦର ଦ୍ୱିଜ, ଦାମୋଦର ପଟ୍ଟନାୟକ, ଦୀନକୃଷ୍ଣ ନନ୍ଦ, ପଦ୍ମନାଭ ପଟ୍ଟନାୟକ, ବାକୀ ସାଲବେଗ, ସୋମନାଥ ନୃପଙ୍କ ଯଥାକ୍ରମେ ଦୀନବନ୍ଧୁ ଦୟାସିନ୍ଧୁ, ଦୀନବନ୍ଧୁ ନାମ ବହନ ହେ, ରମାପତି ହେ, ଯତନେ ଜଗବନ୍ଧୁ, ଦୀନବନ୍ଧୁ କେ କି ଦେଲା ଦୀନବନ୍ଧୁ ଦୟାସିନ୍ଧୁ, ରଖ ରଖ ଦୀନ ଜନ ପ୍ରାଣ ବନ୍ଧୁ, ସଂଶୟ ଲାଗିଲା ମହାବାହୁ, ଦୀନବନ୍ଧୁ, କୃପାସିନ୍ଧୁ, ମହାପ୍ରଭୁ ମହାଆର୍ତ୍ତ ହେଲା ହେ, ବାଛି କେ ନାମ ଦେଲା, ଜୟ ଜୟ ଜଗ ବନ୍ଦନ ପ୍ରଭୃତି ଆଦ୍ୟ ଛାତାଙ୍କିତ ଗୀତଗୁଡିକ ଏହାର ପ୍ରକୃଷ୍ଟ ନିଦର୍ଶନ।

ଏହି ଦୃଶ ଗୀତମାନଙ୍କରେ ବିଷ୍ଣୁଙ୍କ ମହିମା ବର୍ଣ୍ଣିତ ହେବା ସଙ୍ଗେ ସଙ୍ଗେ ରଚୟିତାଙ୍କ ଦୁଃଖ ଅପସାରଣ ପାଇଁ କରୁଣ ନିବେଦନ ମଧ ଅଭିବ୍ୟକ୍ତ ହୋଇଥାଏ। ଭଗବାନ ଦ୍ରୌପଦୀଙ୍କୁ ବିପନ୍ନ ଅବସ୍ଥାରେ ବସ୍ତ୍ର ଦେଇ ଲଜ୍ଜାରୁ ଉଦ୍ଧାର କରିଥିଲେ, ମୃଗୁଣୀକୁ ମୃତ୍ୟୁ ମୁଖରୁ ରକ୍ଷା କରିଥିଲେ।, ଧ୍ରୁବକୁ ଧ୍ରୁବଲୋକରେ ସ୍ଥାନ ଦେଇଥିଲେ, ପ୍ରହ୍ଲାଦ ଲାଗି ନୃସିଂହ ରୂପ ଧାରଣ କରିଥିଲେ, ପାଷାଣୀ ଅହଲ୍ୟାକୁ ଉଦ୍ଧାର କରିଥିଲେ, ଅଜାମିଳ ଭଳି ପାପୀକୁ ଉଦ୍ଧାର କରିଥିଲେ, ଭାରତୀୟା ପକ୍ଷୀକୁ ଘଣ୍ଟ ଘୋଡାଇ ରକ୍ଷା କରିଥିଲେ– ଏହିପରି ବିଷ୍ଣୁଙ୍କ ମହିମା ସାଧାରଣତଃ ଏଥିରେ ବର୍ଣ୍ଣନା କରାଯାଇ ତାହାଙ୍କୁ 'ଭାବଗ୍ରାହୀ' ଆରତ ତ୍ରାଣ, ଦୀନବନ୍ଧୁ ଦୟାର ସାଗର ଜଗତର ବନ୍ଧୁ ପତିତ ପାବନ ବୋଲି ଅଭିହିତ କରାଯାଇଥାଏ। କବିମାନେ ନିଜର ଦୁଃଖ ଦୁର୍ଦ୍ଦଶା, ଯଥା–'ମୋ ପରି ପତିତ ପଥ ପାଉନାହିଁ, ସାଧୁ ସଙ୍ଗ ନକରି ଅସାଧୁ ମେଳରେ ଜୀବନ ଯାପନ କରି ଭ୍ରମଯୋଗୁଁ ଜଗତରେ ଅପକୀର୍ତ୍ତି ଲାଭ କରିଛି।

ମୁଁ ଅପରାଧୀ ମୋର ଅପରାଧ କ୍ଷମା କର। ମୋର ଦାରିଦ୍ର୍ୟ ଦୋଷ ଦୂର କର ପ୍ରଭୃତି ମଧ ଉଲ୍ଲେଖ କରିଥାନ୍ତି। କେଉଁ କେଉଁ କବିତାରେ ଶୁଦ୍ଧାଭକ୍ତି ଓ ଏକମାତ୍ର ଭଗବାନଙ୍କ ସେବକ ହେବାର ଅଭିଳାଷ ମଧ ପ୍ରକାଶ ପାଇଥାଏ।

ଏଣୁ ଏହି ଭକ୍ତି–କବିତାମାନଙ୍କୁ ସକାମ, ନିଷ୍କାମ ଭେଦରେ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ।

ବୈଷ୍ଣବମାନଙ୍କର ଦୁଇ ପ୍ରଧାନ ଉପାସ୍ୟ ଦେବତା ରାମ ଓ କୃଷ୍ଣଙ୍କ ମଧ୍ୟରୁ ରାମଚନ୍ଦ୍ରଙ୍କ ଅପେକ୍ଷା କୃଷ୍ଣଙ୍କ ଉଦ୍ଦେଶ୍ୟରେ ଅଧିକ

ସଂଖ୍ୟକ ଭକ୍ତି–ଗୀତିକା ରଚିତ ହୋଇଅଛି । କବି ବାଲାଜୀ ଶରଣଙ୍କ 'ନବୀନ ଦୁର୍ବାଦଳ ଶ୍ୟାମଳ ରାମ ଯେ' କବିତାଟି ରାମଚନ୍ଦ୍ରଙ୍କ ବନ୍ଦନାମୂଳକ । କୃଷ୍ଣଙ୍କ ଉଦ୍ଦେଶ୍ୟରେ ବନମାଳୀ, ଗୋପାଳକୃଷ୍ଣ, ଗୌରହରି ପ୍ରଭୃତି ପ୍ରଖ୍ୟାତ ଓ ପ୍ରତିଷ୍ଠିତ କବିମାନଙ୍କ ବ୍ୟତୀତ ଦୀନବନ୍ଧୁ (ରାଜ) ହରିଚନ୍ଦନ, ନାରାୟଣ ବନ୍ଧୁ ପଟ୍ଟନାୟକ, ପଙ୍କଜ ଚରଣ, ମାନଗୋବିନ୍ଦ ହୋତା, ରାମ ଦ୍ୱିଜ, ସାଲବେଗ ପ୍ରଭୃତି ମଧ୍ୟ ବହୁ ସରସ ଓ ଉଚ୍ଚକୋଟୀର ଭକ୍ତି–କବିତା ରଚନା କରିଯାଇଛନ୍ତି । ଓଡିଶାରେ ଗୋପୀନାଥ କୃଷ୍ଣଙ୍କର ଉପାସନା ପ୍ରଚଳିତ ହେବା ପରେ ଗୌଡୀୟ ଧର୍ମର ପ୍ରଚାର ଫଳରେ ରାଧାକାନ୍ତ କୃଷ୍ଣଙ୍କର ଉପାସନା ପ୍ରାଧାନ୍ୟ ଲାଭ କରିଥିଲା । ସ୍ୱତନ୍ତ୍ର ଭାବେ କୃଷ୍ଣଙ୍କର ଅର୍ଦ୍ଧାଙ୍ଗିନୀ ଶ୍ରେଷ୍ଠ ଆରାଧିକା ରାଧାଙ୍କ ଉଦ୍ଦେଶ୍ୟରେ ଭକ୍ତି ଗୀତିକା ସମୂହ ମଧ୍ୟ ରଚିତ ହୋଇଥିଲା । ଦୟାଳୁ ଦାସଙ୍କ ଦେହି ଭକ୍ତି ତବ ପଦେ ଓ ଜୟ ଦେବୀ ଧନୀ ରାଧିକେ, ମାନ ଗୋବିନ୍ଦ ହୋତାଙ୍କ 'ମା ତ୍ରାହି ଗୋ କୃଷ୍ଣଭାନୁ ସୁତେ, ରାମ କୃଷ୍ଣଙ୍କ ଶ୍ରୀମତୀ ଅରୁଣ ଚରଣ ଅନୁସରଣେ ପ୍ରଭୃତି ଆଦ୍ୟ ଛତ୍ରାଙ୍କିତ କବିତାଗୁଡିକ ତାହାର ନିଦର୍ଶନ । ଏକତ୍ରଭାବେ ରାଧାକୃଷ୍ଣ ଉଭୟଙ୍କ ବନ୍ଦନା ସମ୍ବଳିତ ଭକ୍ତି–ଗୀତିକା ମଧ୍ୟ କେତେକ କବି ରଚନା କରିଛନ୍ତି । ସାଲବେଗ ଓ ପଦ୍ମନାଭ ପଟ୍ଟନାୟକଙ୍କର ଯଥାକ୍ରମେ 'ରାଧେପ୍ୟାରୀ ଗୋ ରାଧେପ୍ୟାରୀ' 'ଜୟ ଜୟ ରାଧେ ମାଧବ ଦୟିତେ' ଗୀତ ଦୁଇଟି ତାହାର ନିଦର୍ଶନ । ଗୌଡୀୟ ଭକ୍ତମାନଙ୍କ ନିକଟରେ କୃଷ୍ଣଙ୍କ ଲୀଳାକ୍ଷେତ୍ର ବୃନ୍ଦାବନ ପରମ ପବିତ୍ର ଓ ନିତ୍ୟସ୍ଥଳ ରୂପେ ବିବେଚିତ ହୋଇଥାଏ । ଗୌଡୀୟ ଭକ୍ତ କବିମାନଙ୍କ ରଚନାରେ ଏଣୁ ବୃନ୍ଦାବନ ପ୍ରଶସ୍ତି ଓ ଏହି କ୍ଷେତ୍ର ପ୍ରାପ୍ତିର ଅଭିଳାଷର ବର୍ଣ୍ଣନା ଦେଖିବାକୁ ମିଳେ । ନାରାୟଣ ପଟ୍ଟନାୟକଙ୍କର ବୃନ୍ଦାବନ– ପ୍ରଶସ୍ତିମୂଳକ ଗୀତଟି ତାହାର ପ୍ରକୃଷ୍ଟ ଉଦାହରଣ । ଗୌଡୀୟ ବୈଷ୍ଣବ ମତବାଦର ପ୍ରବର୍ତ୍ତକ ଓ ପ୍ରଚାରକ ଭାବେ ଚୈତନ୍ୟ ସଂପୂଜିତ ହୋଇଥାନ୍ତି । ଗୌଡୀୟ ଭକ୍ତକବିମାନଙ୍କ ଗୀତ ରଚନା ସଂଖ୍ୟାରେ ସ୍ୱଳ୍ପେହେଲେ ହେଁ ଅନେକ ଚୈତନ୍ୟ ବନ୍ଦନାମୂଳକ ଗୀତ ପରିଦୃଷ୍ଟ ହୁଏ । କିଶୋର ଦାଶ, କୁଞ୍ଜଲତା, ଦୀନବନ୍ଧୁ ରାଜ କବିସୂର୍ଯ୍ୟ ସଦାନନ୍ଦଙ୍କର ଯଥାକ୍ରମେ 'ନଟବର ନାଗର ସୁନ୍ଦର ଷଡଭୁଜ', 'ବନ୍ଦନା କରଇ ଗୁରୁଙ୍କ ପାଦେ', 'ବନ୍ଦେ ଶ୍ରୀ ଶଚୀସୁତ ପଦାରବିନ୍ଦେ', 'ଆହେ କୃଷ୍ଣ ଚୈତନ' ପ୍ରଭୃତି ଗୀତଗୁଡିକ ତାହାର ନିଦର୍ଶନ ।

ଶ୍ରୀକୃଷ୍ଣଙ୍କ ଶୈଶବର କାର୍ଯ୍ୟାବଳୀକୁ ବାତ୍ସଲ୍ୟ ରସାଶ୍ରିତ କରି ମଧ୍ୟ ଗୋପାଳ କୃଷ୍ଣ, ବନମାଳୀ, ଗୌରଚରଣ ପ୍ରଭୃତି ବୈଷ୍ଣବ – କବିମାନେ ବହୁ କବିତା ରଚନା କରିଅଛନ୍ତି । ଏତଦ୍‌ବ୍ୟତୀତ ଦୀନକୃଷ୍ଣ, ରଘୁ ଅରକ୍ଷିତ, ନାଥିଆ ପ୍ରଭୃତିଙ୍କ ବାତ୍ସଲ୍ୟ ରସାତ୍ମକ କେତେକ କବିତା 'ପ୍ରଭାତ ଅବକାଶ' ସଂକଳନ ଗ୍ରନ୍ଥରେ ସନ୍ନିବିଷ୍ଟ' । ଲୌକିକ ସ୍ନେହ, ପ୍ରେମ ଓ ବାତ୍ସଲ୍ୟକୁ ଭିତ୍ତି କରି ମୁଖ୍ୟତଃ ବୈଷ୍ଣବ ଭକ୍ତି–କବିତା ସମୂହ ରଚିତ ହୋଇଅଛି । ଏହି ଭକ୍ତି କବିତାରେ କେବଳ ଶୁଷ୍କଜ୍ଞାନ ପରିବେଷିତ ନ ହୋଇ ତାହା ଭାବ ରସରେ ପରିପୂର୍ଣ୍ଣ ହୋଇଅଛି । ଏଗୁଡିକ ଯେପରି ଆବେଗପୂର୍ଣ୍ଣ, ସେହିପରି କବିତ୍ୱ ସମ୍ପନ୍ନ । ବୈଷ୍ଣବ ଭକ୍ତି କବିତାରେ ଉପାସ୍ୟ ଦେବତାଙ୍କୁ ରସମୟ, ମାଧୁର୍ଯ୍ୟମୟ ରୂପରେ ଗ୍ରହଣ କରାଯାଇଥାଏ । ଏଣୁ ସେହି ଅବ୍ୟକ୍ତ ଅଚିନ୍ତନୀୟ ଭଗବାନ ପୁତ୍ର–ପ୍ରଭୁ–ବନ୍ଧୁ–ସଖା ରୂପରେ ପ୍ରତିଭାତ ହୋଇ ପାଠକର ଅନ୍ତରଙ୍ଗତା ଲାଭ କରିବା ସଙ୍ଗେ ସଙ୍ଗେ ତାହାର ମନର ସ୍ନେହ, ପ୍ରୀତି, ମମତା ଓ ଭକ୍ତି ପ୍ରଭୃତି ବବିଧ ଭାବ ଉଦ୍ରେକ କରାଇଥାନ୍ତି । ଓଡ଼ିଶାର ବହୁ କବିଙ୍କୁ ଏହି ରସ ସମୃଦ୍ଧ ବିଷ୍ଣୁ ତଥା କୃଷ୍ଣ ଉପାସନା ଭକ୍ତି କବିତା ରଚନା ଲାଗି ପ୍ରେରଣା ଯୋଗାଇ ଅଛି । ଓଡ଼ିଆର ବୈଷ୍ଣବ ଭକ୍ତି–କବିତା–ରଚୟିତା ଭାବେ ଦୀନକୃଷ୍ଣ, ବନମାଳୀ, କବିସୂର୍ଯ୍ୟ ସଦାନନ୍ଦ, ଗୋପାଳକୃଷ୍ଣ, ଗୌରଚରଣ, ଗୌରହରି, ରାମକୃଷ୍ଣ ପ୍ରଭୃତି ସୁପ୍ରସିଦ୍ଧ ।

**କୀର୍ତ୍ତନ:** ଶ୍ରୀମଦ୍ ଭାଗବତ ଓ ଅନ୍ୟାନ ପୁରାଣମାନଙ୍କରେ କୀର୍ତ୍ତନର ଉଲ୍ଲେଖ ଦେଖାଯାଏ । ବହୁ ପ୍ରାଚୀନ କାଳରୁ ଭାରତ ବର୍ଷର ସର୍ବାଞ୍ଚଳରେ ଭଗବାନଙ୍କ ନାମ, ଗୁଣ ଓ ଲୀଳାକୁ ଉଚ୍ଚ ସ୍ୱରରେ କୀର୍ତ୍ତନ କରିବାର ପ୍ରଥା ପ୍ରଚଳିତ ହୋଇଅଛି । ମାତ୍ର ଗୌଡୀୟ ବୈଷ୍ଣବମାନଙ୍କ ନିକଟରେ ଏହା ଏକ ବିଶେଷ ଅର୍ଥବୋଧକ । କେତେକ ଲୋକ ମିଶି ଭଗବାନଙ୍କ ନାମ, ଗୁଣ, ଲୀଳାତ୍ମକ ଗୀତକୁ ନିର୍ଦ୍ଦିଷ୍ଟ ସ୍ୱରତାଳ ସମ୍ପନ୍ନ ଏକ ସ୍ୱତନ୍ତ୍ର ରୀତିରେ ଗାନ କଲେ ତାହାକୁ 'କୀର୍ତ୍ତନ' କୁହାଯାଇଥାଏ । ଗୌଡୀୟ ବୈଷ୍ଣବ ଦର୍ଶନର ବ୍ୟାଖ୍ୟା କରି ଉଚ୍ଚ କଣ୍ଠରେ ଉପାସ୍ୟ ଦେବତାଙ୍କ ନାମ, ଲୀଳା ଓ ଗୁଣାବଳୀ ଗାନକୁ କୀର୍ତ୍ତନ ନାମରେ ଅଭିହିତ କରାଯାଇ ଅଛନ୍ତି । ଶ୍ରୀଚୈତନ୍ୟଙ୍କ ସମୟକୁ କୀର୍ତ୍ତନ ପ୍ରସିଦ୍ଧ ଓ ଏହା ଗୌଡୀୟ ବୈଷ୍ଣବ ଧର୍ମାଚରଣ ଏକ ଅପରିହାର୍ଯ୍ୟ ଅଙ୍ଗଭାବେ ପରିଗୃହୀତ ହୋଇଆସୁଅଛି । ଏଣୁ ଶ୍ରୀଚୈତନ୍ୟକୁ ସଂକୀର୍ତ୍ତନର ଜନକ କୁହାଯାଇଥାଏ । ଶ୍ରୀଚୈତନ୍ୟ ସର୍ବଦା ଚଣ୍ଡୀଦାସ ବିଦ୍ୟାପତିଙ୍କ ସଙ୍ଗୀତ ରାୟ ରାମାନନ୍ଦଙ୍କ ନାଟକର ଗୀତ ଓ ଗୀତ ଗୋବିନ୍ଦର ଗୀତକୁ ଗାନ କରିଥିଲେ । ଶ୍ରୀଚୈତନ୍ୟଙ୍କର ପୁରୀରେ ଅବସ୍ଥାନ ସମୟର ଏହି ସଂକୀର୍ତ୍ତନ ରୀତି ପ୍ରବର୍ତ୍ତିତ ହୋଇଥିଲା । ପରବର୍ତ୍ତୀ କାଳରେ ନରୋତ୍ତମ ଦାସ, ଗୋବିନ୍ଦ ଦାସ, ଜ୍ଞାନ ଦାସ ପ୍ରଭୃତି ରାଧାକୃଷ୍ଣ ନାମ ଲୀଳାତ୍ମକ ଯେଉଁସବୁ ପଦାବଳୀ 'ବଙ୍ଗଳାରେ ରଚନା କରିଥିଲେ, ତାହା ହିଁ 'କୀର୍ତ୍ତନ' ନାମରେ ପରିଚିତ ।

ଓଡ଼ିଶାରେ ଗ୍ରାମମାନଙ୍କରେ ବହୁ କୀର୍ତ୍ତନ ବର୍ଣ୍ଣନା ମଧ୍ୟ ଦେଖାଦେଇଥାଏ। ସାଧାରଣ ଲୋକମାନେ ମେଳା-ମହୋତ୍ସବ ଉପଲକ୍ଷେ କୀର୍ତ୍ତନ ଗାନ କରିଥାନ୍ତି। କାର୍ତ୍ତିକ ପୂର୍ଣ୍ଣିମାରେ ଓଡ଼ିଶାର ବିଭିନ୍ନାଞ୍ଚଳରେ ଲୋକମାନେ କୀର୍ତ୍ତନ କରିବା ସଙ୍ଗେ ସଙ୍ଗେ ଜଗନ୍ନାଥଙ୍କ ମନ୍ଦିର ପରିକ୍ରମା କରିଥାନ୍ତି। ଏହି ପ୍ରଥା ଏବେ ମଧ୍ୟ ଅନୁସୃତ ହୋଇଅଛି। ଭାଷା ଓ ଗାନ ଗୀତ ଦୃଷ୍ଟିରୁ ଓଡ଼ିଶାର କୀର୍ତ୍ତନ ସଂପ୍ରଦାୟକମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ। ଓଡ଼ିଶୀ କୀର୍ତ୍ତନ ଓ ଗୌଡଦେଶୀ ବା ନଦିଆ କୀର୍ତ୍ତନ। ନଦିଆ କୀର୍ତ୍ତନ ମଣ୍ଡଳୀ ବଙ୍ଗଳା ଓ ବ୍ରଜବୋଲି ଭାଷାରେ ଲିଖିତ ଗୀତ ସବୁ ସ୍ୱତନ୍ତ୍ର ପଦ୍ଧତିରେ ଗାନ କରନ୍ତି ଏବଂ ଓଡ଼ିଶୀ କୀର୍ତ୍ତନ ମଣ୍ଡଳୀ ଓଡ଼ିଆ ଓ ବଙ୍ଗଳାମିଶା ଗୀତ ସବୁ ଏକ ଭିନ୍ନ ରୀତିରେ ଗାନ କରିଥାନ୍ତି। ଉଭୟ ସଂପ୍ରଦାୟରେ କାବ୍ୟ ଓ ତାଳରେ ମଧ୍ୟ କେତେକ ପାର୍ଥକ୍ୟ ଦେଖାଯାଏ। ଚୈତନ୍ୟଙ୍କର ପୁରୀ ଆଗମନ ପୂର୍ବରୁ ଓଡ଼ିଶାରେ ଭଜନ ବା କୀର୍ତ୍ତନ ଗୋଷ୍ଠୀସବୁ ବିଦ୍ୟମାନ ଥିଲା ଓ ସେମାନେ ବିଧିପୂର୍ବକ ଭକ୍ତି ସଙ୍ଗୀତ ଗାନ କରୁଥିଲେ। ନରେନ୍ଦ୍ର ପୁଷ୍କରିଣୀରେ ଜଗନ୍ନାଥଙ୍କ ଚନ୍ଦନଯାତ୍ରା କାଳରେ 'ଜଗନ୍ନାଥ-ଗୋଷ୍ଠୀ ଓ ଚୈତନ୍ୟ ଗୋଷ୍ଠୀ ମିଳିତ ହୋଇ ଆନନ୍ଦରେ ସଂକୀର୍ତ୍ତନ କରିଥିବା ବିଷୟ ବୃନ୍ଦାବନ ଦାସ, ଚୈତନ୍ୟ ଭାଗବତରୁ ଜଣାଯାଏ। ଜଗନ୍ନାଥ-ଗୋଷ୍ଠୀ ବା ଉତ୍କଳୀୟ ଭକ୍ତ – ସଂପ୍ରଦାୟ ସମ୍ଭବତଃ ଓଡ଼ିଆ ଭଜନ, ଜଣାଣ ସବୁ ଗାନ କରୁଥିଲେ। ଓଡ଼ିଶାର କୌଣସି ପ୍ରାଚୀନ କବି ବଙ୍ଗଳା କୀର୍ତ୍ତନ ସ୍ୱରରେ ଓଡ଼ିଆରେ କୀର୍ତ୍ତନ ରଚନା କରିଥିବାର ଦୃଷ୍ଟାନ୍ତ ମିଳେ ନାହିଁ । ଓଡ଼ିଶାର କୀର୍ତ୍ତନ ମଣ୍ଡଳୀ ଯେଉଁ ବଙ୍ଗଳା ଓଡ଼ିଆ ମିଶା ଗୀତ ଏବେ ଗାଉଥିବାର ଶୁଣାଯାଏ, ତାହା ସବୁ ପରବର୍ତ୍ତୀକାଳୀନ, ସମ୍ଭବତଃ ଅଷ୍ଟାଦେଶ ବା ବିଗତ ଶତାବ୍ଦୀର ରଚନା ବୋଲି ମନେ ହୁଏ। ବଙ୍ଗଳା ଭାଷା ଅନଭିଜ୍ଞ ଓଡ଼ିଶାର ଗ୍ରାମାଞ୍ଚଳର କୀର୍ତ୍ତନ ଗାୟକ ଦଳ ଯେଉଁ ବଙ୍ଗଳା କୀର୍ତ୍ତନ ଓ ଓଡ଼ିଆ ବଙ୍ଗଳା ମିଶା କୀର୍ତ୍ତନ ଗାଇଛନ୍ତି, ସେଗୁଡିକ ସେମାନଙ୍କ କଣ୍ଠରୁ ନିଶ୍ଚିତଭାବେ ବକ୍ତୃତାଭାବେ ଉଚ୍ଚାରିତ ହେବା ସ୍ୱାଭାବିକ। ସେଥିପାଇଁ ସ୍ୱର୍ଗୀୟ ପାର୍ବତୀ ଚରଣ ଦାସ ଓ ଜଗବନ୍ଧୁ ସିଂହ ତାହା ଅନୁଭବ କରି ଓଡ଼ିଆରେ ବଙ୍ଗଳା କୀର୍ତ୍ତନ ସଦୃଶ ରଚନାର ଏକାନ୍ତ ଅଭାବ ଦେଖି ସେଇ ସ୍ୱରରେ କେତେକ ଓଡ଼ିଆ କୀର୍ତ୍ତନ ରଚନା କରିବାରେ ମନୋଯୋଗୀ ହୋଇଥିଲେ।

ସଂକୀର୍ତ୍ତନ ଗାନର ଏକ ସ୍ୱତନ୍ତ୍ର ରୀତି ଉତ୍କଳରେ ଅଭ୍ୟୁଦୟ ହୋଇଥିବା ବିଷୟ ଓଡ଼ିଆ ସଂକୀର୍ତ୍ତନ ସଂପ୍ରଦାୟ ସଂକଳନ ଗ୍ରନ୍ଥରୁ ଜଣାଯାଏ। ବିଭିନ୍ନ ସ୍ଥାନରେ ସଂକୀର୍ତ୍ତନର ଏହି ବିଭିନ୍ନ ରୀତି, ଘାଟି ନାମରେ ଅଭିହିତ। କୀର୍ତ୍ତନରେ ପ୍ରଚଳିତ ସାତ ଗୋଟି ଘାଟି ହେଉଛି, ରୀତି ଘାଟି, ଗରଳ ଘାଟି, ବିଷ୍ଣୁପୁରୀ, ମନ୍ଦାରୁଣୀ, ଉତ୍କଳୀ, ଝାଡଖଣ୍ଡୀ ଓ ଗୌଡଦେଶୀ। ଓଡ଼ିଶାର କୀର୍ତ୍ତନ ଗାନ ରୀତି ଏକ ଘାଟି ହୋଇଥିଲେ ହେଁ, ବଙ୍ଗୀୟ କୀର୍ତ୍ତନ ଆଲୋଚକମାନେ ଉତ୍କଳର ଏହି ସ୍ୱତନ୍ତ୍ରତାକୁ ସ୍ୱୀକାର କରି ନାହାନ୍ତି।

ବଙ୍ଗ ଦେଶର କେବଳ ରେନେଟି, ମନୋହର ସାହୀ, ଗଡେର ହାଟି, ବିଷ୍ଣୁପୁରୀ, ମନ୍ଦାରୁଣୀ ପ୍ରଭୃତି ଘାଟିଗୁଡିକ ପରିଚିତ। ରଚନା ପାଟକ ଦୃଷ୍ଟିରୁ ଓଡ଼ିଆ କୀର୍ତ୍ତନଗୁଡିକ ସେପରି ମହତ୍ତ୍ୱପୂର୍ଣ୍ଣ ମନେହୁଏ ନାହିଁ । ଚଳିତ ଶତାବ୍ଦୀର ପାର୍ବତୀ ଚରଣ ଦାସ, ଜଗବନ୍ଧୁ ସିଂହ ପ୍ରଭୃତି ନଦିଆ -କୀର୍ତ୍ତନ ସ୍ୱରରେ ଯେଉଁ କେତେକ ଗୀତ ରଚନା କରିଥିଲେ ତାହା ଆଶାନୁରୂପ ଜନପ୍ରିୟତା ଅର୍ଜନ କରିପାରି ନାହିଁ। ଜଗବନ୍ଧୁ କେତେକ ଗୀତ ରଚନା କରିବା ବ୍ୟତୀତ ଦୀନକୃଷ୍ଣ ଓ ଅଭିମନ୍ୟୁଙ୍କ କେତେକ ସୁପରିଚିତ ଛାନ୍ଦକୁ ଈଷତ୍ ବଦଳାଇ ତାହାକୁ ସଂକୀର୍ତ୍ତନ ସ୍ୱର ଉପଯୋଗୀ ପରିବର୍ତ୍ତିତ କରିଅଛନ୍ତି। ତାହାଙ୍କ 'କୀର୍ତ୍ତନାର ସାମୃତ' ଗ୍ରନ୍ଥରେ ମୋଟ ୧୨୦ଟି ଗୀତ ସନ୍ନିବିଷ୍ଟ।

### ଓଡ଼ିଆ ଭକ୍ତି କବିତା ଓ ଜଗନ୍ନାଥ

**ଭାରତୀୟ ଧର୍ମ:** ଇତିହାସରେ ସର୍ବଧର୍ମ ସମନ୍ୱୟର ପ୍ରତୀକ 'ଜଗନ୍ନାଥ ଧର୍ମ'ର ଅଭିନବତ୍ୱ ସ୍ୱୀକୃତି ଲାଭ କରିଅଛି ଓ ଏହା ଯୁଗେ ଯୁଗେ ଧର୍ମ ପିପାସୁ ସନ୍ଥ ଓ ଭକ୍ତମାନଙ୍କୁ ଆକୃଷ୍ଟ ତଥା ପ୍ରଭାବିତ କରିଆସୁଅଛି। ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ତଥା ଓଡ଼ିଶା ଜାତୀୟ ଜୀବନରେ ଜଗନ୍ନାଥ ଉପାସନାର ପ୍ରଭାବ ଅନୁଭୂତ ହୁଏ। ଉଦାରତା, ମୈତ୍ରୀ, ବିଶ୍ୱ ଭ୍ରାତୃତ୍ୱ, ସର୍ବଧର୍ମ-ସମନ୍ୱୟ ଏହି ଉପାସନାର ମୂଳ ଲକ୍ଷ୍ୟ। ବହୁ ଦେବା ଦେବୀଙ୍କ ଉପାସନା ଓଡ଼ିଶାରେ ପ୍ରଚଳିତ ଥିଲେ ହେଁ ଜଗନ୍ନାଥ ଏ ଦେଶର ପରମ ଦେବତା ଭାବେ ଗୃହୀତ ହୋଇଛନ୍ତି। ସମ୍ଭବତଃ ସେଥିପାଇଁ ଓଡ଼ିଆ ସାହିତ୍ୟରେ ଆମ୍ଭେମାନେ ଅନ୍ୟାନ୍ୟ ଦେବାଦେବୀଙ୍କ ଅପେକ୍ଷା ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ହିଁ ସର୍ବାଧିକ ଭକ୍ତି ଗୀତିକା ହୋଇଥିବାର ଦେଖିବାକୁ ପାଉ। ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ଓଡିଶାର ଧର୍ମ-ଜୀବନର ଜଗନ୍ନାଥଙ୍କ ପ୍ରାଧାନ୍ୟ ସ୍ୱୀକୃତ ଲାଭ କରିସାରିଥିଲା । ସାରଳା ଦାସ ଦେବୀ ଭକ୍ତ ଥିଲେ ହେଁ ତାହାଙ୍କ ମହାଭାରତର ବହୁ ସ୍ଥାନରେ ସେ ସାରଳାଙ୍କ ବନ୍ଦନା ସଂଗେ ସଂଗେ ଜଗନ୍ନାଥଙ୍କ ବନ୍ଦନା ମଧ୍ୟ କରିଛନ୍ତି। ଷୋଡଶ ଶତାବ୍ଦୀରେ ଓଡିଶାରେ ବଳରାମ, ଜଗନ୍ନାଥ, ଅନନ୍ତ, ଅଚ୍ୟୁତ, ଯଶୋବନ୍ତ ପ୍ରଭୃତି ପଞ୍ଚସଖାଙ୍କ ଆବିର୍ଭାବ ଯୋଗୁଁ ବୈଷ୍ଣବ ଧର୍ମର ପୁନଃଜାଗରଣ ଘଟିଥିଲା ଓ ଏହି ଭକ୍ତ କର୍ମୀମାନେ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ବିବିଧ ଜଣାଣ, ଭଜନ, ଚଉତିଶା ପ୍ରଭୃତି ରଚନା କରି ଓଡିଶା ଭକ୍ତି-କବିତା କ୍ଷେତ୍ରରେ ନୂତନ ପରମ୍ପରା

ସୃଷ୍ଟି କରିବାକୁ ସମ୍ଭବ ହୋଇଥିଲେ। ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପଞ୍ଚଦଶ ଶତାବ୍ଦୀରୁ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ବନମାଳୀ, ଗୌର ଚରଣ, ଯଦୁମଣି, କବିସୂର୍ଯ୍ୟ ବଳଦେବ, ଶ୍ୟାମଘନ, ଶ୍ରୀଚନ୍ଦନ, ସାନନ୍ଦ, ଅଭିମନ୍ୟୁ, ନିତ୍ୟାନନ୍ଦ,ସାରିଆ, ଭକ୍ତଚରଣ ପ୍ରଭୃତି ବହୁ କବି ଜଣାଣ– ଭଜନ ରଚନା କରିଯାଇଛନ୍ତି।

**ଏସବୁ ଜଗନ୍ନାଥ ଜଣାଣ:** ଭଜନ ଶତକରୁ ଜଣାଯାଏ । ଏତଦ୍‌ବ୍ୟତୀତ କଳ୍ପଲତା ଜେମା, କୁଞ୍ଜଲତା, ଦିବ୍ୟସିଂହ ଦେବ, ଦୀନବନ୍ଧୁରାଜ, ଦୀନକୃଷ୍ଣ, ନୃସିଂହ ଗଜପତି, ପଦ୍ମନାଭ ପଟ୍ଟନାୟକ, ବୀର କିଶୋର ଦେବ, ମାନ ଗୋବିନ୍ଦ ହୋତା, ରାଧାନାଥ ରାମ, ସାଲବେଗ ପ୍ରଭୃତିଙ୍କ ଦ୍ୱାରା ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଲିଖିତ ଅପ୍ରକାଶିତ ଭକ୍ତି ମୂଳକ ଗୀତମାନଙ୍କର ସନ୍ଧାନ ମିଳିଅଛି। ଜଗନ୍ନାଥଙ୍କ ବିବିଧ ପୂଜା– ପର୍ବାଣି ଯାତ୍ରା ଉତ୍ସବକୁ ଭିତ୍ତିକରି ମଧ୍ୟ ଓଡିଶାରୁ ବହୁ କବି କେତେକ ଗୀତ ରଚନା କରିଅଛନ୍ତି।

**ଜଗନ୍ନାଥଙ୍କ ଯାତ୍ରା:** ପ୍ରଶସ୍ତିମୂଳକ ବଳରାମ ଦାସଙ୍କ ସଂଗୀତଟି ମଧ୍ୟ ଏ ସମ୍ପର୍କରେ ଉଲ୍ଲେଖଯୋଗ୍ୟ। ଜଗନ୍ନାଥଙ୍କୁ ଓଡିଶାର ଭକ୍ତ କବି ଗଣ ଆପଣାର ପରମ ଆଶ୍ରୟ ଦୁରିତନିବାରଣ ପତିତପାବନ, ରକ୍ଷାକାରୀ ରୂପେ ଅଭିହିତ କରିଥିଲେ ହେଁ କେବେହେଲେ ବା ଭୟଙ୍କର ରୂପେ କଳ୍ପନା କରିନାହାଁନ୍ତି।

**ବୈଷ୍ଣବ:** କବିଗଣ ଶ୍ରୀକୃଷ୍ଣଙ୍କ ସଖା, ବାତ୍ସଲ୍ୟ ମଧୁର ଆଦି ବିବିଧ ଭାବରେ ରସସ୍ନିଗ୍ଧ କରି ଯେପରି ଚିତ୍ରଣ କରିଅଛନ୍ତି ଉତ୍କଳୀୟ ଭକ୍ତ କବିଗଣ ମଧ୍ୟ ସେହିପରି ଜଗନ୍ନାଥଙ୍କୁ ଚିତ୍ରଣ କରିଅଛନ୍ତି।

**ବିବିଧଭକ୍ତି ଗୀତିକା ଓ ତହିଁରେ ଅଭିଳାଷର ସମତା**

ଓଡିଆର ଗଣେଶ, ନାରାୟଣ, ରୁଦ୍ର, ଅମ୍ବିକା ଭାସ୍କର ପ୍ରଭୃତି ପଞ୍ଚଦେବତାଙ୍କ ଉଦ୍ଦେଶ୍ୟରେ ଯେପରି ଭକ୍ତିମୂଳକ ଗୀତ ରଚିତ ହୋଇଅଛି, ସେହିପରି ଲକ୍ଷ୍ମୀ ସରସ୍ୱତୀଙ୍କ ଉଦ୍ଦେଶ୍ୟର ମଧ୍ୟ କେତେକ ଭକ୍ତି– ଗୀତିକା ରଚିତ ହୋଇଅଛି। ଝଙ୍କଡସ୍ଥ ସାରଳା ଦେବୀ, ଓଡିଶାର ବିଦ୍ୟାରେ ଅଧିଷ୍ଠାତ୍ରୀ ଦେବୀ ଭାବରେ ଗୃହୀତ ହୋଇଥାନ୍ତି। ପାଲକାରମାନେ ପାଲା ଆରମ୍ଭ କରିବା ପୂର୍ବରୁ ସାରଳା ଓ ପଞ୍ଚଦେବତାଙ୍କର ବନ୍ଦନା କରିଥାଆନ୍ତି।

ବିଦ୍ୟାର୍ଥୀଗଣ ସରସ୍ୱତୀ ଓ ଗଣେଶଙ୍କ ପୂଜା ଉପଲକ୍ଷେ ସରସ୍ୱତୀ ଓ ଗଣେଶଙ୍କ ବନ୍ଦନା ଆବୃତ୍ତି କରିଥାନ୍ତି। କେତେକ କବି ଏହି ଦୁଇ ଦେବଦେବୀଙ୍କ ଉଦ୍ଦେଶ୍ୟରେ ମଧ୍ୟ ବନ୍ଦନା ରଚନା କରିଅଛନ୍ତି। ଘନଶ୍ୟାମ କର ଓ ବୀରକେଶରୀଙ୍କ ରଚିତ ଦୁଇଟି ଗଣେଶ ବନ୍ଦନା ଓ କିଶୋର ଚନ୍ଦ୍ରଙ୍କ ସରସ୍ୱତୀ ବନ୍ଦନା ଏ ସମ୍ପର୍କରେ ଉଲ୍ଲେଖଯୋଗ୍ୟ।

ମନଃଶିକ୍ଷାମୂଳକ କବିତାଗୁଡ଼ିକ ମଧ୍ୟ ଭକ୍ତି କବିତାର ଅନ୍ତର୍ଭୁକ୍ତ। ଏଥିରେ ସାଧକର ସିଦ୍ଧିଲାଳସା, ଅବୋଧ ମନ ପ୍ରତି ବିବେକ ବା ଚୈତନ୍ୟଙ୍କର ଉପଦେଶ ଓ ଉପାସ୍ୟ ଦେବତାଙ୍କ ଶରଣାପନ୍ନ ହେବା ଲାଗି ଉପଦେଶାଦି ବର୍ଣ୍ଣିତ ହେଇଥାଏ। ଏହିସବୁ କବିତାରେ ମନକୁ ମୂଢ଼ କ୍ଷୁଧକର ବାଇଆ, ବାଇଆ ରାଜା ମତ୍ତଭ୍ରସକ ପ୍ରଭୃତି ବିଭିନ୍ନ ନାମରେ ସମ୍ବୋଧିତ ହୋଇଥାଏ। ପଞ୍ଚସଖା, ବନମାଳୀ, ଗୋପାଳକୃଷ୍ଣ, ଗୌରଚରଣ, ଗୌରହରି ପ୍ରଭୃତି ପ୍ରଖ୍ୟାତ କବିମାନଙ୍କ ବ୍ୟତୀତ ନାରାୟଣ ପଟ୍ଟନାୟକ, ସାଲବେଗ, ରାମକୃଷ୍ଣ, କବିସୂର୍ଯ୍ୟ, ସଦାନନ୍ଦ ପ୍ରଭୃତି କବି ମଧ୍ୟ ଶିକ୍ଷାମୂଳକ କବିତା ରଚନା କରି ଯାଇଛନ୍ତି।

ଓଡ଼ିଶାର ଭକ୍ତି କବିତା ରଚୟିତା ସଂଖ୍ୟା ଯେପରି ସୁବିପୁଳ, ସେହିପରି ସେମାନଙ୍କ ରଚିତ ସଂଗୀତାବଳୀ ମଧ୍ୟ ବହୁ ସହସ୍ରାଧିକ। ଏହି ଗୀତିକାରମାନଙ୍କ ମଧ୍ୟରେ ସମାଜର ନାନା ସ୍ତରର ଲୋକଙ୍କୁ ଦେଖିବାକୁ ମିଳେ। ରାଜାଙ୍କଠାରୁ ଆରମ୍ଭ କରି ସେବକ, ଭକ୍ତ, ସାଧକ, ଗୃହୀ, ଧୀବର ଆଦିବାସୀ, କନ୍ଧ, ଯବନ ପ୍ରଭୃତି ସର୍ବବିଧ ସ୍ତରର ବ୍ୟକ୍ତିଙ୍କ ଦାନରେ ଓଡ଼ିଆ ଭକ୍ତି ସଂଗୀତର ଧାରା ପରିପୁଷ୍ଟ। ଯବନ–କବି ସାଲବେଗ ଓ କନ୍ଧ–ଭୀମ ଭୋଇଙ୍କ ରଚନାବଳୀ ଜନପ୍ରିୟତା ଦୃଷ୍ଟିରୁ ଓଡ଼ିଶାରେ ଅପ୍ରତିଦ୍ୱନ୍ଦୀ କହିଲେ ଚଳେ। ଏହିସବୁ ଭକ୍ତ ସେମାନଙ୍କ ଅଭିଳାଷ ଭିନ୍ନ ହେବା ସ୍ୱାଭାବିକ, ମାତ୍ର ଏହି କବିମାନଙ୍କ ଆନ୍ତରିକ ଆକାଂକ୍ଷା, କାମନା ବ୍ୟାକୁଳତା ମଧ୍ୟରେ ଏକ ପ୍ରକାର ଆଶ୍ଚର୍ଯ୍ୟ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ। ଭକ୍ତି କବିତା ରଚୟିତା ଭାବେ କବି ବନମାଳୀଙ୍କ ରଚନାରେ ଯେଉଁ ଭକ୍ତିଭାବ ପରିଲକ୍ଷିତ ହୁଏ, ତାହା ଯେକୌଣସି ସାହିତ୍ୟର ଶ୍ରେଷ୍ଠ ଭକ୍ତି –କବିତାର ସମକକ୍ଷ। କେତେକ ସୁପରିଜ୍ଞାତ ଭକ୍ତି –ସଂଗୀତକାରଙ୍କ ବ୍ୟତୀତ ଅନ୍ୟ ଭକ୍ତ କବିମାନଙ୍କ ପରିଚୟ ଜାଣିବା ଅତ୍ୟନ୍ତ କଷ୍ଟସାଧ୍ୟ। ସେହିସବୁ କବିତାର ରଚନା କାଳ ନିର୍ଣ୍ଣୟ କରିବା ମଧ୍ୟ ସେହିପରି ଦୁରୁହ ବ୍ୟାପାର। ତଥାପି ମାତ୍ର ଦୁଇ ଚାରିଗୋଟି କ୍ଷୁଦ୍ର ଗୀତରଚନା କିପରି କବିର ମୃତ୍ୟୁ ପରେ ମଧ୍ୟ ଅମରତ୍ୱ ଲାଭ କରିପାରିଥାନ୍ତି, ଓଡ଼ିଆ ଭକ୍ତି –ଗୀତିକାମାନଙ୍କରୁ ତାହାର ବହୁଳ ଦୃଷ୍ଟାନ୍ତ ମିଳିଥାଏ। ସ୍ୱପ୍ନା ନନ୍ଦ, ସାରିଆ, ଗଣ୍ଡାଧର, ଅରକ୍ଷିତ, ଆର୍ତ୍ତ ଅବଧୂତ ଚାଟ, ବାଇ ମୂର୍ଖ, ଗୋରେଖି, କାଶୀ ପର୍ଶୁରାମ, ଭରତ, ହୃଦାନନ୍ଦ ପ୍ରଭୃତିଙ୍କ ଭାବନାବଳୀକୁ ଏହି ପ୍ରସଂଗରେ ଉଲ୍ଲେଖ କରାଯାଇ ପାରେ।

ଊନବିଂଶ ଶତକର ଶେଷାର୍ଦ୍ଧରେ ମହିମା ଗୋସେଇଁ ଓ ଭୀମ ଭୋଇଙ୍କ ପ୍ରଚାରିତ ମହିମା ଧର୍ମ ଓଡ଼ିଶାରେ ଅନେକ ଅଞ୍ଚଳରେ ଏକ ଧର୍ମ ନୈତିକ ପ୍ଲାବନ ସୃଷ୍ଟି କରିଥିଲା। ମହିମା ଧର୍ମରେ ମୁଖ୍ୟତଃ ନିର୍ଗୁଣ ଉପାସନା ପ୍ରଚଳିତ ଓ ଏହି ନିର୍ଗୁଣ ଭକ୍ତି ଗୀତିକା –ରଚୟିତା ଭାବରେ ଭୀମଭୋଇ ଓ ଜୟକୃଷ୍ଣ ଧରଣୀ ସମକାଳର ଇଂରାଜୀ ଶିକ୍ଷା ପ୍ରାପ୍ତ ବ୍ୟକ୍ତିମାନଙ୍କ ମଧ୍ୟରେ ବ୍ରାହ୍ମ ଧର୍ମର ପ୍ରଚାର ମଧ୍ୟ ବହୁ ବ୍ରହ୍ମଭକ୍ତି ସଂଗୀତ ରଚନା ଲାଗି କବିମାନଙ୍କୁ ଅନୁପ୍ରାଣିତ କରିଛନ୍ତି । ଏହିସବୁ ବ୍ରାହ୍ମ ସଂଗୀତ ଯେ ନିର୍ଗୁଣ ଭକ୍ତି –ଗୀତିକା ପର୍ଯ୍ୟାୟଭୁକ୍ତ, ଏହା କହିବା ବାହୁଲ୍ୟ ମାତ୍ର। ଭକ୍ତ –କବି ମଧୁସୂଦନଙ୍କ ନାମ ଏ କ୍ଷେତ୍ରରେ ସର୍ବାଦୌ ଉଲ୍ଲେଖଯୋଗ୍ୟ।

ଏତଦ୍‌ବ୍ୟତୀତ ଚତୁର୍ଭୁଜ ପଟ୍ଟନାୟକ ଓ ଅନ୍ୟାନ୍ୟ ବହୁ ଅଜ୍ଞାତ କବି ମଧ୍ୟ ବ୍ରାହ୍ମ ଭଜନ ରଚନା କରିଯାଇଅଛନ୍ତି। ଊନବିଂଶ ଶତକର ଶେଷ ଭାଗରେ ଓଡ଼ିଶାରେ ଖ୍ରୀଷ୍ଟ ଧର୍ମ ପ୍ରଚାରିତ ହୋଇଥିଲା। ଗଙ୍ଗାଧର ଷଡ଼ଙ୍ଗୀ ଉତ୍କଳୀୟମାନଙ୍କ ମଧ୍ୟରୁ ସର୍ବ ପ୍ରଥମେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ। ଗଙ୍ଗାଧର ଷଡ଼ଙ୍ଗୀ କାର୍ତ୍ତିକ ସାମଲ, ଦାନିୟେଲ ମହାନ୍ତି, ପିତର ମହାନ୍ତି, ରାମଚନ୍ଦ୍ର ଜାଚକ, ପ୍ରଭୃତି ଯୀଶୁ ବନ୍ଦନାମୂଳକ ଗୀତାବଳୀର ରଚନା କରିଅଛନ୍ତି। ଏପରିକି ଖ୍ରୀଷ୍ଟଧର୍ମରେ କେତେକ ଯୀଶୁ ବନ୍ଦନାମୂଳକ ଓଡ଼ିଆ ଗୀତ ମଧ୍ୟ ପରିଦୃଷ୍ଟ ହୁଏ।

ମଧୁସୂଦନଙ୍କ ପରେ ଫକୀର ମୋହନ, ଗଙ୍ଗାଧର, ଚିନ୍ତାମଣି, ନନ୍ଦକିଶୋର, ଲକ୍ଷ୍ମୀକାନ୍ତ, କୁନ୍ତଳା କୁମାରୀ, ଅପନ୍ନା ଦେବୀ ପ୍ରଭୃତି ଆଧୁନିକ କବିମାନଙ୍କ ସଂଗୀତାବଳୀ ଦ୍ୱାରା ଓଡ଼ିଆ ଭକ୍ତି ସଂଗୀତର ଧାରା ପରିପୁଷ୍ଟ ହୋଇଅଛି। ସାମ୍ପ୍ରତିକ ଓଡ଼ିଶା ସାହିତ୍ୟର ନାନା କାରଣରୁ ଭକ୍ତି –ସଂଗୀତ ରଚନା ଧାରା ସଙ୍କୁଚିତ ଓ ମନ୍ଦୀଭୂତ ହୋଇଯାଇଥିଲେ ହେଁ ଆଧୁନିକ ଯୁଗର ମୋହନ ସୁନ୍ଦର ଦେବ ଗୋସ୍ୱାମୀ, ବାବାଜୀ ବୈଷ୍ଣବ ଚରଣ ଦାସ, ଲୋକନାଥ ପଟ୍ଟନାୟକ, କାଳିଚରଣ ପଟ୍ଟନାୟକ ପ୍ରଭୃତି ବହୁ ସରସ ଜଣାଣ ଓ ଭଜନ ରଚନା କରିଅଛନ୍ତି ।

ରେଣୁକା ଏନ୍‌କ୍ଲେଭ୍
କନିକା ଛକ, କଟକ

# ଉତ୍କଳ ଜନନୀ

ବିଚିତ୍ରାନନ୍ଦ ବାରିକ

ବନ୍ଦେ ମା' ଉତ୍କଳ ଜନନୀ
କଳା ସଂସ୍କୃତି ଓ ଚିନ୍ମୟୀ ରାଣୀ
କୀର୍ତ୍ତିରାଜି ମନୋହରୀ ସବୁଜ ବନାନୀ ଶିରୀ
ଭୂଧର କେଦାର ମାଳିନୀ ।

ଲଲାଟ ପଟଳେ ସାଦରେ ଘେନି
ଧରିଛି ନୀଳାଦ୍ରି ମୁକୁଟ ମଣି
ମହେନ୍ଦ୍ର ମଣ୍ଡିତା ମହୀରୂପା ମାତା
ମହାନଦୀ କଳ କଳ ରାଗିଣୀ ।

ଚିଲିକାର ନୀଳ ତରଙ୍ଗ
ବିମଳ ସୁଷମାରେ ଶୋଭିତ ଅଙ୍ଗ
ଭାର୍ଗବୀ ବ୍ରାହ୍ମଣୀ ଦୟା ବୈତରଣୀ
ସୁବର୍ଣ୍ଣରେଖା ବୁଢାବଳଙ୍ଗ ମଣି ।

କମଳ ଯୁଗଳ ନୟନ
କୋଣାର୍କ ଏକାମ୍ର କାନନ
କ୍ଷେତ୍ର ଶ୍ରୀମନ୍ଦିର ଧ୍ୱଜା ଫରଫର
ତହିଁରେ ବିଜେ ଶ୍ରୀକ୍ଷେତ୍ର ମଣି ।

ସ୍ନେହ ମମତାର ଛୁଟାଇ ଧାରା
କୋଟି କୋଟି ଜନେ ଦେଇ ଆଶରା
ଶାନ୍ତି ମୈତ୍ରୀ ଓ ପ୍ରୀତି ସ୍ଥାପି
ନମଇ ପାଦେ ମା' ବୀର ପ୍ରସବିନୀ ।

ନିଆଳୀ, କଟକ

# ପାଣି ଯୁଗର ଶେଷ ଦୀପଶିଖା 'ଗୁଣ୍ଠୁଣି ରାମା'

ଡକ୍ଟର ବିରଞ୍ଚି ସାହୁ

ଲୋକ ନାଟକ ହେଉଛି ଆଧୁନିକ ନାଟକର ଏନ୍ତୁଡ଼ିଶାଳ । ଏକଦା ଓଡ଼ିଶାରେ ଏହି ଲୋକ ନାଟକ ଆଦୃତି ଲାଭ କରିଥିଲା । ଏମାନଙ୍କ ଭିତରେ ଲୀଳା, ଫାର୍ଶ, ପାଲା, ଦାସକାଠିଆଠାରୁ ଆରମ୍ଭ କରି ଗୀତିନାଟ୍ୟ, ଗୀତାଭିନୟ ଆଦି ଅନ୍ତର୍ଭୁକ୍ତ । ଲୋକ ନାଟକର ଅଧିକାଂଶ ବିଭାଗ ନୃତ୍ୟଭିତ୍ତିକ ହୋଇଥିବା ସ୍ଥଳେ ଗୀତିନାଟ୍ୟ, ଗୀତାଭିନୟ, ଫାର୍ଶ ଆଦି ନୃତ୍ୟ, ସଙ୍ଗୀତ, ଅଭିନୟ ଓ ସଂଳାପ ଆଦି ଦ୍ୱାରା ସଂଘଟିତ ହୋଇଥାଏ । ଗୀତିନାଟ୍ୟ, ଗୀତାଭିନୟ କ୍ଷେତ୍ରରେ ଅନେକ ବ୍ୟକ୍ତି ନିଜର ପରାକାଷ୍ଠା ଜାହିର କରିପାରିଛନ୍ତି । ଏହିମାନେ ଗୀତିନାଟ୍ୟ, ଗୀତାଭିନୟର ରଚୟିତା, ଅଭିନେତା, ନିର୍ଦ୍ଦେଶକ, ସଂଗଠକ ଏବଂ ଏପରିକି ନିଜର ଯାତ୍ରାଦଳ ତିଆରି କରି ଏକାଦିକ୍ରମେ ଏତେଗୁଡିଏ ଦାୟିତ୍ୱ ନିର୍ବାହ କରିଥାନ୍ତି । ସେମାନଙ୍କ ଭିତରେ ଅଛନ୍ତି ଓଡ଼ିଶାର ଜଗନ୍ନାଥ ପାଣି, କୃଷ୍ଣ ପ୍ରସାଦ ବସୁ, ବୈଷ୍ଣବ ପାଣି, ବାଳକୃଷ୍ଣ ମହାନ୍ତି, ରାମଚନ୍ଦ୍ର ସ୍ୱାଇଁ, ଦୟାନିଧି ସ୍ୱାଇଁ, ବୀର କିଶୋର ରାୟ ପ୍ରମୁଖ ନାଟ୍ୟକାର ।

ଓଡ଼ିଶାରେ ଯେଉଁ ନାଟ୍ୟକାରମାନେ ଲୀଳା, ଫାର୍ଶ, ଗୀତିନାଟ୍ୟ, ଗୀତାଭିନୟ ରଚନା କରି ଓଡ଼ିଆ ନାଟ୍ୟ ସାହିତ୍ୟକୁ ରୁଦ୍ଧିମନ୍ତ କରିଯାଇଛନ୍ତି, ସେମାନେ ସମସ୍ତେ ଦିବଂଗତ । ସେହି ନାଟ୍ୟକାରମାନେ ଓଡ଼ିଶାରେ ନିଜସ୍ୱ ରଚନା, ଅଭିନୟ, ଯାତ୍ରାଦଳ ଯୋଗୁଁ ସ୍ୱତନ୍ତ୍ର ଆସନ ସୃଷ୍ଟି କରିଯାଇଛନ୍ତି କିନ୍ତୁ ବୈଷ୍ଣବ ପାଣି ଏ ସମସ୍ତଙ୍କ ଭିତରେ ସ୍ୱତନ୍ତ୍ର । ସ୍ୱତନ୍ତ୍ର ଏଇଥିପାଇଁ ଯେ, ତାଙ୍କର ସମସ୍ତ ରଚନା ତୁଳନାତ୍ମକ ଭାବେ ଅଧିକ କିନ୍ତୁ ଅନ୍ୟମାନେ ମଧ କେହି କାହାରିଠାରୁ ଊଣା ନୁହନ୍ତି । ବାଳକୃଷ୍ଣ ମହାନ୍ତି ଅଧିକ କିନ୍ତୁ ଆଧୁନିକ ମନେହୁଅନ୍ତି । ତାଙ୍କ ଗୀତିନାଟ୍ୟଗୁଡ଼ିକରେ ଗଦ୍ୟ ସଂଳାପର ପ୍ରୟୋଗ ଅଧିକ ପରିଲକ୍ଷିତ ହୋଇଥାଏ । ନାଟୁଆ ମହାନ୍ତି ଶେଷବେଳକୁ କଳା ପାଇଁ କାଙ୍ଗାଳ ହୋଇଯାଇଥିଲେ । ବୈଷ୍ଣବ ପାଣିଙ୍କ ଜୀବନ ଶୈଳୀ ଅନ୍ୟମାନଙ୍କ ତୁଳନାରେ ଭିନ୍ନ ଥିଲା । ବାଲ୍ୟକାଳରୁ ଦାରିଦ୍ର୍ୟର ତାଡ଼ନା, ଯୌବନରେ ରଜକିନୀ ହର ସହିତ ବିବାହ ଏ ଦୁଇଟି ଘଟଣା ଯୋଗୁଁ ବୋଧହୁଏ ବୈଷ୍ଣବ ପାଣି ନିଜ ସୃଷ୍ଟିରେ ଏତେ ଉତ୍କର୍ଷତା ଲାଭ କରିଥିଲେ । ଦୁଃଖ, ଯନ୍ତ୍ରଣା, ଅଭାବ, ଅନଟନ ଏ ଥିଲା ଏମାନଙ୍କର ଚିର ସହଚର । ଅବଶ୍ୟ ଏହା ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ । ଯାତ୍ରା ସମ୍ରାଟ ବୈଷ୍ଣବ ପାଣିଙ୍କ ସମୟର ଜଣେ ଅମଳିନ ପ୍ରତିଭା ଥିଲେ ଗୁଣ୍ଠୁଣି ରାମା ।

**କିଏ ଏହି ଗୁଣ୍ଠୁଣି ରାମା ?**

ଜଗତସିଂହପୁର ଜିଲ୍ଲାର ଗୋଠିଣା ଗାଁରେ ରାମଚନ୍ଦ୍ର ସ୍ୱାଇଁଙ୍କ ଜନ୍ମ । ୧୯୦୫ ମସିହା ଏପ୍ରିଲ୍ ୨ ତାରିଖରେ ରାମନବମୀ ତିଥିରେ ଭୂମିଷ୍ଠ ହୋଇଥିଲେ ରାମଚନ୍ଦ୍ର । ପବିତ୍ର ରାମନବମୀ ତିଥିରେ ଜନ୍ମ ହୋଇଥିବାରୁ ତାଙ୍କର ଏପରି ନାମକରଣ ହୋଇଥିଲା । ରାମଚନ୍ଦ୍ରଙ୍କର ପରିବାର ଥିଲା ସ୍ୱଚ୍ଛଳ ପରିବାର । ଏମିତିକି ଛୋଟକାଟିଆ ଜମିଦାର ପରିବାରର ଥିଲେ । କୋଡିଏ–ତିରିଶ ଖଣ୍ଡ ଗାଁରେ ତାଙ୍କର ନାଁ ଥିଲା । ରାମଚନ୍ଦ୍ର ଥିଲେ ତାଙ୍କ ପରିବାରର ପ୍ରଥମ ସନ୍ତାନ । ତେଣୁ ରାମଚନ୍ଦ୍ରଙ୍କ ଜନ୍ମ ପରେ ପରିବାରର ସମସ୍ତ ବ୍ୟକ୍ତି ହର୍ଷ ଉଲ୍ଲାସରେ ମାତିଥାନ୍ତି, ରାମଚନ୍ଦ୍ରଙ୍କୁ ସମସ୍ତେ ସ୍ନେହ ଆଦର କରୁଥାନ୍ତି । ରାଜାଙ୍କ ପରି ପୋଷାକ ପରିଚ୍ଛଦ ପିନ୍ଧୁଥାନ୍ତି । ଘୋଡ଼ା ଚଢିବା ତାଙ୍କର ଅନ୍ୟ ଏକ ସଉକ ଥିଲା । ରଘୁନାଥପୁର ଅଞ୍ଚଳରେ ସେ ପ୍ରଥମ କରି ସାଇକେଲ୍ ଚଢୁଥିଲେ । ସାଇକେଲ୍‌କୁ ସେତେବେଳେ 'ଶୂନ୍‌ଗାଡ଼ି' ବୋଲି କୁହାଯାଉ ଥିଲା ।(୧)

ରାମଚନ୍ଦ୍ରଙ୍କୁ ପାଠ ପଢାଇବା ପାଇଁ ସମସ୍ତେ ଚାହୁଁଥିଲେ । କାରଣ ଜମିଦାରୀ ପରିବାରରେ କିଛି ଅସୁବିଧା ନଥିଲା । ପାଠ

ପଢ଼ିଲା ପରେ ସରକାରଙ୍କ ପାଖରେ ଚାକିରି କରିବାର ମଧ ଇଚ୍ଛା ଥିଲା । ରଘୁନାଥପୁର ମାଇନର ସ୍କୁଲରେ ତାଙ୍କ ନାମ ଲେଖାଯାଇଥିଲା। ସେତେବେଳେ ଏହି ଅନୁଷ୍ଠାନ ଏକମାତ୍ର ଶିକ୍ଷାନୁଷ୍ଠାନ ଭାବରେ ପ୍ରତିଷ୍ଠା ଲାଭ କରିଥିଲା । ରାମଚନ୍ଦ୍ରଙ୍କ ପାଠ ପ୍ରତି ଆଦୌ ସ୍ପୃହା ନଥାଏ । ସ୍କୁଲ ପାଖରେ ଥିବା ମଦନ ମୋହନ ମଠରେ ଏକ ଯାତ୍ରାଦଳ ଥାଏ, ସେଠି ରାସ ଲୀଳା ଆଦି ଚାଲିଥାଏ । ରାମଚନ୍ଦ୍ର କ୍ରମେ ସେହି ମଠର ବାବା ବୈଷ୍ଣବ ଚରଣ ଦାସଙ୍କ ପାଖରେ ବସି ହାରମୋନିୟମ ଶିକ୍ଷା କରନ୍ତି। କଳା ଦିଗପ୍ରତି ଆଗ୍ରହ ତାଙ୍କର କ୍ରମଶଃ ବଢ଼ିବାକୁ ଲାଗିଲା। ମାତ୍ର ଶିକ୍ଷା ପ୍ରତି ଧୀରେ ଧୀରେ ଅମନଯୋଗୀ ହୋଇପଡ଼ିଲେ। ଫଳରେ ପରିବାରରେ ଅସନ୍ତୋଷ ଲାଗି ରହିଲା। ଦିନେ ବାପାଙ୍କ ବାକ୍ସରୁ ଟଙ୍କା ଚୋରିକରି ହାରମୋନିୟମ କିଣି ଆଣି ଶିକ୍ଷାକଲେ। ପିତା ତାଙ୍କୁ ଏପରି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦେବା ସତ୍ତ୍ୱେ କିଛି ଫଳ ହେଲା ନାହିଁ। ଶେଷରେ ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ତାଙ୍କ ଦେହ ଅସୁସ୍ଥ ହୋଇପଡ଼ିଲା ଓ ତାହା ଦୀର୍ଘଦିନ ଧରି ଲାଗି ରହିଲା। ଫଳରେ ସେ ଆଉ ସ୍କୁଲକୁ ଗଲେ ନାହିଁ ଓ ପରେ ପରେ ସବୁଦିନ ପାଇଁ ତାଙ୍କର ପାଠପଢ଼ାରେ ଡ଼ୋରି ବନ୍ଧା ହେଲା। ଏଇଠି ଆରମ୍ଭ ହେଲା ନାଟ୍ୟ ଜଗତ ସହିତ ତାଙ୍କର ସମ୍ପର୍କ। ବାପା ଚାହୁଁଥିଲେ ପୁଅ କିଛି ଅଲଗା କାମ କରୁ, ଜମିଦାରୀ ବୁଝାଶୁଝା କରୁ କିନ୍ତୁ ପୁଅ ରାମଚନ୍ଦ୍ର ଏହା ପ୍ରତି ଆଗ୍ରହ ପ୍ରକାଶ କରିବା ପରିବର୍ତ୍ତେ ଯାତ୍ରା ଜଗତ ପ୍ରତି ଆକୃଷ୍ଟ ହେଲେ। ପାଖଆଖ ଗାଁକୁ ଯାତ୍ରା ଦେଖିବା ପାଇଁ ପଳାନ୍ତି। ବଡ଼ଭାଇ ମାଧବାନନ୍ଦ ସ୍ୱାଇଁ ଗୋଟିଏ ସଂକୀର୍ତ୍ତନ ମଣ୍ଡଳୀ ଗଠନ କରିଥାନ୍ତି, ସେହି ସଂକୀର୍ତ୍ତନ ମଣ୍ଡଳୀରେ ଯୋଗ ଦେଲେ ରାମଚନ୍ଦ୍ର ସ୍ୱାଇଁ । ଦିଗମ୍ବର ନାୟକ, ପୁରୁଷୋତ୍ତମ ମହାପାତ୍ର, ଦାମୋଦର ସ୍ୱାଇଁ, ହାଡ଼ିବନ୍ଧୁ ମଲିକ, ଶତ୍ରୁଘ୍ନ ସାହୁ, ଧଡ଼ି ସାହୁ, ଚୈତନ୍ୟ ସ୍ୱାଇଁ ପ୍ରଭୃତି ଗ୍ରାମର ଛୋଟ ଛୋଟ ପିଲା ହେଲେ ତାଙ୍କର ଛାତ୍ର। ଏହିମାନଙ୍କୁ ନେଇ ସେ ପ୍ରଥମେ ଯାତ୍ରାଦଳ ଗଠନ କରନ୍ତି। ଏହି ଦଳରେ ବାଦ୍ୟକାର ଭାବେ କେଳୁ ଚରଣ ବାରିକ, ଉତ୍ସବ ବାରିକ, ଆର୍ତ୍ତବନ୍ଧୁ ସ୍ୱାଇଁ ଓ ନିଜେ ରାମଚନ୍ଦ୍ର ସ୍ୱାଇଁ ଥିଲେ। ଆଧୁନିକ ବାଦ୍ୟ ସେସମୟରେ ପ୍ରଚଳିତ ହୋଇନଥାଏ। କେବଳ ହାରମୋନିୟମ, ପଖଉଜ, ଝାଞ୍ଜ ପ୍ରଭୃତି ବାଦ୍ୟ ବ୍ୟବହୃତ ହୋଇଥାଏ। ନିଜେ ସେ ନିର୍ଦ୍ଦେଶନା ଦିଅନ୍ତି। ପ୍ରାୟ ବର୍ଷକ ପରେ ନାଟ୍ୟକାର ଏହି ଯାତ୍ରାଦଳକୁ ନୂଆରୂପ ଦେଇ ନାମକରଣ କଲେ 'ଜୟ ନାରାୟଣୀ ନାଟ୍ୟ ମଣ୍ଡଳୀ'। ତା'ପରେ ନାଟ୍ୟଦଳ ଆଗେଇ ଚାଲେ। ରାମଚନ୍ଦ୍ର ସ୍ୱାଇଁ ନାଟକ ବହିର ସ୍ୱଳ୍ପତା ଦୃଷ୍ଟିରୁ ନିଜେ ଲେଖାଲେଖି ଆରମ୍ଭ କରନ୍ତି। ଏ ସମୟ ବେଳକୁ ବୈଷ୍ଣବ ପାଣିଙ୍କ ଚାହିଦା କମି ଆସିଲାଣି କାରଣ ତାଙ୍କର ଲେଖାର ଶୈଳୀ ଏ ବେଳକୁ ପରିବର୍ତ୍ତନ ହେଲାଣି। ନିଜେ ରାମଚନ୍ଦ୍ର ନାଟକ ଲେଖି ସେଗୁଡ଼ିକୁ ମଞ୍ଚସ୍ଥ କରାନ୍ତି ନିଜ ଯାତ୍ରାଦଳରେ। ଏଥିପାଇଁ ତାଙ୍କୁ ଖୁବ୍ ପରିଶ୍ରମ କରିବାକୁ ପଡୁଥିଲା। ଓଡ଼ିଶା ନାଟ୍ୟ ସାହିତ୍ୟର ବିବର୍ତ୍ତନ ପ୍ରକ୍ରିୟାରେ ଏକଦା ଗୀତିନାଟ୍ୟ ବା ଗୀତାଭିନୟ ଯେତେବେଳେ ସଙ୍ଗୀତ ସର୍ବସ୍ୱ ହୋଇ ପାରମ୍ପରିକ ବାଦ୍ୟଯନ୍ତ୍ର ଓ ମଞ୍ଚ ଶୈଳୀରେ ପରିଚାଳିତ ହେଉଥିଲା ଓ ଲୀଳା ସୁଆଙ୍ଗରୁ ଗୀତିନାଟ୍ୟ ଓ ଯାତ୍ରାରେ ପରିଣତ ହେବାକୁ ଯାଉଥିଲା, ଠିକ୍ ସେତିକିବେଳେ ପାଣିଯୁଗୀୟ, ଗୀତିନାଟ୍ୟକାରଙ୍କ ମଧ୍ୟରେ ରାମଚନ୍ଦ୍ର ସ୍ୱାଇଁ ଥିଲେ ସ୍ୱତନ୍ତ୍ର ନାଟ୍ୟକାର। ସେ ଗୀତିନାଟ୍ୟକୁ ବହୁଳ ସଙ୍ଗୀତଧାରାରୁ କିଛି ସଂଳାପ ଧାରାକୁ ପରିବର୍ତ୍ତନ କରି ଓ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ବ୍ୟବହାର କରି ଏହାକୁ ଅଧିକ ଆକର୍ଷଣୀୟ ଓ ମନୋରଞ୍ଜନଧର୍ମୀ କରିପାରିଥିଲେ।(୨) ପ୍ରାଥମିକ ଭାବେ ରାମାୟଣ ଓ ମହାଭାରତରୁ ବିଷୟବସ୍ତୁ ଚୟନ କରି ପୌରାଣିକ ନାଟକମାନ ରଚନା କରିଥିଲେ। ତାଙ୍କର ପ୍ରଥମ ତିନିଖଣ୍ଡ ନାଟକ ହେଲା ଇନ୍ଦ୍ର ପରାଜୟ, ତ୍ରିପୁରାସୁର ବଧ, ବାଂଶରୀବାଲା।

ପ୍ରଥମେ ପ୍ରଥମେ ତାଙ୍କୁ ନାଟକଗୁଡ଼ିକୁ ମଞ୍ଚସ୍ଥ କରିବାକୁ କଷ୍ଟ ହେଉଥିଲା। କାରଣ ପୋଷାକପତ୍ର ମିଳିବାରେ ଅନେକ ଅସୁବିଧା ଥିଲା। ତାଙ୍କ ପିତା ଏ ଦିଗରେ ତାଙ୍କୁ ଆର୍ଥିକ ସାହାଯ୍ୟ କରିଥିଲେ। ଅବଶ୍ୟ ପରେ ଆଉ ଏ ସମସ୍ୟା ରହିଲା ନାହିଁ କିନ୍ତୁ ବିଧିର ବିଧାନ ଥିଲା ଅନ୍ୟକିଛି, ମାତ୍ର ୬ ବର୍ଷ ପରେ ଏ ଯାତ୍ରାଦଳ ଭାଙ୍ଗିଗଲା। ଯାତ୍ରାଦଳ ଭାଙ୍ଗିଯିବା ପରେ ରାମଚନ୍ଦ୍ର ଘରେ ରହି ଲେଖାଲେଖିରେ ବ୍ୟସ୍ତ ଥା'ନ୍ତି । ପାଖ ଗାଁରେ ଏକ ଯାତ୍ରାଦଳ ଗଢ଼ି ଉଠିଥାଏ। ସେଠାକୁ ନିର୍ଦ୍ଦେଶନା ଦେବାକୁ ଗଲେ। ଗାଁକୁ ଫେରି ପୁଣି ନାଟ୍ୟଦଳ ଗଠନ କରିବାରେ ବ୍ୟସ୍ତ ରହନ୍ତି ଆଉ ନାଟ୍ୟଦଳ ଗଠନ କରି ନାଁ ଦିଅନ୍ତି 'ଜୟ ନାରାୟଣୀ ଅପେରା'। ଏହି 'ଜୟ ନାରାୟଣୀ ଅପେରା' ଖ୍ୟାତି ଅର୍ଜନ କଲା। ୧୯୩୫ ମସିହା ବେଳକୁ ଏହା ଓଡ଼ିଶା ବାହାରକୁ ଯାଇ ତା'ର ଅଭିନୟ ପରାକାଷ୍ଠା ଦେଖାଇଥିଲା। ଜଗତସିଂହପୁରର ମକର, ବିରିଡ଼ିର ପଞ୍ଚମୀ ଯାତ୍ରା, ତରିକୁନ୍ଦର ତ୍ରିବେଣୀ ମେଳା ଆଦି ଉତ୍ସବରେ ତାଙ୍କ ଯାତ୍ରାଦଳ ଅଭିନୟ ପ୍ରଦର୍ଶନ କରି ଖ୍ୟାତି ଅର୍ଜନ କରିଥିଲା। ବଡ଼ ଆଶ୍ଚର୍ଯ୍ୟ ଲାଗେ ସେସମୟରେ ରାମଚନ୍ଦ୍ର ଯାତ୍ରା ପ୍ରଦର୍ଶନ କରନ୍ତି ଓ ତାହା ଖୁଣ୍ଟୁଣିଠାରେ ଅଭିନୀତ ହୁଏ। ପଶ୍ଚିମ ଓଡ଼ିଶାର ସମ୍ବଲପୁର, ମହୁଲପାଲି, ପାଲଲହଡା, ଝାରସୁଗୁଡ଼ା, ତାଳପଟିଆ, ସୁନ୍ଦରଗଡ଼, ବଣେଇ, ଟେନ୍‌ସା, ଚକ୍ରଧରପୁର, ପଦ୍ମପୁର,

ଷଡେଇକଳା, ଧନୁପାଲି, ବ୍ରଜରାଜନଗର, ବେଲପାହାଡ଼, ଢେଙ୍କାନାଳ, ହିନ୍ଦୋଳ ଆଦି ଅଞ୍ଚଳମାନଙ୍କରେ ଯାତ୍ରା ପରିବେଷଣ କରି ଅତ୍ୟନ୍ତ ପ୍ରସିଦ୍ଧି ଅର୍ଜନ କରିଥିଲେ। ତାଙ୍କ ରଚନା ଶୈଳୀ ଓ ପରିବେଷଣ ଶୈଳୀ ଉଚ୍ଚକୋଟୀର । ଲୋକମାନଙ୍କ ଦ୍ୱାରା ମୁଖ୍ୟତଃ ଦର୍ଶକମାନଙ୍କ ଦ୍ୱାରା ଗୃହୀତ ହୋଇ ଚାରିଆଡ଼େ ତାଙ୍କର ପ୍ରଶଂସା ଶୁଣାଯାଏ। ରାଜାମାନେ ବହୁ ପ୍ରଶଂସାପତ୍ର ଓ ପୁରସ୍କାରମାନ ଦେଇ ନାଟ୍ୟକାରଙ୍କୁ ସମ୍ବର୍ଦ୍ଧିତ କରନ୍ତି। ସମଗ୍ର ପଶ୍ଚିମ ଓଡ଼ିଶାରେ ସେ ଅଭିନୟ ପ୍ରଦର୍ଶନ କରି ପ୍ରଶଂସାର ପାତ୍ର ହୋଇଯାନ୍ତି ଏବଂ ସମଗ୍ର ପଶ୍ଚିମ ଓଡ଼ିଶାରେ ସେ 'ଗୁଣ୍ଡୁଣି ରାମା' ଭାବରେ ପରିଚିତ ହୁଅନ୍ତି। ଏହାର କାରଣ ଏଇଆ ହୋଇପାରେ ଯେ, ରାମଚନ୍ଦ୍ର ଦେଖିବାକୁ ସୁନ୍ଦର ଚେହେରା ଓ ଉଚ୍ଚତା କମ୍ ଥିବାରୁ ତାଙ୍କୁ ଏହି ଆଖ୍ୟା ହୁଏତ ସେତେବେଳର ଦର୍ଶକମାନେ ଦେଇଥିବେ। ଆଲୋଚକ ମହେନ୍ଦ୍ର ଆଚାର୍ଯ୍ୟ ଲେଖିଛନ୍ତି ଯେ, ଗୋଠିଣା ଗ୍ରାମରେ ଜନ୍ମ ନେଇଥିବାରୁ ଏବଂ ଜୟ ନାରାୟଣ ଅପେରା ଗୋଠିଣା ସହିତ ସମ୍ପର୍କିତ ଥିବାରୁ ଅନେକ ତାଙ୍କୁ ଗୁଣ୍ଡୁଣି ରାମା ବୋଲି ସମ୍ବୋଧିତ କରିଥାନ୍ତି। (୩) ସେ ଯାହା ହେଉନା କାହିଁକି ରାମଚନ୍ଦ୍ର ସ୍ୱାଇଁ ଓରଫ୍ ଗୁଣ୍ଡୁଣି ରାମା ଓଡ଼ିଆ ଗୀତିନାଟ୍ୟ ଗୀତାଭିନୟ ଯୁଗର ଜଣେ ବହୁ ଚର୍ଚ୍ଚିତ ବ୍ୟକ୍ତି। ରାମଚନ୍ଦ୍ର ଓ ଗୁଣ୍ଡୁଣି ରାମା ଭାବେ ଉଭୟ ନାମରେ ତାଙ୍କର ପରିଚିତି ଅଛି ।

ରାମଚନ୍ଦ୍ର ଗୀତିନାଟ୍ୟର ଆଦ୍ୟ ଓଁକାର ହେଉଛି ପୌରାଣିକ ନାଟକ। ପୌରାଣିକ, କାଳ୍ପନିକ, ଐତିହାସିକ ଆଦି ବିଭିନ୍ନ ଧରଣର ଗୀତିନାଟ୍ୟ– ଗୀତାଭିନୟର ସ୍ରଷ୍ଟା ସେ। ସମୁଦାୟ ନାଟକ ତାଙ୍କର ପଚାଶରୁ ଉର୍ଦ୍ଧ୍ୱ।(୪) ତାଙ୍କର ପୌରାଣିକ ନାଟକଗୁଡ଼ିକ ମୁଖ୍ୟତଃ ରାମାୟଣ, ମହାଭାରତ, ଭାଗବତ ଆଦିରୁ ଚୟନ କରାଯାଇ ଲିଖିତ। ଏଥିରେ ସେ ନଟନଟୀ ଚରିତ୍ରର ପ୍ରୟୋଗ କରାଇଛନ୍ତି। ଏମାନେ ନାଟକ ପରିବେଷଣ ପୂର୍ବରୁ ବିଷୟବସ୍ତୁର ସୂଚନା ପ୍ରଦାନ କରିଥାନ୍ତି। ଅବଶ୍ୟ ନଟନଟୀର ପ୍ରୟୋଗ ସେସମୟରେ ଆହୁରି ଅନେକ ନାଟ୍ୟକାର କରିଥିବାର ଦୃଷ୍ଟାନ୍ତ ଅଛି। ତାଙ୍କ ନାଟକଗୁଡ଼ିକୁ ବିଚାର କଲେ, ସାମଗ୍ରିକ ଭାବରେ ଆମେ ଦେଖୁ ରସଚେତନା, ଭକ୍ତି ଭାବନା, ସାମାଜିକ ରୂପରେଖ, ଆଦର୍ଶବାଦ, ହାସ୍ୟରସ ଓ ନୈତିକତାର ଝଲକ। ଏ ସବୁରେ ଯେମିତି ଏକତ୍ର ସମାବେଶ ଘଟିଛି ତାଙ୍କର ପ୍ରତ୍ୟେକ ନାଟକରେ ଏବଂ ତାଙ୍କୁ ହିଁ ସେ ସୁନ୍ଦର ଭାବରେ ଦେଖାଇଛନ୍ତି ତାଙ୍କ ସମଗ୍ର ନାଟକରେ। ତାଙ୍କ ଗୀତିନାଟ୍ୟ ଶ୍ରୀକ୍ଷେତ୍ର ନାଟକରୁ ଆମେ ଭକ୍ତିଭାବନାର ଚିତ୍ରକୁ ଲକ୍ଷ୍ୟକରୁ।

ଡାକିଥିଲା ସେ ଦିନେ ପ୍ରହ୍ଲାଦ
ସ୍ତମ୍ଭରୁ ବାହାର ହୋଇ ଗୋବିନ୍ଦ
ନୃସିଂହ ରୂପରେ ସେହି ନୃସିଂହ
ବିଦାରିଲେ ଦୈତ୍ୟ ହିରଣ୍ୟ ଅଙ୍ଗ
ପ୍ରହଲ୍ଲାଦେ ଇନ୍ଦ୍ର ପଦଯେ
ପୁରାଣରେ ଦିନେ ପଢ଼ିଥିଲା ବାୟା
ନମାନେ କି ତୋର ହୃଦ ଯେ । (୫)
(ଶ୍ରୀକ୍ଷେତ୍ର ନାଟକ/ରାମଚନ୍ଦ୍ର ସ୍ୱାଇଁ)

ରାମଚନ୍ଦ୍ର ସ୍ୱାଇଁଙ୍କ ସମ୍ପର୍କରେ ମତବ୍ୟକ୍ତ କରି ଓଡ଼ିଆ ନାଟ୍ୟ ସମାଲୋଚକ ଡକ୍ଟର ହେମନ୍ତ କୁମାର ଦାସ ଲେଖିଛନ୍ତି କଟକ ଜିଲ୍ଲାର ଗୋଠିଣା ଗ୍ରାମର ରାମଚନ୍ଦ୍ର ସ୍ୱାଇଁ ଏକ ଦଳ ଗଢ଼ି ପଚାଶରୁ ଉର୍ଦ୍ଧ୍ୱ ଗୀତିନାଟ୍ୟ ରଚନା କରି ପରିବେଷଣ କରିଥିଲେ। ସେକ୍ସପିଅରଙ୍କ ହାମ୍‌ଲେଟ୍ ନାଟକର କଥାବସ୍ତୁ ଆଧାରରେ ଯାତ୍ରା ନାଟକ (ବାସନ୍ତୀ ପୂଜା) ରଚନା କରିବାରେ ବୋଧହୁଏ ଶ୍ରୀ ସ୍ୱାଇଁ ହେଉଛନ୍ତି ପ୍ରଥମ। (୬)

ଏତଦ୍‌ଭିନ୍ନ ରସପରିଚର୍ଯ୍ୟା ସମ୍ବନ୍ଧରେ ରାମଚନ୍ଦ୍ର ସ୍ୱାଇଁ ବେଶ୍ ଦକ୍ଷ। ସବୁପ୍ରକାର ରସର ସମାହାର ତାଙ୍କ ନାଟକଗୁଡ଼ିକରେ ଦେଖିବାକୁ ମିଳେ। ହାସ୍ୟରସ ପରିବେଷଣରେ ରାମଚନ୍ଦ୍ର ଧୂରୀଣ ଥିଲେ। ମଉଜିଆ କଥା, ମନମୁଗ୍ଧକର ସଂଳାପ, ସଙ୍ଗୀତ ପରିବେଷଣ ତାଙ୍କର ଏପରି ଥିଲା ଯେ, ତାହା ଦର୍ଶକମାନଙ୍କୁ ବାନ୍ଧି ରଖୁଥିଲା । ତାଙ୍କର ନିୟତି, କେଳା କେଲୁଣି, ସୈନିକ, ଦୂତ ଆଦି ଅନେକ ଚରିତ୍ର ମାଧ୍ୟମରେ ହାସ୍ୟରସର ସୃଷ୍ଟି କରାଇଥାନ୍ତି। ତାଙ୍କ ରଚିତ 'ସାଧବ ପୁଅ' ଗୀତିନାଟ୍ୟରେ ଏହାର ଝଲକ ଦେଖନ୍ତୁ।

କାମ୍ପି ବୁଢ଼ାଟୁ ରାମ୍ପି ହେଉ କାହିଁକି
କମ୍ପି ମରିବୁ ସମ୍ପି ସମ୍ପି ତୁହିକି
ରାମ୍ପି ହୋଇ ଦେହ ତୋର ପେଟ କମ୍ପି ଉଠିବ
ପେଟ ବାମ୍ପି ବାମ୍ପିବାରୁ ତୋର ଲୁହ ଝରିବ। (୭)

ରାମଚନ୍ଦ୍ର ଆବିର୍ଭାବ ବେଳକୁ ପାଣି ମହାଶୟଙ୍କ ନାଟକର ପ୍ରାସଙ୍ଗିକତା କମି ଆସିଥିଲା। ରାମଚନ୍ଦ୍ର ପୁରପଲ୍ଲୀରେ ଆଧୁନିକ ସଂଳାପ ସର୍ବସ୍ୱ ନାଟକ ମଞ୍ଚସ୍ଥ କରି ଲୋକନୃତ୍ୟଗୁଡ଼ିକ ସଫଳତାର ସହ ଯାତ୍ରାଦଳରେ ପ୍ରୟୋଗ କରାଇଥିଲେ। ତାଙ୍କ ଯାତ୍ରା ପରିବେଷଣରେ ଛଉ ନୃତ୍ୟ, ଡାଲଖାଇ, ଘୁମୁରା ନୃତ୍ୟ, ଦଣ୍ଡ ନୃତ୍ୟ, ଦାସକାଠିଆ, ଶବର ଶବରୁଣୀ, ଘୋଡ଼ାନାଚ ଆଧୁନିକ ଫାର୍ଶରେ ସଫଳ ପ୍ରୟୋଗ କରାଇଥିଲେ, ଯାହାକି ଲୋକ ମନୋରଞ୍ଜନରେ ସହାୟକ ହେଉଥିଲା । (୮) ରାମଚନ୍ଦ୍ର ସ୍ୱାଇଁଙ୍କ

ଅନେକ ନାଟକ ଏବେବି ଦୁଷ୍ପ୍ରାପ୍ୟ କିନ୍ତୁ ଖୁସିର କଥା ଜଗତସିଂହପୁରର କେତେକ ବ୍ୟକ୍ତିଙ୍କ ଆନ୍ତରିକ ଉଦ୍ୟମ ଫଳରେ ରାମଚନ୍ଦ୍ର ସ୍ୱାଇଁ (ଗୁଣ୍ଠୁଣି ରାମା) ଗ୍ରନ୍ଥାବଳୀ ୧ମ ଭାଗ ଲୋକଲୋଚନକୁ ଆସିଛି । ସେହି ଗ୍ରନ୍ଥାବଳୀଟିରେ ମାତ୍ର ୧୬ଟି ନାଟକ ସ୍ଥାନ ପାଇଛି । ଏହାର ମୁଖ୍ୟ ସମ୍ପାଦକ ମହେନ୍ଦ୍ର ଆଚାର୍ଯ୍ୟଙ୍କ ଦୀର୍ଘ ମୁଖବନ୍ଧ ଏ ଗ୍ରନ୍ଥାବଳୀର ଅନ୍ୟତମ ବିଶେଷତ୍ୱ। ଜଗତସିଂହପୁର ମାଟି ଓଡ଼ିଆ ସାହିତ୍ୟକୁ ସର୍ଜନା କରିଥିବା ବେଳେ ଏହି ମାଟିର ଅନେକ ବରପୁତ୍ର ଓଡ଼ିଆ ସାହିତ୍ୟର ବଟବୃକ୍ଷର ଓହଳ ସାଜିଛନ୍ତି । ରାମଚନ୍ଦ୍ର ସ୍ୱାଇଁ ଥିଲେ କଳାର ପୂଜାରୀ । ଆଉ ସାହିତ୍ୟକୁ ଏକ ଉଚ୍ଚତର ଆସନରେ ଅଧିଷ୍ଠିତ କରାଇବାରେ ଜଗତସିଂହପୁରର ମାଟିର ଭୂମିକା ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ ।

ରାମଚନ୍ଦ୍ରଙ୍କ ସୃଷ୍ଟି ସମ୍ଭାର ନ୍ୟୂନ ନୁହେଁ କି ନଗଣ୍ୟ ନୁହେଁ। ରାମଚନ୍ଦ୍ରଙ୍କ ନାଟ୍ୟ ରଚନା ଶୈଳୀ ଓ ନାଟକ ପରିବେଷଣ ଶୈଳୀ ବେଶ୍ ଉଚ୍ଚମାନର ଥିଲା। ଅନେକ ପୁରସ୍କାର ଓ ଉପଢୌକନ ସେ ପାଇଥିଲେ, କିନ୍ତୁ ତାଙ୍କ ସୃଷ୍ଟି ସମ୍ଭାର ତୁଳନାରେ ଏସବୁ ଖୁବ୍ ନଗଣ୍ୟ ବୋଧହୁଏ। ସ୍ରଷ୍ଟା ମହାନ ଆଉ ସୃଷ୍ଟି ମଧ୍ୟ ମହାନ୍। ୧୯୭୮ ମସିହା ନଭେମ୍ବର ୧୭ ତାରିଖରେ ଏହି ମହାନ୍ କଳାକାରଙ୍କ ଯାତ୍ରା ଦେଖିବା ଅବସ୍ଥାରେ ଦେହାନ୍ତ ହୁଏ, ଯାହା ଓଡ଼ିଆ ନାଟ୍ୟ ସାହିତ୍ୟ ପ୍ରତି ଏକ ଶକ୍ତ ଧକ୍କା। ସେ ଥିଲେ ଜଣେ ଯୋଗଜନ୍ମା ବ୍ୟକ୍ତି ଏହା ନିଃସନ୍ଦେହ।

**ସହାୟକ ଗ୍ରନ୍ଥସୂଚୀ**


୧)ଓଡ଼ିଆ ଯାତ୍ରା ଓ ରାମଚନ୍ଦ୍ର ସ୍ୱାଇଁ/ ରମେଶ ଦଳାଇ/ ପ୍ରକାଶ –୧୯୯୫

୨) ଗୁଣ୍ଠୁଣି ରାମା ଗ୍ରନ୍ଥାବଳୀ/ପ୍ରକାଶକ – ପୂର୍ଣ୍ଣାନନ୍ଦ ପବ୍ଲିକ ଚାରିଟେବଲ୍ ଟ୍ରଷ୍ଟ/ ପ୍ରଥମ ପ୍ରକାଶ –୨୦୦୮, ପୃ–ଖ

୩)ତତ୍ରୈବ–ପୃ–କ

୪)ତତ୍ରୈବ–ପୃ–ଘ

୫)ଶ୍ରୀକ୍ଷେତ୍ର ନାଟକ / ରାମଚନ୍ଦ୍ର ସ୍ୱାଇଁ

୬)ଓଡ଼ିଆ ଲୋକ ନାଟକ/ ଡକ୍ଟର ହେମନ୍ତ କୁମାର ଦାସ/ ପ୍ରକାଶକ – ଗ୍ରନ୍ଥମନ୍ଦିର/ପ୍ରକାଶନ–୧୯୯୧, ପୃ–୯୭ଷ୍ଠା

୭)ସାଧବ ଝିଅ/ ରାମଚନ୍ଦ୍ର ସ୍ୱାଇଁ, ପୃ–୩୨ଷ୍ଠା

୮)ବାଳକୃଷ୍ଣ ମହାନ୍ତିଙ୍କ ନାଟକରେ ସମାଜ ଚେତନା/ ଡକ୍ଟର ବିରଞ୍ଚି ସାହୁଙ୍କ ଅପ୍ରକାଶିତ ପିଏଚ୍.ଡି ଥେସିସ୍



ଅଧ୍ୟାପକ, ଓଡ଼ିଆ ବିଭାଗ
ଆର.ଡି.ଏସ୍ ଡିଗ୍ରୀ ମହାବିଦ୍ୟାଳୟ
କୁଣ୍ଡାବାଇ, ମୟୂରଭଂଜ


# ମୋ ଗାଁ

**ସୁଶାନ୍ତ ନାଥ**

କଳା ଭାସ୍କରରେ ପୂରି ଉଠୁଅଛି ମୋ ଗାଁ ସୁନ୍ଦର ଦିଶେ
ଯୁବ ପିଢିଙ୍କ ମୁରବୀ ପଣିଆ ଅନ୍ୟ ଗାଁକୁ ଦିଶେ ।
ଚୁଡଙ୍ଗ ଗଡର ପ୍ରତାପ କେଶରୀ, ପଦ୍ମକେଶରୀ ଦେବ
ଦିବ୍ୟ ସ୍ୱପ୍ନରେ ଦର୍ଶନ କରିଲେ ଦ୍ୱିତୀୟ ଲିଙ୍ଗରାଜ।
ବିଲୁପ୍ତ ସେ ନଦୀ ବାଟ ହୁଡି ଅଛି ଠାଏ ଠାଏ ହ୍ରଦମାନ
ତାହାର ଉଦରେ କରିଛି ଶୟନ ଉଦ୍ଧାର କଲେ ରାଜନ ।
ସ୍ୱପ୍ନ ତତ୍ତ୍ୱ ଦେଇ ଦର୍ଶନ ଶାସ୍ତ୍ରରେ ଗଢିଲେ ମନ୍ଦିରଟିଏ
ରାହାଙ୍ଗ ଶାସନୁ ଆଣିଲେ ସେବକ ନିଯୋଗ କଲେଟି ସିଏ ।

ଶାନ୍ତ ସରଳ ସବୁଜିମା ଭରା ଶିକ୍ଷାର ଏକୁଟି ଶାଳ
ସହରୀ ସଭ୍ୟତା ମାଡି ଆସିଲାଣି କଳେବର ନୂଆ ବେଳ ।
ମୃଦଙ୍ଗ, କାହାଳୀ, ବଗ କୋଳାହଳ ତା'ମଧ୍ୟେ ମୀନର ବାସ
ଚନ୍ଦନ ପୋଖରୀ ଜଳକ୍ରୀଡା ପାଇଁ ଚନ୍ଦନ ଯାତରା ବେଶ ।
ଗାଁଟି ମୋହରି ମନ୍ଦିର ମାଳିନୀ ତା' ମଧ୍ୟେ ଜଳାଧିପତି
ଜଳେଶ୍ୱର ନାମେ ପୂଜିତ ହୁଅନ୍ତି ଅଞ୍ଚଳର ଥାନ ପତି ।

କଳାରାହଙ୍ଗ, ଭୁବନେଶ୍ୱର

# ଉତ୍କଳର ରସିକ ଭକ୍ତକବି ରାୟରାମାନନ୍ଦ

ଜାନକୀ ବଲ୍ଲଭ ପଟ୍ଟନାୟକ

ଦେବଭୂମି, ଉତ୍କଳ ପରମପାବନ । କେତେ ସାଧୁ, ମହାତ୍ମା, କବି ଏଠି ଜନ୍ମଲାଭ କରିଛନ୍ତି । ସର୍ବୋପରି ବିଷ୍ଣୁ ଅଂଶୀ ଶ୍ରୀକୃଷ୍ଣ ଜଗନ୍ନାଥ ଉତ୍କଳର ଅଧିଦେବ । ବିଶେଷକରି ଭାରତ କାହିଁକି ବିଶ୍ୱ ପ୍ରସିଦ୍ଧ ରାଗମାର୍ଗୀୟ (ପ୍ରେମଭକ୍ତି) ଭକ୍ତ ଶ୍ରୀଜୟଦେବ ଓ ରାୟରାମାନନ୍ଦ ଆମ ଉତ୍କଳର ଦୁଇଟି ଉଜ୍ଜ୍ୱଳ ଜ୍ୟୋତିଷ୍କ । ଯାହାଙ୍କର ତୁଳନା ନାହିଁ ସମଗ୍ର ବିଶ୍ୱରେ । ଯଦି ଓଡ଼ିଶାର ରାଉରକେଲା ନିକଟ ବେଦବ୍ୟାସ ଶ୍ରୀ ବ୍ୟାସଦେବଙ୍କ ଜନ୍ମ ସ୍ଥାନ ହୋଇଥାଏ, ତେବେ ତ ଆଉ କହିବାର କ'ଣ ଅଛି ? ଶ୍ରୀବ୍ୟାସଦେବ ତଦୀୟ ପରିପକ୍ୱ ଓ ପରିପୂର୍ଣ୍ଣତମ ସମାଧିଲବ୍ଧ ରଚନା, ଯାହା ସମସ୍ତ ବିଦ୍ୟାର ଅବଧି । ସେହି ଭାଗବତର ରାସ ପଞ୍ଚାଧ୍ୟାୟୀରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣଙ୍କ ସହ ଗୋପୀମାନଙ୍କ ଅପ୍ରାକୃତ (ଦିବ୍ୟ) ରାସଲୀଳା ବର୍ଣ୍ଣନା କରି ରାଗ (ପ୍ରେମ) ଭକ୍ତିର ବୀଜ ଯାହା ରୋପଣ କରିଥିଲେ, ତା'ର ଦୁଇଟି ସ୍କନ୍ଧ ରୂପେ ପରେ ଜନ୍ମ ନେଲା ବିଶ୍ୱ ବିଶ୍ରୁତ ରାଗମାର୍ଗ ଭକ୍ତିଗ୍ରନ୍ଥ । ସଂସ୍କୃତରେ ଶ୍ରୀଗୀତଗୋବିନ୍ଦ ଏବଂ ଶ୍ରୀଜଗନ୍ନାଥ ବଲ୍ଲଭ ନାଟକ । ଏହି ଦୁଇ ରସ ଗ୍ରନ୍ଥର ରଚୟିତା ହେଲେ ଯଥାକ୍ରମେ ମହାକବି ଜୟଦେବ ଏବଂ ରାୟ ରାମାନନ୍ଦ ପଟ୍ଟନାୟକ ।

ଶ୍ରୀଜୟଦେବ ଏବଂ ଓଡ଼ିଆ ପଞ୍ଚସଖାଦିଙ୍କ କଥା ଊଣା ଅଧିକେ ଅନେକଙ୍କୁ ଜଣା । ଶ୍ରୀଜୟଦେବଙ୍କ ସମତୁଲ୍ୟ ରାମାନନ୍ଦଙ୍କ କଥା କେବଳ ଶିକ୍ଷିତମାନଙ୍କୁ ଛାଡ଼ିଦେଲେ ଓଡ଼ିଶାର ସମସ୍ତଙ୍କୁ ପ୍ରାୟତଃ ଜଣାନାହିଁ । ଯଦିଓ ଏବେ ଭାରତ ବାହାରେ ତାଙ୍କ କଥା ଆଲୋଚିତ ହେଲାଣି, ଇଂରାଜୀରେ ଶ୍ରୀଚୈତନ୍ୟ ଚରିତାମୃତ ଗ୍ରନ୍ଥ ଅନୁଦିତ ଓ ପ୍ରଚାର ହେବା ଯୋଗୁଁ । ମହାନ୍ ଭକ୍ତିଗ୍ରନ୍ଥ ଶ୍ରୀଚୈତନ୍ୟ ଚରିତାମୃତ ହିଁ ଉତ୍କଳର ଏହି ଅନାବିଷ୍କୃତ ମହାତ୍ମା ଓ ବରପୁତ୍ରଙ୍କ ମହିମା ପ୍ରଚାରରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ।

ପଞ୍ଚଦଶ ଶତାବ୍ଦୀର ଶେଷ ଭାଗରେ ପୁରୀ ଶ୍ରୀଜଗନ୍ନାଥ ଧାମର ଅନତି ଦୂରରେ ଶ୍ରୀ ଅଲାରନାଥ ପୀଠ ବ୍ରହ୍ମଗିରି ସନ୍ନିକଟ ବେଣ୍ଟପୁର ଗ୍ରାମରେ ଭବାନନ୍ଦ ପଟ୍ଟନାୟକଙ୍କ ଜ୍ୟେଷ୍ଠପୁତ୍ର ରୂପେ ତାଙ୍କର ଆବିର୍ଭାବ ହୋଇଥିଲା । ପିତା ଭବାନନ୍ଦ, ସ୍ୱୟଂ ରାମାନନ୍ଦ ଓ ଅନ୍ୟଭ୍ରାତା ଗୋପୀନାଥ, କଳାନିଧି, ସୁଧାନିଧି ସମସ୍ତେ ଥିଲେ ଶ୍ରୀଜଗନ୍ନାଥ ଓ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଅନୁଗତ । ବୈଷ୍ଣବ ଶାସ୍ତ୍ରରେ ଶ୍ରୀଜୟଦେବ ଓ ରାୟରାମାନନ୍ଦଙ୍କୁ ଗୋସ୍ୱାମୀ ଆଖ୍ୟା ଦିଆଯାଇଛି । ଯେଉଁମାନେ ବାଚ, ମନ, କ୍ରୋଧ, ଜିହ୍ୱା, ଉଦର ଓ ଉପସ୍ଥ ଏହି ସମସ୍ତ ବେଗକୁ ଦମନ କରି ଇନ୍ଦ୍ରିୟ ସଂଯମ ପୂର୍ବକ ଭଗବାନଙ୍କ ଆରାଧନା କରନ୍ତି, ସେମାନେ ହିଁ ଗୋସ୍ୱାମୀ ପଦବାଚ୍ୟ ଏବଂ ସେମାନେ ସମଗ୍ର ପୃଥିବୀକୁ ଶିଷ୍ୟ କରିପାରନ୍ତି । ଏହି ସ୍ତରର ଗୋସ୍ୱାମୀ ଥିଲେ ଓଡ଼ିଶାର ଶ୍ରୀଜୟଦେବ ଏବଂ ରାୟ ରାମାନନ୍ଦ । ଯୁଦ୍ଧ ବିଦ୍ୟାରେ ଅଗାଧ ଜ୍ଞାନ ଥିବାରୁ ରାଜା ତାଙ୍କୁ ‘‘ରାୟ’’ ଉପାଧି ଦେଇଥିଲେ ଏବଂ ତତ୍‌କାଳୀନ ଓଡ଼ିଶାର ଦାକ୍ଷିଣାତ୍ୟ ପ୍ରଦେଶର ରାଜ୍ୟପାଳ (ଶାସକ) ରୂପେ ଗୋଦାବରୀ ନଦୀ ତଟ ରାଜମହେନ୍ଦ୍ରୀଠାରେ ତାଙ୍କୁ ଅବସ୍ଥାପିତ କରାଯାଇ ଥିଲା । ସେତେବେଳେ ଓଡ଼ିଶା ଥିଲା ଗଙ୍ଗାଠାରୁ ଗୋଦାବରୀ ତୀର ପର୍ଯ୍ୟନ୍ତ ବିସ୍ତୃତ । ଉତ୍କଳର ଗଜପତି ଥିଲେ ମହାରାଜ ପ୍ରତାପରୁଦ୍ରଦେବ, ଯାହାଙ୍କ ସମୟରେ ପ୍ରେମ ପୁରୁଷୋତ୍ତମ ଶ୍ରୀଚୈତନ୍ୟ ମହାପ୍ରଭୁ ୧୫୧୦ ରେ ଓଡ଼ିଶା ଆଗମନ କରି ଦୀର୍ଘ ଦିନ ପୁରୀରେ ଅବସ୍ଥାନ କରିଥିଲେ । ଅନେକ କହିଥାନ୍ତି ଯେ ଏହି ସମୟରେ ଓଡିଶାର ସାମରିକ ଶକ୍ତି ଦୁର୍ବଳ ହୋଇଗଲା, ଯାହାକି ସର୍ବାନ୍ତକରଣରେ ଗ୍ରହଣ କରିହୁଏ ନାହିଁ । ଏହି ମତକୁ ଐତିହାସିକ ପ୍ରଭାତ ମୁର୍ଖାଜୀଙ୍କ ପରି ଅନେକେ ମଧ୍ୟ ଖଣ୍ଡନ କରିଛନ୍ତି ।

ମହାପ୍ରଭୁ କହିଲେ ଓଡ଼ିଆମାନେ ଶ୍ରୀଜଗନ୍ନାଥ ଓ ଶ୍ରୀଚୈତନ୍ୟ ଦେବଙ୍କୁ ହିଁ ବୁଝନ୍ତି । ଏ ଉଭୟେ ଅଚଳ ଦାରୁବ୍ରହ୍ମ

ଏବଂ ସଚଳ ଜଗନ୍ନାଥ, ପତିତପାବନ ତଥା ରାଧାକୃଷ୍ଣଙ୍କ ମିଳିତ ବିଗ୍ରହ ରୂପେ ଆରାଧିତ । ଏହି ରାଧାକୃଷ୍ଣ ମିଳିତ ତନୁ ଅଭିନ୍ନ ତତ୍ତ୍ୱ ଦୁଇର ଉପାସକ ଓ ପ୍ରଚାରକ ଥିଲେ ଶ୍ରୀଜୟଦେବ ଓ ରାୟରାମାନନ୍ଦ ବୁଦ୍ଧଦେବ ଅହିଂସାର ଉପାସକ ଓ ପ୍ରଚାରକ ଥିଲେ । ଅହିଂସାର ବହୁ ଊର୍ଦ୍ଧ୍ୱ ସ୍ତରର କଥା ପ୍ରେମ ଓ କରୁଣା । ଯେଉଁଠି ପ୍ରେମ ବିଦ୍ୟମାନ ସେଠି ହିଂସା ଆସିବ କେଉଁଠୁ ? ଶ୍ରୀଚୈତନ୍ୟଙ୍କୁ କରୁଣାବତାର ଭାବେ ଭବିଷ୍ୟ ପୁରାଣରେ ବର୍ଣ୍ଣନା କରାଯାଇଛି ଏବଂ ସେ ପ୍ରେମଭକ୍ତିର ବେଦ୍ୟ । ଏଣୁ ଶ୍ରୀଜୟଦେବ ବାହ୍ୟତ ବୁଦ୍ଧାବତାର ସମ୍ବନ୍ଧେ କାରୁଣ୍ୟମାତନ୍ୱତେ' କହିଥିଲେ ମଧ୍ୟ କରୁଣାବତାର ଶ୍ରୀଚୈତନ୍ୟଙ୍କୁ ମଧ୍ୟ ଏହା ସୂଚାଉଅଛି କାରଣ ଜୟଦେବଙ୍କ ଗୀତଗୋବିନ୍ଦର ମୁଖ୍ୟ ବିଷୟ ହେଲା ଶ୍ରୀରାଧାକୃଷ୍ଣଙ୍କ ରାଗାନୁଗାଭକ୍ତି ଏବଂ ଶ୍ରୀ ରାୟରାମାନନ୍ଦଙ୍କର ସାଧ୍ୟ ଥିଲା ସେଇ ରାଧାକୃଷ୍ଣଙ୍କ ପ୍ରେମଭକ୍ତି । ଉଭୟଙ୍କ କାବ୍ୟ ଶ୍ରୀଜଗନ୍ନାଥଙ୍କ ପାଖରେ ଅଭିନୀତ ଓ ଗାନ କରାଯାଇଛି । ଶ୍ରୀଚୈତନ୍ୟ ଦେବ ତାଙ୍କ ଶେଷ ଜୀବନରେ ଯେଉଁ ରସଗ୍ରନ୍ଥପଞ୍ଚକ ଆସ୍ୱାଦନ କରୁଥିଲେ ତନ୍ମଧ୍ୟରୁ ଶ୍ରୀଜୟଦେବଙ୍କ ଗୀତଗୋବିନ୍ଦ ଓ ରାମାନନ୍ଦ ରାୟଙ୍କ ଜଗନ୍ନାଥ ବଲ୍ଲଭ ନାଟକ ଅନ୍ତର୍ଭୁକ୍ତ । ଏ ଦୁଇଟି ମହାନ୍ ରସଗ୍ରନ୍ଥ, ଉଚ୍ଚସ୍ତରର ସାଧନ ସଂଯମୀମାନଙ୍କର ପାଠ୍ୟ । ନିମ୍ନସ୍ତରର ବ୍ୟକ୍ତି ତାହା ପଠନ କଲେ ପତନର ଭୟ ଅଛି । ରାମାନନ୍ଦ ରାୟଙ୍କ ବିଷୟରେ ସମ୍ପୂର୍ଣ୍ଣ ଲେଖିବା ପାଇଁ ମୁଁ ଅଯୋଗ୍ୟ ଏବଂ ପ୍ରବନ୍ଧ ମଧ୍ୟ ବିସ୍ତାର ହେବ, କେବଳ କେତେକ ଦିଗ୍‌ଦର୍ଶନ ଦେବା ପାଇଁ ହିଁ ମୁଁ ପ୍ରୟାସ କରୁଛି ।

ତାଙ୍କ ପରି ସାଧକ ନୁହେଁ. ସିଦ୍ଧମହାତ୍ମା, ସାହିତ୍ୟିକ, ବହୁ ଭାଷାବିତ୍, ଶାସ୍ତ୍ରଜ୍ଞ, ବିଦ୍ୱାନ୍ ବାସ୍ତବରେ ଦୁର୍ଲ୍ଲଭ । ଭକ୍ତି ଶାସ୍ତ୍ରରେ ତାଙ୍କୁ ଶ୍ରୀକୃଷ୍ଣଙ୍କ ସଖୀ ବିଶାଖାଙ୍କ ଅବତାର ଭାବେ ବର୍ଣ୍ଣନା କରାଯାଇଛି । ପ୍ରେମ ଭକ୍ତି ଧାରାର ସୂତ୍ରଧର ଓଡ଼ିଶା ରେମୁଣାର ଶ୍ରୀ ମାଧବେନ୍ଦ୍ର ପୁରୀ, ଯାହାଙ୍କ ପାଇଁ ରେମୁଣାର ଗୋପୀନାଥ କ୍ଷୀର ଚୋରି କରି କ୍ଷୀରଚୋରା ଗୋପୀନାଥ ନାମରେ ପ୍ରସିଦ୍ଧ ହୋଇଛନ୍ତି ସେହି ମାଧବେନ୍ଦ୍ର ପୁରୀଙ୍କ ପ୍ରଶିଷ୍ୟ ରାଧାକୃଷ୍ଣ ଯୁଗଳ ପ୍ରେମ ଭକ୍ତିଧାରାର ଶୀର୍ଷସ୍ତରର ମହାତ୍ମା ଥିଲେ ରାୟରାମାନନ୍ଦ । ବାହାରକୁ ସେ ବିଷୟୀ ପରି ଦେଖାଯାଉଥିଲେ ମଧ୍ୟ ଭିତରେ ସେ ଥିଲେ ଗୋଲକର ପାର୍ଷଦ ସଖୀ ଏବଂ ମର୍ତ୍ତ୍ୟରେ ରାଧାକୃଷ୍ଣ ମିଳିତ ବିଗ୍ରହ ଶ୍ରୀଚୈତନ୍ୟ ଦେବଙ୍କର ମଧ୍ୟ ପାର୍ଷଦ । ଶ୍ରୀରାମାନନ୍ଦଙ୍କ ମୁଖରୁ ଶ୍ରୀଚୈତନ୍ୟ ଦେବ ଯେଉଁ ପ୍ରେମଭକ୍ତି ତତ୍ତ୍ୱ ଶୁଣିଥିଲେ ତାହାକୁ ଅବିକଳ ସେ ଶ୍ରୀରୂପ ଗୋସ୍ୱାମୀଙ୍କୁ ଶିକ୍ଷାଦାନ କରିଥିଲେ । ଶ୍ରୀଚୈତନ୍ୟ ଦେବଙ୍କର ୧୨ ହଜାର ଭକ୍ତ ସେତେବେଳେ ଥିବାର ଶ୍ରୀ ଅଚ୍ୟୁତାନନ୍ଦଙ୍କ ଶୂନ୍ୟସଂହିତାରୁ ଜଣାପଡ଼େ । ତନ୍ମଧ୍ୟରୁ ଅନ୍ତରଙ୍ଗ ଥିଲେ ଷାଢ଼େ ୩ଜଣ, ସ୍ତ୍ରୀ ଲୋକଙ୍କୁ ଅଧା କୁହାଯାଇଛି । ଶ୍ରୀସ୍ୱରୂପ ଦାମୋଦର, ରାୟରାମାନନ୍ଦ, ଶିଖି ମହାନ୍ତି ଓ ତାଙ୍କ ଭଗ୍ନୀ ମାଧବୀ ଦେବୀ ଯାହାଙ୍କୁ ସ୍ତ୍ରୀ ବୋଲି ଅର୍ଦ୍ଧ ଭକ୍ତ ଭାବେ ଗଣନା କରାଯାଇଛି । ମାଧବୀ ଦେବୀ ମଧ୍ୟ ଥିଲେ ଅସାଧାରଣ ପଣ୍ଡିତ, ସାହିତ୍ୟସେବୀ, ପଦକର୍ତ୍ତୀ ତଥା ଭକ୍ତ । ଏଥିମଧ୍ୟରୁ କେବଳ ସ୍ୱରୂପ ଦାମୋଦରଙ୍କୁ ଛାଡି ଦେଲେ ଅବଶିଷ୍ଟ ଅଢ଼େଇ ଜଣ ଥିଲେ ଓଡ଼ିଆ, ଏହା କମ୍ କଥା ନୁହେଁ ଓଡ଼ିଶା ପକ୍ଷରେ ।

ସ୍ୱୟଂ ନାମାବତାରୀ ଶ୍ରୀକୃଷ୍ଣ ଚୈତନ୍ୟ ମହାପ୍ରଭୁ ହିଁ ରାୟ ରାମାନଂଦଙ୍କୁ ଏତେ ସମ୍ମାନ ଦେଇଛନ୍ତି, ଯାହାକି ତାଙ୍କୁ ବିଶ୍ୱରେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ, ଚରିତ୍ରବାନ, ପ୍ରତିଭାବାନ୍ କବି ଓ ଭକ୍ତ ଶିରୋମଣି ଯୋଗଜନ୍ମା ମହାପୁରୁଷ ରୂପେ ପରିଚିତ ତ କରାଇଛି ପରନ୍ତୁ ତାଙ୍କ ନିଜର ପ୍ରତିଭା ଦ୍ୱାରା ଭାରତରେ ନୁହେଁ ପୃଥିବୀର ଧର୍ମ ଜଗତରେ ଓଡିଆ ଜାତିକୁ ମଧ୍ୟ ଉଚ୍ଚାସନ ମିଳିଛି । ଅଥଚ ଅନେକ ସାଧାରଣ ଓଡିଆ ତାଙ୍କ ବିଷୟରେ ଏପର୍ଯ୍ୟନ୍ତ ଅଜ୍ଞାତ ଅଛନ୍ତି । ଆମ ପାଖରେ ଏବେବି ସେ ଏକ ପ୍ରକାର ଅନାବିଷ୍କୃତ ଏହା ପରିତାପର ବିଷୟ । ରାମାନଂଦଙ୍କ ଭକ୍ତିରସାନୁଭୂତି, ଜ୍ଞାନ ପ୍ରତିଭା ଓଡ଼ିଶାର ଭୌଗଳିକ ସୀମା ଲଂଘନ କରି ଆକୁମାରୀ ହିମାଚଳ ତଥା ସାଗର ବକ୍ଷ ଲଂଘନ କରି ବିଦେଶରେ ବର୍ତ୍ତମାନ ପରିବ୍ୟାପ୍ତ ହୋଇଥିବାରୁ ସେ ଓଡିଆ ଜାତିର ନମସ୍ୟ । ରାଧାକୃଷ୍ଣ ମିଳିତ ମୂର୍ତ୍ତି ଶ୍ରୀଜଗନ୍ନାଥ ଓଡ଼ିଆଙ୍କ ପ୍ରାଣ ଆଉ ଓଡ଼ିଶାର ସଂକୀର୍ତ୍ତନ ଗାୟକମାନେ ସଂକୀର୍ତ୍ତନାରମ୍ଭରେ କହନ୍ତି ଆହା ମମପ୍ରାଣ ଗୌରାଙ୍ଗ ହେ ଶ୍ରୀଜଗନ୍ନାଥ ତଥା ଶ୍ରୀଚୈତନ୍ୟପାର୍ଷଦ ଶ୍ରୀକ୍ଷେତ୍ରବାସୀ ଭକ୍ତ କହ୍ନେଇ ଖୁଣ୍ଟିଆ ତାଙ୍କ 'ମହାଭାବପ୍ରକାଶ' ଗ୍ରନ୍ଥରେ ମଧ୍ୟ ପ୍ରାଣ ଗୌରାଙ୍ଗ ବୋଲି କହିଛନ୍ତି । ସେଇ ପ୍ରାଣ ଗୌରାଙ୍ଗ ଶ୍ରୀଚୈତନ୍ୟଙ୍କ ପୂର୍ବପୁରୁଷ ଓଡ଼ିଶାର ଯାଜପୁରର ଥିଲେ ଏହା ଇତିହାସ କହେ । ଶ୍ରୀ ଗୌର ପାର୍ଷଦ ଶ୍ରୀ ଅଦ୍ୱୈତାଚାର୍ଯ୍ୟ, ଶ୍ରୀ ଗଦାଧର ପଣ୍ଡିତ, ଶିବାନନ୍ଦ ସେଣ ଇତ୍ୟାଦି ଅନେକ ଏବଂ ତାଙ୍କ ପୂର୍ବବର୍ତ୍ତୀ ଶ୍ରୀମାଧବେନ୍ଦ୍ର ପୁରୀ ପରବର୍ତ୍ତୀ ରାୟ ରାମାନଂଦ, ବେଦାନ୍ତାଚାର୍ଯ୍ୟ ବଳଦେବ ବିଦ୍ୟାଭୂଷଣାଦି ଥିଲେ ଓଡ଼ିଶାର । ଓଡ଼ିଶାରୁ ହିଁ ପ୍ରେମଭକ୍ତି(ରାଗାନୁଗୀ) ଓ ଜ୍ଞାନମିଶ୍ରା ଭକ୍ତି ଦୁଇଧାରର ଉଦ୍‌ଭବ । କେହି କେହି ପରେ ଏହାକୁ କ୍ଷୁଦ୍ର ପ୍ରାଦେଶିକତା ଦୃଷ୍ଟିରେ ଗୌଡ଼ୀୟ (ବଂଗୀୟ) ଓ ଉତ୍କଳୀୟ ବୈଷ୍ଣବ ବୋଲି ଅଳ୍ପ କେତେ ଦିନ ତଳୁ ନାମ ଦେଲେ କିନ୍ତୁ ଏପରି ନାମକରଣ ସଂପୂର୍ଣ୍ଣ ଅଯୌକ୍ତିକ, ତେବେ କ'ଣ ବୈଷ୍ଣବଙ୍କୁ ଉତ୍କଳୀୟ, ବଂଗୀୟ, ମହାରାଷ୍ଟ୍ରୀୟ, ଗୁଜୁରାଟୀୟ ଏପରି କହିବା ସଂଗତ କି ? ସେମାନଙ୍କୁ ରାଗମାର୍ଗୀୟ ଓ ଜ୍ଞାନମିଶ୍ରା ଧାରାର ବୈଷ୍ଣବ କହିବା ହିଁ ଅଧିକ ଯୁକ୍ତିଯୁକ୍ତ ।

ତେବେ ଏ ଦୁଇଧାରା ହିଁ ଉତ୍କଳର ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରୁ ପ୍ରବାହିତ ।

ପ୍ରେମଭକ୍ତି ଧାରାର ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ଉପାସନା, ପଞ୍ଚତତ୍ତ୍ୱଙ୍କ ଆଲେଖ୍ୟ ରଖି ଅଷ୍ଟ ପ୍ରହରୀ ଶ୍ରୀହରି ନାମସଂକୀର୍ତ୍ତନ ଏବଂ ଶ୍ରୀଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ସମଗ୍ର ଉତ୍କଳର ପୁରପଲ୍ଲୀକୁ ଭକ୍ତି ରସରେ ପ୍ରଭାବିତ କରିଥିଲା । ଆଜି ଶ୍ରୀଗୌର ସଂକୀର୍ତ୍ତନ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହେଲାଣି । ଏହା ମୂଳରେ ହିଁ ରାୟରାମାନଂଦଙ୍କ ଅବଦାନ ଲକ୍ଷ୍ୟ କରିବା କଥା । ଶ୍ରୀଚୈତନ୍ୟ ଦେବ ତାଙ୍କ ଭକ୍ତ ରାୟ ରାମାନଂଦଙ୍କ ମହିମା ବଢ଼ାଇବା ପାଇଁ ଗୋଦାବରୀ ତଟରେ ତାଙ୍କୁ ଧର୍ମର ନିଗୂଢ଼ ତତ୍ତ୍ୱ ସମୂହର ପ୍ରଶ୍ନ ପଚାରୀ ରାମାନଂଦଙ୍କ ଦ୍ୱାରା ଯେଉଁ ଉତ୍ତର ଦେଇଛନ୍ତି, ତା'ର ତୁଳନା ନାହିଁ ଯାହା ମହାନ୍‌ଭକ୍ତି ଗ୍ରନ୍ଥ ଶ୍ରୀଚୈତନ୍ୟ ଚରିତାମୃତରେ ଉଲ୍ଲିଖିତ ହୋଇଛି । ପ୍ରଥମେ ସ୍ୱଧର୍ମାଚରଣ, ତାପରେ ଶ୍ରୀକୃଷ୍ଣଙ୍କୁ କର୍ମାପଣ, ସ୍ୱଧର୍ମ ତ୍ୟାଗ, ଜ୍ଞାନମିଶ୍ରା ଭକ୍ତି, ଜ୍ଞାନଶୂନ୍ୟା ଭକ୍ତି, ପ୍ରେମଭକ୍ତି, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ, ମଧୁର କାନ୍ତାଭାବ ଆଦିର ଯେଉଁ କ୍ରମ ସାଧସାଧନପଥ ଶ୍ରୀରାମାନଂଦଙ୍କ ମୁଖରେ ଆଲୋଚିତ ହୋଇଛି, ଯାହା ଅପୂର୍ବ ଶ୍ରୀଚୈତନ୍ୟଦେବ ବିସ୍ମିତ ହୋଇ ଯାଇଛନ୍ତି ରାମାନଂଦଙ୍କ ଭକ୍ତିରସାର୍ଣ୍ଣବରେ ଅବଗାହନର ଗାଢ଼ତା ଦେଖି ଏଥିପାଇଁ ଶ୍ରୀରାମାନଂଦଙ୍କ ଗୁଣଗାନ କରି କହିଛନ୍ତି:

ଯେପରି ଶୁଣି ଦେଖିଲି ତୁମରି ମହିମା ।
ରାଧାକୃଷ୍ଣ ପ୍ରେମ ରସ ଜ୍ଞାନେ ତୁମେ ଶ୍ରୀମା ॥
ନୀଳାଚଳେ ତୁମେ ମୁଁ ରହି ଏକ ସଂଗେ
ସୁଖେ କଟାଇବା କାଳ କୃଷ୍ଣକଥା ରଂଗେ ॥

ବହୁ ଆଲୋଚନା ପରେ ରାମାନଂଦ ସବୁ ପ୍ରଶ୍ନର ଉତ୍ତର ଦେଇ ସାରି ଶ୍ରୀଚୈତନ୍ୟ ଦେବଙ୍କୁ ଶେଷରେ ପ୍ରଶ୍ନ କଲେ:

ପ୍ରଥମେ ଦେଖିଲି ତୁମ୍ଭେ ସନ୍ନ୍ୟାସ ସ୍ୱରୂପ
ଏବେ ଦେଖୁଛି ତୁମକୁ ଶ୍ୟାମ ଗୋପରୂପ ॥

ଅର୍ଥାତ୍ ରାୟ ରାମାନଂଦ ଶ୍ରୀଚୈତନ୍ୟଙ୍କୁ ରାଧାକୃଷ୍ଣ ଭାବେ ଦେଖିବାରୁ ଶ୍ରୀଚୈତନ୍ୟ ଦେବ କହିଲେ ତୁମେ ଉଚ୍ଚକୋଟୀର ଭକ୍ତ ଏଣୁ ସମସ୍ତ ଜଗତ ତୁମକୁ ରାଧାକୃଷ୍ଣ ଭାବେ ଦେଖାଯାଉଛି । ରାମାନଂଦ କହିଲେ ପ୍ରଭୋ, ଆଉ ଲୁଚାଅନି ମୋ ପାଖରେ । ଶ୍ରୀରାଧାଙ୍କ ଭାବକାନ୍ତି ଧରି ତୁମେ ଅବତାର ନେଇଛ ମୁଁ ପୂର୍ବର ସେଇ ବିଶାଖା ମୋତେ ପୁଣି ଲୁଛାଉଛ, ମହାପ୍ରଭୁ ରସରାଜ ମହାଭାବ, ଶ୍ରୀଜଗନ୍ନାଥ ଯେଉଁ ମହାଭାବରେ ବିଭାଜିତ ମୂର୍ତ୍ତି ତାହା ଦେଖାଇଲେ । ଏଣୁ ରାୟ ରାମାନଂଦ ଥିଲେ ଏହି ସ୍ତରର ଭକ୍ତ । ଏତ ସବୁ ଉଚ୍ଚ କଥା, ଏଥିରୁ ସାଧାରଣ ଲୋକ କ'ଣ ବୁଝିବେ ?

ଓଡ଼ିଆ ଭାଷା, ବୈଷ୍ଣବ ସାହିତ୍ୟକୁ ତାଙ୍କର ଦାନ କ'ଣ ? ଆଲୋଚନା କଲେ ଜଣାପଡେ ଯେ ଶ୍ରୀ ଜୟଦେବଙ୍କ ଗୀତଗୋବିନ୍ଦ ଯେପରି, ଠିକ୍ ତାର ଅନୁକୃତି ହେଉଛି ଜଗନ୍ନାଥ ବଲ୍ଲଭ ନାଟକ । ସଂସ୍କୃତରେ ବି ରଚିତ ରସ ଗ୍ରନ୍ଥ ଯହିଁରେ ଶ୍ରୀରାଧାକୃଷ୍ଣଙ୍କ ଅପ୍ରାକୃତ ପ୍ରେମଲୀଳା ବର୍ଣ୍ଣିତ ହୋଇଛି । ତା'ର ବିଷୟବସ୍ତୁ ବର୍ଣ୍ଣନା କରିବା ପାଇଁ ଅକ୍ଷମ ମୁଁ ଯେଉଁଥିରେ ଅଧିକାର ନାହିଁ । ଯେଉଁ ପଣ୍ଡିତ, ରସିକ ଭକ୍ତ ଗୀତଗୋବିନ୍ଦର ମର୍ମ ବୁଝିବାକୁ ସକ୍ଷମ ସେମାନେହିଁ ଶ୍ରୀଜଗନ୍ନାଥ ବଲ୍ଲଭ ନାଟକ ବର୍ଣ୍ଣିତ ଭକ୍ତିରସତତ୍ତ୍ୱ ହୃଦୟଙ୍ଗମ କରିପାରିବେ । ଏତଦ୍‌ବ୍ୟତୀତ ବ୍ରଜବୋଲି ଭାଷାରେ ସେ ଅନେକ ଗୀତ ରଚନା କରିଛନ୍ତି । ବ୍ରଜବୋଲି ଆସାମ, ବଂଗଳା ଏବଂ ଓଡ଼ିଆ ଭାଷା ମିଶ୍ରିତ ଏକ ପାରମାର୍ଥୀକ ଭାଷା ଯାହା ପଞ୍ଚଦଶ ଶତାବ୍ଦୀରେ ଏହି ପ୍ରଦେଶ ତ୍ରୟରେ ବିଶେଷ ପ୍ରସିଦ୍ଧି ଲାଭ କରିଥିଲା । ତିନୋଟି ଯାକ ପ୍ରଦେଶର ଅଧିବାସୀ ମଧ୍ୟ ଏହାକୁ ବୁଝିପାରିବେ । ତାଙ୍କର ଅନେକ ପଦାବଳୀ ନଷ୍ଟ କରି ଦିଆଯାଇଥିବାର ମନେହୁଏ । ତନ୍ମଧ୍ୟରୁ କେତେକ ବଂଗଳାରେ ସଂଗୃହୀତ ହୋଇ 'ପଦକଳ୍ପତରୁ' ଓ 'ପଦସମୁଦ୍ର'ରେ ଉଲ୍ଲିଖିତ ହୋଇଛି । ପ୍ରାତଃ ସ୍ମରଣୀୟା ସରଳାଦେବୀଙ୍କ ବିରଚିତ 'ରାୟ ରାମାନଂଦ' ପୁସ୍ତକ ଯାହା ଓଡ଼ିଆ ସାହିତ୍ୟ ଏକାଡ଼େମୀ ପକ୍ଷରୁ ପ୍ରକାଶିତ ହୋଇଛି ତାହା ପାଠ କଲେ ରାମାନଂଦ ରାୟଙ୍କ ବିଷୟରେ ଅନେକ ବିଷୟ ଜାଣିହେବ । ସେହିପରି ଓଡ଼ିଶା ରାଜ୍ୟ ସଂସ୍କୃତି ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶିତ 'ରାୟରାମାନଂଦ ପଦାବଳୀରେ 'ଶ୍ରୀକୃଷ୍ଣ ଲୀଳା' 'ଶ୍ରୀଗୌର ଲୀଳା' 'ଦଣ୍ଡବେଳା', ଶୁକ୍ଳ ଦ୍ୱିତୀୟା ମିଳନାଦିରୁ ରାମାନଂଦ ରାୟଙ୍କ ପଦଲାଳିତ୍ୟ ଏବଂ ମାଧୁର୍ଯ୍ୟ ରାଧାକୃଷ୍ଣ ପ୍ରତିଭାର ପରିଚୟ ମିଳେ । ସେ ନିଜେ ଆଚରଣ, ସାଧନା କରି ସାଧକମାନଙ୍କୁ ତାଙ୍କ ପଦାବଳୀରେ ଅନେକ ଜାଗାରେ ଅନ୍ୟମାନଙ୍କୁ ମଧ୍ୟ ସାଧକ ହେବା ପାଇଁ ନିବେଦନ କରିଛନ୍ତି, ତନ୍ମଧ୍ୟରୁ ଗୋଟିଏ ହେଲା:

ଶୁନହେ ସାଧକ ଭାଇ ଆମାର ବିନତି
ଏଇମତି କୃଷ୍ଣେର ଲୀଳା କହେ ନିତିନିତି ॥
ସଖୀ ସବ ଆନନ୍ଦିତେ ଜୟଧ୍ୱନୀ କରେ ।
ରାମାନଂଦ ଦିଏ ମାଲା ଶ୍ୟାମେର ଶ୍ରୀକରେ ॥

ରାଗମାର୍ଗ ଅନୁଗାମୀ ହୋଇ ସେ ସେହି ଅପ୍ରାକୃତ ରସ ଆସ୍ୱାଦନ କରି ଗାଇଛନ୍ତି:

କୃଷ୍ଣ ଅଧର ରସ ପାଇ ଶ୍ରୀମତୀ ଆନନ୍ଦ
ରାଧାକୃଷ୍ଣ ଅବଶେଷ ପାଏ ରାମାନଂଦ ।

ବ୍ରହ୍ମା ଶିବ ଆଦି ଯାର ବିନ୍ଦୁ ନାହିଁ ପାଇ
ଶ୍ୟାମ ପ୍ରେମରସ ବିନ୍ଦୁ ରାମାନଂଦ ଧ୍ୟାୟୀ ॥

ଶ୍ରୀଚୈତନ୍ୟ ଦେବଙ୍କ ସହ ସାଧ୍ୟସାଧନ ନିର୍ଣ୍ଣୟ ବେଳେ ଶେଷରେ ଯେତେବେଳେ ରାମାନଂଦ ସ୍ୱକୃତ ପହିଲେ ହିଁ ରାଗ ନୟନଭଙ୍ଗ ଭେଲ ଗୀତ ବୋଲିଥିଲେ ଶ୍ରୀଚୈତନ୍ୟ ଦେବ ସେତେବେଳେ ନିଜହସ୍ତରେ ରାମାନଂଦଙ୍କ ପାଟି ବନ୍ଦ କରି କହିଥିଲେ ଆଉ ଅଧିକ କୁହନି କାରଣ ମୁଁ ଏହା ଶ୍ରବଣକରି ବିହ୍ୱଳ ହୋଇ ଯାଉଛି ଧୈର୍ଯ୍ୟ ରହୁନାହିଁ । ଅଚିନ୍ତ୍ୟ ଭେଦାଭେଦ ତତ୍ତ୍ୱର ଶେଷ ଅର୍ଥାତ ଭକ୍ତିରସର ଶୀର୍ଷକଥା ରାମାନଂଦଙ୍କ ମୁଖରୁ ପ୍ରକାଶିତ ହୋଇଥିଲା । ଏଥିପାଇଁ ଶ୍ରୀଚୈତନ୍ୟ ଚରିତାମୃତରେ ରାମାନଂଦଙ୍କ ସମନ୍ଧେ କୁହାଯାଇଛି ଯେ ପାଣ୍ଡିତ୍ୟ ଆଉ ଭକ୍ତିରସ ଦୁହେଁର ତିହୋଂସୀମା ଏବଂ ରାମାନଂଦ ରାୟେ ମୋର କୋଟୀ ନମସ୍କାର ବୋଲି ଶ୍ରୀ କବିରାଜ ଗୋସ୍ୱାମୀ ମଧ୍ୟ କହିଲେ । ଅର୍ଥାତ୍ ରାମାନଂଦ ରାୟଙ୍କ ତୁଲ୍ୟ ପଣ୍ଡିତ, ଉଚ୍ଚସ୍ତରର ଭକ୍ତ ଓଡିଶା ବ୍ୟତୀତ ଅନ୍ୟ କେଉଁଠି ନଥିଲେ, ପୃଥିବୀରେ ବିରଳ ଏହା କେତେବଡ଼ କଥା ବିଚାର କଲେ ଜାଣିହେବ । ସ୍ୱୟଂ ପରଂବ୍ରହ୍ମ ଶ୍ରୀକୃଷ୍ଣ ଜଗତରେ ଧର୍ମସଂସ୍ଥାପନ ଅଧର୍ମ ଦୂର, ପତିତ ଉଦ୍ଧାର ତଥା ରାଧାଭାବ ଆସ୍ୱାଦନାର୍ଥେ ହିଁ ଶ୍ରୀଚୈତନ୍ୟ ରୂପରେ ଅବତୀର୍ଣ୍ଣ ହୋଇଥିଲେ । ରାୟଙ୍କ ପଦାବଳୀରେ ଶ୍ରୀଗୌର ଜନ୍ମ ଗୀତି ଓ ଗୌରଭକ୍ତ ବଂଦନା ଏହିପରି ପ୍ରକାଶିତ ହୋଇଛି:

ନିତ୍ୟସ୍ଥଳୀ ତେଜିପ୍ରଭୁ ନିତ୍ୟରାସସ୍ଥାନେ,
ଶଚୀର ଉଦରେ ବାସ ଗୌରାଙ୍ଗ ବରନେ ॥
ରାୟ ରାମାନଂଦ ବୋଲେ ଅତି ହରଷିତେ ।
ଉଦ୍ଧରିଲ ପ୍ରେମଧନ ରାଧା ପାନଦିତେ ॥
ଦାସ ଗଦାଧର ଅଭିରାମ ସନାତନେ
ରାୟ ରାମାନଂଦ ସେବେ ଗଉର ଚରଣେ ହେ ॥

ସେ ଥିଲେ ରାଗାନୁଗାଭକ୍ତି ଧାରାର ନିଷ୍ଠାପର ସାଧକ, ପ୍ରତିଟି ମୁହୂର୍ତ୍ତ ସେ ରାଧାକୃଷ୍ଣ ଓ ଗୌରାଙ୍ଗ ଲୀଳା କୀର୍ତ୍ତନରେ ମଜ୍ଜି ରହୁଥିଲେ । ତାଙ୍କ ପୂର୍ବଜ ଶ୍ରୀଜୟଦେବ, ବିଲ୍ୱମଙ୍ଗଳ, ବିଦ୍ୟାପତି, ଚଣ୍ଡୀଦାସଙ୍କ ପଦାବଳୀ ଆଦିରୁ ସେ ରାଧାକୃଷ୍ଣ ପ୍ରେମ ରସାନୁଭୂତି ଲାଭ କରିଥିଲେ । ଶ୍ରୀଚୈତନ୍ୟ ଦେବଙ୍କ ଉତ୍କଳ ଆଗମନ ପୂର୍ବରୁ ଶ୍ରୀ ନିମ୍ବାକାଚାର୍ଯ୍ୟ ଶ୍ରୀରାଧାଙ୍କ କଥା ଓ ବିଶେଷ କରି ଶ୍ରୀଜଗନ୍ନାଥଙ୍କୁ ରାଧାକୃଷ୍ଣ ସମ୍ମିଳିତ ବିଗ୍ରହ ରୂପେ ପ୍ରଚାର କରିସାରିଥିଲେ । ତାଙ୍କ ବହୁ ପୂର୍ବରୁ ଶଙ୍କରଙ୍କ ଅବତାର ଆଦି ଶଙ୍କରାଚାର୍ଯ୍ୟ ପାଦ ଭବିଷ୍ୟତରେ ତାଙ୍କ ପରଂପରାରେ ପ୍ରଭୁ ଶ୍ରୀକୃଷ୍ଣ ଚୈତନ୍ୟ ରୂପେ ଶ୍ରୀକ୍ଷେତ୍ର ସନ୍ନ୍ୟାସ ରୂପେ ଆସି ରାଧାକୃଷ୍ଣଙ୍କ ଅପ୍ରାକୃତ ରସ ଆସ୍ୱାଦନ କରିବେ ବୋଲି ଶ୍ରୀଜଗନ୍ନାଥଙ୍କୁ ଶ୍ରୀମତ୍ ଶଙ୍କରାଚାର୍ଯ୍ୟ ମଧ୍ୟ 'କଦାଚିତ୍ କାଳିନ୍ଦୀତଟ ବିପିନ ସଙ୍ଗୀତ କରବ, ସଦା ଶ୍ରୀମଦ୍ ବୃନ୍ଦାବନ ବସତି ଲୀଳା ପରିଚୟ ପ୍ରଦାତା ତଥା ରସାନଂଦୀ ରାଧାସରସ ବପୁରାଲିଙ୍ଗନସୁଖୀ' ବିଗ୍ରହ ବୋଲି ପ୍ରଚାର କରିଯାଇଥିଲେ । ଏଣୁ ସେହି ରସାସ୍ୱାଦନ ପାଇଁ ହିଁ ଶ୍ରୀଚୈତନ୍ୟ ଦେବ ଶ୍ରୀକ୍ଷେତ୍ର ଆସିଥିଲେ ମୁଖ୍ୟତଃ ।

ଏହି ରାଧାକୃଷ୍ଣଙ୍କ ଅପ୍ରାକୃତ ଭକ୍ତିରସର ସର୍ବୋତ୍କର୍ଷତା ରାମାନଂଦଙ୍କ ପଦାବଳୀରେ ସୁପ୍ରତିଷ୍ଠ ହେବା ପରେ ଓଡିଆ ବୈଷ୍ଣବ କବିମାନଙ୍କ ଲେଖନୀରେ ରାଧାକୃଷ୍ଣ ପ୍ରେମରସ ସୃଷ୍ଟି ବେଳୁବେଳ ଅଧିକ ହୋଇ ବୈଷ୍ଣବ ସାହିତ୍ୟର ଶ୍ରୀବୃଦ୍ଧି ସାଧିତ ହେଲା ଓଡିଶାରେ । ସମଗ୍ର ଓଡିଶାରେ ମଧ୍ୟଯୁଗରେ ରାଧାକୃଷ୍ଣଲୀଳା ସମ୍ବଳିତ ସାହିତ୍ୟ ଚର୍ଚ୍ଚା ଜୋରଦାର ହୋଇ ସଙ୍ଗୀତ ସାହିତ୍ୟର ପରିପ୍ରକାଶ ସହ ରାମାନଂଦଙ୍କ ସମସାମୟିକ ତଥା ପରବର୍ତ୍ତୀ କବି ମାଧବୀ ଦାସୀ, ଶ୍ରୀଜଗନ୍ନାଥ ଦାସ, ଚାନ୍ଦକବି, ବୃନ୍ଦାବତୀ ଦାସୀ, ଅଭିମନ୍ୟୁ, ଗୌରଚରଣ, ବନମାଳୀ, ଗୋପାଳକୃଷ୍ଣ, କବିସୂର୍ଯ୍ୟ ବଳଦେବ ପ୍ରମୁଖ କ୍ରମେ– ରାଧାକୃଷ୍ଣ ପ୍ରେମ ସମ୍ବନ୍ଧୀୟ କାବ୍ୟାଦି ରଚନା କରି ଓଡିଶାରେ ଭକ୍ତିସାହିତ୍ୟ ଧାରା ପ୍ରବାହମାନ ସହ ବୈଷ୍ଣବ ସାହିତ୍ୟର ଶ୍ରୀବୃଦ୍ଧି କରାଇ ଥିଲେ । ଏଥିପାଇଁ ଶ୍ରୀଜୟଦେବ ଏବଂ ରାୟ ରାମାନଂଦଙ୍କ ପ୍ରେରଣା ହିଁ ଖୋରାକ ଯୋଗାଇ ଥିଲା । ମୋଟାମୋଟି ରାୟ ରାମାନଂଦଙ୍କ ପରି ବ୍ରଜରସସିଦ୍ଧ ମହାତ୍ମା, ଜ୍ଞାନୀ, ଭକ୍ତି ସାହିତ୍ୟସାଧକ, ନାଟ୍ୟକାର, ତାତ୍ତ୍ୱିକ କବି ଶିରୋମଣିଙ୍କୁ ଜନ୍ମ ଦେଇ ଉତ୍କଳ ଜନନୀ ଧନ୍ୟାତିଧନ୍ୟ ହୋଇଛି ।

ବୁଢ଼ୀ ବଗିଚା, ଖୋର୍ଦ୍ଧା

❖ ❖ ❖

# ଦଣ୍ଡଯାତ୍ରା ଏବଂ ଉତ୍କଳୀୟଙ୍କ ନବବର୍ଷ

ଏମ୍.ଭି. ରାଓ

ବିଜ୍ଞାନ କହେ, ପୃଥିବୀ ନିଜ ଅକ୍ଷରେ ଘୂରିବା ସହ ସୂର୍ଯ୍ୟ କକ୍ଷରେ ପରିକ୍ରମଣ କରୁଛି । ସୂର୍ଯ୍ୟ ଚତୁଃପାର୍ଶ୍ୱରେ ଘୁରିବାକୁ ପୃଥିବୀକୁ ଏକ ବର୍ଷ ବା ୩୬୫ଦିନ ଲାଗିଥାଏ । ସେହି ଅନୁସାରେ ବର୍ଷକୁ ବାରମାସ ଏବଂ ବାର ରାଶି ବା ସଂକ୍ରାନ୍ତି । ପ୍ରତ୍ୟେକ ରାଶିର ଦୂରତ୍ୱ ଅତିକ୍ରମ କରିବାକୁ ପୃଥିବୀ ଏକ ମାସ ସମୟ ନେଇଥାଏ । ମାସକ ପରେ ପୃଥିବୀ ଅନ୍ୟ ରାଶିରେ ପ୍ରବେଶ କରେ । ପୃଥିବୀ ଏହି ନୂତନ ରାଶିକୁ ପ୍ରବେଶ କରିବା ଦିନକୁ ସଂକ୍ରାନ୍ତି କୁହାଯାଏ । ବାରଟି ରାଶି ମଧ୍ୟରୁ ମେଷ ରାଶି ହେଉଛି ବର୍ଷର ପ୍ରଥମ ରାଶି ବା ସଂକ୍ରାନ୍ତି । ଯେଉଁଦିନ ପୃଥିବୀ ମୀନ ରାଶି ଅତିକ୍ରମ କରି ମେଷ ରାଶିରେ ପ୍ରବେଶ କରେ, ସେହି ଦିନଟି ବର୍ଷର ପ୍ରଥମ ଦିନ ଅର୍ଥାତ୍ ଓଡ଼ିଆ ନବବର୍ଷ । ଏହାକୁ ଅତ୍ୟନ୍ତ ପୁଣ୍ୟପ୍ରଦ ଦିବସଭାବେ ଗଣନା କରାଯାଏ । ପ୍ରଖର ରୌଦ୍ରତାପ ସହିତ ପଣା ସଂକ୍ରାନ୍ତି ଦିନ ନବ ବର୍ଷର ଆଗମନ ଘଟୁଥିବାରୁ ନିଜ ଦେବଦେବୀଙ୍କୁ ଥଣ୍ଡା ପଣା ମାଧ୍ୟମରେ ସନ୍ତୋଷ ପ୍ରଦାନ କରିବାକୁ ଚେଷ୍ଟା କରନ୍ତି ଧର୍ମପ୍ରାଣ ଉତ୍କଳୀୟ ।

ଇଂରାଜୀ ବାରମାସ ମଧ୍ୟରେ ଜାନୁଆରୀ ପ୍ରଥମ ମାସ ଏବଂ ଏହାର ପ୍ରଥମ ଦିବସଟି ନବବର୍ଷ । ଖ୍ରୀଷ୍ଟୀୟ ନବବର୍ଷକୁ ଆମ ଲୋକ ଓ ରାଷ୍ଟ୍ର ବେଶ୍ ଧୁମ୍‌ଧାମରେ ପାଳନ କରି ଥାଆନ୍ତି । ନବବର୍ଷ ଗ୍ରୀଟିଙ୍ଗସ୍ କାର୍ଡ଼ ବାଣ୍ଟିବା ସହ ମଧ୍ୟ ରାତ୍ରିରେ ନାଚ ଗୀତର ଆସର ବାଣଫୁଟା, ମାଛମାଂସ, ଭୋଜି ସହ ମଜ୍ଜି ଥାଆନ୍ତି । କିନ୍ତୁ ଆମ ନବବର୍ଷରେ ପୂଜାପାଠ, ହୋମଯଜ୍ଞ, ଦାନଧର୍ମ ଓ ଆଧ୍ୟାତ୍ମିକ ଭଜନ ପ୍ରବଚନରେ ଓଡ଼ିଆ ତା'ର ଜୀବନକୁ ଚରିତାର୍ଥ କରିଥାଏ । ଏହା ହିଁ ମହାନ ପାର୍ଥକ୍ୟ ।

ଇଂରାଜୀ ବାରମାସ ଭଳି ହିନ୍ଦୁମାନଙ୍କର ମଧ୍ୟ ବାରଟି ମାସ ରହିଛି ଯଥା- ବୈଶାଖ, ଜ୍ୟେଷ୍ଠ..... । ସାଧାରଣତଃ ପୂର୍ଣ୍ଣିମା ପରଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏକ ମାସ ରୂପେ ଗଣନା କରାଯାଏ ଏବଂ ବୈଶାଖ ମାସ ବର୍ଷର ପ୍ରଥମ ମାସ । ଓଡ଼ିଆ ପଞ୍ଜିକା ଗଣନାନୁଯାୟୀ ମେଷ ସଂକ୍ରାନ୍ତି ଓଡ଼ିଆ ନବବର୍ଷର ପ୍ରଥମ ଦିବସ । ନବବର୍ଷ ଦିବସରେ ଉଦ୍‌ଯାପନ ହେଉଥିବା ମା ଦଣ୍ଡ କାଳୀଙ୍କ ଯାତ୍ରା ଓଡ଼ିଆଙ୍କ ବାରମାସରେ ତେରଯାତ୍ରାର ସର୍ବୋତ୍ତମ ଆଧ୍ୟାତ୍ମିକ ଯାତ୍ରା । ଯେହେତୁ ନବବର୍ଷ ଦିନଠାରୁ ସୂର୍ଯ୍ୟ ବିଷୁବରେଖାରେ ନିକଟବର୍ତ୍ତୀ ହେବାକୁ ଯାଏ, ଆମଦେଶ ଭାରତରେ ସୂର୍ଯ୍ୟର ତାପ ପ୍ରଖରରୁ ପ୍ରଖରତର ଅନୁଭବ ହୁଏ । ଏହି ଦିନ ସୂର୍ଯ୍ୟ ଉତ୍ତରାୟଣ ହୁଅନ୍ତି ବୋଲି କୁହାଯାଏ । ନବବର୍ଷ ଦିନ ପ୍ରତ୍ୟେକ ଦେବଦେବୀଙ୍କ ମନ୍ଦିରରେ ଛତୁଆ ଓ ପଣା ଭୋଗ କରିବା ବିଧି ରହିଛି । ପଡ଼ୋଶୀ, ବନ୍ଧୁବାନ୍ଧବ, ଅତିଥି ଅଭ୍ୟାଗତ ଓ ବ୍ରାହ୍ମଣ ପଣ୍ଡିତଙ୍କୁ ପଣା ଭୋଗ ଦିଆଯାଏ । ତେଣୁ ମହାବିଷୁବ ସଂକ୍ରାନ୍ତିକୁ ପଣା ସଂକ୍ରାନ୍ତି ମଧ୍ୟ କୁହାଯାଏ ।

ଇଂରାଜୀ ନବବର୍ଷକୁ ଆମ ଲୋକ ଏବଂ ଦେଶ ମହାଆଡ଼ମ୍ବରରେ ପାଳନ କରନ୍ତି କିନ୍ତୁ ଓଡ଼ିଆ ନବବର୍ଷକୁ ଓଡ଼ିଆ କାହିଁ ସେଭଳି ଉତ୍ସାହ ଓ ଆଡ଼ମ୍ବରରେ ପାଳନ କରିବା ଦୃଶ୍ୟ ହୁଏ ନାହିଁ ।

ସତ୍ୟ, ଶିବ ଓ ସୁନ୍ଦର ଏକ ଓ ଅଭିନ୍ନ । ମଣିଷ ହେଉଛି ଅମୃତ ସନ୍ତାନ । ଅମୃତ ପ୍ରାପ୍ତି ତା' ଜୀବନର ସର୍ବଶ୍ରେଷ୍ଠ ଲକ୍ଷ୍ୟ । ସତ୍ୟର ପ୍ରତିଷ୍ଠା, ସୌନ୍ଦର୍ଯ୍ୟର ଉପାସନା ଓ ମଙ୍ଗଳକାମନା ତା'ର ଉଦ୍ଦେଶ୍ୟ । ସତ୍ୟ, ଶିବ ଓ ସୁନ୍ଦରର ପ୍ରତୀକ ହେଉଛନ୍ତି ପରମେଶ୍ୱର ଏବଂ ତାଙ୍କରି ଦ୍ୱାରା ସୃଷ୍ଟ ଏ ଭୂଗୋଳ ସତ୍ୟ, ଶିବ ଓ ସୁନ୍ଦରର ସମାହାର ।

ସତ୍ୟ, ଶିବ ଓ ସୁନ୍ଦରର ପ୍ରତୀକ ପରମାତ୍ମାଙ୍କ ସୃଷ୍ଟି ଅତି ବିଚିତ୍ର ଏବଂ ତାଙ୍କ ଦ୍ୱାରା ସୃଷ୍ଟ ବିରାଟ ଭୂଗୋଳ ମଧ୍ୟରେ ଅମୃତ

ସନ୍ତାନ(ମାନବ) ସର୍ବୋତ୍ତମ । ନିୟତିର ନିୟମ ଏବଂ ଭାଗ୍ୟର ଭାଷା ବଡ଼ ବିଚିତ୍ର ଓ ଅବୋଧ ବେଳେବେଳେ ଅମୃତ ସନ୍ତାନ ପଞ୍ଚଭୂତର ମାୟା ଜାଲରେ ଛନ୍ଦି ହୋଇ ପଥଭ୍ରଷ୍ଟ ହୋଇଯାଏ ଏବଂ ଅଶାନ୍ତ ବାତାବରଣରେ ଉବୁଟୁବୁ ହୋଇ ମନରେ ଶାନ୍ତିରେ ବଞ୍ଚିବାର କାମ୍ୟ ପୋଷଣ କରେ । ସଦାସର୍ବଦା ଶାନ୍ତିର ଅନ୍ୱେଷଣରେ ଥାଏ କିନ୍ତୁ ଶାନ୍ତିପ୍ରାପ୍ତି ତା'ପକ୍ଷେ ଦୁଷ୍ପ୍ରାପ୍ୟ । ଅଶାନ୍ତ ମନକୁ ଶାନ୍ତ କରିବାରେ, ପାପଭରା ମନକୁ ଆଧ୍ୟାତ୍ମିକ ଚିନ୍ତନରେ ଧୌତ କରିବାରେ ଚୈତ୍ର ମାସ ଓଡ଼ିଆ ତଥା ଗଞ୍ଜାମ ଜିଲ୍ଲାବାସୀଙ୍କୁ ବିଶେଷ ସହାୟତା କରିଥାଏ । ଏହା ଏକ ମହାନ୍ ଓ ପୁଣ୍ୟ ମାସ । ଏହି ମାସରେ ସାରା ପରିବେଶରେ ସିଞ୍ଚନ ହୋଇଯାଏ ମଙ୍ଗଳମୟୀ ମା', ଦଣ୍ଡକାଳୀଙ୍କ କରୁଣାର ବାରିଧାରା । ମା' ଦଣ୍ଡକାଳୀଙ୍କ ସାନ୍ନିଧ ଦିବ୍ୟାନୁଭୂତିରେ ଧୌତ କରି ଜୀବନ ଧନ୍ୟ କରିବାର ଅବକାଶ ଇଏ ।

ମାସର ପ୍ରତି ମଙ୍ଗଳବାରରେ ପ୍ରତିଷ୍ଠିତ ମା' ମଙ୍ଗଳାରୂପୀ ତାରାତାରିଣୀଙ୍କ ପୀଠରେ ଯାତ୍ରା ପାଳନ କରାଯାଏ । ନବଜାତ ଶିଶୁଙ୍କୁ ମା'ଙ୍କ ପୀଠରେ ମୁଣ୍ଡନ କରାଯାଏ । ମାସର ମଧ୍ୟ ଭାଗରେ ଅର୍ଥାତ ନବବର୍ଷର ତେରଦିନ କିମ୍ବା ଏକୋଇଶ ଦିନ ପୂର୍ବରୁ ମା ଦଣ୍ଡକାଳୀଙ୍କ ଦଣ୍ଡଯାତ୍ରା ଶୁଭାରମ୍ଭ ହୁଏ । ଦଣ୍ଡନାଚ ସମଗ୍ର ଓଡ଼ିଶାର ଶ୍ରେଷ୍ଠ ଲୋକନାଟକ, ଯାହା ଶିବ ଓ ଶକ୍ତିର ଉପାସନା ପାଇଁ ଉଦ୍ଦିଷ୍ଟ । ଓଡ଼ିଶା ଉପକୂଳ ଅଞ୍ଚଳ ତଥା ଅବିଭକ୍ତ ଗଞ୍ଜାମ, କନ୍ଧମାଳ ଓ କୋରାପୁଟ ଜିଲ୍ଲାରେ ଦଣ୍ଡଯାତ୍ରା ପାଳନ ବିଧି ଅଞ୍ଚଳ ଭେଦରେ ଭିନ୍ନ ହେଲେ ହେଁ ଗଞ୍ଜାମ ଜିଲ୍ଲାରେ ଦଣ୍ଡଯାତ୍ରା ଦଣ୍ଡପୂର୍ଣ୍ଣ ଓ ନିଷ୍ଠାପୂର୍ଣ୍ଣ– ଏଥିରେ ଦ୍ୱିମତ ହେବାର ନାହିଁ । ଇତ୍ୟବସରରେ ଗଞ୍ଜାମ ଜିଲ୍ଲା ପୁର ପଲ୍ଲୀରେ ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ ପାଇବା ପାଇଁ ବ୍ୟାକୁଳ ହୋଇ ପଡ଼ନ୍ତି । ମା'ଙ୍କ ଦଣ୍ଡୁଆଦଳ ଅନ୍ତତଃ ଥରଟିଏ ଗାଁ ଦେଇ ଚାଲିଗଲେ ଗ୍ରାମବାସୀ କୃତକୃତ୍ୟ ହୋଇପଡ଼ନ୍ତି । ପୁରପଲ୍ଲୀରେ ସରଳ ତଥା ଚଷାକୁଳ କର୍ମବହୁଳ ଓ ସଂସାର ଜଞ୍ଜାଳମୟ ଜୀବନରୁ ପ୍ରାୟ ପନ୍ଦର ଦିନ କାଳ ଅବସର ନେଇ ମା' ଦଣ୍ଡକାଳୀଙ୍କ କରୁଣାପ୍ରାପ୍ତି ପାଇଁ ବ୍ୟାକୁଳ ହୋଇପଡ଼ନ୍ତି । ଗାଁ ଗାଁରେ ଦଣ୍ଡିଆ ଦଳ ଭ୍ରମଣ କରୁଥିବାବେଳେ ଶ୍ରଦ୍ଧାଳୁମାନେ ଆଧ୍ୟାତ୍ମିକ ଭାବନା ଓ ମା' ଦଣ୍ଡକାଳୀଙ୍କ ଭକ୍ତି ରସରେ ରସାଣିତ ହୋଇ ଥାଆନ୍ତି ଏବଂ ସେମାନଙ୍କୁ ପ୍ରଭାବିତ କରିଥାଏ ମା'ଙ୍କ କରୁଣା ।

ଦଣ୍ଡନାଚ ପର୍ବ ପାଳନ ଅନ୍ତରାଳରେ ଏକ ତାତ୍ତ୍ୱିକ ଉଦ୍ଦେଶ୍ୟ ରହିଛି ଯାହାକି ଆଧ୍ୟାତ୍ମିକ ସମ୍ପର୍କ ଓ ସାମାଜିକ ଚେତନାରେ ଜଡ଼ିତ । ମଣିଷ ପ୍ରାଣରେ ସୃଷ୍ଟି କରେ ଆଧ୍ୟାତ୍ମିକ ଚେତନାର ମଧୁର ଝଙ୍କାର ଏବଂ ଏହି ଅବକାଶରେ ସେ ଭୁଲିଯାଏ ତା' ଜୀବନର ତିକ୍ତତା । ଅତଏବ ସାମାଜିକ ଜୀବନରେ କର୍ମକ୍ଳାନ୍ତ ଗଞ୍ଜାମବାସୀଙ୍କ ମନରେ କିଛି ସରସତା ଭରିଦେବା କ୍ଷେତ୍ରରେ ଦଣ୍ଡଯାତ୍ରାର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ।

ନବବର୍ଷ ଦିବସଟିକୁ ମେଷ ବା ମହାବିଷୁବ ସଂକ୍ରାନ୍ତି ଓ ପଣା ସଂକ୍ରାନ୍ତି ବ୍ୟତୀତ ଗଞ୍ଜାମ ଜିଲ୍ଲାରେ ମେରୁ ସଂକ୍ରାନ୍ତି କହିଥାନ୍ତି । କାରଣ ଏହି ଦିନ ଦଣ୍ଡୁଆମାନେ ମେରୁଯାତ୍ରା କରି ଦଣ୍ଡଯାତ୍ରା ଉଦ୍‌ଯାପନ କରନ୍ତି । ସାଧାରଣତଃ ମେରୁସଂକ୍ରାନ୍ତିର ତେର ଦିନ ପୂର୍ବରୁ ଦଣ୍ଡଯାତ୍ରା ଶୁଭାରମ୍ଭ ହୁଏ, ଯାହାକୁ ତେର ଦିନିଆ ଦଣ୍ଡଯାତ୍ରା କୁହାଯାଏ । ଅଳ୍ପ କିଛି ଦଣ୍ଡ ଏକୋଇଶି ଦିନ ପୂର୍ବରୁ ଶୁଭାରମ୍ଭ ହୁଏ । ତାକୁ ଏକୋଇଶି ଦିନିଆ ଦଣ୍ଡ କୁହାଯାଏ । କିଛି ଗ୍ରାମରେ ପନ୍ଦର ଦିନିଆ ଦଣ୍ଡ ଓ ଅଠର ଦିନିଆ ଦଣ୍ଡ ବି ଶୁଭାରମ୍ଭ ହୁଏ ।

ସାହିତ୍ୟ କଳା ଓ ସଂସ୍କୃତିର ଗନ୍ତାଘର ରୂପେ ପରିଚିତ ଗଞ୍ଜାମ ଜିଲ୍ଲାରେ ଆବହମାନ କାଳରୁ ପ୍ରଚଳିତ ହୋଇ ଆସୁଛି ଦଣ୍ଡଯାତ୍ରା । ଜୀବନ ମୋକ୍ଷ ପ୍ରାପ୍ତି ପାଇଁ ନିଜ ଶରୀରକୁ ଦଣ୍ଡଦେଇ ଈଶ୍ୱରପ୍ରାପ୍ତି ଆଶା ପୋଷଣ କରି ଆଧ୍ୟାତ୍ମିକ ମହାନୁଭବତା ପାଇଁ ବିହିତ ନୀତି ନିୟମକୁ ଅତି ନିଷ୍ଠାରସହ ପାଳନ କରାଯାଉଥିବା ଆରାଧନା ହିଁ ଦଣ୍ଡଯାତ୍ରା । ଦଣ୍ଡଯାତ୍ରାରେ ଦୁଇଟି ଉପବିଭାଗ ରହିଛି ଯଥା– (୧) ଭୁକ୍ତାଦଳ (୨) ନାଟୁଆଦଳ । ନିଷ୍ଠା ଓ କଷ୍ଟର ସହିତ ଦଣ୍ଡ ପାଳନ କରନ୍ତି ଭୁକ୍ତାଦଳ । ନାଟୁଆ ଦଳ କେବଳ ଧର୍ମୀୟ ଭାବନା ସହ ଦର୍ଶକଙ୍କ ମନୋରଞ୍ଜନ ପାଇଁ ନାଟକ ପରିବେଷଣ କରନ୍ତି । ଅନୁତାପର ବିଷୟ ଏହିକି, ଅତୀତର ମହାନ ଐତିହ୍ୟ, ଲୋକ ପରମ୍ପରା ଓ ସଂସ୍କୃତିକୁ ନେଇ ସ୍ୱର୍ଗତ ଦଣ୍ଡପାଣିଙ୍କ ଦ୍ୱାରା ଲିଖିତ ଦଣ୍ଡ ପୁରାଣ ଅଧୁନା ବିପଥଗାମୀ ଏବଂ ଏବେ ଲକ୍ଷାଧିକ ଅର୍ଥ ଖର୍ଚ୍ଚ କରି ପାଶ୍ଚାତ୍ୟ କଳାକୁ ଉପସ୍ଥାପନା କରାଯାଉଛି, ଯାହାକି ଆଜିର ପାଶ୍ଚାତ୍ୟ ରଙ୍ଗରେ ରଙ୍ଗିତ ଯୁବ ଜୀବନକୁ ବିଶେଷଭାବେ ମନୋରଞ୍ଜିତ ଆଉ ଅନୁରଞ୍ଜିତ କରୁଛି ।

ମାନସିକଧାରା ନିଜ ପରିବାର ଓ ଘରଠାରୁ ଦୂରେଇ ଯାଇ ଦଣ୍ଡଯାତ୍ରାର ଭୁକ୍ତାଦଳ ବା ଦଣ୍ଡୁଆ ଦଳରେ ସାମିଲ ହୁଏ । ଦଣ୍ଡୁଆମାନେ ଶେଷ ପର୍ଯ୍ୟନ୍ତ ନିରଳସ ଜୀବନଯାପନ କରିବା ସହ ସର୍ବଦା ମା' ଦଣ୍ଡକାଳୀଙ୍କ ଆଶ୍ରିତ ହୋଇ ରହନ୍ତି । ଦଣ୍ଡୁଆ ଯେଉଁ ଜାତିର ହେଉନା କାହିଁକି ସେ ଋଷିପୁତ୍ରର ମାନ୍ୟତା ପାଇଥାଏ ଏବଂ ପରିବାରଠାରୁ ଦୂରେଇ ରହି ନିରଳସ ଜୀବନସହ ସାତ୍ତ୍ୱିକ

ଆହାର ଗ୍ରହଣ କରିଥାଏ । ଦଣ୍ଡୁଆ ଦଳର ନେତୃତ୍ୱ ନେଉଥିବା ପାଟଭୁକ୍ତା ବା ପାଟଦଣ୍ଡୁଆର ନିର୍ଦ୍ଦେଶାନୁଯାୟୀ ଭୁକ୍ତାମାନେ ଚଳନ୍ତି । ଭୁକ୍ତାମାନେ ନିଶାର୍ଦ୍ଧରେ ମା' ଦଣ୍ଡକାଳୀଙ୍କ ପ୍ରସାଦ ଅନ୍ନ (କେବଳ ଡାଲମା, ଅରୁଆ ଅନ୍ନ) ଗ୍ରହଣ କରୁଥିବା ବେଳେ ପାଟଦଣ୍ଡୁଆ କେବଳ ଫଳ ଓ ଦୁଗ୍ଧ ଆହାର କରି ନିଷ୍ଠାର ସହ ଦଣ୍ଡୁଆ ଭୁକ୍ତାମାନଙ୍କୁ ପରିଚାଳନା କରିଥାଆନ୍ତି । ଦୁଃଖ କଷ୍ଟରେ ଭାରାକ୍ରାନ୍ତ ଭୁକ୍ତାଙ୍କ ପରିବାର ସଦସ୍ୟ ମଧ୍ୟ ନିଷ୍ଠାରସହ ଜୀବନଯାପନ କରିଥାଆନ୍ତି । ଦଣ୍ଡୁଆ ବା ଭୁକ୍ତାଙ୍କ ସାତ୍ତ୍ୱିକ ଆହାର ଅତି ସରଳ ଅର୍ଥାତ୍ ଦିନକୁ ଦୁଇଥର (୧) ମଧ୍ୟାହ୍ନରେ ବାଳଭୋଗ–ଧୋବୁଜା ନବାତପାଣି (୨) ପାଣି ଦଣ୍ଡପରେ ଅର୍ଥାତ ଦିବା ୪–୫ଘଣ୍ଟା ସମୟରେ ପଞ୍ଚାମୃତ, ନବାତ ଓ କଦଳୀ, ନଡ଼ିଆ, ଛେନାରେ ପ୍ରସ୍ତୁତ ରସପଣା ପାନ ଏବଂ ନିଶାର୍ଦ୍ଧରେ କ୍ୱଚିତ୍ ଅରୁଆ ଅନ୍ନ ସହିତ ଡ଼ାଲମା ।

ପ୍ରଥମ ଦିନ ମାନସିକଧାରୀ ବା ଦଣ୍ଡୁଆ ନିଜ ପରିବାରଠାରୁ ଦୂରେଇ ଆସି ଗାଁମୁଣ୍ଡ ପୋଖରୀ କୂଳରେ ଥିବା ମା', କାଳୀଙ୍କ ମନ୍ଦିରରେ ଶରଣାପନ୍ନ ହୁଏ । ସେଠାରେ ସମସ୍ତେ (ଭୁକ୍ତା) ପୋଖରୀରେ ସ୍ନାନ କରନ୍ତେ ମନ୍ତ୍ରଶୁଦ୍ଧି କରାଯାଇଥିବା ପଇତା ପିନ୍ଧନ୍ତି ଏବଂ ଋଷିପୁତ୍ରର ପରିଚୟ ପାଆନ୍ତି । ଏହି ପର୍ବରେ କେବେ ଦିଆସିଲିର ଅଗ୍ନି ବ୍ୟବହାର କରାଯାଏ ନାହିଁ । କାଠକୁ କାଠ ଘସି ଉତ୍ପନ୍ନ ଅଗ୍ନିକୁ ପାଳରେ ନିର୍ମିତ ଚମ୍ପାବରରେ ସଂରକ୍ଷିତ କରି ରଖାଯାଏ । ଯାହାକି ଶେଷ ଦିନ ଅର୍ଥାତ ବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ନିରବଚ୍ଛିନ୍ନଭାବେ ଜଳୁଥାଏ । ଭୁକ୍ତାମାନଙ୍କ ଦ୍ୱାରା କିଛି ତ୍ରୁଟି ଘଟିଲେ ଚମ୍ପାବରର ଅଗ୍ନି ଲିଭିଯାଏ ଏବଂ ଏହି ଅଗ୍ନିକୁ ପୁନର୍ବାର ଜଳିବା ପାଇଁ ଭୁକ୍ତାମାନେ ଦୋଷକୁ ସ୍ୱୀକାର କରି ପାଟିରେ କୁଟା ଧରି ମା' ଙ୍କ ପାଦପଦ୍ମରେ ଅଧିଆ ପଡ଼ନ୍ତି । ପରଭା ରୂପରେ ମା' ଦଣ୍ଡକାଳୀ ଚମ୍ପାବରର ଅଗ୍ନି ରୂପରେ ଭୋଳାନାଥ ଶିବଙ୍କୁ ଧରି ସମସ୍ତ ଭୁକ୍ତା ପିଞ୍ଛବାଡ଼ି ବାନାଧରି ଢ଼ୋଲ, ଝାଞ୍ଜ ଓ ତୂରୀ ବଜାଇ ବାଦ୍ୟର ତାଳେ ତାଳେ ଖାଲି ପାଦରେ ଚାଲି ଚାଲି ଗ୍ରାମ ଭ୍ରମଣ କରିବା ସହ ରାତ୍ରିରେ ଏକ ନିର୍ଜନ ସ୍ଥାନରେ ବିଶ୍ରାମ ନିଅନ୍ତି । ପରଦିନଠାରୁ ପୂର୍ବ ବରାଦି କାର୍ଯ୍ୟକ୍ରମ ଅନୁଯାୟୀ ଗ୍ରାମକୁ ଗ୍ରାମ ବୁଲି ଆରମ୍ଭ ହୁଏ ଦଣ୍ଡ ଯାତ୍ରା ।

ସକାଳୁ ସକାଳୁ ମାନସିକଧାରୀଙ୍କ ଗୃହ ସମ୍ମୁଖରେ ପ୍ରଥମେ ମା'ଙ୍କୁ ସ୍ଥାପନା କରି ସଂକଳ୍ପ ପୂଜା ହୁଏ । ଏଠାରେ ବୀଣାକାର ମା'ଙ୍କ ବନ୍ଦନା ଗାନକରି ମାନସିକଧାରୀଙ୍କ ସକଳ ଶୁଭ କାମନା କରି ନୃତ୍ୟ କରିବା ପରେ ଫେରନ୍ତି ଗାଁ ମୁଣ୍ଡ ଆମ୍ବତୋଟା କିମ୍ବା କୌଣସି ମନ୍ଦିର ପ୍ରାଙ୍ଗଣ(ନିର୍ଜନସ୍ଥାନ)କୁ ବିଶ୍ରାମ ପାଇଁ । ଠିକ୍ ମଧ୍ୟାହ୍ନ ଉଦୁଉଦିଆ ଚୈତ୍ରତାପରେ ମା'ଙ୍କୁ ନେଇ ଦଣ୍ଡୁଆମାନେ ହାଜର ହୁଅନ୍ତି ମାନସିକଧାରୀଙ୍କ ଗୃହ ସମୀପରେ । ସେଠାରେ ମା'ଙ୍କୁ ସ୍ଥାପନ କରି ପୂଜା ଆରାଧନା ପରେ ପ୍ରଚଣ୍ଡ ରୌଦ୍ରତାପରେ ତାତିଲା ଦାଣ୍ଡରେ ଦଣ୍ଡୁଆ/ ଭୁକ୍ତାମାନେ ଧୂଳିଦଣ୍ଡ କରନ୍ତି । ଦେବୀଙ୍କ ମନ୍ଦିର ନିର୍ମାଣ, ଜମିରେ ଚାଷ କରିବା, କୂଅ ଖୋଳିବା ଇତ୍ୟାଦି କାର୍ଯ୍ୟ ଅଭିନୟ ମାଧ୍ୟମରେ କିଛି ମନୋରଞ୍ଜନ ସହ ସାମାଜିକ ଚାଲିଚଳନ ଓ ବ୍ୟବସ୍ଥାକୁ ନେଇ ଅତୀତରେ ପ୍ରଚଳିତ ଗଞ୍ଜାମର ଲୋକ ଗୀତ ଓ ଢ଼ଗଢ଼ମାଳୀକୁ ପରିବେଷଣ କରାଯାଏ, ଯାହାକି ସ୍ୱର୍ଗତ ଦଣ୍ଡପାଣିଙ୍କ ଦ୍ୱାରା ଲିଖିତ ।

ଧୂଳିଦଣ୍ଡ ସରନ୍ତେ ଦଣ୍ଡୁଆଦଳ ମା'ଙ୍କୁ ନେଇ ଚାଲନ୍ତି ନିକଟ ପୋଖରୀ ଅବା ନଦୀକୁ ପାଣିଦଣ୍ଡ କରିବାକୁ । ପାଣିରେ ବୁଡ଼ି ମୁଠାଏ ମୁଠାଏ ବାଲି ଆଣି ଦଣ୍ଡୁଆମାନେ ଶିବଲିଙ୍ଗ କରି ତୁଠରେ ପୂଜାର୍ଚ୍ଚନା କରନ୍ତି । ପରେ ପରେ ଢ଼ୋଲ, ଝାଞ୍ଜ ବଜାଇ ଆସି ମାନସିକଧାରୀଙ୍କ ଗୃହ ସାମ୍ନାରେ ପୁନର୍ବାର ପୂଜାର୍ଚ୍ଚନା କରି ଗ୍ରାମ ଭ୍ରମଣ କରନ୍ତେ ନିର୍ଦ୍ଧାରିତ ନିର୍ଜନ ସ୍ଥାନକୁ ଯାଇ ବିଶ୍ରାମ ନିଅନ୍ତି ଦଣ୍ଡୁଆ ଦଳ । ସଂଧ୍ୟାରେ ମା'ଙ୍କ ସଂଧ୍ୟାଆଳତୀ ଲାଗି ହୁଏ । ବିନା ରସୁଣ, ପିଆଜ, ତେଲ ଓ ମସଲାରେ ପ୍ରସ୍ତୁତ ଅରୁଆ ଅନ୍ନ ଓ ଡାଲମା ଆହାର ହୁଏ । ଡ଼ାଲମାରେ କିଛି ବାଇଗଣ ଭଳି ପରିବା ପଡ଼େ, ଯା'କି କଟା କି ବଟାଯାଇ ନଥାଏ । ଦଣ୍ଡୁଆଙ୍କ ଭୋଜନ ଆହାର ଅତି ସାତ୍ତ୍ୱିକ ଓ ସରଳ । ନିଶାର୍ଦ୍ଧରେ ସ୍ୱଳ୍ପ ସମୟ ମଧ୍ୟରେ ଅର୍ଥାତ୍ ଦୁଇ–ତିନି ମିନିଟ୍ ମଧ୍ୟରେ ଢ଼ୋଲ ବାଜୁଥିବା ସମୟ ମଧ୍ୟରେ ହିଁ ଗରମା ଗରମ ଅନ୍ନ ପ୍ରସାଦ ଗ୍ରହଣ କରିବାକୁ ପଡ଼େ । ଯଦି କୌଣସି ଶବ୍ଦ କାହାର କର୍ଣ୍ଣଭେଦ କରେ ତେବେ ତତ୍‌କ୍ଷଣାତ୍ ତାକୁ ଭୋଜନ ଛାଡ଼ିବାକୁ ପଡ଼େ । ଗରମା ଗରମ ଅନ୍ନ ସ୍ୱଳ୍ପ ସମୟ ମଧ୍ୟରେ ଭୁକ୍ତାମାନେ କିଭଳି ଗ୍ରହଣ କରନ୍ତି ଦେଖିଲେ ଯାଇ ହୃଦ୍‌ବୋଧ ହେବ ସେମାନଙ୍କ ନିଷ୍ଠା ଓ ଭୋଗୁଥିବା ଦଣ୍ଡ ବିଷୟରେ । ସାଧାରଣ ଶ୍ରଦ୍ଧାଳୁ ମା'ଙ୍କ ଭୋଗ ଅନ୍ନପ୍ରାପ୍ତି ଆଶାରେ ନିଶାର୍ଦ୍ଧ ପର୍ଯ୍ୟନ୍ତ ଅପେକ୍ଷା କରନ୍ତି ଏବଂ ଭୁକ୍ତାଙ୍କ ପ୍ରସାଦ ସେବନ ପରେ ମା'ଙ୍କ ପ୍ରସାଦ ପାଇ ଜୀବନକୁ ଚରିତାର୍ଥ କରି ଥାଆନ୍ତି । ଅନ୍ନ ପ୍ରସାଦ ପ୍ରସ୍ତୁତି ପାଇଁ ଚମ୍ପାବରରୁ ହିଁ ଅଗ୍ନି ଆଣି କାଠ ଚୁଲି ଜଳାଯାଏ ।

ନିଶାର୍ଦ୍ଧରେ ପ୍ରସାଦ ଗ୍ରହଣ ପରେ ମା'ଙ୍କୁ ଧରି ଢ଼ୋଲ, ଝାଞ୍ଜ ବଜାଇ ଦଣ୍ଡୁଆ ଦଳ ଆସନ୍ତି ମାନସିକଧାରୀ ଗୃହ ନିକଟକୁ । ଗାଁ ମୁଣ୍ଡରେ ଚମ୍ପାବରରୁ ସୃଷ୍ଟି ଅଗ୍ନି ପିଣ୍ଡୁଳାରେ ଝୁଣା ଦେଇ

ଢ଼ୋଲର ତାଳେ ତାଳେ ନାଚ କରି ଆସୁଥିବାବେଳେ ମା'ଙ୍କ ପରଭାଧାରୀଙ୍କୁ କାଳସୀ ବା ମା' ଦଣ୍ଡକାଳୀ ପ୍ରସନ୍ନ ହୋଇ ଯାଆନ୍ତି । ଏହାପରେ ମାନସିକଧାରୀଙ୍କ ଗୃହ ଦାଣ୍ଡରେ ମା'ଙ୍କୁ ସ୍ଥାପନ କରି ସକାଳ ପର୍ଯ୍ୟନ୍ତ ଦଣ୍ଡ କଥାମୃତ ନାଚ ପ୍ରଦର୍ଶନ ହୁଏ । ଏଥିରେ ମୁଖ୍ୟତଃ ଶିବଭକ୍ତ ଚଢ଼େୟା ଚଢ଼େୟାଣୀଙ୍କ ଉପରେ ଆଧାରିତ ନାଚ ପରିବେଷଣ ସଙ୍ଗେ ସଙ୍ଗେ ମନୋରଞ୍ଜନ କାର୍ଯ୍ୟକ୍ରମମାନ ମଧ୍ୟ ପରିବେଷଣ କରାଯାଏ । ରାତ୍ର ନାଟ୍ୟ କାର୍ଯ୍ୟକ୍ରମରେ ନାଟୁଆଦଳ ଭାଗ ନେଇଥାନ୍ତି ।

ସକାଳୁ ସକାଳୁ ମେଲାଣି ନେଇ ଦଣ୍ଡୁଆଦଳ ଖାଲି ପାଦରେ କ୍ଷୀପ୍ର ଗତିରେ ଚାଲନ୍ତେ ଆଖପାଖ ଗାଁମାନଙ୍କୁ ଯାଆନ୍ତି । ଖାଲି ପାଦରେ ଲଟାବୁଦା, କଣ୍ଟା, ଗୋଡ଼ିକୁ ଭ୍ରୂକ୍ଷେପ ନକରି କ୍ଷୀପ୍ର ଗତିରେ ଚାଲି ନିର୍ଦ୍ଧାରିତ ସମୟ ମଧ୍ୟରେ ମାନସିକଧାରୀଙ୍କ ଗୃହ ନିକଟରେ ପହଞ୍ଚିବା ଯେ କେତେ କଷ୍ଟସାଧ୍ୟ ଟିକିଏ ଭାବିଲେ ଜାଣି ପାରିବେ । ଏପରି ବ୍ୟସ୍ତବହୁଳ, କଷ୍ଟସାଧ୍ୟ କାର୍ଯ୍ୟକ୍ରମ ସାରି ବିଷୁବ ସଂକ୍ରାନ୍ତି ପୂର୍ବଦିନ ମା'ଙ୍କୁ ନେଇ ନିଜ ଗ୍ରାମକୁ ଫେରନ୍ତି ଦଣ୍ଡୁଆ ଦଳ ଏବଂ ଚିରାଚରିତ ଢ଼ଙ୍ଗରେ ସେଦିନ ଗାଁରେ ମା'ଙ୍କ କାର୍ଯ୍ୟକ୍ରମ ପରିଚାଳନା କରାଯାଏ । ପରଦିନ ଅର୍ଥାତ ବିଷୁବ ସଂକ୍ରାନ୍ତି ଦିନ ପାଟଦଣ୍ଡୁଆଙ୍କୁ ଏକୋଇଶି ଗରା ଜଳରେ ଗାଧୋଇ ଦେବାପରେ ଜଳୁଥିବା ଝାମୁ ଦଣ୍ଡ ଉପରେ ଦୋଳି କରି ଓଲଟାଇ ବନ୍ଧାଯାଇ ଝୁଲାଯାଏ । ପାଟଦଣ୍ଡୁଆଙ୍କ ନାସିକାରୁ ଦୁଇବୁନ୍ଦା ରକ୍ତ ଝାମୁ ଅଗ୍ନିଶିଖାରେ ପଡ଼ିଲା ପରେ ପାଟଦଣ୍ଡୁଆଙ୍କୁ ଖୋଲି ଆଣି ଅଚେତ ଅବସ୍ଥାରେ ମା'ଙ୍କ ସମ୍ମୁଖରେ ଶୁଆଇ ଦିଆଯାଏ । ଚିରାଚରିତ ଭୋଜନ, ଦଣ୍ଡନାଚ ଇତ୍ୟାଦି ସାରନ୍ତେ ସମସ୍ତ ଦଣ୍ଡୁଆ ନିଜ ନିଜ ଗୃହକୁ ଫେରି ପୁଣି ସଂସାର ବନ୍ଧନରେ ବାନ୍ଧି ହୋଇ ଯାଆନ୍ତି । ମହାବିଷୁବ ସଂକ୍ରାନ୍ତି ଦିନ କିଛି ଗ୍ରାମରେ ଝାମୁ ଯାତ୍ରାର ଆୟୋଜନ ମଧ୍ୟ ହୋଇଥାଏ । ସଂକ୍ରାନ୍ତି ଦିନଟି ପବନ କୁମାର, ଅଞ୍ଜନାସୁତ ବୀର ହନୁମାନଙ୍କ ଜୟନ୍ତୀ ।

ଦୀର୍ଘ୧୫ ଦିନ କାଳ ପୁରପଲ୍ଲୀରେ ଯେଉଁ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ ଶେଷ ଦିନ ଅର୍ଥାତ୍ ମେଷ ସଂକ୍ରାନ୍ତି ଦିନ ମହା ଆନନ୍ଦ ଉଲ୍ଲାସରେ ପୁରପଲ୍ଲୀ ଉଛୁଳି ପଡୁଥିବାବେଳେ ବୀର ହନୁମାନଙ୍କ ଜୟନ୍ତୀ ପରିବେଶକୁ ଅତ୍ୟନ୍ତ ମୁଖରିତ କରିଥାଏ । ଏହି ସମୟରେ ଆଧ୍ୟାତ୍ମିକ ପାର୍ବଣରେ ମତୁଆଲା ହୋଇ ଗଞ୍ଜାମ ଜିଲ୍ଲାର ପୁରପଲ୍ଲୀ ଚଳଚଞ୍ଚଳ ହୋଇଉଠେ । ଜଞ୍ଜାଳମୟ ସାଂସାରିକ ଜୀବନରେ ଉବୁଟୁବୁ ମଣିଷ ଆଧ୍ୟାତ୍ମିକ ଭାବନାରେ ବିଭୋର ହୋଇପଡ଼େ ସାମୟିକଭାବେ । ସମସ୍ତଙ୍କ ମୁଖରେ ମା' ଦଣ୍ଡକାଳୀଙ୍କ ଜୟଗାନ ମା'ଙ୍କ ଆଶୀର୍ବାଦ ଲାଭାର୍ଥେ ଦଣ୍ଡୁଆ ଶରୀରକୁ ବହୁତ କଷ୍ଟ ଦେଇଥାଏ । ନିଜ ସୁଖ, ସୌଖୀନ ଜୀବନଯାପନଠାରୁ ନିଆରାଭାବେ ଶରୀରକୁ ଦଣ୍ଡ ଦେଇ ଦିବ୍ୟ ଶକ୍ତିର ଐଶ୍ୱରୀୟ ଆନନ୍ଦ ପାଇବା ପାଇଁ ଏ ମଣିଷ ଚେଷ୍ଟିତ । ସେହିଭଳି ମାନସିକଧାରୀ କେବଳ ଅର୍ଥ ଖର୍ଚ୍ଚ କରେ ନାହିଁ । ବହୁତ ନିଷ୍ଠାର ସହିତ କାର୍ଯ୍ୟଟି ସମ୍ପାଦନ କରିଥାଏ କାରଣ କାହିଁ କେଉଁଠି ଟିକିଏ ତ୍ରୁଟି ଘଟିଗଲେ ମା'ଙ୍କ କୋପରୁ ଜୀବନଟା ଦୁର୍ବିସହ ପାଲଟି ଯିବ ।

ମୁଁ ଜାଣିବାରେ ବହୁବର୍ଷ ପୂର୍ବେ ଅର୍ଥାତ ତୃତୀୟ ଶ୍ରେଣୀରେ ଅଧ୍ୟୟନ କରୁଥିବାବେଳେ ଆମ ନିକଟ ଗ୍ରାମ କରାଡ଼ୁଳିରେ ବିରାଟ ଅଘଟଣଟିଏ ଘଟିଗଲା । ଅଗ୍ନିର ପ୍ରକୋପରେ ଗାଁ ଜଳି ପାଉଁଶ ହୋଇଗଲା । ଏହାର ମୁଖ୍ୟ କାରଣ ଥିଲା ମା' ଦଣ୍ଡକାଳୀଙ୍କ କୋପ ଦୃଷ୍ଟି । ସେଦିନ କୌଣସି ଏକ ଦଣ୍ଡୁଆ ଦଳ କରାଡ଼ୁଳି ଗ୍ରାମଦେଇ ଅତି ତରତରରେ ଯାଆନ୍ତେ ଗାଁର କିଛି ଲୋକଙ୍କ ଶୁଖୁଥିବା ଧାନ ଉପରେ ମାଡ଼ିଗଲେ । ଲୋକେ ଦଣ୍ଡୁଆ ଦଳକୁ ନାନା ପ୍ରକାର ଗାଳିଗୁଲଜ କଲେ, ଅସହ୍ୟ ହୁଅନ୍ତେ ପାଟଭୁକ୍ତା ଅଭିଶାପ ଦେଇ କହିଲେ, ଦେଖ ଦୁଇଦିନ ମଧ୍ୟରେ ତୁମ ଗାଁ ଜଳି ଯିବ । ଦୈବୀକୋପ ଅନ୍ୟଥା ହୁଅନ୍ତା କେମନ୍ତେ ? ସତକୁ ସତ ଗାଁରେ ଅଗ୍ନିର ପ୍ରକୋପ ମାଡ଼ିଚାଲିଲା । ଲୋକେ ଚେଷ୍ଟା କରି ପାରିଲେ ନାହିଁ, ପରିଶେଷରେ ଗାଁ ଟି ଜଳି ଛାରଖାର ହୋଇଗଲା ।

ଅନ୍ୟ ଏକ ଘଟଣା ଶୁଣିବାରେ ଏଠାରେ ଉପସ୍ଥାପନା କରୁଛି । ପନ୍ଦର ବର୍ଷ ପୂର୍ବେ ମୋର ରାଜଧାନୀ ଅବସ୍ଥାନ କାଳରେ ଶୁଣିଲି ଦଣ୍ଡକାଳୀଙ୍କୁ ଅବମାନନା କରି ଆମ ସହରର ଜଣେ ଧନୀକ ବ୍ୟକ୍ତି ଅଭିଶାପଗ୍ରସ୍ତ ହୋଇ କର୍କଟ ବ୍ୟାଧିରେ ମୃତ୍ୟୁବରଣ କଲେ । ତାଙ୍କର ଦୋଷଥିଲା... ଏତେ ଅର୍ଥ ଖର୍ଚ୍ଚ କରି ନିଜ ଗୃହ ସମ୍ମୁଖରେ ଦଣ୍ଡଯାତ୍ରା କରାଇଲେ ହେଲେ ସାମାନ୍ୟ ଜିନିଷଟିଏ (ହେମଦସ୍ତା)ପାଇଁ ଦଣ୍ଡୁଆଙ୍କୁ ଗାଳିଗୁଲଜ କରି ଅଭିଶାପଗ୍ରସ୍ତ ହୁଅନ୍ତେ୧୯୯୮ମସିହା ଡ଼ିସେମ୍ବର ମାସରେ ଇହ ଜଗତରୁ ବିଦାୟ ନେଲେ ।

ଗଞ୍ଜାମ ପୃଷ୍ଠଭୂମିରେ ଧର୍ମଭାବନାର ମାଧ୍ୟମ ଠାକୁରାଣୀ ଯାତ୍ରା ବହୁକାଳର ପରମ୍ପରା । ନବବର୍ଷ ପ୍ରାରମ୍ଭରେ ସହର ସହର ଗାଁ ଗାଁରେ ଆରମ୍ଭ ହୋଇଯାଏ ମା' ଠାକୁରାଣୀଙ୍କ ଯାତ୍ରା । ପ୍ରାୟ ଏକ ମାସ ଲାଗି ରହେ ସହର ଉତ୍ସବମୁଖର । ସଂଧ୍ୟାଆଳତି ପରେ ମୁଖ୍ୟ ଉପାସିକାମାନେ ମା'ଙ୍କ ଘଟକୁ ମସ୍ତକରେ ବହନକରି ଭକ୍ତଙ୍କ ଗହଣରେ ବାଜା ପଟୁଆରରେ ନଗର ପରିକ୍ରମା କରନ୍ତି ।

ଇତ୍ୟବସରରେ ଯାତ୍ରା ପଡ଼ିଆରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମମାନ ପରିବେଷଣ ହୁଏ । ସୁନ୍ଦର ଆଲୋକ ମାଳାରେ ସଜ୍ଜିତ କଳାକୁଞ୍ଜ ରଥ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ବେଶ୍ ଜମେ । ବ୍ରହ୍ମପୁର ସହର ଠାକୁରାଣୀ ଯାତ୍ରା ଓଡ଼ିଶା ପ୍ରସିଦ୍ଧ । ଦିନବେଳା ମାନସିକଧାରୀମାନେ ନାନା ପ୍ରକାର ବେଶ ଯଥା– ବାଘ, କାଳିଆ, ରାମ, ଲକ୍ଷ୍ମଣ, ସୀତା, ହନୁମାନ, କୃଷ୍ଣ, ବଳରାମ ଧାରଣ କରି ଘର ଘର ବୁଲି ଥାଆନ୍ତି । ବାଘନାଚର ବାଜାରେ ସହର ପୁରପଲ୍ଲୀ ପ୍ରକମ୍ପିତ ହୋଇ ଉଠେ ।

ବର୍ଷେ ବ୍ୟବଧାନରେ ବ୍ରହ୍ମପୁର ଠାକୁରାଣୀ ଯାତ୍ରାପାଳନ କରାଯାଏ ଏବଂ ସେହି ବ୍ୟବଧାନ ବର୍ଷ ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁର ସହରରେ ମା' ରାମାୟଣୀମ୍ମାଙ୍କ ଯାତ୍ରା ପାଳନ କରାଯାଏ । ଏଠାରେ ଠାକୁରାଣୀ ଯାତ୍ରା ପୂର୍ବରୁ ମା' ବ୍ୟାଘ୍ର ଦେବୀଙ୍କ ଯାତ୍ରା ସାତଦିନ ପାଳନ କରାଯାଏ । ଠାକୁରାଣୀ ଯାତ୍ରା, ଯାତ୍ରା କମିଟି ଦ୍ୱାରା ପରିଚାଳିତ ହେଉଥିବା ବେଳେ ମା ବ୍ୟାଘ୍ରଦେବୀଙ୍କ ଯାତ୍ରା ଆରକ୍ଷୀ ସଂସ୍ଥାଦ୍ୱାରା ଆୟୋଜନ ହୋଇଥାଏ । ଏହି ସମୟରେ ଜିଲ୍ଲାର ଅନ୍ୟାନ୍ୟ ସହର ଓ ଗ୍ରାମାଞ୍ଚଳରେ ମଧ୍ୟ ଠାକୁରାଣୀ ଯାତ୍ରା ଭକ୍ତିଭାବ ପରିବେଶରେ ପାଳନ କରାଯାଏ । ଉପରୋକ୍ତ ଘଟଣାବଳୀଗୁଡ଼ିକ ଗଞ୍ଜାମ ଜିଲ୍ଲାର ସାଧାରଣ ଜନତାଙ୍କ ସାମାଜିକ ଜୀବନକୁ ଆଧ୍ୟାତ୍ମିକ ମନଚିନ୍ତନ ରସରେ ରସାଣିତ କରି ନିଜ ନିଜ ଭିତରେ ଥିବା ତିକ୍ତ ପ୍ରତିବନ୍ଧକକୁ ଦୂର କରି ଏକ ଦିବ୍ୟ ସମ୍ପର୍କ ସୃଷ୍ଟି କରିବାରେ ସହାୟକ ହୋଇଥାଏ ।

ପରିଶେଷରେ ଏକ କ୍ଷୋଭର ବିଷୟକୁ ଏଠାରେ ଉପସ୍ଥାପନା କରିବାକୁ ଚାହେଁ । ତାହା ହେଉଛି ଉତ୍କଳର ବୀର ସନ୍ତାନ ଓଡ଼ିଆ ପୁଅ ଅନ୍ୟ ଭାଷା ଶିଖିବାରେ ଯେତେ ଆଗ୍ରହ ପ୍ରକାଶ କରୁଛି ନିଜ ମାତୃଭାଷା ଉପରେ ସେତେଟା ସ୍ପୃହା ରଖୁନି । ସେହିପରି ଇଂରାଜୀ ନବବର୍ଷକୁ ଯେପରି ଧୁମ୍‌ଧାମରେ ପାଳନ କରୁଛି, କାହିଁ ନିଜ ଓଡ଼ିଆ ନବବର୍ଷକୁ ସେପରି ଆତ୍ମୀୟତାର ସହ ପାଳନ କରିବା ଦୃଶ୍ୟ ହୁଏ ନାହିଁ । ସମଗ୍ର ରାଜ୍ୟରେ ଏବେ ଇଂରାଜୀ ନବବର୍ଷକୁ ସାଦରରେ ଗ୍ରହଣ କରୁଥିବାବେଳେ ଓଡ଼ିଶାର ସମୃଦ୍ଧ ପରମ୍ପରାକୁ ଅକ୍ଷତ ରଖିବା ଲାଗି ଶ୍ରୀଜଗନ୍ନାଥ ପ୍ରଶାସନ ଯାହାହେଉ, ୨୦୧୪ ମସିହାରେ ଓଡ଼ିଆ କ୍ୟାଲେଣ୍ଡର ପ୍ରଥମ ଥର ପାଇଁ ପ୍ରସ୍ତୁତ କରି ବଜାରକୁ ଛାଡ଼ିବାର ପ୍ରୟାସ କରିଛନ୍ତି । ଏହା ଉତ୍କଳୀୟ ଶାସ୍ତ୍ର ଓ ପରମ୍ପରା ଆଧାରରେ ମହାବିଷୁବ ସଂକ୍ରାନ୍ତିରୁ (ମେଷ) ଓଡ଼ିଆ ନବବର୍ଷ ଆରମ୍ଭ ହେଉଛି ଓ ମୀନ ସଂକ୍ରାନ୍ତିରେ ଶେଷ ହେଉଛି । ଏଥିରେ ଇଂରାଜୀ ନବବର୍ଷ ୨୦୧୪ ପରିବର୍ତ୍ତେ ଉତ୍କଳୀୟ ନବବର୍ଷ ୧୪୨୧ ସାଲ୍‌ର କ୍ୟାଲେଣ୍ଡର ବୋଲି ଉଲ୍ଲେଖ ରହିଛି । ସେହିଭଳି ପ୍ରତ୍ୟେକ ମାସ ସଂକ୍ରାନ୍ତିକୁ ପହିଲା ତାରିଖ ଓ ପରବର୍ତ୍ତୀ ସଂକ୍ରାନ୍ତି ପୂର୍ବ ଦିବସଟିକୁ ଶେଷ ତାରିଖ ଭାବେ ଗ୍ରହଣ କରାଯାଉଛି । ପ୍ରତି ସଂକ୍ରାନ୍ତି ମାସରେ ଦୁଇ ଇଂରାଜୀ ମାସର ସମ୍ମିଶ୍ରଣ ହେଉଥିବାରୁ ଜନସାଧାରଣଙ୍କ ଉଚିତ ଜ୍ଞାନ ଲାଗି ଏଥିରେ ଇଂରାଜୀ ମାସର ତାରିଖ ଓ ବାର ମଧ୍ୟ ରହିଛି । ତଦନୁଯାୟୀ ବିଷୁବ ସଂକ୍ରାନ୍ତି ଦିବସଟିକୁ ଅର୍ଥାତ୍ ଏପ୍ରିଲ୍ ୧୪ ତାରିଖକୁ ନବବର୍ଷର ପ୍ରଥମ ଦବସ ବା ଏକ ତାରିଖ ବୋଲି ଦର୍ଶାଯାଇଛି । ଏହି କ୍ରମରେ ମେଷ, ବୃଷ, କର୍କଟ, ସିଂହମାସ ୩୧ଦିନ, ମିଥୁନ ମାସ ୩୨ ଦିନ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ୩୦ ଦିନ ଓ ଧନୁ ମାସ ଅର୍ଥାତ୍ ପୌଷ–ମାଘ (ଇଂରାଜୀରେ ଡ଼ିସେମ୍ବର–ଜାନୁଆରୀ)କୁ ୨୯ ଦିନ ହେବ ବୋଲି ଦର୍ଶାଯାଇଛି ।

ଶ୍ରୀଜଗନ୍ନାଥ ପ୍ରଶାସନର ଏଭଳି ଏକ ମହାନ ପ୍ରୟାସକୁ ଓଡ଼ିଆ ପୁଅ ସାଦରେ ଗ୍ରହଣ କରି ନିଜ ନବବର୍ଷକୁ ଭଲ ପାଇବାର କେତେ ଆଗ୍ରହୀ, ତାହା ଆଗାମୀ ଦିନ କହିବ ।


ଭେଙ୍କଟସାଇ ନିଳୟମ୍
ପ୍ରାଇମେରୀ ସ୍କୁଲ ପଛ
ନୂଆ ପୋଲିସ୍ କଲୋନୀ
ଛତ୍ରପୁର, ଗଞ୍ଜାମ

❖ ❖ ❖

# ସରଣ୍ଡା ଗଡର ସୌନ୍ଦର୍ଯ୍ୟ ପସରା ଅଂଶୁପା

**ଚନ୍ଦ୍ରମଣି ସେଠୀ**

ପ୍ରକୃତି ବୁକୁରେ ବିଭୁ ସୌନ୍ଦର୍ଯ୍ୟ ସୃଷ୍ଟି ପ୍ରାରମ୍ଭରୁ ପ୍ରତିଫଳିତ। କେଉଁଠି ପ୍ରକୃତିର ରୂପ ରୁକ୍ଷ ତ, କେଉଁଠି ବନ ଗହନ, ଶ୍ୟାମକାୟା ବିସ୍ତାରିତ କରି ପତ୍ର, ଫୁଲଫଳ, ଜଳରାଶି ଦ୍ୱାରା ମଣ୍ଡିତ। ଭାବୁକ ହୃଦୟରେ ଉଭୟ ରୁକ୍ଷ ଓ ସୌନ୍ଦର୍ଯ୍ୟ ମଣ୍ଡିତ ପ୍ରକୃତିର ଶୋଭା ଉନ୍ମାଦନା ସୃଷ୍ଟି କରେ। ଭାବୁକ ତା'ର ଲେଖନୀ ମୁନରେ ସୃଷ୍ଟି କରେ ଅକଳନୀୟ ଭାବର ଚୁମ୍ବକୀୟ ସ୍ରୋତ । ଜନ ମାନସକୁ ସ୍ପର୍ଶ କରେ ଭାବୁକର ଭାବନା।



ଓଡ଼ିଶାର କଟକ ଜିଲ୍ଲାରେ ବାଙ୍କୀ ସବ୍‌ଡିଭିଜନ। ଏହା ଏକ ନିର୍ବାଚନ ମଣ୍ଡଳୀ। ଏହି ବାଙ୍କୀ ସବ୍‌ଡିଭିଜନର ଉତ୍ତର ଦିଗରେ ସରଣ୍ଡା ଗଡଟି କେତେଗୋଟି ଗ୍ରାମକୁ ନେଇ ଗଠିତ। ସେହି ଗ୍ରାମଗୁଡିକ ହେଉଛି– ବନ୍ଧାଳ, ଗୋପାଳପୁର, ରତାଗଡ, ଗୋବିନ୍ଦ ପୁର, ନୂଆ ଗାଁ, ଘୋଡାବର, ସୁବର୍ଣ୍ଣପୁର, ଓସ୍ତିଆ, ଫୁଲବାଡି, ବିଷ୍ଣୁପୁର, ଆନନ୍ଦପୁର, କଦଳୀ ବାଡି, ମାଳ ବିହାର ପୁର, ଘୋଳପୁର, ଜାଗିଆପଡା ଓ ରାମଚନ୍ଦ୍ରପୁର । ସରଣ୍ଡା ଅଞ୍ଚଳ ଶ୍ୟାମ ମଣ୍ଡିତ ଶସ୍ୟ କ୍ଷେତ ଦ୍ୱାରା ଶୋଭିତ । ଏଠାକାର ଅଧିବାସୀମାନେ ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ। ଏହି ସରଣ୍ଡା ଗଡର ପୂର୍ବ ଐତିହ୍ୟ ଇତିହାସ ପୃଷ୍ଠାରୁ ଲୁପ୍ତ ପ୍ରାୟ । ଦେଶର ସ୍ୱାଧୀନତା ସଂଗ୍ରାମରେ ଏହି ସରଣ୍ଡା ଗଡର କେତେକ ସ୍ୱାଧୀନତା ସଂଗ୍ରାମୀ ବ୍ରିଟିଶ୍ ଶାସକଙ୍କଠାରୁ ଲାଠି ପ୍ରହାର ଖାଇ ଥିଲେ, କେବଳ ଏତିକି ନୁହେଁ, ବହୁ ଉଚ୍ଚ ଶିକ୍ଷା ସଂପନ୍ନ ବ୍ୟକ୍ତିତ୍ୱ ଏହି ଅଞ୍ଚଳରେ ଦେଖିବାକୁ ମିଳନ୍ତି । ସେମାନଙ୍କର ବ୍ୟକ୍ତିତ୍ୱ ସମାଜକୁ ଦିଗ୍‌ଦର୍ଶନ ଦେଇ ଆସିଛି ଏବଂ ଦେଇ ଆସୁଥିବ ।

ସରଣ୍ଡା ଗଡର ସୌନ୍ଦର୍ଯ୍ୟ ପସରା ମେଲି ବସିଛି ଓଡ଼ିଶାର ମଧୁର ହ୍ରଦ 'ଅଂଶୁପା'। ଚତୁଃପାର୍ଶ୍ୱର ଶ୍ୟାମ ମଣ୍ଡିତ ତରୁଲତା ଓ ଘାସ ଗାଲିଚା ହ୍ରଦର ଶୋଭା ବର୍ଦ୍ଧନ କରିଥାଏ। ଶ୍ରମଜୀବୀ କୃଷକ କୃଷିକ୍ଷେତରେ କାର୍ଯ୍ୟରତ ରହି ତା'ର ସମୟ ଅତିବାହିତ କରିଥାଏ। ଗାଈ ଜଗୁଆଳି ମୁଣ୍ଡରେ ଝାମ୍ପି ଓ କାଖରେ ପାଞ୍ଚଣ ଚାପି ଅଂଶୁପାର ଚତୁଃ ପାର୍ଶ୍ୱରେ ଗାଈ ଗୋଠ ପଛରେ ଧୀର ଗତିରେ ଗତି କରି ସୁଲଳିତ କଣ୍ଠରେ ଗାଇ ଉଠେ.....

କାହିଁ ଗଲେ ମୂରଲି ଫୁଙ୍କା..
ଯୁବତୀ ରସିଆ କାମିନୀ ରଙ୍କା....

ତ୍ରିଭଙ୍ଗ ଭଙ୍ଗୀରେ ମୂରଲୀ ବଜାଇ
ଡାକୁଥା'ନ୍ତି ଆସ ଆସ ରାଧିକା.....।

ଏହି ସୁଲଳିତ କଣ୍ଠ ସ୍ୱର ପ୍ରତିଧ୍ୱନି ସୃଷ୍ଟି କରି ଚତୁଃ ପାର୍ଶ୍ୱକୁ ବିଭୁକୃପାର ଅମୃତ ସ୍ୱାଦ ସ୍ରୋତ ପ୍ରବାହିତ କରେ । ଜନ ମାନସକୁ ଚୁମ୍ବନ ପ୍ରଦାନ କରି ବିଭୁକୃପାର ସ୍ୱାଦ ଚଖାଇ ଦିଏ । ପ୍ରାତଃ କାଳରେ ଅଂଶୁପା ହ୍ରଦର ଶୋଭା ଅତୀବ ରମଣୀୟ। ସୂର୍ଯ୍ୟଙ୍କର ପ୍ରଥମ ଉଦୟ ରାଶି ସୁନେଲି ରଙ୍ଗ ଅଂଶୁପାର ଜଳ ରାଶି ମଧ୍ୟରେ

ଏକ ଅପୂର୍ବ ପ୍ରତିବିମ୍ବ ସୃଷ୍ଟି କରି ପହିଲି ସାନ୍ନିଧ୍ୟ ଲାଭକରେ । ପରମପୁରୁଷଙ୍କର ହୃଦୟସ୍ପର୍ଶୀ ରମଣ ଅଂଶୁପାର ରୂପ ସମ୍ଭାରକୁ ହ୍ରଦ ମଧ୍ୟରେ ପ୍ରସ୍ଫୁଟିତ କମଳ ପ୍ରଭାତର ଧୀର ବତାସ ଘାତରେ ଦୋଳାୟିତ ହୋଇ ପ୍ରଭୁଙ୍କ ସାନ୍ନିଧ୍ୟ ଲାଭ କରିଥାଏ । ଲାଳାୟିତ ମଧୁପ୍ରିୟ ଭ୍ରମର ଗୁଣୁ ଗୁଣୁ ଶବ୍ଦ କରି କମଳ ଉପର କେଶରରେ ଚୁମ୍ବନ ଦେଉଥାନ୍ତି । ଧୀର କୋମଳ ବତାସ ଦ୍ୱାରା କମଳ ଜଳରାଶି ଉପରେ ଢଳ ଢଳ ହୋଇ ଦୋଳାୟମାନ ହେଉଥାଏ । କୁଞ୍ଜ କୁଞ୍ଜ ତରଙ୍ଗ ଜଳରାଶି ଉପରେ ସୃଷ୍ଟିକରେ ଅବର୍ଣ୍ଣନୀୟ ଶୋଭା । ଚିଲିକାର ଶୋଭା କବିବର ରାଧାନାଥଙ୍କୁ ବିହ୍ୱଳିତ କରିଥିଲା । କିନ୍ତୁ ମଧୁର ହ୍ରଦ ଅଂଶୁପାର ଶୋଭା କୌଣସି ଭାବୁକ ଉପଲବ୍ଧି କରିନାହିଁ । ସୁବର୍ଣ୍ଣପୁର ଗ୍ରାମର ସ୍ୱର୍ଗତ ନିତ୍ୟାନନ୍ଦ ତ୍ରିପାଠୀଙ୍କୁ ଏହି ଅଂଶୁପାର ଶୋଭା କିଛି ମାତ୍ରାରେ ବିହ୍ୱଳିତ କରିଥିଲା ତାଙ୍କ ଅଂଶୁପା କାବ୍ୟରେ । ଶତ ଶତ ବିବିଧ ପ୍ରଜାତିର ପକ୍ଷୀମାନେ ଏହି ଅଂଶୁପା ହ୍ରଦକୁ ପ୍ରତିଦିନ ଆସିଥାନ୍ତି । ବିବିଧ ପକ୍ଷୀଙ୍କର କାକଳି ଅଂଶୁପାର ପରିବେଶକୁ ମୁଖରିତ କରିଥାଏ । ସେମାନଙ୍କର ଜଳକ୍ରୀଡା ଏବଂ ମିଳନ ଅତ୍ୟନ୍ତ ହୃଦୟସ୍ପର୍ଶୀ । ଅଂଶୁପାର ପାଦ ଦେଶରେ ଏକ ପାହାଡ ଅବସ୍ଥିତ, ଯା'ର ନାମ ସରଣ୍ଡା ପାହାଡ । ଏହି ପାହାଡର ସୌନ୍ଦର୍ଯ୍ୟ ମଣ୍ଡିତ ପ୍ରତିବିମ୍ବ ଅଂଶୁପା ଜଳ ରାଶିରେ ବିଭୁକୃପା ଧାରା ବର୍ଷଣ କରିଥାଏ । ବିହଂଗମାନଙ୍କର ଉଡନ୍ତା ଶୋଭା ଓ ପାହାଡର ପ୍ରତିବିମ୍ବ ଦେଖଣାହାରୀଙ୍କୁ ମୁଗ୍ଧ କରିଥାଏ । ଅଂଶୁପାକୁ ସରଣ୍ଡା ଗଡର ଦର୍ପଣ କୁହାଯାଏ । ସରଣ୍ଡା ପାହାଡ଼ ଉପରେ ଏକ ବାରୁଦ ଘର ରହିଅଛି । କିମ୍ବଦନ୍ତୀ କୁହେ ଯେ, ଏଠାରେ ସୁବର୍ଣ୍ଣ କେଶରୀ ରାଜା ଅବସ୍ଥାନ କରୁଥିଲେ । ନିକଟରେ ରହିଛି ଭାଇବୋହୂ କୂଅ । ଏହି ଦୁଇଟି କୂଅରେ ପାହାଡ ଉପରେ ବର୍ଷସାରା ପାଣି ରହିଥାଏ ।ସେହି ପାହାଡ ଉପରେ ରାଜବାଟି ବା ବାରୁଦ ଘରର ମୁଖଶାଳା ରହିଅଛି ।ଏହା ବର୍ତ୍ତମାନ ଭଗ୍ନ ଅବସ୍ଥାରେ ରହିଅଛି । ଏହାକୁ ବିଶ୍ଲେଷଣ କଲେ ସରଣ୍ଡା ଗଡର ବହୁତ ଐତିହାସିକ ତତ୍ତ୍ୱ ଉଦ୍ଧାର ହୋଇ ପାରନ୍ତା ।

ବର୍ତ୍ତମାନ ଏହି ମଧୁର ହ୍ରଦ ଅଂଶୁପାକୁ ଏକ ପର୍ଯ୍ୟଟନ କେନ୍ଦ୍ର ରୂପେ ପରିଗଣିତ କରିବାକୁ ଓଡ଼ିଶା ସରକାରଙ୍କର ଉଦ୍ୟମ ଜାରି ରହିଛି । ସରଣ୍ଡା ପାହାଡ ଉପରେ ବାଉଁଶ ଘର, ମନ ମୁଗ୍ଧକର ମିନାର ଓ ସୌନ୍ଦର୍ଯ୍ୟ ମଣ୍ଡିତ ଉଦ୍ୟାନ ନିର୍ମାଣ କରାଯାଇଛି । ପର୍ଯ୍ୟଟକମାନଙ୍କ ପାଇଁ ପାନ୍ଥଶାଳା ମଧ୍ୟ ନିର୍ମାଣ କରାଯାଇଛି । ଅଂଶୁପାର ଚତୁଃପାର୍ଶ୍ୱରେ ବିବିଧ ସୁଗନ୍ଧିତ ପୁଷ୍ପ ବୃକ୍ଷ ରୋପଣ କରାଯାଇ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରୁଅଛି । ବର୍ତ୍ତମାନ ଓଡ଼ିଶାର ମଧୁର ହ୍ରଦ ଅଂଶୁପା ହେଉଛି ଏକ ପର୍ଯ୍ୟଟନ କେନ୍ଦ୍ର । ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଅଂଶୁପାର ପ୍ରାକୃତିକ ଦୃଶ୍ୟ ଉପଭୋଗ କରିବା ପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସୁଛନ୍ତି । ଅଂଶୁପା କୂଳରେ ପିକ୍‌ନିକ୍ ସ୍ପଟ୍ (ବଣ ଭୋଜିସ୍ଥାନ) ନିର୍ମାଣ କରାଯାଇଛି । ପର୍ଯ୍ୟଟକମାନଙ୍କ ମନୋରଂଜନ ପାଇଁ ଅଂଶୁପା ହ୍ରଦରେ ନୌକା ବିହାରର ବ୍ୟବସ୍ଥା ସରକାରଙ୍କ ତରଫରୁ କରାଯାଇଛି । ଆଶା କରାଯାଏ, ଭବିଷ୍ୟତରେ ଏହି ଅଂଶୁପା ଓଡ଼ିଶାରେ ଗୌରବମଣ୍ଡିତ ହୋଇ ଏକ ଜାତୀୟ ସଂପତ୍ତିର ଅଂଶ ବିଶେଷ ହେବ । ଅଂଶୁପା ହ୍ରଦ ଇତିହାସ ପୃଷ୍ଠାରୁ ଲୁପ୍ତ ହୋଇଯାଇଛି ସତ କିନ୍ତୁ ଭବିଷ୍ୟତରେ ଏହା ଇତିହାସ ପୃଷ୍ଠାରେ ସ୍ଥାନ ଅଳଙ୍କୃତ କରିବ । ଏହାର ପାଦ ଦେଶରେ ଗଢି ଉଠିଛି ଏକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଏକ ଉଚ୍ଚ ବିଦ୍ୟାଳୟ, ଯାହାର ନାମ ସରଣ୍ଡା ବିଦ୍ୟାପୀଠ । ଏକ ମହାବିଦ୍ୟାଳୟ ରହିଛି ଯାହାର ନାମ ଅଂଶୁପା ଶିକ୍ଷା ବୈଷୟିକ ମହାବିଦ୍ୟାଳୟ । ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ଉକ୍ତ ଅନୁଷ୍ଠାନଗୁଡିକ ଚଳଚଞ୍ଚଳ । ଏହାର କୂଳରେ ରହିଛି ଏକ ଶିବମନ୍ଦିର ଯାହାର ନାମ 'ବାଲୁଙ୍କେଶ୍ୱର' । ଏହି ମନ୍ଦିରଟି ଏକ ସୁଶୋଭିତ ପ୍ରାକୃତିକ ପରିବେଶ ମଧ୍ୟରେ ଅବସ୍ଥିତ । ଏହାର ଚତୁଃପାର୍ଶ୍ୱରେ ପର୍ଯ୍ୟଟକମାନଙ୍କ ପାଇଁ ବଣଭୋଜି ନିମିତ୍ତ ସ୍ଥାନ ପ୍ରସ୍ତୁତ କରାଯାଇଛି । ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଅଂଶୁପା ହ୍ରଦର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସଙ୍ଗେ ସଙ୍ଗେ ଭୋଜିର ଆୟୋଜନ କରିଥାନ୍ତି । ଏହାର କୂଳରେ ପୁଣି ଏକ ମନ୍ଦିର ଅବସ୍ଥିତ, ଯେଉଁଠି ମା' ଅନ୍ଧାର ଘର ବାଉତିଙ୍କ ପୂଜାର୍ଚ୍ଚନା କରାଯାଏ । ସରଣ୍ଡା ବା ଅଂଶୁପା କୂଳରେ ଏକ ପୋଲିସ୍ ବିଟ୍ ଘର ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାପନ କରାଯାଇଛି ।

ଅଂଶୁପା ହ୍ରଦକୁ ଏକ ପର୍ଯ୍ୟଟନ କେନ୍ଦ୍ର ରୂପେ ପରିଗଣିତ କରିବା ପାଇଁ ବର୍ତ୍ତମାନ ଓଡ଼ିଶା ସରକାର ତତ୍ପର ହୋଇ ଉଠିଛନ୍ତି । ଅଂଶୁପା ଜଳର ସଦୁପଯୋଗ ଓ ମଧୁର ମାଛଚାଷ ସରକାରଙ୍କର ମୁଖ୍ୟ ଲକ୍ଷ୍ୟ । ଅଂଶୁପା ସନ୍ନିକଟ ରାସ୍ତା ସହିତ ରାଜରାସ୍ତାଗୁଡିକର ସଂଯୋଗୀକରଣ ହେବାକୁ ଯାଉଛି, ଯାହା ଫଳରେ ଭବିଷ୍ୟତରେ ଅଂଶୁପାର ଖ୍ୟାତି ଓଡ଼ିଶାରେ ଆହୁରି ବୃଦ୍ଧି ପାଇବ । ବାସ୍ତବ କ୍ଷେତ୍ରରେ ଦେଖିବାକୁ ଗଲେ 'ଅଂଶୁପା' ଏକ ମନମୁଗ୍ଧକର ସ୍ଥାନ । ବିଭୁଶକ୍ତି ଏହି ସ୍ଥାନରେ ଅଜାଡି ଦେଇଛି ସୁଖ ସମ୍ଭାର । ଏହାର ସୌନ୍ଦର୍ଯ୍ୟ ଭାବୁକକୁ ମନମୁଗ୍ଧ କରିଦିଏ । ସକାଳ ଓ ସନ୍ଧ୍ୟାର ଦୃଶ୍ୟ ଅବର୍ଣ୍ଣନୀୟ । ସରଣ୍ଡା ତଥା ଓଡ଼ିଶାବାସୀଙ୍କ ପାଇଁ ଏହା ପ୍ରକୃତିର ଏକ ଅନବଦ୍ୟ ଉପହାର ।

---

ସହକାରୀ ନିର୍ଦ୍ଦେଶକ, ମୁଦ୍ରଣ ଲିଖନ ସାମଗ୍ରୀ ଓ
ପ୍ରକାଶନ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ-୧୦

# ଭାରତୀୟ ଜନଜୀବନରେ ଯଜ୍ଞର ଭୂମିକା

ପଣ୍ଡିତ ଜଗନ୍ନାଥ ଶତପଥୀ

ଯଜ୍ଞ ଆମ ବୈଦିକ ସଂସ୍କୃତିର ମୂଳାଧାର । ବିଶ୍ୱ ଶାନ୍ତି ପାଇଁ ଯଜ୍ଞର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆମର ପୂର୍ବାଚାର୍ଯ୍ୟମାନେ ଯଜନ କ୍ରିୟାକୁ ପିତୃତୁଲ୍ୟ ଓ ଗାୟତ୍ରୀ ମନ୍ତ୍ରକୁ ବେଦମାତା ରୂପେ ବର୍ଣ୍ଣନା କରିଛନ୍ତି । ଯଜ୍ଞକ୍ରିୟା ଦ୍ୱାରା ଆମର ଆଧାତ୍ମିକ ଚିନ୍ତନର ବିକାଶ ଘଟେ । ଗୀତାରେ କୁହାଯାଇଛି–

ଅନ୍ନାଦ୍ଧ ଭବନ୍ତି ଭୂତାନି ପର୍ଜ୍ଜନ୍ୟାଦନ୍ନସମ୍ଭବଃ
ଯଜ୍ଞାଦ୍ ଭବତି ପର୍ଜନ୍ୟୋଯଜ୍ଞଃ କର୍ମସମୁଦ୍ଭବଃ ।

ଅର୍ଥାତ୍ ଅନ୍ନରୁ ପ୍ରାଣୀଜଗତର ସୃଷ୍ଟି ହୁଏ । ବାରି ବର୍ଷଣ ଦ୍ୱାରା ଖାଦ୍ୟ ପଦାର୍ଥର ଉଦ୍ଭବ ହୁଏ । ଯଜ୍ଞଦ୍ୱାରା ଯେଉଁ ଶୁଦ୍ଧ ବାୟୁମଣ୍ଡଳର ସଞ୍ଚାର ହୁଏ, ତା' ଦ୍ୱାରା ଯଥା ସମୟରେ ବୃଷ୍ଟି ହୁଏ । ସମସ୍ତ କର୍ମର ଫଳଶ୍ରୁତି ହିଁ ଯଜ୍ଞ । ସୃଷ୍ଟି ସର୍ଜନା ପରେ ଦେଖାଗଲା ଯେ ମନୁଷ୍ୟର ଜୀବନଧାରା ଅନିୟନ୍ତ୍ରିତ ଭାବରେ ଚାଲିଛି । ତା'ର ଦୈନନ୍ଦିନ କର୍ମପ୍ରବାହ ସମ୍ପର୍କରେ କୌଣସି ଧାରଣା ନାହିଁ । ତେଣୁ ସେ ଦୁଃଖରେ ରହୁଛି । କିଛି ଉପାୟ ନଦେଖି ମାନବ ଭଗବାନ୍ ବିଷ୍ଣୁଙ୍କର ଶରଣାପନ୍ନ ହେଲା । ଭଗବାନ୍ କହିଲେ–

'ସହଯଜ୍ଞାଃ ପ୍ରଜାଃ ସୃଷ୍ଟ୍ୱା ପୁରୋବାଚ ପ୍ରଜାପତିଃ
ଅନେନ ପ୍ରସବିଷ୍ୟଧ୍ୱମେଷବୋଦ୍ଧସ୍ତିଷ୍ଟକାମଧୁକ୍ ।'

ହେ ମାନବଗଣ । ମୁଁ ତୁମ୍ଭମାନଙ୍କୁ ସୃଷ୍ଟି କରିବା ସହ ଯଜ୍ଞକୁ ମଧ ସୃଷ୍ଟି କଲି । ତୁମେ ଏବେ ଏହି ଯଜନ କ୍ରିୟାଦ୍ୱାରା ଦେବତାମାନଙ୍କୁ ପରିତୁଷ୍ଟ କର । ସେମାନେ ସନ୍ତୁଷ୍ଟ ହେଲେ ତୁମ୍ଭମାନଙ୍କୁ ଧନଧାନ୍ୟ ବୈଭବାଦି ଦ୍ୱାରା ସ୍ୱୟଂ ସମ୍ପନ୍ନ କରିଦେବେ । ସେହିଦିନଠାରୁ ପ୍ରାଣୀଜଗତରେ ଯଜ୍ଞ ଆମ ସାଂସ୍କୃତିକ ଚେତନାର ମୂଳାଧାର ହୋଇଗଲା । ଆମର ଆଜନ୍ମମରଣାନ୍ତ ସମସ୍ତ ବୈଦିକ କର୍ମ ଏହି ଯଜ୍ଞର ନିର୍ଯ୍ୟାସ । ଏପରି କୌଣସି କର୍ମ ନାହିଁ, ଯାହା ଯଜ୍ଞ ଦ୍ୱାରା ପ୍ରଭାବିତ ନୁହେଁ। ଏପରିକି ମୃତ୍ୟୁ ପରେ ମଧ ଏ ଶରୀରକୁ ଅନ୍ତ୍ୟେଷ୍ଟିକ୍ରିୟା ରୂପକ ଅନ୍ତ୍ୟଯଜ୍ଞରେ ନିକ୍ଷେପ କରାଯାଏ ।

ଏହି ଯଜ୍ଞରୁ ଋକ୍, ଯଜୁ, ସାମ ଓ ଅଥର୍ବ ଏହି ଚାରି ବେଦର ସୃଷ୍ଟି ହୋଇଛି । ଯଜୁର୍ବେଦରେ ଯଜ୍ଞର ମହିମା ବର୍ଣ୍ଣିତ ହୋଇଛି । ଔଷଧୀୟ ବିଚାରଣାରେ ଚରକ ସଂହିତାରେ ଯଜ୍ଞର ମହତ୍ତ୍ୱ ବର୍ଣ୍ଣନା କରାଯାଇଛି ।

ଏହି ଯଜ୍ଞ ହିଁ ସଂସାର ସୃଷ୍ଟିର ମୂଳ ଉତ୍ସ । ଆମର ଋଷି ଓ ମନୀଷୀମାନେ ଯଜ୍ଞକୁ ସତ୍‌କର୍ମର ତଥା ଗାୟତ୍ରୀ ମନ୍ତ୍ରକୁ ସତ୍ ବିଚାରର ପ୍ରତୀକ ବୋଲି କହିଛନ୍ତି । ପ୍ରାଚୀନ ଭାରତର ଶକ୍ତି ସ୍ରୋତ ଭାବେ ଏହି ଯଜ୍ଞ ଏକମାତ୍ର କାରଣ ଥିଲା । ପ୍ରତ୍ୟେକ ଗୃହସ୍ଥ ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ, ଦାନ ଓ ପ୍ରତିଗ୍ରହ ଏହି ପଞ୍ଚ ଯଜ୍ଞ ପାଳନ କରୁଥିଲେ । ପୂର୍ବେ ଆତତାୟୀ ଶାସକଙ୍କ ଔଦ୍ଧତ୍ୟକୁ ସଂଯତ କରିବା ପାଇଁ ରାଜସୂୟ ଯଜ୍ଞର ବିଧାନ ଥିଲା । ଅଶ୍ୱମେଧ ଯଜ୍ଞ ଦ୍ୱାରା ଆମର ସାମାଜିକ ବ୍ୟବସ୍ଥା ନିୟନ୍ତ୍ରିତ ହେଉଥିଲା । ଧାର୍ମିକ ପରମ୍ପରାରେ କେତେକ ବିକୃତି ଦେଖାଦେବାରୁ ବାଜପେୟ ଯଜ୍ଞାଦି ଦ୍ୱାରା ତା'ର ପରିବର୍ତ୍ତନ କରାଯାଉଥିଲା । ଆଉ ମଧ ଅଗ୍ନିହୋତ୍ର, ବୈଶ୍ୱଦେବ ଓ ବଳି ପ୍ରଭୃତି ଦ୍ୱାରା ଜନସାଧାରଣଙ୍କ ବୃତ୍ତି ମାର୍ଜିତ ହେଉଥିଲା । ମନୁଷ୍ୟ ଯେପର୍ଯ୍ୟନ୍ତ ଯଜ୍ଞୀୟ ବିଧିବ୍ୟବସ୍ଥା ପାଳନ କରୁଥିଲା, ସେପର୍ଯ୍ୟନ୍ତ ସୁଖ ଶାନ୍ତିର ବାତାବରଣ ଦେଖିବାକୁ ମିଳୁଥିଲା ଏବଂ ଋତୁଚକ୍ର ଯଥା ସମୟରେ ଧରାବତରଣ କରୁଥିଲେ । ପ୍ରକୃତିରେ ଭାରସାମ୍ୟ ରହୁଥିଲା । ଏହି ବ୍ୟବସ୍ଥାର ବ୍ୟତିକ୍ରମ ଫଳରେ ପ୍ରାଣୀଜଗତ ଆଜି ନାନା ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ଏବେ ଏହି ଯାଜ୍ଞିକ ପରମ୍ପରା

ନାମକୁ ମାତ୍ର ବଞ୍ଚି ରହିଛି । ଏଥିରେ ଯେଉଁ ଘୃତ ବ୍ୟବହାର କରାଯାଉଛି, ତାହା ଅପମିଶ୍ରିତ । ତେଣୁ ଏହା ହବ୍ୟ ନୁହେଁ । ବରଂ ଏହା ଦ୍ୱାରା ପରିବେଶ ନଷ୍ଟ ହେଉଛି । ପୂର୍ବେ ମୁନିଋଷିମାନଙ୍କ ଆଶ୍ରମରେ କାମଧେନୁ ଥିଲେ । ଶିଷ୍ୟମାନଙ୍କ ଦ୍ୱାରା ଏହି ଗୋ–ସମ୍ପଦର ଅଭିବୃଦ୍ଧି ଘଟୁଥିଲା ଏବଂ ଆଶ୍ରମରେ ପ୍ରତ୍ୟହ ଏହି ଗବ୍ୟ ଘୃତ ଦ୍ୱାରା ହୋମାଦି କାର୍ଯ୍ୟ ସମ୍ପନ୍ନ ହେଉଥିଲା । ଫଳତଃ ପରିବେଶ ନିର୍ମଳ ରହୁଥିଲା । କିନ୍ତୁ ଆଜି ଏସବୁର ବ୍ୟତିକ୍ରମ ଘଟିଛି । ଲୋକମାନେ ଯଜ୍ଞୀୟ ଜୀବନ ଶୈଳୀ ଅନୁସରଣ କଲେ ଏହି ଧରା ଭୂସ୍ୱର୍ଗରେ ପରିଣତ ହୋଇପାରନ୍ତା । ବେଦରେ ଅଛି, 'ଯଜ୍ଞୋ ବୈବିଷ୍ଣୁଃ' ଯଜ୍ଞ ହିଁ ସ୍ୱୟଂ ନାରାୟଣଙ୍କ ପ୍ରତିବିମ୍ବ ସ୍ୱରୂପ । ଜାଗତିକ ସର୍ବବିଧ କ୍ରିୟା ଯଜ୍ଞ ମାଧ୍ୟମରେ ମାନବକୁ ଦିଗ୍‌ଦର୍ଶନ ଦେଇଥାଏ । ଯଜ୍ଞର ସାମଗ୍ରିକ କ୍ରିୟା ଜୀବଜଗତର କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ବାୟୁ, ଅଗ୍ନି, ଜଳ, ପୃଥିବୀ ସମସ୍ତେ ଯଜ୍ଞ ବିଧିଦ୍ୱାରା ନିୟନ୍ତ୍ରିତ । ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ, ଦାନ ଓ ପ୍ରତିଗ୍ରହ ଏହି ଛଅଟି ଗୁଣ ମାନବର ଦୈନନ୍ଦିନ ଜୀବନରେ ଜୀବନ ପ୍ରବାହକୁ ନିୟନ୍ତ୍ରିତ କରୁଥିଲା ।

ଯଜ୍ଞ ବିଧିର ପାରମ୍ପରିକ ନୀତି ଅନୁସରଣ କରି ସୃଷ୍ଟିର ସର୍ବତ୍ର କ୍ରିୟା ପରିଚାଳିତ ହେଉଅଛି । ମହାସାଗର, ମେଘମାଳା, ପାର୍ବତ୍ୟ ପ୍ରକୃତି, ନଦୀ, ବନସ୍ପତି, ପୃଥିବୀ ଓ ବୃକ୍ଷଲତା ସମସ୍ତେ ଯଜ୍ଞ ବିଧିଦ୍ୱାରା ନିୟନ୍ତ୍ରିତ । ପଶୁପକ୍ଷୀ, କୀଟପତଙ୍ଗ ମଧ୍ୟ ନିଜର କ୍ଷମତା ଅନୁସାରେ ପ୍ରକୃତିକୁ ସହାୟତା ଦେବାରେ ଲାଗିଛନ୍ତି । ଜଳସମ୍ପଦରେ ପୂର୍ଣ୍ଣ ମହାସାଗର ସ୍ୱାର୍ଥ ପାଇଁ ବ୍ୟବହୃତ ନହୋଇ ନିଜର ଉଦାରତା ବଳରେ ବାଦଲକୁ ସୃଷ୍ଟି କରୁଛି । ମହାସାଗର ସେହି ବାଦଲକୁ ବହୁ ଦୂରକୁ ନେଇଯାଇ ଜଗତର କଲ୍ୟାଣ ପାଇଁ ବୃଷ୍ଟି ରୂପରେ ଜଳଦାନ କରିବାରେ ଲାଗିଛି । ଏହାଦ୍ୱାରା କୃଷି କାର୍ଯ୍ୟ, ତୃଷାର୍ତ୍ତକୁ ଜଳଦାନ, ବୃକ୍ଷଲତା ପ୍ରଭୃତିର ବିକାଶ ଘଟିବା ସଙ୍ଗେ ସଙ୍ଗେ ବାତାବରଣ ଶାନ୍ତ କାନ୍ତ ଓ କମନୀୟ ରୂପ ଧାରଣ କରୁଛି । ତ୍ୟାଗ ଓ ବଳିଦାନର ଏହି ଯଜ୍ଞୀୟ ଭାବନା ପ୍ରାଣୀଜଗତର ଯେ ଅଶେଷ କଲ୍ୟାଣ ସାଧନ କରୁଅଛି ଏହା କହିବା ନିଷ୍ପ୍ରୟୋଜନ ।

ଯଜ୍ଞ ଏକ ବିଜ୍ଞାନ ସମ୍ମତ ବୈଦିକ କର୍ମ । ଏହାଦ୍ୱାରା ବାୟୁମଣ୍ଡଳରେ ଏକ ପବିତ୍ର ବାତାବରଣ ସୃଷ୍ଟି ହୁଏ । ଯଜ୍ଞରେ ବ୍ୟବହୃତ ଘୃତାଗ୍ନିର ସୌରଭ ପ୍ରାଣକୁ ଉଲ୍ଲସିତ କରିଦିଏ । ଏବେ ଧ୍ୱନି ପ୍ରଦୂଷଣ, ବାୟୁ ପ୍ରଦୂଷଣ ଓ ଜଳ ପ୍ରଦୂଷଣ ଦ୍ୱାରା ବାୟୁମଣ୍ଡଳ ବିପର୍ଯ୍ୟସ୍ତ ହେବାରେ ଲାଗିଛି । ସୂର୍ଯ୍ୟ କିରଣର ତାପ ବୃଦ୍ଧି ଯୋଗୁଁ ପୃଥିବୀ ଧ୍ୱଂସ ହେବାର ସମ୍ଭାବନା ଦେଖାଦେଲାଣି । ଏହିପରି ଏକ ସନ୍ଧିକ୍ଷଣରେ ଯଜ୍ଞାନୁଷ୍ଠାନର ପ୍ରଚାର ଓ ପ୍ରସାର ଯେ ଏକାନ୍ତ ଅନିବାର୍ଯ୍ୟ, ଏକଥା ସମସ୍ତେ ଉପଲବ୍ଧି କରିବା ଉଚିତ୍ । ଯଜ୍ଞ ଦେବତା ଅଗ୍ନିଙ୍କୁ ସେତେବେଳେ ଯାଜ୍ଞିକମାନେ ଏହିପରି ସ୍ତୁତି କରୁଥିଲେ 'ବିଷ୍ଣୋରଗୁଟମସି', ହେ ଅଗ୍ନି ଦେବତେ, ତୁମେ ବିଷ୍ଣୁଙ୍କର ଲଲାଟ ସ୍ୱରୂପ । ତୁମେ ସ୍ୱୟଂ ଭଗବାନଙ୍କ ଅଂଶାବତାର । ଅତଏବ ପରମାତ୍ମାଙ୍କର ତୃପ୍ତି ନିମିତ୍ତ ମୁଁ ଯଜ୍ଞଶାଳାର ବିଭିନ୍ନ ବିଭାଗକୁ ସ୍ପର୍ଶ କରୁଅଛି ଇତ୍ୟାଦି ।

ଯଜ୍ଞ ଏକ ପ୍ରୟୋଗାତ୍ମକ ବିଜ୍ଞାନ । ଏହା କେବଳ ଶ୍ରଦ୍ଧା ନୁହେଁ ବିଶେଷଜ୍ଞମାନଙ୍କ ସିଦ୍ଧାନ୍ତ ଅନୁସାରେ ଏହାର ବହୁ ଔଷଧୀୟ ଗୁଣ ରହିଛି । ଯଜ୍ଞର ହୋମଧୂମରେ ଯେଉଁ ଔଷଧୀୟ ଗୁଣ ରହିଛି, ତାହା କୌଣସି ମାନଦଣ୍ଡରେ ମାପି ହେବ ନାହିଁ । ବାୟୁମଣ୍ଡଳରେ ଥିବା ବିଷାକ୍ତ ଧୂଆଁକୁ ଯଜ୍ଞଧୂମ ଦ୍ୱାରା ବିଶୋଧିତ କରାଯାଇଥାଏ । ବାୟୁର ଶୁଦ୍ଧତା ବ୍ୟତୀତ ହୋମଧୂମରେ ଜଳ, ସ୍ଥଳ, ଆକାଶ ସବୁ ମଧୁମୟ ହୋଇଯାଏ । ବୈଦିକ ଯୁଗରେ ଯଜ୍ଞର ପ୍ରଭାବରେ ମାଟିର ଉର୍ବରା ଶକ୍ତି ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଉତ୍ପାଦିତ ବସ୍ତୁ ମଧ୍ୟ ପୁଷ୍ଟିକର ହେଉଥିଲା । ଯଜ୍ଞର ଆଗ୍ନେୟ ଧୂମରେ ମାଟିର ଉର୍ବରା ଶକ୍ତି ବଢ଼ିବା ସଙ୍ଗେ ସଙ୍ଗେ ଉତ୍ପାଦିତ ବସ୍ତୁ ମଧ୍ୟ ପୁଷ୍ଟିକର ହେଉଥିଲା । ପୂର୍ବକାଳରେ ପ୍ରତ୍ୟହ ଯଜ୍ଞାଦିକ୍ରିୟା ଯୋଗୁଁ ବାଦଲ ସୃଷ୍ଟି ହୋଇ ମେଘର ସଞ୍ଚାର ହେଉଥିଲା । ସେତେବେଳେ ଆଜିକାଲି ପରି କଳକାରଖାନାର ବିଷାକ୍ତ ଧୂମ ନଥିଲା । ଆଜିର ବିଜ୍ଞାନ ଯୁଗରେ ଆମେ ଯେତିକି ଅଗ୍ରଗତି କରିଛୁ ବୋଲି ଡିଣ୍ଡିମ ପିଟୁଛୁ, ଆମର ପରୋକ୍ଷରେ ତତୋଦ୍ଧିକ କ୍ଷତିକୁ ଆମନ୍ତ୍ରଣ କରୁଛୁ ବୋଲି ଜାଣିବା ଉଚିତ । ତେଣୁ ଆସନ୍ତୁ ସମସ୍ତେ ପରିବେଶ ଶାନ୍ତି ପାଇଁ ମିଳିମିଶି ଗାଇବା–

ଦ୍ୟୌଃ ଶାନ୍ତିଃ, ଅନ୍ତରୀକ୍ଷଃ ଶାନ୍ତିଃ, ପୃଥିବୀ ଶାନ୍ତିଃ, ରାପଃ ଶାନ୍ତିଃ, ଔଷଧୟଃ ଶାନ୍ତିଃ, ବନସ୍ପତୟଃ ଶାନ୍ତିଃ, ଶାନ୍ତିରେବ ଶାନ୍ତିଃ । ଓଁ ତତ୍ ସତ୍ ।

---

'ଚନ୍ଦ୍ରାଳୟ', ସେଲ୍‌ଟର ଛକ, ତୁଳସୀପୁର
କଟକ– ୭୫୩୦୦୮

# ନାରୀ: ବୈଦିକରୁ ସାମ୍ପ୍ରତିକ

କୁନିଲତା ତ୍ରିପାଠୀ

ଈଶ୍ୱରଙ୍କ ସୃଷ୍ଟିରେ ମଣିଷ ହିଁ ଶ୍ରେଷ୍ଠ ଜୀବ। ସଭ୍ୟତାର କ୍ରମବିକାଶ ସହିତ କେଉଁ ଆବହମାନ କାଳରୁ ନାରୀ ପୁରୁଷ ଭେଦରେ ସୃଷ୍ଟିକାରିଣୀ ନାରୀ ହିଁ ହୋଇ ଉଠିଛି ଆକର୍ଷଣର କେନ୍ଦ୍ରବିନ୍ଦୁ। ସୃଷ୍ଟିର ସମ୍ଭାବନାରେ ସେ ହୋଇଉଠିଛି ମହିୟସୀ। ବୈଦିକ ଯୁଗରୁ ଆରମ୍ଭ କରି ପୌରାଣିକ ଯୁଗ ପର୍ଯ୍ୟନ୍ତ କେତେକ ଦୃଷ୍ଟାନ୍ତକୁ ପର୍ଯ୍ୟାଲୋଚନା କଲେ ଦୃଷ୍ଟିଗୋଚର ହୁଏ ଯେ, ଗାର୍ଗୀ, ଆପଲୋ, ଅରୁନ୍ଧତୀ ଇତ୍ୟାଦି କେବଳ ସାଧାରଣ ନାରୀ ନ ଥିଲେ, ସେମାନେ ଥିଲେ ବ୍ରହ୍ମବାଦିନୀ। ଗଭୀର ଜ୍ଞାନ ତଥା ଉଚ୍ଚାଭିଳାଷ ଯୋଗୁଁ ସେମାନେ ବେଦକୁ ବ୍ୟାଖ୍ୟା କରିବା ସହିତ ମାନବ କଲ୍ୟାଣ ନିମିତ୍ତ ତାହା ଉପରେ ତ କେତେବେଳେ ସହଧର୍ମିଣୀର ଭୂମିକା ନିଭାଇ ସମାଜର ସର୍ବାଙ୍ଗୀନ ଉନ୍ନତି ସାଧନରେ ବ୍ରତୀ ହୋଇ ଆସିଛି ପ୍ରତ୍ୟେକ କ୍ଷେତ୍ରରେ ପୁରୁଷ ସହିତ କେତେବେଳେ ସହଧର୍ମିଣୀ, ସହକର୍ମିଣୀ ନାରୀ ।

ଏଥିରୁ ପ୍ରମାଣିତ ହୁଏ ସର୍ବଗୁଣସମ୍ପନ୍ନା ମାତା ସୀତା ତାଙ୍କ କର୍ତ୍ତବ୍ୟକୁ କିପରି ସୂଚାରୁ ରୂପେ ବିଭିନ୍ନ ଭୂମିକାରେ ନିଭାଇ ପାରୁଥିଲେ। ଜନନୀ, ଜାୟା ଏବଂ ଭଗିନୀ ଇତ୍ୟାଦି ନାନା ଭୂମିକାରେ ଅବତୀର୍ଣ୍ଣ ହୋଇ ସଫଳ ହେବା ହିଁ ନାରୀ ଜୀବନର ସାର୍ଥକତା।

ଭୋଗରେ ନୁହେଁ ବରଂ ତ୍ୟାଗରେ ହିଁ ନାରୀ ହୋଇଉଠେ ମହିୟସୀ। ବୈଦିକ ଯୁଗରେ ନାରୀ ଥିଲା କାୟମନୋବାକ୍ୟରେ ପବିତ୍ର। ଭୋଗ ନୁହେଁ ବରଂ ତ୍ୟାଗ ତଥା ଯୋଗ ହିଁ ଥିଲା ତା' ଜୀବନର ମୂଳ ମନ୍ତ୍ର। ସତୀ ଅନସୂୟାଙ୍କ କଥା କିଏ ବା ନ ଜାଣେ, ନିଜ ସତୀତ୍ୱର ପରାକାଷ୍ଠାରେ ସେ ସ୍ୱୟଂ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କୁ ଶିଶୁରେ ପରିଣତ କରି ନିଜର ବାତ୍ସଲ୍ୟ ମମତାରେ ବାନ୍ଧି ଦେଇଥିଲେ। ପୁରାଣ ପୃଷ୍ଠା ମଣ୍ଡନ କରି ଅନେକ ମହିୟସୀ ନାରୀ ଯୁଗକୁ ଯୁଗ ଦୃଷ୍ଟାନ୍ତ ହୋଇ ରହିଛନ୍ତି। ଅହଲ୍ୟା, ଦ୍ରୌପଦୀ, ତାରା, କୁନ୍ତୀ, ମନ୍ଦୋଦରୀ ସେମାନଙ୍କର ତ୍ୟାଗ ପାଇଁ ପ୍ରାତଃ ସ୍ମରଣୀୟ ହୋଇପାରିଛନ୍ତି। ଜୀବନର ପ୍ରତିଟି ସ୍ତରରେ ଏକ ଫଳପ୍ରସୂ କ୍ଷେତ୍ର ପ୍ରସ୍ତୁତ କରିବାକୁ ସେ ହୋଇପଡେ ପ୍ରୟାସୀ । ସୃଷ୍ଟିକାରିଣୀ ଶକ୍ତି ସ୍ୱରୂପିଣୀ ନାରୀ ସନ୍ତାନକୁ ଜନ୍ମ ଦେବା ପରଠାରୁ ପୂର୍ଣ୍ଣଯୌବନରେ ପରିଣତ କରିବା ପର୍ଯ୍ୟନ୍ତ ତା'ର କର୍ତ୍ତବ୍ୟ ଅବ୍ୟାହତ ରଖେ। ସେଇଥିରେ ହିଁ ତା'ର ସାର୍ଥକତା। କେବଳ ସେତିକି ନୁହେଁ ସେବାକୁ ତା'ର ଅସ୍ତ୍ର କରି ସେ ଫଳବତୀ ହୁଏ। ସୁଶ୍ରୁଷା ଚ ବଳଂ ସ୍ତ୍ରୀଣାଂ ଅର୍ଥାତ୍ ସେବା କାର୍ଯ୍ୟ ହିଁ ନାରୀର ବଳ, ଯାହାକୁ ଅସ୍ତ୍ର କରି ସେ ତା'ର ସମସ୍ତ କର୍ତ୍ତବ୍ୟକୁ ସୁଚାରୁ ରୂପେ ସମ୍ପାଦନ କରି ସମାଜରେ ସମ୍ମାନସ୍ପଦା ହୋଇଥାଏ। ସେବା କାର୍ପଣ୍ୟ ଭକ୍ତି ବଳେ କିବା ଅସାଧ୍ୟ ମହିତଳେ। ନାରୀର ଏହି ମହାନତା ପାଇଁ ଶାସ୍ତ୍ର କହିଛି, ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମ୍ୟନ୍ତେ ତତ୍ର ଦେବତା। ଅର୍ଥାତ୍ ଯେଉଁ ସ୍ଥାନରେ ନାରୀକୁ ସମ୍ମାନ ଦିଆଯାଏ, ସେହି ସ୍ଥାନରେ ଦେବତ୍ୱର ବାତାବରଣ ଖେଳିଯାଏ। ଯୁଗ ଥିଲା ନାରୀ ପୁରୁଷର ପ୍ରଚ୍ଛଦପଟ୍ଟର ନାୟିକା ସାଜି ପୁରୁଷକୁ ଆଗକୁ ଯିବାକୁ ପ୍ରେରଣା ପ୍ରଦାନ କରି ନିଜେ ସେହି ଅବସ୍ଥାରେ ରହି ଯାଉଥିଲା। ତେଣୁ ଧାରଣା ଥିଲା ବିନାଶ୍ରୟେ ନ ବର୍ତ୍ତନ୍ତେ କବିତା, ବନିତା, ଲତା।

ପରିବର୍ତ୍ତନଶୀଳ ଦୁନିଆଁରେ ଯୁଗ ସହିତ ଧର୍ମ ମଧ୍ୟ ବଦଳି ଯାଉଛି । ଧାରୟତେ ଇତି ଧର୍ମ । ସାମ୍ପ୍ରତିକ ପରିପ୍ରେକ୍ଷୀରେ ନାରୀ ପୁରୁଷର ସମକକ୍ଷ ହୋଇ ଚଳିବାକୁ ପ୍ରୟାସ ଜାରି ରଖିଛି । ନିଜେ ଉପାର୍ଜନକ୍ଷମ ସ୍ୱୟଂଶାସିତ ହୋଇ କାହାର ଆଶ୍ରୟ ଲୋଡୁନାହିଁ ନାରୀ। ସଶକ୍ତିକରଣ ପାଇଁ ସରକାରୀ ସ୍ତରରୁ ଆରମ୍ଭ କରି ବ୍ୟକ୍ତିଗତ ସ୍ତରରେ ପ୍ରଚେଷ୍ଟା ଜାରି ରହିଛି। ନାରୀକୁ ରୋଜଗାର କରିବା ପାଇଁ ବିଭିନ୍ନ ସରକାରୀ ତଥା ବେସରକାରୀ

ଆୟୋଗମାନଙ୍କରେ ସ୍ଥାନ ସଂରକ୍ଷଣ କରାଯାଇ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉଛି । ଏହାର ପ୍ରକୃତ ଉଦ୍ଦେଶ୍ୟ ହେଉଛି ନାରୀକୁ ସ୍ୱାବଲମ୍ବି କରିବା । ସାମ୍ପ୍ରତିକ ପରିପ୍ରେକ୍ଷୀରେ ଘଟୁଥିବା ଯୌତୁକଜନିତ ମୃତ୍ୟୁ ତଥା ନାରୀ ନିର୍ଯାତନାରୁ ନାରୀକୁ ରକ୍ଷା କରିବା ପାଇଁ ଏଭଳି ନାନା ପଦକ୍ଷେପ ଗ୍ରହଣ କରାଯାଉଛି। ବିଭିନ୍ନ ଆଇନ, କାନୁନ, ନୀତି, ନିୟମ ପ୍ରଣୟନ କରାଯାଇ ନାରୀର ସ୍ଥିତିକୁ ମଜଭୁତ କରି ତା'ର ସୁରକ୍ଷା ବଳୟକୁ ଦୃଢ଼ କରିବାକୁ ଚେଷ୍ଟା କରାଯାଉଛି। ଅତ୍ୟାଧୁନିକ ଚାକଚକ୍ୟତାରେ ପାଶ୍ଚାତ୍ୟାଭିମୁଖୀ ନାରୀ, ବୈଦିକ ଯୁଗର ପରଦା ଆଢୁଆଳର ନାରୀ ଯେତିକି ସମ୍ମାନର ଯୋଗ୍ୟା ଥିଲା, ସାମ୍ପ୍ରତିକ ପରିପ୍ରେକ୍ଷୀରେ ସେତିକି ସମ୍ମାନ ପାଇ ପାରୁଛି କି ? ଏହାର କାରଣ ଖୋଜିବାକୁ ଗଲେ ଆମେ ଦେଖିବା ସେ ଯୁଗର ନୈତିକ ବାତାବରଣ ଆଜି ବଦଳି ଯାଇଛି। ଉଗ୍ର ଆଧୁନିକତାରେ ସମସ୍ତେ ବ୍ୟକ୍ତିକୈନ୍ଦ୍ରିକ ହେବାଦ୍ୱାରା ସ୍ୱାର୍ଥସର୍ବସ୍ୱ ବ୍ୟକ୍ତି ଚରିତ୍ରରେ ଅଧୋପତନ ଘଟିବା ଦ୍ୱାରା ନୈତିକତାର ପ୍ରଭାବ କମିଯାଉଛି। ତେଣୁ ଭ୍ରଷ୍ଟାଚାର ତା'ର କାୟା ବିସ୍ତାର କରି ଚାଲିଛି। ମାନସିକ ସ୍ତରରେ ଯେ ପର୍ଯ୍ୟନ୍ତ ଉଭୟ ନାରୀ ପୁରୁଷ ସଚେତନ ହୋଇ ପାରିନାହାନ୍ତି, ସେପର୍ଯ୍ୟନ୍ତ ସମାଜରେ ତାରତମ୍ୟତା ରହିଥିବ। ଏକ ନୈତିକ ବାତାବରଣ ସୃଷ୍ଟି ପାଇଁ ସାମାଜିକ ସଚେତନା ସର୍ବଦା ବାଞ୍ଛନୀୟ। ଭଗବାନଙ୍କ ସୃଷ୍ଟିରେ ନାରୀ ଏବଂ ପୁରୁଷ ଉଭୟଙ୍କର ଭିନ୍ନ ସ୍ୱତନ୍ତ୍ର ଭୂମିକା ରହିଛି। ଯଥା ନାରୀ ହିଁ ସନ୍ତାନକୁ ଜନ୍ମ ଦେବାର ସୌଭାଗ୍ୟ ଅର୍ଜନ କରିଛି। ନାରୀ, ପୁରୁଷ ଭେଦରେ କାର୍ଯ୍ୟ ଦକ୍ଷତାରେ ସ୍ୱତନ୍ତ୍ରତା ରହିଛି। ନିଜ ନିଜ କର୍ତ୍ତବ୍ୟକୁ ସୁଚାରୁ ରୂପେ ନିଭାଇ ନିଜ ଭୂମିକାକୁ ଫୁଟାଇ ପାରିଲେ ହିଁ ମାନବ ଜୀବନ ହୁଏ ସରସ, ସୁନ୍ଦର ଏବଂ ସଫଳ। ଅତ୍ୟାଧୁନିକ ଯୁଗରେ ବେଳେ ବେଳେ ଉଗ୍ର ଆଧୁନିକତା ଉଭୟ ଉଭୟଙ୍କୁ ଅତିକ୍ରମ କରିବାର ବିଫଳ ପ୍ରୟାସ ସୃଷ୍ଟି କରୁଛି। ତେଣୁ ପ୍ରତିଶୋଧ ପରାୟଣ ହୋଇ ପ୍ରତ୍ୟେକ ଏକ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାର ଦୃଷ୍ଟିଗୋଚର ହେଉଛି। ତେଣୁ ସାମ୍ପ୍ରତିକ ପରିପ୍ରେକ୍ଷୀରେ ସୃଷ୍ଟିକାରିଣୀ ନାରୀ ହିଁ ଏକ ନୈତିକତାର ବାତାବରଣ ସୃଷ୍ଟି କରିବାକୁ ପ୍ରୟାସୀ ହେବା ବାଞ୍ଛନୀୟ। ଯେଉଁ ତ୍ୟାଗ ପାଇଁ କେଉଁ ଆବହମାନ କାଳରୁ ସେ ପୂଜ୍ୟା ହୋଇଆସିଛି, ନାରୀ ତାହା ବଜାୟ ରଖୁ। ଯୁଗ ବଦଳିଲେ ବି ନାରୀ ତା'ର ନାରୀତ୍ୱ ବଜାୟ ରଖୁ। ଏହା ହିଁ ହେଉ ଆଜିର କାମ୍ୟ।

ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ
କଟକ –୧

❖ ❖ ❖

## ଦେବଦାସୀ ଶଶୀମଣିଙ୍କ ବିୟୋଗରେ ଆଇନ ମନ୍ତ୍ରୀଙ୍କ ଶୋକ

ଦେବଦାସୀ ଶଶୀମଣି ଦେବୀଙ୍କ ପରଲୋକରେ ପଞ୍ଚାୟତିରାଜ ଓ ଆଇନ ମନ୍ତ୍ରୀ ଡକ୍ଟର ଅରୁଣ କୁମାର ସାହୁ ଗଭୀର ଶୋକପ୍ରକାଶ କରିଛନ୍ତି । ଏକ ଶୋକବାର୍ତ୍ତାରେ ମନ୍ତ୍ରୀ ଡକ୍ଟର ସାହୁ ସ୍ୱର୍ଗତା ଶଶୀମଣିଙ୍କୁ ଏକ ସମୃଦ୍ଧ ପରମ୍ପରାର ଧାରକ ଓ ବାହକ ଭାବରେ ବର୍ଣ୍ଣନା କରି ତାଙ୍କ ପରଲୋକରେ ଏକ ଶୂନ୍ୟତା ସୃଷ୍ଟି ହେଲା ବୋଲି କହିଛନ୍ତି । ମନ୍ତ୍ରୀ ଡକ୍ଟର ସାହୁ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

❖ ❖ ❖

# ଅବିସ୍ମରଣୀୟ ମତ୍ସ୍ୟ ବିଜ୍ଞାନୀ : ଡକ୍ଟର ଗଜେନ୍ଦ୍ରନାଥ ମିତ୍ର

ସୁକାନ୍ତ କିଶୋର ମହାନ୍ତି

ସାର୍ ଆଇଜାକ୍ ନିଉଟନ୍, ଯେ କି ମାଧ୍ୟାକର୍ଷଣ ଶକ୍ତି ତତ୍ତ୍ୱର ଆବିଷ୍କାରକ ଥିଲେ । ସେ ଅତି ସରଳ ଓ ନିରହଙ୍କାର ଜୀବନଯାପନ କରୁଥିଲେ । ତାଙ୍କର ଜ୍ଞାନକୁ ସାଗର ବେଳାରୁ କେତୋଟି ବାଲିଗରଡ଼ାର ସଂଗ୍ରହ ବୋଲି ସେ ତୁଳନା କରିଥିଲେ । ସେହିପରି ପ୍ରଥିତଯଶା ମତ୍ସ୍ୟବିଜ୍ଞାନୀ ଡକ୍ଟର ଗଜେନ୍ଦ୍ରନାଥ ମିତ୍ର, ଓଡ଼ିଶା ମତ୍ସ୍ୟ ବିଭାଗର ଥିଲେ ପ୍ରଥମ ନିର୍ଦ୍ଦେଶକ, କେନ୍ଦ୍ର ସରକାରଙ୍କ ମତ୍ସ୍ୟ ଉନ୍ନୟନ ଉପଦେଷ୍ଟା, ବିଦେଶୀ ରାଷ୍ଟ୍ରର ମତ୍ସ୍ୟ ବିଶେଷଜ୍ଞ ଓ ମିଳିତ ଜାତିସଂଘର ଖାଦ୍ୟ କୃଷି ସଂଗଠନର ସଭ୍ୟ ଭାବରେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରି ମଧ୍ୟ ସେ ନିଜକୁ ଅଭୂଷଣ ଓ ଅକିଞ୍ଚନ ବୋଲି ମନେ କରୁଥିଲେ । ଡକ୍ଟର ମିତ୍ରଙ୍କ ଜନ୍ମମାଟି ଥିଲା ସାଲେପୁର ଥାନାର ସିଙ୍ଗିମାପୁର ଗ୍ରାମ । ୧୯୧୬ ମସିହା ଫେବୃଆରୀ ମାସ ୮ତାରିଖ ଦିନ ପିତା ସ୍ୱର୍ଗତ ତ୍ରୈଲୋକନାଥ ମିତ୍ରଙ୍କ ଔରସ ଓ ମାତା ସରସୀବାଳା ମିତ୍ରଙ୍କ ଗର୍ଭରୁ ଭୂମିଷ୍ଠ ହୋଇଥିଲେ । ସେସମୟରେ ତାଙ୍କ ପିତା ଯାଜପୁରଠାରେ ଡେପୁଟୀ କଲେକ୍ଟର ହିସାବରେ କାର୍ଯ୍ୟରତ ଥିଲେ । ଡକ୍ଟର ମିତ୍ରଙ୍କ ମାତାଙ୍କ ଆବାସସ୍ଥଳ ଥିଲା କେନ୍ଦ୍ରାପଡ଼ା ନିକଟସ୍ଥ ବାଲିମୂଳ ଗ୍ରାମ ।

ଉପରୋକ୍ତ ପରିଚୟ ଅପେକ୍ଷା ଦେଶ ତଥା ବିଦେଶ ମାଟିରେ ଯେଉଁଥି ପାଇଁ ସେ ବହୁ ସୁଖ୍ୟାତି ଲାଭ କରିଥିଲେ, ତାହା ବୋଧହୁଏ ତାଙ୍କର କର୍ମନିଷ୍ଠା, ସାଧୁତା, ଗବେଷଣାପ୍ରିୟ ମନୋବୃତ୍ତି, ତୃଣମୂଳ ସ୍ତରରେ ଥିବା ମତ୍ସ୍ୟଜୀବୀଙ୍କ ସହିତ ଓତପ୍ରୋତଃ ଭାବରେ ନିଜକୁ ମିଶାଇ କାମ କରିବାର ଶୈଳୀ, ତତ୍‌ସହିତ ନୂତନ ଉପଲବ୍ଧ ଜ୍ଞାନକୌଶଳକୁ ସଫଳ ରୂପାୟନ କରିବାର ସାମର୍ଥ୍ୟ ।

ଏକଦା ତାଙ୍କର ଜଣେ ବନ୍ଧୁ ତାଙ୍କର ଗୁଣଗାନ କରିବାକୁ ଯାଇ ଦଣ୍ଡୀଙ୍କର ଉକ୍ତିକୁ ଦୋହରାଇ ଥିଲେ । ଯେଉଁଭଳି ମଧୁ ମହୁମାଛି ପାଖରେ ନଥାଏ, ମହୁଫେଣାରେ ଥାଏ ସେହିପରି ଯଶସ୍ୱୀ ଜ୍ଞାନୀମାନେ ଯେଉଁ ମହତ ଜ୍ଞାନ ଓ ତାଙ୍କର କାର୍ଯ୍ୟଧାରାକୁ ପରପିଢ଼ି ପାଇଁ ଦେଇଥାନ୍ତି, ତାହା ହିଁ ସମାଜ ପାଇଁ ହୋଇଥାଏ ମଧୁଫେଣା । ଡକ୍ଟର ମିତ୍ରଙ୍କ ବୃତ୍ତିଗତ ସାଫଲ୍ୟ ପରବର୍ତ୍ତୀ ସମୟରେ ନୂତନ ଯୁବ ବୈଜ୍ଞାନିକ ଓ ସମାଜର ପ୍ରତିଟି କ୍ଷେତ୍ରରେ ଯଥା ଦୁର୍ବଳ ମତ୍ସ୍ୟଜୀବୀଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଆସିଛି ।

ଡକ୍ଟର ମିତ୍ର ବାଲ୍ୟକାଳରୁ ତାଙ୍କର ଖୁଡ଼ୁତା ଡକ୍ଟର ଏ.ଏନ୍.ମିତ୍ରଙ୍କ ଦ୍ୱାରା ପ୍ରଭାବିତ ହୋଇ ନୀଳାମ୍ବୁ ଚିଲିକାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାରେ ସକ୍ଷମ ହୋଇଥିଲେ । ମାତ୍ର ୧୩ ବର୍ଷ ବୟସରେ ବଳଦଗାଡ଼ିରେ ୨୮ କିଲୋମିଟର ଦୁର୍ଗମ ରାସ୍ତା ଅତିକ୍ରମ କରି ସେଠାକୁ ଯାଇଥିଲେ । ସେଠାରେ ବନିଶୀରେ ଥୋପଦେଇ ସାର୍କମାଛ ଧରିବାରେ ସକ୍ଷମ ହୋଇଥିଲେ । କିଶୋର ଜୀବନରୁ ତାଙ୍କର ଅରଖକୁଦାଠାରେ ବାସ କରୁଥିବା ମତ୍ସ୍ୟଜୀବୀମାନଙ୍କ ସହିତ ବନ୍ଧୁତା ସୃଷ୍ଟି ହୋଇଥିଲା । ତତ୍‌ସହିତ ପକ୍ଷୀଶିକାର କରିବାର ସଉକ ମେଣ୍ଟାଇବା ସହିତ ବନ୍ଧୁକ ଚଳାଇବାରେ ସେ ନିପୁଣ ଥିଲେ । ଏହା ବ୍ୟତୀତ ସେ ସମୁଦ୍ରରେ ପହଁରିବାକୁ ଭଲ ପାଉଥିଲେ । ସେଥିପାଇଁ ପୁରୀର ନୋଳିଆମାନଙ୍କ ସହିତ ହସକୌତୁକରେ କିଛି ସମୟ ବିତାଉ ଥିଲେ ।

ତତ୍‌କାଳୀନ ବିଜ୍ଞାନ ମନସ୍କତା ସ୍ରୋତରେ ଲମ୍ଫ ପ୍ରଦାନ କରି ସେ ରେଭେନ୍‌ସା ମହାବିଦ୍ୟାଳୟର ବିଜ୍ଞାନ ଛାତ୍ର ହେଲେ । ଅଧ୍ୟୟନ ଯାହା ହେଉନା କାହିଁକି, ସବୁ ସମୟରେ ତାଙ୍କର ସାହସୀ ମନୋଭାବ ପ୍ରଦର୍ଶନର ନମୁନାକୁ ଅବତାରଣା କରାଯାଇପାରେ ।

ତତ୍କାଳୀନ ରେଭେନ୍ସା ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ବିଶ୍ୱବିଖ୍ୟାତ ବୈଜ୍ଞାନିକ ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କ ପ୍ରତିଷ୍ଠାରେ ଅନୁପ୍ରେରିତ ହୋଇ ଡକ୍ଟର ମିତ୍ର ଉଦ୍ଭିଦ ବିଜ୍ଞାନକୁ ଐଚ୍ଛିକ ବିଷୟଭାବେ ଚୟନ କରିଥିଲେ । ପରୀକ୍ଷାରୁ ଛାଡ଼ ପାଇବା ପାଇଁ ପ୍ରଫେସର ପରିଜାଙ୍କୁ ସେ ସାକ୍ଷାତ କରିଥିଲେ । ମିଥ୍ୟାର ଆଶ୍ରୟ ନେଇ ସେ ମୁଣ୍ଡ ବିନ୍ଧୁଛି ବୋଲି କହି ନିଷ୍କୃତି ପାଇବା ପାଇଁ ଉଦ୍ୟମ କରିଥିଲେ । ଅଧ୍ୟକ୍ଷ ଚୌକିରୁ ଉଠିଆସି ତାଙ୍କ ମୁଣ୍ଡରେ ହାତ ମାରିଥିଲେ । ଏହାପରେ ସେ କଡ଼ା ଭାଷାରେ କହିଥିଲେ, ଡାହାମିଛ, ଯାଅ ପରୀକ୍ଷା ଦିଅ । ଏହି ପଦକ କଥା ଡକ୍ଟର ମିତ୍ରଙ୍କର ଜୀବନର ମୋଡ଼ ବଦଳାଇ ଦେଇଥିଲା । ତାହା ସବୁଦିନ ପାଇଁ ତାଙ୍କ ସ୍ମୃତି ପଟଳରେ ଲିପିବଦ୍ଧ ହୋଇ ରହିଯାଇଥିଲା ।

ପରବର୍ତ୍ତୀ ସମୟରେ ଡକ୍ଟର ମିତ୍ର କଲିକତା ବିଶ୍ୱବିଦ୍ୟାଳୟରେ ପ୍ରାଣୀବିଜ୍ଞାନରେ ସ୍ନାତକ ଶ୍ରେଣୀରେ ପ୍ରଥମ ହେବାର ଅସାମାନ୍ୟ ବିରଳ କୃତିତ୍ୱ ଲାଭ କରି ତାଙ୍କର ପରିବାର ଓ ହିତାକାଂକ୍ଷୀଙ୍କୁ ଚକିତ କରିଦେଇଥିଲେ । ୧୯୩୫ ମସିହାରେ ସେ କଲିକତା ବିଶ୍ୱବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନ (ସମ୍ମାନ)ରେ ଫାଷ୍ଟ ର୍ୟାଙ୍କ୍ ପାଇ ତିନୋଟି ସ୍ୱର୍ଣ୍ଣ ପଦକ ପାଇଥିଲେ । ପ୍ରଥମ ସ୍ୱର୍ଣ୍ଣପଦକ ଥିଲା ପ୍ରାଣୀବିଜ୍ଞାନରେ ପ୍ରଥମ ହୋଇଥିବାରୁ, ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଥିଲା ସମସ୍ତ ବିଜ୍ଞାନ ବିଷୟଗୁଡ଼ିକ ମଧ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବାରୁ ଏବଂ ତୃତୀୟ ସ୍ୱର୍ଣ୍ଣପଦକ ଥିଲା, ସମସ୍ତ ବିଜ୍ଞାନ ଏବଂ କଳା ବିଷୟରେ ସର୍ବୋଚ୍ଚ ନମ୍ବର ରଖିଥିବାରୁ ଏହିପରି ବିରଳ ଓ ଅସାମାନ୍ୟ କୃତିତ୍ୱର ସେ ଥିଲେ ଅଧିକାରୀ ।

ତାଙ୍କର କର୍ମମୟ ଜୀବନ ଆରମ୍ଭ ହୁଏ, ବିଶ୍ୱର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ହେଉଥିବାରୁ ସୁଦୂର କଲିକତା କାଣ୍ଟନ୍‌ମେଣ୍ଟରେ ରହୁଥିବା ସୈନିକମାନଙ୍କ ପାଇଁ ଚିଲିକାରୁ ମିଳୁଥିବା ଖଙ୍ଗୋ ମାଛ ଯୋଗାଇବା ଦାୟିତ୍ୱ ନେଇ ନିଜ କାର୍ଯ୍ୟର ପରାକାଷ୍ଠାର ନମୁନା ଦେଇଥିଲେ । କିନ୍ତୁ ଅନିସନ୍ଧିତ୍ସୁ ଡକ୍ଟର ମିତ୍ର ବିଭିନ୍ନ ମତ୍ସ୍ୟ ବର୍ଗୀକରଣ କାର୍ଯ୍ୟରେ ମନୋନିବେଶ କରି ବିଭିନ୍ନ ତଥ୍ୟ ସମ୍ବଳିତ ସନ୍ଦର୍ଭମାନ ପ୍ରସ୍ତୁତ କରୁଥିଲେ । ତା'ର ପ୍ରକାଶନ ପାଇଁ ସେସମୟରେ ନିଖିଳ ଭାରତ ବିଜ୍ଞାନ କଂଗ୍ରେସ ଏକ ପ୍ରକୃଷ୍ଟ ଅନୁଷ୍ଠାନ ଭାବେ ପରିଗଣିତ ହେଉଥିଲା । ଏଥିରେ ପ୍ରବନ୍ଧ ପାଠ କରିବା ଓ ସେ ସମ୍ପର୍କ ଆଲୋଚନାରେ ଅଂଶଗ୍ରହଣ କରିବାରେ ଗୁରୁତ୍ୱ ପ୍ରଦାନ କରାଯାଉଥିଲା ।

ବିଜ୍ଞାନ ସମ୍ବନ୍ଧୀୟ ଚର୍ଚ୍ଚାରେ ଭାଗ ନେବାରେ ଅଭୂତପୂର୍ବ ସଦିଚ୍ଛାର ନମୁନା ପ୍ରସ୍ତାବନା କରାଯାଇପାରେ । ସେସମୟର ଯୁବ ବୈଜ୍ଞାନିକ ମିତ୍ର, ତାଙ୍କର ପରମହିତୈଷୀ ପ୍ରଫେସର ପରିଜାଙ୍କ କଥାନୁଯାୟୀ ଏକ ସର୍ଭାଣ୍ଟସ ଟିକେଟ କିଣି ଗୁରୁଙ୍କ ସହିତ ସ୍ୱଚ୍ଛନ୍ଦରେ ରେଳଗାଡ଼ିରେ ଯାତ୍ରା କରିଥିଲେ । କାରଣ ସେତେବେଳେ ଉଚ୍ଚପଦ ଅର୍ଫିସରମାନଙ୍କ ସାଥୀରେ ଯାଉଥିବା ଚତୁର୍ଥଶ୍ରେଣୀ ସହଯୋଗୀମାନେ ରେଳଗାଡ଼ିର ସ୍ୱତନ୍ତ୍ର ଡବାରେ ଯିବାର ବନ୍ଦୋବସ୍ତ ଥିଲା ଓ ସେଥିରେ ଶୋଇବା ପାଇଁ ଯଥେଷ୍ଟ ସ୍ଥାନ ମିଳୁଥିଲା । ଏହା ବିଜ୍ଞାନ କଂଗ୍ରେସରେ ଭାଗ ନେବାର ପ୍ରବଳ ଇଚ୍ଛାର ଏକ ଜ୍ୱଳନ୍ତ ଉଦାହରଣ ।

୧୯୪୫ ମସିହାରେ ଓଡ଼ିଶା ସରକାରଙ୍କ ସରକାରୀ ମତ୍ସ୍ୟ ନିର୍ଦ୍ଦେଶକ ଭାବରେ ଅବସ୍ଥାପିତ ହୋଇ ସ୍ୱତନ୍ତ୍ର ଭାବେ ମତ୍ସ୍ୟବିଭାଗ ସୃଷ୍ଟି ହୋଇ ନଥିବାରୁ ଶିଳ୍ପ ବିଭାଗ ଅଧୀନରେ କାର୍ଯ୍ୟ କରି ମତ୍ସ୍ୟ ଓ ମତ୍ସ୍ୟଜୀବୀଙ୍କ ପାଇଁ ଅନେକ ଫଳପ୍ରଦ ଯୋଜନାମାନ କାର୍ଯ୍ୟକାରୀ କରିବାରେ ସକ୍ଷମ ହୋଇଥିଲେ । ବିଶେଷ କରି ସେସମୟରେ ଏକ ଭୟଙ୍କର ବାତ୍ୟା ଓଡ଼ିଶା ଉପକୂଳରେ ଅନୁଭୂତ ହୋଇଥିଲା । ଯାହାକି ଉପକୂଳବର୍ତ୍ତୀ ଗ୍ରାମ ଓ ଚିଲିକା ହ୍ରଦର ପରିପାର୍ଶ୍ୱରେ ଥିବା ମତ୍ସ୍ୟଜୀବୀ ଗ୍ରାମଗୁଡ଼ିକର ଅଭୂତପୂର୍ବ କ୍ଷତି ଘଟାଇଥିଲା । ଅନ୍ୟ ଦୃଷ୍ଟିରୁ ଦେଖିଲେ, ଭୟଙ୍କର ବାତ୍ୟା ଚିଲିକା ହ୍ରଦ ପାଇଁ ଏକ ଆଶୀର୍ବାଦ । କାରଣ ହ୍ରଦଟିର ଦଳଗୁଡ଼ିକ କୂଳରେ ଥିବା ଗ୍ରାମରେ ଜମା ହୋଇ ଉନ୍ନତ ଖତରେ ପରିଣତ ହୋଇଥିଲା, ଚିଲିକା ହୋଇଥିଲା ଦଳମୁକ୍ତ । ପ୍ରକୃତରେ ଏହା ଥିଲା ପ୍ରକୃତିର ଅମୋଘଦାନ । ଡକ୍ଟର ମିତ୍ର, ସିଧାସଳଖ ଓଡ଼ିଶାର ମହାମହିମ ରାଜ୍ୟପାଳ ସାର ହାଓ୍ୱର୍ଥନଙ୍କୁ ଅନୁରୋଧ ଜଣାଇ, ଏ ବାବଦରେ କୋଡ଼ିଏ ହଜାର ଟଙ୍କାର ଅନୁଦାନ ପାଇଁ ଚିଲିକା କୂଳର ବାସହରା ମତ୍ସ୍ୟଜୀବୀମାନଙ୍କ ନିମିତ୍ତ ବାସଗୃହ ନିର୍ମାଣ ପୂର୍ବକ ସେମାନଙ୍କର ଦୁଃଖକୁ ଲାଘବ କରିଥିଲେ । ପରବର୍ତ୍ତୀ ସମୟରେ ସମସ୍ତ ଗ୍ରାମକୁ ନେଇ ପ୍ରାଥମିକ ମତ୍ସ୍ୟ ସମବାୟ ସମିତି ଗଢ଼ିବା ପାଇଁ ଶ୍ରୀଯୁକ୍ତ ମିତ୍ର ଆଗ୍ରହୀ ହୋଇଥିଲେ । ବାସ୍ତବରେ ସମବାୟ ସମିତି ଚିଲିକାର କମିଶନ ଏଜେଣ୍ଟଙ୍କ ଦ୍ୱାରା ଶୋଷିତ ହେବାରୁ ନିରୀହ ମତ୍ସ୍ୟଜୀବୀମାନଙ୍କୁ ରକ୍ଷା କରିଥିଲେ । ଉକ୍ତ ପ୍ରାଥମିକ ସମବାୟ ସମିତି ଗଠନ ଓ ମତ୍ସ୍ୟ ବ୍ୟବସାୟକୁ ସୁଦୂର କଲିକତା ସହର ସହିତ ଯୋଡ଼ିବାରେ ସାହାଯ୍ୟ କରିଥିଲା । ଚିଲିକାର ମତ୍ସ୍ୟ ଉତ୍ପାଦନ ନିମିତ୍ତ ସର୍ବଦା ଚେଷ୍ଟିତ ଥିଲେ, ଯଦ୍ୱାରାକି ଦରିଦ୍ର ସୀମାରେଖା ତଳେ ଥିବା ମତ୍ସ୍ୟଜୀବୀମାନଙ୍କର ସାମାଜିକ ଓ ଅର୍ଥନୈତିକ ଉନ୍ନତିରେ ସହାୟକ ହୋଇଥିଲା ।

◆◆◆

୧୯୪୮ ମସିହାରେ ଡକ୍ଟର ମିତ୍ର ପଦୋନ୍ନତି ପାଇ ମତ୍ସ୍ୟ ଉପନିର୍ଦ୍ଦେଶକ ହେଲେ ଓ କାର୍ଯ୍ୟଧାରାକୁ ଅଧିକ ତ୍ୱରାନ୍ୱିତ କରିଥିଲେ । ସେତେବେଳକୁ ସେ ସୁଦୂର ଯୁକ୍ତରାଷ୍ଟ୍ର ଆମେରିକା, ଇଂଲଣ୍ଡ ଓ ଫ୍ରାନ୍‌ସରେ ପ୍ରଶିକ୍ଷଣ ପାଇ ନିଜକୁ ଅଧିକ ଅନୁଭବୀ ଭାବେ ନିଜର କର୍ମଦକ୍ଷତାକୁ ଅଧିକ କ୍ରିୟାଶୀଳ କରିପାରିଥିଲେ ।

୧୯୫୩ ମସିହା ମେ ମାସ ୧୭ ତାରିଖରେ ନିର୍ଦ୍ଦେଶକ (ଫ୍ୟାକ୍‌ଟୋରୀ) ପଦକୁ ଉନ୍ନୀତ ହୋଇଥିଲେ । ଯାହାକି ମତ୍ସ୍ୟ, କଳକାରଖାନା ଓ ଶ୍ରମ ବିଭାଗ ପାଇଁ ସର୍ବୋପରି ଉଦ୍ଦିଷ୍ଟ ଥିଲା । ସେସମୟରେ କୃଷି ଓ ପଶୁପାଳନ ଅଲଗା ବିଭାଗ ଭାବରେ ଥିଲା । ଉକ୍ତ ପଦବୀରେ ଡକ୍ଟର ମିତ୍ର ତିନିବର୍ଷର ଅବଧି ସୁଚାରୁ ରୂପେ ନିର୍ବାହ କରିଥିଲେ ।

୧୯୫୬ ମସିହାରେ ଏକ ସ୍ୱତନ୍ତ୍ର ମତ୍ସ୍ୟ ନିର୍ଦ୍ଦେଶାଳୟ କଟକର ଜୋବ୍ରାଠାରେ ସୃଷ୍ଟି କରାଯାଇ ପ୍ରତିଷ୍ଠା ନିର୍ଦ୍ଦେଶକ (Founder Director) ଭାବରେ ଡକ୍ଟର ମିତ୍ରଙ୍କୁ ଦାୟିତ୍ୱ ତୁଲାଇବାକୁ ଓଡ଼ିଶା ସରକାରଙ୍କ ତରଫରୁ ବିଜ୍ଞପ୍ତି ପ୍ରକାଶିତ ହୋଇଥିଲା । ପ୍ରଥମ ମତ୍ସ୍ୟ ନିର୍ଦ୍ଦେଶକ ଭାବରେ ସେ ମତ୍ସ୍ୟ ବିଭାଗକୁ ବିଭିନ୍ନ କ୍ଷେତ୍ରରେ ଗତିଶୀଳ କରିବାକୁ ସର୍ବଦା ଚେଷ୍ଟିତ ଥିଲେ ।

ମାଛଚାଷର ପ୍ରଥମ ଆବଶ୍ୟକତା, ସୁସ୍ଥ ମାଛ ଯାଆଁଳ ଓ ଜଳାଶୟର ଉନ୍ନତି ପରିବେଶ ସୃଷ୍ଟିକୁ ଆଖିରେ ରଖି ଏକ ସ୍ୱତନ୍ତ୍ର ମତ୍ସ୍ୟ ବୈଜ୍ଞାନିକ ମଣ୍ଡଳୀକୁ ଗବେଷଣା ପାଇଁ ସେଣ୍ଟ୍ରାଲ ଫିସରିଜ୍‌ର କଟକ ବାରବାଟୀ ଜିଲ୍ଲା ଓ ଅନୁଗୁଳ ମତ୍ସ୍ୟ ଫାର୍ମରେ କାର୍ଯ୍ୟ କରିବାର ଆନୁଷଙ୍ଗିକ ସୁବିଧା ଯୋଗାଇ ଦେଇଥିଲେ । କୃତ୍ରିମ ଉପାୟରେ ଗୁଣ୍ଡ ଯାଆଁଳ ଉତ୍ପାଦନ (Induceed breeding)ର ସଫଳତାର ସ୍ୱାଦ ଅନୁଭବ କରିଥିଲେ । ଡକ୍ଟର ଆଲିଖୁନି (DR. ALIKHUNI) ଓ ଡକ୍ଟର ହିରାଲାଲ ଚୌଧୁରୀ (DR. H.L. CHOUDHURY)ଙ୍କୁ ଦେଶ ବିଦେଶରେ ଚିହ୍ନିତ କରିବାରେ ଓ ଯାଆଁଳ ଉତ୍ପାଦନର ତଥ୍ୟକୁ ପ୍ରସାର ଓ ପ୍ରଚାର କରିବାରେ ଡକ୍ଟର ମିତ୍ରଙ୍କ ଅବଦାନକୁ କୌଣସି ଭାବରେ ନ୍ୟୂନ ବିଚାର କରାଯାଇପାରିବ ନାହିଁ ।

ପରବର୍ତ୍ତୀ ସମୟରେ ଉକ୍ତ କୃତ୍ରିମ ଉପାୟରେ ଯାଆଁଳ ସଂଗ୍ରହ ପ୍ରଣାଳୀ ମାଧ୍ୟମରେ ମାଛଦେହରେ ପିଟ୍ୟୁଟାରୀ ଗ୍ରନ୍ଥିର ରସ ପ୍ରୟୋଗର ମାତ୍ରା ଓ ମା' ମାଛର ଓଜନକୁ ନେଇ ଅନେକ ପରୀକ୍ଷାନିରୀକ୍ଷା କରିଥିଲେ । ସାଧାରଣତଃ ଏକ କିଲୋଗ୍ରାମ ଓଜନର ମା' ମାଛ ପାଇଁ ତିନି ମିଲିଗ୍ରାମଠାରୁ ଆଠ ମିଲିଗ୍ରାମ ପର୍ଯ୍ୟନ୍ତ ପିଟ୍ୟୁଟାରୀ ଓ ପୁରୁଷ ମାଛ ପାଇଁ ଦୁଇରୁ ଚାରି ମିଲିଗ୍ରାମ ଓଜନର ଉକ୍ତ ଗ୍ରନ୍ଥିରସ ଦିଆଯାଇ ସୁଫଳ ମିଳିବାରେ ସହାୟକ ହୋଇଥିଲା ।

ମଧୁର ହ୍ରଦକୁ କିଭଳି ଭାବରେ ମତ୍ସ୍ୟଚାଷୋପଯୋଗୀ ଜଳାଶୟରେ ପରିଣତ କରାଯାଇପାରିବ, ତତ୍‌ସମ୍ବନ୍ଧୀୟ ହୁଡ଼ା ତିଆରି ଜ୍ଞାନ କୌଶଳକୁ ନିଜେ ପରୀକ୍ଷାମୂଳକ ଭାବରେ ନନ୍ଦନକାନନ କାଞ୍ଜିଆ ଓ କୌଶଲ୍ୟାଗଙ୍ଗରେ ପ୍ରୟୋଗ କରି ଅଭୂତପୂର୍ବ ସଫଳତା ପାଇପାରିଥିଲେ । ଅଂଶୁପା ହ୍ରଦ ଓ ଲକ୍ଷ୍ମୀସାଗର ଜଳାଶୟର ଉନ୍ନତି ପାଇଁ ସେସମୟରେ ଡକ୍ଟର ମିତ୍ରଙ୍କ ବିଚକ୍ଷଣ ଜ୍ଞାନ କୌଶଳ ଫଳପ୍ରଦ ହେବାର ନିଦର୍ଶନ କହିଲେ ଅତିକଥନ ହେବ ନାହିଁ ।

ଡକ୍ଟର ମିତ୍ରଙ୍କ ପ୍ରଚେଷ୍ଟାରେ ତିନିଗୋଟି ମତ୍ସ୍ୟ ଗବେଷଣାକେନ୍ଦ୍ର ମଧୁର ଓ ଖାରିପାଣି ମାଛ ଚାଷର ଉନ୍ନତିକଳ୍ପେ ପ୍ରତିଷ୍ଠା କରାଯାଇଥିଲା ।

କୌଶଲ୍ୟାଗଙ୍ଗଠାରେ ମଧୁର ଜଳ ମାଛଚାଷ ନିମିତ୍ତ ଗବେଷଣା ପ୍ରୟୋଗଶାଳା ଓ ପ୍ରଶିକ୍ଷଣ କେନ୍ଦ୍ର ସୃଷ୍ଟି କରିବାରେ ସେ ପ୍ରାଥମିକତା ଦେଇଥିଲେ । ସେଠାକାର ବୃହତ୍ ଗଙ୍ଗ ଓ ଜଳାଶୟମାନଙ୍କରୁ ଦଳ ନିଷ୍କାସନ, ବିଜୁଳି ଶକ୍ତି ପ୍ରୟୋଗ କରାଯାଇ ମାଛ ଧରିବାର ସୁଫଳ, ପୁରୁଣା ଜଳମୁକ୍ତ ହ୍ରଦର ପୁନଃଉଦ୍ଧାର କାର୍ଯ୍ୟକ୍ରମ, କୃତ୍ରିମ ମାଛ ଯାଆଁଳା ଉତ୍ପାଦନ, ମାଟି ଓ ଜଳର ମାନ ନିର୍ଦ୍ଧାରଣ ଓ ମାଛ ଚାଷୋପଯୋଗୀ ପୋଖରୀଗୁଡ଼ିକରେ ଚୂନ ଓ ରାସାୟନିକ ସାର ପ୍ରୟୋଗ ସମ୍ବନ୍ଧୀୟ କାର୍ଯ୍ୟପ୍ରଣାଳୀ ଓ ମାତ୍ରା ନିର୍ଦ୍ଧାରଣ କରିବାର କାର୍ଯ୍ୟ କରାଯାଉଥିଲା । ଉକ୍ତ ଅଞ୍ଚଳରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସମଗ୍ର ଏସିଆ ମହାଦେଶର ବୃହତ୍ ମଧୁର ଜଳ ଜଳଜୀବ ଅନୁଷ୍ଠାନ ଭାବେ ଗଢ଼ି ଉଠିବାରେ ସହାୟକ ହୋଇଥିଲା ।

ଦ୍ୱିତୀୟ ଗବେଷଣା ପ୍ରତିଷ୍ଠାନ ଚିଲିକାର ପ୍ରାଣକେନ୍ଦ୍ର ବାଲୁଗାଁଠାରେ ପ୍ରତିଷ୍ଠିତ ହୋଇଥିଲା । ଯାହାକି ଡକ୍ଟର ଭି.ଜି.ଝିଙ୍ଗରାନଙ୍କ ତତ୍ତ୍ୱାବଧାନରେ ଚିଲିକା ହ୍ରଦର ମତ୍ସ୍ୟ ସମ୍ପଦର ପରିବେଶ, ମତ୍ସ୍ୟ ଉତ୍ପାଦନ, ଖଙ୍ଗା ମାଛର ବଂଶବୃଦ୍ଧି ଓ ତତ୍‌ସମ୍ବନ୍ଧୀୟ ଜୀବ ପରିସଂଖ୍ୟାନକୁ ନେଇ ଗବେଷଣା ଓ ପର୍ଯ୍ୟାଲୋଚନା କରିବା ପାଇଁ ଏକ ଶୃଙ୍ଖଳିତ ଗବେଷଣା ସହଯୋଗୀ ଗୋଷ୍ଠୀ–ରାଜ୍ୟ ମତ୍ସ ବିଭାଗ ତରଫରୁ ନିୟୋଜିତ କରାଯାଇଥିଲା । ସଦାସର୍ବଦା ଡକ୍ଟର ମିତ୍ରଙ୍କ ଦ୍ୱାରା ସମସ୍ତଙ୍କ

କାର୍ଯ୍ୟ ଅନୁଧ୍ୟାନ କରାଯାଇ ତା'ର ସାରାଂଶ ଡକ୍ଟର ଝିଙ୍ଗରାନଙ୍କୁ ଜଣାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକଳ୍ପଗୁଡ଼ିକର ସୁପରିଚାଳନା ପାଇଁ ପ୍ରୟାସ ଜାରି ରଖୁଥିଲେ । ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନକୁ ତ୍ୱରାନ୍ୱିତ କରିବା ପାଇଁ ଇଣ୍ଡୋ-ନରୱେ ପ୍ରକଳ୍ପକୁ ପ୍ରାଧାନ୍ୟ ଦେଇ ସାମୁଦ୍ରିକ ମାଛଧରାରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲେ ।

ଆଇ.ଆଇ.ଟି. ଖଡ଼ଗପୁରରେ ପ୍ରଥମକରି ଆକ୍ୱାକଲଚର ଇଞ୍ଜିନିୟରିଂ ବିଭାଗ ପ୍ରଚଳନ କରାଯିବାର ଶ୍ରେୟ ଡକ୍ଟର ମିତ୍ରଙ୍କୁ ଦିଆଯାଇପାରେ ।

ସାମୁଦ୍ରିକ ମତ୍ସ୍ୟ ସମ୍ପଦର ସର୍ବେକ୍ଷଣ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିଥିଲେ । ଇକୋସାଉଣ୍ଡର (Echosounder)କୁ ବହୁଳ ବ୍ୟବହାର କରାଯାଇ ମିଳୁଥିବା ସାମୁଦ୍ରିକ ମତ୍ସ୍ୟସମ୍ପଦ ବାବଦରେ ଏକ ସମ୍ୟକ ଧାରଣା ମିଳିବା ସହଜ ହେଲା । ଯଦ୍ୱାରା ଦେଶର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ମାଛଧରାକୁ ଅଧିକ ଗତିଶୀଳ କରାଯାଇପାରିଥିଲା । ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ବୃହତ୍ ମତ୍ସ୍ୟଧରା ବନ୍ଦର ପ୍ରତିଷ୍ଠା ପାଇଁ ଆଗେଇଥିଲେ । ଡକ୍ଟର ମିତ୍ରଙ୍କ ସୁପାରିଶକ୍ରମେ ବିଭିନ୍ନ ରାଜ୍ୟରେ ଯଥା ମୁମ୍ବାଇ, ଚେନ୍ନାଇ, ବିଶାଖାପଟ୍ଟନମ ଓ ପାରାଦ୍ୱୀପଠାରେ ବୃହତ ମତ୍ସ୍ୟ ପୋତାଶ୍ରୟର ପରିକଳ୍ପନା କରାଯାଇ ଏହାର ସଫଳ ରୂପାୟନ ପାଇଁ ଆର୍ଥିକ ଅନୁଦାନର ବ୍ୟବସ୍ଥା କରାଯାଇଥିଲା ।

୧୯୬୩ ମସିହାଠାରୁ କେନ୍ଦ୍ର ସରକାରଙ୍କଦ୍ୱାରା ମିଳିତ ଜାତିସଂଘ ଆନୁକୂଲ୍ୟରେ ଗଠିତ ଖାଦ୍ୟ ଓ କୃଷି ସଂଗଠନର ମତ୍ସ୍ୟ ବିଶାରଦ ଭାବେ ମନୋନୀତ ହୋଇ କାର୍ଯ୍ୟ ସମ୍ପାଦନ କରିଥିଲେ । ଉକ୍ତ ଅବଧି ମଧ୍ୟରେ ମତ୍ସ୍ୟ ବୈଷୟିକ କମିଟିର ଅଧ୍ୟକ୍ଷ ଭାବେ କାର୍ଯ୍ୟ ସମ୍ପାଦନ କରିବା ସହ, ପ୍ରୟୋଗାତ୍ମକ ସାମୁଦ୍ରିକ ସମ୍ପଦ ଗବେଷଣା ଅନୁଷ୍ଠାନର ଉପାଧ୍ୟକ୍ଷ ଭାବେ କର୍ତ୍ତବ୍ୟ କରିଥିଲେ । ବିଶେଷ କରି ୟୁନେସ୍କୋ (UNESCO)ର ଜୀବମଣ୍ଡଳ ସମ୍ମିଳନୀରେ ଉପଦେଷ୍ଟା ଭାବେ ଯୋଗଦାନ ଏକ ଅବିସ୍ମରଣୀୟ ପ୍ରଜନନ ସମ୍ବନ୍ଧୀୟ ପ୍ରବନ୍ଧ ଆଲୋଚନା ପାଇଁ ବହୁବାର ହାୱାଇଦ୍ୱୀପର ହୋନୋଲୁଲ ଯାଇ ଭାରତ ଓ ପ୍ରଶାନ୍ତ ମହାସାଗରୀୟ ମତ୍ସ୍ୟ ପରିଷଦରେ, ଆମଦେଶ ତରଫରୁ ପ୍ରତିନିଧିତ୍ୱ କରି ଅଶେଷ ସୁନାମ ଅର୍ଜନ କରିଥିଲେ ।

ମତ୍ସ୍ୟସମ୍ପଦ ବିକାଶରେ ଆର୍ଥିକ ଦିଗ ବିବେଚନା (FISHERIES ECONOMICS) କରିବା ନିମିତ୍ତ ଡକ୍ଟର ମିତ୍ର ବିଶ୍ୱବିଖ୍ୟାତ ମତ୍ସ୍ୟ ଅର୍ଥନୀତିଜ୍ଞ ତଥା ନରୱେ ଅଧିବାସୀ ଡକ୍ଟର ଗେର୍‌ହାଡ଼ସନ (Dr. Gerhardson)ଙ୍କ ସହିତ କିଛିଦିନ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ । ସେ କେନ୍ଦ୍ର ସରକାରଙ୍କ ମତ୍ସ୍ୟ ନିଗମର ନିର୍ଦ୍ଦେଶକ ଭାବରେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିଥିଲେ । ଯଦ୍ୱାରା ଅବସର ପରେ ସେ ବିଭିନ୍ନ ମତ୍ସ୍ୟଶିଳ୍ପ ପ୍ରତିଷ୍ଠାନର ଉପଦେଷ୍ଟା ଭାବେ କାର୍ଯ୍ୟ ସମ୍ପାଦନ କରିବାରେ ସହାୟକ ହୋଇଥିଲା ।

ଆମ ପଡ଼ୋଶୀ ଦେଶ ଶ୍ରୀଲଙ୍କାର ମତ୍ସ୍ୟ ଉନ୍ନୟନ ପାଇଁ ଏକ ପ୍ରକଳ୍ପ ପ୍ରସ୍ତୁତ କରି ତା'ର ରୂପାୟନ କରିବାରେ ସେ ସଫଳ ହୋଇଥିଲେ । ୧୯୭୫ରୁ ୧୯୭୮ ମସିହା ପର୍ଯ୍ୟନ୍ତ ତେହରାନରେ ବିଶ୍ୱବ୍ୟାଙ୍କ ଦ୍ୱାରା ପରିଚାଳିତ ପ୍ରକଳ୍ପର ପରିଚାଳନା ଉପଦେଷ୍ଟା ଭାବେ କାର୍ଯ୍ୟ କରିବାର ଗୌରବ ଅର୍ଜନ କରିଥିଲେ ।

୧୯୭୮ ମସିହାରେ ଓଡ଼ିଶାକୁ ଫେରି କର୍ମଦକ୍ଷ ମିତ୍ର ସାହେବ ଭିଟାମାଟିର ଉନ୍ନତି କଳ୍ପେ ବିଭିନ୍ନ ପ୍ରକଳ୍ପର ଅବୈତନିକ ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିଲେ । ଲୁଣିପାଣି ବାଗଦା ଚିଙ୍ଗୁଡ଼ି ଚାଷର ଉନ୍ନତି ପାଇଁ କାର୍ଯ୍ୟାରମ୍ଭ କରିଥିଲେ । ତାହା ସେସମୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଏକ ଅଗ୍ରଣୀ ପ୍ରକଳ୍ପ ଭାବେ ପରିଗଣିତ ହେଉଥିଲା ।

ପାରାଦ୍ୱୀପଠାରେ ବାଗଦା ଚିଙ୍ଗୁଡ଼ି ଚାଷ ପାଇଁ କ୍ଷୀର ଗଛମାଦେଳୀ ଫାର୍ମରେ ଏକ ଉନ୍ନତ ଡିଜାଇନର ସ୍ଲୁଇସ୍ ଗେଟ୍‌ର ପରିକଳ୍ପନା କରି ଉକ୍ତ ଫାର୍ମକୁ କାର୍ଯ୍ୟକ୍ଷମ କରିଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବାଗ୍‌ଦା ଚିଙ୍ଗୁଡ଼ି ହାଚେରୀରେ ତାଙ୍କର ସ୍ୱେଚ୍ଛାକୃତ ଉପଦେଶ ଆଜିବି ଅବିସ୍ମରଣୀୟ । ୧୯୮୪ ମସିହା ମାର୍ଚ୍ଚ ମାସରେ ବାଗଦା ଚିଙ୍ଗୁଡ଼ି ଯାଆଁଳ ଉତ୍ପାଦନ ସଫଳ ହୋଇଥିଲା । ସେସମୟରେ ଡକ୍ଟର ମିତ୍ରଙ୍କ ଆମନ୍ତ୍ରଣକ୍ରମେ ବିଭିନ୍ନ ରାଜ୍ୟର ପ୍ରକଳ୍ପର ଶିକ୍ଷାର୍ଥୀମାନେ ପାରାଦ୍ୱୀପଠାରେ ପ୍ରଶିକ୍ଷଣ ନେଇଥିଲେ । ପରବର୍ତ୍ତୀ ସମୟରେ ଚନ୍ଦ୍ରଭାଗାଠାରେ ଏକ ବ୍ୟବସାୟିକ ବାଗ୍‌ଦା ଚିଙ୍ଗୁଡ଼ି ହାଚେରୀ ପ୍ରତିଷ୍ଠା କରାଯାଇ ଥିଲା ।

ପରିଣତ ବୟସରେ ସେ ନିଜକୁ ପରାମର୍ଶଦାତା ଭାବେ ଓଡ଼ିଶା ସାମୁଦ୍ରିକ ଓ ଚିଲିକା ଆଞ୍ଚଳିକ ଉନ୍ନୟନ ନିଗମ (OMCAD)ରେ ନିୟୋଜିତ କରିବା ସହିତ, ଅନେକ ନାମୀଦାମୀ ସଂସ୍ଥାମାନଙ୍କୁ ପରାମର୍ଶ ଦେବାରେ ଶତ ପ୍ରତିଶତ କର୍ମମୁଖର ହେବାରେ ସେ ଅଧିକ ନିଜକୁ ନିୟୋଜିତ କରୁଥିଲେ । ରାଜ୍ୟ ମତ୍ସ୍ୟ ବିଭାଗର ଅବୈତନିକ ଉପଦେଷ୍ଟା ଭାବରେ ୧୯୯୪ ମସିହା ପର୍ଯ୍ୟନ୍ତ ଗୁରୁଦାୟିତ୍ୱ ଗ୍ରହଣ କରି ନିଜେ ଅଧିକ ସକ୍ରିୟ ରହୁଥିଲେ ।

ବୈଜ୍ଞାନିକ ତଥା ମତ୍ସ୍ୟବିଶାରଦଙ୍କ ମାନବବାଦୀ ଚିନ୍ତାଧାରାର ସାମାନ୍ୟ ଅବତାରଣା କରାଯାଇପାରେ । ସେ ସବୁ ସମୟରେ ନିଜକୁ କର୍ମଠ ଓ ପରପିଢ଼ିରେ ବୃଦ୍ଧିଧାରୀଙ୍କୁ ଦୁର୍ବୋଧ କାର୍ଯ୍ୟକୁ ଉତ୍ସାହର ସହିତ ମନୋନିବେଶ କରିବାକୁ ପ୍ରବର୍ତ୍ତାଉ ଥିଲେ । କାରଣ ଆଜିକାଲି ଅନେକ ନିଜର ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ କରିବାରେ କୁଣ୍ଠାବୋଧ କରୁଛନ୍ତି ବା ଏହାକୁ ଏଡ଼ାଇ ଦେବାରେ ସିଦ୍ଧହସ୍ତ । ସେ ଜଣେ ଉତ୍ତମ ଛାତ୍ର ଓ ସମ୍ବେଦନଶୀଳ ପିତୃପ୍ରତିମ ଗୁରୁଜନ ଥିଲେ । ବିଭିନ୍ନ ବର୍ଗ ଓ ବୟସର ବ୍ୟକ୍ତିଙ୍କ ସହିତ ନିଜର ଭାବରେ ବାର୍ତ୍ତାଳାପ କରିବାକୁ ଭଲପାଉ ଥିଲେ । ସାଧୁତା, ସଚ୍ଚୋଟତା ଓ ଉଦାର ନିର୍ମଳ ବ୍ୟକ୍ତିତ୍ୱ ଶେଷକାଳ ଯାଏ ଅତୁଟ ରଖିପାରି ଥିଲେ । ଗୋଟିଏ ପାରିବାରିକ ଘଟନାରୁ ତାଙ୍କର ବ୍ୟକ୍ତିତ୍ୱର ମହାନତାକୁ ବୁଝାଯାଇପାରେ । ଏକଦା ତାଙ୍କର ବଡ଼ପୁଅ ଡକ୍ଟର ଗୋପାଳଚନ୍ଦ୍ର ମିତ୍ର ଗାଡ଼ିଟିଏ କିଣିବା ପାଇଁ ତାଙ୍କୁ କିଛି ଅର୍ଥ ମାଗିଲେ, ସେ ପୁଅକୁ ଟଙ୍କା ଦେଇ ସନ୍ତୋଷ ଲାଭ କଲେ । ଜାଣିପାରିଲେ, ପୁଅ ତାଙ୍କର ଉଚ୍ଚ ପଦବୀରେ ଥିଲେ ବି ଅର୍ଥ ବ୍ୟାପାରରେ ଦୁର୍ନୀତିମୁକ୍ତ ଅଛି । ଯେକୌଣସି ସଭାସମିତିରେ ସେ ନିଜେ ପ୍ରଭାବ ବିସ୍ତାର କରୁଥିଲେ ଓ ସହକର୍ମୀଙ୍କୁ ସୁରକ୍ଷା ପ୍ରଦାନ କରୁଥିଲେ ।

୧୯୮୪ରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଡକ୍ଟର ମିତ୍ରଙ୍କୁ ଡି.ଏସ୍.ସି. ଡିଗ୍ରୀ ପ୍ରଦାନ କରିଥିଲେ । ବିଜ୍ଞାନ ପ୍ରଚାର ସମିତି ତା'ର ସୁବର୍ଣ୍ଣଜୟନ୍ତୀ ଅବସରରେ ୨୦୦୦ ମସିହାରେ ଡକ୍ଟର ମିତ୍ରଙ୍କ ଜୀବନବ୍ୟାପୀ ମତ୍ସ୍ୟବିଜ୍ଞାନର ଉନ୍ନତିକଳ୍ପେ ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱକୁ ସମ୍ବର୍ଦ୍ଧିତ କରିଥିଲା । ୨୦୦୨ ମସିହା ଫେବୃଆରୀ ମାସରେ, କଟକସ୍ଥିତ ସହିଦ୍ ଭବନରେ ତାଙ୍କର ପ୍ରିୟ ଓଡ଼ିଶା ମତ୍ସ୍ୟବିଭାଗର ଅଧିକାରୀମାନେ ଦେଶର ବିଭିନ୍ନ ଅନୁଷ୍ଠାନର ବୈଜ୍ଞାନିକ ଓ ନିର୍ଦ୍ଦେଶକଙ୍କ ଗହଣରେ ଡକ୍ଟର ମିତ୍ରଙ୍କ ଶୁଭକାମନା ମନାସି ଅଭିନନ୍ଦିତ କରିଥିଲେ ।

ପରିଣତ ବୟସରେ ସେ ଅତ୍ୟନ୍ତ ଉତ୍ସାହୀ ହୋଇ କର୍ମତତ୍ପର ଥିଲେ । ନିଜର କାର୍ଯ୍ୟ ସହିତ ଅନେକ ନୂତନ ମତ୍ସ୍ୟବିଜ୍ଞାନ ପତ୍ରିକା ପାଠ କରି ସେ ବିଷୟରେ ସୁଚିନ୍ତିତ ମତାମତ ପ୍ରଦାନ କରୁଥିଲେ ।

ଡକ୍ଟର ମିତ୍ରଙ୍କ ପତ୍ନୀ ଶ୍ରୀମତୀ ନିହାରକାନ୍ତା ମିତ୍ରଙ୍କ ମୃତ୍ୟୁ ପରେ ବି ସେ ଭାଙ୍ଗି ନପଡ଼ି ତାଙ୍କର ଦୈନନ୍ଦିନ କାର୍ଯ୍ୟ ସହିତ ମତ୍ସ୍ୟବିଜ୍ଞାନ ସମ୍ବନ୍ଧୀୟ କାର୍ଯ୍ୟରେ ରୁଚି ରଖୁଥିଲେ । ତାଙ୍କର ଦୁଇ ପୁତ୍ରଙ୍କ ମଧ୍ୟରୁ ଜ୍ୟେଷ୍ଠପୁତ୍ର ଡକ୍ଟର ଗୋପାଳ ମିତ୍ରଙ୍କୁ କେନ୍ଦ୍ର ସରକାର 'ପଦ୍ମଶ୍ରୀ' ସମ୍ମାନ ପ୍ରଦାନ କରିଛନ୍ତି ।

ଏକ ଅମ୍ଳାନ କର୍ମମୁଖର ଜୀବନର ଅବସାନ ଘଟିଥିଲା, ୧୮ ଜୁଲାଇ ୨୦୦୬ ମସିହାରେ । ୨୦୧୫ ବର୍ଷ ଯାହାକି ଶହେ ତମ ଜନ୍ମଦିବସ, ଆଗାମୀ ୨୦୧୬ରେ ଶହେ ତମ ଜନ୍ମବାର୍ଷିକ ପାଳନ କରାଯିବ । ତେଣୁ ଆଗାମୀ ଦିନଗୁଡ଼ିକରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ, ସମସ୍ତ ମତ୍ସ୍ୟଜୀବୀ ସଂଘ ଓ ଆଧୁନିକ ମତ୍ସ୍ୟଚାଷୀ ଓ ସମସ୍ତ ମତ୍ସ୍ୟଜୀବୀ ପରିବାର ତାଙ୍କର ଗୁଣଗାନ କରିବା ପାଇଁ ଆଗେଇ ଆସିଲେ, ତାହା ହେବ ପୁଣ୍ୟ ମହାତ୍ମାଙ୍କ ଆତ୍ମାପ୍ରତି ଭକ୍ତିପୂତ ଶ୍ରଦ୍ଧା ନିବେଦନ ।

ସେକ୍ଟର –୯, ସି.ଡ଼ି.ଏ.
ମର୍କତନଗର, କଟକ –୧୪

❖ ❖ ❖

# ଉତ୍କଳ ପ୍ରସଙ୍ଗର

## ସ୍ୱତ୍ୱ ତଥା ଅନ୍ୟାନ୍ୟ ସୂଚନା ସମ୍ପର୍କିତ ବିବରଣୀ

### ଫର୍ମ ନଂ – ୪

### (ନିୟମାବଳୀ – ୮)


| | | | |
|---|---|---|---|
| ୧. | ପ୍ରକାଶନର ସ୍ଥାନ | ... | ଭୁବନେଶ୍ୱର |
| ୨. | ପ୍ରକାଶନର ସମୟ କାଳ | ... | ମାସିକ |
| ୩. | ମୁଦ୍ରଣକାରୀଙ୍କ ନାମ | ... | ଶ୍ରୀ ବାଳକୃଷ୍ଣ ବେହେରା<br>ଓଡ଼ିଶା ସରକାରଙ୍କ ନିମନ୍ତେ ଓ ତରଫରୁ । |
| | ଜାତୀୟତା | ... | ଭାରତୀୟ |
| | ଠିକଣା | ... | ନିର୍ଦ୍ଦେଶକ, ଓଡ଼ିଶା ସରକାରୀ ମୁଦ୍ରଣାଳୟ, ମଧୁପାଟଣା, କଟକ – ୭୫୩୦୧୦ । |
| ୪. | ପ୍ରକାଶକଙ୍କ ନାମ | ... | ଶ୍ରୀ ରଞ୍ଜିତ୍ କୁମାର ମହାନ୍ତି<br>ନିର୍ଦ୍ଦେଶକ<br>ସୂଚନା ଓ ଲୋକ ସଂପର୍କ ବିଭାଗ, ଭୁବନେଶ୍ୱର–୭୫୧୦୦୧ |
| ୫. | ସଂପାଦକଙ୍କ ନାମ | ... | ଡ. ଲେନିନ୍ ମହାନ୍ତି |
| | ଜାତୀୟତା | ... | ଭାରତୀୟ |
| | ଠିକଣା | ... | ସଂପାଦକ, ଉତ୍କଳ ପ୍ରସଙ୍ଗ<br>ସୂଚନା ଓ ଲୋକ ସଂପର୍କ ବିଭାଗ<br>ଓଡ଼ିଶା ସରକାର, ଭୁବନେଶ୍ୱର – ୭୫୧୦୦୧ |
| | ଯେଉଁ ବ୍ୟକ୍ତିବିଶେଷ ସମ୍ବାଦପତ୍ର ସ୍ୱତ୍ତ୍ୱାଧିକାରୀ ହୋଇଥିବେ ଓ ଅଂଶୀଦାର ହୋଇଥିବେ କିମ୍ବା ସମୁଦାୟ ମୂଳଧନର ଏକ ଶତାଂଶରୁ ଅଧିକ ମୂଳଧନ ବିନିଯୋଗ କରିଥିବେ ସେମାନଙ୍କ ନାମ ଓ ଠିକଣା | ... | ଓଡ଼ିଶା ସରକାର, ଭୁବନେଶ୍ୱର |

ମୁଁ ଶ୍ରୀ ରଞ୍ଜିତ୍ କୁମାର ମହାନ୍ତି, ନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ ବିଭାଗ, ଭୁବନେଶ୍ୱର, ଏତଦ୍ୱାରା ଘୋଷଣା କରୁଅଛି ଯେ, ଉପର ଲିଖିତ ବିବରଣୀମାନ ମୋ ଜାଣିବାରେ ସତ୍ୟ ଅଟେ ।

ରଞ୍ଜିତ୍ କୁମାର ମହାନ୍ତି

ପ୍ରକାଶକଙ୍କ ସ୍ୱାକ୍ଷର<br>
ନିର୍ଦ୍ଦେଶକ<br>
ସୂଚନା ଓ ଲୋକ ସମ୍ପର୍କ ବିଭାଗ<br>
ଭୁବନେଶ୍ୱର

# ସପ୍ରସଙ୍ଗ ଓଡ଼ିଶା



## ବନାଞ୍ଚଳ ବିକାଶ ପାଇଁ ଓଡ଼ିଶାର ପ୍ରୟାସ ଜାତୀୟ ସ୍ତରରେ ଉଦାହରଣ ସୃଷ୍ଟି କରିଛି

### ଲୋକମାନଙ୍କ ସଂପୃକ୍ତି, ବୃତ୍ତିଗତ ପରିଚାଳନା ଏବଂ ଉତ୍ପାଦିତ ଦ୍ରବ୍ୟର ବିପଣୀ ଉପରେ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

ବନାଞ୍ଚଳ ବିକାଶ ପାଇଁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଥିବା ଯୌଥ ପରିଚାଳନା ବ୍ୟବସ୍ଥା ଜାତୀୟ ସ୍ତରରେ ଉଦାହରଣ ସୃଷ୍ଟି କରିଛି । ହୋଟେଲ ପଲ୍‌ହାଇଟ୍ ପରିସରରେ ପ୍ରକଳ୍ପର ବାର୍ଷିକ ସମୀକ୍ଷା ବୈଠକ ଏବଂ ପ୍ରଦର୍ଶନୀରେ ଏହି ମତ ପ୍ରକାଶ ପାଇଛି । ଏହାକୁ ଉଦ୍‌ଘାଟନ କରି ମୁଖ୍ୟ ଶାସନ ସଚିବ ଶ୍ରୀ ଗୋକୁଳ ଚନ୍ଦ୍ର ପତି କହିଥିଲେ ଯେ ଲୋକମାନଙ୍କର ସଂପୃକ୍ତି, ବନାଞ୍ଚଳରେ ବାସ କରୁଥିବା ଲୋକମାନଙ୍କ ପାଇଁ ବହୁମୁଖୀ ଜୀବିକା ଉପାର୍ଜନ ମାଧ୍ୟମ ସୃଷ୍ଟି ଏବଂ ଜଙ୍ଗଲ ଉତ୍ପାଦିତ ଦ୍ରବ୍ୟର ବିପଣୀ ମାଧ୍ୟମରେ ବନ ଉନ୍ନୟନ କାର୍ଯ୍ୟକୁ ଅଧିକ ଫଳପ୍ରସୂ କରାଯାଇପାରିବ। ୨୦୧୫–୧୬ ଆର୍ଥିକ ବର୍ଷଠାରୁ କାର୍ଯ୍ୟକାରୀ ହେବାକୁ ଥିବା ଆମ ଜଙ୍ଗଲ ଯୋଜନାରେ ଏହିସବୁ ବ୍ୟବସ୍ଥା କରିବା ପାଇଁ ଶ୍ରୀ ପତି ଜଙ୍ଗଲ ଓ ପରିବେଶ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତି ଗ୍ରାମରେ ବନସୁରକ୍ଷା ସମିତି ଗଠନ କରିବା, ସମିତିମାନଙ୍କରେ ଅଧିକରୁ ଅଧିକ ମହିଳାମାନଙ୍କୁ ସାମିଲ କରିବା, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ମାଧ୍ୟମରେ ସୃଷ୍ଟି କରାଯାଇଥିବା ବିପଣୀ ଚିହ୍ନ ( ଟ୍ରେଡ୍ ମାର୍କ ) ଅସଲର ବ୍ୟାପକ ପ୍ରଚାର ପ୍ରସାର କରିବା ଉପରେ ମଧ୍ୟ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଆରୋପ କରିଥିଲେ ।

ସମୀକ୍ଷାରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉନ୍ନୟନ କମିଶନର ଶ୍ରୀ ଉପେନ୍ଦ୍ର ନାଥ ବେହେରା କହିଥିଲେ ଯେ ଓଡ଼ିଶାର ପ୍ରାୟ ୩୮% ଭାଗ ଭୂମି ଜଙ୍ଗଲ ଭାବେ ରେକର୍ଡଭୁକ୍ତ ଅଛି । ସଠିକ୍ ବୃତ୍ତିଗତ ପରିଚାଳନା କରାଗଲେ ଏଥିରୁ ଲୋକମାନଙ୍କୁ ଅଧିକ ରୋଜଗାର ମିଳିବା ସହ ରାଜ୍ୟର ସମୁଦାୟ ଘରୋଇ ଉତ୍ପାଦନ ( ଜିଏସ୍.ଡି.ପି ) ରେ ଅଭିବୃଦ୍ଧି ଘଟିବ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଆର.ବାଲକ୍ରିଷ୍ଣନ୍ କହିଥିଲେ ଯେ ଜଙ୍ଗଲ ବନାଞ୍ଚଳ ଅଧିବାସୀଙ୍କର ଜୀବନଚର୍ଯ୍ୟା ଓ ସଂସ୍କୃତି ସହ ଅଙ୍ଗାଅଙ୍ଗୀଭାବେ ଜଡିତ ଏବଂ ବନ ସମ୍ପଦର ବିକାଶ ରାଜ୍ୟର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶ୍ରୀ ଜେ.ଡି.ଶର୍ମା ସୂଚନା ଦେଇଥିଲେ ଯେ ୨୦୧୪–୧୫ ବର୍ଷରେ ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଅବଧି ଶେଷ ହେଉଥିବାରୁ ୨୦୧୫–୧୬ ଆର୍ଥିକ ବର୍ଷଠାରୁ ରାଜ୍ୟରେ ଆମ ଜଙ୍ଗଲ ଯୋଜନା କାର୍ଯ୍ୟକାରୀ କରାଯିବ ଏବଂ ଏଥିରେ ପୂର୍ବପରି ଜଙ୍ଗଲ ସୃଷ୍ଟି, ଜଙ୍ଗଲ ବିକାଶ ଏବଂ ବିକଳ୍ପ ଜୀବିକା ନିର୍ବାହ ପନ୍ଥା ସୃଷ୍ଟି ଆଦି କାର୍ଯ୍ୟକ୍ରମକୁ ସାମିଲ କରାଯିବ ।

ପ୍ରାପ୍ତ ସୂଚନାରୁ ଜଣାପଡିଛି, ଜାଇକା ସହାୟତାରେ ୨୦୦୬–୦୭ରୁ ଓଡ଼ିଶାରେ ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଆରମ୍ଭ କରାଯାଇଛି । ବର୍ତ୍ତମାନ ଏହା ଅନୁଗୁଳ, ବାଲେଶ୍ୱର, ଭଦ୍ରଖ, ଦେବଗଡ, ଗଜପତି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ରାୟଗଡା ଏବଂ ସୁନ୍ଦରଗଡ ଆଦି ୧୦ଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି । ଅଧା ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ବନ ସମ୍ପଦର ବିକାଶ ଏବଂ ବନାଞ୍ଚଳ ଅଧିବାସୀ ମାନଙ୍କ ପାଇଁ ବିକଳ୍ପ ଜୀବିକା ସୃଷ୍ଟି ଆଦି ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ । ପ୍ରକଳ୍ପରେ ପ୍ରାୟ ୮୦୨ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି । ଇତିମଧ୍ୟରେ ପ୍ରକଳ୍ପ ତା'ର ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହୋଇଛି ।

ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୨,୫୦୦ ବନସୁରକ୍ଷା ସମିତି ଗଠନ କରାଯାଇ ସେମାନଙ୍କ ମାଧ୍ୟମରେ ପ୍ରାୟ ୧୧.୬୮ ଲକ୍ଷ ହେକ୍ଟର ଜଙ୍ଗଲ ଜମିର ଦେଖାରଖା କରାଯାଉଛି । ୧,୫୫,୦୪୫ ହେକ୍ଟର ଜମିରେ ସହାୟକ-ପ୍ରାକୃତିକ ଜନନ ମାଧ୍ୟମରେ ଜଙ୍ଗଲ ସୃଷ୍ଟି, ଯୌଥ ପରିଚାଳନା ବ୍ୟବସ୍ଥା ମାଧ୍ୟମରେ ୪୦,୯୪୩ ହେକ୍ଟର ଜମିରେ ସାମୂହିକ ବୃକ୍ଷରୋପଣ ୧୪,୭୧୭ ହେକ୍ଟରରେ ଶାଗୁଆନ, ଜଙ୍ଗଲ, ୨୭୬୯ ହେକ୍ଟରରେ ହେନ୍ତାଳ ବଣ ଏବଂ ୧୫୧ ହେକ୍ଟରରେ ଝାଉଁବଣ ସୃଷ୍ଟି କରାଯାଇଛି । ଏହାଛଡା ଫାର୍ମ ଫରେଷ୍ଟ୍ରି ମାଧ୍ୟମରେ କୃଷକମାନଙ୍କର ୯,୪୯୭ ହେକ୍ଟର ଘରୋଇ ଜମିରେ ସବୁଜ ଆବରଣ ସୃଷ୍ଟି କରାଯାଇଛି । ପ୍ରକଳ୍ପ ମାଧ୍ୟମରେ ୧୬ଟି ଲଘୁ ଜଙ୍ଗଲଜାତ ଦ୍ରବ୍ୟର ବିକ୍ରୀବଟା ବଢ଼ାଇବା ପାଇଁ ଏକ ସାଧାରଣ ବିପଣୀ ଚିହ୍ନ (ଟ୍ରେଡ ମାର୍କ) ବିକାଶ କରାଯାଇଛି । ପ୍ରାୟ ୭୦୬୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ଏହି କାମରୁ ଲାଭବାନ ହେଉଛନ୍ତି ।

ଏହି ଅବସରରେ ବନ ସୁରକ୍ଷା ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ଆୟୋଜିତ ପ୍ରକ୍ରିୟାକୃତ ଓ ମୂଲ୍ୟଯୁକ୍ତ ଜଙ୍ଗଲ ଉତ୍ପାଦିତ ଦ୍ରବ୍ୟର ଏକ ପ୍ରଦର୍ଶନୀକୁ ମୁଖ୍ୟ ଶାସନ ସଚିବ ବୁଲି ଦେଖିବା ସହ ସେଗୁଡିକର ବିକ୍ରୀବଟା ବିଷୟରେ ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ । ପ୍ରକଳ୍ପ ଦ୍ୱାରା ପ୍ରକାଶିତ ଏକ ନିଉଜ୍ ଲେଟର ଏବଂ ୮ଟି ବୈଷୟିକ ପୁସ୍ତିକାକୁ ମଧ୍ୟ ଶ୍ରୀ ପତି ଉନ୍ମୋଚନ କରିଥିଲେ ।

ଉମାକାନ୍ତ ମହାପାତ୍ର, ସୂଚନା ଅଧିକାରୀ, ମୁଖ୍ୟ ଶାସନ ସଚିବ

## ରାଜ୍ୟସ୍ତରୀୟ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ

## ଓଡ଼ିଆ ଭାଷା ଉତ୍କର୍ଷ କେନ୍ଦ୍ର (ସେଣ୍ଟର ଅଫ୍ ଏକ୍ସଲେନ୍ସ) ଓ ଦୁଇଟି ଚେୟାର ପ୍ରତିଷ୍ଠା ହେବ –ସଂସ୍କୃତି ମନ୍ତ୍ରୀ ଶ୍ରୀ ପଣ୍ଡା

ଭାଷା ହେଉଛି ସଂସ୍କୃତିର ବାହକ, ସମ୍ପର୍କ ଓ ଆବେଗର ସେତୁ । ଭାଷାଗତ ସଂପର୍କର ବିକଳ୍ପ ନାହିଁ । ମାତୃଭାଷା ହେଉଛି ମାଆ ଓ ହୃଦୟର ଭାଷା । ସେଥିରେ ଆମର ଆବେଗ, ଆଗ୍ରହ ଓ ଉତ୍କଣ୍ଠା ପର୍ଯ୍ୟବସିତ । କେବଳ ମାତୃଭାଷା ଜରିଆରେ ଭାବପ୍ରକାଶର ପରମ ସ୍ୱାଧୀନତା ମିଳିଥାଏ । ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତିରେ ସମସ୍ତେ ଏହାର ସମୃଦ୍ଧି ଓ ସଂରକ୍ଷଣ ଦିଗରେ ଆଗ୍ରହୀ ହେବା ଉଚିତ୍ ବୋଲି ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଲ୍ଲେଖ କରିଛନ୍ତି ।

ରାଜ୍ୟ ସଂସ୍କୃତି ବିଭାଗ ଏବଂ ଓଡ଼ିଆ ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ସମାରୋହର ଉଦ୍‌ଘାଟକ ଭାବରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ରାଜ୍ୟ ସରକାର ଓଡ଼ିଆ ଭାଷାର ପ୍ରଚଳନ ଓ ଅଭିବୃଦ୍ଧି ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିଲେ ମଧ୍ୟ ବେସରକାରୀ ସ୍ତରରେ ମାତୃଭାଷାର ସମୃଦ୍ଧି ନିମନ୍ତେ ସର୍ବାଧିକ ଉଦ୍ୟମ ହୋଇପାରିବ । ସେ ଛାତ୍ରଛାତ୍ରୀ, ଶିକ୍ଷାବିତ୍, ଲେଖକ-ସାହିତ୍ୟିକ ଏବଂ ସଂଗଠକ ତଥା ସମାଜକର୍ମୀମାନଙ୍କୁ ଏ ଦିଗରେ ଅନ୍ତଃକରଣରେ ତତ୍ପରତା ପ୍ରକାଶ କରିବାକୁ ଅନୁରୋଧ ଜଣାଇବା ସହିତ ରାଜ୍ୟ ସରକାର ଖୁବ୍ ଶୀଘ୍ର ଓଡ଼ିଆ ଭାଷା ଉତ୍କର୍ଷ କେନ୍ଦ୍ର (ସେଣ୍ଟର ଅଫ୍ ଏକ୍ସଲେନ୍ସ) ଓ ଦୁଇଟି ବିଶ୍ୱବିଦ୍ୟାଳୟରେ ଦୁଇଟି ଚେୟାର ପ୍ରତିଷ୍ଠା କରିବାକୁ ଯାଉଛନ୍ତି ବୋଲି କହିଥିଲେ ।

ଖ୍ୟାତନାମା ଭାଷାବିଜ୍ଞାନୀ ତଥା ପ୍ରାବନ୍ଧିକ ପ୍ରଫେସର ଗଗନେନ୍ଦ୍ର ନାଥ ଦାଶ ବିଶିଷ୍ଟ ଅତିଥି ଭାବରେ ତାଙ୍କର ମତାମତ ଦେଇ କହିଲେ ଯେ କେବଳ ଭାବପ୍ରବଣତା ନୁହେଁ ବରଂ ଓଡ଼ିଆ ଭାଷାରେ ଜ୍ଞାନଭଣ୍ଡାର ଉପରେ ଗୁରୁତ୍ୱ ଦିଆଯିବା ଉଚିତ୍ । ସେ ଓଡ଼ିଆ ଭାଷାକୁ ଆକର୍ଷଣୀୟ ଓ ବ୍ୟାପକ ପ୍ରଚଳନସାପେକ୍ଷ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ପ୍ରାଚୀନ ଓଡ଼ିଆ ପୁସ୍ତକର ଡିଜିଟାଇଜେସନ୍ ସାଙ୍ଗକୁ ସର୍ଜନଶୀଳ ରଚନା ବ୍ୟତୀତ ଅନ୍ୟ ବିଷୟର ପୁସ୍ତକ ରଚନା ନିମନ୍ତେ ୨ଟି ମର୍ଯ୍ୟାଦାଜନକ ପୁରସ୍କାର ପ୍ରବର୍ତ୍ତନ ପାଇଁ ପ୍ରଫେସର ଦାଶ ପ୍ରସ୍ତାବ

ଦେଇଥିଲେ । ସଂସ୍କୃତି ବିଭାଗର ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ କହିଲେ ଯେ ଏଣିକି ଭାଷା ଦିବସ ଯଥେଷ୍ଟ ପ୍ରଭାବି ଢଙ୍ଗରେ ପାଳିତ ହେବ ଏବଂ ପ୍ରୟାସକୁ ସବୁସ୍ତରରେ ପ୍ରୋତ୍ସାହନ ଦେଲେ ଓଡ଼ିଆ ଭାଷାର ଭବିଷ୍ୟତ ନେଇ କୌଣସି ଆଶଙ୍କା ରହିବ ନାହିଁ ।

ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ବର୍ଷୀୟାନ୍ ସାହିତ୍ୟିକ ଶ୍ରୀ ସାତକଡି ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶ୍ରୀ ସୁଶୀଲ କୁମାର ଦାସ ମଧ୍ୟ ବକ୍ତବ୍ୟ ରଖିଥିଲେ । ସଭାରେ ରାଜ୍ୟସ୍ତରରେ ଅନୁଷ୍ଠିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପର୍ଯ୍ୟାୟ ତର୍କ ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୧୪ ଜଣ ବିଦ୍ୟାର୍ଥୀଙ୍କୁ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ 'କ୍ଲାସିକାଲ ଓଡ଼ିଆ ଇନ୍ ହିଷ୍ଟୋରିକାଲ୍ ପର୍‌ଫେକ୍‌ଟିଭ୍' ଓ 'କୋଣାର୍କ' ପତ୍ରିକାର ଭାଷା ବିଶେଷାଙ୍କ ସମେତ ୭ଟି ପୁସ୍ତକ ଲୋକାର୍ପିତ ହୋଇଥିଲା । ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ପ୍ରାରମ୍ଭରେ ସୂଚନା ପ୍ରଦାନ ପ୍ରସଙ୍ଗରେ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହିତ ଭାଷା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ ।

## ସତ୍ୟାନନ୍ଦ ଚମ୍ପତିରାୟ ଓ କାନନ ମିଶ୍ରଙ୍କ ବିୟୋଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଓଡ଼ିଆ ଭାଷା ସାହିତ୍ୟର ପ୍ରସିଦ୍ଧ ଲେଖକ ସତ୍ୟାନନ୍ଦ ଚମ୍ପତିରାୟ ଓ ସାହିତ୍ୟିକା କାନନ ମିଶ୍ରଙ୍କ ବିୟୋଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏକାଡେମୀ ପରିବାର ପକ୍ଷରୁ ଏକ ଶୋକସଭା ଆୟୋଜନ କରାଯାଇ ଉଭୟଙ୍କ ପରଲୋକରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯିବା ସହିତ ସଭାପତି ଶ୍ରୀ ସାତକଡି ହୋତା ଓ ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ଉଭୟ ସ୍ରଷ୍ଟାଙ୍କ ବିୟୋଗ ଓଡ଼ିଆ ସାହିତ୍ୟ ଜଗତରେ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ଉଲ୍ଲେଖ କରିଛନ୍ତି ।

୧୯୨୭ ମସିହା ଅକ୍ଟୋବର ୭ ତାରିଖ ଦିନ ଖୋର୍ଦ୍ଧା ଜିଲ୍ଲାରେ ଜନ୍ମିତ ସତ୍ୟାନନ୍ଦ ଚମ୍ପତିରାୟ ମାସିକ ସାହିତ୍ୟ ପତ୍ରିକା 'ଝଙ୍କାର' ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ 'ଉତ୍କଳ ପ୍ରସଙ୍ଗ'ର ସମ୍ପାଦକ ଭାବେ ଯଶ ଅର୍ଜନ କରିଥିଲେ । ୧୯୭୨ରୁ ୭୮ ମସିହା ପର୍ଯ୍ୟନ୍ତ ଓଡ଼ିଶା ସାହିତ୍ୟ ଏକାଡେମୀର ଉପ-ସଭାପତି ପଦ ଅଳଙ୍କୃତ କରିଥିଲେ । 'କାଞ୍ଜିଆଗଡର ସେକାଳ କଥା', 'ଗାଁ ଗହଳେ', 'ତାଜମହଲ ଓ ଯମୁନା', 'ସ୍ୱର୍ଣ୍ଣ ପ୍ରଦୀପ', 'କଥା କହ ସ୍ୱର୍ଣ୍ଣ ସାରସ', 'ରତି ବିଳାପ' ଓ 'ପ୍ରୀତି ଶତକ' ଇତ୍ୟାଦି ରଚନାର ସ୍ରଷ୍ଟା ସତ୍ୟାନନ୍ଦ ଚମ୍ପତିରାୟଙ୍କୁ ଏକାଡେମୀ ପକ୍ଷରୁ ୧୯୯୨ରେ ବୟୋଜ୍ୟେଷ୍ଠ ସାରସ୍ୱତ ସାଧକ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା ।

ସେହିପରି ୧୯୪୪ ଜାନୁଆରୀ ୨ ତାରିଖରେ କଟକ ସହରରେ ଭୂମିଷ୍ଠ କାନନ ମିଶ୍ର ଜଣେ ଶିକ୍ଷାବିତ୍ ଭାବରେ ଖ୍ୟାତିଲାଭ କରିଥିଲେ । 'ମିଶ୍ର ସ୍ୱାଦ', 'ଗପସପ', 'ଅଧାଲେଖା ଦସ୍ତାବିଜ୍', 'ଭିନ୍ନ ସ୍ୱର', 'ଆଖ୍ୟାନ' ଓ 'ତୀର୍ଥ' ଇତ୍ୟାଦି ପୁସ୍ତକର ରଚୟିତା ଶ୍ରୀମତୀ ମିଶ୍ରଙ୍କୁ ୨୦୦୪ ମସିହାରେ ଅନୁବାଦ ପୁସ୍ତକ 'ସୂର୍ଯ୍ୟମୁଖୀର ସ୍ୱପ୍ନ' ପାଇଁ ସାହିତ୍ୟ ଏକାଡେମୀ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ହିନ୍ଦୀ, ଇଂରାଜୀ ଏବଂ ଓଡ଼ିଆରେ ଶ୍ରୀମତୀ ମିଶ୍ରଙ୍କ ଦକ୍ଷତା ଥିଲା । ଉଭୟ ଲେଖକଙ୍କ ପରଲୋକ ଓଡ଼ିଆ ସାହିତ୍ୟ ପାଇଁ ଅତ୍ୟନ୍ତ ଦୁଃଖଦ ବୋଲି ଏକାଡେମୀର ସଭାପତି ଶ୍ରୀ ହୋତା ଓ ସଚିବ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ ।

ସୂର୍ଯ୍ୟ ମିଶ୍ର, ସୂଚନା ଅଧିକାରୀ

## କଟକରେ 'ଆହାର' ଯୋଜନା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ

ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଉପସ୍ଥିତିରେ କଟକ ମହାନଗର ନିଗମ, ଓଡ଼ିଶା ଖଣି ନିଗମ ଏବଂ ଟଚ୍ ଷ୍ଟୋନ୍ ଫାଉଣ୍ଡେସନ୍ (ଯାହା କି 'ଅକ୍ଷୟପାତ୍ର' ଫାଉଣ୍ଡେସନ୍‌ର ଏକ ସହଯୋଗୀ ସଂସ୍ଥା) ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ

ହୋଇଯାଇଛି । ଏହି ଚୁକ୍ତିନାମା ଅନୁଯାୟୀ ଆସନ୍ତା ଅପ୍ରେଲ ପହିଲାଠାରୁ କଟକ ମହାନଗର ନିଗମ ଅଞ୍ଚଳର ବାଦାମବାଡି ବସଷ୍ଟାଣ୍ଡ, ଶିଶୁଭବନ ଛକ, ମାଲ ଗୋଦାମ ଏବଂ ବଡ ମେଡିକାଲ ଠାରେ ସମାଜର ଗରିବ ଶ୍ରେଣୀର ଲୋକମାନଙ୍କୁ ୫ ଟଙ୍କାରେ ଭାତ ଡାଲମା ଆକାରରେ ସୁସ୍ୱାଦୁ ମଧ୍ୟାହ୍ନ ଭୋଜନ ଦିଆଯିବ । ଏହା ପ୍ରତ୍ୟେକ ଦିନ ମଧ୍ୟାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନିର୍ଦ୍ଧାରିତ ସ୍ଥାନମାନଙ୍କରେ ବିକ୍ରୟ କରାଯିବ । ଏହା ଦ୍ୱାରା କଟକ ମହାନଗର ନିଗମ ଅଞ୍ଚଳର ଦୈନିକ ୪ ହଜାର ଲୋକ ଉପକୃତ ହେବେ । ଏହି ଖାଦ୍ୟ ବାବଦରେ ପ୍ରତି ଥାଳି ପିଛା ୨୦ଟଙ୍କା ଖର୍ଚ୍ଚ ହେବ । ଓଡ଼ିଶା ଖଣି ନିଗମ ଏହି ଖର୍ଚ୍ଚ ଅର୍ଥରୁ ୧୫ ଟଙ୍କା ତାହାର ସାମାଜିକ ଦାୟିତ୍ୱବୋଧ ପାଣ୍ଠିରୁ ଖର୍ଚ୍ଚ ଭରଣା କରିବ ବୋଲି ଏହି ଚୁକ୍ତିନାମାରେ ଉଲ୍ଲେଖ ରହିଛି । ଏହି ଖର୍ଚ୍ଚ ଭରଣା ପାଇଁ ଓଡ଼ିଶା ଖଣି ନିଗମ ପ୍ରଥମ ତିନିମାସରେ ୫୪ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରିବ । ଏହା ଛଡା ପରିବହନ, ଖାଦ୍ୟ ରନ୍ଧନ ଓ ବିତରଣ ସରଞ୍ଜାମ, ଜେନେରେଟର ଯୋଗାଣ, ଖାଦ୍ୟ ବିତରଣ କରିବା ବ୍ୟକ୍ତିବିଶେଷଙ୍କର ବେତନ ଓ ସେମାନଙ୍କର ପୋଷାକ ପରିଚ୍ଛଦ ଆଦି ଆନୁଷଙ୍ଗିକ କାର୍ଯ୍ୟ ପାଇଁ ଖଣି ନିଗମ ଏକକାଳୀନ ୬୪ ଲକ୍ଷ ଟଙ୍କା ପ୍ରଦାନ କରିବ । ଏହିପରି ଓଡ଼ିଶା ଖଣି ନିଗମ ସମୁଦାୟ ୧ କୋଟି ୧୮ ଲକ୍ଷ ୬୦ ହଜାର ଟଙ୍କା ୩ ମାସ ପାଇଁ ଅଗ୍ରୀମ ଆକାରରେ ପ୍ରଦାନ କରିବ । ରାଜ୍ୟର ଅନ୍ୟାନ୍ୟ ସହରମାନଙ୍କରେ ଏହି କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ ଟାଟା, ନାଲକୋ ଏବଂ ରାଉରକେଲା ଷ୍ଟିଲ ପ୍ଲାଣ୍ଟମାନଙ୍କୁ ସରକାରଙ୍କ ତରଫରୁ ପ୍ରସ୍ତାବ ଦିଆଯାଇଛି ।

ସୁବାଷ ନିଆଲ, ସୂଚନା ଅଧିକାରୀ

# ବିଜୁ ପଟ୍ଟନାୟକ ମିନି ମାରାଥନ–୨୦୧୫ ଅନୁଷ୍ଠିତ

ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୯୯ତମ ଜୟନ୍ତୀ ଅବସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ବିଜୁ ପଟ୍ଟନାୟକ ପାର୍କରୁ ବିଜୁ ପଟ୍ଟନାୟକ ମିନି ମାରାଥନ ଦୌଡ–୨୦୧୫ର ଶୁଭାରମ୍ଭ ହୋଇଥିଲା । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସବୁଜ ପତାକା ହଲାଇ ଏହି ଦୌଡର ଶୁଭାରମ୍ଭ କରିଥିଲେ ।

ପ୍ରାୟ ଦଶହଜାର ଲୋକ ବିଜୁ ପଟ୍ଟନାୟକ ପାର୍କରୁ ୬ କିଲୋମିଟର ୬୦୦ ମିଟର ରାସ୍ତା କଳିଙ୍ଗ ଷ୍ଟାଡିୟମ୍‌କୁ ଦୌଡିଥିଲେ । ମିନି ମାରାଥନର ପ୍ରତିଯୋଗିତାରେ ୧୮୦୦ ଜଣ ଦୌଡାଳୀ ଭାଗ ନେଇଥିଲା ବେଳେ ୮୨୦୦ ଜଣ ଗଣଦୌଡରେ ଭାଗ ନେଇଥିଲେ । ପୁରସ୍କାର ବାବଦରେ ୨ ଲକ୍ଷ ୮୧ ହଜାର ଟଙ୍କା କୃତୀ ପ୍ରତିଯୋଗୀମାନଙ୍କୁ ପ୍ରଦାନ କରିବା ପାଇଁ ସ୍ଥିର ହୋଇଥିଲା ।

କଳିଙ୍ଗ ଷ୍ଟାଡିୟମ୍‌ରେ ପୂର୍ବାହ୍ନ ଦଶଟା ବେଳେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ କ୍ରୀଡା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ଶ୍ରୀ ସୁଦାମ ମାର୍ଣ୍ଡି ଯୋଗଦେଇ ବିଜୁ ପଟ୍ଟନାୟକ ମିନି ମାରାଥନ ଲୋକଙ୍କ ଭିତରେ ଅପୂର୍ବ ଉତ୍ସାହ ଓ ଉଦ୍ଦୀପନା ଆଣିଦେଇଛି ବୋଲି ମତବ୍ୟକ୍ତ କରିଥିଲେ । କ୍ରୀଡାମନ୍ତ୍ରୀ ୮ଟି ବର୍ଗର ପୁରୁଷ ଓ ମହିଳା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ୧୫ରୁ ୧୮ ବର୍ଷ ବୟସର ବାଳକ ବର୍ଗରେ ରୋଶନ ମିଞ୍ଜ, ଦେବେନ୍ଦ୍ର ନାଥ, ଅମିତ ମୁର୍ମୁ, ୧୫ରୁ ୧୮ ବର୍ଷ ବୟସର ବାଳିକା ବର୍ଗରେ ସମ୍‌ସାଦ୍ ଆରା ବେଗମ୍, ସୁଚିତ୍ରା ତିର୍କୀ, ଦମୟନ୍ତୀ ତିରିଆ, ୧୮ବର୍ଷରୁ ଉର୍ଦ୍ଧ୍ୱ ବାଳକ ବର୍ଗରେ ଅର୍ଜ୍ଜୁନ ଟୁଡୁ, ଅକ୍ଷୟ କୁମାର ବେହେରା, ମୁନା ବୁରିଉଲି, ୧୮ ବର୍ଷରୁ ଉର୍ଦ୍ଧ୍ୱ ବାଳିକା ବର୍ଗରେ ସୁକୁମତି ଲାଗୁରି, ଶୋଭା ନାୟକ, ତବସୁମ୍ ଏରା ବେଗମ, ୫୦ ବର୍ଷରୁ ୬୦ ବର୍ଷ ବୟସ ପୁରୁଷ ବର୍ଗରେ ଦୀପକ କୁମାର ସାହୁ, ମନୋରଞ୍ଜନ ମହାନ୍ତ, ମଧୁସୂଦନ ପଣ୍ଡା, ୫୦ ବର୍ଷରୁ ୬୦ ବର୍ଷ ବୟସ ମହିଳା ବର୍ଗରେ ସ୍ୱର୍ଣ୍ଣପ୍ରଭା ମହାନ୍ତି, ବ୍ରଜେଶ୍ୱରୀ ସିଂହ, ଦୀପ୍ତିମୟୀ ରାୟ, ୬୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ବର୍ଗରେ ବିଜୟ କୁମାର ବିଶ୍ୱାଳ, ଗୋପୀନାଥ ସେଠ୍, ଅମୂଲ୍ୟ କୁମାର ମାହାଳିକ, ୬୦ ବର୍ଷରୁ ଉର୍ଦ୍ଧ୍ୱ ମହିଳା ବର୍ଗରେ ଲତାରାଣୀ ଦାସ, ମଞ୍ଜୁଲତା ଦେ ଓ ସୁଷମା ନନ୍ଦ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । କ୍ରୀଡାମନ୍ତ୍ରୀ ଶ୍ରୀ ମାର୍ଣ୍ଡି କୃତୀ ପ୍ରତିଯୋଗୀମାନଙ୍କୁ ଚେକ୍ ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ କ୍ରୀଡା ଓ ଯୁବସେବା ବ୍ୟାପାର ବିଭାଗର ସଚିବ ଶ୍ରୀ ଶାଶ୍ୱତ ମିଶ୍ର ଓ ବିଭାଗୀୟ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ ଯେ ୧୮ବର୍ଷରୁ ଊର୍ଦ୍ଧ୍ୱ ବାଳକ ଓ ୧୮ ବର୍ଷରୁ ଊର୍ଦ୍ଧ୍ୱ ବାଳିକା ବର୍ଗରେ ପ୍ରଥମ ପୁରସ୍କାର ବାବଦରେ ୧୨ ହଜାର ଟଙ୍କା, ଦ୍ୱିତୀୟ ପୁରସ୍କାର ବାବଦରେ ୧୦ ହଜାର ଟଙ୍କା ଓ ତୃତୀୟ ପୁରସ୍କାର ବାବଦରେ ୭ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ସମସ୍ତ ବର୍ଗରେ ପ୍ରଥମ ପୁରସ୍କାର ୭ ହଜାର ଟଙ୍କା, ଦ୍ୱିତୀୟ ପୁରସ୍କାର ୬ ହଜାର ଟଙ୍କା ଓ ତୃତୀୟ ପୁରସ୍କାର ୪ ହଜାର ଟଙ୍କା ପ୍ରଦାନ କରାଯାଇଥିଲା ।

ମାନସ ରଞ୍ଜନ ଖୁଣ୍ଟିଆ, ସୂଚନା ଅଧିକାରୀ

# ଅପ୍ରେଲ ୭ ତାରିଖରେ ୯ଟି ପୌର ସଂସ୍ଥା ସାଧାରଣ ନିର୍ବାଚନ

ରାଜ୍ୟର ୯ଟି ପୌର ସଂସ୍ଥା ଯଥା:– ପାରାଦ୍ୱୀପ, ବାଲିମେଳା, ବେଲପାହାଡ, ରେଢାଖୋଲ, ସୁନାବେଡା, ଦଶପଲ୍ଲା, ତୁଷୁରା, ରଣପୁର ଏବଂ ଧର୍ମଗଡର ସାଧାରଣ ନିର୍ବାଚନ ପାଇଁ ଚଳିତ ମାର୍ଚ୍ଚ ୩ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ନିର୍ବାଚନ କମିଶନ ଡ. ରବିନାରାୟଣ ସେନାପତି ବିଭିନ୍ନ ରାଜନୈତିକ ଦଳମାନଙ୍କ ସହ ଜିଲ୍ଲାମାନଙ୍କରେ ପୌର ର୍ନିବାଚନ କିପରି ସମ୍ପୂର୍ଣ୍ଣ ନିରପେକ୍ଷ, ଅବାଧ ଓ ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହେବ ସେ ସମ୍ପର୍କରେ ଆଲୋଚନା କରିବା ସହିତ ସେମାନଙ୍କର ସହଯୋଗ କାମନା କରିଛନ୍ତି । ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ଦିନଠାରୁ ଅର୍ଥାତ୍ ମାର୍ଚ୍ଚ ୩ ତାରିଖରୁ ସମସ୍ତ ରାଜନୈତିକ ଦଳ ଏବଂ ନିର୍ବାଚନରେ ଭାଗ ନେଇଥିବା ପ୍ରାର୍ଥୀମାନଙ୍କ ପାଇଁ କମିଶନ ଜାରି କରିଥିବା ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି । ପୌର ସଂସ୍ଥାମାନଙ୍କର ନିର୍ବାଚନ ସଂଚାଳନର ପୂର୍ଣ୍ଣ ଦାୟିତ୍ୱ ସମ୍ପୃକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଠାରେ ନ୍ୟସ୍ତ କରାଯାଇଛି । ସମ୍ପୃକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍‌ମାନଙ୍କର ସୁପାରିଶ ଅନୁଯାୟୀ ନିର୍ବାଚନ ଅଧିକାରୀମାନଙ୍କର ନିଯୁକ୍ତିକୁ ରାଜ୍ୟ ନିର୍ବାଚନ କମିଶନ ଅନୁମୋଦନ କରିଛନ୍ତି । ପ୍ରାକ୍–ନିର୍ବାଚନ, ଭୋଟ ଗ୍ରହଣ, ଭୋଟ ଗଣତି ଏବଂ ଫଳାଫଳ ଘୋଷଣା ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରାଯାଉଛି ବୋଲି ରାଜ୍ୟ ନିର୍ବାଚନ କମିଶନ ପ୍ରକାଶ କରିଛନ୍ତି । ଏତଦ୍‌ବ୍ୟତୀତ ୫୦ ହଜାର ଲୋକସଂଖ୍ୟା ବିଶିଷ୍ଟ ଏନ୍‌ଏସି ବା ମୁନିସିପାଲିଟିର ପ୍ରାର୍ଥୀମାନେ ୩୦ହଜାର ଟଙ୍କା, ୫୦ ହଜାରରୁ ୧ ଲକ୍ଷ ମଧ୍ୟରେ ଲୋକସଂଖ୍ୟା ଥିବା ପ୍ରାର୍ଥୀ ୪୦ ହଜାର ଟଙ୍କା ଏବଂ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକସଂଖ୍ୟା ଥିବା ଏନ୍‌ଏସି ବା ମୁନିସିପାଲିଟିର ପ୍ରାର୍ଥୀ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ ବୋଲି ରାଜ୍ୟ ନିର୍ବାଚନ କମିଶନ ପ୍ରକାଶ କରିଛନ୍ତି ।

ଏହି ନିର୍ବାଚନରେ ପ୍ରାର୍ଥୀମାନଙ୍କର ନିର୍ବାଚନ ଖର୍ଚ୍ଚ ସହିତ ଯାନବାହନ ବ୍ୟବହାର, ସମ୍ପତ୍ତି ତାଲିକା, ଶିକ୍ଷାଗତ ଯୋଗ୍ୟତା, ସତ୍ୟପାଠ ଦାଖଲ, ନିର୍ବାଚନ ଦଳମାନଙ୍କ ଦ୍ୱାରା ପ୍ରାର୍ଥୀ ତାଲିକା ପ୍ରଦାନ, ଜାତିଗତ ପ୍ରମାଣପତ୍ର, ପ୍ରାର୍ଥୀମାନଙ୍କର ଖର୍ଚ୍ଚ ବିବରଣୀ, ସରକାରୀ କୋଠାବାଡି ପ୍ରାଚୀରପତ୍ର ଲଗାଇବା କଟକଣା ଓ ରାଜନୈତିକ ବ୍ୟକ୍ତିମାନଙ୍କ ଦ୍ୱାରା ସରକାରୀ ଗୃହ ବ୍ୟବହାର ଉପରେ କଟକଣା ଉପରେ ବିଶେଷ ଭାବେ ଆଲୋଚନା ହୋଇଥିଲା । ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ଠାରୁ ନିର୍ବାଚନ ଶେଷ ପର୍ଯ୍ୟନ୍ତ ଚାଲୁ ରହିଥିବା ପ୍ରକଳ୍ପ ଓ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକ୍ରମ ବ୍ୟତୀତ କୌଣସି ନୂଆ କାର୍ଯ୍ୟ ଆରମ୍ଭ ଉପରେ ରୋକ ଲଗାଯାଇଛି । ନିର୍ବାଚନ ଆଚରଣ ବିଧି ସମୟରେ ସହରାଞ୍ଚଳ କିମ୍ବା ତତ୍‌ସଂଲଗ୍ନ ଗ୍ରାମାଞ୍ଚଳରେ କୌଣସି ପ୍ରକଳ୍ପ ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା କୌଣସି ନୀତିଗତ ନିଷ୍ପତ୍ତି ନେବା ଉପରେ କଟକଣା କରାଯାଇଛି ବୋଲି ଆଲୋଚନା ହୋଇଥିଲା । ଏଥି ସହିତ ନିର୍ବାଚନ ପର୍ଯ୍ୟବେକ୍ଷକ, ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ କାର୍ଯ୍ୟ, ଭୋଟିଂ ମେସିନ୍ ବ୍ୟବହାର, ପରିଚୟ ପତ୍ର ସମ୍ପର୍କରେ ବିଶେଷ ଭାବେ ଆଲୋଚନା ହୋଇଥିଲା ।

ରବୀନ୍ଦ୍ର କୁମାର ନାୟକ, ସୂଚନା ଅଧିକାରୀ

❖ ❖ ❖